ଅଗଷ୍ଟ ୨୦୨୨ • ୫୦ ଟଙ୍କା

# ରେବତୀ

ଆମ ମାଟିର ସ୍ୱର

website :
www.rebatee.in



SUPRATIK INFRAVENTURES

# The best property in the town to live



Few Villas Available




2BHK, 3BHK & 4BHK Flats Available

## Ammenities



MULTI FACILITY GYM



SWIMMING POOL



ROOFTOP GARDEN



BANQUET HALL



**Supratik Infraventures Private Limited**

Branch Office: Alupur,Near Laxminaryan Temple, O.T. Road, Balasore - 756001

+91-7205330222 I sales@supratikinfraventures.com

www.supratikinfraventures.com

RNI Registration No. : ODIODI / 2018 / 78444

# REBATI AMA MATIRA SWARA

*a monthly family feature Odia Journal on Life & Literature*

# ରେବତୀ
## ଆମ ମାଟିର ସ୍ୱର

ଚତୁର୍ଥ ବର୍ଷ : ୧୦ଶ ସଂଖ୍ୟା, ଅଗଷ୍ଟ ୨୦୨୨ ■ Vol-4, Issue : 10, August 2022



ମାର୍ଗଦର୍ଶକ | Advisor
ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor
ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**

ଆରାଧ୍ୟ
**ଫକୀରମୋହନ ସେନାପତି**
କଥାସମ୍ରାଟ ଓ ବ୍ୟାସକବି

ଉପଦେଷ୍ଟା
**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**
ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ
**କୃଷ୍ଣ କୁମାର ମହାନ୍ତି**

ପ୍ରସାରଣ ଓ ବିଜ୍ଞାପନ ବିଭାଗ : **ରବୀନ୍ଦ୍ର ବିଶ୍ୱାଳ**

ଅଳଂକରଣ ବିଭାଗ
- ଗ୍ରାଫିକ୍ ଡିଜାଇନ୍ : ଶିବରାଜ କର୍ମ
- ଚିତ୍ରକଳା : ସଂଜୟ କୁମାର ରାଉଳ
- ଲେ-ଆଉଟ୍ : ଦିଲ୍ଲୀପ କୁମାର ସେଣ
- ଅକ୍ଷର : ନିରଞ୍ଜନ ସାହୁ
- ରେବତୀ ନାମାଙ୍କନ : ଶିଳ୍ପୀ ଶଶିକାନ୍ତ ରାଉତ

**Bhubaneswar Office**
Rebatee Media House Pvt. Ltd.
Plot No. 432, 1st Floor
Lewis Road
Bhubaneswar-751002
Phone : 9937288554
E-mail
*rebatimedia@gmail.com*

**Editorial Office**
Editor : Rebati Ama Matira Swara
O.T. Road, Balasore
Pin - 756001, Odisha
Phone : 9437080003
7008845920
E-mail :
*rebati.rebati2018@gmail.com*
*rebati.edit2020@gmail.com*

Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha. Editor : **Subasini Jena**

■ ମୂଲ୍ୟ : ୫୦ ଟଙ୍କା ମାତ୍ର ■ Price : **INR 50/- Only**



# ସୂ ଚୀ ପ ତ୍ର

। ୪ର୍ଥ ବର୍ଷ । ୧୦ଶ ସଂଖ୍ୟା । ଅଗଷ୍ଟ ୨୦୨୨ ।

ରେବତୀ
ଆମ ମାଟିର ସ୍ୱର

୦୧ ସମ୍ପାଦକୀୟ : ସାଂସାରିକ ସ୍ୱାଧୀନତା : ସୁବାସିନୀ ଜେନା







୭
ବିଶେଷ ମତ : ବଡ଼ଦିଅଁ ବଡ଼ଭୋଗ: ଡକ୍ଟର ଶିଶିର ବେହେରା

୧୨
ପ୍ରସଙ୍ଗ-୧ : ସ୍ୱାଧୀନତାର ସୂର୍ଯ୍ୟଶିଖା : ଅଭୟ ଦ୍ୱିବେଦୀ

୧୮
ପ୍ରସଙ୍ଗ-୨:'ମହାମେଘବାହନ'ଙ୍କ ମହିମା: ସଂଗ୍ରାମ ମହାପାତ୍ର

୨୩
ବ୍ୟକ୍ତିତ୍ୱ-୧ : କନ୍‌ହେଇ କଥା : ଭୀମ ପୃଷ୍ଟି ଉଦୟ ନାରାୟଣ ଦାସ

୨୭
ବ୍ୟକ୍ତିତ୍ୱ-୨ : ଜୟ ଜଗଦୀଶ ହରେ : ସରୋଜିନୀ ସାହୁ

୩୬
ବ୍ୟକ୍ତିତ୍ୱ-୩ : ନିଃଶବ୍ଦ ନିର୍ମଳା : ଡକ୍ଟର ବୀଣାପାଣି ଦେବତା

୪୪
ଜୀବନ-ଜୀବିକା : ଶିଙ୍ଗ ଶିଳ୍ପର ସଂସାର : ଲଳିତ ମୋହନ ମିଶ୍ର

୫୧
ପ୍ରେରଣା : ଇଏ ବି ଜଣେ ରେବତୀ

୫୨ ସମ୍ବାଦ ବାହିକା : ରେବତୀ ନ୍ୟୁଜ୍ ବ୍ୟୁରୋ
୫୪ ଦ୍ୱି-ପ୍ରଚ୍ଛଦ : ବିଷ୍ଣୁପ୍ରିୟା ମହାପାତ୍ର
୫୬ ଧାରାବାହିକ କାବ୍ୟ : ପ୍ରଫୁଲ୍ଲ କୁମାର ମହାନ୍ତି
୫୭ ସମକାଳ କବିତା : ଜୟନ୍ତ ମହାପାତ୍ର
: ମାନସ ରଞ୍ଜନ ମହାପାତ୍ର
୫୮ : ଅଧ୍ୟାପକ ବିଶ୍ୱରଂଜନ
୫୯ : ଅଜିତ ଦାଶ ମହାପାତ୍ର
: ମାଧୁରୀ ପଣ୍ଡା
୬୦ : ଦେବଯାନୀ ତ୍ରିପାଠୀ
: ପୀୟୂଷ ପଟ୍ଟନାୟକ
୬୧ : ତପନ କୁମାର ପଣ୍ଡା
୬୨ : ପ୍ରଶାନ୍ତ ଦାସ
୬୩ : ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ
୬୪ : ଶୈଳବାଳା ବେହେରା
୬୫ : ଶବନମ୍ ଆଦେନୀ



















୬୬ ଚରିତ-ଉପନ୍ୟାସ : ପବିତ୍ର ମୋହନ ଦାଶ

୭୪ କଥା-କାହାଣୀ : ଲକ୍ଷ୍ମୀ ଚାନ୍ଦ୍

୮୦ ପୁଷ୍ପବିତାନ : ଶ୍ୱେତା ରାଉତ

୮୬ ଆତ୍ମଜୀବନୀ : ଜୟନ୍ତୀ ରଥ

୯୦ ଅବଲୋକନ : ଡକ୍ଟର ମଣୀନ୍ଦ୍ର କୁମାର ମେହେର

୯୪ ଗୃହ ସମସ୍ୟା : ଡକ୍ଟର ହରପ୍ରସନ୍ନ ଦାସ

୯୮ ସ୍ୱାସ୍ଥ୍ୟ-ଚର୍ଚ୍ଚା : ଡାକ୍ତର ସରୋଜିନୀ ଷଡ଼ଙ୍ଗୀ








## ନିୟମିତ ବିଭାଗ

ରୋଷେଇଶାଳ:


୧୦୧ : ରୋନାଲିସା ପଣ୍ଡା

୧୦୩ : ବିଚିତ୍ରା ଦାଶ

୧୦୬ ଶେଷପୃଷ୍ଠା : ସୃଜନଶୀଳତା ଓ ସ୍ୱାଧୀନତା : କୃଷ୍ଣ କୁମାର ମହାନ୍ତି





ପ୍ରଚ୍ଛଦ ଭାବନା : **କୃଷ୍ଣ କୁମାର ମହାନ୍ତି**

ପ୍ରଚ୍ଛଦ ମଡେଲ୍ : **ମନୀଷା ସାହୁ**, ବାରିପଦା

ଉଚ୍ଚତା : **୫ ଫୁଟ୍ ୧ ଇଞ୍ଚ୍**

ବୃତ୍ତି : **ମଡ଼େଲିଂ**

ଶିକ୍ଷା : **ବାଣିଜ୍ୟରେ ସ୍ନାତକୋତ୍ତର, ଆଇନରେ ସ୍ନାତକ**

ପ୍ରବୃତ୍ତି : **କଳା ଓ ହସ୍ତଶିଳ୍ପ**

ପ୍ରଚ୍ଛଦ ଫଟୋଗ୍ରାଫି : **ଭୁବନ ମୋହନ ସିଂ,**
**ଯୁବରାଜ ଭୁବନ ଫଟୋଗ୍ରାଫି,** ବାରିପଦା

ପ୍ରଚ୍ଛଦ ଡିଜାଇନ୍ : **ଶିବରାଜ କର୍ଣ୍ଣ,** ସୋନପୁର

ମେକ୍‌ଅପ୍ ଓ କଷ୍ଟ୍ୟୁମ୍ : **ଜ୍ୟୋତି**

ସ୍ଥାନ : **ତସ୍‌ବିର ଭିଲେଜ, ଦାରୋଗାଡ଼ାହି, ବାରପଦା**

**ମଲାଟ କଥା** : ମୁକ୍ତିର ଆନନ୍ଦକୁ ଭାଷାରେ ବର୍ଣ୍ଣନା କରିହୁଏନା । ପରାଧୀନତାର କବଳରୁ ବାହାରି ଆସି ମୁକ୍ତିର ଆଲୋକ ଦେଖିବା ବେଳେ ଦେଶର ପ୍ରତ୍ୟେକ ଜନତାଙ୍କ ଭିତରେ ଫୁଟି ଉଠିଥିଲା ଏକ ଅନିର୍ବଚନୀୟ ଆନନ୍ଦ । ସେଇ ଅଗଷ୍ଟ ପନ୍ଦର ଆସିଛି । ସ୍ୱାଧୀନତାର ସ୍ୱାଦ ସତରେ ସ୍ୱତନ୍ତ୍ର । ତାହା ଯେକୌଣସି ସ୍ୱାଧୀନତା ହେଉ । ବନ୍ଦୀ ଜୀବନ ଆଉ ମୁକ୍ତ ଜୀବନ ଭିତରେ ଥାଏ ଅନେକ ପ୍ରଭେଦ । ଆଜି ପ୍ରତିଟି ମଣିଷ ଭୋଗୁଛନ୍ତି ସେଇ ମୁକ୍ତିର ଆନନ୍ଦ । ତାରି ଭିତରେ ରହିଛି ନାରୀଟିଏର ସ୍ୱାଧୀନତା । ସେ ବି ଆଜିର ସମୟରେ ପାଇଛି ଆନନ୍ଦ ବ୍ୟକ୍ତ କରିବାର ପ୍ରଭୂତ ସ୍ୱତନ୍ତ୍ରତା । ଏଥର 'ରେବତୀ'ରେ ସ୍ୱାଧୀନତା ପାଇଁ ଆନନ୍ଦପ୍ରାପ୍ତିର ପ୍ରତୀକ ସ୍ୱରୂପ ଆମର ଏ ପ୍ରଚ୍ଛଦ ଭାବନା ।






ମତ-ଅମତ




## ସତ୍‌ସଙ୍ଗ ପ୍ରସଙ୍ଗ ମୋର ଆଖି ଖୋଲି ଦେଲା

● ଗତକାଲି ପହଂଚିଲା 'ରେବତୀ'। ପ୍ରଚ୍ଛଦ, ସୂଚୀପତ୍ର, ପ୍ରସଂଗ ଗୁଡ଼ିକ ପ୍ରଥମେ ଓଲଟାଇ ଦିଏ ସବୁଥର ପରି, ପଢ଼ିବା ଆଗରୁ। ଅଟକିଗଲି 'ଶେଷପୃଷ୍ଠା'ରେ, ଖୁବ୍ ଆନ୍ଦୋଳିତ କଲା ମନକୁ ମୋର ଏଇ 'ସର୍ଜନଶୀଳତା ଓ ସତ୍‌ସଂଗ' ପ୍ରସଂଗଟି। ଶେଷଧାଡ଼ିରେ ସେହି ଐତିହାସିକ ପ୍ରଶ୍ନ ପାଠକକୁ 'ଆମେ କ'ଣ ସେମାନଙ୍କ ପଦାଂକ ଅନୁସରଣ କରିପାରିବା ନାହିଁ ନା ଆମେ ସତ୍‌ସଂଗ ସନ୍ଧାନୀ ହୋଇପାରିବା ନାହିଁ? ନିଜକୁ ଥରେ ଏ ପ୍ରଶ୍ନ ପଚାରନ୍ତୁ ତ।' ଜାଣିଲି ମୁଁ କେତେ ଖରାପ ଲୋକ। ମୁଁ କୌଣସି ସାହିତ୍ୟସଭାକୁ ଯାଏ ନାହିଁ (ସମୟ ଅଭାବରୁ), କୌଣସି ସାହିତ୍ୟ ଅନୁଷ୍ଠାନର ପୂର୍ଣ୍ଣପ୍ରାଣ ସଦସ୍ୟା ନୁହେଁ। ଏକ ସୌଖିନ ଲେଖିକା, ଖୁବ୍ ଅଳସେଇ। ମାତ୍ର ନିଜକୁ ଖୁବ୍ ବିରାଟ ଗୋଟେ ଲେଖିକା ବୋଲି ବେଳେବେଳେ ଭାବିଦିଏ। କାହାରି କାହାରି ସହିତ ଆଲୋଚନାରେ ବି ଭାଗ ନେଇ କହେ...ହେଃ ଏମିତି କଣ ଲେଖିଚି, ସେମିତି କଣ କହୁଚି, ଦେଖୁନ....ଭାଷା ଜ୍ଞାନ କେତେ ଖରାପ ତଥାପି ବଡ଼ ସାହିତ୍ୟିକ....ଇତ୍ୟାଦି ଇତ୍ୟାଦି। ଏକଥା ସତରେ କେତେ ଖରାପ। 'ଅପାରେ କାବ୍ୟ ସଂସାରେ କବିରେବୋ ପ୍ରଜାପତିଃ।' ସର୍ଜନଶୀଳ ଜଗତରେ ପ୍ରତ୍ୟେକ କାବ୍ୟକାର ଜଣେ ଜଣେ ବ୍ରହ୍ମା। ଭଲ / ଖରାପ ବାଛିବାକୁ ମୁଁ କିଏ? ମୋର ଅବଦାନ ସାହିତ୍ୟ ଜଗତକୁ କେତେ ଯେ ଏ ଅଧିକାର ମୋର ଅଛି? କେତେ ବିଶୃଂଖଳ ମୁଁ? ବାସ୍ତବିକ ଏ ଗୁଲିଖଟି ମୋତେ ଆନନ୍ଦ ଦେଇଛି, ଯାହା ନିଜ ସହ ନିଜେ ବି କରିବା ଅନୁଚିତ। କ୍ଷମା କରିବେ। ଆପଣ ମୋର ଆଖି ଖୋଲିଦେଲେ। ଏ ଭୁଲ୍ ଆଉ ହେବ ନାହିଁ। ପ୍ରଣାମ।

**ଡକ୍ଟର ପଲ୍ଲିଶ୍ରୀ ପଟ୍ଟନାୟକ,**
ଭବାନୀପାଟଣା

## ସତ୍‌ସଙ୍ଗ ଲେଖାଟି ଭଲ ଲାଗିଲା

● ହଁ ଠିକ୍ କଥା। ହଜାରେ ପୃଷ୍ଠା ଲେଖିଲେ ବି ଆହୁରି କିଛି କଥା କହିବାକୁ ବାକି ରହିଯିବ। ତଥାପି ବହୁ ସାରକଥାକୁ 'ରେବତୀ'ର ଶ୍ରୀଜଗନ୍ନାଥ ବିଶେଷାଙ୍କରେ ସ୍ଥାନିତ କରିଥିବାରୁ ଧନ୍ୟବାଦ। ବିଶେଷକରି ଓଡ଼ିଶା ଓ ଭାରତର ବିଭିନ୍ନ ସ୍ଥାନର ଜଗନ୍ନାଥ ମନ୍ଦିର କଥା ଉଲ୍ଲେଖ କରି ପାଠକଙ୍କୁ ଖୁସି କରିଛନ୍ତି। 'ଶେଷପୃଷ୍ଠା'ରେ ଥିବା ସର୍ଜନଶୀଳତା ଓ ସତ୍‌ସଙ୍ଗ ପ୍ରସଙ୍ଗଟି ମୋତେ ବହୁତ ଭଲ ଲାଗିଲା। ଏହାଦ୍ୱାରା କେହି କେହି ପ୍ରଭାବିତ ହେଲେ ଆପଣଙ୍କ ଲେଖା ସାର୍ଥକ ହେବ।

**ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ,** ବାଲେଶ୍ୱର

## ରଥକଥା ପ୍ରସଙ୍ଗରେ ଅସିତ ମହାନ୍ତି ବହୁ ଅଜ୍ଞାତ ତଥ୍ୟ ଦେଇଛନ୍ତି

● ଘୋଷଯାତ୍ରାର ପାବନ ପାର୍ବଣକୁ ନଜରରେ ରଖି 'ରେବତୀ'ର ଜୁଲାଇ ସଂଖ୍ୟାଟି ଶ୍ରୀଜଗନ୍ନାଥଙ୍କୁ ସମର୍ପିତ। ରଥ କଥା ପ୍ରସଙ୍ଗରେ ଗବେଷକ ଅସିତ ମହାନ୍ତି ବହୁ ଅଜ୍ଞାତ ତଥ୍ୟ ଉନ୍ମୋଚନ କରିଛନ୍ତି। ଆଲେଖ୍ୟ ପାଠ କରିଲା ପରେ ଜିଜ୍ଞାସୁ ପାଠକ ରଥ ଓ ଯାତ୍ରା ସଂପର୍କରେ ସମସ୍ତ ତଥ୍ୟ ଅବଗତ ହୋଇ ପାରିବ। ବିଚିତ୍ରା ଦାଶଙ୍କ ଛପନ ଭୋଗ ପ୍ରସଂଗଟି ଖୁବ୍ ଆକର୍ଷଣୀୟ। ଶ୍ରୀଗନ୍ନାଥଙ୍କ ମଣୋହି ସଂପର୍କୀତ ସମସ୍ତ ତଥ୍ୟ ଏଥିରେ ସଂଯୋଜିତ। ପୀତବାସ ରାଉତରାୟ 'ସନ୍ଥଙ୍କ ଶ୍ରୀକ୍ଷେତ୍ର' ପ୍ରସଂଗରେ ଭାରତୀୟ ଧର୍ମଧାରାର ଦୁଇ ପ୍ରମୁଖ ସନ୍ଥ, ତୁଳସୀ ଦାସ ଓ ଗୁରୁ ନାନକଙ୍କ ପଦାର୍ପଣ ବହୁତ ଚମତ୍କାର। ଶ୍ରୀଜଗନ୍ନାଥଙ୍କ ଗୁପତ ହେବା ପ୍ରସଙ୍ଗରେ ଆଲୋଚନା କରି ଋତୁରାଜ ଦାସ ମାରଦା ମନ୍ଦିରର ମହତ୍ୱ ସଂପର୍କରେ ବହୁ ମୂଲ୍ୟବାନ ତଥ୍ୟ ପ୍ରଦାନ କରିଛନ୍ତି। ଏ ସଂଖ୍ୟାର ଅନ୍ୟତମ ଆକର୍ଷଣ ହେଉଛି ଅନୁବାଦକ ପ୍ରଦୀପ କୁମାର ରାୟଙ୍କ ୧୬ଟି ବଂଗଳା ଗଳ୍ପକୁ ନେଇ ସଂକଳିତ ପୁସ୍ତକ 'ନୀଳ ନିମନ୍ତ୍ରଣ'ର ଚର୍ଚ୍ଚା। କବି ସୁଚେତା ମିଶ୍ର ଲେଖକ ଲେଖିକାମାନଙ୍କର ଫଟୋ ସହ ଆଲୋଚନାଟିକୁ ଅତ୍ୟନ୍ତ ହୃଦୟଗ୍ରାହୀ କରିଛନ୍ତି। ଶ୍ରଦ୍ଧାଞ୍ଜଳି କାନୁନ୍‌ଗୋଙ୍କ ଶରୀର ରଥ, ଆତ୍ମା ରଥୀ ବିଷୟଟି ଖୁବ୍ ତାତ୍ତ୍ୱିକ। ଲେଖାଟି କାହାଣୀ ଧର୍ମୀ, ତଥ୍ୟାଶ୍ରୟୀ ତଥା ମନନଶୀଳ। ଚରିତୋପନ୍ୟାସ 'ରେବତୀ'ର ଅନ୍ୟତମ ଆକର୍ଷଣ। ଆଗକୁ ଉତ୍କଣ୍ଠା ରହୁଛି। କିନ୍ତୁ ଗୋପବନ୍ଧୁଙ୍କ ଅରକ୍ଷପଣ ଷ୍ଟାଚ୍ୟୁର ଫଟୋଟି ପୀଡ଼ା ଦେଲା। ଏ ଜାତି କେତେ ଆଉ ଅକୃତଜ୍ଞ ହେବ? ଡାକ୍ତର ସରୋଜିନୀ ଷଡ଼ଙ୍ଗୀଙ୍କ ଦିବ୍ୟାନୁଭୂତି ଶ୍ରୀଜଗନ୍ନାଥଙ୍କ ଭାବମୟ ଅସ୍ତିତ୍ୱର ଆଉ ଏକ ଚମତ୍କାର ବିଶ୍ଳେଷଣ। ଚଣ୍ଡିଗଡ଼, ଦିଲ୍ଲୀ ଓ ମୁମ୍ବାଇରେ ଅନୁଷ୍ଠିତ ରଥଯାତ୍ରା ତଥା ସ୍ଥାନୀୟ ମନ୍ଦିର ସ୍ଥାପନର ଇତିହାସ ଆଲୋଚନା କରି ପାଠକଙ୍କୁ ଭାବମୁଗ୍ଧ କରିଥିବା ଲେଖକ / ଲେଖିକା ଯଥାକ୍ରମେ ଡକ୍ଟର ଫକୀରମୋହନ ନାହାକ, ଶବ୍‌ନମ୍ ଆଦେନୀ ଓ ପାରମିତା ଷଡ଼ଙ୍ଗୀଙ୍କ ଉଦ୍ୟମ ପ୍ରଶଂସନୀୟ। ବାରିପଦା ରଥଯାତ୍ରା ସଂପର୍କୀୟ ମନୋଜ ଦଳବେହେରାଙ୍କ ଆଲେଖ୍ୟଟି ମଧ୍ୟ ବହୁତ ସୁନ୍ଦର। କବିତା ଓ ଗପ ସୁନ୍ଦର ଓ ସୁସଂପାଦିତ। ଗପଟିର ଆବେଦନ ହୃଦୟସ୍ପର୍ଶୀ। ସମସ୍ତ ସ୍ରଷ୍ଟାଙ୍କୁ ଅଜସ୍ର ଅଭିନନ୍ଦନ ଓ ଶ୍ରୀଜଗନ୍ନାଥଙ୍କ କରୁଣାପ୍ରାପ୍ତ ହୁଅନ୍ତୁ, ପ୍ରାର୍ଥନା ରଖୁଛି। ଶେଷରେ 'ରେବତୀ'ର ସମ୍ପାଦକୀୟ ସଂପର୍କରେ ଅନ୍ତତଃ ଦୁଇଧାଡ଼ି ନକହିଲେ ଚିଠିଟି ଅପୂର୍ଣ୍ଣ ରହିବ। ସମ୍ପାଦକୀୟ ଓ 'ଶେଷପୃଷ୍ଠା'ର ଶୀର୍ଷକ ସବୁବେଳେ ଏକା କଥାକୁ ପରିବାର ଓ ସାହିତ୍ୟିକକୁ ଆଧାର କରି ଲେଖା ପ୍ରସ୍ତୁତ କରିବା ଗୋଟେ ନିଆରା ପରିବେଷଣ। ବହୁତ ପ୍ରାସଙ୍ଗିକ ଓ ସମୟୋଚିତ ଯଥାର୍ଥ ଉପସ୍ଥାପନ। ଶେଷରେ ଗତସଂଖ୍ୟା (ଜୁନ୍-୨୦୨୨)ରେ ପ୍ରକାଶିତ 'ଅଚ୍ୟୁତ ଆନନ୍ଦ: ଅଚ୍ୟୁତାନନ୍ଦ' ଫିଚରଟି ଉପରେ ଚମତ୍କାର ବିଶ୍ଳେଷଣ କରିଥିବାରୁ ଡକ୍ଟର ଶିଶିର ବେହେରାଙ୍କୁ ଅଶେଷ ସାଧୁବାଦ ଜଣାଇବା ସହିତ ଫିଚର୍‌ଟିକୁ ପସନ୍ଦ କରିଥିବା ସମସ୍ତ ପାଠକ /ପାଠିକାଙ୍କୁ ଏହି ଅବସରରେ ଅଜସ୍ର ଧନ୍ୟବାଦ ଜଣାଉଛି।

**ରବି ପଣ୍ଡା, ପ୍ଲଟ୍ ନଂ ୩୫୩୪, କପିଳପ୍ରସାଦ, ଭୁବନେଶ୍ୱର-୨**

## ସୁଧିର ପ୍ରଧାନଙ୍କ ଏକମାତ୍ର ଗପ 'ବାପାଙ୍କ ସହ ଫଟୋ' ଖୁବ୍ ହୃଦୟସ୍ପର୍ଶୀ ହୋଇଛି

● ଚଳିତ ମାସର 'ରେବତୀ'ରେ ସ୍ଥାନିତ ଗଳ୍ପ(ଏକମାତ୍ର ଗଳ୍ପ) 'ବାପାଙ୍କ ସହ ଫଟୋ' ଖୁବ୍ ହୃଦୟସ୍ପର୍ଶୀ ଲାଗିଲା। ବାପାମାନେ ପୁଅମାନଙ୍କ ପାଇଁ ଅବୋଧ୍ୟ ଓ ଅପହଞ୍ଚ ଯଦିଓ ସେମାନେ ମନ ଭିତରେ ନିହାତି ନିକଟତର। ଭାବି ବସିଲେ ଅନେକ ଦୀର୍ଘଶ୍ୱାସ ମନ ଭିତରର ଉଷ୍ମତାକୁ ବାହାରକୁ ନେଇ ଆସିଲା ଗଳ୍ପ ପଢ଼ିବା ଅବସରରେ। ଶେଷରେ ଆପଣଙ୍କ 'ଶେଷପୃଷ୍ଠା' ପାଠ କଲି। ବର୍ତ୍ତମାନର ସୃଜନଶୀଳ ଲୋକଙ୍କ ଠାରେ ପରିଲକ୍ଷିତ ଅବକ୍ଷୟ ଏକ ପ୍ରଣିଧାନଯୋଗ୍ୟ ପର୍ଯ୍ୟାୟ ଅଟେ। ତାର ଏକମାତ୍ର ସାମାଧନ 'ନିରବତା'ଛଡ଼ା ଆଉ କିଛି କରି ହେବନି। ଆମ ସାମ୍ପ୍ରତିକ ସାମାଜିକ ଚଳଣିରେ ଆମେ ଅନେକ କ୍ଷେତ୍ରରେ ଆଜି ନିରୁପାୟ। ଗତ ସପ୍ତାହରେ ଆତ୍ମହତ୍ୟାର ପରିସଂଖ୍ୟାନ ଖାଲି ଦେଖନ୍ତୁ। ପ୍ରେମ କଣ ହତ୍ୟା ବା ଆତ୍ମହତ୍ୟା କରାଇ ପାରେ? ନା, ପ୍ରେମର ମିଥ୍ୟା ଦ୍ୱାହି ଦେଇ ତାର ପ୍ରଚ୍ଛଦପଟର ପାଶବିକ ଆଚରଣ ହିଁ ଆଜି ଏସବୁ ଅପକର୍ମର ପରିଚାୟକ। ଆଜି ବିବାହ ବିବାଦୀୟ। ଆଜି ବିବାହରେ ଯୁବସୁଲଭ ଆକର୍ଷଣ ବା ଉନ୍ମେଷ / ଉନ୍ମାଦନା ନାହିଁ। ଆଗକୁ ଖାଲି ବିସ୍ଫୋରଣ ଆଉ ବିସ୍ଫୋରଣ....।

**ମନୋଜ କୁମାର ସିଂହ,** ଭୁବନେଶ୍ୱର

ବିଶେଷ ମତ

# ବଡ଼ଦିଅଁ ବଡ଼ଭୋଗ


## ଡକ୍ଟର ଶିଶିର ବେହେରା

ସହକାରୀ ପ୍ରଫେସର,
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ
କେନ୍ଦୁଝର ପରିସର, କେନ୍ଦୁଝର,
ଫୋନ: ୮୨୪୯୮୯୫୨୭୪




▲ଶିଶିର ବେହେରା

"ମିଛେ ନୀଳାଚଳ ନାଥ, ବସିଅଛୁ ନୀଳାଚଳେ
ପଣ୍ଡା ରନ୍ଧା ଭାତ ଡାଲି ଗିଳିଣ ବଡ଼ଦେଉଳେ
ଗଣ୍ଡା ଗଣ୍ଡା ହଣ୍ଡା ହଣ୍ଡା କାକରା ଆରିସା ମଣ୍ଡା
ଥଣ୍ଡା ହୋଇ ଦୁଇଭାଇ ଭଣ୍ଡି ଖାଇ ପାଞ୍ଚବେଳେ ।"

ଗଣକବି ବୈଷ୍ଣବ ପାଣିଙ୍କ ଏହି ଗୀତରୁ ହିଁ କୋଟି ଓଡ଼ିଆର ମଉଡ଼ମଣି ଦାରୁଦିଅଁ ଜଗନ୍ନାଥଙ୍କ ଖାଦ୍ୟପ୍ରୀତି ଓ ରସିକ ଭାବକୁ ସହଜରେ ବୁଝିହୁଏ । ଏହି ବିରଳ-ବ୍ୟତିକ୍ରମ ଜଗନ୍ନାଥଙ୍କର ସକଳ କାର୍ଯ୍ୟଧାରା ଯେପରି ବିସ୍ମୟ ଓ ଅନନ୍ୟ; ସେହିପରି ସମସ୍ତ ନୀତିକାନ୍ତି, ବେଶଭୂଷା ଉତ୍ସବ-ଅନୁଷ୍ଠାନ, ଯାନିଯାତ୍ରା ସର୍ବୋପରି ଖାଦ୍ୟ-ପ୍ରସାଦ-ବ୍ୟଞ୍ଜନ ମଧ୍ୟ ଅସାଧାରଣ । ନୀଳାଚଳ ନିବାସୀ ଦାରୁବ୍ରହ୍ମ ଅଖିଳ ବ୍ରାହ୍ମାଣ୍ଡର ଅଧିଶ୍ୱର ହୋଇ ତ୍ରିତାପଖଣ୍ଡନ କରି ଚତୁର୍ବର୍ଗ ଫଳ ଦେଇ ଜଗତଜନର ବାଞ୍ଛାକଳ୍ପତରୁ ରୂପେ ଉଭା ହୋଇଛନ୍ତି ମହୋଦଧିତୀରେ । ମାତ୍ର, ଆଶ୍ଚର୍ଯ୍ୟ ଏହି ଯେ, ମାନବୀୟ ଲୀଳା ପ୍ରକଟକରି ସଂସାରର ଯାବତୀୟ ସୁଖ-ଦୁଃଖକୁ ଆତ୍ମସ୍ଥ କରି, ମହାବାହୁ ମେଲି ସର୍ବଜୀବ- ହୃଦରେ ଅଧିଷ୍ଠିତ ହୋଇ ପାରିଛନ୍ତି । ସଂସାରୀମାନଙ୍କ ପାଇଁ ସେ ସଂସାରୀ ଦିଅଁ; ସାଧାରଣ ମଣିଷ ପରି ପ୍ରାତ୍ୟହିକ କର୍ମ ଠାରୁ ଶାରରିକ ଅସୁସ୍ଥ ହେବାର ଅଭିନୟ ଯାଏଁ ଏବଂ ପତିପାବନ ଉଡ଼ାଇ ନନ୍ଦିଘୋଷରେ ଭକ୍ତମେଳରେ  ଲୀଳା ପ୍ରଦର୍ଶନ ପର୍ଯ୍ୟନ୍ତ ସବୁଥିରେ ହିଁ ଶ୍ରୀଜଗନ୍ନାଥଙ୍କ ମହାମାନବୀୟ ଉଦାରତା ଓ ମହାତ୍ମ୍ୟ ପ୍ରକାଶ ପାଇଛି । ଜଗତ ନିୟନ୍ତା ଏହି ଅଚଳ ମହାମେରୁ ଭକ୍ତର ଭାବଡୋରିରେ ବନ୍ଧା ହୁଅନ୍ତି, ଭକ୍ତର ନିଉଛାଳି, ଶ୍ରଦ୍ଧା-ଭକ୍ତି, ଗାଳିମନ୍ଦ ଶୁଣନ୍ତି । ସେଥିପାଇଁ ସେ ଜଗତର ନାଥ, ସମସ୍ତଙ୍କ ଆଦରର କଳାଠାକୁର । ଭକ୍ତର ଖୁଦଭଜା, ଶାଗଭଜା, ନଡ଼ିଆ ଓ ପତ୍ର-ପାଣିରେ ସେ ସନ୍ତୁଷ୍ଟ । ମାତ୍ର, ଶ୍ରୀମନ୍ଦିରର ନୈମିତ୍ତିକ ନୀତିକାନ୍ତିରେ, ପୂଜାର୍ଚ୍ଚନାରେ, ବେଶଭୂଷାରେ ଏବଂ ପ୍ରସାଦ ସେବନରେ ମହାପ୍ରଭୁଙ୍କର ରାଜକୀୟ ଉପଚାର । ଷାଠିଏ ପଉଟି ଛପନଭୋଗର ଉପଭୋକ୍ତା ଚତୁର୍ଦ୍ଧାମୂର୍ତ୍ତି । ପଣ୍ଡାପଡ଼ିହାରୀଙ୍କ ମେଳରେ ରତ୍ନସିଂହାସନରେ ବସି ମା'ଲକ୍ଷ୍ମୀଙ୍କ ରୋଷଶାଳାରେ ପ୍ରସ୍ତୁତ ଦିବ୍ୟାନ୍ନ ଭୁଞ୍ଜି ଜଗତକୁ ମହାପ୍ରସାଦ ଦେବାରେ  ରାଜାରାଜେଧିଶ୍ୱର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହିମା ବିଶ୍ୱଜନବିଦିତ । ପୃଥିବୀର ସର୍ବବୃହତ୍ ପାକଶାଳା ଭାବରେ ସୁଖ୍ୟାତ ମହାପ୍ରଭୁଙ୍କ ରୋଷଶାଳାର ମହାତ୍ମ୍ୟ, ପାକପ୍ରସ୍ତୁତିର ବିଧିବ୍ୟବସ୍ଥା, ସେବାୟତ ସୂପକାରଙ୍କ ଭୂମିକା, ଶ୍ରୀ ଜୀଉଙ୍କ ଲାଗି ନିର୍ଦ୍ଧାରିତ ବିବିଧ ବ୍ୟଞ୍ଜନାଦିର ପରିଚୟ ପାଇବା ହିଁ ଏକ ଅପୂର୍ବ ଆନନ୍ଦ ଆଣିଦିଏ ।  ଏହି ଆନନ୍ଦକୁ ଆମେ  ଅନୁଭବିଛୁ 'ରେବତୀ'ର ଜୁଲାଇ-୨୦୨୨ ସଂଖ୍ୟାରେ ପ୍ରକାଶିତ 'ଶ୍ରୀଜଗନ୍ନାଥ' ସ୍ୱତନ୍ତ୍ର ପ୍ରସଙ୍ଗରେ । ମହାପ୍ରଭୁଙ୍କ ଘୋଷଯାତ୍ରା, ରଥ ନିର୍ମାଣ ରହସ୍ୟ, ବିବିଧତତ୍ତ୍ୱ, ଭିନ୍ନସ୍ଥାନରେ ଅନୁଷ୍ଠିତ ଶ୍ରୀଜୀଉଙ୍କ  ରଥଯାତ୍ରା, ସବୁ ମହାତ୍ମ୍ୟ ପ୍ରକାଶନରେ 'ରେବତୀ'ର ଚଳିତ ସଂଖ୍ୟାଟି ପାଠକଙ୍କୁ ଜଗନ୍ନାଥମୟ କରାଇ ଦେଇଛି । ଏକ ଦିବ୍ୟପୁଲକ ଓ ଶିହରଣ ଏଥିରେ ସ୍ଥାନିତ ଲେଖାମାନଙ୍କରୁ ଅନୁଭୂତ ହୋଇଥାଏ । ତନ୍ମଧ୍ୟରେ ଲେଖିକା ବିଚିତ୍ରା ଦାଶଙ୍କ 'ମହାପ୍ରସାଦର ମହକ': ଛପନଭୋଗ ଆଲେଖଟି ବେଶ୍ ହୃଦୟସ୍ପର୍ଶୀ । ଓଡ଼ିଆ ଜାତିର ପାଣିପିଣ୍ଡ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ନିବେଦିତ ନୈବେଦ୍ୟର ପରିଚୟ ସହ, ତା'ର ପ୍ରସ୍ତୁତି ଔପଚାରିକ ବିଧିବ୍ୟବସ୍ଥା, ଏଥିରେ ବିବିଧ ମଠମାନଙ୍କ ସଂପୃକ୍ତି, ସେବାୟତଙ୍କ ଅବଦାନ, ସ୍ୱତନ୍ତ୍ର ଉତ୍ସହବାଦିତରେ ଅର୍ପଣ ହେଉଥିବା ପ୍ରସାଦ, ପିଠା, ଭୋଗର ଏକ ସାମଗ୍ରିକ ପରିଚୟ ପ୍ରଦାନ କରିଛନ୍ତି ଲେଖିକା । ଅଲୌକିକ ଓ ଲୌକିକ ଲୀଳା ପ୍ରକାଶ କରି ଶ୍ରୀମନ୍ଦିରରେ ଦାରୁଦିଅଁଙ୍କ ବିସ୍ମୟକର ଅଥଚ ଜଗତଜନମନହାରୀ ବେଶଭୂଷା, ପର୍ବପର୍ବାଣି, ଉତ୍ସବ-ଅନୁଷ୍ଠାନ, କାର୍ଯ୍ୟକ୍ରମକୁ ଅବଲୋକନ କରିବା ପାଇଁ ଯେପରି ଜଗନ୍ନାଥପ୍ରେମୀଙ୍କ ଅନ୍ତରରେ ଆକୁଳ ଆବେଗ, ତଦୁପରି ମହାପ୍ରସାଦର ମହାତ୍ମ୍ୟ ଶ୍ରବଣରେ ଅନୁରୂପ ଭାବେ ସକଳେ ଆହ୍ଲାଦିତ ମଧ୍ୟ । ଏହି ଆହ୍ଲାଦକୁ ଅନୁଭବ କରିହୁଏ ବିଚିତ୍ରା ଦାଶଙ୍କ 'ଛପନଭୋଗ'ରୁ ।



▲ବିଚିତ୍ରା ଦାଶ

ପ୍ରାଚୀନ ପୁରାଣଶାସ୍ତ୍ରମାନଙ୍କରେ ଉଲ୍ଲେଖ ଅଛି ଅଖିଳ ବ୍ରହ୍ମାଣ୍ଡ କର୍ତ୍ତା ଶ୍ରୀବିଷ୍ଣୁ ଚାରିଯୁଗରେ ଚାରିସ୍ଥାନରେ ମହନୀୟ ଲୀଳା କରି ଭାରତବର୍ଷର ଚତୁର୍ଦ୍ଦିଗକୁ ପବିତ୍ର କରିଛନ୍ତି । ସେଥିଲାଗି ସେହି ଚାରିଧାମକୁ ପ୍ରସିଦ୍ଧ ତୀର୍ଥକ୍ଷେତ୍ର ରୂପେ ତର୍କଶା କରାଯାଇଛି । ଯେପରି ସତ୍ୟଯୁଗରେ ଭାରତର ଉତ୍ତର ଦିଗରେ ଜ୍ୟୋତିର୍ପୀଠ ବଦ୍ରିନାଥ (ସ୍ନାନପୀଠ), ତ୍ରେତୟା ଯୁଗରେ ଦକ୍ଷିଣରେ ରାମେଶ୍ୱର (ଶୟନପୀଠ), ଦ୍ୱାପରରେ ପଶ୍ଚିମ ଦିଗରେ ଶାରଦା ପୀଠ ଦ୍ୱାରକାଧାମ (ବେଶଭୂଷା ପୀଠ) ଏବଂ କଳିଯୁଗରେ ପୂର୍ବଦିଗରେ ନୀଳସିନ୍ଧୁ ତୀରେ ଶ୍ରୀଜଗନ୍ନାଥଧାମ (ଭୋଜନପୀଠ) ଭାବରେ ପ୍ରସିଦ୍ଧି ଅର୍ଜନ କରିଅଛି । ସ୍ୱୟଂ ବିଷ୍ଣୁ ନୀଳାଚଳରେ ଅବସ୍ଥାନ କରି ଚତୁର୍ଦ୍ଧାମୂର୍ତ୍ତି ରୂପେ ପୂଜା ପାଇବା ସହ ମାନବୀୟ ଲୀଳା ପ୍ରକଟ କରି ଭକ୍ତଜନଙ୍କୁ ଆହ୍ଲାଦିତ କରୁଛନ୍ତି । ତେଣୁ ଶାସ୍ତ୍ରରେ ପୁରୁଷୋତ୍ତମ କ୍ଷେତ୍ର

ଭୋଜନପୀଠ ରୂପେ ଚିହ୍ନିତ । ମହାପ୍ରଭୁଙ୍କ ଖାଦ୍ୟପ୍ରୀତି, ଭୋଗ-ପ୍ରସାଦ ଏହାର ଯଥାର୍ଥ ପରିଚୟ । ବିଭିନ୍ନ ମଠ ସହିତ ଏହି ଭୋଗ ସେବାର ସମ୍ବନ୍ଧ ରହିଛି । ଶ୍ରୀ ଜୀଉମାନଙ୍କୁ ଷାଠିଏ ପଉଟି ଛପନ ଭୋଗ ଲାଗି କରାଯାଏ । କୋଡ଼ିଏ ଗୌଣିରେ ଗୋଟିଏ ପଉଟି । ଷାଠିଏ ପଉଟି କହିଲେ ବାରଶହ ଗୌଣ । ଅର୍ଥାତ୍ ଷାଠିଏ ପଉଟି ଅନ୍ନ ମହାପ୍ରସାଦର ପରିମାଣ ହେଉଛି- ତିନି କ୍ୱିଣ୍ଟାଲ ୫୮୩କି.ଗ୍ରା, ୧୮୦.୮ ଗ୍ରାମ । ଚାଉଳ, ଚୁନା, ବିରି, ଅଟା ପ୍ରଭୃତି ମିଶି ବାରଶହ ଗୌଣିରେ ଶ୍ରୀମନ୍ଦିର ରୋଷଘରେ ପ୍ରସାଦ ପ୍ରସ୍ତୁତ ହୁଏ । ଏହାର ଅନ୍ୟ ନାମ ରାଜଭୋଗ ବା କୋଠଭୋଗ । ଶ୍ରୀମନ୍ଦିରରେ ପ୍ରତ୍ୟହ ବିଭିନ୍ନ ଧୂପରେ ଏହି ଭୋଗ ଲାଗି ହୋଇଥାନ୍ତି । ଯେପରି- ଗୋପାଳବଲ୍ଲଭ ଭୋଗ, ସକାଳ ଧୂପ ଭୋଗ, ମଧ୍ୟାହ୍ନ ଧୂପ ଭୋଗ, ସଂଧ୍ୟାଧୂପ ଭୋଗ ଓ ବଡ଼ସିଂହାର ଧୂପ ଭୋଗ । ଏଥିସହିତ ସୂପକାରଙ୍କ ପକ୍ଷରୁ ହେଉଥିବା ବରାଦି ଭୋଗ ଏ ମଧ୍ୟରେ ସମ୍ମିଳିତ ହୁଏ ନାହିଁ । ବିଭିନ୍ନ ଧୂପରେ ଭିନ୍ନ ଭିନ୍ନ ଭୋଗ ଲାଗି ହୁଏ । ଯାହାର ସୂଚନା ପ୍ରଦାନ କରିଛନ୍ତି ଲେଖିକା ବିଚିତ୍ରା ଦାଶ । ମେରଦା ରୋଷଘରେ ଥିବା ୨୪୦ଗୋଟି ଚୁଲିର ଯେଉଁ ସୂଚନା ଦେଇଛନ୍ତି, ତାହାର ମଧ୍ୟ ଭିନ୍ନ ଭିନ୍ନ ପ୍ରକାର ରହିଛି । ରୋଷଶାଳାରେ ରହିଛି ୧୭୫ଟି ପ୍ରସ୍ଫୁଟିତ ପଦ୍ମଚୁଲି, ଯେଉଁଥିରେ ଅନ୍ନପାକ ପ୍ରସ୍ତୁତ ହୋଇଥାଏ । ୨୦ଗୋଟି ଓଲଟ ପଦ୍ମଚୁଲି ଅଛି, ଯେଉଁଥିରେ ପିଠା ତିଆରି କରାଯାଏ ଏବଂ ୪୫ଗୋଟି ଅହିଆ ଚୁଲି ରହିଛି । ଯେଉଁଥିରେ କାଠ ଅଙ୍ଗାର ବିଛାଯାଇ ଡାଲି, ତରକାରୀ, ଶାଗ, ଖଟା ଆଦି ରନ୍ଧନ କରାଯାଇଥାଏ । ପ୍ରତ୍ୟେକ ଚୁଲିର ଛଅଗୋଟି ଝିଙ୍କା ରହିଥାଏ, ଯାହା ଦେଖିବାକୁ ଅଗ୍ନିର ଜିହ୍ୱା ଭଳି । ୬ ଗୋଟି ହାଣ୍ଡି ଛଅଟି ଝିଙ୍କାରେ ବସେ, ମଝିରେ ଥିବା ଫାଙ୍କରେ ବସେ ତିନିଗୋଟି ହାଣ୍ଡି । ନଅଗୋଟି ହାଣ୍ଡି ବସିବା ରୀତି ତାନ୍ତ୍ରିକ ପଦ୍ଧତି ବୋଲି ଅଲୋଚକମାନେ ମତବ୍ୟକ୍ତ କରିଥାନ୍ତି । ସେହିପରି କୋଠଭୋଗ ରାନ୍ଧିବା ଲାଗି ଦୁଇ ପ୍ରକାର ଚୁଲି ରହିଛି । ଯଥା- ଭାତଚୁଲି ଓ ପିଠାଚୁଲି । ରୋଷଶାଳାର ଉତ୍ତର ଦିଗରେ ଥିବା ଗଙ୍ଗା-ଯମୁନା କୂଅରୁ ଜଳ ଆଣି ପାକପ୍ରସ୍ତୁତ କରାଯାଇଥାଏ । ମାତ୍ର, ଶ୍ରୀ ଜୀଉଙ୍କ ପୂଜାର୍ଚ୍ଚନାରେ ବିମଳା ମନ୍ଦିର ନିକଟସ୍ଥ କୂଅରୁ ଜଳ ବ୍ୟବହୃତ ହୁଏ । ଷାଠିଏ ପଉଟି ଅନ୍ନବ୍ୟଞ୍ଜନ ପ୍ରସ୍ତୁତି ଲାଗି ସେବାୟତଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏମାନେ ସୂପକାର, ମହାସୁଆର, ମହାପାତ୍ର, ସୁବୁଦ୍ଧି, ପାଢ଼ୀ, ପଢ଼ିହାରି, ସାମନ୍ତରାୟ, ମହାନ୍ତି, ପଣ୍ଡା ଏବଂ ସାହୁ ନାମରେ ନାମିତ । ମନ୍ଦିରର ସ୍ୱତ୍ୱଲିପି ଅନୁସାରେ ସକଳ ବିଧିପୂର୍ବକ ଏହିମାନେ ମହାପ୍ରସାଦ ରନ୍ଧନ କାର୍ଯ୍ୟ କରିଥାନ୍ତି । ଏହି ରୋଷଶାଳାକୁ 'ହିଙ୍ଗୁଳାପୀଠ' ଏବଂ ରୋଷଘର ଅଗ୍ନିକୁ 'ଚମ୍ପା' କୁହାଯାଏ । ଷଡ଼ାଙ୍ଗ ସଂସ୍କାର କରାଯାଇ ମୃଣ୍ମୟ ପାତ୍ରରେ ଲକ୍ଷ୍ମୀବୀଜ ସ୍ମରଣ କରି ଚାଉଳ ପକାଯାଏ । ମହାପ୍ରସାଦ ପ୍ରସ୍ତୁତ ହେବା ପାଇଁ ୧୧ଗୋଟି ସଂସ୍କାର ରହିଛି । ଚାଉଳକୁ ଅମୁଣିଆଁ କୁହାଯାଏ, ତାହା ରନ୍ଧା ହୋଇ ସାରିବା ପରେ ଅନ୍ନ, ସେହି ଅନ୍ନକୁ ରୋଷଘର ବାହାରକୁ ଅଣାଗଲେ ତାହା ହୁଏ ଛେକ । ସେହି ଛେକକୁ ଭୈରବୀ ଚକ୍ରରେ ରଖାଗଲେ ତାକୁ କୁହାଯାଏ ଭୋଗ । ଏହି ଭେକାକୁ ତିନିଠାକୁରଙ୍କୁ ଅର୍ପଣ କରାଗଲେ ନୈବେଦ୍ୟ ହୁଏ, ସେହି ନୈବେଦ୍ୟ ବଳି ଅର୍ପଣ ହେଲେ ତାହା ହୁଏ ପ୍ରସାଦ, ସେହି ପ୍ରସାଦ ମା' ବିମଳାଙ୍କୁ ଅର୍ପଣ କଲା ପରେ ତାହା ହୋଇଯାଏ ମହାପ୍ରସାଦ । ଏହି ମହାପ୍ରସାଦକୁ ପଞ୍ଚ ପରମେଶ୍ୱରଙ୍କ ନିକଟରେ ଲଗା ଗଲେ ତାହା ହୁଏ କୈବଲ୍ୟ । ସେହି କୈବଲ୍ୟ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ଭକ୍ତମାନଙ୍କୁ ବଣ୍ଟାଗଲେ ତାହା ହୁଏ ଅବଢ଼ା । ଅବଢ଼ାରୁ ହୁଏ ନିର୍ମାଲ୍ୟ ଏବଂ ଏହି ନିର୍ମାଲ୍ୟ ସ୍ୱୟଂ ପରବ୍ରହ୍ମଙ୍କ ସହ ସମାନ । ଏହି ମହାପ୍ରସାଦ, କୈବଲ୍ୟ, ନିର୍ମାଲ୍ୟ ପ୍ରଭୃତିର ବର୍ଣ୍ଣନା ବହୁ ଗ୍ରନ୍ଥମାନଙ୍କରେ ବର୍ଣ୍ଣିତ । ଯେପରି- ମହାପ୍ରସାଦର ମହାତ୍ମ୍ୟ ସଂପର୍କରେ କବିସମ୍ରାଟ ଉପେନ୍ଦ୍ରଭଞ୍ଜ 'କୋଟିବ୍ରହ୍ମାଣ୍ଡ ସୁନ୍ଦରୀ' କାବ୍ୟରେ କହିଛନ୍ତି:"ଶ୍ରୀ ମହାପ୍ରସାଦ ଗଦପଦ ଘଣ୍ଟଘୋଷ / ଭକ୍ଷଣେ ଶ୍ରବଣେ ଯେ କିଲ୍‌ବିଷ ବିଷ ନାଶହେ ।"

ଏହାସହିତ ସ୍ୱତନ୍ତ୍ର ଉତ୍ସବ ଓ ପର୍ବପର୍ବାଣିରେ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ପାଇଁ ନାନାବିଧ ଭୋଗଦ୍ରବ୍ୟ ପ୍ରସ୍ତୁତ ହୋଇଥାଏ । ରଥଯାତ୍ରା କାଳରେ ଶୀତଳଭୋଗ, ଗୁଣ୍ଡିଚା ମନ୍ଦିରରେ ଆଡ଼ପଭୋଗ, ଅଣସରରେ ଅଣସର ଭୋଗ, ସୁନାବେଶ ତଥା ବାହୁଡ଼ା ଏକାଦଶୀ ଦିନ ଅଧରପଣା ଭୋଗ ଲାଗି ହୋଇଥାଏ । ସେହିପରି ଧନୁସଂକ୍ରାନ୍ତି ଠାରୁ ମକର ସଂକ୍ରାନ୍ତି ଯାଏଁ ହେଉଥିବା ଭୋଗ 'ପହିଲି ଭୋଗ' ନାମରେ ଖ୍ୟାତ । ମକର ସଂକ୍ରାନ୍ତିରେ ମଧ୍ୟାହ୍ନଭୋଗ ପରେ ମକର ଚାଉଳ ଓ ଧନୁମୁଆଁ ଭୋଗ, ବାହୁଡ଼ାରେ ପୋଡ଼ପିଠା, କାର୍ତ୍ତିକ ମାସରେ 'ଲିଆଭୋଗ', ରାମନବମୀର ପୂର୍ବରାତ୍ରିରେ 'ଜେଉଡ଼ ଭୋଗ', ଅକ୍ଷୟ ତୃତୀୟା ଠାରୁ ଏକୋଇଶ ଦିନ ଚନ୍ଦନ ମଣ୍ଡପରେ 'ମାଣ୍ଡୁଆ ଭୋଗ' ଏବଂ 'ବିଡ଼ିଆ ମଣୋହି' ବିଭିନ୍ନ ବେଶ ସମୟରେ 'ବେଶଖିରି', ଶ୍ରାବଣ ମାସର ଚିତାଲାଗି ଅମାବାସ୍ୟା ଦିନ 'ଚିତଉ ପିଠା' ଆଦି ଦିବ୍ୟ ବ୍ୟଞ୍ଜନ ଠାକୁରଙ୍କ ପାଖରେ ଅର୍ପଣ କରାଯାଇଥାଏ ।

ଓଡ଼ିଆ ଦିଅଁଙ୍କର ଓଡ଼ିଆ ଖାଦ୍ୟ 'ପଖାଳଭୋଗ' । ଜଗନ୍ନାଥଙ୍କ ପାଖରେ ଭିନ୍ନ ଭିନ୍ନ ପଖାଳ ପରଷା ଯାଏ; ଯଥା- ସୁବାସ ପଖାଳ, ମଲ୍ଲୀପଖାଳ, ଟଭା ପଖାଳ, ମଧ୍ୟାହ୍ନ ଧୂପରେ ସୁବାସ ପଖାଳ, ବଡ଼ସିଂହାର ବେଶରେ ଟଭାପଖାଳ, ସନ୍ଧ୍ୟା ଧୂପରେ ସୁବାସ ପଖାଳ ଓ ବଡ଼ ସିଂହାରରେ ଘିଅ ପଖାଳ ଅର୍ପଣ କରା ଯାଇଥାଏ । ଗୁଣ୍ଡିଚା ଘରେ ଥିବାବେଳେ ସଙ୍ଖୁଡ଼ି ଭୋଗରେ ମଧ୍ୟ ପଖାଳ ଭୋଗ ଅର୍ପଣ କରାଯାଇଥାଏ । ବିଭିନ୍ନ ଗ୍ରନ୍ଥରେ କବି ଓ ଲେଖକମାନେ ଶ୍ରୀଜଗନ୍ନାଥଙ୍କ ଭୋଗ-ପ୍ରସାଦର ବିବରଣୀ ପ୍ରଦାନ କରିଛନ୍ତି । 'ନୀଳାଦ୍ରି ମହୋତ୍ସବ'ରେ ବିଭିନ୍ନ ଭୋଗର ବିସ୍ତୃତ ବର୍ଣ୍ଣନା ରହିଛି । ଯଥା: ଗୋପାଳ ବଲ୍ଲଭ ଭୋଗର ବିବରଣୀରେ କୁହାଯାଇଛି-

"ସୁଖଇରି ଚୂଳ ମନୋହର / ଧାଡ଼ି ଧାଡ଼ି ହୋଇ ଖେଚଡ଼ି ନାଡ଼ି ଲଡୁ ନିକର / ଆରିଷା ସମାନ୍ତେ ଅଯୋଚି କିଆ ଆଦିରେ / ଯେତେ ରୂପେ ସେକି କହିବା ବଚନରେ ।"

ଶୀତଳ ଭୋଗ ସଂପର୍କରେ ଉଲ୍ଲେଖ ଅଛି:

"ଶୁଭ୍ରତର ସର ପାପୁଡ଼ି ସୁଭୋଗ କୋରା / ଅମୃତ ମଣ୍ଡା ଖଣ୍ଡ ଅମୃତ ମଣ୍ଡା ପରା / ବିବିଧ ପ୍ରକାର ସିଂଘଡ଼ା ଖଇ ନିକର / ପୃଥକ ପୃଥକ ହୋଇ ଭଜା ବର ।"

ଗୁଣ୍ଡିଚା ମନ୍ଦିରର ଯଜ୍ଞବେଦୀରେ ହେଉଥିବା ମଣୋହି ଭୋଗର ପରିଚୟ ଦେଇଛନ୍ତି ଲୋକନାଥ ବିଦ୍ୟାଧର:

"ବୋଇଲା ସରପୁଳି ପୁଳୀ ପୁଳୀ ହଂସ କେଳିୟେ
ବୋଇଲା ପୀୟୁଷ ରସଆବଳୀ ଘନସାର କେଳିୟେ
ବୋଇଲା ଧାଡ଼ିକି ଧାଡ଼ି ସୁନାଡ଼ି ଖେଚେଡ଼ି ଡାଳିମ୍ବ
ବୋଇଲା କାନ୍ତିବନ୍ତ କାନ୍ତି ଚଢ଼ଇ ନଦା କଦମ୍ବଏ
ବୋଇଲା ଗୋଟିକା ଟାକୁଆ ସରସମୁଆଁ ଘଉରିଏ
ବୋଇଲା ଗଜାଭଜା ସରକାନ୍ତି କଦମ୍ବ ଦଧି କରି ଏ ।"

ଅପୂର୍ବ ଜଗନ୍ନାଥ, ଅପୂର୍ବ ତାଙ୍କ ଲୀଳାଖେଳା, ଅପୂର୍ବ ତାଙ୍କ ନୀତିକାନ୍ତି । ଖାଦ୍ୟରଙ୍କ ଦିଅଁ ସେ । ଖାଇ ଖୁଆଇବାରେ ତାଙ୍କର ବଡ଼ପଣ । ପ୍ରତିଦିନ ଶ୍ରୀମନ୍ଦିରରେ ତାଙ୍କ ପ୍ରିୟ ଭୋଜନର ପ୍ରସ୍ତୁତି, ଷାଠିଏ ପଉଟି ଛପନ ଭୋଗ ବ୍ୟତୀତ ବାରମାସରେ ବିବିଧ ପର୍ବପର୍ବାଣିରେ ନାନା ନୈବେଦ୍ୟ, ପିଠାପଣା, ଭେଗଦ୍ରବ୍ୟ ଲାଗି ହୋଇଥାଏ । ଏହି ବୈଚିତ୍ର୍ୟମୟ ଦାରୁବ୍ରହ୍ମଙ୍କ 'ଛପନଭୋଗ' ସଂପର୍କରେ ପ୍ରସ୍ତୁତ କରିଥିବା ଆଲେଖଟି ବିଚିତ୍ରା ଦାଶଙ୍କ ଚମତ୍କାର ପରିବେଷଣ । 'ରେବତୀ'ର ଶ୍ରୀ ଜଗନ୍ନାଥ ବିଶେଷାଙ୍କ ପାଠକଙ୍କୁ ଦିବ୍ୟ ଆନନ୍ଦ ଦେବାସହ ବଡ଼ଠାକୁରଙ୍କ ବଡ଼ଖିଆର ବିସ୍ତୃତ ବିବରଣୀ ପାଠକଙ୍କୁ ଆହ୍ଲାଦିତ କରିଛି । ଶଙ୍କରାଚାର୍ଯ୍ୟଙ୍କ ଠାରୁ ଆରମ୍ଭ କରି ଗଙ୍ଗବଂଶୀୟ ରାଜା, ଭୋଇବଂଶ ରାଜାଙ୍କ ଯାଏଁ ଶ୍ରୀମନ୍ଦିରରେ ନୀତିଖଞ୍ଜାରେ ଆଣିଛନ୍ତି ପରିବର୍ତ୍ତନ । ପୂଜାପଦ୍ଧତି ଓ ଭୋଗଧୂପରେ ଅନୁରୂପ ବୈଚିତ୍ର୍ୟ ମଧ୍ୟ ପରିଲକ୍ଷିତ । ମାହାର୍ଦ୍ଧ ଟିକିଏ ପାଇବା ଲାଗି ସକଳ ଭକ୍ତ ଆକୁଳ ଚିତ୍ତରେ ଅପେକ୍ଷା କରିଥାନ୍ତି । ଶ୍ରୀଜଗନ୍ନଥଙ୍କ ନାମ, ଧାମ, ପ୍ରସାଦ ସକଳଙ୍କ କାମ୍ୟ । ପଣ୍ଡାରନ୍ଧା ଭାତଡାଲି ଖାଇ ଜଗତକୁ ଶାନ୍ତି-ମୈତ୍ରୀ-ପ୍ରୀତି କୈବଲ୍ୟ ଦାନ କରିଥାନ୍ତି ଚତୁର୍ଦ୍ଧାମୂର୍ତ୍ତି । ବିଚିତ୍ର ଦିଅଁଙ୍କ ବିଚିତ୍ର ଲୀଳା । ସେଥିପାଇଁ କବି ଯଦୁମଣି ମହାପାତ୍ର ଲେଖିଛନ୍ତି:

"ସଂଗାତ, ଦେଖିଲେ ରହୁଛି ଲାଖି
ଭାଲୁଣି ପରାୟେ କାଳିଆ ମୁହଁକୁ ଚାଲୁଣି ପରାୟେ ଆଖିରେ
ପଣ୍ଡା ରନ୍ଧା ଭାତ ଗଣ୍ଡାକ ସେ ଯେବେ ନୟନେ ଦିଅଇ ଦେଖି
ଭଣ୍ଡାରୀ କୁହନ୍ତି ତାଙ୍କ ଠାରୁ ନେଇ ବ୍ରାହ୍ମଣେ ଦିଅନ୍ତି ଚାଖିରେ ।"




**Jayadurga Homecare Products Pvt. Ltd.**
**Mancheswar, Bhubaneswar**
**Customer Care : 9861049796, 9238349796**

## ଏଥର 'ରେବତୀ'ର ଜଗନ୍ନାଥ ବିଶେଷାଙ୍କ ଏକ ସଂଗ୍ରହଣୀୟ ସଂଖ୍ୟା

● ମଣିମାଙ୍କୁ ନେଇ ଏଥରର 'ରେବତୀ' । ଦୟଣାତୁଳସୀ ବାସି ଯାଉଛି ଯେମିତି ହାତରେ ଧରୁ ଧରୁ । ପ୍ରଚ୍ଛଦର ରାଧାମୟତା । ହସହସ ମହାବାହୁ । ଦେଖୁଥିଲି ସିନା କେତେଦିନରୁ କୃଷ୍ଣ ସାର୍‌ଙ୍କର ମୁଖପୁସ୍ତିକା ପୋଷ୍ଟ୍ ସବୁରେ । ଅପେକ୍ଷା ତ ଥିଲା 'ରେବତୀ'କୁ, ଅଭିମାନ ବି ବୋଲି ହେଇଥିଲି ଜଗାକୁ ନେଇ । ମୁହଁ ଫୁଲେଇଥିଲି ଯେ ତାର ବହି ହେଲା ଆଉ ତା ସେବାରେ ମତେ ଟିକେ କାଜ ନ ମିଳିଲା । ଏତେ ପର କରିଦେଲା ନା ମତେ କାଳିଆ ସୁନା । କିଛି ପାଇଁ ବାଛିଲାନି । ଶବ୍ଦଟେ, ଭାବଟେ, ରଙ୍ଗଟେ ତା' ପାଇଁ ସମର୍ପିତ କରିବାର ମହାର୍ଘ ପଣ ଯାଚିଲାନି ଥରେ ! ଆଜି ଆସି ପହଞ୍ଚିଲା ମୋ ପାଖରେ 'ରେବତୀ' । ପୃଷ୍ଠା ପରେ ପୃଷ୍ଠା ପଢୁ ପଢୁ, ଲୁହ ଲୁହ ଭାବରେ ଭିଜୁ ଭିଜୁ ହସେଇଦେଲା କାଳିଆ । ଅପ୍ରତ୍ୟାଶିତ କରୁଣା ତାର ଢାଳି ଦେଇଥିଲା । ଭଲ ପାଏ ବୋଲି ଫର୍ଦ୍ଦ ସବୁରୁ ହାତ ଲମ୍ବେଇ ଲୁହ ପୋଛି କହି ଦେଉଥିଲା । ସତରେ ତା' ପରି ଅବା ଆଉ କିଏ ହେବ ଏ ବ୍ରହ୍ମାଣ୍ଡେ ! ପ୍ରଣତୀ ଘେନା ହେଉ ମଣିମା । ଏ ଅକିଞ୍ଚନେ ଏତେ କୃପା । ରଥ କଥାରେ ରଥକୁ, ପଥକୁ, ଜଗନ୍ନାଥଙ୍କୁ ନେଇ ଖୁବ୍ ସ୍ୱଷ୍ଟ ନିଖୁଣ ଓ ଆମୂଳଚୂଳ ବିବରଣୀ ଅଙ୍କା ହୋଇଛି । ଛପନଭୋଗ ପ୍ରସଙ୍ଗେ ତ ଆନନ୍ଦ ବଜାର ବୁଲି ଆସିଲି । ଆମଘର, ଦାଣ୍ଡ, ସାହିରେ ପହଞ୍ଚିଗଲି । ସୁଆଦ ସବୁ, ମହକ ସବୁ ଆପେ ମନେ ପଡ଼ି ଯାଉଥିଲେ । ପାଟିଏ ଇଚ୍ଛା ବହି ଆସୁଥିଲେ । ସନ୍ଥଙ୍କ ଶ୍ରୀକ୍ଷେତ୍ର କ୍ଷେତ୍ରମଣି ପୁରୁଷୋତ୍ତମ ଜଗଦୀଶ୍ୱରଙ୍କର ଉଦାରତା, ବିଶ୍ୱକୁ ଆପଣା କରିବାର କଳା, ବସୁଧୈବକ କୁଟମ୍ବକମ୍ ନୀତି, ଭକ୍ତ, ଭକ୍ତି, ପାଇଁ ତାର ଅଦ୍ଭୁତ ଅଦ୍ୱିତୀୟ ଭାବ, ଆପଣାପଣ ମନେ ପକେଇଦିଏ ପିଲାଦିନୁ ଶୁଣି ଆସିଥିବା କେତେ କେତେ ଭକ୍ତ କଥା । ବିଶ୍ୱାସକୁ ଦମ୍ଭ ଦିଅନ୍ତି ଏହି ମହତ ଚରିତମାନେ । ଏଠି ମୋ କୁନି ଦିଇଟିଙ୍କୁ ମୋ କାଳିଆକୁ ଧରିଥିବା ଛବି ଦେଖି ବିହ୍ୱଳ ହେଲି । ଶରଣ ଶ୍ରୀକ୍ଷେତ୍ର, ଦିଲ୍ଲୀ, ବମ୍ବେ, ପଞ୍ଜାବ, ବାରିପଦା ସବୁ ଜାଗାରେ ଆମ ଜଗାର ପତିଆରା, ପଟୁଆର ଦେଖି ଖୁବ୍ ଗର୍ବ ଲାଗିଲା । କଥାରେ ଅଛି, 'ନନ୍ଦିଘୋଷର ଘର୍ଘର ଶବ୍ଦ ଯେବେ ସମଗ୍ର ବ୍ରହ୍ମାଣ୍ଡେ ଶୁଭିବ, ଓହ୍ଲାଇ ଆସିବ ସତ୍ୟଯୁଗ ଭୂମଣ୍ଡଳେ ।' 'ଶରୀର ରଥ, ଆତ୍ମା ରଥି' ଲେଖାଟି ଖୁବ୍ ଶିକ୍ଷଣୀୟ, ଉପାଦେୟ । ଦ୍ୱିତୀୟ ପ୍ରଚ୍ଛଦ ମନମୋହକ । ସରୋଜିନୀ ମ୍ୟାମ୍‌ଙ୍କର ଅନୁଭୂତି ଭିଜେଇଲା । ଖୁସି ହେଲି । ରସଗୋଲା ତ ମୋର ପ୍ରିୟ । ନିଳାଦ୍ରୀମୋହନଙ୍କର ଶ୍ରୀମୟୀଙ୍କ ପ୍ରତି ପ୍ରଗାଢ଼ ଭଲପାଇବା, ସଂସାର ଲୀଳା, ମାନବୀୟ ଲୀଳା, ଦାମ୍ପତ୍ୟର ମିଠାପଣ, ସିରାଭିଜା ମିଠାପଣ ଭାରି ବଢ଼ିଆ ଲାଗିଲା । ପବିତ୍ର ମୋହନ ଦାଶ ଭାଇନାଙ୍କର ଚରିତ ଉପନ୍ୟାସ ସବୁଥର ପରି ଖୁବ୍ ଶିକ୍ଷଣୀୟ, ଜଣାଅଜଣା ଅନେକ ତଥ୍ୟରେ ଭରା । ସୁନ୍ଦର, ସରଳ, ଭାଷାରେ ଲେଖା ଖୁବ୍ ଭଲ ଲାଗେ । ଗଳ୍ପଟି ଭଲ ଥିଲା । କାଳିଆ ବିଶେଷାଙ୍କରେ କାଳିଆକୁ ନେଇ ଗପଟେ ଦେଇଥିଲେ ଆଉ ଟିକେ ଭଲ ଲାଗିଥାନ୍ତି । 'ନୀଳ ନିମନ୍ତ୍ରଣ'ର ସମୀକ୍ଷା, ସଂଲଗ୍ନ ଫଟୋଚିତ୍ର ସବୁ ସହ ବହି ସାରାର ଅଙ୍କା ଛବି ମନଜିଣା । କୃତଜ୍ଞତା କୃଷ୍ଣ ସାର୍। ଏତେ ସୁନ୍ଦର ପରିକଳ୍ପନା ପାଇଁ । ବହୁତ ବହୁତ ସୁନ୍ଦର ପତ୍ରିକାଟି । 'ରେବତୀ'ର ଏହି ସଂସ୍କରଣଟି ସଂଗ୍ରହଯୋଗ୍ୟ ନିଶ୍ଚିତ । ମଣିମାଙ୍କ ପଦ୍ମପାଦ ଚରଣକମଳେ କୋଟି କୋଟି ସାଷ୍ଟାଙ୍ଗ ପ୍ରଣିପାତ ସହ ।

**ଲୋପାମୁଦ୍ରା ପରିଡ଼ା,** ବାଙ୍ଗାଲୋର

## ଉଦୟ ନାରାୟଣ ଦାସଙ୍କ ଗଳ୍ପ 'ଆଶ୍ରା' ବେଶ୍ ହୃଦୟସ୍ପର୍ଶୀ ଓ ବାସ୍ତବଧର୍ମୀ

● ଗତକାଲି 'ରେବତୀ' ଆମ ଘରକୁ ଆସିଥିବ । ମୁଁ କିନ୍ତୁ ଆଜି ତଳକୁ ଯାଇ ଆଣିଲି । ଆଣିଲା ମାତ୍ରେ ପଢୁଛି । କୃଷ୍ଣଙ୍କର ସମ୍ପାଦକୀୟ, ସୁବାସିନୀଙ୍କ ସମ୍ପାଦକୀୟ, ଅଚ୍ୟୁତାନନ୍ଦ ପତିଙ୍କ ଉପରେ ପ୍ରସ୍ତୁତ ଆଲେଖ୍ୟ, ଉଦୟ ଦାସଙ୍କ ଗଳ୍ପ 'ଆଶ୍ରା', ଭଦ୍ରକର ପାଲୁଅ ଲଡୁ ଓ ଆଉ କିଛି ପଢ଼ିଛି । ସବୁ ଗୁଡ଼ିକ ଅନନ୍ୟ, ବାରମ୍ବାର ପଢ଼ିଲା ଭଳି । ଉଦୟଙ୍କ ଗଳ୍ପ ଅତ୍ୟନ୍ତ ହୃଦୟସ୍ପର୍ଶୀ ଓ ବାସ୍ତବଧର୍ମୀ । ଗଳ୍ପର ଉପସଂହାର ଅନେକ କିଛି ଭାବିବା ପାଇଁ ଖୋରାକ ଯୋଗାଇଲା । 'ରେବତୀ' ପାଇଁ ପ୍ରାଣଭରା ସ୍ନେହ, ଶୁଭେଚ୍ଛା । କୃଷ୍ଣଙ୍କୁ ଆଶିଷ, କୀର୍ତ୍ତିର ସ୍ୱାକ୍ଷର ରଖିଯାଅ ସମ୍ପାଦନା କ୍ଷେତ୍ରରେ ।

**ଅରୁଣା ରାୟ,** ଆଜିମାବାଦ, ବାଲେଶ୍ୱର

## 'କଥାରେ କଥାରେ କଳା ଶ୍ରୀମୁଖ' ଆଲୋଚନା ସବୁଠୁ ଭଲ ଲାଗିଲା

● 'ରେବତୀ'କୁ ଏଥର ପଢ଼ିବା ବେଳେ ପାଠକର ତନୁମନ ଭରିଯିବ ଏକ ଦିବ୍ୟ ଚେତନାରେ । 'ରେବତୀ' ଏଥର ପାଲଟି ଯାଇଛି ସତ୍‌ସଂଗ ଅନୁସନ୍ଧିତ୍ସୁ । ସେ ସତ୍‌ସଂଗକୁ ଅନ୍ୱେଷଣ କରୁଛି କେବଳ ଏ ସଂସାରରେ ଓ ପରିବାରରେ ନୁହଁ ବରଂ ସୃଜନଶୀଳତା କ୍ଷେତ୍ରରେ ମଧ୍ୟ । ବିଶେଷ ମତରେ ସ୍ଥାନିତ 'ଓଡ଼ିଆ ଗଳ୍ପ ଜଗତର ଶିଖର ପୁରୁଷ : ଅଚ୍ୟୁତାନନ୍ଦ' ଖୁବ୍ ସୁନ୍ଦର ଓ ନିଖୁଣ ହୋଇପାରିଛି । ଏଥରର 'ରେବତୀ'ର ପ୍ରଚ୍ଛଦ ଯେପରି ଆକର୍ଷଣୀୟ ଠିକ୍ ସେପରି ଭିତର ପୃଷ୍ଠାରେ ରଥ ରହସ୍ୟ, ମହାପ୍ରସାଦର ମହକ, ସନ୍ଥଙ୍କ ଶ୍ରକ୍ଷେତ୍ର, ଶରଣ ଶ୍ରୀକ୍ଷେତ୍ର, ରଥ ଯା ଗଡ଼ି ଥା' ଆଦି ପଢ଼ିବା ବେଳେ ପାଠକଟିର ହୃଦୟ ଭକ୍ତି ଭାବରେ ଛଳଛଳ ହୋଇଯିବ ନିଶ୍ଚୟ ସବୁଠୁ ଏଥର ଭଲ ଲାଗିଲା 'କଥାରେ କଥାରେ କଳା ଶ୍ରୀମୁଖ' ପୃଷ୍ଠାଟି । 'ନୀଳ ନିମନ୍ତ୍ରଣ'ର ଆଲୋଚନା ନୁହଁ ବରଂ ଏକ ପ୍ରଗାଢ଼ ଆକର୍ଷଣ ଯେମିତି ଭରି ରହିଛି ସେ ନୀଳପୃଷ୍ଠାରେ । ଭଲ ବହିର ପୁଂଖାନୁପୁଂଖ ସୁନ୍ଦର ଆଲୋଚନା ହିଁ ଅନେକ ପାଠକ ସୃଷ୍ଟି କରିଥାଏ । ଆଉ କବି ସୁଚେତା ମିଶ୍ର ଅନୁବାଦକ ପ୍ରଦୀପ କୁମାର ରାୟଙ୍କ 'ନୀଳ ନିମନ୍ତ୍ରିଣ' ବହିର ପ୍ରତିଟି ଗପକୁ ଏତେ ସୂକ୍ଷ୍ମାତିସୂକ୍ଷ୍ମ ଭାବେ ପଠନ କରି ଆଲୋଚନା କରିଛନ୍ତି ଏବଂ ଶେଷରେ କବି ଓ ଦାର୍ଶନିକ ଖଲିଲ ଜିବ୍ରାନ୍‌ଙ୍କ ଏକ କଥା କହି ଏ ଆଲୋଚନାର ପରିସମାପ୍ତି ଯେଉଁପରି ଭାବେ ଆଣିଛନ୍ତି ତାହା ପାଠକକୁ ନିଶ୍ଚିତ ରୂପେ ପୁସ୍ତକମନସ୍କ କରିବ । ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କ କବିତା 'ଲକ୍ଷ୍ମୀପୁରାଣ' ଭିତରେ ଯେଉଁ ଅନନ୍ୟ ଭଲପାଇବାର ସ୍ରୋତଟିଏ ଅଛି ତାହାକୁ ପ୍ରତିଟି ଦଂପତି ହୃଦ୍‌ବୋଧ କରିପାରିଲେ ହୁଏତ ଯେଉଁ ଲିଂଗୀୟ ବୈଷମ୍ୟତା ଠୁଁ ଆରମ୍ଭ କରି ପାରିବାରିକ ସମସ୍ୟାର ଝଡ଼ ଉଠୁଛି ତାହା ହୁଏତ ରୋକା ଯାଇପାରନ୍ତା । କବି ବିପିନ୍ ନାୟକଙ୍କ କବିତା 'ଭଂଗାଗଢ଼ା'ର ପ୍ରତିଟି ପଦ ଆତ୍ମସ୍ଥ, ଭାବମଗ୍ନ କରି ତୋଳିବ ଯେକୌଣସି ପାଠକକୁ । 'ଜଗନ୍ନାଥ ଓ ସୁମି ରାଜପୁତ', 'ଘା', 'ନିଜ ପାଇଁ ହିତୋପଦେଶ', 'ଆଉଥରେ ମଣିଷକୁ ଖୋଜା' ...ପରି କବିତାଗୁଡ଼ିକ ମଧ୍ୟ ଖୁବ୍ ହୃଦୟସ୍ପର୍ଶୀ । 'ରେବତୀ'ର ବାସ୍ନା ଏମିତି ପ୍ରତିଥର ହୃଦୟର ନିଭୃତ ଇଲାକାକୁ ମହକାନ୍ୱିତ କରି ତୋଳୁଥାଉ ।

**ସୁବ୍ରତ କୁମାର ସେନାପତି**
**ଖାରବେଳ ଛାତ୍ରାବାସ, ଓୟୁଏଟି, ଭୁବନେଶ୍ୱର**

## ଜୁଲାଇ ସଂଖ୍ୟାରୁ ଶ୍ରୀଜଗନ୍ନାଥଙ୍କ ସଂପର୍କରେ ବହୁ ତଥ୍ୟ ଜାଣି ହେଲା

● ଶ୍ରୀ ଜଗନ୍ନାଥ ପ୍ରସଙ୍ଗ ସମ୍ବଳିତ 'ରେବତୀ'ର ଜୁଲାଇ ୨୦୨୨ ସଂଖ୍ୟାଟି ସଂଗ୍ରହ କରି ପଢ଼ି ସାରିଛି । ଓଡ଼ିଆ ଜାତିର ଆରାଧ୍ୟ ଦେବତା ପ୍ରଭୁ ଜଗନ୍ନାଥଙ୍କ ସମ୍ବନ୍ଧରେ ଅନେକ ଜ୍ଞାତ ଅଜ୍ଞାତ ତଥ୍ୟ ସହ ପରିଚୟ ହେଲା । ତା ସହ କବିତା ଗୁଡ଼ିକ ଏବଂ ଗଳ୍ପଟି ଯେ ଉଚ୍ଚକୋଟୀର ସ୍ୱୀକାର କରିବାରେ ସଙ୍କୋଚ ନାହିଁ । ସମ୍ପାଦକୀୟ ଏବଂ 'ଶେଷପୃଷ୍ଠା'ରେ ସତ୍‌ସଙ୍ଗ ସମ୍ବନ୍ଧୀୟ ଆଲୋଚନା ସାମାଜିକ ମୂଲ୍ୟବୋଧ ଏବଂ ମାର୍ଜିତ ବ୍ୟକ୍ତିଗତ ଆଚରଣ ନିମନ୍ତେ ବିଶେଷ ଉପଯୋଗୀ । ପୁଷ୍ପିତ ପଲ୍ଲବିତ ହୋଇ 'ରେବତୀ' ମାସ ପରେ ମାସ ପ୍ରକାଶିତ ହୋଇଥାଉ, ସାରସ୍ୱତ ଜଗତକୁ ସମୃଦ୍ଧ କରୁଥାଉ ଏହା ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

**ପ୍ରଦ୍ୟୁମ୍ନ ପଟ୍ଟନାୟକ,**
**୧୦୧-ପ୍ରକାଶଦୀପ ଟାୱାର, ଜୟଦୁର୍ଗାନଗର, ଭୁବନେଶ୍ୱର-୦୬**

## ମାସିକିଆ ସଉଦାରେ ସାମିଲ୍ ହେଉ ରେବତୀ

● 'ରେବତୀ' ପଢ଼ିଲେ ଏକାଠି ଅନେକ ଗୁଡ଼ିଏ ତଥ୍ୟ ମିଳି ପାରିବ, ତେଣୁ ସମସ୍ତେ ଏହାକୁ ପଢ଼ନ୍ତୁ । ମୁଁ ତ କହିବି ମାସିକିଆ ସଉଦାରେ ଏଭଳି କିଛି ପତ୍ରିକାକୁ ସାମିଲ୍ କଲେ ବହୁତ ଜଣଙ୍କ ପଢ଼ିବା ଅଭ୍ୟାସ ସହ ଜ୍ଞାନ ମଧ୍ୟ ବଢ଼ନ୍ତା ।

**ଶ୍ରୁତିକୀର୍ତ୍ତି ତ୍ରିପାଠୀ,** ଭୁବନେଶ୍ୱର

# ସାଂସାରିକ ସ୍ୱାଧୀନତା

ସଂସାରରେ ବସବାସ କରୁଥିବା ଆମେ ସମସ୍ତେ ଭାବୁ ଯେ, ଆମର ଦୁଃଖ ଅନେକ । କିନ୍ତୁ ଜଗତରେ ଆମେ ଯେତେ ଦୁଃଖ ଦେଖୁ, ତା'ର କାରଣ ହେଲା ମନୁଷ୍ୟ ଭ୍ରମ ହେତୁ ମନେକରେ ଯେ ସୁଖ ହିଁ ତା'ର ଜୀବନର ଚରମ ଲକ୍ଷ୍ୟ । କିନ୍ତୁ ମନେରଖିବା ଉଚିତ୍ ଆମର ସୁଖ ଲୋଡ଼ିବା ରାସ୍ତା ହିଁ ଆମକୁ ଦୁଃଖର ନିକଟତର କରାଇଥାଏ । ପ୍ରକୃତରେ ଦେଖିବାକୁ ଗଲେ, ଆମେ ସୁଖ ଆଡ଼କୁ ଅଗ୍ରସର ହେଇ ନଥାଉ, ବରଂ ଆମେ ଜ୍ଞାନ ଦିଗକୁ କ୍ରମାଗତ ଅଗ୍ରସର ହେଉଥାଉ । ସୁତରାଂ ଦୁଃଖ ଓ ସୁଖ ଉଭୟ ହିଁ ଆମର ମହାନ ଶିକ୍ଷକ । ଆମେ  ଶୁଭରୁ ଯେମିତି ଶିକ୍ଷା ଲାଭ କରୁ । ଅଶୁଭ ମଧ୍ୟ ଆମକୁ ସେମିତି ସମାନ ଶିକ୍ଷା ଦିଏ । ସୁଖ-ଦୁଃଖ ଆମ ଭିତରେ ନାନା ପ୍ରକାର ଛାପ ଛାଡ଼ିଥାଏ । ଆଉ ଏଇ ଛାପଗୁଡ଼ିକର ସମାହାରରେ ଗଢ଼ା ହୋଇଥାଏ ଆମର ସଂସ୍କାର ବା ଚରିତ୍ର । ଭଲ ଭାବେ ବିଚାର କରି ଦେଖିଲେ ଆମେ ବୁଝିପାରିବା ଯେ ସୁଖ ଓ ଦୁଃଖ ହିଁ ମଣିଷର ଚାରିତ୍ରିକ ଗଠନର ଉପାଦାନ ଅଟେ । ଚରିତ୍ର ଆଉ କ'ଣ କି ? ମନର ପ୍ରବଣତା ସମୂହର ସମଷ୍ଟି ମାତ୍ର । ଚରିତ୍ରକୁ ଏକ ବିଶେଷ ଛାଞ୍ଚରେ ପକାଇବା କ୍ଷେତ୍ରରେ ଭଲ-ମନ୍ଦ ଉଭୟରେ ସମାନ ଅବଦାନ ରହିଛି । ସ୍ଥଳ ବିଶେଷରେ ସୁଖ ଅପେକ୍ଷା, ଦୁଃଖ ହିଁ ଅଧିକତର ଶିକ୍ଷା ଦେଇଥାଏ । ଐଶ୍ୱର୍ଯ୍ୟ ଅପେକ୍ଷା ଦାରିଦ୍ର୍ୟ ହିଁ ଅଧିକ ଶିକ୍ଷା ଦେଇଥାଏ । ମହାପୁରୁଷମାନଙ୍କ ଚରିତ୍ର ବିଶ୍ଳେଷଣ କଲେ ଏ କଥାର ପ୍ରମାଣ ସ୍ୱତଃ ମିଳିଯାଏ ।

ସଂସାରରେ ରହି ସାଂସାରିକ ଧର୍ମପାଳନ କରିବା ଜଣେ ସଂସାରୀ ବ୍ୟକ୍ତିର ପରମ କର୍ତ୍ତବ୍ୟ । ସଂସାର ହିଁ ଆମକୁ ଜୀବନର ମହାର୍ଘ ମାର୍ଗ ଆଡ଼କୁ ଘେନି ଯାଇଥାଏ । ସଂସାରରୁ ଯେଉଁ ଆଚାର ସଂହିତା ଆଉ ସଂସ୍କାରର ପ୍ରାପ୍ତି ହୋଇଥାଏ, ତାହା ଜଣେ ସଂସାରୀ ମଣିଷକୁ ମଣିଷୋତ୍ତର ସ୍ତରକୁ ଘେନିଯାଏ । ସଂସାରୀ ବ୍ୟକ୍ତି ବା ଗୃହୀ ବ୍ୟକ୍ତି ସଂସାର ସହ ସଂଶ୍ଳିଷ୍ଟ ଭ୍ରାତା-ଭଗିନୀ, ପିତାମାତା, ଭ୍ରାତୁଷ୍ପୁତ୍ର, ଭାଗିନେୟ, ଜ୍ଞାତି, ବନ୍ଧୁ ଓ ଭୃତ୍ୟମାନଙ୍କୁ ପ୍ରତିପାଳନ କରିବା ସହିତ ସେମାନଙ୍କର ସନ୍ତୋଷ ବିଧାନ ଓ ସେମାନଙ୍କୁ ସ୍ୱାଧୀନ ଭାବେ ବଞ୍ଚିବାକୁ ଏକ ସୁନ୍ଦର ପରିବେଶ ଦେବା ବିଧେୟ । ପରିବାର ଭିତରେ ବା ସଂସାର ଭିତରେ ରହି ସମସ୍ତେ ଯେପରି ଏକ ସ୍ୱାଧୀନମନା ହୋଇ ସୁରୁଖୁରୁରେ ବଞ୍ଚିବେ, ସେପରି ବ୍ୟବସ୍ଥା କରିବା ପ୍ରତ୍ୟେକ ସଂସାରୀ ବ୍ୟକ୍ତିର ପ୍ରଥମ କର୍ତ୍ତବ୍ୟ, କାରଣ କାହାର ସ୍ୱାଧୀନତାକୁ ଅପହରଣ କରିବା ଅର୍ଥ ତାକୁ ଦୁଃଖ ପହଞ୍ଚାଇବା । ସୁତରାଂ ଜଣେ ସଂସାରୀ ବ୍ୟକ୍ତି ତା'ର ସଂସାରକୁ ପରିଚାଳିତ କଲା ବେଳେ ପ୍ରତ୍ୟେକଟି ବ୍ୟକ୍ତିର ଛୋଟରୁ ଛୋଟ କଥାକୁ ବୁଝିବା ଉଚିତ ।

ଆଜି ଆମ ସଂସାରରେ ପ୍ରଚୁର ସ୍ୱାଧୀନତା ଉପଲବ୍ଧ । ମାତ୍ରାଧିକ ସ୍ୱାଧୀନତା ମଧ୍ୟ ଅନେକ କ୍ଷେତ୍ରରେ ଆମର ପିଲାମାନଙ୍କ ଚରିତ୍ରକୁ ଖରାପ ଦିଗକୁ ନେଇ ଯାଇଥାଏ । ଏଥିପ୍ରତି ମଧ୍ୟ ଧ୍ୟାନ ରଖିବା ଦରକାର । ତେଣୁ ପ୍ରତିଟି କ୍ଷେତ୍ରରେ ସ୍ୱାଧୀନ ମନୋଭାବ ପ୍ରତିପୋଷଣ କରିବା ସହିତ ଅପରକୁ ସେଇ ସ୍ୱାଧୀନତାର ଚାବିକାଠି ଧରାଇବା ବେଳେ ଭାରସାମ୍ୟ ରକ୍ଷା କରିବା ମଧ୍ୟ ଉଚିତ । ଆଜିର ସମୟରେ ପୁଅଟିଏ ହେଉ ବି ଝିଅଟିଏ, ସମସ୍ତେ ନିଜ ନିଜ ସ୍ୱାଧୀନତାରେ ବଞ୍ଚୁଛନ୍ତି । ସାଂସାରିକ ବନ୍ଧନ ଭିତରେ ଥାଇ ମଧ୍ୟ ଏକ ଅପୂର୍ବ ସ୍ୱାଧୀନ-ମନସ୍କତା ହିଁ ସେମାନଙ୍କୁ ଚରମ ଆନନ୍ଦ ଦେଇପାରୁଛି । ଅଭିବ୍ୟକ୍ତିର ସ୍ୱାଧୀନତା ଠୁ ଆରମ୍ଭ କରି କେମିତି ଚଳିବେ, କଣ ଖାଇବେ, କ'ଣ ପିନ୍ଧିବେ, କେଉଁ ପ୍ରକାର ଜୀବନଚର୍ଯ୍ୟା ଆପଣେଇବେ- ଏ ସବୁର ସ୍ୱାଧୀନତା ସେମାନଙ୍କ ହାତରେ ଆମେ ଦେଇ ସାରିଛୁ । ଆଜିର ସମୟ ଆଉ ସେଦିନର ସମୟ ହୋଇ ନାହିଁ । ସ୍ୱାଧୀନଚେତା ହେବାର ସ୍ୱପ୍ନ ଆମ ସଂସାର ଭିତରେ ପଶି ଧ୍ୱଜା ଉଡ଼େଇ ସାରିଲାଣି ଫର୍‌ଫର୍ ହୋଇ । ଆମ ଝିଅ କେଉଁ ପ୍ରକାର ପୋଷାକ ପିନ୍ଧିବ- ତା'କୁ ଦିଆ ହୋଇଛି ସେ ଚୟନ-ସ୍ୱାଧୀନତା । କେଉଁ ପ୍ରକାର ଜୀବନଶୈଳୀର ସେ ବଞ୍ଚିବ- ସେକଥା ମଧ୍ୟ ସେ ହିଁ ସ୍ଥିର କରିବ । ଏପରି ସ୍ୱାଧୀନତା ମଧ୍ୟ ତା' ହାତରେ । ଏପରିକି ପାଠପଢ଼ିବା, କ୍ୟାରିୟର୍ ଗଢ଼ିବା, ଜୀବନସାଥୀ ଚୟନ କରିବା ଭଳି ନାନା ପ୍ରକାର ସାଂସାରିକ ଦାୟଦାୟିତ୍ୱର ସ୍ୱାଧୀନତା ମଧ୍ୟ ସେମାନଙ୍କ ହାତରେ ଅଛି ଏବେ । କେବଳ ପିଲାମାନଙ୍କ କଥା ନୁହେଁ, ବଡ଼ମାନେ ମଧ୍ୟ ନିଜ ଇଚ୍ଛା ଅନୁସାରେ ଚଳୁଛନ୍ତି, ପତ୍ନୀର ସ୍ୱାଧିନତାରେ ସ୍ୱାମୀର ହସ୍ତକ୍ଷେପ ନାହିଁ ତ ସ୍ୱାମୀର ସ୍ୱାଧୀନତାକୁ ନେଇ ପତ୍ନୀ ମନରେ ନାହିଁ ପ୍ରଶ୍ନବାଚୀ । ଏ ପ୍ରକାର ଏକ ମୁକ୍ତ ବାତାୟନ ଭିତରେ ସାଂସାରିକ ଦାୟିତ୍ୱବୋଧ କଥାଟି ସୁରୁଖୁରୁରେ ସମୟ ସହ ତାଳ ଦେଇ ଚାଲିଛି ।

ମୁକ୍ତିର ଆନନ୍ଦ ସବୁବେଳେ ଅନନୁଭବ୍ୟ । ଏହା ଯିଏ ପାଇଛି ସେ ବୁଝିଛି । ମୁକ୍ତିର ଏ ମହାନନ୍ଦ ପରିବାରରୁ ବିଚ୍ଛୁରିତ ହେଉ ଜଗତଜନଙ୍କୁ । ସଂସାରର କୋଳାହଳ ଭିତରେ ଗୁଞ୍ଜରି ଉଠୁ ମୁକ୍ତିର ଏ ମହାମନ୍ତ୍ର । ପ୍ରତିଟି ପ୍ରାଣରେ ସଂଚାରିତ ହେଉ ସ୍ୱାଧୀନତାର ସ୍ପନ୍ଦନ । ସଂସାର ହୋଇ ଉଠୁ ଦେଶଟିଏ । ଆଉ ଏତିକି ବେଳେ ସଂସାରର ପ୍ରତ୍ୟେକଟି ମଣିଷକୁ ପରାଧୀନତାର ଗଣ୍ଡିରୁ ମୁକ୍ତ କରି ତାକୁ ହଳେ ସ୍ୱାଧୀନତାର ଡେଣା ଦେଇ ଆସନ୍ତୁ କହିବା: ଯା' ଉଡ଼ିଯା, ଆକାଶ ତୋର, ଦେଶ ତୋର, ଡେଣା ତୋର, ଉଡ୍ ।

ପବିତ୍ର ସ୍ୱାଧୀନତା ଦିବସ, ରକ୍ଷାବନ୍ଧନ, ଶ୍ରୀଗଣେଶ ପୂଜା ଅବସରରେ ଆପଣମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ପୂର୍ବପରି ସହଯୋଗ ଓ ସମର୍ଥନ ଆଶା କରୁଛି ।



ସମ୍ପାଦିକା



# ସ୍ୱାଧୀନତାର ସୂର୍ଯ୍ୟଶିଖା

# ଅମର ଶହୀଦ ମାଷ୍ଟର ଦା' ସୂର୍ଯ୍ୟ ସେନ୍

**ଅଭୟ ଦ୍ୱିବେଦୀ**
ଭଦ୍ରାଣୀ, ସାଳନ୍ଦୀ ନଗର
ଭଦ୍ରକ-୭୫୬୧୦୦
ଫୋନ: ୯୪୩୭୧ ୯୧୩୫୦

ଫଟୋ ସୌଜନ୍ୟ : ଲେଖକ

**ଉଦାତ୍ତ ଆଦର୍ଶ, ଅସାଧାରଣ ସାଂଗଠନିକ ଶୈଳୀ, ପ୍ରଚଣ୍ଡ ବାଗ୍ମିତା ଏବଂ ସର୍ବୋପରି ସାଧାରଣ ଜନତାଙ୍କ ସହିତ ଯୋଡି ହେବାର ଅପୂର୍ବ ଦକ୍ଷତା ପାଇଁ ସୂର୍ଯ୍ୟ ସେନ ଲୋକପ୍ରିୟତାର ଶୀର୍ଷରେ ଉପନୀତ ହୋଇଥିଲେ । କିଛି ବର୍ଷ ମଧ୍ୟରେ ସେ ସମସ୍ତଙ୍କର 'ମାଷ୍ଟର ଦା'ରେ ପରିଣତ ହୋଇ ପାରିଥିଲେ । ୧୯୩୦ ମସିହା ଏପ୍ରିଲ ୧୮ ତାରିଖଦିନ ମାଷ୍ଟର୍ ଦା ସୂର୍ଯ୍ୟ ସେନ୍ ଏବଂ ତାଙ୍କର ୬୫ ଜଣ ସହଯୋଗୀ ଚିଟ୍ଟାଗଞ୍ଜ ଶସ୍ତ୍ରଶାଳା ଆକ୍ରମଣ ପୂର୍ବକ ଅକ୍ତିଆର କରି ସାରା ଚିଟ୍ଟାଗଞ୍ଜ ସହରକୁ ସ୍ୱାଧୀନ ଘୋଷଣା କରିଥିଲେ । ଧୋବ ଫରଫର ଧୋତି ଓ ପଞ୍ଜାବୀରେ ମାଷ୍ଟରଦା ସେହି ଶସ୍ତ୍ରଶାଳା ଉପରେ ତ୍ରିରଙ୍ଗା ଉଡାଇ ସ୍ୱାଧୀନ ରାଷ୍ଟ୍ରର ଶାସନମୁଖ୍ୟ ଭାବେ ଅଭିବାଦନ ଗ୍ରହଣ କରିଥିଲେ ।**

"ଆଜି ମୋର ଅନ୍ତିମ ମୁହୂର୍ତ୍ତରେ ମୁଁ ତୁମମାନଙ୍କ ପାଇଁ ଆଦର୍ଶ ଓ ଏକତାର ବାର୍ତ୍ତା ପ୍ରଦାନ କରୁଛି । ମୋ ମୁଣ୍ଡ ଉପରେ ଫାଶୀର ଦଉଡି ଝୁଲୁଛି । ମୃତ୍ୟୁ ମୋତେ ଦ୍ୱାର ପାଖରେ ଆହ୍ୱାନ କରୁଛି । ତଥାପି ମୋ ମନ ଅନନ୍ତ ଅଭିସାରରେ ଲିପ୍ତ ରହିଛି । ଆଜି ପ୍ରତିଜ୍ଞା ପୂରଣର ସମୟ ଆସିଛି । ତୁମମାନଙ୍କ ସହିତ ମୋ ସୁନେଲି ସଂପର୍କର ସ୍ମୃତି ଚାରଣର ସମୟ ଆସିଛି । ସେହି ସୁନ୍ଦର ସ୍ମୃତି ମୋର ନିଃସଙ୍ଗତାକୁ ଭେଦ କରି ମୋ ଜୀବନରେ ନୂତନତ୍ୱ ଭରି ଦେବା ସହ ଆଗକୁ ବଢ଼ିବା ପାଇଁ ପ୍ରେରଣା ଦେଉଛି ।

ଆଜି ଏହି ମନୋରମ ମୁହୂର୍ତ୍ତରେ ଗୋଟିଏ ପ୍ରଶ୍ନ ମୋତେ ଆନ୍ଦୋଳିତ କରୁଛି - ମୁଁ ତୁମ ପାଇଁ କ'ଣ ଛାଡି ଯାଉଛି ? ସ୍ୱାଧୀନ ଭାରତର ସେହି ସୁନେଲି ସ୍ୱପ୍ନ ବ୍ୟତୀତ ମୋ ପାଖରେ ଆଉ କିଛି ନାହିଁ । ମୋ ଜୀବନର କେଉଁ ଏକ ପବିତ୍ର ମୁହୂର୍ତ୍ତରେ ଏହି ସ୍ୱପ୍ନ ମୋତେ ବଞ୍ଚିବାର ପ୍ରେରଣା ଦେଇଥିଲା । ମୋର ସମଗ୍ର ଜୀବନ ସେହି ସ୍ୱପ୍ନକୁ ନେଇ କେନ୍ଦ୍ରୀଭୂତ ଥିଲା । ମୁଁ ଜାଣିନି, ସେହି ସ୍ୱପ୍ନ ପଥରେ ମୁଁ କେତେ ଅଗ୍ରସର ହୋଇଛି । ଯଦି ସେହି ସ୍ୱପ୍ନ ପୂରଣ ହେବା ପୂର୍ବରୁ ମୃତ୍ୟୁ ତୁମକୁ ଗ୍ରାସ କରେ, ତେବେ ତୁମେ ମଧ୍ୟ ପରବର୍ତ୍ତୀ ପିଢ଼ିକୁ ସେହି ସୁନେଲୀ ସ୍ୱପ୍ନ ଅର୍ପଣ କରିଦେବ । ତୁମେ କେବେହେଲେ ପରାସ୍ତ ସ୍ୱୀକାର କରି ଅଧା ରାସ୍ତାରେ ସେହି ସ୍ୱପ୍ନକୁ ଫିଙ୍ଗି ଦେବ ନାହିଁ । ସଫଳତା ନିଶ୍ଚୟ ତୁମ ପଦ ଚୁମ୍ବନ କରିବ । ୧୯୩୦ ମସିହା ଏପ୍ରିଲ ୧୮ ତାରିଖର ଚିଟ୍ଟାଗଞ୍ଜ ସଫଳତା କେବେ ଭୁଲିଯିବ ନାହିଁ । ଯେଉଁ ସଂଗ୍ରାମୀମାନେ ଏହି ଦିନ ସ୍ୱାଧୀନତା ମହାଯଜ୍ଞରେ ଜୀବନ ଆହୂତି ଦେଇ ଶହୀଦ ହୋଇଥିଲେ ତୁମ ହୃଦୟର ଅପହଞ୍ଚ ଗିରିଶୃଙ୍ଗରେ ସେମାନଙ୍କ ନାମ ରକ୍ତବର୍ଣ୍ଣରେ ଲିପିବଦ୍ଧ କରି ରଖିଥିବ ।"

୧୯୩୪ ମସିହା ଜାନୁୟାରୀ ୧୨ ତାରିଖରେ ଫାଶୀ ପାଇବା ପୂର୍ବଦିନ ଏ ଥିଲା ମାଷ୍ଟର୍ ଦା ସୂର୍ଯ୍ୟ ସେନ୍‌ଙ୍କର ସଂଗ୍ରାମୀ ବନ୍ଧୁମାନଙ୍କ ପାଇଁ ପତ୍ର ମାଧ୍ୟମରେ ଅନ୍ତିମ ବାର୍ତ୍ତା । ଏହି ପତ୍ରରେ ସେ ୧୯୩୦ ମସିହା ଏପ୍ରିଲ ୧୮ ତାରିଖ ସ୍ମରଣୀୟ ଦିବସ ଭାବେ ଉଲ୍ଲେଖ କରିଛନ୍ତି - କାରଣ ସେହି ଦିନ ମାଷ୍ଟରଦା ସୂର୍ଯ୍ୟ ସେନ୍ ଏବଂ ତାଙ୍କର ୬୫ ଜଣ ସହଯୋଗୀ ଚିଟ୍ଟାଗଞ୍ଜ ଶସ୍ତ୍ରଶାଳା ଆକ୍ରମଣ ପୂର୍ବକ ଅକ୍ତିଆର କରି ସାରା ଚିଟ୍ଟାଗଞ୍ଜ ସହରକୁ ସ୍ୱାଧୀନ ଘୋଷଣା କରିଥିଲେ । ଧୋବ ଫରଫର ଧୋତି ଓ ପଞ୍ଜାବୀରେ ମାଷ୍ଟରଦା ସେହି ଶସ୍ତ୍ରଶାଳା ଉପରେ ତ୍ରିରଙ୍ଗା ଉଡାଇ ସ୍ୱାଧୀନ ରାଷ୍ଟ୍ରର ଶାସନମୁଖ୍ୟ ଭାବେ ଅଭିବାଦନ ଗ୍ରହଣ କରିଥିଲେ । ମାତ୍ର କେଇ ଘଣ୍ଟା ପାଇଁ ହୋଇଥିଲେ ମଧ୍ୟ ସ୍ୱାଧୀନ ଭାରତର ସନ୍ତାନ ଭାବେ ସମସ୍ତେ ଗର୍ବ ଅନୁଭବ କରିଥିଲେ ।

ଶହୀଦ ସୂର୍ଯ୍ୟ ସେନ ୧୮୯୪ ମସିହା ମାର୍ଚ୍ଚ ୨୨ ତାରିଖରେ ଅଧୁନା ବାଂଲାଦେଶ ଅନ୍ତର୍ଗତ ଚିଟ୍ଟାଗଞ୍ଜସ୍ଥ ରାଓଜାନ୍ ଉପଜଲ୍ଲା ନୂଆପଡାରେ ଜନ୍ମଗ୍ରହଣ କରିଥିଲେ । ବାପାଙ୍କ ନାମ ରମଣୀରଞ୍ଜନ ଏବଂ ମାତା ଶଶିବାଳା । ବାପା ଥିଲେ ବୃତ୍ତିରେ ଶିକ୍ଷକ । ବାଲ୍ୟକାଳରୁ ବାପା, ମା ଉଭୟ ମୃତ୍ୟୁବରଣ କରିବା ପରେ କକା ଗୌରୀମଣି ଲାଳନପାଳନ ଦାୟିତ୍ୱ ନେଇଥିଲେ । ସୂର୍ଯ୍ୟ ସେନ୍ ଦୟାମୟୀ ପ୍ରାଇମେରୀ ବିଦ୍ୟାଳୟରୁ ଶିକ୍ଷା ସମାପ୍ତ ପରେ ନୂଆପଡା ଇଂରାଜୀ ହାଇସ୍କୁଲ୍‌ରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଏବଂ ନାସ୍‌ନାଲ୍ ହାଇସ୍କୁଲ୍‌ରୁ ୧୯୧୨ରେ ମାଟ୍ରିକ୍ ପାସ୍ କରି ଚିଟ୍ଟାଗଞ୍ଜ କଲେଜ୍ ଓ ପରେ ବରହମ୍‌ପୁର୍ କଲେଜ୍‌ରୁ ବି.ଏ. ପାଶ୍ କରିଥିଲେ । ବରହମ୍‌ପୁର୍ କଲେଜ୍‌ରେ ଅଧ୍ୟୟନ କରୁଥିବା ସମୟରେ କିଛି ଅଧ୍ୟାପକଙ୍କ ପ୍ରେରଣାରେ ଦେଶର ସ୍ୱାଧୀନତା ନିମନ୍ତେ ସଂଗ୍ରାମୀ ଅନୁଷ୍ଠାନ ସହିତ ସଂପୃକ୍ତ ହୋଇଗଲେ । ସେହି ସମୟରେ କଲେଜ୍ ହଷ୍ଟେଲ୍ ଚଢ଼ଉ କରି କିଛି ଛାତ୍ରଙ୍କୁ ପୋଲିସ ଜେରା କରିଥିଲା । ସେମାନେ ଥିଲେ ମୁକ୍ତି ସଂଗ୍ରାମର ସେନାନୀ । ଏହି ଘଟଣା, ସୂର୍ଯ୍ୟ ସେନ୍‌ଙ୍କୁ ଗଭୀର ଅନୁପ୍ରାଣୀତ କରିଥିଲା ଏବଂ ସେହି ସମୟରୁ ସେ ଦେଶମାତୃକା ନିମନ୍ତେ ନିଜ ଜୀବନ ସମର୍ପଣ କରିବା ପାଇଁ ସଂକଳ୍ପ ନେଇଥିଲେ ।

୧୯୧୮ ମସିହାରେ ସୂର୍ଯ୍ୟ ସେନ ଚିଟ୍ଟାଗଞ୍ଜ ପ୍ରତ୍ୟାବର୍ତ୍ତନ କରି ନାସ୍‌ନାଲ୍ ସ୍କୁଲ୍ ନନ୍ଦନକାନନରେ ଗଣିତ ଶିକ୍ଷକ ଭାବେ ଯୋଗ ଦେଇ ବିପ୍ଳବୀ ଅନୁଷ୍ଠାନ 'ଅନୁଶୀଳନ ସମିତି' ଏବଂ 'ଯୁଗାନ୍ତର'ର ଶାଖା ଚିଟ୍ଟାଗଞ୍ଜରେ ପ୍ରତିଷ୍ଠା କଲେ । ସେ ଚାହିଁଥିଲେ କୌଣସି ସରକାରୀ ସଂସ୍ଥାରେ ଚାକିରିରେ ଯୋଗ ଦେଇ ପାରିଥାନ୍ତେ । କିନ୍ତୁ ବ୍ରିଟିଶ୍ ସରକାରଙ୍କ ବିରୋଧରେ ଜଣେ ସଂଗ୍ରାମୀ ଭାବେ ସେ ସେଥିରୁ ନିବୃତ୍ତ ରହିଥିଲେ । ଉଦାତ୍ତ ଆଦର୍ଶ, ଅସାଧାରଣ ସାଂଗଠନିକ ଶୈଳୀ, ପ୍ରଚଣ୍ଡ ବାଗ୍ମିତା ଏବଂ ସର୍ବୋପରି ସାଧାରଣ ଜନତାଙ୍କ ସହିତ ଯୋଡି ହେବାର ଅପୂର୍ବ ଦକ୍ଷତା ପାଇଁ ସେ ଲୋକପ୍ରିୟତାର ଶୀର୍ଷରେ ଉପନୀତ ହୋଇଥିଲେ । କିଛି ବର୍ଷ ମଧ୍ୟରେ ସେ ସମସ୍ତଙ୍କର 'ମାଷ୍ଟର ଦା' ରେ ପରିଣତ ହୋଇଗଲେ ।

ମାଷ୍ଟର୍ ଦା' ବିବାହ ନିମନ୍ତେ ଆଦୌ ସମ୍ମତ ନ ଥିଲେ ମଧ୍ୟ, ପରିବାର ଚାପରେ ୧୯୧୯



▶ ଲେଖକ ଅଭୟ ଦ୍ୱିବେଦୀ

ମସିହାରେ ବିବାହ କରିଥିଲେ । ତାଙ୍କ ପତ୍ନୀଙ୍କ ନାମ ପୁଷ୍ପ କୁନ୍ତଳା ଦତ୍ତ ।

ସେ ସମୟରେ ଜାତୀୟ କଂଗ୍ରେସ ଥିଲା ଦେଶର ଏକମାତ୍ର ଜାତୀୟ ଅନୁଷ୍ଠାନ । ତେଣୁ ସ୍ୱାଭାବିକ ପ୍ରକ୍ରିୟାରେ ସେ ଜାତୀୟ କଂଗ୍ରେସ ସହ ଯୋଡି ହୋଇଗଲେ ଏବଂ ୧୯୧୮ ମସିହାରେ ଜାତୀୟ କଂଗ୍ରେସ, ଚିଟାଗଞ୍ଜ ଶାଖାର ସଭାପତି ହେଲେ । ତାଙ୍କ ନେତୃତ୍ୱରେ ଚିଟାଗଞ୍ଜରେ 'ଅସହଯୋଗ ଆନ୍ଦୋଳନ' ଚରମ ସଫଳତା ପାଇଥିଲା । ଚିଟାଗଞ୍ଜର ସମସ୍ତ ସରକାରୀ ଅନୁଷ୍ଠାନ, ସ୍କୁଲ, କଲେଜ, କଚେରୀ ବନ୍ଦ ହୋଇଗଲା । ଚିଟାଗଞ୍ଜ ବନ୍ଦର ସେତେବେଳେ ବାଣିଜ୍ୟ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିଲା । ୧୯୨୦ ମସିହାରେ ପ୍ରତିଷ୍ଠିତ ବୁଲକ ବ୍ରଦର୍ସ କଂପାନୀ, ବର୍ମା ଅଏଲ କଂପାନୀର ଅଧିକୃତ ବିକ୍ରେତା ଥିଲେ । ସୂର୍ଯ୍ୟ ସେନଙ୍କ ନେତୃତ୍ୱରେ ବନ୍ଦର କର୍ମଚାରୀଙ୍କ ଅସହଯୋଗ ଆନ୍ଦୋଳନ ଫଳରେ ଏହି କଂପାନୀ ସାମୟିକ ଭାବେ ଅଚଳ ହୋଇଗଲା । ସୂର୍ଯ୍ୟ ସେନଙ୍କ ନେତୃତ୍ୱରେ ଆସାମ-ବେଙ୍ଗଲ ରେଳ ବିଭାଗରେ ମଧ୍ୟ ଆନ୍ଦୋଳନ ଲାଗି ରହିଲା ।

କିନ୍ତୁ ସମୟ କ୍ରମେ କଂଗ୍ରେସ ନେତୃତ୍ୱ ଓ ସୂର୍ଯ୍ୟ ସେନଙ୍କ ମଧ୍ୟରେ ମତଭେଦ ଆରମ୍ଭ ହେଲା । ବିଶେଷ କରି ଚୌରିଚୌରା ପ୍ରସଙ୍ଗକୁ ନେଇ ଏହି ମତଭେଦ ତୀବ୍ର ରୂପ ଧାରଣ କଲା ଏବଂ ସୂର୍ଯ୍ୟ ସେନ କଂଗ୍ରେସ ସହିତ ସଂପର୍କ ଛିନ୍ନ କରିବାକୁ ବାଧ୍ୟ ହେଲେ । ତାଙ୍କର ମତ ଥିଲା, ଯେଉଁ ସମୟରେ ଅସହଯୋଗ ଆନ୍ଦୋଳନ ସାରା ଦେଶରେ ଉନ୍ମାଦନା ଖେଳାଇବାକୁ ସମର୍ଥ ହୋଇଛି ସେହି ସମୟରେ କୌଣସି ଏକ ବାହାନାରେ ଆନ୍ଦୋଳନ ପ୍ରତ୍ୟାହାର କରି ନେବା ଫଳରେ ଜନତାଙ୍କର ମନୋବଳ ଭାଙ୍ଗିଯିବ । ବାସ୍ତବରେ ତାହା ହିଁ ହେଲା । ତେଣୁ ସେ ନିଜସ୍ୱ ଏକ ଶୃଙ୍ଖଳିତ ଏବଂ ସମର୍ପିତ ଯୁବଗୋଷ୍ଠୀ ପ୍ରସ୍ତୁତ କଲେ । ଏହି ମର୍ମରେ ସୂର୍ଯ୍ୟ ସେନ ସେହି ସମୟରେ କହିଥିଲେ- "ଆମ ଜୀବନ ଯାତ୍ରା ଆଦୌ ସହଜ ନୁହେଁ । ଆମର ପ୍ରାଥମିକତା ହେଉଛି ଗୁଣବତ୍ତା । ସର୍ବଶ୍ରେଷ୍ଠ ବଳିଦାନ ଓ ଉତ୍ସର୍ଗର ତୁଳନା ନାହିଁ । ଆମ ଅନୁଷ୍ଠାନରେ ଯୋଗ ଦେବା ପାଇଁ ତରବରିଆ ନିଷ୍ପତ୍ତି ନିଆଯାଇ ପାରିବ ନାହିଁ । ଗଭୀର ଭାବେ ଅନୁଶୀଳନ ପରେ ଯଦି ମନରେ ସାମାନ୍ୟତମ ଆଶଙ୍କା ଆସେ, ତେବେ ଅନୁଷ୍ଠାନରୁ ଦୂରେଇ ରହିବା ଶ୍ରେୟସ୍କର । ଆମେ ସେଥିନିମନ୍ତେ ଆଦୌ ଅନୁଶୋଚନା କରିବୁ ନାହିଁ । ଆମେ କଦାପି ସଦସ୍ୟ ସଂଖ୍ୟା ବଢ଼ାଇବା ସପକ୍ଷରେ ନୋହୁଁ । ଭବିଷ୍ୟତର ଆହ୍ୱାନକୁ ସାମ୍ନା କରିବା ପାଇଁ ଆମେ ଶକ୍ତିଶାଳୀ ହେବା ଏକାନ୍ତ ଜରୁରୀ । ସେଥିନିମନ୍ତେ କେବଳ ଗୋଟିଏ ମାର୍ଗ ଉନ୍ମୁକ୍ତ ରହିଛି । ଏକ ଉତ୍ସର୍ଗୀକୃତ ଯୁବଗୋଷ୍ଠୀ ଶୃଙ୍ଖଳିତ ମାର୍ଗରେ ପରିଚାଳିତ ହେଲେ ସଂଗ୍ରାମରେ ସଫଳତା ମିଳି ପାରିବ । ଏହି ମାର୍ଗରେ ଆମେ ହୁଏତ ମୃତ୍ୟୁବରଣ କରିପାରନ୍ତି, କିନ୍ତୁ ତାହା କେବେହେଲେ ବିଫଳ ହେବ ନାହିଁ । ଯଦି କେହି ଭାବୁଥାନ୍ତି, ଆମର ଏହି ବିଶାଳ ଦେଶରେ ଯେଉଁଠି ଭାଷା ଏବଂ ଜୀବନଚର୍ଯ୍ୟାରେ ବିବିଧତା ରହିଛି, କୌଣସି ଏକ ପ୍ରାତଃକାଳରେ ବଟନ୍‌ଟିଏ ଚିପି ଦେଲେ ବିପ୍ଳବ ସଫଳ ହୋଇଯିବ, ସଂଗ୍ରାମ କ୍ଷେତ୍ରରେ ସେଭଳି ସ୍ୱପ୍ନବିଳାସୀଙ୍କର କୌଣସି ସ୍ଥାନ ନାହିଁ ।"

୧୯୨୩ ମସିହା ସମୟରେ ସୂର୍ଯ୍ୟ ସେନ୍‌ଙ୍କ ନେତୃତ୍ୱରେ 'ଯୁଗାନ୍ତର' ଓ ଅନୁଶୀଳନ ସମିତି'ର ଶାଖା ଚିଟାଗଞ୍ଜରେ ସକ୍ରିୟ ହୋଇ ଉଠିଲା । କଂଗ୍ରେସ ନେତୃତ୍ୱରେ ଦେଶ ସ୍ୱାଧୀନ ହେବ, ଏ ବିଶ୍ୱାସ ତାଙ୍କର ଧିରେ ଧିରେ ମଉଳି ଗଲା । ସେ ଚିନ୍ତା କଲେ, ଗରିଲା ଯୁଦ୍ଧ ପ୍ରକ୍ରିୟାରେ ବ୍ରିଟିଶ୍ ବିରୋଧରେ ସଂଗ୍ରାମ ଜାରି କରି ସେମାନଙ୍କ ଶକ୍ତିକୁ ପ୍ରତିହତ କରି ସ୍ୱାଧୀନତା ହାସଲ କରିବେ । ସେଥି ନିମନ୍ତେ ସେ ଗୋଟିଏ ଶୃଙ୍ଖଳିତ ଓ ସମର୍ପିତ ବାହିନୀ ଗଠନ କରି ସାରିଥିଲେ । ଅର୍ଥର ଆବଶ୍ୟକତା ପଡିଲା । ତେଣୁ ବ୍ରିଟିଶ୍ ତହବିଲରୁ ଅର୍ଥ ଲୁଣ୍ଠନ ପାଇଁ ଚିନ୍ତା କଲେ । ତାଙ୍କର ପ୍ରଥମ ସଫଳତା ହେଲା ଆସାମ-ବେଙ୍ଗଲ ରେଲୱେ ଟ୍ରେଜେରୀ ଲୁଣ୍ଠନ । ୧୯୨୩ ମସିହା ଡିସେମ୍ବର ୨୩ ତାରିଖରେ ତାଙ୍କର ଅସାଧାରଣ ସାଂଗଠନିକ ଶକ୍ତି ବଳରେ ଏହା ସମ୍ଭବ ହୋଇ ପାରିଲା । ୧୯୨୬ ମସିହାରେ ଅବଶ୍ୟ ତାଙ୍କୁ ପୋଲିସ ଆରେଷ୍ଟ କରିଥିଲା । କିନ୍ତୁ ପ୍ରମାଣ ଅଭାବରୁ ବିନା ବିଚାରରେ ୧୯୨୮ ମସିହାରେ ସେ ଖଲାସ ହେଲେ ।

ଏହା ପରେ ସେ ଗୋଟିଏ ବଡ ଯୋଜନା ଚିନ୍ତା କଲେ । ସେ ସମୟରେ ଚିଟାଗଞ୍ଜ ଶସ୍ତ୍ରଶାଳା ଦେଶର ଅନ୍ୟତମ ପ୍ରମୁଖ ଭଣ୍ଡାର ଭାବେ ବିବେଚିତ ହେଉଥିଲା । ଯଦି ସେ ଏହି ଶସ୍ତ୍ରଶାଳାକୁ ଅକ୍ତିଆର କରି ଟେଲିଫୋନ୍, ଟେଲିଗ୍ରାଫ୍ ଏବଂ ରେଳ ବିଭାଗକୁ ଅକାମୀ କରି ଦିଅନ୍ତି, ତାହାହେଲେ ବ୍ରିଟିଶ୍ ଶାସନ ଅଚଳ ହୋଇଯିବ । ଏଥି ନିମନ୍ତେ ସେ ଦୁଇ ବର୍ଷ କାଳ ବିସ୍ତୃତ ଯୋଜନା ପ୍ରସ୍ତୁତ କରିବାରେ ଲାଗିଲେ ।

୧୯୧୫ ମସିହାରେ ବାଘା ଯତୀନ ଶହୀଦ ହେବା ପରେ ବେଙ୍ଗଲରେ ସଶସ୍ତ୍ର ସଂଗ୍ରାମ ଧିମେଇ ଯାଇଥିଲା । ମହାତ୍ମା ଗାନ୍ଧିଙ୍କର ଭାରତ ଆଗମନ ଏହାର ପ୍ରମୁଖ କାରଣ ଭାବେ ଚିହ୍ନଟ କରା ଯାଇପାରେ । ୧୯୧୪ ମସିହାରେ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଗଲା ଏବଂ ସେହି ବର୍ଷ ମହାତ୍ମା ଗାନ୍ଧି ସ୍ୱାଧୀନତା ଆନ୍ଦୋଳନର ନେତୃତ୍ୱ ନେବା ପାଇଁ ଦକ୍ଷିଣ ଆଫ୍ରିକାରୁ ଭାରତ ଆସିଲେ । ପ୍ରଥମ ଚାରି ବର୍ଷ, ପ୍ରଥମ ବିଶ୍ୱଯୁଦ୍ଧ ସମାପ୍ତ ହେବା ପର୍ଯ୍ୟନ୍ତ ସେ ବ୍ରିଟିଶ୍ ସରକାରଙ୍କ ପାଇଁ ସୈନ୍ୟ ସଂଗ୍ରହରେ ମାତିଥିଲେ । ବଙ୍ଗ ଭଙ୍ଗ ଆନ୍ଦୋଳନ ପରେ ବଙ୍ଗଳାରେ ବ୍ରିଟିଶ ବିରୋଧୀ ସଶସ୍ତ୍ର ସଂଗ୍ରାମ ତେଜୀୟାନ ହେଉଥିବା ବେଳେ ଗାନ୍ଧିଜୀଙ୍କର ଏହି ପଦକ୍ଷେପ ସାଧାରଣ ଜନତାଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିଥିଲା । ତେଣୁ ବ୍ରିଟିଶ ବିରୋଧୀ କାର୍ଯ୍ୟ ଧିମେଇ ଯାଇଥିଲା ।

ଶହୀଦ ବାଘା ଯତୀନ ଓ ଶହୀଦ ଖୁଦିରାମ ବୋଷଙ୍କ ସ୍ଥାନ ପୂରଣ ନିମନ୍ତେ ୧୯୩୦ ମସିହାରେ ସୂର୍ଯ୍ୟ ସେନ୍ Indian Republican Army ଗଠନ କଲେ । ୧୯୧୯ ମସିହାରେ ଜାଲିୱାନାୱାଲାବାଗରେ ବ୍ରିଟିଶ୍ ସରକାରଙ୍କ ଦମନଲୀଳାର ପ୍ରତିଶୋଧ ନେବା ପାଇଁ ଚିନ୍ତା କରିଥିଲେ । ତାଙ୍କର ଏକାନ୍ତ ସହଯୋଗୀ ଥିଲେ ଗଣେଶ ଘୋଷ, ଅମ୍ବିକା ଚକ୍ରବର୍ତ୍ତୀ, ଅନନ୍ତ ସିଂହ, ଲୋକନାଥ ବଳ, ନିର୍ମଳ ସେନ୍ ଏବଂ ଦୁଇ ଜଣ କ୍ରାନ୍ତିକାରୀ ମହିଳା - ପ୍ରୀତିଲତା ୱାଦେଦର୍ ଓ କଳ୍ପନା ଦତ୍ତ ।



ଚିଟାଗଞ୍ଜ ଥିଲା ସେତେବେଳେ ବ୍ରିଟିଶ୍ ଶାସନର ଅନ୍ୟତମ ପ୍ରମୁଖ କେନ୍ଦ୍ର । ଜାପାନ ଆକ୍ରମଣକୁ ରୋକିବା ପାଇଁ ଚିଟାଗଞ୍ଜ

ବନ୍ଦର ସତତ ପ୍ରସ୍ତୁତ ଥିଲା ଏବଂ ଚିଟ୍ଟାଗଞ୍ଜରେ ବହୁ ତେଲ କଂପାନୀଙ୍କର ମୁଖ୍ୟ କାର୍ଯ୍ୟାଳୟ ସହିତ ଏହା ଏକ ପ୍ରମୁଖ ବାଣିଜ୍ୟ କେନ୍ଦ୍ର ଥିଲା । ତେଣୁ ସୂର୍ଯ୍ୟ ସେନ ଚିନ୍ତା କଲେ, ଯଦି ଏକ ସମୟରେ ବ୍ରିଟିଶ୍ ଶସ୍ତ୍ରାଗାର, କାଣ୍ଟନମେଣ୍ଟ, ଟେଲିଗ୍ରାଫ୍ ଅଫିସ୍, ରେଳଲାଇନ ଏବଂ ୟୁରୋପୀୟନ କ୍ଲବ୍ ଉପରେ ଆକ୍ରମଣ ହେବ, ତାହାହେଲେ ସାରା ଚିଟ୍ଟାଗଞ୍ଜ ଅଚଳ ହୋଇ ପଡିବ । ସେଥି ନିମନ୍ତେ ଗୋଟିଏ ୬୫ ଜଣିଆ ନିଷ୍ଠାପର ଟିମ୍ ପ୍ରସ୍ତୁତ କଲେ ।

ବ୍ରିଟିଶ୍ ଶାସନକୁ ଦୋହଲେଇ ଦେବା ପାଇଁ ଟିକିନିଖି ପ୍ରସ୍ତୁତି ଚାଲିଲା । ଗଣେଶ ଘୋଷଙ୍କ ନେତୃତ୍ୱରେ ଛଅ ଜଣିଆ ଦଳ ଦମପରା ପୋଲିସ ଶସ୍ତ୍ରାଗାର ଉପରେ ଆକ୍ରମଣ ଆରମ୍ଭ କରିବେ । ସେହି ସମୟରେ ଲୋକନାଥ ବଳ ଓ ନିର୍ମଳ ସେନ୍‌ଙ୍କ ନେତୃତ୍ୱରେ ଦଶଜଣିଆ ଟିମ୍ ଅକ୍‌ଜିଲାରୀ ଫୋର୍ସେସ୍ ଶସ୍ତ୍ରାଗାର ଉପରେ ଆକ୍ରମଣ କରିବେ । ସମାନ ସମୟରେ ନରେଶ ଚନ୍ଦ୍ର ରାୟଙ୍କ ନେତୃତ୍ୱରେ ଅନ୍ୟ ଦଳ ୟୁରୋପ କ୍ଲବ୍ ଉପରେ ଚଢ଼ଉ କରିବେ । ସେଦିନ ଗୁଡ୍ ଫ୍ରାଇଡେ ଥିବାରୁ କ୍ଲବ୍‌ରେ ଉପସ୍ଥାନ ବହୁତ କମ୍ ଥିଲା । ଅମ୍ବିକା ଚକ୍ରବର୍ତ୍ତୀଙ୍କ ନେତୃତ୍ୱରେ ଆଉ ଗୋଟିଏ ଦଳ ସମଗ୍ର ଅଞ୍ଚଳର ଟେଲିଫୋନ୍, ଟେଲିଗ୍ରାଫ୍ ଲାଇନ୍ ଅଚଳ କରିଦେବେ । ଗୋଟିଏ ଦିନ ପୂର୍ବରୁ ଛଅ ଜଣିଆ ଦଳ ନିକଟସ୍ଥ ଧୂମ୍ ଏବଂ ଲଙ୍ଗଲ ଘାଟ ଷ୍ଟେସନ ନିକଟବର୍ତ୍ତୀ ରେଳ ଲାଇନ୍‌କୁ ଓପାଡି ଦେଇଥିଲେ । ଫଳରେ ଚିଟାଗଞ୍ଜକୁ ତୁରନ୍ତ କୌଣସି ଟ୍ରେନ୍ ଆସି ପାରିବ ନାହିଁ । ବନ୍ଦରର ୱାୟାରଲେସ୍ ସିଷ୍ଟମ୍ ଅଚଳ କରି ଦିଆଯିବ ।




୧୯୩୦ ମସିହା ଏପ୍ରିଲ ୧୮ ତାରିଖ ରାତ୍ର ପ୍ରାୟ ୧୦ଟା ସମୟରେ ଯୋଜନା ମୁତାବକ କାର୍ଯ୍ୟ ଆରମ୍ଭ ହେଲା । ପ୍ରଥମେ ଟେଲିଫୋନ୍ ଅଫିସ ଘେରାଉ କରାଗଲା । ବନ୍ଧୁକ ମୁନରେ ଅପରେଟରଙ୍କୁ ସବୁ ସୁଇଚ୍ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇ ସୁଇଚ୍‌ବୋର୍ଡକୁ ବନ୍ଧୁକ ଗୁଳିରେ ଉଡେଇ ଦିଆଗଲା । ତିନି ମିନିଟ୍ ମଧ୍ୟରେ ସବୁ ଅଚଳ ହୋଇଗଲା । ସେହିଭଳି ଟେଲିଗ୍ରାଫ୍ ଅଫିସ୍ ଚଢ଼ଉ ହେଲା । ଟିମ୍‌ର ସମସ୍ତ ସଦସ୍ୟ ଆର୍ମି ପୋଷାକ ପିନ୍ଧି ଥିବାରୁ କର୍ମଚାରୀଙ୍କ ମନରେ ପ୍ରଥମେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା । ଏଭଳି ଅପ୍ରତ୍ୟାଶିତ ଆକ୍ରମଣ ପାଇଁ କେହି ପ୍ରସ୍ତୁତ ନ ଥିବାରୁ ଶସ୍ତ୍ରାଗାର ଅକ୍ତିଆର କରିବା ଆହୁରି ସହଜ ଥିଲା । ବନ୍ଧୁକ ସିନା ମିଳିଗଲା, କିନ୍ତୁ ଗୁଳି ମିଳିଲା ନାହିଁ । ପୋଲିସ୍ ଲାଇନ ଶସ୍ତ୍ରାଗାରରେ ସୂର୍ଯ୍ୟ ସେନ ଉପସ୍ଥିତ ଥିଲେ । ସେଠାକାର ୟୁନିୟନ ଜାକ୍‌କୁ ଓହ୍ଲାଇ ଦେଇ ବନ୍ଦେ ମାତରମ୍ ଧ୍ୱନି ମଧ୍ୟରେ ଜାତୀୟ ପତାକା ଉତ୍ତୋଳନ କରାଗଲା । ସେହିଠାରେ ସୂର୍ଯ୍ୟ ସେନ୍ ସ୍ୱାଧୀନ ବିପ୍ଳବୀ ସରକାର ଗଠନ ହେଲା ବୋଲି ଘୋଷଣା କରି ସଂଗ୍ରାମୀଙ୍କ ତରଫରୁ ଅଭିବାଦନ ଗ୍ରହଣ କରିଥିଲେ । ସମଗ୍ର ସହରରୁ ବ୍ରିଟିଶ୍ ସେନାକୁ ଘଉଡ଼େଇ ଦିଆ ଯାଇଥିଲା ।




ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ସ୍ଥାନୀୟ ଥାନା ଏବଂ ଇମ୍ପାରିୟଲ ବ୍ୟାଙ୍କ୍ ଆକ୍ରମଣ ପାଇଁ ଯୋଜନା ହେଉଛି, ଏହି ସମୟରେ ପୋଲିସ୍‌ର ସାଇରନ୍ ଶୁଭିଲା । ସଂଗ୍ରାମୀମାନେ ଚିନ୍ତା କଲେ ପୋଲିସ୍ ପାଖରେ ନିଶ୍ଚିତ ଆଧୁନିକ ମାରଣାସ୍ତ୍ର ଥିବ । ତେଣୁ ଲଢ଼େଇ ସହଜ ନୁହେଁ । କିଛି ସଂଗ୍ରାମୀ ସୁଲୁକବୋହର ପର୍ବତମାଳାକୁ ପଳାୟନ କଲେ । ଅନ୍ୟମାନେ ଭାଗ ଭାଗ ହୋଇ ଚାରିଆଡେ ଖେଳିଗଲେ । କିନ୍ତୁ ପୋଲିସ୍ ସଂଖ୍ୟା ବହୁତ କମ୍ ଥିଲା । ସେମାନେ ମଧ୍ୟ ଦ୍ୱନ୍ଦ୍ୱରେ ଥିଲେ – ଲଢ଼େଇ ନା ଆତ୍ମ ସମର୍ପଣ । ତଥାପି ସୂର୍ଯ୍ୟ ସେନଙ୍କ ନେତୃତ୍ୱରେ ଗୋଟିଏ ଦଳ ଚିଟ୍ଟାଗଞ୍ଜ ସହର ଆକ୍ରମଣ କରିବା ପାଇଁ ଚିନ୍ତା କରିଥିଲେ । କିନ୍ତୁ ଯୋଜନାକୁ ବାତିଲ କରି ଭୋର୍ ପୂର୍ବରୁ ଜଲାଲବାଦ ପାହାଡ ନିକଟରେ ପହଞ୍ଚିବା ପାଇଁ ସେହି ଅଭିମୁଖେ ଯାତ୍ରା କଲେ ।

୨୨ ତାରିଖରେ ସଂଗ୍ରାମୀମାନେ ନିରୀକ୍ଷଣ କଲେ, ଗୋଟିଏ ବିଶାଳ ସେନାବାହିନୀ, ପାହାଡ ଆଡକୁ ମାଡି ଆସୁଛି । କିନ୍ତୁ ଧୈର୍ଯ୍ୟ ଓ ସାହସର ସହିତ ସେମାନେ ବ୍ରିଟିଶ୍ ସେନା ବିରୋଧରେ ଲଢ଼େଇ ଆରମ୍ଭ କରିଦେଲେ । ମାଷ୍ଟର ଦା' ସେହି ସଂଗ୍ରାମରେ ଲୋକନାଥ ବଳଙ୍କୁ କମାଣ୍ଡର ଇନ୍ ଚିଫ୍ ଭାବେ ମନୋନୀତ କରିଥିଲେ । ଘମାଘୋଟ ଲଢ଼େଇରେ ୧୨ ଜଣ ସଂଗ୍ରାମୀ ଏବଂ ୮୦ ବ୍ରିଟିଶ୍ ସେନା ମୃତ୍ୟୁବରଣ କରିଥିଲେ । ବ୍ରିଟିଶ୍ ସେନା ପକ୍ଷେ ସଂଗ୍ରାମୀଙ୍କୁ ହରାଇବା ସହଜ ନ ଥିଲା । ସନ୍ଧ୍ୟା ପୂର୍ବରୁ ସେମାନେ ସେ ସ୍ଥାନ ଛାଡିଦେଲେ ।

ସୂର୍ଯ୍ୟ ସେନ୍ ସ୍ଥିର କଲେ, ଏ ସ୍ଥାନ ଆଉ ନିରାପଦ ନୁହେଁ । ତେଣୁ ସେହି ରାତିରେ ସମସ୍ତେ ସ୍ଥାନ ଛାଡି ଦେଇଥିଲେ ।

ଏହାପରେ ଚିଟ୍ଟାଗଞ୍ଜ ସହରରୁ ବହୁ ସଂଗ୍ରାମୀଙ୍କୁ ଆରେଷ୍ଟ କରାଗଲା । କେବଳ ନାମକୁ ମାତ୍ର ବିଚାରରେ ସମସ୍ତଙ୍କୁ ଫାଶୀ ଖୁଣ୍ଟରେ ଝୁଲେଇ ଦିଆଗଲା । ଏହି ସମୟରେ ନେତାଜୀ ସୁଭାଷ ବୋଷଙ୍କ ଭାଇ ଶରତ ଚନ୍ଦ୍ର ବୋଷ ଗୁପ୍ତରେ ସୂର୍ଯ୍ୟ ସେନ୍‌ଙ୍କୁ ଖବର ଦେଇଥିଲେ – ତୁମ ଜୀବନର ସୁରକ୍ଷା ପାଇଁ ବର୍ତ୍ତମାନ ବାହାର ଦେଶକୁ ଚାଲିଯିବା ଉଚିତ । ମୁଁ ସମସ୍ତ ବନ୍ଦବୋସ୍ତ କରାଇ ଦେବି । କିନ୍ତୁ ସୂର୍ଯ୍ୟ ସେନ ଉତ୍ତର ଦେଇଥିଲେ – ମୋ ସହକର୍ମୀମାନେ ଫାଶୀ ପାଉଥିବା ବେଳେ ଜୀବନ ବଞ୍ଚାଇବା ପାଇଁ ପଳାୟନ କରିବାକୁ ମୁଁ ଉଚିତ ମଣୁ ନାହିଁ ।

ଏହା ପରେ ବ୍ରିଟିଶ୍ ସରକାରଙ୍କ ତରଫରୁ ସୂର୍ଯ୍ୟ ସେନଙ୍କ ତଲାସି ଜୋର୍‌ସୋର୍‌ରେ ଆରମ୍ଭ ହେଲା । ବ୍ରିଟିଶ୍ ସରକାର ଜାଣିଥିଲେ, ସୂର୍ଯ୍ୟ ସେନ୍ ହେଉଛନ୍ତି ଏହି ସଂଗ୍ରାମର ମୂଳ କେନ୍ଦ୍ର । ତାଙ୍କ ସଂପର୍କରେ ଖବର ଦେଲେ ଦଶ ହଜାର ଟଙ୍କା ପୁରସ୍କାର ରାଶି ମିଳିବ ବୋଲି ଘୋଷଣା ହେଲା । ତଥାପି ସୂର୍ଯ୍ୟ ସେନ୍‌ଙ୍କର କୌଣସି ସୂଚନା ବ୍ରିଟିଶ୍ ସରକାର ପାଇ ପାରିଲେ ନାହିଁ । କାରଣ ସେ ସର୍ବଦା ସ୍ଥାନ ବଦଳାଉଥିଲେ ଏବଂ ଏକାନ୍ତ ସହଯୋଗୀଙ୍କ ମେଳରେ ରହୁଥିଲେ ।

ଏହିଭଳି ଜଣେ ସହଯୋଗୀ ଥିଲେ ନେତ୍ର ସେନ୍ । ଅର୍ଥ

ପ୍ରଲୋଭନରେ ହେଉ କିମ୍ବା ମାଷ୍ଟର ଦା'ଙ୍କ ପ୍ରତି ଅସୂୟା ଭାବ ହେଉ, ନେତ୍ର ସେନ୍ ପୋଲିସ ନିକଟରେ ଗୁପ୍ତ ରହଣୀ ସ୍ଥାନ ପ୍ରଦାନ କରିଦେଲେ । ଏ ଖବର ଶୁଣିବା ମାତ୍ରେ ନେତ୍ର ସେନ୍‌ଙ୍କ ପତ୍ନୀ ଅବାକ୍ ହୋଇଥିଲେ । କାରଣ ସେ ସୂର୍ଯ୍ୟ ସେନ୍‌ଙ୍କୁ ଜାତିର ମଉଡମଣି ଭାବେ ବିବେଚନା କରୁଥିଲେ । ପୋଲିସ ମାଷ୍ଟର ଦା'ଙ୍କୁ ୧୯୩୩ ମସିହା ଫେବୃୟାରୀ ୧୬ ତାରିଖରେ ଆରେଷ୍ଟ କରିବାର ଦୁଇ ଦିନ ପରେ ଜଣେ ସଂଗ୍ରାମୀ ନେତ୍ର ସେନ୍‌ଙ୍କ ଘରେ ପ୍ରବେଶ କରି ପତ୍ନୀଙ୍କ ଆଗରେ ତାଙ୍କ ମୁଣ୍ଡ ଅଲଗା କରି ଦେଇଥିଲେ । ପୋଲିସ୍ ତଦନ୍ତ ଆରମ୍ଭ ହେଲା । ପ୍ରଥମେ ନେତ୍ର ସେନ୍‌ଙ୍କ ପତ୍ନୀଙ୍କୁ ଜେରା କରାଗଲା । ସେ ଯାହା ଉତ୍ତର ଦେଇଥିଲେ, ତାହା ଦେଶ ପ୍ରେମର ଉତ୍ତୁଙ୍ଗ ଉଚ୍ଚାରଣ ହୋଇ ରହିଥିବ । ସେ କହିଥିଲେ- "ଯେଉଁ ବ୍ୟକ୍ତି ମୋ ସ୍ୱାମୀଙ୍କୁ ହତ୍ୟା କରିଛନ୍ତି, ମୁଁ ତାଙ୍କୁ ଦେଖିଛି ଏବଂ ପୂର୍ବରୁ ଜାଣିଛି । କିନ୍ତୁ ମୁଁ ତାଙ୍କ ନାମ କାହାରିକୁ କହିବି ନାହିଁ । ଏଭଳି ବିଶ୍ୱାସଘାତକଙ୍କ ପତ୍ନୀ ଭାବେ ମୁଁ ଲଜ୍ଜା ଅନୁଭବ କରୁଛି । ମୋ ସ୍ୱାମୀ ଜଣେ ପ୍ରଚଣ୍ଡ ଦେଶପ୍ରେମୀଙ୍କ ପ୍ରତି ବିଶ୍ୱାସଘାତ କରିଛନ୍ତି । ମୋ ସ୍ୱାମୀ ମୋ ଦେଶ ପ୍ରତି ବିଶ୍ୱାସଘାତ କରିଛନ୍ତି । ଯେଉଁ ବ୍ୟକ୍ତି ମୋ ସ୍ୱାମୀଙ୍କର ହତ୍ୟା କରିଛନ୍ତି, ସେ ଠିକ୍ କରିଛନ୍ତି ଏବଂ ମୁଁ ତାଙ୍କୁ ସାଧୁବାଦ ଜଣାଉଛି । ଆପଣ ମୋତେ ଦଣ୍ଡ ଦେଇ ପାରନ୍ତି, ମୋତେ ହତ୍ୟା କରିପାରନ୍ତି, ଫାଶୀରେ ଝୁଲେଇ ପାରନ୍ତି । ମୁଁ ଜାଣେ ମାଷ୍ଟର ଦା' ନିଶ୍ଚିତ ଭାବେ ଫାଶୀ ପାଇବେ । ତେଣୁ ମୁଁ ଫାଶୀ ପାଇଲେ ଆଦୌ ଅନୁଶୋଚନା କରିବି ନାହିଁ । ମାଷ୍ଟର ଦା'ଙ୍କ ନାମ ସ୍ୱାଧୀନତା ସଂଗ୍ରାମର ଇତିହାସରେ ସୁବର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ରହିବ । ସେ ସୂର୍ଯ୍ୟଙ୍କ ଭଳି ସବୁକାଳ ପାଇଁ ଦୀପ୍ତିମନ୍ତ ହୋଇ ରହିଥିବେ । ମୋ ସ୍ୱାମୀଙ୍କ ହତ୍ୟାକାରୀଙ୍କ ନାମ ପ୍ରକାଶ କରି ମୋ ପରିବାର ପ୍ରତି ଆଉ କଳଙ୍କର ବୋଝ ଆଣିବି ନାହିଁ ।"

ଯେଉଁ ମହିଳା ସ୍ୱାମୀଙ୍କ ମୃତ୍ୟୁ ପରେ ଭାଙ୍ଗି ନପଡି ସ୍ୱାମୀଙ୍କ ଅପକର୍ମ ପାଇଁ ନିଜକୁ ନିନ୍ଦା କରୁଛନ୍ତି, ବାସ୍ତବରେ ସେ ମହିଳା ଆମ ସମସ୍ତଙ୍କର ନମସ୍ୟ ।



ସୂର୍ଯ୍ୟ ସେନ୍‌ଙ୍କୁ ଫାଶୀ ଦଣ୍ଡ ଶୁଣାଗଲା । ୧୯୩୪ ମସିହା ଜାନୁୟାରୀ ୧୨ ତାରିଖରେ ଫାଶୀ ତାରିଖ ଧାର୍ଯ୍ୟ ହେଲା । ତାଙ୍କ ସହିତ ଆଉ ଜଣେ ସଂଗ୍ରାମୀ ତାରକେଶ୍ୱର ଦସ୍ତିଦାର ମଧ୍ୟ ଫାଶୀ ପାଇଥିଲେ ।

କିନ୍ତୁ ଫାଶୀ ପୂର୍ବରୁ ମାଷ୍ଟର ଦା'ଙ୍କୁ ଜେଲ୍ ଭିତରେ ଯେଉଁ ନିର୍ଯ୍ୟାତନା ଦିଆ ଯାଇଥିଲା, ତାହା ସଭ୍ୟ ମାନବ ଇତିହାସର କଳଙ୍କ ହୋଇ ରହିଥିବ । ତାଙ୍କ ଶରୀରର ସମସ୍ତ ହାଡକୁ ହାତୁଡିରେ ଟିକି ଟିକି କରି ଭାଙ୍ଗି ଦିଆ ଯାଇଥିଲା । ତାଙ୍କ ହାତ ଓ ଗୋଡର ନଖ ଗୁଡିକୁ ମୁନିଆ ଛୁରୀରେ ଓପାଡି ଦିଆଯାଇଥିଲା । ଶରୀରର ପ୍ରତିଟି ଅଙ୍ଗ ନିର୍ଯ୍ୟାତନାର ବହ୍ନିରେ ସିଝି ଝାଉଁଳି ପଡିଥିଲା । ଫାଶୀ ପାଇବା ପୂର୍ବରୁ ସେ ମୃତ୍ୟୁବରଣ କରି ସାରିଥିଲେ । କେବଳ ନାମକୁ ମାତ୍ର ଫାଶୀ ଖୁଣ୍ଟରେ ଝୁଲେଇ ତାଙ୍କୁ ସମୁଦ୍ରରେ ନିକ୍ଷେପ କରି ଦିଆ ଯାଇଥିଲା । କାରଣ ମୃତ ଶରୀର ଯଦି ପରିବାରକୁ ଅର୍ପଣ କରା ଯାଇଥାନ୍ତା, ତେବେ ନିର୍ଯ୍ୟାତନାର ପ୍ରତିଶୋଧ ବ୍ରିଟିଶ ସରକାର ଆଉ ବରଦାସ୍ତ କରି ପାରି ନଥାନ୍ତେ ।

ହିଂସାତ୍ମକ ଓ ଅସହଯୋଗ ଆନ୍ଦୋଳନର କାରଣ ଓ ଫଳାଫଳ ସଂପର୍କରେ ବିସ୍ତୃତ ତଥ୍ୟ ସଂଗ୍ରହ କରିବା ପାଇଁ ବ୍ରିଟିଶ ସରକାର ଏକ କମିଟି ଗଠନ କରିଥିଲେ - Civil Disobedience Enquiry Committee. ଏହି କମିଟି ଯେଉଁ ରିପୋର୍ଟ ପ୍ରଦାନ କରିଥିଲେ, ସେଥିରେ ଉଲ୍ଲେଖ ଅଛି - "The news of this Chittagong Armoury coup, unprecedented in the annals of terrorism, gave fillip to the younger section of the revolutionaries who were already fired with enthusiasm to drive the British from India by force of arms... Recruits poured into the various terrorist groups in a steady stream and these included women and young girls."

୧୯୩୦-୩୨, ଏହି ଦୁଇ ବର୍ଷ ମଧ୍ୟରେ ୨୨ ଜଣ ଉଚ୍ଚପଦସ୍ଥ ଅଧିକାରୀ ଏବଂ ୨୨୦ ଜଣ ବ୍ରିଟିଶ୍ ଅଫିସର ସଂଗ୍ରାମୀଙ୍କ ହାତରେ ମୃତ୍ୟୁବରଣ କରିଥିଲେ । ଏହିଥିରୁ ଆମେ ମାଷ୍ଟର ଦା' ସୂର୍ଯ୍ୟ ସେନ୍‌ଙ୍କ ଗରିମା ଅନୁଭବ କରି ପାରିବା । ତାଙ୍କରି ଆଦର୍ଶରେ ଅନୁପ୍ରାଣୀତ ହୋଇ କଲେଜରେ ଅଧ୍ୟୟନ କରୁଥିବା କନ୍ୟାମାନେ ସଶସ୍ତ୍ର ସଂଗ୍ରାମରେ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରେ ପ୍ରମୁଖ ହେଉଛନ୍ତି ପ୍ରୀତିଲତା ଓ୍ୱାଦାଦାର ଏବଂ କଳ୍ପନା ଦତ୍ତ ।

୧୯୩୨ ମସିହାରେ ମାଷ୍ଟର ଦା' ସୂର୍ଯ୍ୟ ସେନ୍ ଏକାନ୍ତ ବାସ କରୁଥିବା ବେଳେ, ୟୁରୋପୀୟନ କ୍ଲବ୍ ଆକ୍ରମଣ କରି ବ୍ରିଟିଶ୍ ଅଧିକାରୀଙ୍କୁ ହତ୍ୟା ପାଇଁ ଯୋଜନା କରିଥିଲେ । ତାହାର କାରଣ ଥିଲା- ଏହି କ୍ଲବ୍ ସାମନାରେ ବଡ ବଡ ଅକ୍ଷରରେ ଲେଖାଥିଲା- କୁକୁର ଏବଂ ଭାରତୀୟଙ୍କୁ ପ୍ରବେଶ ମନା । ଏହି ଦାୟିତ୍ୱ ସେ ପ୍ରୀତିଲତାଙ୍କୁ ଅର୍ପଣ କରିଥିଲେ । ସେତେବେଳେ ତାଙ୍କୁ ମାତ୍ର ୨୦ ବର୍ଷ ।

ମାଷ୍ଟର ଦା' ସୂର୍ଯ୍ୟ ସେନ୍ ଭାରତ ମାତାର ସ୍ୱାଧୀନତା ପାଇଁ ଯେଉଁ ବିସ୍ତୃତ ଯୋଜନା କରି ଗୋଟିଏ ଦିନ ପାଇଁ ହେଲେ ମଧ୍ୟ ସ୍ୱାଧୀନ ଭାରତର ଯେଉଁ ଦୃଷ୍ଟାନ୍ତ ରଖି ଦେଇ ଯାଇଛନ୍ତି, ତାହା କାଳର ବକ୍ଷରେ ଚିର ଭାସ୍ୱର ହୋଇ ରହିଥିବ ।

ମାଷ୍ଟର ଦା'ଙ୍କ ଉପରେ ସମୁଦାୟ ତିନୋଟି ଚଳଚ୍ଚିତ୍ର ନିର୍ମାଣ କରାଯାଇଛି । ୧୯୪୯ ମସିହାରେ ବଙ୍ଗଳା ଫିଲ୍ମ 'ଚଟ୍ଟଗ୍ରାମ ଅସ୍ତ୍ରାଗାର ଲୁଣ୍ଠନ' । ଏହାର ନିର୍ଦ୍ଦେଶନା ଦେଇଥିଲେ ନିର୍ମଳ ଚୌଧୁରୀ । ୨୦୧୦ ମସିହାରେ ଅଭିଷେକ ବଚ୍ଚନ ଓ ଦୀପିକା ପାଡୁକୋନ ଅଭିନୀତ 'ଖେଲେଁ ହମ୍ ଜୀ ଜାନ୍ ସେ' ଫିଲ୍ମ ପ୍ରସ୍ତୁତ ହୋଇଥିଲା । ଏହାର ନିର୍ଦ୍ଦେଶକ ଆଶୁତୋଷ ଗୋଆରିକର । ୨୦୧୦ ମସିହାରେ ଦେବବ୍ରତ ପାଇଁଙ୍କ ନିର୍ଦ୍ଦେଶନାରେ ୨୦୧୨ ମସିହାରେ 'ଚିଟାଗଞ୍ଜ' ନାମକ ଏକ ଫିଲ୍ମ ନିର୍ମିତ ହୋଇଛି । ଏଥିରେ ମାଷ୍ଟର ଦା' ଭୂମିକାରେ ଅଛନ୍ତି ମନୋଜ ବାଜପେୟୀ । ନିର୍ଦ୍ଦେଶକ ଦେବବ୍ରତ ଥିଲେ ନାସାରେ ବୈଜ୍ଞାନିକ । ଚାକିରି ଛାଡି ଏହି ଫିଲ୍ମ ନିର୍ମାଣ କରିବା ପାଇଁ ସେ ଭାରତ ଆସିଥିଲେ । ସେହି ବର୍ଷ ଏହି ଫିଲ୍ମକୁ ଜାତୀୟ ପୁରସ୍କାରରେ ସମ୍ମାନିତ କରାଯାଇଥିଲା । କୋଲକାତାର ଗୋଟିଏ ମେଟ୍ରୋ ଷ୍ଟେସନ୍ ମାଷ୍ଟର ଦା' ସୂର୍ଯ୍ୟ ସେନ୍‌ଙ୍କ ନାମରେ ନାମିତ ହୋଇଛି । ବାସ୍ ଆମେ ସେତିକିରେ ସନ୍ତୁଷ୍ଟ ରହିଛୁ ।

# ସାର୍ବଜନୀନ ବିଜ୍ଞପ୍ତି

## ଆବଶ୍ୟକ ନ ହେବା ପର୍ଯ୍ୟନ୍ତ
## ଆଲାର୍ମ ଚେନ୍‌କୁ କଦାପି ଟାଣନ୍ତୁ ନାହିଁ

### କେବଳ ସେତେବେଳେ ଚେନ୍ ଟାଣନ୍ତୁ ଯଦି

- କୌଣସି ଯାତ୍ରୀଙ୍କୁ ଚିକିତ୍ସା ସହାୟତା ଆବଶ୍ୟକ
- ଟ୍ରେନ୍ କୋଚ୍‌ରେ ନିଆଁ ଲାଗିବା ସମୟରେ
- ନିରାପତ୍ତା ଭିତ୍ତିକ ଜରୁରୀକାଳୀନ ପରିସ୍ଥିତିରେ

## ରେଳଡବା ଛାତ ଉପରେ ଚଢ଼ି ଆଦୌ
## ଯାତ୍ରା କରନ୍ତୁ ନାହିଁ

### ନିମ୍ନବର୍ଣ୍ଣିତ ବିପଦ ରହିଛି

- ହାଇ ଟେନ୍‌ସନ୍ ଓଭରହେଡ୍ ଲାଇନ୍ କାରଣରୁ ସମ୍ଭାବ୍ୟ ଦୁର୍ଘଟଣା
- ଟ୍ରେନ୍ ଛାତ ଉପରେ ଓଭରହେଡ୍ ଲାଇନ୍‌ରେ ବିଦ୍ୟୁତ୍ ପ୍ରବାହିତ ହେଉଥିବାରୁ ବିଦ୍ୟୁତ୍‌ଜନୀତ ଦୁର୍ଘଟଣା
- ଟ୍ରେନ୍ ଦ୍ରୁତ ଗତିରେ ଯାତ୍ରା କରୁଥିବାରୁ ଛାତରୁ ଖସିପଡ଼ି ଦୁର୍ଘଟଣାଗ୍ରସ୍ତ ହେବାର ସମ୍ଭାବନା

## ମନେ ରଖନ୍ତୁ

ଭାରତୀୟ ରେଳପଥ ଅଧିନିୟମ, ୧୯୮୯ର ଧାରା ୧୪୧ ଅନୁଯାୟୀ କୌଣସି ବୈଧ କାରଣ ନଥାଇ ଚେନ୍ ଟାଣିବା ଏକ ଦଣ୍ଡନୀୟ ଅପରାଧ ଅଟେ। ଏହି ନିୟମକୁ ଉଲ୍ଲଙ୍ଘନ କଲେ ଏକ ବର୍ଷ ପର୍ଯ୍ୟନ୍ତ କାରାବାସ କିମ୍ବା ଟ.୧,୦୦୦/- ଜୋରିମାନା କିମ୍ବା ଉଭୟ ଲାଗୁ ହୋଇପାରେ।

ଭାରତୀୟ ରେଳପଥ ଅଧିନିୟମ, ୧୯୮୯ର ଧାରା ୧୫୬ ଅନୁଯାୟୀ ଟ୍ରେନ୍ ଛାତ ଉପରେ ଯାତ୍ରା କରିବା ଏକ ଦଣ୍ଡନୀୟ ଅପରାଧ ଅଟେ। ଏହି ନିୟମକୁ ଉଲ୍ଲଙ୍ଘନ କଲେ ୦୩ ମାସ ପର୍ଯ୍ୟନ୍ତ କାରାବାସ କିମ୍ବା ଟ.୫୦୦/- ଜୋରିମାନା କିମ୍ବା ଉଭୟ ଲାଗୁ ହୋଇପାରେ।



**ପୂର୍ବ ତଟ ରେଳପଥ**

www.eastcoastrail.indianrailways.gov.in

www.facebook/@EASTCOASTRailway1 www.twitter/@EastCoastRail

www.instagram.com/cproecor




# 'ମହାମେଘବାହନ'ଙ୍କ ମହିମା

# କଳିଙ୍ଗର ପ୍ରଥମ ଦିଗ୍‌ବିଜୟୀ ସମ୍ରାଟ୍ 'ଐର ଖାରବେଳ'


**ସଂଗ୍ରାମ ମହାପାତ୍ର**
ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ, ଭୁବନେଶ୍ୱର
ଫୋନ: ୯୪୩୭୦୮୪୩୨୯


ଫଟୋ ସୌଜନ୍ୟ : ଗୁଗୁଲ୍

ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ କଳିଙ୍ଗର ସମ୍ରାଟ ଭାବରେ ଖାରବେଳ ସିଂହାସନ ଅଧିଷ୍ଠିତ ହେଲା ପୂର୍ବରୁ ଐତିହାସିକ କଳିଙ୍ଗ ଯୁଦ୍ଧରେ ଚଣ୍ଡାଶୋକଙ୍କ ହସ୍ତରେ ଓଡ଼ିଆମାନଙ୍କ ଭିତରେ ପରାଜୟତା, ଭୟ ଓ ଅସହାୟତାର ବାତାବରଣ ଖେଳି ଯାଇଥିଲା । ଚଣ୍ଡାଶୋକରୁ ଧର୍ମାଶୋକରେ ଅଶୋକ ସ୍ୱପରିବର୍ତ୍ତିତ ହେଲେ ମଧ୍ୟ ଓଡ଼ିଆମାନଙ୍କ ଭିତରେ ଦୁର୍ଦ୍ଧର୍ଷ ବୀରତ୍ୱ ଅପସରି ଯିବା ସହ ବୌଦ୍ଧଧର୍ମର ପ୍ରାବଲ୍ୟ କଳିଙ୍ଗର କୋଣେ ଅନୁକୋଣେ ଗୁଞ୍ଜରିତ ହେଲା । ପ୍ରଚାରିତ ହେଲା ବୁଦ୍ଧ, ଧର୍ମ ଓ ସଂଘ- ଏପରି ତ୍ରିଧାରାରେ ମଣିଷ ଜୀବନର ସାର୍ଥକତା । ଅଶୋକ ସ୍ୱୟଂ ବୌଦ୍ଧଧର୍ମରେ ଦୀକ୍ଷିତ ହେବା ସହ ସମଗ୍ର ଦେଶରେ ସମ୍ରାଟ ରୂପେ ଅଭିଷିକ୍ତ ହେଇ ନିଜର ସାମ୍ରାଜ୍ୟକୁ ଚଳାଇବାରେ ଯତ୍‌କିଞ୍ଚିତ ସକ୍ଷମ ହେଲେ । ଏଣେ କାମନାର ବିନାଶରେ ଦୁଃଖର ବିନାଶ ମହାଦୀକ୍ଷାରେ ଅଭିମନ୍ତ୍ରିତ ହୋଇ କଳିଙ୍ଗର ବୀର ପ୍ରାଣ ସତେ ଅବା ଚିରଦିନ ପାଇଁ ସ୍ତବ୍ଧ ହୋଇଗଲା । ଏକଦା ଶସ୍ତ୍ରପ୍ରେମୀ ଲଢୁଆ ଓ ନିର୍ଭୀକ ଭାବରେ ଖ୍ୟାତ କଳିଙ୍ଗ ସେନା ଦିନକୁ ଦିନ ଏହି ସଂସାରତ୍ୟାଗୀ ଆଭିମୁଖ୍ୟର ବଶବର୍ତ୍ତୀ ହେବାକୁ ଲାଗିଲା ।

ଏହି ସମୟରେ ଇରାଙ୍କ ପୁତ୍ର ଭାବେ ଐର ନାମଧାରୀ ଜନୈକ ରାଜା କଳିଙ୍ଗର ସିଂହାସନ ଆରୋହଣ କଲେ । ତାଙ୍କୁ ଯେତେବେଳେ ଚବିଶ ବର୍ଷ ବୟସ ତାଙ୍କ କପାଳରେ ରାଜ୍ୟାଧିପତି ହେବାର ଭାଗ୍ୟ ଜୁଟିଥିଲା । କୁହାଯାଏ, ଜନ୍ମିତ ସମୟରୁ ଯୁବାବସ୍ଥା ଯାଏଁ ସେ ହିନ୍ଦୁ ଧର୍ମାବଲମ୍ବୀ ଥିଲେ ଓ ପରେ ଜୈନ ଧର୍ମ ଗ୍ରହଣ କରିଥିଲେ । ପନ୍ଦର ବର୍ଷ ବୟସରୁ ଚବିଶବର୍ଷ ବୟସ ଯାଏଁ ପାଖାପାଖି ନଅବର୍ଷ କାଳ ସେ ବିଦ୍ୟାଧ୍ୟୟନରେ ନିମଗ୍ନ ରହି ଧର୍ମଶାସ୍ତ୍ର, ଯୁଦ୍ଧଶାସ୍ତ୍ର, ରାଜ୍ୟ ଶାସନ ଇତ୍ୟାଦି ବିଦ୍ୟାରେ ପାରଙ୍ଗମ ହୋଇଥିଲେ ।

ସେତେବେଳେ ସପ୍ତବିଦ୍ୟା ଯଥା: ଲେଖ (ସାହିତ୍ୟ), ରୂପା (ମୁଦ୍ରା), ଗଣନା (ଗଣିତ) ଏବଂ ଆଇନ (ବ୍ୟବହାର) ଏବଂ ବିଧି (ରାଜ୍ୟ ପରିଚାଳନା), ନୃତ୍ୟ ଓ ସଙ୍ଗୀତ ବିଦ୍ୟା (ଗନ୍ଧର୍ବ ବିଦ୍ୟା) ଏବଂ ଧନୁର୍ବିଦ୍ୟା (ସାମରିକ କୌଶଳ) ଆଦିରେ ଦକ୍ଷତା ହାସଲ କରି ପ୍ରଥମେ କଳିଙ୍ଗର ଉଜ୍ଜ୍ୱଳ ନକ୍ଷତ୍ର ଭାବରେ ତମସାଚ୍ଛନ୍ନ ରାଜ୍ୟ ଶାସନର ଆକାଶରେ ଉଭା ହେଲେ । କଳିଙ୍ଗର ମୃତବତ ବୀରପ୍ରାଣ ଯେପରି ଖାରବେଳଙ୍କ ସ୍ପର୍ଶ ଓ ଗରିମାରେ ନୂତନ ସଂବିତ ଫେରିପାଇ ଚଳଚଞ୍ଚଳ ହୋଇ ଉଠିଲା ! ଲକ୍ଷାଧିକ ଶହୀଦ ସୈନିକଙ୍କର ଅମର ଆତ୍ମା ଯେପରି ବିଭୀଷିକାମୟ କଳିଙ୍ଗ ଯୁଦ୍ଧର ପ୍ରତିଶୋଧ ନେବା ପାଇଁ ପୁନର୍ଜନ୍ମ ହୋଇଥିଲା ଖାରବେଳଙ୍କ ଭୂମି ପତନକୁ ମାତା ଇରାଙ୍କ କୋଳରୁ !

ସିଂହାସନ ଆରୋହଣର ପ୍ରଥମ ଦଶନ୍ଧି ଯାଏଁ ସେ ଜନ କଲ୍ୟାଣକାରୀ କାର୍ଯ୍ୟ ସମ୍ପାଦନ କରିଥିଲେ । ଏଥି ମଧ୍ୟରେ ଭଗ୍ନ ପ୍ରାଚୀରର ପୁନରୁଦ୍ଧାର, ବାପୀ ଓ ଜଳାଶୟ ନିର୍ମାଣ ଇତ୍ୟାଦି ଥିଲା । ଏସବୁ ସତ୍ତ୍ୱେ ରାଜପ୍ରାସାଦ ଗଠନ ଓ ପ୍ରାଚୀନ କୀର୍ତ୍ତିର ପୁନରୁଦ୍ଧାର କାର୍ଯ୍ୟରେ ବ୍ୟସ୍ତ ଥାଇ ମଧ୍ୟ ତାଙ୍କ ମନ ଭିତରେ କଳିଙ୍ଗର ପୂର୍ବ ଇତିହାସରୁ ଶିକ୍ଷାଲାଭ ଅନେକାଂଶରେ ଆନ୍ଦୋଳିତ ଓ ଅନୁପ୍ରାଣିତ କରୁଥିବ ! ସେ ଅବଶ୍ୟ ସ୍ୱାଧୀନ କଳିଙ୍ଗରେ ଜନ୍ମଗ୍ରହଣ କରିଥିଲେ କିନ୍ତୁ ଅଶୋକଙ୍କ ହାତରେ କଳିଙ୍ଗର ଭୀଷଣ ଅପମାନଜନକ ପରାଜୟର ଗ୍ଲାନି ତାଙ୍କ ହୃଦୟରେ ପରିଶୋଧର ଭାବନା ତୀବ୍ର ଭାବରେ ଜାଗରୁକ କରାଇ ମଗଧ ଆକ୍ରମଣ ଯୋଜନାର ସୂତ୍ରପାତ କରାଇଥିବ ।

ଖାରବେଳଙ୍କ ସମ୍ବନ୍ଧରେ ଆମେ ଯାହା ଜାଣୁ ତାହା ହାତୀଗୁମ୍ଫା ଶିଳାଲେଖରୁ ହିଁ ଉଲ୍ଲିଖିତ କରାଯାଏ । ସେଥିରେ ଖାରବେଳଙ୍କୁ 'ଚେତରାଜା-ବସ-ବଧନେନ' ବୋଲି ସମ୍ବୋଧନ କରାଯାଇଛି । 'ଚେତ' ଶବ୍ଦରୁ ତାଙ୍କୁ କେହି 'ଚେତି' ବା 'ଚେଦି' ବଂଶୀୟ କହୁଥିଲାବେଳେ କତିପୟ ଐତିହାସିକ ତାଙ୍କ ପିତାଙ୍କ ନାମ ସମ୍ଭବତଃ 'ଚେତରାଜ' ବୋଲି ଦର୍ଶାଇଛନ୍ତି । ସେହି ଶିଳାଲିପିରେ ତାଙ୍କୁ 'ଐର' ବୋଲି ମଧ୍ୟ ସମ୍ବୋଧିତ କରାଯାଇଛି । ବିଶ୍ୱାସ କରାଯାଏ ସେ 'ମହାମେଘବାହନ' ପଦବୀ ଧାରଣ କରିଥିଲେ, କେହି ମଧ୍ୟ କୁହନ୍ତି ସେ 'ମହାମେଘବାହନ' ବଂଶର ଦାୟାଦ । ତାଙ୍କର ନାମ ଐରକୁ ନେଇ ମଧ୍ୟ ଦ୍ୱନ୍ଦ୍ୱ ଅଛି । ଅନେକେ ତାଙ୍କୁ 'ଇରା' ନାମ୍ନୀମାନଙ୍କ ପୁତ୍ର ଐର କହୁଥିବା ବେଳେ କିଛି ଐତିହାସିକ କୁହନ୍ତି 'ଐର' ଶବ୍ଦ ହେଉଛି ସଂସ୍କୃତ 'ଆର୍ଯ୍ୟ'ରୁ ଆନିତ ହୋଇ ପ୍ରାକୃତର ଅପଭ୍ରଂଶ ଶବ୍ଦ 'ଐର' । କିଛି ମଧ୍ୟ ମତ ଦିଅନ୍ତି ହିନ୍ଦୁ ଓ ଜୈନ ଧର୍ମ ଶାସ୍ତ୍ରରେ ଲେଖାଥିବା ପୁରାଣ ସମ୍ମତ ପୌରବ ବଂଶର ଖାରବଳ ହେଉଛନ୍ତି ବଂଶଧର ।

ଯେହେତୁ ହାତିଗୁମ୍ଫା ଶିଳାଲେଖ ଜୈନ ସନ୍ନ୍ୟାସୀ 'ସିଦ୍ଧ' ଓ 'ଅରିହନ୍ତ'ଙ୍କୁ ପ୍ରଣାମ ଜଣାଇ ବର୍ଣ୍ଣିତ ହୋଇଛି, ଏଣୁ ଖାରବେଳ ଜନ୍ମରୁ ଜୈନ ଧର୍ମାବଲମ୍ବୀ ଥିବାର ବୋଲି ମଧ୍ୟ ଐତିହାସିକମାନେ ପ୍ରମାଣିତ କରିଥାନ୍ତି । ଜୈନ ଧର୍ମରେ ଅହିଂସା ମୂଳମନ୍ତ୍ର ଥିଲେ ମଧ୍ୟ କଳିଙ୍ଗାଧିପତି ଭାବରେ ପୂର୍ବ କଳିଙ୍ଗ ଯୁଦ୍ଧ ପରାଜୟର ଗ୍ଲାନି ଓ ଅପମାନ ତାଙ୍କ ମନରେ ବସା ବାନ୍ଧିବା ସ୍ୱାଭାବିକ । ତାଙ୍କ ସମସାମୟିକ



◄ ଲେଖକ ସଂଗ୍ରାମ ମହାପାତ୍ର



ପଡ଼ୋଶୀ ରାଜା ଥିଲେ ଶୁଙ୍ଗ ତଥା ସାତକର୍ଣ୍ଣି । ସାତକର୍ଣ୍ଣିଙ୍କ ସହ ଖାରବେଳ ଯୁଦ୍ଧ କରି କ୍ରିଷ୍ଣା ନଦୀର ଦକ୍ଷିଣାଞ୍ଚଳକୁ ବିଜୟ ଲାଭ କରିଥିଲେ ।

ନନ୍ଦବଂଶର ରାଜା ମହାପଦ୍ମନନ୍ଦଙ୍କ ଦ୍ୱାରା ନିର୍ମିତ ଜଳାଶୟକୁ ସେ ପୁନରୁଦ୍ଧାର କରିଥିଲେ । ଖାରବେଳଙ୍କ ରାଜତ୍ୱର ଅଷ୍ଟମ ବର୍ଷରେ ସେ ମଗଧର ରାଜଗୃହକୁ ଯୁଦ୍ଧାଭିଯାନ କରିବା ସମୟରେ ଗ୍ରୀକ୍ ଯବନମାନଙ୍କ ଦ୍ୱାରା ପାଟଳୀପୁତ୍ର ତଥା ମଥୁରା ଦଖଲ ହୋଇସାରିଥାଏ । ସେ ଗ୍ରୀକ୍‌ମାନଙ୍କୁ ପରାସ୍ତ କରି ମଥୁରାକୁ ମୁକ୍ତ କରି ସେଠାରେ ଜୈନ ଧର୍ମାବଲମ୍ବୀଙ୍କ ପାଇଁ ଉପଯୁକ୍ତ ବ୍ୟବସ୍ଥା କରିଥିଲେ । ଏହି ବିଜୟର ସ୍ମାରକୀ ସ୍ୱରୂପ ସେ ଏକ 'ସ୍ମାରକୀ ରାଜପ୍ରାସାଦ' ନିର୍ମାଣ କରିଥିଲେ । ପରାକ୍ରମଶାଳୀ ଗ୍ରୀକ୍ ଯବନମାନଙ୍କୁ ବୀରତ୍ୱରେ ଖାରବେଳ ପଳାୟନର ପଶ୍ଚାତ୍ ପଥ ଦେଖାଇବା କିଛି କମ ଆଶ୍ଚର୍ଯ୍ୟର କଥା ନୁହେଁ । ତାଙ୍କ ରାଜତ୍ୱର ଦଶମ ବର୍ଷରେ ସେ ଦାକ୍ଷିଣାତ୍ୟର ପ୍ରଭାବଶାଳୀ ତାମିଲ ରାଷ୍ଟ୍ରସଂଘଙ୍କ ସାମୂହିକ ଗୋଷ୍ଠୀଙ୍କୁ ପରାସ୍ତ କରି ନିଜର ବିଜୟ ବାନା ଉଡ଼ାଇଥିଲେ । ଏଠାରେ ସ୍ମରଣ କରିଦିଆଯାଇ ପାରେ ଯେ ତାମିଲ ରାଷ୍ଟ୍ରସଂଘ ଚୋଳ, ପାଣ୍ଡ୍ୟା, ସାତପୁତ୍ର ଓ କେରଳପୁତ୍ରମାନଙ୍କୁଚ ନେଇ ଖାରବେଳଙ୍କ ଅନେକ ଶତାବ୍ଦୀ ପୂର୍ବରୁ ଗଠିତ ହୋଇ ଦାକ୍ଷିଣାତ୍ୟରେ ନିଜର ପ୍ରଭୁତ୍ୱ ପ୍ରତିପାଦନ କରିଥିଲା । ଖାରବେଳଙ୍କ ଠାରୁ ଯୁଦ୍ଧରେ ପରାସ୍ତ ହେବା ପରେ ତାମିଲ ରାଷ୍ଟ୍ରସଂଘର ବିଲୟ ଘଟିଥିଲା । ଏଠାରେ ସ୍ମରଣଯୋଗ୍ୟ ଯେ ଅନେକ ବର୍ଷ ପୂର୍ବେ ମଗଧର ନନ୍ଦବଂଶର ରାଜା ମହାପଦ୍ମନନ୍ଦ କଳିଙ୍ଗ ଆକ୍ରମଣ କରି ଏଠାରୁ କଳିଙ୍ଗ ଜୀନ ମୂର୍ତ୍ତି ନେଇଯାଇଥିଲେ । ଖାରବେଳ ଯୁଦ୍ଧରେ ମଗଧ ରାଜା ବୃହସ୍ପତିମିତ୍ର ଶୁଙ୍ଗଙ୍କୁ ପରାସ୍ତ କରି କଳିଙ୍ଗ ଜୀନ ମୂର୍ତ୍ତି ଫେରାଇ ଆଣିଥିଲେ । ଏହି ମୂର୍ତ୍ତିର ପୁନଃ ପ୍ରତିଷ୍ଠା ତାଙ୍କ ଜୀବନର ସର୍ବୋତ୍ତମ ଉପଲବ୍ଧି ଓ ସଫଳତା ଭାବରେ ପରିଗଣିତ କରାଯାଏ । ସତେ ଯେପରି ତାଙ୍କରି ଦ୍ୱାରା କଳିଙ୍ଗର ହୃତ ଗୌରବ ଓ ପୂର୍ବ ସମ୍ମାନ ଫେରି ଆସିଥିଲା । ଅଶୋକଙ୍କ ନିଷ୍ଠୁର ଆକ୍ରମଣ ଓ କଳିଙ୍ଗ ଯୁଦ୍ଧର ପରାଜୟ ଖାରବେଳଙ୍କ ଉପରେ ଗଭୀର ରେଖାପାତ କରିଥିଲା । ପ୍ରତିଶୋଧ ନେବା ପାଇଁ ସେ ପାଞ୍ଚବର୍ଷ ମଧ୍ୟରେ ଦୁଇଥର ମଗଧ ଆକ୍ରମଣ କରି ମଗଧାଧିପତି ମୌର୍ଯ୍ୟବଂଶକୁ ସର୍ବତୋ ଭାବରେ ପରାସ୍ତ କରିଥିଲେ । ଖଣ୍ଡଗିରି, ଉଦୟଗିରିର ପର୍ବତରେ ଜୈନ ସନ୍ୟାସୀମାନଙ୍କ ପାଇଁ ଅନେକ ଗୁମ୍ଫା ଖୋଦନ କରିଥିଲେ । ହାତୀଗୁମ୍ଫା ଶିଳାଲେଖରେ ତାଙ୍କ ରାଜତ୍ୱର ତେରବର୍ଷ ସଫଳତା ଓ ବିବରଣୀ ଖୋଦିତ ହୋଇଛି । ତେର ବର୍ଷ ଶାସନ ପରେ ଖାରବେଳଙ୍କ ସମ୍ବନ୍ଧରେ ବିଶେଷ କିଛି ଜ୍ଞାତ ନୁହେଁ । ଖାରବେଳ ଜୈନ ଧର୍ମାବଲମ୍ବୀ ଥିଲେ ମଧ୍ୟ ତାଙ୍କର ଅନ୍ୟ ଧର୍ମ ପ୍ରତି ସମ୍ମାନ ଓ ସହାନୁଭୂତି ଥିଲା ବୋଲି ତାଙ୍କ ଶିଳାଲେଖରୁ ପ୍ରମାଣ ମିଳେ ।

ତାଙ୍କ ରାଜଧାନୀର ନାମ ଥିଲା 'କଳିଙ୍ଗ ନଗରୀ' । ସେ ଯେଉଁ ପୁରାତନ ଜଳାଧାରର ପୁନରୁଦ୍ଧାର କରିଥିଲେ ତାହା ତାନସୁଲି (ପ୍ରାୟତଃ ତୋଷାଳି) ଓ କଳିଙ୍ଗ ନଗରୀକୁ ଯୋଗ କରୁଥିଲା ବୋଲି ଅନୁମାନ କରାଯାଏ । କଳିଙ୍ଗ ରାଜ୍ୟର ଉତ୍ତର ଓ ଦକ୍ଷିଣରେ ସ୍ଥିତ ପଡ଼ୋଶୀ ରାଜାମାନଙ୍କୁ ଯୁଦ୍ଧରେ ପରାସ୍ତ କରି ସେ କଳିଙ୍ଗର ହୃତଗୌରବ ଫେରାଇ ଆଣିବାକୁ ସମର୍ଥ ହୋଇଥିଲେ । ବିଶେଷ ଭାବରେ ଓଡ଼ିଆ ଲୋକମାନଙ୍କୁ ଅନୁପ୍ରାଣିତ କରି ଏକ ଯୁଦ୍ଧ ବିଷର୍ଣ୍ଣ, ପରାଜୟ ବିବଶ, ଭଗ୍ନୋସାହ ଓଡ଼ିଆ ଜାତିକୁ ପୁନଶ୍ଚ ସଶସ୍ତ୍ର ଓ ସଶକ୍ତ କରିବା ସହ ବିଜୟୀ କରାଇଥିଲେ । ଏପରି ଉଦ୍ୟମ ଓଡ଼ିଆମାନଙ୍କ ଭିତରେ ଆତ୍ମପ୍ରତ୍ୟୟ ଓ ଆତ୍ମବଳକୁ ଯଥେଷ୍ଟ ବୃଦ୍ଧି କରିଥିଲା । ଖାରବେଳଙ୍କ ଗୁଣଗାନ ଯେତେ କଲେ ବି କମ ହେବ । ତାଙ୍କ ରାଜତ୍ୱର ମାତ୍ର ତେର ବର୍ଷର ଗାଥା ଆମେ ହାତୀଗୁମ୍ଫା ଶିଳାଲେଖାରୁ ଜାଣି ପାରିଥିଲେ ମଧ୍ୟ ତାଙ୍କ ଅସମ୍ଭବ ବୀରତ୍ୱ, ପ୍ରଜାହିତକାରୀ ଶାସନ, କଳିଙ୍ଗ ସାମ୍ରାଜ୍ୟ ପ୍ରତିଷ୍ଠା ପାଇଁ ସମଗ୍ର ଓଡ଼ିଆ ଜାତି ଆଜି ଗର୍ବିତ । କିନ୍ତୁ ଏହା ନିଃସନ୍ଦେହ ଯେ ସେ କଳିଙ୍ଗର ଚକ୍ରବର୍ତ୍ତୀ ବା ପ୍ରଥମ ସମ୍ରାଟ ଥିଲେ । ମାଞ୍ଚାପୁରୀ ଶିଳାଲେଖରେ ତାଙ୍କୁ ଚକ୍ରବର୍ତ୍ତୀ ଭାବରେ ଉଲ୍ଲିଖିତ କରାଯାଇଛି ।

ତାଙ୍କର ସଠିକ୍ ଜନ୍ମ ଶତାବ୍ଦୀକୁ ନେଇ ଏ ପର୍ଯ୍ୟନ୍ତ ମଧ୍ୟ ଐତିହାସିକମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଦେଖାଯାଏ । ଶିଳାଲେଖ, ସାତକର୍ଣ୍ଣି, ଶୁଙ୍ଗ ଓ ଚେଦି ବଂଶର ସମୟକୁ ନିରୂପଣ କରି ଐତିହାସିକମାନେ ଭିନ୍ନ ଭିନ୍ନ ମତପୋଷଣ କରିଛନ୍ତି । କିଏ କହନ୍ତି ତୃତୀୟ ବା ଦ୍ୱିତୀୟ ଶତାବ୍ଦୀ ତ କିଏ ମତ ଦିଅନ୍ତି ପ୍ରଥମ ଶତାବ୍ଦୀ ।

ଏହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଥାଏ ଯେ ନିଜ ରାଜତ୍ୱର ପ୍ରଭୁତ୍ୱ ସଫଳତା ତଥା ଅଖଣ୍ଡ ବୀରତ୍ୱର ଚରମ ସୋପାନରେ ଥାଇ ମଧ୍ୟ ଏବଂ ଯୁବାବସ୍ଥାର ତେର ବର୍ଷର ଗାଥା ବ୍ୟତୀତ ଅଉ କିପରି ଖାରବେଳଙ୍କ ଦ୍ୱାରା ଶିଳାଲେଖ କରାଗଲା ନାହିଁ । ଏହା ମଧ୍ୟ ବିଶ୍ୱାସ କରାଯାଏ ସେ ଅନେକ ଯୁଦ୍ଧ ଜୟ କଲା ପରେ ସାଂସାରିକ ଭୋଗବିଳାସରୁ ବିମୁଖ ହୋଇ ସେ ସମ୍ଭବତଃ ସନ୍ୟାସୀ ଭାବରେ ତୀର୍ଥଯାତ୍ରାରେ ବାହାରିଥିଲେ କିନ୍ତୁ ଏହାର କୌଣସି ସ୍ପଷ୍ଟ ପ୍ରମାଣ ମିଳେ ନାହିଁ ।

ଐର ଖାରବେଳଙ୍କ ସମୟରେ କଳିଙ୍ଗରେ ବାଣିଜ୍ୟ ଚଳୁଥିଲା ଓ ସୂକ୍ଷ୍ମ ତଥା ଛିଟ ବସ୍ତ୍ରମାନ ହେଉଥିଲା ବୋଲି ଗବେଷକମାନେ ମତପୋଷଣ କରିଛନ୍ତି । କୌଣସି ଆର୍ଥିକ ଦୂରାବସ୍ଥାର ମଧ୍ୟ ପ୍ରମାଣ ମିଳେନାହିଁ ।

ଇଂରେଜ ଐତିହାସିକ ଷ୍ଟର୍ଲିଙ୍ଗ ପ୍ରଥମେ ଏହି ହାତୀଗୁମ୍ଫା ଶିଳାଲେଖ ସମ୍ବନ୍ଧରେ ୧୮୨୭ ଖ୍ରୀଷ୍ଟାବ୍ଦରେ 'ଏସିଆଟିକ୍ ସୋସାଇଟି' ପତ୍ରିକାରେ ପ୍ରକାଶ କରିଥିଲେ । କିନ୍ତୁ ତାଙ୍କ ପକ୍ଷରେ ଶିଳାଲେଖ ଗୁଡ଼ିକୁ ପଢ଼ିବା ଦୁଃସାଧ୍ୟ ଥିଲା । ୧୯୧୭ ମସିହାରେ ଐତିହାସିକ କାଳୀ ପ୍ରସାଦ ଜୟସ୍ୱାଲ୍‌ଙ୍କ ବହୁ ଗବେଷଣା ଫଳରେ ଖାରବେଳଙ୍କ ଅମର କୀର୍ତ୍ତିକୁ ସେ ଲୋକଲୋଚନକୁ ଆଣି ପାରିଥିଲେ ।

ଐର ଖାରବେଳଙ୍କ ଅମର କୀର୍ତ୍ତି ହେଉଛି ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫା ଓ ପ୍ରକୋଷ୍ଠ ବିଶେଷ ଭାବରେ ହାତୀଗୁମ୍ଫା ଓ ରାଣୀନଅର । ଭୁବନେଶ୍ୱରକୁ ପ୍ରଥମେ ଶାସନର କେନ୍ଦ୍ରସ୍ଥଳୀ ଓ ରାଜଧାନୀ ଭାବରେ ଐର ଖାରବେଳ ହିଁ ପ୍ରତିଷ୍ଠା କରାଇଥିଲେ । ତାର କେତେ ଶତାବ୍ଦ ପରେ କେଶରୀ ବଂଶର ରାଜା ଲଲାଟେନ୍ଦ୍ର କେଶରୀ ଭୁବନେଶ୍ୱରକୁ ପୁନଶ୍ଚ ରାଜଧାନୀ ଭାବରେ ପ୍ରତିଷ୍ଠା କରି ଲିଙ୍ଗରାଜ ମନ୍ଦିର ଓ ବିନ୍ଦୁସାଗର ନିର୍ମାଣ କରିଥିଲେ । ଭୁବନେଶ୍ୱରର ଅନତିଦୂରସ୍ଥ ଖଣ୍ଡଗିରି

ଓ ଉଦୟଗିରିର ମନୋରମ ଶାନ୍ତସ୍ନିଗ୍ଧ ପରିବେଶ ସେତେବେଳେ ଧ୍ୟାନମଗ୍ନ ବୌଦ୍ଧ ଓ ଜୈନଯୋଗୀମାନଙ୍କ ପାଇଁ ସର୍ବୋତୋ ଉପଯୁକ୍ତ ସ୍ଥାନ ଭାବରେ ବିବେଚିତ ହୋଇଥିବ । ମୁଣ୍ଡିଆ ପାହାଡ଼ର ଚତୁର୍ଦ୍ଦିଗ ଘେରା ବନରାଜିରେ ପଶୁପକ୍ଷୀମାନଙ୍କର ଭୟମୁକ୍ତ ବିଚରଣ ମଧ୍ୟରେ ନିର୍ଜନତାକୁ ଆପଣେଇ ଯୋଗୀଟିଏ ଧ୍ୟାନମଗ୍ନ ହେବା ସହ ଆତ୍ମକୈନ୍ଦ୍ରିକ ହେବା ସ୍ୱାଭାବିକ । ଜୈନଧର୍ମାବଲମ୍ବୀମାନେ ପୌତ୍ତୋଳିକତାବାଦରେ ବିଶ୍ୱାସ କରନ୍ତି ନାହିଁ । ଏଣୁ ବିଶ୍ୱର ସୃଷ୍ଟିକର୍ତ୍ତା (ବ୍ରହ୍ମା) ପାଳନକର୍ତ୍ତା (ବିଷ୍ଣୁ) ଓ ସଂହାରକର୍ତ୍ତା (ମହେଶ୍ୱର)ଙ୍କ ଭାବନା ଓ ବିଶ୍ୱାସ ସେମାନଙ୍କ ମଧ୍ୟରେ ନରହିବା ସ୍ୱାଭାବିକ । ଅଥଚ ସେମାନଙ୍କ ପାଇଁ 'ଅହିଂସା' ଧର୍ମ ସର୍ବୋପରି । ଅବଶ୍ୟ ପରବର୍ତ୍ତୀ ସମୟରେ ଜୈନଧର୍ମାବଲମ୍ବୀମାନେ ମଧ୍ୟ ଅବତାର ପୁରୁଷ ଓ ମହାପୁରୁଷମାନଙ୍କୁ ବିଶ୍ୱାସ କରି ହିନ୍ଦୁଙ୍କ ଭଳି ଅବତାର ରୂପେ ମହାନ ପଥପ୍ରଦର୍ଶକ ମହାବୀର ଜୈନ ଓ ପାର୍ଶ୍ୱନାଥଙ୍କ ମୂର୍ତ୍ତିଙ୍କୁ ପୂଜା କରିବାକୁ ଲାଗିଲେ । ଏବେ ମଧ୍ୟ ବିଭିନ୍ନ ସ୍ଥାନରେ ଧ୍ୟାନମଗ୍ନ ମହାବୀର ଜୈନଙ୍କ ଦୁର୍ଗା ମନ୍ଦିରରେ ପୂଜିତ ।



ଉଭୟ ପାହାଡ଼ରେ ଯେଉଁ ସର୍ପ ଗହ୍ୱର ଓ ବ୍ୟାଘ୍ର ଗହ୍ୱର ଦୃଷ୍ଟିଗୋଚର ହୁଏ ତାହା ଐର ଖାରବେଳଙ୍କ ପୂର୍ବରୁ ଖୋଦିତ ବୋଲି ଅନୁମାନ କରାଯାଏ କାରଣ ଏହା ବୌଦ୍ଧମାନେ ନିର୍ମାଣ କରି ପାରିଥାନ୍ତି ବୋଲି କେହି ଐତିହାସିକମାନେ ମତପୋଷଣ କରିଛନ୍ତି । ଏପରି କରିବାର ଉଦ୍ଦେଶ୍ୟ ଥିଲା ଧ୍ୟାନ ସମୟରେ ମନରେ ବିକାର ଓ ମନ୍ଦଚିତ୍ତକୁ ଦମନ କରିବା ପାଇଁ ଏପରି ଭାଷଣ ଗହ୍ୱର ମନରେ ଭୟ ସୃଷ୍ଟି କରି ମନକୁ ଧ୍ୟାନକେନ୍ଦ୍ରିତ କରିବ । ଗ୍ରହଣ କରିବାକୁ ପଡ଼ିବ ଯେ ଖାରବେଳଙ୍କ ସମୟର କଳିଙ୍ଗରେ ଶିଳ୍ପୀଚାତୁର୍ଯ୍ୟର ଉନ୍ମେଷ ଘଟି ପରବର୍ତ୍ତୀ କାଳରେ ଏହା ଯଥେଷ୍ଟ ପାରଦର୍ଶିତା ଲାଭ କରିଥିଲା । ଜଳାଶୟ ଖୋଦିତ କରି ପ୍ରଜାମାନଙ୍କୁ ଶୀତଳ, ସୁମିଷ୍ଟ ଜଳ ପ୍ରଦାନ କରିବା ସହ ସମ୍ଭବତଃ କୃଷିକାର୍ଯ୍ୟ ପାଇଁ ପ୍ରଜାମାନଙ୍କୁ ଅଭିପ୍ରେରିତ କରିବା ପାଇଁ ଏହାର ଉଦ୍ଦେଶ୍ୟ ଥାଇପାରେ ।

ପ୍ରଜାଙ୍କ ଉନ୍ନତି, ଧର୍ମର ପ୍ରଚାର, ସହନଶୀଳତା, ଶାସନର ଗୁଣବତ୍ତା, ସ୍ୱାଭିମାନ, ସାମ୍ରାଜ୍ୟବାଦ ଆଦି ହୃତଗୌରବକୁ ପୁନଃପ୍ରତିଷ୍ଠା କରିବାରେ ବାସ୍ତବିକ ଖାରବେଳ ଥିଲେ କଳିଙ୍ଗର ପ୍ରଥମ ଅଦ୍ୱିତୀୟ ଲୋକପ୍ରିୟ ସମ୍ରାଟ ।

ହାତୀଗୁମ୍ଫା ଶିଳାଲେଖ ତାଙ୍କ ତେରବର୍ଷ ଶାସନର ବିଭିନ୍ନ ଦିଗ ପ୍ରତି ଉଲ୍ଲିଖିତ କରିବା ସହ ତାଙ୍କ ଜୀବନୀ ଓ ସାମରିକ ସଫଳତା ସମ୍ବନ୍ଧରେ ବହୁବିଧ ପ୍ରମାଣ ଦେଇଥାଏ । ତାଙ୍କର ରାଜଧାନୀ କଳିଙ୍ଗନଗରୀକୁ ସେ ସୁନ୍ଦର କରିବାକୁ ଚେଷ୍ଟା କରି ତୋରଣ ନିର୍ମାଣ ସହ ଭଗ୍ନଦୁର୍ଗର ମରାମତି କରିଥିଲେ । ଡକ୍ଟର ହରେକୃଷ୍ଣ ମହତାବଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ତରଫରୁ ୧୯୪୮ ମସିହାରେ ଆବିଷ୍କୃତ ଶିଶୁପାଳଗଡ଼ ସେକାଳର 'କଳିଙ୍ଗ ନଗରୀ' ବୋଲି ବିଶ୍ୱାସ କରାଯାଏ । ଐର ଖାରବେଳଙ୍କ ପୂର୍ବରୁ ଶିଶୁପାଳଗଡ଼ ଯେ ଉନ୍ନତ ସହର ଥିଲା ଏହା ବିଶ୍ୱାସଯୋଗ୍ୟ । ଆଠଟି ଉଚ୍ଚତୋରଣ, ସଶକ୍ତ ଦୁର୍ଗ, ଚତୁଷ୍କୋରଣରେ ଉଚ୍ଚମୀନର ବେଷ୍ଟିତ ଏହି ଶିଶୁପାଳଗଡ଼ ଅଶୋକ ବୃକ୍ଷରେ ସୁଶୋଭିତ ଥିଲା । ଅଶୋକ ବୃକ୍ଷର ଅନ୍ୟ ନାମ ମଧ୍ୟ 'ଶିଶୁପା' । ଏଯାବତ୍ ମଧ୍ୟ ଲିଙ୍ଗରାଜଙ୍କ ଅଶୋକାଷ୍ଟମୀ ପୂଜାରେ ଅଶୋକ ବୃକ୍ଷର ପୁଷ୍ପ ଭୋଗ ଲାଗି ଦିଆଯାଏ ।

ହାତିଗୁମ୍ଫାକୁ ଏପରି କୁହାଯାଏ କାରଣ ଗୁମ୍ଫାର ସମ୍ମୁଖ ଭାଗରେ ହାତୀ ଶୁଣ୍ଢ ଭଳି ପଥରକୁ କଟା ଯାଇଛି କିନ୍ତୁ ଇଂରେଜ ପରିଦର୍ଶକ ବେଗଲାର ଏହାକୁ ସିଂହର ମୁଖ ବୋଲି ବର୍ଣ୍ଣନା କରିଛନ୍ତି ।

ଖଣ୍ଡଗିରି ଗୁମ୍ଫା ଏହାର ଶିଳ୍ପକଳା ପାଇଁ ଉଲ୍ଲେଖନୀୟ । ଧ୍ୟାନ ମୁଦ୍ରାରେ ବସିଥିବା ଜୈନ ମୂର୍ତ୍ତି, ପ୍ରତ୍ୟେକଙ୍କର ଏକ ପ୍ରତୀକ ବା ବାହନ ବିଦ୍ୟମାନ ଯଥା: ବୃଷଭ, ହସ୍ତୀ, ଅଶ୍ୱ, ବାନର, ପଦ୍ମ ଏବଂ ସର୍ପଫଣା ତଳେ ଧ୍ୟାନସ୍ଥ ବୁଦ୍ଧ, ଚକ୍ର ଏବଂ ଅଶ୍ୱତ୍ଥ ବୃକ୍ଷ । ବୃଷଭ ପ୍ରତୀକ ସାଥିରେ ଜୈନ, ହସ୍ତୀରେ ଆଦିନାଥ, ଅଶ୍ୱରେ ଆଦିତ୍ୟନାଥ, ବାନର ସହ ଶମ୍ଭୁନାଥ ଏବଂ ପଦ୍ମ ପୁଷ୍ପ ସହ ଅଭୟନନ୍ଦନାଥ ବିରାଜିତ ବୋଲି ବେଗଲାର୍ ଲେଖିଛନ୍ତି । ଯେହେତୁ ଅଶ୍ୱତ୍ଥ ବୃକ୍ଷ ଏବଂ ଉକ୍ତ ପ୍ରତୀକକୁ ବୌଦ୍ଧମାନେ ବ୍ୟବହାର କରୁଥିଲେ ଏଣୁ ବାକିସବୁ ଜୈନମାନଙ୍କର ବୋଲି ଗ୍ରହଣ କରିବାକୁ ପଡ଼ିବ ବୋଲି ସେ ମତବ୍ୟକ୍ତ କରିଛନ୍ତି । ସେହିପରି ଗଣେଷ ଗୁମ୍ଫାରେ ସପ୍ତଶକ୍ତି ବିଦ୍ୟମାନ ।



୧. ଦଶଭୁଜାଙ୍କ ସହିତ ଡେଣା ସଂଯୁକ୍ତ ଉଦୀୟମାନ ପୁରୁଷ ।
୨. ଚତୁର୍ଭୁଜାଙ୍କ ସହ ହସ୍ତୀ ବାହନ
୩. ଦ୍ୱିଭୁଜାଙ୍କ ସହ ପୁରୁଷର ଲିଙ୍ଗର ପ୍ରତୀକ
୪. ଚତୁର୍ଭୁଜାଙ୍କ ହସ୍ତରେ ଏକ ଶିଶୁ ଓ ବାନର ପ୍ରତୀକ
୫. ଚତୁର୍ଭୁଜାଙ୍କ ହସ୍ତରେ ଏକ ଶିଶୁ ଓ ମୟୂର ପ୍ରତୀକ
୬. ଦ୍ୱିଭୁଜାଙ୍କ ହସ୍ତରେ ପଦ୍ମ ଓ ପାଦ ତଳେ ବଜ୍ର
୭. ଦ୍ୱିଭୁଜାଙ୍କ ହସ୍ତରେ ଏକ ଶିଶୁ ଓ ସିଂହର ପ୍ରତୀକ

କାନ୍ଥରେ ଦୁଇଜଣ ଧ୍ୟାନସ୍ଥ ବୁଦ୍ଧ, ମସ୍ତକରେ ନାଗ ସର୍ପ, ଅନ୍ୟ ଜଣଙ୍କର ବାମ ପାର୍ଶ୍ୱରେ ବୃଷଭ । ଏସବୁର ଶିଳା ଖୋଜ ତଳେ ଲେଖାଅଛି: ଶ୍ରୀମଦୁଦ୍ୟୋତ କେଶରୀ ଦେବସ୍ୟ ପ୍ରବର୍ଦ୍ଧନେ ବିଜୟରାଯସ୍ୟ ସମ୍ବତ ୧୮(?) ଏହା ନିୟମ ଖାରବେଳଙ୍କ ପରବର୍ତ୍ତୀ ସମୟର । ଖାରବେଳ ନିଜ ନାମରେ ଅବ୍ଦ ପ୍ରଚଳନ କରିନଥିଲେ ଏବଂ ସେ କେଶରୀ ବଂଶ ଶମ୍ଭୂତ ମଧ୍ୟ ନହଁନ୍ତି ।

ଆଶ୍ଚର୍ଯ୍ୟର କଥା ହେଉଛି ଏହା ଖାରବେଳଙ୍କ ଶତାବ୍ଦୀ ପରେ ହେଲେ ମଧ୍ୟ କଳିଙ୍ଗରେ ବୌଦ୍ଧ, ଶକ୍ତି, ଜୈନ ଆଦି ସମସ୍ତ ଧର୍ମର ପାରସ୍ପରିକ ସହନଶୀଳତା ଥିଲା- ଏହା ଗ୍ରହଣ କରିବାକୁ ପଡ଼ିବ ।



ଖାରବେଳ ନିଜେ ମଧ୍ୟ ନୃତ୍ୟକଳାକୁ ପ୍ରୋତ୍ସାହିତ କରୁଥିଲେ । ହାତୀଗୁମ୍ଫା ଶିଳାଲେଖରେ ନର୍ତ୍ତକୀ ପରିବେଷ୍ଟିତ ରଙ୍ଗମଞ୍ଚରେ ଚାରି ସୁନ୍ଦରୀ ମହିଳାଙ୍କ ପରିବେଷଣକୁ ରାଜା ଖାରବେଳ ଉପଭୋଗ କରୁଥିବାର ଚିତ୍ର ବିଦ୍ୟମାନ । ହାତୀଗୁମ୍ଫା ଶିଳାଲେଖର ଉଣେଇଶ ନମ୍ବର ଧାଡ଼ିରେ ବର୍ଣ୍ଣିତ ଅଛି ଯେ ରାଜା 'ତ୍ରୈୟତ୍ରିକ' (ନୃତ୍ୟ ସଙ୍ଗୀତ ଓ ନିର୍ଦ୍ଦେଶନାର ସାମୁହିକ ପରିବେଷଣ) ବିଦ୍ୟାକୁ ପୁନଃ ପ୍ରଚଳନ କରି କଳିଙ୍ଗର ଅବଲୁପ୍ତ କଳାକୁ ପୁନର୍ଜୀବିତ କରିବା ପାଇଁ ସମସ୍ତ ପ୍ରକାର ପ୍ରୟାସ କରିଥିଲେ । ଖାରବେଳ ସାମରିକ କଳାରେ ନିପୁଣ ଥିବା ଦକ୍ଷ ଓ ପାରଦର୍ଶୀ ନୃପତି ଥିଲେ । ସେ ଏପରି ଏକ ସମୟରେ ସିଂହାସନ ଆରୋହଣ କରିଥିଲେ ଯେତେବେଳେ କି ମୌର୍ଯ୍ୟଙ୍କ ଆକ୍ରମଣରେ ଭୁଲୁଣ୍ଠିତ କଳିଙ୍ଗସେନାଙ୍କ ପ୍ରାଣରେ ଏକ ନୂତନ ସାହସ ଓ ଉଦ୍ଦୀପନାର ସଂଜୀବନୀ ଆବଶ୍ୟକତା ଥିଲା । ଖାରବେଳ ସେ ସଂଜୀବନୀ ପ୍ରଦାନ କରିବା ସହ କଳିଙ୍ଗର ସାମରିକ ସାମ୍ରାଜ୍ୟବାଦକୁ ପ୍ରତିଷ୍ଠା କରି ନିଜର ଅଖଣ୍ଡ ବୀରତ୍ୱ ପ୍ରତିପାଦନ କରିଥିଲେ । ତାଙ୍କ ସୈନ୍ୟବାହିନୀରେ ଅଶ୍ୱ, ହସ୍ତୀ, ପଦାତିକ ଓ ନୌସେନା ଦ୍ୱାରା ସଂଗଠିତ ହୋଇ ଦୁର୍ଦ୍ଧର୍ଷ ସୈନ୍ୟବାହିନୀର ଖ୍ୟାତି ଅର୍ଜନ କରି ପଡ଼ୋଶୀ ରାଷ୍ଟ୍ରମାନଙ୍କ ଭିତରେ ଭୟ ସଞ୍ଚାର କରିଥିଲା ।

ଖାରବେଳଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସଫଳତା ଥିଲା, କଳିଙ୍ଗର ପୂର୍ବ ରାଜଧାନୀ, ପିଥୁଣ୍ଡାକୁ ଯୁଦ୍ଧ ଦ୍ୱାରା କରାଗ୍ରତ କରିବା । ଐତିହାସିକମାନେ କହନ୍ତି 'ପିଥୁଣ୍ଡା' କଳିଙ୍ଗ ଜୈନ 'ରିଷଭନାଥ'ଙ୍କ ମୂଳ ଉପାସନା କେନ୍ଦ୍ର ଥିଲା । ଯୁଦ୍ଧରେ ମଗଧକୁ ପରାସ୍ତ କରି ଆନିତ କଳିଙ୍ଗ ଜୀନ ମୂର୍ତ୍ତିଙ୍କୁ ଖାରବେଳ 'ପିଥୁଣ୍ଡା'ଠାରେ ଅବସ୍ଥାପିତ କରାଇଥିଲେ । ପିଥୁଣ୍ଡାକୁ କେହି ଐତିହାସିକ 'ପେଥାନ' ବା 'ପ୍ରତିଷ୍ଠାନ' ସ୍ଥାନ ଭାବରେ ଚିହ୍ନଟ କରନ୍ତି ଯାହା ଗୋଦାବରୀ ନିକଟବର୍ତ୍ତୀ ସାତକର୍ଣ୍ଣି ବଂଶୀୟ ରାଜାଙ୍କର ରାଜଧାନୀ ଥିଲା ବୋଲି କୁହାଯାଏ । ଆଧୁନିକ ମଧ୍ୟପ୍ରଦେଶ, ଛତିଶଗଡ଼, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା ଆଦି ଅଂଚଳ ପୂର୍ବେ ସାତକର୍ଣ୍ଣି ରାଜବଂଶର ଶାସନାଧିନ ଥିଲା ।

ହାତୀଗୁମ୍ଫା ଶିଳାଲେଖ ଭାରତରେ ଅଦ୍ୱିତୀୟ । କାରଣ ପାଲି ଭାଷାରେ କାବ୍ୟଶୈଳୀରେ ଲିଖିତ ଏପରି ଶିଳାଲେଖ ଅସାଧାରଣ ଭାବରେ କ୍ରମାନ୍ୱୟରେ ଘଟଣାକୁ ବର୍ଣ୍ଣିତ କରିଛି । ଜୈନ ପ୍ରତୀକ ମଣ୍ଡିତ ଏହି ଶିଳାଲେଖରେ ରାଜ୍ୟର ଭୂଗୋଳ, ଇତିହାସ, ସମର କୀର୍ତ୍ତି ବର୍ଣ୍ଣିତ ହେବା ସହ ସମସାମୟିକ ରାଜାଙ୍କ ବିଷୟରେ ଉଲ୍ଲିଖିତ ଅଛି । ପ୍ରଥମ ଶତାବ୍ଦୀରେ ସମଗ୍ର ଭାରତବର୍ଷର ଖାରବେଳ ହିଁ ସର୍ବଶ୍ରେଷ୍ଠ ଶାସକ ଭାବରେ ନିଶ୍ଚୟ ବିବେଚିତ ହେବେ- ଏହା ଆମକୁ ସ୍ୱୀକାର କରିବାକୁ ପଡ଼ିବ, ଯାହା ଐତିହାସିକମାନେ ପ୍ରମାଣ କରିଛନ୍ତି ।

ଗୁମ୍ଫାଶିଳ୍ପ ଚାତୁର୍ଯ୍ୟରେ ଖାରବେଳଙ୍କ ଦାନ ଥିଲା ଅନନ୍ୟ । ଉଦୟଗିରିରେ ଥିବା ହାତୀଗୁମ୍ଫା ଓ ମଞ୍ଚାପୁରୀ ଶିଳାଲେଖ ସମଗ୍ର ଭାରତରେ ଉଲ୍ଲେଖନୀୟ । ଦ୍ୱିତଳ ବିଶିଷ୍ଟ ଏହି ଗୁମ୍ଫାରେ ଖାରବେଳଙ୍କ ତେରବର୍ଷ ଶାସନର କୀର୍ତ୍ତି ଖୋଦିତ । ଖଣ୍ଡଗିରି ପାହାଡ଼ରେ ଥିବା ଅନନ୍ତ ଗୁମ୍ଫାରେ ଜୈନ ଧର୍ମର ଉପଦେଶ ଖୋଦିତ । ଏଥିରେ 'ଲକ୍ଷ୍ମୀ' ଦୁଇ ଗଜଙ୍କ ମଧ୍ୟରେ ଅବସ୍ଥିତ ଥିବାର ଚିତ୍ର ପ୍ରମାଣ କରେ ଯେ ସେତେବେଳେ ଜୈନମାନେ ମଧ୍ୟ ହିନ୍ଦୁ ଦେବୀ 'ଲକ୍ଷ୍ମୀ'ଙ୍କର ଆରାଧନା କରୁଥିଲେ, ଯାହା ଆଜିଯାଏଁ ମଧ୍ୟ ବିଦ୍ୟମାନ । ଏହା ଖାରବେଳଙ୍କ ରାଜକୀୟ ଧର୍ମ ଯାହା 'ଧର୍ମସହନୀଳତା' ଅଦ୍ୟାବଧି ଓଡ଼ିଆମାନଙ୍କର ଐତିହ୍ୟ ଓ ସଂସ୍କୃତି ଭାବରେ ସମଗ୍ର ମାନବ ସମାଜରେ ଆଦୃତ ଓ ଅଭିନନ୍ଦିତ ।

ଆଜକୁ ୧୪୭ ବର୍ଷ ତଳେ ଜେ.ଡ଼ି. ବେଗଲାର୍‌ଙ୍କ ଦ୍ୱାରା ପ୍ରକାଶିତ ହୋଇଥିଲା 'ରିପୋର୍ଟ ଅଫ୍ ଟୁର୍‌ସ୍ ଇନ୍ ଦି ସାଉଥ୍ ଇଷ୍ଟର୍ଣ୍ଣ ପ୍ରୋଭିନ୍‌ସେସ୍' । ସେ ସେତେବେଳେ ଇଂରେଜ ସରକାର ଦ୍ୱାରା ଭାରତର ପ୍ରତ୍ନତତ୍ତ୍ୱ ବିଭାଗର ସହାୟକ ଥିଲେ । ଭାରତରେ ପ୍ରତ୍ନତାତ୍ତ୍ୱିକ ବିଭାଗରେ ସେତେବେଳେ ମହାନିର୍ଦ୍ଦେଶକ ଥାଆନ୍ତି ମେଜର ଜେନେରାଲ ଏ.କନିଙ୍ଗହାମ୍ । ବେଗଲାର ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫା ପରିଦର୍ଶନ କରି ଧଉଳିସ୍ଥିତ ଅଶୋକଙ୍କ ଶିଳାଲେଖକୁ ଭ୍ରମଣ କରି ଦେଖିଥିଲେ । ଖଣ୍ଡଗିରି ଠାରେ ଏକ ପୁଷ୍କରିଣୀ ଯାହାର ନାମ 'ଆକାଶଗଙ୍ଗା' ଯାହାକି ମେ ମାସରେ ଶୁଷ୍କ ହୋଇଯାଏ, ସେ ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି । ହସ୍ତୀମାନଙ୍କର ଚିତ୍ର ଯାହା ଅର୍ଦ୍ଧଭଗ୍ନ ସେଥିରେ ଛତ୍ରଧାରୀ ରାଜା ରଥାରୂଢ଼ ହୋଇ ଚାରିଗୋଟି ଅଶ୍ୱଙ୍କ ଦ୍ୱାରା ଧାବିତ ମୁଦ୍ରାରେ ଦ୍ୱିତୀୟ ଲେଖରେ ଲକ୍ଷ୍ମୀ ଯିଏ ଦୁଇଟି ପଦ୍ମ ଧରିଛନ୍ତି ଏବଂ ଦୁଇ ପାର୍ଶ୍ୱରେ ଶୁଣ୍ଢ ଟେକି ହସ୍ତୀମାନେ ଠିଆ ହୋଇଛନ୍ତି, ତୃତୀୟରେ ଘେରା ମାଧ୍ୟମରେ ଥିବା ବଟବୃକ୍ଷ ଯାହାଙ୍କୁ ରାଜଛତ୍ର ତଳେ ପରିଚାରକମାନେ ମଣ୍ଡନ କରିଛନ୍ତି- ଏସବୁ ବିଦ୍ୟମାନ ଥିବାର ବେଗଲାର୍‌ଙ୍କ ଲେଖାରେ ପ୍ରକାଶିତ । ପ୍ରତ୍ୟେକ ପ୍ରବେଶ ପଥରେ ବୌଦ୍ଧଧର୍ମର ପ୍ରତୀକ ଯାହା ପ୍ରତ୍ୟେକ ଠାରୁ ଭିନ୍ନ ଏବଂ ଏକ ସ୍ୱସ୍ତିକ ଚିହ୍ନ ଅବସ୍ଥିତ । ସେ ଅନନ୍ତ ଗୁମ୍ଫାର ଶିଳାଲେଖ ସମ୍ବନ୍ଧରେ ସବିଶେଷ ବର୍ଣ୍ଣନା କରି ଶିଳାଲେଖ ଗୁଡ଼ିକରେ ଖୋଦିତ ଅକ୍ଷରଗୁଡ଼ିକୁ ମଧ୍ୟ ନିଜ ବିବରଣୀରେ ମୁଦ୍ରଣ କରିଛନ୍ତି । ଏହି ଗୁମ୍ଫାରେ ଖଡ଼୍‌ଗଧାରୀ ସୈନିକଙ୍କ ଚିତ୍ର ଶୋଭାପାଏ । ଉଦୟଗିରିରେ ଗଣେଷ ଗୁମ୍ଫା ଅବସ୍ଥିତ । ହାତୀ, ଶାଳ ବୃକ୍ଷ ଏବଂ ପଦ୍ମ ପୁଷ୍ପର ଚିତ୍ର ଏହି ଗୁମ୍ଫାରେ ଖୋଦିତ । ହାର ଦକ୍ଷିଣ ପାର୍ଶ୍ୱରେ ଦେବସଭା ଗୁମ୍ଫା ଯାହା ଲମ୍ବରେ ଅଧିକ । ଏହା ଉପରେ ଏକ ବୃତ୍ତାକାର ଖୋଲା ଚଟାଣ ପ୍ରସ୍ତର ଅଛି ଯାହା ଉପରେ ଲଲାଟେନ୍ଦ୍ର କେଶରୀ କେତେବେଳେ ଭ୍ରମଣରେ ଆସି ଆସୀନ ହୋଇ ରାଜକାର୍ଯ୍ୟ ପରିଚାଳନା କରୁଥିଲେ । ତା ପାଖରେ ଏକ ପବନ ଗୁମ୍ଫାରେ ରାଜାଙ୍କ ହସ୍ତୀମାନେ ବିଶ୍ରାମ କରୁଥିଲେ । ପ୍ରବେଶ ଦ୍ୱାରରେ ଐର ଖାରବେଳଙ୍କ ପ୍ରସିଦ୍ଧ ଶିଳାଲେଖ ଅବସ୍ଥିତ ।

ଆଧୁନିକ ଓଡ଼ିଶାର କଳିଙ୍ଗବୀର ବିଜୁ ପଟ୍ଟନାୟକଙ୍କ ଆଦର୍ଶ ଥିଲେ 'ଖାରବେଳ' । ଖାରବେଳଙ୍କ ଜୀବନୀ ଦ୍ୱାରା ପ୍ରଭାବିତ ହୋଇ ସେ ଏକଦା କହିଥିଲେ 'ମୋ ରକ୍ତରେ ଖାରବେଳଙ୍କ ରକ୍ତ ପ୍ରବାହିତ' । ରାଜଧାନୀ ଭୁବନେଶ୍ୱରରେ ସଦ୍ୟ ଆଧୁନିକ ଶୈଳୀରେ ନିର୍ମିତ ନୂତନ ବହୁତଳ ବିଶିଷ୍ଟ ଦ୍ୱିତୀୟ ସଚିବାଳୟର ନାମକୁ ଯଥାର୍ଥରେ 'ଖାରବେଳ ଭବନ' ନାମରେ ନାମିତ କରି ଏ ଜାତି ତାର ଶ୍ରେଷ୍ଠ ସମ୍ରାଟ ଓ ଚକ୍ରବର୍ତ୍ତୀ ଐର ଖାରବେଳଙ୍କ ପ୍ରତି ବିନମ୍ର ଶ୍ରଦ୍ଧାଞ୍ଜଳି କରିଛି । ଓଡ଼ିଆ ଜାତି ଖାରବେଳଙ୍କ ପ୍ରତି ବିନମ୍ର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛି । ଓଡ଼ିଆ ଜାତି ଖାରବେଳଙ୍କ ପରି ବୀର ପାଇ ସଦାସର୍ବଦା ଗର୍ବିତ । ତାଙ୍କ କୃତି ଆମ ଜାତିର ଅମୂଲ୍ୟ ଐତିହ୍ୟ ।




# କନ୍ହେଇ କଥା

# କନ୍‌ହେଇ ଅଛି ଆମ ସହିତ


**ଭୀମ ପୃଷ୍ଟି**

କାଏମା, ଧର୍ମଶାଳା, ଯାଜପୁର-୭୫୫୦୦୮
ଫୋନ: ୯୪୩୭୫୩୧୩୯୭


ଫଟୋ ସୌଜନ୍ୟ : ଲେଖକ
ମୁଖ୍ୟପୃଷ୍ଠ ପୋଟ୍ରେଟ୍ : ସୌମ୍ୟରଂଜନ ପଟ୍ଟନାୟକ

**ଅଳ୍ପାୟୁଷ ନେଇ ଆସିଥିଲେ କଥାଶିଳ୍ପୀ କନ୍‌ହେଇଲାଲ ଦାସ । ମାତ୍ର ୨୮ ବର୍ଷ ଆୟୁଷ୍କାଳ ତାଙ୍କର । ସେଥିରୁ ମାତ୍ର ସାତ ଆଠ ବର୍ଷର ସାହିତ୍ୟ ସାଧନା । ଏଇ ସ୍ୱଳ୍ପକାଳ ମଧ୍ୟରେ ସେ ଯେତିକି ଗଳ୍ପ ରଚନା କରି ଯାଇଛନ୍ତି, ସେସବୁ ଆଜି ବି ଆମକୁ ବିସ୍ମିତ କରେ । ଗଳ୍ପର ଟ୍ରେଣ୍ଡ୍ ବଦଳାଇଥିଲେ ସେ । ଶୈଳୀରେ ବି ସେ ଥିଲେ ଧୂରୀଣ । କନ୍‌ହେଇ ପାଇଁ ଆମର ଏ ଶ୍ରଦ୍ଧାର୍ଘ୍ୟ ।**



▶ ଲେଖକ ଭୀମ ପୃଷ୍ଟି

କନ୍‌ହେଇ ଅଛି । ସେ ସବୁ ଶୁଣୁଛି । ସେ ଆମ ସହ ଅଛି ।

ବାଲେଶ୍ୱର ଜିଲ୍ଲାର ଭୋଗରାଇ ମାଟି ଦୁଇଭାଇଙ୍କୁ ଜନ୍ମଦେଲା । ଜଣେ ଐତିହାସିକ । ଅନ୍ୟ ଜଣେ ସାହିତ୍ୟିକ, ଦାର୍ଶନିକ । ସେମାନେ ଫକୀରମୋହନଙ୍କ ପଛରେ ସୁନାକଠଉ ପିନ୍ଧି ଚାଲିଛନ୍ତି । ସେହି ଅଂଚଳର କମର୍ଦ୍ଦା ଗ୍ରାମରେ ଜନ୍ମ ନେଲା ସବୁଠୁ ବୋହେମିୟାନ୍ ଲାଫିଙ୍ଗ୍ ବୁଦ୍ଧ । ଓଡ଼ିଆ ସାହିତ୍ୟ ତାକୁ କହିଲା: ସ୍ୱପ୍ନ ସମ୍ରାଟ୍ । ଜଣଙ୍କ ପଛ ଜୀବନର ଗପ କହିଲେ ଅକ୍ଳେଶରେ ଜାଣିହୁଏ ଜଣଙ୍କର ଜନ୍ମ ମୃତ୍ୟୁ ଆଉ ପ୍ରେମର ଅସଲ ଗପ ।

୧୯୪୭ ଜୁନ ୨୭ ତାରିଖ କ୍ଷେତ୍ରମୋହନ ଓ ଅନୀଳବାଳାଙ୍କ ଯେଉଁ ପୁଅ ଜନ୍ମହେଲା ତାର ଅଣଚାଳିଶ ଦିନ ପରେ ଭାରତ ହେଉଛି ସ୍ୱାଧୀନ । ହେଲେ ଅଭାବ ଅନାଟନରେ ସେ ପରିବାରର ପରାଧୀନତାର ଅନ୍ତ ନଥିଲା ।

ତା'ତଳେ ଆହୁରି ତିନିଭଉଣୀ, ପୋଲିଓ ଗ୍ରସ୍ତ ସାନ ଭାଇ । ଶ୍ୱାସରୋଗରେ କ୍ଷେତ୍ରମୋହନଙ୍କ ଦେହାନ୍ତ ପରେ ଘରଖର୍ଚ୍ଚ, ଝିଅମାନଙ୍କ ବାହାଘର ତା' ପଢାଖର୍ଚ୍ଚ ପାଇଁ ୨୦ ଗୁଣ୍ଠ ଜମି ଧୀରେ ଧୀରେ ବିକ୍ରି ହେଲା ।

ବାରିପଦା ଏମ୍‌କେସି ହାଇସ୍କୁଲ୍‌ରେ ମାମୁଁ ପାଖରେ ରହି ହାଇସ୍କୁଲ ପଢ଼ି ପିୟୁ ଓ ବିଏ ପଢ଼ିଲା ବେଳେ ଅନିଳବାଳା ତା ପୁଅ ଭାନୁ ପାଖକୁ ପ୍ରତ୍ୟେକ ଚିଠିରେ ଲେଖେ ଜମିବାଡ଼ି ବିକ୍ରିର କଥା । ବେଲାବାସନ ବିକ୍ରିର କଥା । କଦଳୀପତ୍ରରେ ଭାତ ଖାଇବା କଥା । ଶେଷକୁ ନିଜ ଗାଁ ଘରକୁ କମର୍ଦ୍ଦା ଗାଁର ନରେନ୍ଦ୍ର ମିଶ୍ର ପାଖରେ ବନ୍ଧା ପଡ଼ିବା କଥା ।

ସେ ଗାଁକୁ ଯାଉଛି । କମର୍ଦ୍ଦା ଗାଁ କମର୍ଦ୍ଦା ପରି ଅଛି । ତା' ଘର ବନ୍ଧା ପଡ଼ିଛି । ନିଜଘର ଆଉ ନିଜର ହେଇ ନାହିଁ । ଅସହାୟତାର ହାହାକାର ଅବସ୍ଥା ।

କାମ୍ୟୁଙ୍କ Out siderର ମିଓର୍‌ସଲ୍ ଚରିତ୍ରର ମାନସିକ ଯନ୍ତ୍ରଣା ଠୁ କାହିଁ କେତେ ଗୁଣରେ ମର୍ମନ୍ତୁଦ ଆମ କନ୍‌ହେଇ । ଦାରିଦ୍ର୍ୟ ମଣିଷକୁ ମୂକ କରିଦିଏ, ନଚେତ ପ୍ରେମରେ ପକାଏ, ମୁଖର କରିଦିଏ ।

ଫକୀରମୋହନ କଲେଜରେ ପଢ଼ିଲାବେଳେ ମାଣିଖମ୍ବର ରତନ କିଶୋର ଦେଙ୍କ ୨୦୦ବର୍ଷ ପୁରୁଣା ତିନିମହଲା ଘରେ ଉପର ତାଲାରେ ଆଶ୍ରୟ ନେଇଛି କନ୍‌ହେଇ । ତାଙ୍କର ତିନିଝିଅ ଓ ପୁଅକୁ ଟିଉସନ୍ କରୁଛି- ବଦଳରେ ତିନିବେଳା ଖାଇ ବଂଚୁଛି ।

ପ୍ରେମରେ ତା' ଜୀବନରେ ଆସୁଛନ୍ତି- ଅନୁ, ଅସୀମା, ରାଣୀ, ରାଗିଣୀ, ଝୁନୁ, ଧାରା, ସୀମା, ସିପ୍ରା, ତିଥି, ସୁପ୍ରୀତି ଓ ଦେବୀବର୍ଣ୍ଣା ଜ୍ୟୋତ୍ସ୍ନା । ବାଲେଶ୍ୱରର ବହୁ ବିତ୍ତଶାଳୀ ପରିବାର ଅନନ୍ୟା ମାନବୀ ବା ଦେବୀ । କନ୍‌ହେଇ ପରେ ତା ପାଇଁ ଅବିବାହିତ ବିଧବା । ସେଇଟି ବଂଚିଛି ପ୍ରେମ ।

ଏ ସମ୍ପର୍କ ଉପରେ ସେ ନିଜେ କୁହେ- 'ମୋ ଚରିତ୍ରର ଗୋଟେ ବଡ଼ ଦିଗ ହେଲା ମୋ ସହ ଯଦି ଜଣେ ଝିଅ କିଛି ସମୟ କଥା କହିବ, ତା'ହେଲେ ହୁଏତ ମୋତେ ଶ୍ରଦ୍ଧା କରିବ ନ ହେଲେ ପ୍ରେମରେ ପଡ଼ିବ ।'

ଜଣେ ଅଭାବୀ ଯୁବକର ପ୍ରେମିକ ପଣିଆ ପଛରେ ଛକିଥାଏ ନିଜ କଂପ୍ଲେକ୍ସ । କନ୍‌ହେଇ ତା' ତମାମ୍ ଜୀବନରେ ପ୍ରେମକୁ ପାଳିଛି, ପୋଷିଛି, ନଷ୍ଟ ହୋଇଛି । ତା'କୁ ଛୁଟ୍ କରି ଛାଡ଼ିଦିଏ ।

ରାମନାରାୟଣ ଦେ'ଙ୍କ ପତ୍ନୀ ସ୍ମୃତି ଦାସ । ରାଜ କିଶୋର ଦେ'ଙ୍କ ବୋହୂ ହୋଇ ସେ ଆସିବା ପରେ କନ୍‌ହେଇ ରହୁଥିବା କୋଠରୀରୁ ୨୦ବର୍ଷ ପରେ ନିଜ ହାତରେ ଧରିଛନ୍ତି ତାଙ୍କ ପ୍ରେମପତ୍ର ତାଙ୍କ ଡାଏରୀ । ସେ ଖୋଜି ପାଇଛନ୍ତି କନ୍‌ହେଇ ଅସ୍ତିତ୍ୱର କେତେ ପ୍ରମାଣପତ୍ର ।

ସ୍ମୃତି ଦାସ ତୁମେ ନିଶ୍ଚୟ ପଢ଼ିଥିବ ତା' ଡାଏରୀ । ସେ ଲେଖିଥିଲା- ବୋଧହୁଏ ସାହିତ୍ୟ ମୋତେ ଦାରିଦ୍ର୍ୟରୁ ଅସମ୍ଭବ ମୁକ୍ତି ଦେଇଛି । ମୁଁ ଜାଣେ ମୋର ପାର୍ଥିବ ସଂପତ୍ତି ବା ପଦାର୍ଥ ବୋଲି କିଛି ନାହିଁ । ମୁଁ ସ୍ୱପ୍ନ ସମ୍ରାଟ ।

ପ୍ରେମ ତା' ପାଇଁ ହେଲା ଝୁରିହେବା- ସେହି ଗରଳକୁ ନିଜେ ପିଇ ସାହିତ୍ୟରେ ଫେଣ୍ଟିବା ।

ବାଲେଶ୍ୱରର ଶୁଭେନ୍ଦୁ ମୋହନ ଦାସ ତା' ଭିତରେ ଲେଖାଲେଖି ପାଇଁ ଉଦ୍ଦାମତା ଭରିଦେଲେ । କବି ବ୍ରଜନାଥ ରଥ ମୁରବୀ ଭଳି ଦେଲେ ପ୍ରେରଣା । କବି ପଞ୍ଚାନନ ଦାଶ ତା' ପ୍ରେମ ଓ ସାହିତ୍ୟକୁ କଲେ ଉତ୍ସାହିତ । ସମରେନ୍ଦ୍ର ନାୟକ ତା' ଲେଖା ପାଇଁ ସାମ୍ୟବାଦୀ ସ୍ୱପ୍ନ ଦେଖେଇଲେ । ବିଜୟ ଉପାଧ୍ୟାୟ, ଚଣ୍ଡିଚରଣ କର, ସନାତନ ସେଠୀମାନେ ତାକୁ ସଖ୍ୟ ଦେଲେ । ତା' ଭିତରେ ଭରିଲେ ସୃଜନର ଗୁରୁମନ୍ତ୍ର ।

ବାଲେଶ୍ୱର ମାଟିର ଚମତ୍କାରିତା ହେଉଛି- ଯେଉଁଠି ଅଝାଳ ସିଲେଇ କରୁଥିବା ବାଳକଟି ଦିନେ ପରିଣତ ବୟସରେ ଲେଖେ ବିଶ୍ୱବିଜୟୀ ପ୍ରେମ ଗଳ୍ପ (ମନୁ ଦାଶ ୩୬ଟି ଭାଷାରେ ଅନୁବାଦ କରିଛନ୍ତି- ସଂସ୍କୃତ, ସାନ୍ତାଳି, କୋଂକଣି ସହ ବିଦେଶୀ ଫ୍ରେଂଚ୍, ଜର୍ମାନ, ଜାପାନୀ, ନେପାଳୀ,

ପୋଲିସ୍, ଋଷିଆନ, ସିଂହଳୀ, ସ୍ପେନିଶ୍, ତୁର୍କି, ଉଦ୍‌ବେକ୍)

ବାଲେଶ୍ୱର ସାହିତ୍ୟ ଖଟିର କରିସ୍ମା ହେଉଛି- ଖଟିରେ ବନ୍ଧୁମାନେ ସାହିତ୍ୟର ନାବାଳକ କନ୍‌ହେଇକୁ, ଓଡ଼ିଆ ସାହିତ୍ୟର କନ୍‌ହେଇଲାଲ ଦାସ କରି ଫକୀରମୋହନ, ମନୋଜ ଦାସଙ୍କ ପଛରେ ସଶକ୍ତ ଭାବେ ଛିଡ଼ା କରି ଦିଅନ୍ତି ।

ନୌବାଣିଜ୍ୟ, ପ୍ରାଚୀନ ସଭ୍ୟତା ଓ ଆଧୁନିକ ଓଡ଼ିଆ ସାହିତ୍ୟର ଏନ୍ତୁଡ଼ିଶାଳ ବାଲେଶ୍ୱରକୁ ମୁଁ ଭାବେ- ପୁରାଣ ଭୂଇଁ । ସେହି ପୁରାଣ ଭୁଇଁରୁ ବୃତ୍ତିଗତ ଦାୟରେ ଆସି ରାଜଧାନୀରେ ଡେରା ପକାଏ କନ୍‌ହେଇ । ଏଜି ଅଫିସ୍‌ରେ ଦେଖେ ମିଶେ ସାହିତ୍ୟର ଦିଗ୍‌ଗଜ ବିବେକ ଜେନା, ହରପ୍ରସାଦ ଦାସ, ଭାଗିରଥୀ ନେପାକ, ଉଜ୍ଜ୍ୱଳ ପାଢ଼ୀ, ପରମ ବଂଧୁ କୁଂଜ ରାୟ, ନିଜ ଭଉଣୀ ଠୁ ଅଧିକ କବି ଶୈଳବାଳା ମହାନ୍ତି ।




ତା' ସମସାମୟିକ ଗାଳ୍ପିକ ଭିତରେ- ଜଗଦୀଶ ମହାନ୍ତି, ପଦ୍ମଜ ପାଲ, ସତ୍ୟ ମିଶ୍ର, ଗିରିବାଳା ମହାନ୍ତି । ପରୀକ୍ଷା ନିରୀକ୍ଷାରେ ସବା ଆଗରେ ଜଗଦୀଶ ଓ କନ୍‌ହେଇ । ସମସ୍ତଙ୍କ ସହ ସଂପର୍କ, ଚିଠିପତ୍ର ଦେଖାସାକ୍ଷାତ । ମହାପାତ୍ର ନୀଳମଣି ସାହୁ, ଅଖିଳ ପଟ୍ଟନାୟକ, ଫନୀ ମହାନ୍ତି, ସୀତାକାନ୍ତ ମହାପାତ୍ର, ବିଭୂତି ପଟ୍ଟନାୟକ- ସବୁ ଅଗ୍ରଜ ମାନଙ୍କ ପ୍ରିୟ ।

ସତୁରୀ ଦଶକରେ ରାଜଧାନୀର ସାହିତ୍ୟ ପରିବେଶ ସୌହାର୍ଦ୍ଦପୂର୍ଣ୍ଣ । ସାହିତ୍ୟ ଆସରରେ କନ୍‌ହେଇ ତା' ଭିନ୍ନ ଧରଣର ଲେଖା ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ । ସେ ଆସରରେ ପହଞ୍ଚିଲା କ୍ଷଣି କି ବରିଷ୍ଠ କି ଯୁବ ସାହିତ୍ୟିକ ଓ ଲେଖିକାମାନେ ତା'ସହ କଥା ହେବାକୁ ଉତ୍ସୁକ । ସେ ଯେପରି ସେଲିବ୍ରେଟି ।

ସେଦିନର ଭୁବନେଶ୍ୱର- ଆଜିର ଭୁବନେଶ୍ୱର Lit-wood.

ତା' ଗଳ୍ପ ଗୁଡ଼ିକ ସେତେବେଳେ ଓଡ଼ିଶାର ତିନୋଟି ଲିଡ଼ିଂ ମାଗାଜିନ୍ ନବଲିପି, ଝଂକାର ଓ ଆସନ୍ତାକାଲିରେ ପ୍ରକାଶ ପାଉଛି । କଳ୍ପନାର କୁହୁକ ବାସ୍ତବତା ଭିତରେ ବାସ୍ତବତାର ଉଲଗ୍ନତା ଜଣେ ନ୍ୟାରେଟର୍ ଭାବେ ସେ କହିବାକୁ ପ୍ରଗଲ୍‌ଭ ।

# ସ୍ୱପ୍ନ ଓ ସତ୍ୟଦ୍ରଷ୍ଟା କଥାକାର କନ୍‌ହେଇଲାଲ୍ ଦାସ

**ଉଦୟ ନାରାୟଣ ଦାସ**
ଚୂନଭାଟୀ କଲୋନୀ, ଗୋପାଳଗାଁ, ବାଲେଶ୍ୱର
ଫୋନ:୭୭୩୫୯୫୧୩୮୪

ଫଟୋ ସୌଜନ୍ୟ : ରେବତୀ


▶ଲେଖକ ଉଦୟ ନାରାୟଣ ଦାସ

ଜୁଲାଇ ୨୭ ତାରିଖ ୧୯୭୫ ମସିହା । ଏହିଦିନ ମୃତ୍ୟୁର ଶୀତଳ ସ୍ପର୍ଶ ଯୁବ ଗାଳ୍ପିକ କନ୍‌ହେଇଙ୍କୁ ତାଙ୍କର ୨୫ ବର୍ଷ ବୟସରେ ଆଲିଙ୍ଗନ କରିଥିଲା । ଏହି ସମୟ ବି ମୋ ଜୀବନର ଥିଲା ଅବିସ୍ମରଣୀୟ ବର୍ଷ । ମୁଁ ଫକୀରମୋହନ କଲେଜ୍‌କୁ ଆଇ.ଏ. ପଢ଼ିବା ପାଇଁ ଆସିଥିଲି । ଆମ ଗାଁର ପ୍ରଦୀପ୍ତ ଭାଇ ଏଇଠି ବି.ଏ. ପଢୁଥିଲେ । ସେ ବି ସାହିତ୍ୟ ସାଧନା କରୁଥିଲେ । ସେ ଓ ତାଙ୍କ ସାନଭାଇ ରତିକାନ୍ତ (ମୋ ସହପାଠୀ) ବାଲେଶ୍ୱର ମଠସାହିରେ ଗୋଟେ ଏକ ବଖୁରିଆ ଘର ନେଇ ରହୁଥିଲେ । ମୁଁ ସେମାନଙ୍କ ପାଖକୁ ଯାଉଥିଲି । ପ୍ରଦୀପ୍ତ ଭାଇଙ୍କ ଠୁଁ ଶୁଣିଲି କନ୍‌ହେଇଙ୍କ ମୃତ୍ୟୁ ଖବର । ସେ ଭୁବନେଶ୍ୱର ଏ.ଜି. ଅଫିସ୍‌ରେ ଚାକିରୀ କରୁଥିଲେ । ଶାନ୍ତିକାନନରେ ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ଗୋଟେ ଶୋକସଭା ହେଇଥିଲା । ମୁଁ ବି ସେ ସଭାକୁ ଯାଇଥିଲି । ମୁଁ କିନ୍ତୁ ସେତେବେଳେ କିଛି ବୁଝି ପାରୁ ନଥିଲି, କାହିଁକି ଏ ଯୁବକ ପାଇଁ ଏତେ ସଭା ?

ପ୍ରଦୀପ୍ତ ଭାଇ ମୋତେ କନ୍‌ହେଇଙ୍କ ଗଳ୍ପର ଶୈଳୀ ଓ ତାଙ୍କ ବୋହେମିଆନ୍ ଜୀବନ ପ୍ରଣାଳୀ ସଂପର୍କରେ ଅନେକ କଥା ନିରୋଳା ସଂଧ୍ୟାରେ କହିଥିଲେ ଓ ତାଙ୍କର ଦୁଇଟି ଗଳ୍ପ, 'ପ୍ରୟୋଜନୀୟ ହତ୍ୟାକାଣ୍ଡ ପାଇଁ ଷଡ଼ଯନ୍ତ୍ର' ଓ 'ଧୃତରାଷ୍ଟ୍ରର ଆଖି' ମୋତେ ପଢ଼ିବାକୁ ଦେଇଥିଲେ । ଏ ଦୁଇଟି ଗଳ୍ପ ପଢ଼ି ମୁଁ ଚକିତ ହେଇ ଯାଇଥିଲି ଓ ଏ ଗଳ୍ପ ଦୁଇଟିକୁ ଗୋଟେ ଖାତାରେ ଟିପି ରଖିଥିଲି । ମୋର ଅଧିକ ଦୁଃଖ ବା ସଂକଟ ଆସିଲେ ଏ ଗପକୁ ପଢ଼ି ନିଜକୁ ଶାନ୍ତ କରୁଥିଲି । ମୁଁ 'କନ୍‌ହେଇ କଥାଘର' ପଢ଼ିଲି । ତତ୍‌ସହ ବହୁ ଗାଳ୍ପିକଙ୍କ ଗଳ୍ପ ବି ପଢ଼ିଲ । ମୁଁ ଭିତରେ ଭିତରେ ଦୃଢ଼ ସିଦ୍ଧାନ୍ତ ନେଲି, ମୁଁ ଗଳ୍ପ ଲେଖିବି ଓ ଏମିତି ଏଇ ବାଲେଶ୍ୱର ମାଟିରେ ଗଳ୍ପ ରଚନା କରୁକରୁ ମରିବି । ସତ କଥା ସ୍ୱୀକାର କରୁଛି, କନ୍‌ହେଇଙ୍କ ଗଳ୍ପ ଓ ତାଙ୍କ ମାୟା ମୋତେ ଗଳ୍ପ ଜଗତକୁ ଉତ୍‌ପ୍ରେରିତ କରି ଟାଣି ଆଣିଥିଲା ।

କେବଳ ସାତ ଆଠ ବର୍ଷ ସାହିତ୍ୟ ସାଧନା ଭିତରେ ସେ ସୃଷ୍ଟି କରି ଯାଇଛନ୍ତି ଶତାଧିକ ଗଳ୍ପ, ଦୁଇଟି ଉପନ୍ୟାସ, କବିତା ଓ ରମ୍ୟ ରଚନା । ତାଙ୍କର କିଛି ଗଳ୍ପ ପାଠକମାନଙ୍କୁ ଯାଦୁ କରି ଦେଇଥିଲା ଓ ସେ ଧୀରେ ଧୀରେ ଓଡ଼ିଆ କଥା ସାହିତ୍ୟରେ ଏକ ଚାଞ୍ଚଲ୍ୟକର ଗାଳ୍ପିକର ଭୂମିକା ଓ ସ୍ଥାନ ମାଡ଼ି ବସିଥିଲେ । ସେ ଖୁବ୍ କମ୍ ବୟସରୁ ଗପର ନୂଆ ମୋଡ଼, ଷ୍ଟାଇଲ୍ ଓ ଶୈଳୀ ପ୍ରୟୋଗର ପରୀକ୍ଷା କରୁଥିଲେ । 'ପ୍ରୟୋଜନୀୟ ହତ୍ୟାକାଣ୍ଡ ପାଇଁ ଷଡ଼ଯନ୍ତ୍ର', 'ବୁମେରାଂ', 'କର୍ଫ୍ୟୁ', 'ଏକ ବ୍ୟବଚ୍ଛେଦର ଧାରା ବିବରଣୀ', 'ଉଭାନପାନ', 'ଅସମ୍ଭବ ମୃତ୍ୟୁ' ଓ 'ଧୃତରାଷ୍ଟ୍ରର ଆଖି' ଇତ୍ୟାଦି ଗଳ୍ପ ରଚନା କରି ସେ ଓଡ଼ିଆ ସାହିତ୍ୟରେ ନିଜକୁ ଜଣେ ଅନନ୍ୟ ଓ ଧୂରୀଣ କଥାଶିଳ୍ପୀ ଭାବରେ ପ୍ରତିଷ୍ଠିତ କରାଇ ପାରିଥିଲେ ।

'ପ୍ରୟୋଜନୀୟ ହତ୍ୟାକାଣ୍ଡ ପାଇଁ ଷଡ଼ଯନ୍ତ୍ର' ଗଳ୍ପରେ ସେ କିପରି ଈଶ୍ୱରଙ୍କୁ ନିରେଖିଥିଲେ ତା ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ଗଳ୍ପରେ ସେ ଈଶ୍ୱରଙ୍କୁ ରକ୍ତ ମାଂସର ମଣିଷଟେ କରି ଦେଇଛନ୍ତି । ମଣିଷ ପରି ତାଙ୍କର ଈର୍ଷା, ଦୁଃଖ, ଦୈନ୍ୟ, ପରଶ୍ରୀକାତର, ସୁନ୍ଦରୀ ଝିଅକୁ ସେକ୍ସ କରିବାର କାମନା ସବୁ ପ୍ରକଟିତ ହେଇଛି । ଗଳ୍ପ ନାୟକ ଈଶ୍ୱର ଆସିବାର ଦେଖି ତାଙ୍କୁ ଆପ୍ୟାୟିତ କରିବା ପାଇଁ ତକିଆ ତଳୁ ଖୁଚୁରା ପଇସା ବାହାର କରି ଚାହା, ଚାର୍‌ମିନାର ବା ପାନ ପାଇଁ ପ୍ରସ୍ତୁତ ହେଇଛନ୍ତି । ଆବଶ୍ୟକୀୟ ପଇସା ଗଳ୍ପନାୟକ ପାଖରେ ନଥିବାର ଅନୁଭବ କରି ଈଶ୍ୱର ତାଙ୍କୁ ୧୦ ଟଙ୍କିଆ ନୋଟ୍ ଗୋଟେ ଦେଇଛନ୍ତି । ଈଶ୍ୱରଙ୍କ ସହ ଗଂଜେଇ ଖାଇବାର ଯୋଜନା ବି ହେଇଛି । ଗଳ୍ପର କିଛି ଅଂଶ ଏଠି କହିଲେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଆହୁରି ତୀବ୍ର ହେବ: "ତୁମେ ଗୋଟେ ମଣିଷ

ସେ କହୁଛି– ମୁଁ ଫୁଟାଣି ଦେଖାଇ କହୁଛି, ମୁଁ ନିଜ ବିନା ମୋ ଗଳ୍ପ ଉପନ୍ୟାସରେ ଆଉ କାହାକୁ ହିରୋ କରିବାକୁ ରାଜି ନୁହେଁ । କାରଣ ମୋ ନିଜ କଥା କହିସାରିଲେ ଅନ୍ୟମାନଙ୍କ କଥା କହିବି । ନିଜ ଗପରେ ନିଜେ ନାୟକ । ନିଜେ ଆଣ୍ଟିହିରୋ ।



ସେ ନିତ୍‌ସେ, କାମ୍ୟୁ, କାଫ୍‌କାକୁ ପଢ଼ିନଥିଲା । କୁଂଜ ରାୟଠୁ ଓ ଅନ୍ୟ ବଂଧୁମାନଙ୍କଠୁ ଶୁଣିଥିଲା । ତା' ଜୀବନର ଉତ୍‌ଥାନ ପତନ, ଆଶା ନିରାଶା, ପ୍ରାପ୍ତି ଅପ୍ରାପ୍ତି ସବୁକୁ ନେଇ ସେ ଆପଣା ଛାଏଁ ଅସ୍ତିତ୍ୱବାଦୀଟେ ହୋଇଗଲା ।

ମୁରାକାମୀ କହିଲା ଭଳି– The Particular dark scene of pain ର ପ୍ରତୀକ ଥିଲା କନ୍‌ହେଇ । ଯେମିତି– କର୍ଫ୍ୟୁ ସହରରେ ନାହିଁ– ତା' ମନରେ, ଘରପୋଡ଼ି ସ୍ଥାନରେ ନାହିଁ– ତା' ହୃଦୟରେ ।

ନିତ୍‌ସେ ପରି ସେ କହିଲା– ଈଶ୍ୱର ମୃତ । ଯେ ଯାହା କୁହନ୍ତୁ ପଛେ ମୁଁ ଜାଣେ ସେ ମୃତ । ମୁଁ ତୁମକୁ ମଣଷ ପରି ଗଢ଼ିବି ଈଶ୍ୱର । ପୁଣି ନିଜ ହାତରେ ଖୁନ୍ କରିବି । ତା'ପରେ ବୁଝିବ ମଣିଷର ଦୁଃଖ କେତେ, ଯନ୍ତ୍ରଣା କେତେ ମଣିଷ କେତେ ନିଃସଂଗ । କେତେ ଅସହାୟ ।

ଈଶ୍ୱରଙ୍କୁ ନେଇ ବ୍ଲାକ୍‌ହ୍ୟୁମର୍ କରୁଥିବା ମଣିଷଟି ନିଜେ ନିଜକୁ ନିଜ ଶରୀରକୁ ଅତ୍ୟାଚାର କରି ହୋଇଛି କ୍ରୁଶବିଦ୍ଧ । ତାଙ୍କର କୃତିର ହେଉ ଅନୁବାଦ ।

'ଧୃତରାଷ୍ଟ୍ରର ଆଖି' ଭଳି ଗପକୁ ବିଶ୍ୱବିଦ୍ୟାଳୟ କୋର୍ସରେ ସାମିଲ କରାଯାଉ । ସେ ଘୁରାଫେରା କରୁଥିବା ବାଲେଶ୍ୱରର ମାଣିଖମ୍ବ, ଅନନ୍ତ ଗୋପାଳ କରତକଳ କଡ଼େକଡ଼େ ଯାଇଥିବା ଜେଲ୍ ଗଳି ରାସ୍ତା କି ବାରବାଟିର ରାଜବାଟି ରାସ୍ତା ତା' ନାଁରେ କନ୍‌ହେଇ ମାର୍ଗ ନାମିତ କରାଯାଉ । ବାଲେଶ୍ୱର କି ଭୁବନେଶ୍ୱରରେ ତା' ଆବକ୍ଷ ପ୍ରତିମୂର୍ତ୍ତି ନିର୍ମାଣ କରାଯାଉ ।

ସେ ଏଠି ଅଛି । ସେ ଆମ କଥା ଶୁଣୁଛି । ଶୁଣୁଛୁ ତ କନ୍‌ହେଇ । ଶେଷକୁ ମନେପକେଇ ଦେଉଛି ତୋ ଅନାମ କବିତା ।

"ଦୁଇ ଦିନର ଦୁନିଆଟାରେ
ମୁଁ ଖୋଲିଛି, ତୁ ଖୋଲିଦେ
ଛାତି ଖୋଲିଦେ,
ଛାତିକୁ ମିଶା, ଛାତିରେ ମୋର
ଛାତିକୁ ତୋର
ତୋର ଛାତି, ମୋଅର ଛାତି
ମିଶାଇ ଦେବା
ଭଲ ପାଇବା, ପାଇବା ଭଲ ।

ହୁଅନ୍ତ କି; ଠିକ୍ ମୋ ଭଳି ଗୋଟିଏ ମଣିଷ ହୁଅନ୍ତି କି ! ମଜା ବୁଝନ୍ତ । ଅଦୃଶ୍ୟରେ କେଉଁଠି ଲୁଚିଛ ? ନାକରେ ସୋରିଷ ତେଲ ପକାଇ କେଉଁ ଏକ ସୁନ୍ଦରୀ ତରୁଣୀ କୋଳରେ ଶୋଇ ଘୁଙ୍ଗୁଡ଼ି ମାରୁଛ । କ'ଣ ନା ଈଶ୍ୱର ।

ଈଶ୍ୱର, ଯିଏ ଯାହା କହୁ ପଛେ ମୁଁ ଜାଣେ ତୁମେ ମୃତ । ମୁଁ ଆଜି ତୁମକୁ ଜୀବନ୍ୟାସ ଦେବି । ତୁମକୁ ମଣିଷ କରି ଗଢ଼ିବି । ତା'ପରେ ଖୁବ୍ ଅସହାୟ କରି ନିଜ ହାତରେ ତୁମକୁ ଖୁନ୍ କରିବି । ତାହାହେଲେ ବୁଝିବ ମଣିଷର ଦୁଃଖ କେତେ, ଯନ୍ତ୍ରଣା କେତେ । ମଣିଷ କେତେ ନିଃସଂଗ ଆଉ କେତେ ଅସହାୟ ।

ତୁମେ ମୋତେ ନମସ୍କାର କରି କହନ୍ତ ମୁଁ ଈଶ୍ୱର । ମୁଁ ବି ତୁମକୁ ନମସ୍କାର କରନ୍ତି: "ଆରେ ଈଶ୍ୱର ବାବୁ ଯେ । ଆସନ୍ତୁ ଆସନ୍ତୁ । ଅନେକ ଥର ଆପଣଙ୍କ ନାଁ ଶୁଣିଛି ।" ତୁମେ ଟିକେ ହସନ୍ତ । ଭିତରକୁ ଆସନ୍ତ । ମୁଁ କହନ୍ତି – "ଏକା ଏକା ବୋର୍ ହେଉଥିଲି । ଆସିଲ ଯାହା ହେଉ ଭଲ ହେଲା ।"

ତୁମେ ମୋ ଖଟ ଉପରେ ବସନ୍ତ । ମୁଁ ଖଟ ଉପରେ ପଡ଼ିଥିବା ବହି, ଲୁଂଗି ଓଣ୍ଡର୍ ଓଏର୍ ଘୁଂଚାଇ ଦେଇ ତୁମର ବସିବା ପାଇଁ ଜାଗା କରନ୍ତି ।

ମନେକର ତୁମେ ମୋ ସହ ବିଶ୍ୱାସ ଘାତକତା କଲ । ଦିନେ ମୋ ଅବର୍ତ୍ତମାନରେ ଘରେ ବସି ଦେବୀ ସହ ଜମେଇଲ । ମାନବୀ ସେଠି ଉପସ୍ଥିତ ନଥିଲା ବେଳେ ଦେବୀକୁ ଆଲିଂଗନ କଲ । ମନେକର ସେ ଚିତ୍କାର କଲା । ତା ମୁହଁରେ ତୁମ ମୁହଁ ମାଡ଼ିଦେଲ ।

ମୁଁ ଭିତର ପଟୁ କବାଟ ଲଗାଇ ଦେଲି । ତାପରେ ପକେଟ୍‌ରୁ ଛୁରା ବାହାର କରି ମୁଁ ଛାତିପଟ ବେକ ମୁହଁ ଗୋଡ଼ ଓ ମୁହଁରେ ବସାଇ ଦେଲି । ରକ୍ତଡ଼ବା ପରି ତୁମେ ଖସି ପଡ଼ିଲ । ଦୁଇଥର ଚାରିଥର କଡ଼ ଲେଉଟାଇ ତୁମେ ନୀରବ ହେଇଗଲ ।"

ଗଳ୍ପଟି ୧୯୭୫ ଜାନୁଆରୀ 'ନବରବି'ରେ ବାହାରିଥିଲା । ଗଳ୍ପଟି ପାଠ କଲା ପରେ ଓଡ଼ିଶାର ସ୍ୱନାମଧନ୍ୟ ଗାଳ୍ପିକମାନେ ବି ସ୍ତମ୍ଭୀଭୂତ ହେଇ ଯାଇଥିଲେ । କବି ସୀତାକାନ୍ତ ମହାପାତ୍ର କହିଥିଲେ: 'ଏତିକିରୁ ବୁଝିଥିଲି ସେ ବିଚରା ଲେଖକଟିଏ । ସବୁ ଲେଖକଙ୍କ ଭଳି ଖୋଲାମେଲା ଥରାଏ ବିଲ । ତା' ଉପରେ ମେଘ ବରଷେ, କାକର ପଡ଼େ, ପାଣି ଟିକେ ଜମିଲେ ଜହ୍ନ ଦିଶେ ତାରା ହସେ । ଆକାଶର ଛାଇ ନାଚେ । ସବୁ ଅନୁଭବକୁ ସେ ଆଁ କରି ପିଇଯାଏ, ଅଗସ୍ତି ସମୁଦ୍ର ଚଳୁ କଲା ପରି ।'

ସେ ବୋଧହୁଏ ତାଙ୍କ ନିଜ ଭିତରୁ ଜାଣି ପାରିଥିଲେ ଯେ ସେ ଏ ପୃଥିବୀକୁ ଖୁବ୍ କମ୍ ସମୟ ପାଇଁ ଆସିଛନ୍ତି । ଏଠି ଆଗତ ଭବିଷ୍ୟ ଖୁବ୍ କମ୍ ଜ୍ଞାନଶୀଳ ଓ ଅନୁଭବୀ ବ୍ୟକ୍ତି ମାନେ ମଣିପାରନ୍ତି । ବିଭୋର ସ୍ୱପ୍ନରେ ସେ ଦେଖି ପାରିଥିଲେ ମଇଁଷି ପିଠିରେ କିଏ ଜଣେ ଆଗନ୍ତୁକ ଚଢ଼ି ଆସି ତାଙ୍କ ଦୁଆରରେ ଧକ୍କା ଦେଇ ବାରମ୍ବାର କହୁଥିଲା, ଶୀଘ୍ର ଚାଲିଆସ, ଅମୃତପୁରକୁ । ବୋଧହୁଏ ସେଥିପାଇଁ ସେ ଦୁର୍ଘଟଣା ଉପନ୍ୟାସରେ ଲେଖିଥିଲେ, 'ପୃଥିବୀର ସମୟ ଖୁବ୍ ଅଳ୍ପ । ଏଇ ସମୟ ମଧ୍ୟରେ ଅନେକ କାର୍ଯ୍ୟ କରିବାକୁ ହେବ ।'

ସେ ଡାଏରୀରେ ଲେଖିଥିଲେ : 'ଏଇ କେତେ ଦିନ ହେଲା ଦେହ ଭଲ ରହୁନି । ପେଟ ରୋଗଟା ଶେଷ ପର୍ଯ୍ୟନ୍ତ ଖୁବ୍ ହଇରାଣ କରିବ । ମୋତେ ଯା ଭିତରେ ଅନେକ କାମ କରିବାକୁ ପଡ଼ିବ । ଜାଣେ ମୋ ସମୟ ପାଖେଇ ଆସିଲାଣି ।' **(ଡାଏରୀ ୨୧.୩.୧୯୭୫)**

ସେ 'ଅସମ୍ଭବ ମୃତ୍ୟୁ' ଗପରେ ଲେଖନ୍ତି: 'ମୁଁ ଅନେକ ରାସ୍ତା ଧାଇଁ ଟ୍ରେନ୍ ଧରିବି ବୋଲି କିନ୍ତୁ ମନେ ହେଉଛି ଟ୍ରେନ୍‌ଟା ଖୁବ୍ ଆଗରୁ ଯେପରି ପଳାଇ ଯିବ । ମୁଁ ଜାଣେ ମୁଁ ଦିନେ ମରିବି । କିନ୍ତୁ ଏତେ ଶୀଘ୍ର ମରିବାକୁ ଚାହେଁନାହିଁ ।'

'ମୁଁ ଆଉ କିଛି ଚାହେଁନା । କେବଳ ବଂଚିବାକୁ ଚାହେଁ । ତୁମ ଭଳି, ଏମାନଙ୍କ ଭଳି, ଶବ ଭଳି ବଂଚିବାର ଇଚ୍ଛା ମୋର ଆଦୌ ନାହିଁ ।' **(ଗଳ୍ପ : ଖପୁରୀ)**

ପ୍ରଥିତଯଶା କବି ବ୍ରଜନାଥ ରଥ ଏକ ମର୍ମସ୍ପର୍ଶୀ କବିତା ବିଦାୟୀ କନ୍‌ହେଇକୁ ନେଇ ଲେଖିଥିଲେ । ତାହା ହିଁ ଏଠି ଶେଷ ଅକପଟ ଶ୍ରଦ୍ଧାଞ୍ଜଳି ତାଙ୍କ ଆତ୍ମା ପ୍ରତି ।

"ଫୁଲଟି ଝରି ଯାଇ ରହିଲା
କାହିଁ କୁହ ରହିଲା ତା' ମଧୁ ମହକରେ
ନିଖିଳ ଜନମନ ମୋହିଲା
କା ନୀଳ ହାତ ବାଜି, ଅକାଳେ ଗଲା ହଜି
ସକଳ କାନେ କିବା କହିଲା ?
ଫୁଲଟି ଫୁଟିଥିଲା ଧୂସର ମରୁପଥ ଛାତିରେ
ଫୁଟି ସେ ଲୋଟିଗଲା
ଶ୍ରାବଣ ଘନଘୋର ଛାତିରେ
ଝରିବା ଆସୁସିଏ, ଦରଦୀ ଆଖି ଲୁହେ
ଜୀବନ ପ୍ରେମ-ଗୀତି ଗାଇଲା ।
ସେ ଯଦି ଝରିଗଲା, କିଏ ସେ ନେବ ତାକୁ ସାଉଁଟି
ସେ ଯଦି ମରିଗଲା, ଫୁଟିବ ଯାଇ କହ କେଉଁଠି ?
ସେ ନୁହେଁ ଝରିବାର, ସେ ନୁହେଁ ମରିବାର
ସୃଷ୍ଟି ସାଧନାରେ ଘଟିବ ବାରବାର
ହୃଦୟ ନେଇ ସିଏ ସକଳେ ଯେଣୁ ଭଲପାଇଲା ।

# ଜୟ ଜଗଦୀଶ ହରେ



# ତାଳଗଛ ଓ କିଆନଟିର ଠିକଣା


**ସରୋଜିନୀ ସାହୁ**

୭୪/୬, ଏମ୍ଆଇଜି-୨,
ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ଼ କଲୋନୀ,
ଭୁବନେଶ୍ୱର-୭୫୧୦୧୬
ଫୋନ : ୮୨୬୦୬୯୧୬୪୦


ଫଟୋ ସୌଜନ୍ୟ: ଲେଖିକା ଓ ସରୋଜ ବଳ

**ଗୋରୁମହିଷାଣୀ ଗାଁର ଗୌରବ ସେ । ମୟୂରଭଞ୍ଜର ମଉଡ଼ମଣି । ଓଡ଼ିଆ କଥାସାହିତ୍ୟର କାହ୍ନୁ ସେ । ଗଳ୍ପଜଗତର ସ୍ପନ୍ଦନ ଥିଲେ । ଟ୍ରେଣ୍ଡ୍‌ସେଟର୍ । ସେ ହେଲେ ଜଗଦୀଶ ମହାନ୍ତି । ପିଲାଦିନ ତାଙ୍କର କେମିତି ଥିଲା ? ଜାଣନ୍ତି ? ପେଜଭାତ ସହ ଗଡ଼ିଶ ମାଛ ପୋଡ଼ା ଖାଇବାକୁ ଯିଏ ଜିଦ୍ କରିଥିଲା ମାଆ ପାଖେ, ସେ ପୁଣି ଲେଖିଥିଲେ ବଡ଼ ହୋଇ 'ସୁନାଇଲିସି' ! ତାଙ୍କ ଜୀବନର ଅଭୁଲା ବାଲ୍ୟକାଳ ସରୋଜିନୀ ସାହୁଙ୍କ ପ୍ରତିଫଳନ ।**



◀ ସରୋଜିନୀ ସାହୁ

ସାହିର ନାଁ ସାନ୍‌ଡ୍ରା । ଗାଁ ନାଁ ଅଡ଼ଙ୍ଗ । ପାଖ ସହରର ନାଁ ବହଡାଗୋଡା । ଜିଲ୍ଲାର ନାଁ ସିଂହଭୂମ୍ । ସବୁଜିମା ଭରା ଏ ଗାଁ । ମାଟି ଦୋରସା । କିଆନଟିର ଗାଢ଼ ସବୁଜ ରଙ୍ଗର କାନ୍ଥ ଲମ୍ବି ଯାଇଛି ଯେ ଗାଁ ମୁଣ୍ଡର ଶେଷ ଘରଟି ପାଖରେ ସରିଛି । ସେଇ ସବୁଜ କାନ୍ଥ କଡ଼େକଡ଼େ ଆଗେଇ ଗଲେ, ଆମ୍ବ, ପଣସ, ତାଳଗଛର ସବୁଜ ଚନ୍ଦୁଆ ଢ଼ାଙ୍କି ରଖିଥାଏ ରାସ୍ତାକୁ । ଅଡଙ୍ଗ ଥିଲା ତତ୍‌କାଳୀନ ବିହାରରେ, ଅଧୁନା ଝାଡଖଣ୍ଡ ଅଧିନରେ । ଓଡ଼ିଶା ସୀମାନ୍ତ ଅଡଙ୍ଗ ଗାଁ ଠାରୁ ବାର କିଲୋମିଟର ଦୂର । ପାଖର ବଡ ସହର ବହଡାଗୋଡା ଆଠ କିଲୋମିଟର ଦୂର ଅଡ଼ଙ୍ଗରୁ । ବାରିପଦା ର ଦୂରତା ପଚାଶ କିଲୋମିଟର । ଗୋଟେ ପଟେ ଅଠାଅଶୀ କିଲୋମିଟର ଦୂରରେ ଜାମ୍‌ଶେଦପୁର ଆଉ କଲିକତା ଶହେ ଅଶୀ ।

ଏକଦା ଏ ଅଞ୍ଚଳ ଓଡିଶାର ଅଂଶବିଶେଷ ଥିଲା । ସିଂହଭୂମ, ଖରସୁଆଁ, ଷଢ଼େଇକଳା ଓ ମେଦିନୀପୁର ଆଦିରେ ଏବେ ବି ନିଜ ଭିଟାମାଟି ଜାବୁଡି ପଡିରହିଛନ୍ତି ଅନେକ ଓଡିଆ ପରିବାର, ବଙ୍ଗ ବିହାରରେ ରାଜନେତାଙ୍କ ଛତ୍ରଛାୟା ତଳେ, ଓଡିଶା ସରକାରଙ୍କ ଉଦାସୀନତା ଭିତରେ ।

ଅଡ଼ଙ୍ଗ ଗାଁଟି ବେଶ ବଡ଼ ଗାଁ । ଖଣ୍ଡାୟତ ଓ ବ୍ରାହ୍ମଣ ପରିବାର ବେଶୀ ରହିଛନ୍ତି । ଅଡ଼ଙ୍ଗ ଗାଁର ଗୋଟେ ପଟେ ଅଛନ୍ତି ସାଣ୍ଡେଶ୍ୱର ମହାଦେବ । ତାଙ୍କ ନାଁ ଅନୁଯାୟୀ ସେ ପାଖ ଜାଗାର ନାଁ ସାନ୍‌ଡ୍ରା । ହୁଏତ 'ସାନ୍‌ଡ୍ରା' ରୁ 'ଷଣ୍ଢ' ହୋଇଯାଇଥିବ କାଳକ୍ରମେ । ଗାଁଟି ପାଖରେ ରହିଛି ତିନୋଟି ରାଜ୍ୟର ସୀମାନ୍ତ । ଓଡିଶା, ପଶ୍ଚିମବଙ୍ଗ ଓ ଝାଡଖଣ୍ଡ (ବିହାର) ବାରିପଦା କିମ୍ବା ବହଡାଗୋଡା ଆଡୁ କଲିକତା ଯିବା ରାସ୍ତାରେ ଯିବା ରାସ୍ତାରେ ଦୁଇଟି ବସ୍ ଷ୍ଟପ୍ ପଡେ, ବାରସତୀ ଓ ଫେଙ୍କୋଘାଟ । ପ୍ରକୃତରେ ରାସ୍ତାଟି ହେଉଛି ମୁମ୍ବାଇ-କଲିକତା ଜାତୀୟ ରାଜପଥ, ତାରି ଭିତରେ ଦି'ଟି ଷ୍ଟପେଜ ଇଏ । ବାରସତୀ ଠୁଁ ଫେଙ୍କୋଘାଟ ଅପେକ୍ଷାକୃତ ବଡ ଷ୍ଟପେଜ । ଗାଁର ସହ ସହ ଯୋଗାଯୋଗ କରିବା ପାଇଁ ଅନ୍ୟ ରାସ୍ତାଟିଏ ଅଛି ଜଗନ୍ନାଥ ପ୍ରସାଦ ନାଁରେ । ତେବ ଅଡ଼ଙ୍ଗ ଗାଁର ସାନ୍‌ଡ୍ରାକୁ ସବୁଠୁଁ ପାଖ ରାସ୍ତା ବାରସତୀ ଷ୍ଟପେଜ । ସେଇଠୁ ଦୁଇ ତିନି କିଲୋମିଟର ଚାଲି ଚାଲି ଗାଁରେ ପହଞ୍ଚିବାକୁ ହୁଏ । କେହି କେହି ଶଗଡରେ ଆସୁଥିଲେ । ଆଜିକାଲି ଚାରିଚକିଆ ରାସ୍ତା ହେଲାଣି । ବାରସତୀ, ଛୋଟିଆ ଗାଁଟିଏ ରାସ୍ତାକଡରେ । ଗାଁରେ ଅଧିକାଁଶ ଆଦିବାସୀ ଭୂମିଜ ଶ୍ରେଣୀର ଲୋକେ ବସବାସ କରନ୍ତି । ଜାତୀୟ ରାଜପଥର ବାମ ଦିଗରେ ଅଣଓସାରିଆ ପିଚୁରାସ୍ତାଟେ ଯାଇ କିଛିବାଟ ପରେ ମାଟି ପାଦଚଲା ରାସ୍ତାରେ ମିଶି ଯାଇଛି । ଦି ପାଖରେ ଚାଳଘର । ଘର ସରିଗଲେ ଦିଶେ ଗୋଟେ ବଡ ଦିଘୀ । ସେଇଠୁ ଅଧ କିଲୋମିଟର ଗଲେ ଦିଶେ ଗାଁ ମୁଣ୍ଡ । ଦିଘୀକୁ ଲାଗି ସମାଧି ମାଳ ମାଳ । ଧଳା ସମାଧି ମାନ ଛିଡା ହେଇଥାଏ ହଳଦିଆ ମାଟିରେ । ଗାଁରେ ପହଞ୍ଚିଲା ବେଳକୁ ପାଦ ହଳଦିଆ ରେଣୁରେ ଲେପି ହେଇ ଯାଇଥାଏ । ଆଜିକାଲି ଗାଁ ଯାଏ ଓ ଗାଁ ଭିତରେ ବି ପକ୍କା ରାସ୍ତା ହେଇଯାଇଛି ।

ସାନ୍‌ଡ୍ରାରେ ରୁହନ୍ତି କୁମ୍ଭାର, ଭୂମିଜ, ସୂତାର (ରାଢ଼ୀ) ଆଉ ଖଣ୍ଡାୟତ ଜାତିର ଲୋକ । ଖଣ୍ଡାୟତମାନଙ୍କୁ ସେଠି ଓଡିଆ କୁହାଯାଏ, ଯଦିଓ ସେମାନେ ବଙ୍ଗଳାରେ କଥା ହେବାକୁ ଭଲ ପାଆନ୍ତି । ସେ ଗାଁରେ ଜମା ଦୁଇଟି କରଣ ବଂଶ ଅଛି । ଗୋଟିଏ ପଟ୍ଟନାୟକ ସଂଜ୍ଞାଧାରୀ ଅନ୍ୟଟି ମହାନ୍ତି । ପଟ୍ଟନାୟକ ବଂଶର ଘର ଅଛି, ମାତ୍ର ସମସ୍ତେ ପେଟପାଟଣା ଉଦ୍ଦେଶ୍ୟରେ, ଚାଷ ଜମି ଭାଗ ଦେଇ ବାହାରେ ରୁହନ୍ତି । ମହାନ୍ତି ବଂଶଟି ଖୁବ୍ ବଡ । ଶହେ ରୁ ଅଧିକ ହେବେ ଜ୍ଞାତି କୁଟୁମ୍ବ ମିଶିଲେ । କିଆନଟିକୁ ଲାଗି ଯେଉଁ ଘର ଧାଡି ଧାଡି ଲମ୍ବିଛି ସେ ସବୁ ମହାନ୍ତି ବଂଶର । ଖଞ୍ଜାକୁ ଖଞ୍ଜା ଯୋଡି ହେଇଛି, ଚାଳକୁ ଚାଳ ଲଗାଲଗି ହେଇ । ବାରିପଟେ ଗଲେ ସମସ୍ତଙ୍କ ବାରିକୁ ପଡିଥିବା ଦୁଆର ଖୋଲେ ଗୋଟେ ଲମ୍ବା ସନ୍ତସନ୍ତିଆ ପାଦଚଲା ରାସ୍ତାରେ । ସମସ୍ତଙ୍କ ବାରିପଟେ ଗୋଟେ ଗୋଟେ ଗାଡିଆ ।

ମହାନ୍ତି ବଂଶରେ ବି ବୁଢ଼ାବୁଢ଼ୀଙ୍କୁ ଛାଡିଦେଲେ ବେଶୀ ଲୋକ ଗାଁରେ ରୁହନ୍ତି ନାହିଁ । ଜାମ୍‌ସେଦ୍‌ପୁରରେ ଟାଟା କମ୍ପାନୀରେ କି ରାଉରକେଲାରେ, ବାରିପଦା କି ବହଡାଗୋଡା କିମ୍ବା ଝାଡଗ୍ରାମରେ ଚାକିରୀ କରନ୍ତ ।

ଏ ବଂଶର କିଛି ଥାଉ କି ନଥାଉ, ଅଛି ପ୍ରଚଣ୍ଡ ଓଡିଆ ପ୍ରୀତି । ଫକୀରମୋହନଙ୍କ ଠୁଁ ବିଭୂତି ପଟ୍ଟନାୟକ ସଜା ହୋଇଥାନ୍ତି ବହିଥାକରେ । ସାଙ୍ଗରେ ଥା'ନ୍ତି ବଙ୍କିମଚନ୍ଦ୍ରଙ୍କ ଠୁଁ ଶରତ ଚନ୍ଦ୍ର ଯାଏଁ ।

ଅଢ଼ଙ୍ଗରେ ପୂର୍ବରୁ ମାଇନର୍ ଯାଏଁ ସ୍କୁଲ୍‌ର ଶିକ୍ଷା ବ୍ୟବସ୍ଥା ଥିଲା । ହାଇସ୍କୁଲ୍ ପାଇଁ ଖଣ୍ଡା ମୌଜା (ଖଣାମଦା) ହାଇସ୍କୁଲ୍‌କୁ ଯିବାକୁ ପଡୁଥିଲା । ୧୯୪୦ରେ ଅନେକ ଓଡିଆଙ୍କ ପ୍ରଚେଷ୍ଟାରେ ଖଣ୍ଡାମୌଜା ସ୍କୁଲଟି ପ୍ରତିଷ୍ଠା ପାଇଥିଲା । ପୂର୍ବରୁ ସିଂହଭୂମ ରୂପେ ପରିଚିତ ଏଇ ସ୍ଥାନ ଗୁଡିକ ଅଧୁନା ପୂର୍ବ ସିଂହଭୂମ୍ ଜିଲ୍ଲା ଅନ୍ତର୍ଗତ । ସେଇଠି ଅଡଙ୍ଗ ଗାଁରେ ଜଗଦୀଶଙ୍କ ଭିଟାମାଟି ରହିଛି । ବର୍ତ୍ତମାନ ଘର ନାହିଁ ଡିହ ଓ ଅଯତ୍ନ ବର୍ଦ୍ଧିତ କିଛି ଗଛ ରହିଛି ମାଟିଗଦା ଉପରେ ।

## ବିସ୍ଥାପନର ଗାଥା

ଜଗଦୀଶଙ୍କ ପୂର୍ବପୁରୁଷମାନଙ୍କ ଇତିହାସ ଆଡେଇଲେ ବଂଶଟି ଯେ ବାରମ୍ବାର ବିସ୍ଥାପିତ ହେଉଥିବା

ବଂଶ ବୋଲି ବୁଝିହୁଏ । ବାରମ୍ବାର ଭିଟାମାଟି ଛାଡ଼ି, ଅନ୍ୟ ନୂଆ ମାଟିକୁ ଆପଣେଇ ନେବାକୁ ପଡ଼ିଛି ସେମାନଙ୍କୁ । ଏକଦା ତାଙ୍କ ପୂର୍ବପୁରୁଷ ଥିଲେ ପୁରୀର ବାସୀନ୍ଦା । ପୁରୀରୁ ଖୋର୍ଦ୍ଧା । ଖୋର୍ଦ୍ଧାରୁ ଯାଜପୁର । ଯାଜପୁରରୁ ରେମୁଣା । ରେମୁଣାରୁ ମେଦିନୀପୁର ବଳରାମପୁର । ଶେଷରେ ଝାଡଖଣ୍ଡର ଅଡଙ୍ଗ । ଅଧୁନା ଅଡଙ୍ଗରେ କେହି ରୁହନ୍ତି ନାହିଁ । କେହି ଝାରସୁଗୁଡାରେ ତ କେହି ବେଲ୍‌ପାହାଡରେ । ଆଉ କିଏ ଭୁବନେଶ୍ୱରରେ । ମାତ୍ର ଏବେ ବି ଅଡଙ୍ଗ ଗାଁରେ ରହିଛି ବାରିପଟର ଟୁବି ଗାଡିଆ । ଜଗଦୀଶଙ୍କ ସ୍କଲାରସିପ୍ ଟଙ୍କାରେ ଖୋଳା ଯାଇଥିବା କୂଅ ଓ ତାଳଗଛ ।

ସେମାନଙ୍କ ଭାଗ୍ୟରେ ବୋଧହୁଏ ଲେଖା ଥିଲା ଗୋଟିଏ ଦୁଇଟି ପିଢ଼ି ଠୁଁ ଅଧିକ ରହି ପାରିବେ ନାହିଁ ଗୋଟିଏ ସ୍ଥାନରେ । ପୁରୀରୁ ରେମୁଣା ପର୍ଯ୍ୟନ୍ତ, ଥିବା ବଂଶଧରମାନଙ୍କ ନାଁ ଗାଁ ଆଉ କେହି ମନେ ରଖିନାହାନ୍ତି । ତେବେ ରେମୁଣାରୁ ମେଦିନୀପୁରର ବଳରାମପୁର ଯିବା ପୁଣି ସେଇଠୁ ଅଡ଼ଙ୍ଗ ଆସିବା କଥା ସମସ୍ତେ ଜାଣନ୍ତି ।

ନାଗସ୍ୟ ଗୋତ୍ର ଥିବା ଜଣେ ବିଚକ୍ଷଣ ବ୍ୟକ୍ତି ଥିଲେ ରେମୁଣାରେ ତାଙ୍କ ନାଁ ଅକ୍ଷୟ ମହାନ୍ତି । ବାଲେଶ୍ୱରରେ ରେମୁଣା କରଣ ସାହିରେ ଥିଲା ତାଙ୍କ ଘର । ମଝିରେ ମଝିରେ ଅକ୍ଷୟ ମହାନ୍ତି ପୁରୀ ଆସୁଥିଲେ । ଜଗନ୍ନାଥ ଦର୍ଶନ ଓ ଗଜପତିଙ୍କ ସଂସର୍ଗ ଲାଭ କରି ଫେରି ଯାଉଥିଲେ । କୌଣସି ଏକ ନିର୍ଦ୍ଦିଷ୍ଟ ବିଷୟରେ ତର୍କ ଚାଲିଥିଲା ବେଳେ, ତତ୍‌କାଳୀନ ପୁରୀ ଗଜପତି ରାଜା ଅକ୍ଷୟ ମହାନ୍ତିଙ୍କ ଉପରେ ରୁଷ୍ଟ ହୋଇଥିଲେ, ସେଇଥିରୁ ତିକ୍ତତା ବଢ଼ିଥିଲା । ମାତ୍ର ସେଦିନ ଉପସ୍ଥିତ ଥିବା ମେଦିନୀପୁରର ରାଜା ଅକ୍ଷୟ ମହାନ୍ତିଙ୍କ ଯୁକ୍ତିରେ ପ୍ରଭାବିତ ହୋଇଥିଲେ । ଏ ଘଟଣାର କିଛିମାସ ପରେ, ମେଦିନୀପୁର ରାଜା ଅକ୍ଷୟ ମହାନ୍ତିଙ୍କୁ ଡକାଇ ବଳରାମପୁର ଜମିଦାରୀ ଦାୟିତ୍ୱ ସମ୍ଭାଳିବାକୁ ଦେବା ସହ ବକ୍ସି ଉପାଧି ଦେଇଥିଲେ । ଅକ୍ଷୟ ମହାନ୍ତିଙ୍କ ଦିନକାଳ ବଳରାମପୁର ଓ ମେଦିନୀପୁରରେ ବେଶ୍ କଟିଥଲା । ତାଙ୍କ ପରେ ତାଙ୍କ ପୁଅ ରମାନାଥ ମହାନ୍ତି ଜମିଦାରୀ ସମ୍ଭାଳି ପାରି ନଥିଲେ । ଜୁଲୁମ୍ କରି ଖଜଣା ଆଦାୟ କରୁଥିବାରୁ ପ୍ରଜାମେଳି ହେଇଥିଲା । ତେଣୁ ସେ ରାତାରାତି ନିଜ ପୁଅକୁ ଗୋଟେ ବୋଝରେ ମୁଣ୍ଡେଇ ପତ୍ନୀଙ୍କ ସହ ବଳରାମପୁର ଛାଡି ଅଡଙ୍ଗରେ ପହଞ୍ଚିଲେ । ଆଉଗୋଟେ ମତରେ ରମାନାଥଙ୍କ ପୁଅ ସବୁ ମରି ଯାଉଥିଲେ । ଦିନେ ପ୍ରଭୁ ସତ୍ୟନାରାୟଣ ସ୍ୱପ୍ନରେ ନିର୍ଦ୍ଦେଶ ଦେଲେ ସେ ସ୍ଥାନ ତ୍ୟାଗ କରି ସାନ୍ତ୍ରାର ସାଣ୍ଡେଶ୍ୱର ମହାଦେବଙ୍କ ଶରଣରେ ରହିଲେ ତାଙ୍କୁ ଏ ଦୁର୍ଦ୍ଦଶାରୁ ମୁକ୍ତି ମିଳିବ । ତେଣୁ ସେ ଜମିଦାରୀ ଛାଡି ଅଡ଼ଙ୍ଗର ସାନ୍ତ୍ରାରେ ରହିଲେ ।

ଏବେ ବି ମେଦିନୀପୁରରେ ଥିବା ସତ୍ୟନାରାୟଣ ସ୍ଥାନକୁ ଯାଇ ଆମେ ଆମ ପିଲାମାନଙ୍କର ପ୍ରଥମ ମୁଣ୍ଡନ କରେଇ କରି ଆସୁ । ସତ୍ୟ ଯାହାବି ହେଉ ବଳରାମପୁର ଛାଡି ରମାନାଥ କପର୍ଦ୍ଦକ ଶୂନ୍ୟ ହେଇ ଅଡ଼ଙ୍ଗରେ ପହଞ୍ଚିଲେ । ଜଣେ ତେଲି ଜମିଦାର (ସାହୁକାର) ପାଖରେ ଗୁମାସ୍ତା ଭାବରେ ନିଯୁକ୍ତ ହେଇ ପେଟପାଟଣା ଚଳେଇ ଥିଲେ । ଆଜି ସୁଦ୍ଧା ଅଡ଼ଙ୍ଗ ଗାଁରେ ଜଗଦୀଶଙ୍କ ପରିବାରକୁ ଗୁମାସ୍ତା ପରିବାର ବୋଲି କୁହାଯାଏ । ରମାନାଥଙ୍କୁ ଜମିଦାର ଶହେ ଏକର ଜମି ଦେଇଥିଲେ । ରମାନାଥଙ୍କ ପରେ ସୀତାନାଥ ସେ ଜମିକୁ ସମ୍ଭାଳି ପାରି ନଥିଲେ ନିଜର ଅୟସ ବିଳାସ କାରଣରୁ । ସେ କିଛି କାମ କରୁ ନଥିଲେ । ଏପଟେ ଖୁବ୍ ବିଳାସୀ ସ୍ୱଭାବର ଥିଲେ । ଜମି ବିକି ବିକି ପରିବାର ଚଳେଇଲେ । ତାଙ୍କର ଚାରି ପୁଅ ଥିଲେ ଦେବେନ୍ଦ୍ର, ନଗେନ୍ଦ୍ର, ଜ୍ଞାନେନ୍ଦ୍ର ଓ ଧୀରେନ୍ଦ୍ର । ଚାରିପୁଅ ଭିତରେ ଦେବେନ୍ଦ୍ର ଥିଲେ ବଡ । ନଗେନ୍ଦ୍ରନାଥ ଥିଲେ ଦ୍ୱିତୀୟ । ନଗେନ୍ଦ୍ରନାଥଙ୍କର ପୁଅ ଥିଲେ ଜଗଦୀଶ । ଜଗଦୀଶଙ୍କ ମା'ଙ୍କ ନାଁ ଥିଲା ସାରଦାବାଳା । ବାପା ମା' ମରି ଯାଇଥିବାରୁ ପିଲାଦିନୁ ସାରଦାବାଳା ମାମୁଁଘରେ ବଢ଼ିଥିଲେ । ତାଙ୍କ ମା' ଥିଲେ ମେଦନୀପୁରର ନୟା ବସଣାର ଝିଅ । ଜଗଦୀଶ ତାଙ୍କ ଗଳ୍ପ 'ସତୁରି ଦଶକ'ରେ ଏଇ ନୟାବସାଣ କଥା ଲେଖିଛନ୍ତି । ମା'ଙ୍କ ଘର ଥିଲା ନୟାବସାଣରେ । ମା'ଙ୍କ ଜେଜେ ଥିଲେ ମୁର୍ଶିଦାବାଦ ନବାବଙ୍କ ତହସିଲ୍‌ଦାର । ରାଜାରାଜୁଡା ଅମଳରେ ମୟୂରଭଞ୍ଜ ଓ ନୟାବସାଣ ଭିତରେ ଶତ୍ରୁତା ଥିଲା । ମା' ବଙ୍ଗଳାରେ ପଢ଼ିଥିଲେ । ମାତ୍ର ଓଡିଆରେ କଥା ହେଉଥିଲେ । ବାହାରକୁ ବାହାରିଲେ 'ଯା ଅଏଁ ଖା ଅଏଁ'ରେ କଥା ହୁଅନ୍ତି ।

ବାହାଘର ପରେ ନଗେନ୍ଦ୍ରନାଥ ଗାଁ ସ୍କୁଲ୍‌ରେ ମାଷ୍ଟରୀ ଚାକିରୀ ଛାଡ଼ି, ଗୋରୁ ମହିଷାଣୀରେ ଥିବା ଟାଟାଙ୍କ ଲୁହାପଥର ଖଣିକୁ କାମ କରିବା ପାଇଁ ଚାଲି ଯାଆନ୍ତି । ପ୍ରଥମେ ଟାଟା କମ୍ପାନୀରେ ଲୁହାପଥର ଖଣିରେ ମଜଦୁର ଭାବେ ଭର୍ତ୍ତି ହୋଇ ପରେ ଷ୍ଟୋର୍ କିପର୍ ଭାବରେ ଯୋଗ ଦିଅନ୍ତି । କିଛିଦିନ ପରେ କ୍ୱାର୍ଟର୍ ପାଇବା ପରେ ପତ୍ନୀ ସାରଦାବାଳାଙ୍କୁ ନେଇ ଆସନ୍ତି । ସେଇ ଗୋରୁମହିଷାଣୀ, ଜଗଦୀଶ ହେରିକା ପାଞ୍ଚ ଭାଇ ଓ ତିନି ଭଉଣୀଙ୍କ ଜନ୍ମସ୍ଥାନ ଭାବରେ ସରକାରୀ ରେକର୍ଡରେ ରହେ ।

ଜଗଦୀଶଙ୍କ ଠୁ ବଡଭାଇମାନେ ହେଲେ ସତ୍ୟେନ୍ଦ୍ରନାଥ, ମନୀନ୍ଦ୍ରନାଥ, ବସନ୍ତ କୁମାର ଓ ଜଗଦୀଶଙ୍କୁ ଠୁଁ ସାନ ଚିନ୍ମୟ । ସତ୍ୟେନ୍ଦ୍ରଙ୍କ ପରେ ବଡ ଭଉଣୀ ଉଷା, ମନୀନ୍ଦ୍ରଙ୍କ ପରେ ସଂଧ୍ୟା ଓ ବସନ୍ତଙ୍କ ପରେ ଜ୍ୟୋସ୍ନାଙ୍କ ଜନ୍ମ ହୁଏ । ଏହିପରି ଆଠ ଭାଇଭଉଣୀଙ୍କୁ ନେଇ ତାଙ୍କ ପରିବାର । ତେବେ ସଂଧ୍ୟାଙ୍କ ଜନ୍ମ ପୂର୍ବରୁ ଆଉ ଗୋଟିଏ ଝିଅ ହେଇ ମରି ଯାଇଥିବାରୁ ଜଗଦୀଶ ତାଙ୍କ ମା'ଙ୍କର ଅଷ୍ଟମ ଗର୍ଭର ସନ୍ତାନ ଥିଲେ । ସେଇ କାରଣରୁ ତାଙ୍କ ଡାକ ନାଁ ଦିଆ ଯାଇଥିଲା କାହ୍ନୁ ।

ବଡଭାଇ ସତ୍ୟେନ୍ଦ୍ର ଓ ସାନ ମଝିଆ ଭାଇ ବସନ୍ତ ବେଲପାହାଡ ସ୍ଥିତ ଟାଟା ରିଫ୍ରାକ୍ଟରିଜ୍‌ରେ କାମ କରୁଥିଲେ । ସେଇଠି ଅବସର ନେବା ପରେ ସ୍ଥାୟୀ ଭାବରେ ରହିଗଲେ । ମନୀନ୍ଦ୍ର ବ୍ରଜରାଜ ନଗର କାଗଜକଳରେ କାମ କରୁଥିଲେ, ସେ ଝାରସୁଗୁଡାରେ ଘର କରି ରହିଲେ । ଜଗଦୀଶ ଓ ଚିନ୍ମୟଙ୍କ ଘର ଭୁବନେଶ୍ୱରରେ ।

ସିଂହଭୂମର ଅଡ଼ଙ୍ଗ ଗାଁର ଘର ଜମି ସେମିତି ମାଲିକହୀନ ହୋଇ ପଡି ରହିଲା । ସତେ ଯେମିତି ବିସ୍ଥାପନ ଲେଖାଥିଲା ଏ ବଂଶର ଭାଗ୍ୟରେ ।

## ଛୋଟ ଛୋଟ ସୁଖଦୁଃଖର ବସ୍ତାନି

ଜଗଦୀଶଙ୍କୁ ଯେତେବେଳେ ଆଠବର୍ଷ ପ୍ରଥମ କରି ହୃଦୟରେ ପ୍ରଥମ ଆଘାତର ସ୍ୱର ଶୁଣିଥିଲେ, ସାନଭାଇର ଜନ୍ମ ପରେ । ମା' କୋଳରେ ଆଉ ଶୋଇ ପାରିବେନି, ସବା ସାନ ଭାଇ ବୋଲି, ଦାଦା (ବଡଭାଇ) ଏମ୍.ପି.ସି. କଲେଜ୍‌ରୁ ଛୁଟିରେ ଆସିବା ବେଳେ ଆଉ ତାଙ୍କ ପାଇଁ ହାତୀ ଘୋଡା କି ମାଙ୍କଡ ଆକୃତି ଥିବା ବିସ୍କୁଟ ଆଣିବେନି, ବାପାଙ୍କ ସଙ୍ଗେ ଭୋଜିକୁ ଯାଇ ଆଉ ମିଠା ଖାଇ ପାରିବେନି- ଏଇପରି ଛୋଟ ଛୋଟ ଦୁଃଖ ତାଙ୍କୁ ଘାରୁଥିଲା; ତେଣୁ ଖୁବ୍ ଅଭିମାନୀ ହେଇ ପଡିଥିଲେ । କେବେ କେବେ ଖଟ ତଳେ ଘଣ୍ଟା ଘଣ୍ଟା ଲୁଚିକରି ଘରଲୋକଙ୍କ ଦୃଷ୍ଟି ଆକର୍ଷଣ କରାଉଥିଲେ ତ ମୁଣ୍ଡେ ଉଚ୍ଚା ଲମ୍ବିଥିବା ଗେଣ୍ଡୁଗଛ ମୂଳେ ବସି ନିଜକୁ ଧ୍ରୁବ ଭାବି ଭଗବାନଙ୍କ ସନ୍ଧାନରେ ନିମଜ୍ଜିତ ରହୁଥିଲେ ।

ଜଗଦୀଶଙ୍କ ଜୀବନରେ ଘଟିଥିଲା ଏମିତି କିଛି ଘଟଣା ଯାହା ସେ ମୋତେ ବାରମ୍ବାର ଶୁଣାଇଥିଲେ । ପରବର୍ତ୍ତୀ ସମୟରେ ଜୀବନର ସେଇ ଅନୁଭୂତିକୁ ନେଇ 'ବାଲିଘର' ନାଁରେ ଗପଟିଏ ମଧ୍ୟ ଲେଖିଥିଲେ । ଗୋରୁମହିଷାଣୀର ଲୁହାପଥର କମିଜର 'କ୍ୟାମ୍ପ' କୁହାଯାଉଥିବା କ୍ୱାର୍ଟର ଗୁଡିକ ମଧ୍ୟରୁ ଦୁଇଟିରେ ଦୁଇ ନିଃସନ୍ତାନ ପରିବାର ରହୁଥିଲେ । ଗୋଟିଏ ଗୁଜୁରାଟୀ, ଅନ୍ୟଟି ପଞ୍ଜାବୀ ପରିବାର । ଉଭୟ ପରିବାର ଜଗଦୀଶଙ୍କୁ ପୋଷ୍ୟପୁତ୍ର କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ତେବେ କ୍ୟାମ୍ପର ଗୋଟେ ପଟେ ଥିଲା ହଟିଂ, ଶ୍ରମିକ ମାନଙ୍କ ବସ୍ତି । ଖପରଲି ପକ୍କାଘର ସବୁ । ସେଇ ହଟିଂରେ ହର୍‌ଜିତ୍ କୌର ନାଁରେ ସ୍ତ୍ରୀଲୋକଟେ ରହୁଥିଲା । ତା' ସ୍ୱାମୀ ଜଣେ ଦାଢ଼ୀ ପଗଡି ଥିବା ସର୍ଦ୍ଦାରଜୀ ଥିଲା । ହର୍‌ଜିତ୍ କୌର ସମ୍ଭବତଃ ସ୍ଥାନୀୟ କୌଣସି ଆଦିବାସୀ ମହିଳା ହୋଇଥିବେ, ତାକୁ ଦେଖିଲେ କୌଣସି ଦୃଷ୍ଟିରୁ ପଞ୍ଜାବୀ ମନେ ହେଉ ନଥିଲେ । ସେ ସାଲୁଆର୍ ପଞ୍ଜାବୀ ପିନ୍ଧିଲେ ବି ତାକୁ ମାନୁ ନଥିଲା । ସେଇ ହର୍‌ଜିତ୍ କୌର ତାଙ୍କୁ ପୁଅ କରିବ ବୋଲି ଖୁବ୍ ଚାହିଁଥିଲା । ଜଗଦୀଶଙ୍କ ଘରେ ଯଦିଓ କାହାରି ଜନ୍ମଦିନ ପାଳନ ହୁଏ ନାହିଁ ତେବେ ହରଜିତ୍ କୌର ଥରେ ଜଗଦୀଶଙ୍କ ଜନ୍ମଦିନରେ 'ସତ୍ୟପୀର' ପୂଜା ରଖିଥିଲା । ସତ୍ୟନାରାୟଣ ପୂଜା ପରି ନୁହଁ ଖଟ ଉପରେ ଚାଦର ପକାଇ, ଜଣେ ଫକୀର ଚାମର ଧରି ଆରବୀ ଭାଷାରେ

ମନ୍ତ୍ର ପଢ଼ି ପୂଜା କରିଥିଲା । ପୂଜା ବେଳେ ହରଜିତ୍ କୌର କୋଳରେ ବସିବାକୁ ତାଙ୍କୁ ଭଲ ଲାଗୁ ନଥିଲା । ତାଙ୍କ ବାଳ ଆଉଁସି ଦେଲେ କି ଚୁମା ଖାଇ ଆଦର କଲାବେଳେ ସେ ଲଜ୍ଜିତ ଅନୁଭବ କରୁଥିଲେ । ଜଗଦୀଶଙ୍କ ମା’ କିନ୍ତୁ ହର୍‌ଜିତ୍ କୌର ପ୍ରତି ଜଗଦୀଶଙ୍କ ରୁକ୍ଷ ବ୍ୟବହାରରେ ଅସନ୍ତୁଷ୍ଟ ରହୁଥିଲେ ଓ କହୁଥିଲେ, ବିଚାରୀର ଛୁଆପିଲା ନାହିଁ, ତୋତେ ଯଦି ଛୁଆ ଭାବରେ ମାନି ନେଇଛି ନେଉ ।” ମାତ୍ର ହରଜିତ୍ କୌର ଦେଉଥିବା ଲୁଗାପଟା ଦେଖି ପଛରେ କହୁଥିଲେ, “ଦେଖିଲ କେଉଁ ହାଟରୁ ନେଇ ଆସିଛି ଏ ପୋଷାକ ।”

ଗୋରୁମହିଷାଣୀରେ ଆଉ ଜଣେ ମା’ ଥିଲେ ତାଙ୍କର ସେ ଥିଲେ ଗୁଜୁରାଟୀ ଯୋଶୀବାବୁଙ୍କ ସ୍ତ୍ରୀ । ଯୋଶୀବାବୁ କ୍ୟାସିୟର ଥିଲେ । ଧୋତିକୁର୍ତ୍ତା ଓ ମୁଣ୍ଡରେ ଗୋଟେ କଳା ଟୋପି ପିନ୍ଧି ସେ ଅଫିସ୍ ଯାଉଥିଲେ । ତାଙ୍କ ସ୍ତ୍ରୀ ଲେହେଙ୍ଗା ପିନ୍ଧୁଥିଲେ । ସେମାନେ ଯଥେଷ୍ଟ ବୟସ୍କ ଥିଲେ, ଉଭୟଙ୍କ ବାଳ ପାଚି ଯାଇଥିଲା । ଯୋଶୀ ମା’ଙ୍କ ଘରେ ବଡ ଦୋଳିଟେ ଥିଲା ଓ ସେଇ ଦୋଳିରେ ବସେଇ ସେ ଜଗଦୀଶଙ୍କୁ ଖୁଆଇ ଦେଉଥିଲେ । ନହେଲେ ରୋଷେଇ ଘରେ ପିଢ଼ା ପକେଇ ଯୋଶୀ ବାପା ଓ ଜଗଦୀଶଙ୍କୁ ଗରମ ଗରମ ରୁଟି ସେକି ଘିଅ ଲଗେଇ ଖାଇବାକୁ ଦେଉଥିଲେ । ଯୋଶୀ ମା’ ବେଳେବେଳେ ଢ଼ୋକ୍‌ଲା ବନେଇ ପଠାଉଥିଲେ । ଜଗଦୀଶଙ୍କ ମା’ କିନ୍ତୁ ଯୋଶୀ ମା’ଙ୍କୁ ପସନ୍ଦ କରି ପାରୁନଥିଲେ । ଯୋଶୀ ମା’ ତାଙ୍କୁ କାଗଜପତ୍ରରେ ପୋଷ୍ୟପୁତ୍ର କରିନେବାକୁ ଚାହୁଁଥିଲେ; ମାତ୍ର ତାଙ୍କ ମା’ ପୁଅକୁ ଛାଡିବାକୁ ରାଜି ନଥିଲେ । ତାଙ୍କ ବାପାଙ୍କର ଅବଶ୍ୟ ବିଶେଷ ଆପତ୍ତି ନଥିଲା । ଜଗଦୀଶ ଯୋଶୀ ମା’ଙ୍କୁ ଖୁବ୍ ପସନ୍ଦ କରୁଥିଲେ । ଯୋଶୀ ବାପାଙ୍କର ଅବସର ନେବା ସମୟ ଆସି ଯାଇଥିଲା । ଜଗଦୀଶଙ୍କୁ ପୋଷ୍ୟପୁତ୍ର କରି ସେ ଗୁଜୁରାଟ ନେଇଯିବା ପାଇଁ ଚାହୁଁଥିଲେ । ଜଗଦୀଶଙ୍କୁ ପଚରା ଯାଇଥିଲା । ଘରେ ସେତେବେଳେ ଖୁବ୍ ଟେନ୍‌ସନ୍ । ଭାଇ ଭଉଣୀମାନେ ଧରି ନେଇଥିଲେ ଯେ ଜଗଦୀଶ ସେମାନଙ୍କୁ ଛାଡି ପଳେଇବେ । ଜଗଦୀଶ ବାଲ୍ୟ ହୃଦୟକୁ ଗୋଟେ ଜିନିଷ ବାଧୁଥିଲା, ମା’ଙ୍କର ତ ବହୁତ୍ ଛୁଆ ଅଛନ୍ତି, ଯୋଶୀ ମା’ର ଗୋଟିଏ ବି ଛୁଆଁ ନାହିଁ; ତେଣୁ ଯୋଶୀ ମା’ ସଙ୍ଗେ ଗଲେ ଅସୁବିଧା କ’ଣ ! ସେ ହଁ କରି ଦେଥିଲେ; ମାତ୍ର ତାଙ୍କ କଥା ଶୁଣି ତାଙ୍କ ମା’ ବାହୁନି କରି କାନ୍ଦି ଉଠିଥିଲେ । ପୋଷ୍ୟ ହେବା ବନ୍ଦ ରହିଲା । ଯୋଶୀ ମା’ ଗୋଟେ ମୋଟା ସୁନା ଚେନ୍ ତାଙ୍କ ବେକରେ ପିନ୍ଧେଇ ଦେଇ ଫେରି ଯାଇଥିଲେ ।

ଜଗଦୀଶ ଓ ତାଙ୍କ ସାନଭାଇ ଚିନ୍ମୟ ଭିତରେ ବ୍ୟବଧାନ ଥିଲା ଆଠ ବର୍ଷର । ଦୁହିଁଙ୍କ ସ୍ୱଭାବ ଥିଲା ଅଲଗା । ଜଗଦୀଶ ଥିଲେ ଆନମନା, ଖାଦ୍ୟପେୟ ବେଶପୋଷାକ ପ୍ରତି ତାଙ୍କର ଧ୍ୟାନ ନଥିଲା । ବସ୍ତୁବାଦୀ ଦୁନିଆ ଠୁଁ କିଛିଟା ଦୂରରେ ରହୁଥିଲେ ସେ । ତାଙ୍କ ସାନଭାଇ ଠିକ୍ ବିପରୀତ ଥିଲେ । ସଫାସୁତୁରା ବ୍ୟବସ୍ଥିତ କୋଡପୋଛା ହେଇଥିବାରୁ ସମସ୍ତଙ୍କ ସ୍ନେହ ଶ୍ରଦ୍ଧାର ପାତ୍ର ଥିଲେ । କାଳେ ଭବିଷ୍ୟତରେ ଅବହେଳିତ ହେଇଯିବେ ଭାବି ସମସ୍ତେ ତାଙ୍କୁ ‘ପକେଟ୍

## ଜନ୍ମଲଗ୍ନ ଓ ଶୈଶବର ଦିନ

ସେ ଜନ୍ମ ହେବେ ସେମିତି କିଛି ପ୍ରତୀକ୍ଷା ନଥିଲା । ଢ଼ିଙ୍କିରେ ଚାଉଳ ଚୂନା କୁଟା ହେଉଥିଲା । ବଗିଚାରେ କାମ ଚାଲିଥିଲା । ଗାଇ ଦୁହାଁ ହେଉଥିଲା । ଦହି ମନ୍ଥା ହେଉଥିଲା । ସବୁକିଛି ଥିଲା ନିୟମିତ । ଜନ୍ମ ହେବା ଥିଲା ଗୋଟେ କ୍ରମ । ସେଦିନ ଗୋଧୂଳି ବେଳା ଟିକେ ଅନ୍ୟମନସ୍କ ଥିଲା । ସାର୍ଟିଫିକେଟ୍‌ରେ ୧୭ ଫେବୃୟାରୀ ୧୯୫୨ । ବାହାଘର ବେଳେ ଶ୍ୱଶୁର ଯେତେବେଳେ ଜାତକ ସୁଝୁଛି କି ନାହିଁ ଗଣନା କରିବା ପାଇଁ ଜଗଦୀଶଙ୍କୁ ମାଗିଲେ, ଜଗଦୀଶ କହିଲେ, “ଆମର କାହାରି ଜାତକ ନାହିଁ । ତେବେ ମୋ ଜନ୍ମ ସଂଧ୍ୟା ପାଞ୍ଚଟାରେ । ସେଦିନ ଶନିବାର ଥିଲା ଓ ତିଥିରେ ଭୌମ ଏକାଦଶୀ ପଡୁଥିଲା । ସାର୍ଟିଫିକେଟ୍‌ରେ ୧୭ ଫେବୃୟାରୀ ୧୯୫୨ ମସିହା ।”

ଜ୍ୟୋତିଷ କହିଥିଲେ, ନା, ୧୯୫୨ ମସିହା ୧୭ ଫେବୃୟାରୀରେ ଭୌମ ଏକାଦଶୀ ପଡିନାହିଁ । ଶନିବାର ମଧ୍ୟ ନୁହଁ । ବରଂ ୧୯୫୧ ମସିହା ୧୭ ଫେବୃୟାରୀରେ ଭୌମ ଏକାଦଶୀ ପଡୁଛି ଓ ତାହା ଶନିବାର ହିଁ ଅଛି । ସେଇ ଦିନଠୁ ଜଗଦୀଶ ତାଙ୍କ ଲେଖକୀୟ ବାୟୋଡାଟାରେ ୧୯୫୧ ମସିହା ୧୭ ଫେବୃୟାରୀ ବୋଲି ଲେଖିଥିଲେ ।

ସେ କହୁଥିଲେ ମୁଁ ଶନିବାର ଜନ୍ମ ତ, ଶନିବାର ଜନ୍ମିତ ପିଲାମାନେ ଟିକେ ଅସନା ପୋଚରା ହୁଅନ୍ତି । ସଫାସୁତୁରା ରହି ପାରନ୍ତିନି ଆଦୌ । ତାଙ୍କର ଗୋଟିଏ ଗୋଡ ଅନ୍ୟ ଗୋଡଠୁଁ ସାମାନ୍ୟ ଛୋଟ ବୋଲି ତାଙ୍କର ଧାରଣା ଥିଲା । ସେ ଏସବୁ କଥା ସେତେବେଳେ କହୁଥିଲେ; ଯେତେବେଳେ ମୁଁ ପଚାରୁଥିଲି, ଯେ ତୁମର ସବୁ ଭାଇ ଭଉଣୀ ତ ଏତେ ସଫା ସୁତୁରା ତୁମେ କାହିଁକି ଏମିତି ଅଯତ୍ନରେ ରୁହ ? ଅବା ମୁଁ ଯେତେବେଳେ ପଚାରେ, ତମେ କାହିଁକି ଏମିତି ଇଂରାଜୀର କରୋସିଭ୍ ‘ଏ’ ଭଳି ଛିଡା ହୁଅ ବଡ ଅନ୍‌ସ୍ମାର୍ଟ ଲାଗେ । ବଶମ୍ବଦ ପର ମନେହୁଏ । ସେ କୁହନ୍ତି: ମୋ ଦୁଇ ଗୋଡ ବୋଧହୁଏ ସମାନ ନୁହେଁ । ତାଙ୍କର ସବୁବେଳେ ଗୋଟେ ଧାରଣା ଥିଲା ସେ ଆଦୌ ସୁନ୍ଦର ନୁହନ୍ତି । ସେ ଯେତେବେଳେ ଏକଥା କୁହନ୍ତି ମୁଁ ତାଙ୍କୁ ତାଙ୍କ ଯୁବ ଅବସ୍ଥାର କଥା ମନେପକେଇ ଦିଏ, ମୁଣ୍ଡରେ ଗୋଛା ଗୋଛା ଚୁଟି, ପତଳା ଡେଙ୍ଗା ଶ୍ୟାମଳ ଯୁବକଟିର ବେଶ୍ ଆକର୍ଷଣୀୟ ଚେହେରା ଯାହାକୁ ଆମେ ସଂଜୟ ବୋଲି ଜାଣିଥିଲୁ । ତା’ ଛଡା ସୌନ୍ଦର୍ଯ୍ୟ ଚେହେରାରେ ନଥାଏ, ଥାଏ ହୃଦୟରେ, ଯେଉଁମାନେ ତାଙ୍କ ସଂସ୍ପର୍ଶରେ ଆସିଛନ୍ତି ଜାଣିଥିବେ ।

ମୟୂରଭଞ୍ଜ ଜିଲ୍ଲାର ଗୋରୁମହିଷାଣୀରେ ତାଙ୍କର ଜନ୍ମ, ଡାକ୍ତରଖାନାରେ ହୋଇଥିଲା । ଡାକ୍ତରଖାନାରୁ ଦିନକ ପରେ ଟାଟା କମ୍ପାନୀର ଲୁହାପଥର ଖଣିର କ୍ୱାର୍ଟରକୁ ସେ ଆସିଥିଲେ । ଅବଶ୍ୟ କ୍ୱାର୍ଟରଗୁଡିକୁ କ୍ୟାମ୍ପ୍ ବୋଲି କୁହା ଯାଉଥିଲା । କ୍ୟାମ୍ପ ଏଇଥିପାଇଁ, ଖଣିରୁ ଲୁହାପଥର ସରିଗଲେ କ୍ୟାମ୍ପ୍ ଉଠେଇ ଚାଲିଯିବେ ଖଣି ମାଲିକ୍ । ଜଗୀଶ କହୁଥିଲେ ତାଙ୍କର ସେଇ କ୍ୱାର୍ଟରଟିକୁ ସେମାନେ ନିଜ ଘର ବୋଲି ଭାବୁଥିଲେ । ସେ ଘରେ ଗୁହାଳ ଢ଼ିଙ୍କିଶାଳ ଓ ବଗିଚା ସବୁକିଛି ଥିଲା ।

ଗୋରୁମହିଷାଣୀର ପି.ଏନ୍. ବୋଷ୍ ସ୍କୁଲରେ ଜଗଦୀଶ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିଲେ । ତେବେ ତାଙ୍କୁ ଯେତେବେଳେ ଆଠବର୍ଷ ହୋଇଥିଲା ତାଙ୍କ ସବା ସାନଭାଇ ଅର୍ଥାତ୍ ଜଗଦୀଶଙ୍କ ପରେ ଆଉ ଗୋଟିଏ ପୁଅ ଜନ୍ମ ହେଇଥିଲା, ସେଇ ଗୋରୁମହିଷାଣୀରେ । ଜଗଦୀଶଙ୍କ ସବୁ ଭାଇଭଉଣୀ ଗୋରୁମହିଷାଣୀରେ ହିଁ ଜନ୍ମ ହେଇଥିଲେ । ସାନଭାଇ ଚିନ୍ମୟର ଜନ୍ମ ପରେ, ସବୁଠୁଁ ବେଶୀ ଦୁଃଖି ହେଇଥିଲେ ଜଗଦୀଶ । ତାଙ୍କର ଧାରଣା ଥିଲା ତାଙ୍କୁ ଆଉ କେହି ପଚାରିବେନି । ଏକଥାଟି ବଡ ଭାଇ ଭଉଣୀମାନେ ତାଙ୍କ ମୁଣ୍ଡରେ ପୁରାଇ ଦେଇଥିଲେ ଯେ ଆଜିଠୁଁ ତୋତେ ଆଉ କେହି ଗେହ୍ଲା କରିବେନି । ଯାହା ସବୁ କୋମଳ ବୟସରେ ଖୁବ୍ ଆଘାତ ଦେଇଥିଲେ ।

ମୟୂରଭଞ୍ଜର ରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ଲୁହାପଥର ଖଣିର ସନ୍ଧାନ ପାଇଁ ଜଣେ ଭୂତତ୍ତ୍ୱବିତ୍‌ଙ୍କୁ ଏ ଅଂଚଳରେ ନିଯୁକ୍ତ କରିଥିଲେ । ଯାହାଙ୍କ ନାଁ ଥିଲା ପ୍ରମଥ ନାଥ ବୋଷ୍ । ପରେ ପରେ ଟାଟା କମ୍ପାନୀ ଏଇ ଖଣି ଅଂଚଳକୁ ଲିଜ୍‌ରେ ନେଇଥିଲା । ସେଇ ଖଣି ଅଂଚଳର ଗୋଟେ ଛୋଟ ପାହାଡ ଉପରେ ପମଥ ନାଥଙ୍କ ସ୍ମୃତିରେ ଗୋଟେ ସ୍ତମ୍ଭରେ ଲେଖା ଯାଇଥିଲା ପି.ଏନ୍. ବୋଷ୍ । ଜଗଦୀଶ ସେହି ପି.ଏନ୍. ବୋଷ୍‌ଙ୍କ ନାଁରେ ଥିବା ସ୍କୁଲରେ ବିଦ୍ୟା ଶିକ୍ଷା ଆରମ୍ଭ କରିଥିଲେ । ସ୍କୁଲ୍‌ରେ ତାଙ୍କର ନାଁ ଲେଖା ହେବା ବେଳକୁ ତାଙ୍କ ଉପରେ ଥିବା ବଡ ଭଉଣୀ ଓ ଓ ଭାଇ, ସେଇ ସ୍କୁଲ୍‌ରେ କିଏ ହାଇସ୍କୁଲରେ ତ କିଏ ମାଇନର୍ ଓ ଆଉ କିଏ ପ୍ରାଥମିକ ଶ୍ରେଣୀରେ ପଢୁଥାନ୍ତି । ଜଗଦୀଶ ସ୍କୁଲ ଗଲାବେଳକୁ ତାଙ୍କ ମୁଣ୍ଡରେ ବଡୁ ଚୁଟି କେରାଏ ଥାଏ । ଜନ୍ମବାଳ । ସତ୍ୟନାରାୟଣ ସ୍ଥାନ, ଯେଉଁଠି ସେମାନଙ୍କର ଏକଦା ଜମିଦାରୀ ଥିଲା ସେଠି ଚୁଟି ପଡିବାର ଥିଲା; ମାତ୍ର ପଡି ପାରି ନଥାଏ, ମେଦିନୀପୁରକୁ ଯାଇ ଚୁଟି ପକାଇବା ପାଇଁ ସମୟ ହେଉ ନଥିବାରୁ । ଜଗଦୀଶ ପାଞ୍ଚଛଅ ବର୍ଷ ଯାଏଁ ସ୍ତନ୍ୟପାନ କରୁଥିଲେ । ସ୍କୁଲ୍‌ରୁ ଆସି ବସ୍ତାନି ଫୋପାଡି ମା’ କୋଳରେ ପଶି ଯାଉଥିଲେ । ମା’ଙ୍କର କୋଡପୋଛା ଥିଲେ ।

ଜଗଦୀଶଙ୍କ ପ୍ରକୃତ ନାଁ ଥିଲା ନାରାୟଣ । ମା’ଙ୍କର ଅଷ୍ଟମ ଗର୍ଭ ହୋଇଥିବାରୁ ଡାକ ନାଁ କାହ୍ନୁ ଓ ଭଲ ନାଁ ନାରାୟଣ ରଖା ଯାଇଥିଲା । ସ୍କୁଲ୍‌କୁ ନାଁ ଲେଖେଇ ଗଲା ବେଳେ ହେଡ୍‌ମାଷ୍ଟରଙ୍କୁ ସେ ନାଁ ଟି ପସନ୍ଦ ଆସି ନଥିଲା । ସେ ଜଗଦୀଶଙ୍କ ବାପାଙ୍କର ପରିଚିତ ଥିଲେ । ସେ କହିଥିଲେ ନାରାୟଣ ବଦଳରେ ଆଧୁନିକ ନାଁଟିଏ ଦିଆଯାଉ । ତାଙ୍କ ବାପା ରାଜି ନ ହେବାରୁ ନାରାୟଣ ବଦଳରେ ଜଗଦୀଶ ରଖା ଯାଇଥିଲା ।

ମନି' ମଧ୍ୟ ଦେଉଥିଲେ । ସେଇ କାରଣରୁ ସେ ଥିଲେ ଟିକିଏ ସଉଖିନିଆ ସ୍ୱଭାବର ।

ଜଗଦୀଶ ପଞ୍ଚମ ପାଶ୍ କରିବା ପରେ ପରେ ହିଁ ତାଙ୍କ ବାପା ସ୍ୱେଚ୍ଛାକୃତ ଭାବରେ ଚାକିରୀରୁ ଅବସର ନେଇଥିଲେ । ତାଙ୍କର ଧାରଣା ଥିଲା ବଡ ଦୁଇପୁଅଙ୍କ ପାଠ ଶେଷ ହେଇଯାଇଛି ଯେତେବେଳେ, ସେମାନେ ଚାକିରୀ ବାକିରୀ କରି ଘରର ଦାୟିତ୍ୱ ନେବେ ଓ ଅସୁବିଧା କିଛି ହେବନାହିଁ । ଜଗଦୀଶଙ୍କ ମା' କିନ୍ତୁ ଭି.ଆର୍.ଏସ୍.ର ସପକ୍ଷରେ ଆଦୌ ନଥଲେ । ସେତେବେଳକୁ ଜଗଦୀଶଙ୍କ ସବା ବଡ ଅପା ଉଷାଦିଦିଙ୍କ ବାହାଘର ହେଇ ସାରିଥିଲା । ଗୋରୁମହିଷାଣୀରେ ତାଙ୍କ ବାପା କେଇ ଗୁଣ୍ଠ ଜାଗା କିଣିକରି ପକେଇଲେ ମାତ୍ର ସବୁ କିଛି ଛାଡିଦେଇ ସପରିବାରେ ସେ ଗାଁକୁ ଚାଲି ଆସିଥିଲେ । ଯେ ଭିତରେ ବଡ ଦୁଇ ଭାଇଙ୍କୁ ଚାକିରୀ ମିଳି ଯାଇଥିଲା । ଗାଁରେ କିଛି ଚାଷ ଜମି ଥିଲା । ଚାଷ କରି ବର୍ଷକରେ ଭାତ ଖର୍ଚ୍ଚ ଉଠିଯିବ ଆଉ ପୁଅମାନଙ୍କ ରୋଜଗାର ଅଛି ସୁବିଧା ଅସୁବିଧାକୁ ବୋଲି ସେ ଭାବୁଥିଲେ; ମାତ୍ର ଗାଁର ଜୀବନ ଏତେ ସହଜ ନଥିଲା ତାଙ୍କ ପାଇଁ । 'ସତୁରୀ ଦଶକ' ଗଳ୍ପରେ ବେଶ୍ ସୁନ୍ଦର ଭାବରେ ଏକଥା ଲେଖିଛନ୍ତି ଜଗଦୀଶ । ଗାଁରେ ସମସ୍ତେ ତାଙ୍କୁ ବାହାରୁ କଞ୍ଚାପଇସା ଧରି ଆସିଥିବା, ପଇସାବାଲା ଲୋକ ବୋଲି ଭାବୁଥିଲେ । ଗାଁରେ ଆଶାନୁରୂପ ସହଯୋଗ ପାଇ ନଥିଲେ ସେ । ସାଙ୍ଗକୁ ନକ୍ସଲ ଆନ୍ଦୋଳନ ପାଇଁ ଜମି ଚଷିବା ବାବଦରେ ବାଧକ ସାଜିଥିଲା । ଜଗଦୀଶ ସେସବୁ କଥାକୁ ବେଶ୍ ଚମତ୍କାର ଭାବରେ ବର୍ଣ୍ଣନା କରିଛନ୍ତି । ତାହାର କିଛି ଅଂଶ ମୁଁ ତଳେ ରଖୁଛି ।

"ଯା ଛଡା ବି ଆମର ଅନେକ ଚଳଣି ଏମିତି ଥିଲା, ଯେ ଗାଁ ବାଲାଙ୍କ ପାଖରେ ଆମକୁ ବିଦେଶୀ ପ୍ରମାଣିତ କରିବା ପାଇଁ ଯଥେଷ୍ଟ ଥିଲା । ଖାଲି ଦେହରେ ମୁଁ କିମ୍ବା ବାପା ଗାଁ ଦାଣ୍ଡକୁ ବାହାରୁ ନଥିଲୁ । ଅପା ସେତେବେଳେ ଫ୍ରକ୍ ପିନ୍ଧୁଥିଲା, ଗାଁରେ ତା' ବୟସର ଝିଅ କେହି ଫ୍ରକ୍ ପିନ୍ଧୁ ନଥିଲେ । ଗାଁର ତେଜରାତି ଦୋକାନରୁ ଆମର କିଲେ ଦି କିଲୋ ସୋରିଷ ତେଲ କିଣା ହେଇ ଆସୁଥିଲା । ଗାଁ ଲୋକ ଅଧମାଣ ଧାନ ଦେଇ ସେଥିରେ ସୋରିଷ ତେଲ ଲୁଣ ଆଳୁ ପିଆଜ ପୋସ୍ତକ କିଣି ନେଉଥିଲେ । ଗାଁ ଲୋକଙ୍କ ଆଖିରେ ଆମେ ବିଦେଶୀ ଥିଲୁ । ସେମାନେ ଆମକୁ ସେମାନଙ୍କ ସମଗୋତ୍ରୀୟ ଭାବି ପାରି ନଥିଲେ କି ଆମେ ବି ସେମାନଙ୍କୁ ।"

X X X X X X

"ବାପା ଗଲେ ବାଦଲ ଭାଇ ପାଖକୁ । ସେ ଆମ ଏଠିକାର ସି.ପି.ଏମ୍ ମୁଖ୍ୟ । ବାଦଲ ଭାଇ କହିଲେ, "କ'ଣ କରିବା ଖୁଡା (ଦାଦା) ପାର୍ଟିର ସିଦ୍ଧାନ୍ତ ଏଇଟା ତ । ଉପର ଲେଭେଲ୍‌ରୁ ଅର୍ଡର ଆସିଛି ।"

ଅନ୍ୟମାନଙ୍କ ଜମିରେ ତ ମୂଲିଆ ଚାଷ କରୁଛନ୍ତି । ବାପା ଅଭିଯୋଗ କରିଥିଲେ ।

"ସେମାନଙ୍କ କଥା ଅଲଗା ଖୁଡ଼ା (ଦାଦା) ତମ କଥା ଅଲଗା । କାଲି ସୁଦ୍ଧା ଗୋବରା ତୁମର ବର୍ଗା (ଭାଗୁଆଳୀ) ଥିଲା । ଆଜି ତମେ ତାକୁ ବର୍ଗା (ଭାଗ)ରୁ ଉଚ୍ଛେଦ କରୁଛ । ପାର୍ଟି ସିଦ୍ଧାନ୍ତ ଅନୁଯାୟୀ ବର୍ଗାଦାର ଉଚ୍ଛେଦ ଅନ୍ୟାୟ । ତମେ ଗୋଟେ କାମ କର ଗୋବରାକୁ ପୁଣି ଥରେ ତମ ଜମିର ବର୍ଗାଦାର କରିଦିଅ ।"

"ବାପାଙ୍କୁ ଭାରି ଅସହାୟ ଲାଗିଥିଲା । ତାଙ୍କ ଆଜନ୍ମ ପରିଚିତ ମାତୃଭୂମି ତାକୁ ଅଲଗା ଅଲଗା ଲାଗିଥିବ ନିଶ୍ଚୟ ସେଦିନ ।"

ଏସବୁ ତ ଥିଲା ତାଙ୍କର ଗୋରୁମହିଷାଣୀ ଛାଡି ଗାଁକୁ ଚାଲିଆସିବା ପରର ଘଟଣା । ତେବେ ଯେଉଁଦିନ ଜଗଦୀଶଙ୍କ ପରିବାର ଗୋରୁମହିଷାଣୀ ଛାଡିଥିଲେ ସେଦିନର ଅନୁଭବକୁ ସେ ଏମିତି ଭାବରେ ବର୍ଣ୍ଣନା କରିଛନ୍ତି; "ଗୋରୁମହିଷାଣୀ ଛାଡି ଆମେ ଯେଉଁଦିନ ଆସିଥିଲୁ, ସକାଳର ବାରିପଦା ବସ୍‌ରେ ବସିଲା ବେଳେ, ପୂର୍ବଦିଗରେ ପାହାଡ ଉପରେ ପି.ଏନ୍. ବୋଷ୍‌ଙ୍କ ମନୁମେଣ୍ଟ ପଛରୁ ନାଲି ସୂର୍ଯ୍ୟ ଉଠିଥିଲା । ଅପାର ସାଙ୍ଗ ମନୁ ଆସିଥିଲା ଆମକୁ ବାଟେଇ ଦେବାକୁ । ସେ କହିଥିଲା: "ଦେଖ ତମମାନଙ୍କ ପାଇଁ ଗୋରୁମହିଷାଣୀର ଶେଷ ସୂର୍ଯ୍ୟୋଦୟ ।" ଅପା କାନ୍ଦି ପକେଇଥିଲା । ମୋର ବି ଆଖିରେ ଲୁହ ଜକେଇ

ସ୍କୁଲରେ ମହନ୍ତ ସାର୍ ବୋଲି ଜଣେ ସାର୍ ଥା'ନ୍ତି ଯିଏ ଶ୍ରେଣୀରେ ସାହିତ୍ୟ ପଢ଼େଇଲା ବେଳେ କବିତା କେମିତି ଲେଖାଯାଏ ଶିଖାଉଥିଲେ । କେମିତି ଅକ୍ଷରକୁ ଗଣିବ । ଛନ୍ଦ ଓ ଯତିପାତ ପଡିବ । ସବୁଠୁଁ ବଡ କଥା ମନରେ ଚିତ୍ରଟିଏ କଳ୍ପନାକରି ଶବ୍ଦ ସବୁ ଯୋଡିବା ଇତ୍ୟାଦି । ଜଗଦୀଶଙ୍କ ସବୁ ବଡ ଭାଇଭଉଣୀ ମାନଙ୍କର କିଛି ନା କିଛି ପ୍ରତିଭା ଥିଲା । ସବା ବଡଭାଇ ସତ୍ୟେନ୍ଦ୍ର ଯିଏ ଏମ୍.ପି.ସି କଲେଜରେ ପଢୁଥିଲେ, ସେ ବେହେଲା ବଜଉଥିଲେ । ମୂର୍ତ୍ତି ଗଢୁଥିଲେ । ତାଙ୍କ ତଳ ମନୀନ୍ଦ୍ର କବିତା ଲେଖୁଥିଲେ । ଗୁରୁ ମହାନ୍ତି ତାଙ୍କ ପ୍ରିୟ କବି ଥିଲେ । ତାଙ୍କ ତଳ ସଂଧ୍ୟା ଖୁବ୍ ପଢ଼ାପଢ଼ି ରୁଥିଲେ ତାଙ୍କର ସାହିତ୍ୟରେ ରୁଚି ଥିଲା । ତାଙ୍କ ତଳ ବସନ୍ତ ବେଞ୍ଜୋ ଓ ତବଲା ବଜଉଥିଲେ । ତାଙ୍କ ତଳ ଜ୍ୟୋତ୍ସ୍ନା ନାଚ ଗୀତ ଇତ୍ୟାଦି ପରିବେଷଣ କରି ଅନେକ କପ୍ ଜିତି ଆସୁଥିଲେ । ଜଗଦୀଶଙ୍କର ସେମିତି କିଛି ପ୍ରତିଭା ନଥିଲା । ବଡ ଭଉଣୀ ସନ୍ଧ୍ୟା ଦିଦି ସଙ୍ଗେ ରହି ବିଭିନ୍ନ ଗପ କବିତା ବହି ପଢୁଥିଲେ ଯାହା ।

ପି.ଏନ୍. ବୋଷ୍ ସ୍କୁଲରେ ଥିବାବେଳେ ଜଗଦୀଶଙ୍କର ଜଣେ ବନ୍ଧୁ ଥିଲା ସୁରଜିତ୍ ମିଶ୍ର । ତା' ବାପା ଥିଲେ ଖଣିର ଡାଇରେକ୍ଟର । ପଶ୍ଚିମ ଓଡିଶା ପଟର ଲୋକ ଥିଲେ ସେମାନେ । ଗୋରୁମହିଷାଣୀର ସବୁଠୁ ଆକର୍ଷଣୀୟ ଜାଗା ଥିଲା ଡାଇରେକ୍ଟର ବଙ୍ଗଳା । ତା' ଭିତରକୁ ପଶିବା ସାଧାରଣ ବ୍ୟକ୍ତି ପାଖରେ ସମ୍ଭବ ନଥିଲା । ମାତ୍ର ଜଗଦୀଶ ସୁରଜିତ ର ଘରକୁ ଯାଉଥିଲେ । ଗପ ବହିର ଦିଆନିଆ ହେଉଥିଲା । 'ମନମୋହିନୀ' ସିରିଜ୍ ପଢୁଥିଲେ ଦୁହେଁ । ଥରେ ସୁରଜିତ୍‌ର ମା'ଙ୍କ ଦୃଷ୍ଟିରେ ଏ ବହି ପଡି ଯାଇଥିଲା ସେ ପାକକୁ ଡାକି ଏ ସବୁ ନ ପଢ଼ିବା ପାଇଁ କହିଥିଲେ ଓ 'ପ୍ରଜାତନ୍ତ୍ର'ର ମୀନାବଜାର ପୃଷ୍ଠା ଦେଖେଇ, ଏମିତି ଗପ କବିତା ସବୁ ପଢ଼ ବୋଲି କହିଥିଲେ ।

ଏପଟେ ମହନ୍ତ ସାର୍ କିଛି ପିଲାଙ୍କୁ ପ୍ରଜାତନ୍ତ୍ରର ମୀନାବଜାରରେ ମୀନାଭାଇ ହେବାକୁ ପ୍ରବର୍ତ୍ତାଇ ଥିଲେ । ସେତେବେଳେ ମୀନାବଜାରର ଜହ୍ନରୀ ଭାଇ ଥା'ନ୍ତି ରାମପ୍ରସାଦ ମହାନ୍ତି । ଜଗଦୀଶ ମୀନା ଭାଇ ହେବା ପରେ କବିତାଟିଏ ପଠେଇଥିଲେ; ଯାହା ପ୍ରଜାତନ୍ତ୍ରର ମୀନାବଜାର ପୃଷ୍ଠାରେ ପ୍ରକାଶ ପାଇଥିଲା । ସେତେବେଳକୁ ସେ ପଞ୍ଚମରେ ପଢୁଥାନ୍ତି । କବିତା ବାହାରିବା ପରେ ସୁରଜିତ୍‌ର ମା' ତାଙ୍କୁ ଡକେଇ ଫ୍ରିଜ୍‌ରୁ ମିଠେଇ କାଢ଼ି ଖୁଆଇ ଥିଲେ । କିନ୍ତୁ ଘରକୁ ଫେରିବା ପରେ ଜଗଦୀଶଙ୍କ ମା' ତାଙ୍କୁ ଏସବୁ ନକରି ପାଠ ପଢ଼ିବା ପାଇଁ ଉପଦେଶ ଦେଇଥିଲେ । ବାପା ଜାଣିଲେ ବିରକ୍ତ ହେବେ ବୋଲି ଚେତେଇ ଦେଇଥିଲେ ବି । ତାଙ୍କ ବାପାଙ୍କ କାନରେ ଏ ଖବର ପଡିବାରୁ ସେ ତାଙ୍କ ମା'ଙ୍କୁ କହିଥିଲେ ପିଲା ଉପରେ କଡା ନଜର ରଖ ।

ମାତ୍ର ପରବର୍ତ୍ତୀ ସମୟରେ ସୁରଜିତ୍‌ର ମା'ଙ୍କ ପ୍ରୋତ୍ସାହନରେ ଗୋଟେ ହାତ ଲେଖା ପତ୍ରିକା ସେମାନେ ପ୍ରକାଶ କରିଥିଲେ । ସେ ସଂପର୍କରେ ଜଗଦୀଶ ତାଙ୍କ 'ବାଲିଘର' ଗଳ୍ପରେ ଏମିତି ଲେଖିଛନ୍ତି : "ପ୍ରଶାନ୍ତ ର ମା', ମୋତେ ଓ ସୁରଜିତ୍‌କୁ ଗୋଟେ ହାତଲେଖା ପତ୍ରିକା ବାହାର କରିବାକୁ କହିଥିଲେ । ଆମର ସେ ପତ୍ରିକା ପାଇଁ ପ୍ରଶାନ୍ତର ଭଉଣୀ ବି କବିତାଟିଏ ଲେଖିଥିଲା । ପ୍ରଶାନ୍ତର ମା' ହିଁ ଆମ ପତ୍ରିକାର କଭର୍ ଚିତ୍ର କରି ଦେଇଥିଲେ । ସେ ପତ୍ରିକାଟି ହାତରୁ ହାତ ହୋଇ ବାପାଙ୍କ ଅଫିସ୍‌ରେ ପହଞ୍ଚି ଥିଲା ଓ ବାପା ପତ୍ରିକାଟି ଧରି ଗଦ୍ ଗଦ୍ ହୋଇଥିଲେ ଏଇଥିପାଇଁ ନୁହେଁ ଯେ ମୁଁ ପତ୍ରିକାଟିର ଯୁଗ୍ମ ସଂପାଦକ ଥିଲି ବୋଲି । ବରଂ ସେ ପତ୍ରିକାଟିର ପ୍ରଶଂସାରେ ପଞ୍ଚମୁଖ ଥିଲେ ଏଥିପାଇଁ ଯେ ଖୋଦ୍ ଡାଇରେକ୍ଟରଙ୍କ ଚିତ୍ର ଓ ତାଙ୍କ ଝିଅର କବିତା ସେଥିରେ ଅଛି ।"

ଯେଉଁଦିନ ଜଗଦୀଶଙ୍କ କବିତା ପ୍ରଜାତନ୍ତ୍ର ପୃଷ୍ଠାରେ ପ୍ରକାଶ ପାଇଥିଲା, ମା'ଙ୍କୁ ଛାଡିଦେଲେ, ଆଉ ସବୁ ଭାଇଭଉଣୀ ବହୁତ ଖୁସି ହୋଇଥିଲେ । ମଧ୍ୟବିତ୍ତ ପରିବାର ଏଇ ଅସୁବିଧା । ବାପା ମା' ସ୍ୱପ୍ନ ଦେଖନ୍ତି ପୁଅ ଡାକ୍ତର କି ଇଞ୍ଜିନିୟର ହେଉ । କବି ସାହିତ୍ୟିକ କି ଚିତ୍ରକର ହେଇ ଜୀବନ ବର୍‌ବାଦ୍ ନକରୁ ।

ସେ ଯାହା ବି ହେଉ, ବାପା, ମା'ଙ୍କ ଅନିଚ୍ଛା ସତ୍ତ୍ୱେ ଜଗଦୀଶଙ୍କର ସାହିତ୍ୟିକ ଜୀବନର ମୂଳଦୁଆ ପିଲାଟି ବେଳୁ ପଡିଥିଲା ଓ ସେଥିପାଇଁ ମହନ୍ତ ସାର୍ ଓ ସୁରଜିତ୍ ମିଶ୍ରର ମା' ହିଁ ପ୍ରେରଣାଦାତା ଓ ଦାତ୍ରୀ ଥିଲେ । ତା' ପରଠୁଁ ମୀନାବଜାର ପୃଷ୍ଠାରେ ଜଗଦୀଶଙ୍କ ଗଳ୍ପ କବିତାମାନ ପ୍ରକାଶ ପାଇଥିଲା । ଏମିତି ଦେଖିବାକୁ ଗଲେ ସବୁଠୁଁ ବଡ ପ୍ରେରଣାଦାତ୍ରୀ ଥିଲେ ସଂଧ୍ୟାଦିଦି । ସେ ଲାଇବ୍ରେରୀରୁ ବିଭିନ୍ନ ବହି ଯୋଗାଇ ଜଗଦୀଶଙ୍କୁ କ୍ରଶମଃ ପକ୍କ କରି ଗଢ଼ି ତୋଳିବାରେ ସାହାଯ୍ୟ କରିଥିଲେ ।

ଆସିଥିଲା । ମନେ ହେଉଥିଲା ମୋ ପ୍ରିୟ ଜନ୍ମଭୂମିରୁ କିଏ ଯେମିତି ମୋତେ ନିର୍ବାସିତ କରିଦେଇଛି । ଏଇ ସହର ଯାହାକୁ ଲୋକେ କ୍ୟାମ୍ପ୍ ବୋଲି କହୁଥିଲେ, ଜାମ୍ସେଦ୍ ଜୀ ଟାଟାଙ୍କ ମୂର୍ତ୍ତି ଓ ପୋଷ୍ଟ ଅଫିସ୍‌ର ଛକ ପର୍ଯ୍ୟନ୍ତ ଗୋଟେ ଲୁହା ରିଙ୍ଗର ଚକକୁ ପତଳା ଲୁହା ସିଟ୍‌ରେ ଗଡେଇ ଗଡେଇ ବୁଲିବା ହିଁ ମୋର ପ୍ରିୟ ଖେଳ ଥିଲା । ମୁଁ ଆଉ ସେ ସହରରେ ସନ୍ଧ୍ୟା ବେଳେ ଲୁହା ରିଙ୍ଗ୍ ଗୋଟେଇ ଖେଳି ପାରିବିନି । ମୋର ପ୍ରିୟ ସାଙ୍ଗ ସନ୍ତୋଷ, ପ୍ରଶାନ୍ତ, ରଙ୍ଗୁ, ଗୁରୁପ୍ରସାଦ, ଗଣେଶ୍ୱର ଓ ସୁରଜିତ୍‌ଙ୍କ ସହ ଭେଟ ହେବନି । ମୋ ମନ ତଳେ ଗୋଟେ ଦୁଃଖ ଉକୁଟି ଉଠିଥିଲା । ଆଖିରେ ଲୁହ ଓ ହୃଦୟରେ କୋହ ନେଇ ଚାଲିଥିଲି ପି.ଏନ୍. ବୋଷ୍ ମନୁମେଣ୍ଟ ପଛରେ ନାଲି ସୂର୍ଯ୍ୟ ନିର୍ବିକାରରେ ହଳଦିଆ ପଡି ଆସୁଥିଲା । ବସ୍‌ର ଡ୍ରାଇଭର ଗାଡି ଷ୍ଟାର୍ଟ ଦେଇଥିଲା ।

## ଅବସରର ଦୁଃଖ

ଗାଁକୁ ଫେରି ଆସିବା ପରେ ଜଗଦୀଶଙ୍କ ବାପା ଅର୍ଥାତ୍ ନଗେନ୍ଦ୍ର ନାଥ ମହାନ୍ତି ଦୁଇଟି କାମ ଗୁରୁତ୍ୱର ସହ କରିଥିଲେ । ପ୍ରଥମଟି ହେଲା ଗାଁରେ ନୂଆ ଘରଟିଏ ବନେଇବା । ଆଉ ଦ୍ୱିତୀୟଟି ଥିଲା, ଏକ ସଙ୍ଗରେ ଦୁଇପୁଅ ସତ୍ୟେନ୍ଦ୍ର ଓ ମନୀନ୍ଦ୍ରଙ୍କୁ ବାହା କରେଇ ଦେବା କାମଟି । ସାଧାରଣତଃ ଆମେ ଭାରତୀୟମାନେ ଏଇ ଦୁଇଟି କାର୍ଯ୍ୟରେ ସମସ୍ତ ସଞ୍ଚିତ ଧନ ଖର୍ଚ୍ଚ କରି ଦେଇଥାଉ । ତେଣୁ ତାଙ୍କ ବାପା ଯାହା କିଛି ଚାକିରୀରୁ ଗ୍ରାଚୁଇଟି ଇତ୍ୟାଦି ବାବଦରେ ପାଇଥିଲେ ସେ ସବୁ ପ୍ରାୟ ବ୍ୟୟ ହେଇଯାଇଥିଲା । ସେ କିନ୍ତୁ ବେଶ୍ ଗର୍ବର ସହ କହୁଥିଲେ, ମୋ ଦି'ପୁଅ ଚାକିରୀ କରୁଛନ୍ତି । ଏବେ ମୋର ଆଉ ଚିନ୍ତା କ'ଣ ? ଘରେ ବସି ବସି ଖାଇବି ।

ପ୍ରକୃତରେ ବୋଧହୁଏ ବହୁତ କମ୍ ଲୋକଙ୍କ ଭାଗ୍ୟରେ ଥାଏ ଅବସର ଜୀବନକୁ ନିଶ୍ଚିନ୍ତରେ କଟେଇ ଦେବାର ସୁନ୍ଦର ସୁଯୋଗ ପାଇବା । ଜଗଦୀଶଙ୍କ ବାପା ପଞ୍ଚାବନ ବର୍ଷ ବୟସରେ ବାଧ୍ୟତାମୂଳକ ଅବସର ନେଇଥିଲେ । ଆହୁରି ପାଞ୍ଚବର୍ଷ ଚାକିରୀ ଥିଲା ତାଙ୍କର । ବଡପୁଅ ଦି'ଜଣଙ୍କୁ ଛାଡିଦେଲେ ଆଉ ସମସ୍ତେ ଛାତ୍ର ଜୀବନ ଅତିବାହିତ କରୁଥିଲେ । ଜଗଦୀଶଙ୍କର ଦୁଇଭାଇ ଓ ଗୋଟିଏ ବଡ ଭଉଣୀ; ଯାହା ବିବାହ କରିଥିଲେ ସେତେବେଳକୁ । ବଡ ଦୁଇଭାଇ ବାହା ହେବା ପରେ ନିଜ ନିଜ ଚାକିରୀ ଜାଗାକୁ ନିଜ ନିଜ ପତ୍ନୀମାନଙ୍କୁ ନେଇ ଘର ବସେଇବା ପାଇଁ ସଜବାଜ ହେଉଥାନ୍ତି, ତାଙ୍କ ବାପା ନିଷ୍ପତ୍ତି କରିଥିଲେ ଯେ, ବଡପୁଅ ସତ୍ୟେନ୍ଦ୍ରଙ୍କ ସହିତ ବସନ୍ତ, ଜ୍ୟୋସ୍ନା ଓ ଜଗଦୀଶ ବେଲପାହାଡକୁ ଯାଇ, ସେଇଠି ରହି ପଢ଼ାପଢ଼ି କରିବେ । ବସନ୍ତ ମାଟ୍ରିକ୍ ପାସ୍ କରି ସାରିଥାନ୍ତି । ଜ୍ୟୋସ୍ନା ହାଇସ୍କୁଲ୍‌ରେ ଥା'ନ୍ତି ଓ ଜଗଦୀଶଙ୍କର ପଞ୍ଚମ ସରିଥାଏ । ବଡଭାଇ ସତ୍ୟେନ୍ଦ୍ର ବାପାଙ୍କୁ ନିରାଶ ନକରି ନିଜ କାନ୍ଧରେ ଏ ବୋଝ ନେବାକୁ ପ୍ରସ୍ତୁତ ହୋଇଥିଲେ ।

ମାତ୍ର ସତ୍ୟେନ୍ଦ୍ରଙ୍କ ତଳ ଭାଇ ମନୀନ୍ଦ୍ରଙ୍କ ପାଇଁ ଯେଉଁ ନିଷ୍ପତ୍ତି ଶୁଣା ହୋଇଥିଲା ସେଥିରେ ସେ ଓ ତାଙ୍କ ପତ୍ନୀ ଉଭୟ ଖୁବ୍ ଅସନ୍ତୁଷ୍ଟ ହୋଇଥିଲେ । ମନୀନ୍ଦ୍ର ସେତେବେଳେ ଚଉଦ୍ୱାରରେ ଚାକିରୀ କରୁଥାନ୍ତି । ମେସ୍‌ରେ ରହୁଥାନ୍ତି । ଦରମା ବି ଖୁବ୍ ବେଶୀ ନଥାଏ; ତେଣୁ ଜଗଦୀଶଙ୍କ ବାପା କହିଥିଲେ, ମଝିଆ ବୋହୂ ଗାଁରେ ଶାଶୁ ଶ୍ୱଶୁରଙ୍କ ପାଖରେ ରହୁ ଓ ମଝିଆ ପୁଅ ଚୌଦ୍ୱାର ଫେରିଯାଉ । ଏଇ ନିଷ୍ପତ୍ତିରେ ପତିପତ୍ନୀ ଦୁହେଁ ଖୁବ୍ ଅସନ୍ତୁଷ୍ଟ ହୋଇଥିଲେ ଓ ମନୀନ୍ଦ୍ରଙ୍କ ପତ୍ନୀ ରାଗିଯାଇ ନିଜ ବାପଘରେ ବାରିପଦାକୁ ଚାଲି ଯାଇଥିଲେ ଯେ ଆଉ ଫେରି ନଥିଲେ ।

ସବା ବଡଭାଇ ସତ୍ୟେନ୍ଦ୍ରଙ୍କ ସହ ବସନ୍ତ, ଜ୍ୟୋସ୍ନା ଓ ଜଗଦୀଶ ବେଲପାହାଡ ଚାଲି ଆସିଥିଲେ । ଜଗଦୀଶଙ୍କ ସାନ ମଝିଆ ଭାଇ ବସନ୍ତ ଝାରସୁଗୁଡାର ଇଞ୍ଜିନିୟରିଂ ସ୍କୁଲରେ ପଢ଼ିଲେ । ଜ୍ୟୋସ୍ନାଦି' ଗିରିଧାରୀ ଲାଲ୍ ହାଇସ୍କୁଲରେ ପଢ଼ିଲେ । ବାହା ହେଉ ହେଉ ତିନି ତିନିଟା ବଢ଼ିଲା ପିଲାଙ୍କ ଦାୟିତ୍ୱ ମୁଣ୍ଡେଇବାକୁ ପଡିଥିଲା ସତ୍ୟେନ୍ଦ୍ରଙ୍କୁ । କିଛି ନ କହିଲେ ବି ମନେ ମନେ ଖୁବ୍ ଅସନ୍ତୁଷ୍ଟ ଥିଲେ ସତ୍ୟେନ୍ଦ୍ରଙ୍କ ପତ୍ନୀ ମୀରା । ସେଇ ଅସନ୍ତୋଷକୁ ହଜମ କରି ନେଇଥିଲେ ପିଲା ତିନିଜଣଯାକ । ଦେଖୁ ଦେଖୁ ବର୍ଷଟିଏ ପାର୍ ହୋଇଥିଲା ଜ୍ୟୋସ୍ନାଦି ଏ ଭିତରେ ମାଟ୍ରିକ୍ ପାସ୍ କରି ସିଟି ଟ୍ରେନିଂ ନେବା ପାଇଁ ସମ୍ବଲପୁର ଚାଲି ଯାଇଥିଲେ ।

ବଡଭାଇ ସତ୍ୟେନ୍ଦ୍ର, ଭାଇଭଉଣୀଙ୍କ ପଢ଼ାଖର୍ଚ୍ଚ ଉଠେଇବାକୁ ଯାଇ ନୟାନ୍ତ ହେଇଗଲେଣି ବୋଲି ବାରମ୍ବାର ଅସନ୍ତୋଷ ପ୍ରକାଶ କରିବାରୁ, ବସନ୍ତ ଅଧାରୁ ଇଞ୍ଜିନିୟରିଂ ଛାଡି, ଟାଟା ରିଫ୍ରାକ୍ଟରିଜ୍ (ଯେଉଁଠି ବଡଭାଇ ସତ୍ୟେନ୍ଦ୍ର ଚାକିରୀ କରୁଥିଲେ) ଠିକା କର୍ମଚାରୀ ଭାବରେ କାମ ଯୋଗାଡ କରିନେଲେ ।

ଆଉ ଜଗଦୀଶ ଖୁବ୍ ଛୋଟ ଛୋଟ କଥାରେ ବି ଦୁଃଖି ହେଇଗଲେ ଓ ମା' ବାପାଙ୍କୁ ଝୁରି ହେଲେ । ଶେଷରେ ବେଲପାହାଡ ଛାଡି ସେ ଗାଁକୁ ଫେରି ଆସିଥିଲେ । ତାଙ୍କର ଅଭିଯୋଗ ଥିଲା ଭାଉଜ ଭଲ ଖାଇବାକୁ ଦିଅନ୍ତିନି । ବିସ୍କୁଟ୍ ମିକ୍ସଚର ପରି ଜିନିଷ ଆଲମାରୀରେ ତାଲା ପକେଇ ରଖନ୍ତି ।

ସେ ଯାହା ହେଉ ଜଗଦୀଶ ସପ୍ତମ ଶ୍ରେଣୀ ଅଧାରୁ ବେଲପାହାଡ଼ ଛାଡି ଅଡ଼ଙ୍ଗ ଗାଁକୁ ଚାଲି ଆସିଲେ ଯେ, ଆଉ ବେଲପାହାଡକୁ ଫେରି ଯାଇ ପଢ଼ିବାକୁ ଚାହିଁଲେ ନାହିଁ । ଗାଁକୁ ଫେରି ଆସି ଅଡ଼ଙ୍ଗ ଗାଁ ଠୁ ଦୁଇ କିଲୋମିଟର ଦୂରରେ ଥିବା ଖଣ୍ଡାମୌଜା ହାଇସ୍କୁଲ୍‌ରେ ଅଷ୍ଟମ ଶ୍ରେଣୀରେ ନାଁ ଲେଖେଇ ଥିଲେ ।

ସ୍ୱଳ୍ପ ଜମି ଓ ବିନା ପେନ୍‌ସନ୍‌ରେ ଜଗଦୀଶଙ୍କ ବାପା ନଗେନ୍ଦ୍ର ନାଥ, ପରିବାର ପ୍ରତିପୋଷଣ ସହ ଜଗଦୀଶ ଓ ଚିନ୍ମୟଙ୍କୁ ପାଠ ପଢ଼େଇବାର ଦାୟିତ୍ୱ ନେଇଥିଲେ । ତେଣୁ ତାଙ୍କ ଅବସର ଜୀବନ ଯେତେ ସୁଖକର ହେବ ବୋଲି ସେ କଳ୍ପନା କରିଥିଲେ, ହୋଇ ପାରି ନଥିଲା । କେବେ କେମିତି ପୁଅମାନଙ୍କ ପାଖରୁ ପଚିଶି କି ପଚାଶ ଟଙ୍କାର ମନିଅର୍ଡର ପହଞ୍ଚୁଥିଲା । ଜଗଦୀଶଙ୍କ ମଝିଆ ଅପା, ସନ୍ଧ୍ୟାଦି ସେତେବେଳେ କରଞ୍ଜିଆରେ ଶିକ୍ଷୟିତ୍ରୀ ଭାବରେ କାମ କରୁଥିଲେ । ମଝିରେ ମଝିରେ ଗାଁକୁ ଆସିବା ବେଳେ ବାପା ମା' ଓ ପିଲାମାନଙ୍କ ପାଇଁ ଲୁଗାପଟା ନେଇ ଆସୁଥିଲେ । ତାଙ୍କର ସାହିତ୍ୟ ପ୍ରୀତି କି ଓଡିଆ ସାହିତ୍ୟର ଇତିହାସ କିମ୍ବା ମହାପୁରୁଷଙ୍କ ଜୀବନୀ ନେଇ ଆସୁଥିଲେ । ଜଗଦୀଶଙ୍କ ଗାଁ ଘରେ ମଧ ଗୋଟେ ଛୋଟକାଟର ଲାଇବ୍ରେରୀଟେ ଥିଲା ଓ ଯାହା ଥିଲା ଗୋଟେ କାଠ ଆଲମୀରା ଭିତରେ ସୀମିତ । ସନ୍ଧ୍ୟାଦି ଛୁଟିରେ ଆସିଲେ ଜଗଦୀଶଙ୍କ ଆନନ୍ଦ କହିଲେ ନସରେ । କାରଣ ତାଙ୍କୁ ବିଭିନ୍ନ ବହି ପଢ଼ିବାକୁ ମିଳି ଯାଉଥିଲା । ତାଙ୍କ ଘରେ ଥିବା ପ୍ରତିଟି ବହିର ଗୋଟେ ଗୋଟେ ନମ୍ବରିଂ ହୋଇଥିଲା; ତାହା ସହିତ ପ୍ରତି ବହିର ପ୍ରଥମ ପୃଷ୍ଠାରେ ଯେ କୌଣସି ବିଶିଷ୍ଟ କବିଙ୍କ କବିତାରୁ ପଦେ 'କୋଟ୍' କରାଯାଇଥିଲା । ଏଇ ଯେମିତି "ମଣିଷ ଜୀବନ ନୁହଁଇ ତ ଖାଲି ବର୍ଷମାସ ଦିନଦଣ୍ଡ" ଅବା "ଛାର ଭାଗ୍ୟ ମୋର ବିହିତ ପାଷାଣେ" ଭଳି ଗୋପବନ୍ଧୁ କିମ୍ବା ରାଧାନାଥଙ୍କର କବିତାର ଧାଡି ମାନ ।

ସନ୍ଧ୍ୟାଦିଙ୍କର ରଂଗ ମଇଳା ଥିବାରୁ ସେ ଚାକିରୀ କରୁଥିଲେ ସୁଦ୍ଧା ବାହାଘର ଯୋଗାଡ ହେଇପାରୁ ନଥିଲା । ପିଲାଦିନରୁ ତାଙ୍କର ଗୋଟେ କମ୍ପ୍ଲେକ୍ସ ଥିଲା ଯେ ସେ ଅନ୍ୟ ଦୁଇଭଉଣୀଙ୍କ ପରି ଗୋରୀ ହେଇ ନଥିବାରୁ ତାଙ୍କୁ କେହି ଭଲ ପାଆନ୍ତି ନାହିଁ । ପରେ ତାଙ୍କର ମନେ ହେଉଥିଲା ତାଙ୍କ ବାହାଘର ହେଇ ନ ପାରିବା ପଛରେ ବାପାଙ୍କର ନିଷ୍କ୍ରିୟତା ଓ ଅପାରଗତା ହିଁ ଅସଲ କାରଣ ଅଟେ । ତେଣୁ ଜଗଦୀଶଙ୍କ ବାପା ଅଭିମାନରେ ଝିଅ ରୋଜଗାରରୁ ଟଙ୍କାଟିଏ ସୁଦ୍ଧା ଗ୍ରହଣ କରିବେ ନାହିଁ କହି ଦେଇଥିଲେ । ସେଇ କାରଣରୁ ଗାଁରେ ବେଶ୍ ଆର୍ଥିକ ଦୁସ୍ଥିତି ଭିତରେ ସମୟ କଟେଇବାକୁ ପଡୁଥିଲା ତାଙ୍କୁ ।

ଏସବୁ ଜଗଦୀଶଙ୍କ ସର୍ଜନଶୀଳ ଦୃଷ୍ଟି ଅନ୍ତରାଳରେ ନଥିଲା । ଯଦିଓ ନୂଆ ଜାଗା, ନୂଆ ବନ୍ଧୁ, ନୂଆ ସ୍କୁଲ୍‌ରେ ନିଜକୁ ଖାପ ଖୁଆଇ ନେବାକୁ ସେ ଚେଷ୍ଟା କରୁଥିଲେ ଓ ଦିନେ ବାପା ମା'ଙ୍କୁ ଏଇ ଆର୍ଥିକ ଦୁଃସ୍ଥିତିରୁ ବାହାର କରି ଆଣିବେ ବୋଲି ଭାବୁଥିଲେ; ତଥାପି ଗଛ ଉପରେ ମାଡ ହେଲେ ପତ୍ର ବି ସହେ, ସେ ସହିଥିଲେ । ଅବସର ଗ୍ରହଣ କରିଥିବା ବାପା ଓ ମା'ଙ୍କ ସହ କିଶୋର ଜଗଦୀଶଙ୍କ ଜୀବନ ତଥାପି ଥିଲା ସବୁଜ ସୁନ୍ଦର ଚିର ସରସମୟ ସ୍ୱପ୍ନବିଭୋର ।



ରାଇରଙ୍ଗପୁରର ରତନ୍ ଟକିଜ୍ ପାଖରେ ବସ୍ ଛିଡା ହେଇଥିଲା । ଆମେ ସେଇଠି ଜଳଖିଆ ଖାଇଥିଲୁ । ଗରମ-ଗରମ ଜିଲାପି ସ୍ୱାଦ ଏବେ ବି ମନେ ଅଛି । ମୋର ଜିଭ ପୋଡି ଯାଉଥିଲା । ଆମେ କଳା ବାଡିଆରେ ଓହ୍ଲେଇ ଦୀର୍ଘ ସମୟ ଅପେକ୍ଷା କଲୁ । ଆଉ ଗୋଟେ ବସ୍‌ରେ ଜାମ୍‌ଶୋଳା ଆସିବା ପାଇଁ । ସୁବର୍ଣ୍ଣରେଖାର ପୋଲ ପାର୍ ହେଲାବେଳେ ଦେଖିଥିଲି ଜୀବନର ପ୍ରଥମ ନଦୀ । ଓଡିଶାର ସୀମା ସମାପ୍ତ, ଶୁଭ ବିଦାୟ ଲେଖା ହେଇଥିବା ଜାଗାରେ ପହଞ୍ଚି ପୁଣି ଗୋଟେ ଦୁଃଖ ମାଡି ଆସିଥିଲା । ଅପା କହିଥିଲା: "ଏଇଠୁ ବିହାର ସୀମା ଆରମ୍ଭ ।" ସେଇଠୁ ପଣି ଗୋଟେ ବସ୍‌ରେ ଚଢ଼ି ବହଡାଗୋଡା ବାଟ ଦେଇ, ଦାରିଶୋଳକୁ ଆସିଲୁ ଆମେ । ସେଇଠି ବିହାର ସୀମା ଶେଷ । 'ପଶ୍ଚିମବଙ୍ଗ ଆପନା କେ ସ୍ୱାଗତ ଜାନାଛେ'ର ବୋର୍ଡ ପାଖରୁ ଆରମ୍ଭ ହୋଇଥିଲା ବେଙ୍ଗଲ ସୀମା । ଦାରିଶୋଳ ଅଳ୍ପ ଦୂରରେ ଛିଞ୍ଚଡା ସହର ସେଇଠୁ କ୍ଳାନ୍ତିକର ବସ୍ ଯାତ୍ରା ଭିତରେ ଦିନ ସରି ରାତି ଓହ୍ଲେଇ ଆସିଥିଲା । ଫେଙ୍କୋଘାଟରେ ବସ୍‌ରୁ ଓହ୍ଲେଇଲା ବେଳକୁ ଆମକୁ ଅପେକ୍ଷା କରିଥିଲା ଗୋବରା ଭାଇର ଶଗଡ ଓ ବେଙ୍ଗମାନଙ୍କ କେଁ କଟର ଶବ୍ଦ । ଗାଁର ନିର୍ଜନତା ଯେ ସଶବ୍ଦ ପ୍ରଥମେ ଜାଣିଲି ।

X X X

ଗାଁ ସମ୍ପର୍କରେ ମୋର ବିଶେଷ ଧାରଣା ନଥିଲା । ଗାଁ କହିଲେ ମୁଁ ଜହ୍ନମାମୁଁର ଚିତ୍ରକଥା ହିଁ ଭାବୁଥିଲି; କିମ୍ବା କାଳିନ୍ଦୀ ଚରଣ ପାଣିଗ୍ରାହୀ, ବି.ଏ. ସମ୍ପାଦିତ ତୃତୀୟ ଶ୍ରେଣୀର ସାହିତ୍ୟ ବହି, 'ସୁନ୍ଦର ସାହିତ୍ୟ'ରେ ଥିବା ଗାଁ ରାସ୍ତା, ଘର, ସୂର୍ଯ୍ୟୋଦୟ, ରାସ୍ତାରେ ଚାଲି ଯାଉଥିବା ଚଷୀ ଓ ଯୁଆଳି ଯୋଚ୍ଛ ଯୋଡି ବଳଦ ଓ ଝିପିଝିପି ବର୍ଷାର ସମ୍ମିଳିତ ଦୃଶ୍ୟ, ଗାଁ ସମ୍ପର୍କରେ ମୋତେ ଏକ ରୋମାଣ୍ଟିକ ପରିବେଶର ଧାରଣା ଦେଉଥିଲା । ଗାଁରେ ମୋର ପ୍ରଥମ ନିଦ ଭାଙ୍ଗିଥିଲା କୋଇଲିର ଡାକରେ ଓ ଆଖି ମେଲି ଅନେଇଲା ବେଳକୁ ପକ୍କାଘରର ଛାତ ବଦଳରେ ବାଉଁଶ ଶେଣିରେ ବନ୍ଧା ହୋଇଥିବା ଅଳନ୍ଧୁଭରା ଛଳ ଦେଖି ବୁଝି ପାରିଥିଲି, ଆମେ ଗାଁରେ ପହଞ୍ଚି ଯାଇଛୁ । ସେଦିନ ରାତିରେ ବର୍ଷା ହୋଇଥିଲା ତ ଭିଜାମାଟିର ଗନ୍ଧ; ଯାହା କବିମାନଙ୍କୁ ସତେଜ କରେ ମୋତେ ଅସ୍ୱସ୍ତିକର ଲାଗିଥିଲା ।"

ପଞ୍ଚମ ଶ୍ରେଣୀ ପାସ୍ କରି, ଦଶ କି ଏଗାର ବର୍ଷ ବୟସରେ ଯେ ଗାଁକୁ ଆସିଥିଲେ ଜଗଦୀଶ; ମାତ୍ର ପୁଣିଥରେ ତାଙ୍କୁ ଓଡିଶା ଫେରି ଆସିବାକୁ ପଡିଥିଲା। ଏଥର ଉତ୍ତର ଓଡିଶାକୁ ନୁହଁ ପଶ୍ଚିମ ଓଡିଶାକୁ । ଆଉ ଗୋଟେ ପରିବେଶ ଆଉ ଗୋଟେ ଜୀବନ ଜିଇଁବାକୁ ପଡିଥିଲା ତାଙ୍କୁ ସେତେବେଳେ । ବାପା ମା'ଙ୍କୁ ଛାଡି ବଡଭାଇ ଓ ଭାଉଜ ପାଖରେ ରହିଥିଲେ ବେଲପାହାଡରେ । କେବଳ ସେ ଏକା ନୁହନ୍ତି, ତାଙ୍କ ଉପର ଭଉଣୀ ଜ୍ୟୋତ୍ସ୍ନା ଓ ଜ୍ୟୋତ୍ସ୍ନାଙ୍କ ଉପର ଭାଇ ବସନ୍ତ, ତିନିଜଣ ଯାକ ଆସିଥିଲେ ବଡଭାଇ ସତ୍ୟେନ୍ଦ୍ରନାଥଙ୍କ କମ୍ପାନୀ କ୍ୱାର୍ଟରରେ ପାଠ ପଢ଼ିବା ପାଇଁ ।

ତେଣୁ ମାତ୍ର ଏଗାର ବର୍ଷ ବୟସରେ ବାପା ଓ ଗାଁ ଭୂଇଁ ଛାଡିଥିଲେ ଜଗଦୀଶ କେବଳ ପାଠ ପଢ଼ିବା ପାଇଁ ।

## ଆଦ୍ୟ ଯୌବନର ଦିନସବୁ

"ଭୋଜୋ ଗୌରାଙ୍ଗ, ଲୋହୋ ଗୌରାଙ୍ଗ ଶୁନୋ ଗୌରାଙ୍ଗେର ନାମରେ, ଭୋଜୋ ଗୌରାଙ୍ଗ...." କିଏ ଜଣେ ବାଉଲ୍ ବଜେଇ ବଜେଇ ଭୋର୍‌ରୁ ଭୋର୍‌ରୁ ରାସ୍ତା ପାର ହେଇଯାଏ । ତାର ଗୀତରେ ପାହାନ୍ତି ନିଦ ଭାଙ୍ଗିଯାଏ ଜଗଦୀଶଙ୍କର । ସେତେବେଳେ ସେ ଖଣ୍ଡାମୌଜା ସ୍କୁଲ୍‌ର ଛାତ୍ର । ଟ୍ୟୁସନ୍ ଯିବାକୁ ପଡିବ । ଦାନ୍ତକାଠି ଖଣ୍ଡେ ମୁହଁରେ ପୁରେଇ ଗାଡିଆ ପାଖକୁ ଚାଲି ଯାଆନ୍ତି । ନିତ୍ୟକର୍ମ ସାରି ଗାଁ ଠୁ ଦୁଇ କିଲୋମିଟର ଖଣ୍ଡାମୌଜା ଯିବାକୁ ପଡିବ ଟ୍ୟୁସନ୍ ପାଇଁ । ପୁଣି ଘରକୁ ଫେରି ଆସି ଟୁବି ଗାଡିଆରେ ବୁଡଟେ ପକେଇ ଭାତ ଡାଲି ଆଳୁଚକଟା ଖାଇ ଧାଇଁବାକୁ ପଡିବ ଖଣ୍ଡାମୌଜା ହାଇସ୍କୁଲ । ଏମିତି ଥିଲା ସେତେବେଳର ନିତିଦିନିଆ ଜୀବନ ଜଗଦୀଶଙ୍କର ।

ପିଲାଟା ଥକିଯିବ ଭାବି ଜଗଦୀଶ ବାପା ଟ୍ୟୁସନ୍‌ର ଗୋଟେ ସ୍ଥାୟୀ ସମାଧାନ ପାଇଁ ଖଣ୍ଡାମୌଜା ଯାଇଥିଲେ । ସେତେବେଳେ ସ୍କୁଲରେ ଯେଉଁ ହିନ୍ଦୀ ସାର୍ ଥା'ନ୍ତି ସେ ଏକା ରହୁଥାନ୍ତି । ଅର୍ଥାତ୍ ତାଙ୍କ ପରିବାର ତାଙ୍କ ପାଖରେ ରହୁନଥାଏ । ଜଗଦୀଶଙ୍କ ବାପା ସାର୍‌ଙ୍କ ସହ କଥା ହୋଇ ସେଇଠି ଜଗଦୀଶଙ୍କର ରହିବା ବ୍ୟବସ୍ଥା କରେଇ ଦେଇ ଆସିଥିଲେ । ହିନ୍ଦୀ ସାର୍ ଖୁବ୍ ଚୁପ୍‌ଚାପ୍ ସ୍ୱଭାବର ଲୋକ ଥିଲେ । ଖୁବ୍ କମ୍ କଥା କହୁଥିଲେ । ହିନ୍ଦୀସାର୍‌ଙ୍କ ଘରେ କେବଳ ରାତିଟି ରହିବାକୁ ପଡୁଥିଲା । ସକାଳେ ସେ ଘରକୁ ଚାଲି ଆସୁଥିଲେ । ଅସଲ କଥା ଥିଲା, ପୂର୍ବର ସକାଳୁଆ ଗଣିତ ଟ୍ୟୁସନ୍‌ଟିକୁ ସଂଧ୍ୟା ଆଡକୁ କରିଦିଆ ଯାଇଥିଲା । ଗଣିତ ସାର୍ ତିନି ସିଫ୍ଟରେ ଟ୍ୟୁସନ୍ କରୁଥିଲେ । ସକାଳେ, ସଂଧ୍ୟାରେ ଓ ରାତିରେ । ସକାଳେ ଯିବା ଆସିବା ବେଶୀ ପଡିଯିବାରୁ ସଂଧ୍ୟା ଟ୍ୟୁସନ୍ ଟିରେ ଯୋଗ ଦେବାକୁ ପଡିଥିଲା ତାଙ୍କୁ । ଜଗଦୀଶ ଏକାଥରେ ଭାତ ଖାଇ ସ୍କୁଲ ଯାଉଥିଲେ ସାଙ୍ଗରେ ରାତିରେ ଖାଇବା ପାଇଁ ରୁଟି ଭଜା ଓ ଚିନି ନେଇ ଯାଉଥିଲେ । ସଂଧ୍ୟା ଟ୍ୟୁସନ୍‌ରୁ ଫେରି କିଛି ସମୟ ପଢ଼ାପଢ଼ି ପରେ ରୁଟି ଖାଇ, ସଉପ ପାରି ଶୋଇ ପଡୁଥିଲେ । ସେଇଠି ଲେଙ୍କା ନାଁରେ ଆଉ ଗୋଟିଏ ପିଲା ମଧ୍ୟ ରହୁଥିଲା । ହିନ୍ଦୀ ସାର୍ ଥରେ ଆସି ଖାଇଲ କି ନାହିଁ ପଚାରିଦେଇ ତାଙ୍କ ବଖରାକୁ ଚାଲି ଯାଉଥିଲେ; ମାତ୍ର ଜଗଦୀଶ ସେଇଠି ବେଶୀଦିନ ରହି ପାରିଲେ ନାହିଁ । ହିନ୍ଦୀ ସାର୍‌ଙ୍କ ନାଁରେ ସେ ସମୟରେ ଗୁଜବଟେ ଉଠିଥିଲା ଯେ ଲେଙ୍କା ସହ ତାଙ୍କର ସଂପର୍କ ରହିଛି । ଲେଙ୍କା ଦେଖିବାକୁ ବେଶ୍ ଡଉଲ ଡାଉଲ ପିଲାଟିଏ ଥିଲା; ମାତ୍ର ହିନ୍ଦୀ ସାର୍‌ଙ୍କୁ ନେଇ ସେମିତି କୌଣସି ଅପ୍ରୀତିକର ଘଟଣା ପରି କାହିଁ ଜଗଦୀଶଙ୍କ ଦୃଷ୍ଟିରେ ପଡି ନଥିଲା; ତଥାପି ଏ କଥା ଜଗଦୀଶଙ୍କ ବାପାଙ୍କ କାନରେ ବି ପଡିଲା ପରେ ସେ ଥରେ ଜଗଦୀଶଙ୍କୁ ଡାକି ପଚାରିଥିଲେ: "ହିନ୍ଦୀ ସାର୍ କେମିତି ଲୋକ? ତୋ ସହିତ ତାଙ୍କ ବ୍ୟବହାର କେମିତି?" ଜଗଦୀଶ ଉତ୍ତର ଦେଇଥିଲେ: "ଭଲ ।" ଜଗଦୀଶ ବାପା ଆଉ ଆଗକୁ ପ୍ରଶ୍ନ କରିପାରି ନଥିଲେ । ଜଗଦୀଶ ସେ ବୟସରେ ଏ ସବୁର ଅର୍ଥ ବୁଝି ନଥିଲେ । ପରେ ସ୍କୁଲ୍‌ରେ ପିଲାମାନେ ଲେଙ୍କାକୁ ହିନ୍ଦୀ ସାର୍ ସଙ୍ଗେ ଯୋଡି ଅଶ୍ଳୀଳ ମନ୍ତବ୍ୟ ଦେବା ଶୁଣିଥିଲେ ଯାହାଫଳରେ ଜଗଦୀଶଙ୍କ ଗଣିତ ଟ୍ୟୁସନ୍ ପୁଣି ସକାଳ ସିଫ୍ଟକୁ ହେଇ ଯାଇଥିଲା ।

ଗଣିତ ସାର୍‌ଙ୍କ ବେଶ୍ ଖ୍ୟାତି ଥିଲା । ସେ ଜାତିରେ ଥିଲେ ବଣିଆ । ଘରର ଫାଳେ ବରାଣ୍ଡାରେ ସାର୍‌ଙ୍କ ବାପା ଓ ବଡଭାଇ ବସି ସେମାନଙ୍କ କୌଳିକ ଗହଣା ଗଢ଼ିବା କାମ କରୁଥିଲେ । ଆର ଫାଳରେ ପିଲାମାନେ ଟ୍ୟୁସନ୍ ହେଉଥିଲେ । ସେଇ ଠକ୍‌ଠାକ୍ ଶବ୍ଦ ଭିତରେ ବାପପୁଅ ଦି'ଜଣ ସାଧାରଣ ସୌଜନ୍ୟ ଭୁଲି ପରସ୍ପର ପ୍ରତି ସହଜ ଭାବରେ ଅଶ୍ଳୀଳ ଶବ୍ଦ ବ୍ୟବହାର କରି କଥାବାର୍ତ୍ତା କରୁଥିଲେ । ଯାହା ପିଲାମାନଙ୍କ ଆମୋଦ ପାଇଁ ଯଥେଷ୍ଟ ଖୋରାକ ଯୋଗାଉଥିଲା । ଅଥଚ ଗଣିତ ସାର୍ ଥିଲେ ଅବିଚଳ । ସେ କେବେ ବି ବହି ଖୋଲୁ ନଥିଲେ । ପିଲାମାନଙ୍କୁ କହୁଥିଲେ, ଅମୁକ ପୃଷ୍ଠାର ଅମୁକ ନମ୍ବର ଗଣିତ କରି କି ଦେଖାଅ । ସେ କୌଣସି ପିଲାର ଖାତା ଦେଖୁ ନଥିଲେ । ନିଜ ଜାଗାରେ ବସି ଗଣିତର ପ୍ରତିଟି ଷ୍ଟେପ୍ ଗାଇ ଯାଉଥିଲେ । ପିଲାମାନେ ନିଜେ ହିଁ ସଂଶୋଧନ କରି ନେଉଥିଲେ । ଗଣିତ ବହିଟି ଆମୂଳଚୂଳ ତାଙ୍କର ମୁଖସ୍ଥ ଥିଲା

ହିନ୍ଦୀ ସାର୍‌ଙ୍କ ପାଇଁ ଜଗଦୀଶଙ୍କ ହିନ୍ଦୀରେ ଦକ୍ଷତା ଜାଣି ଆସି ଯାଇଥିଲେ । ଫଳରେ ପରବର୍ତ୍ତୀ ଜୀବନରେ ସେ ନିଜେ ହିନ୍ଦୀରେ ଗଳ୍ପ ଲେଖି ପାରୁଥିଲେ । ଗଣିତ ସାର୍ ତାଙ୍କୁ ଗଣିତରେ ଏମିତି ପକ୍କା କରିଦେଇଥିଲେ ଯେ ମ୍ୟାଟ୍ରିକ୍ୟୁଲେସନ୍ ପରୀକ୍ଷାରେ ସେ ଶହେରୁ ଅନେଶତ ନମ୍ବର ରଖିଥିଲେ । ଯାହାହେଉ, ସବୁଦିନ ଟ୍ୟୁସନ୍‌ରୁ ଫେରି ଟୁବି ଗାଡିଆରେ ଗାଧୋଇ ସ୍କୁଲ ଯିବା ପାଇଁ ପ୍ରସ୍ତୁତ ହେଉଥିଲେ । ଗରମ ଭାତ, ମସୁର ଡାଲି, ଆଳୁଚକଟା ଅତି ବେଶୀ ହେଲେ ପୋସ୍ତକ ଟିକେ ଶିଳରେ ବାଟି ଦେଇ ଥାଳି କଡକୁ ବାଢ଼ି ଦେଉଥିଲେ ତାଙ୍କ ମା' ପ୍ରକୃତରେ ଜଗଦୀଶ ଗାଁରେ ଲୋକେ ବହୁତ କମ୍ ପରିବାପତ୍ର ଖାଆନ୍ତି । ଗାଁରେ ଘରେଘରେ ବଗିଚ୍ଛ, ଗାଡିଆ ଘର ସାମ୍ନା ଦେଇ ପାଦେ ପାଦେ ପାଣିର ଝର ସବୁ ଥାଇ ବି ପରିବା ଚଷ କେହି କରନ୍ତି ନାହିଁ । ଅତି ବେଶୀ ହେଲେ ନାଳରୁ ଚେଙ୍ଗ ଗଡିଶା କିମ୍ବା ଇଜିମାଲି ପୋଖରୀରୁ ମାଛଧରା ହେଇଥିଲେ ପରିବାର ପିଛା ମିଳୁଥିବା ଭାଗ ମାଛରେ ଚଳିଯାଏ

ସଭିଙ୍କର । ମସୁର ଡାଲି ଆଉ ପୋସ୍ତକ ତ ଘରେ ଘରେ ଛ' ଡିଅଣର ଜାଗା ନିଏ ।

ଜଗଦୀଶଙ୍କ ପରିବାର ଗୋରୁମହିଷାଣୀରୁ ଗାଁକୁ ସ୍ଥାୟୀ ଭାବରେ ରହିବାକୁ ଆସିବା ପରେ, ବହଡାଗୋଡା ବଜାର ଯାଇ ତାଙ୍କ ବାପା ସପ୍ତାହକର ପରିବା କିଣି ଆଣୁଥିଲେ । ସେହିପରି ଗ୍ରସରି ବି ମାସିକିଆ ଆସୁଥିଲା । ତାଙ୍କ ଘରର ଏ ପ୍ରକାର ଚଳିଚଳନକୁ ଦେଖି ଗାଁଲୋକେ ତାଙ୍କୁ ପରଦେଶୀ ଭଳି ମନେ କରୁଥିଲେ । ପାଠପଢୁଆ ତାଙ୍କ ଝିଅମାନଙ୍କୁ କୌତୁହଳ ସହ ଦେଖୁଥିଲେ ଗାଁ ଲୋକେ । ସେଇଭଳି ପରିସ୍ଥିତିରେ ଗାଁରେ ନିଜକୁ ନିଜର ଉପସ୍ଥିତି ଜାହିର୍ କରେଇବାରେ ବଡ ଅସୁବିଧା ହେଉଥିଲା । ପ୍ରଥମେ ପ୍ରଥମେ ତାଙ୍କ ବାପାଙ୍କ ଜମି ଚଷିବା ପାଇଁ ମୂଲିଆ ମଜଦୁର ମିଳିଲେ ନାହିଁ । ହଳ, ବଳଦର ବି

## ଆମର ଗୋଟେ ଭାଷା ଅଛି, ରାଜ୍ୟ ଅଛି

ଭୋରରୁ ଭୋରରୁ ଚୁଡା କୁଟା ପାହାରର ଶବ୍ଦ ସହିତ, ସଜ ଚୁଡା କୁଟାର ବାସ୍ନାରେ ମହକି ଯାଉଥିଲା ଗାଁ । ଗୋରୁ ମହିଷାଣୀରେ ସେ ବାସ୍ନା ନଥିଲା । ନଥିଲା ବେଲପାହାଡ ରିଫ୍ରାକ୍ଟ୍ରିକ୍‌ରେ । କୈଶୋରରୁ ଯୌବନ ସଜକୁଟା ଚୁଡାର ବାସ୍ନାରେ ବାସ୍ନାୟିତ ହେଉଥିଲା, ଗାଁରେ ଜଗଦୀଶଙ୍କ ଜୀବନ ।

ଗାଁର ଭାଷା ଥିଲା ଅଲଗା । ସେ ଭାଷା ସହ କେବଳ ଜଗଦୀଶ ନୁହନ୍ତି, ତାଙ୍କର କୌଣସି ଭାଇଭଉଣୀ ପରିଚିତ ନଥିଲେ । ଓଡିଆର ଗୋଟେ ମିଶ୍ର ଭାଷାରେ ଅଧିକାଂଶ ଲୋକକଥା ହେଉଥିଲେ । ଗାଁ ଠୁ ଦୁଇ କିଲୋମିଟର ଦୂରରେ ଥିଲା ଖଣ୍ଡାମୌଜା ହାଇସ୍କୁଲ୍ । ସ୍କୁଲଟି ଥିଲା ସଂପୂର୍ଣ୍ଣ ଓଡିଆ ସ୍କୁଲ୍ । ୧୯୪୦ ମସିହାରେ ସ୍ୱର୍ଗତ ତାରାପଦ ଷଡଙ୍ଗୀଙ୍କ ପ୍ରଚେଷ୍ଟାରେ ସ୍କୁଲ୍‌ଟି ପ୍ରତିଷ୍ଠିତ ହୋଇଥିଲା । ସେ ସଂପର୍କରେ ତାରାପଦ ଷଡଙ୍ଗୀଙ୍କ ପୁଅ ଦୀପକ ଷଡଙ୍ଗୀ ଲେଖିଛନ୍ତି, "୧୯୩୬ ସାଲ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ହେଲା । ଅନେକ ଓଡିଆ ଭାଷାଭାଷୀ ଅଞ୍ଚଳ ବାହାରେ ରହିଗଲା । ସିଂହଭୂମ ମଧ୍ୟ ମିଶିଲା ନାହିଁ । ଆମେ ସବୁ ମା' ଛେଉଣ୍ଡ ହେଇଗଲୁ । ଏଠାରେ ଓଡିଆ ଶିକ୍ଷା ଆନ୍ଦୋଳନକୁ ଅଧିକ ସକ୍ରିୟ କରିବାର ସ୍ଥିର କରାଗଲା । ପଣ୍ଡିତ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟଙ୍କ ଦ୍ୱାରା ଗଠିତ ଓଡିଆ ଶିକ୍ଷା ପାଣ୍ଠି ବହୁ ଓଡିଆ ସ୍କୁଲ୍ ଖୋଲିବାରେ ସାହାଯ୍ୟ କଲା । ଖଣ୍ଡାମୌଜା ମଧ୍ୟ ଇଂରାଜୀ ବିଦ୍ୟାଳୟ ୧୯୩୬ ସାଲରେ ପ୍ରତିଷ୍ଠା ହେଲା । ସ୍କୁଲ ପ୍ରତିଷ୍ଠିତ ହେଲା ଦିନ, ପଣ୍ଡିତ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ ଉପସ୍ଥିତ ଥିଲେ । ସୀତାନାଥ ମାଇତି, ତାରାପଦ ବାବୁ ଏ ଦିଗରେ ସାହାଯ୍ୟ କରିଥିଲେ । ୧୯୪୦ରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ଘନଘଟା ମଧ୍ୟରେ ଖଣ୍ଡାମୌଜା ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା ହେଲା । ତାରାପଦ ବାବୁଙ୍କ ତ୍ୟାଗର ପଟାନ୍ତର ନାହିଁ । ବାହାରୁ କୌଣସି ସାହାଯ୍ୟ ନନେଇ ସ୍କୁଲ ଗଢ଼ିବାରେ ସେ ଲାଗି ପଡିଲେ । ଏ ପ୍ରସଙ୍ଗରେ ଗୋଟିଏ କଥା କୁହାଯିବା ଦରକାର । କଟକ ରାଜାବଗିଚାର **Special Class Contractor** ଓ ଖଣି ମାଲିକ ଭାଗବତ ମହାନ୍ତି ପାଞ୍ଚ ହଜାର ଟଙ୍କା ଦେଇ ସ୍କୁଲ ସରକାରୀ ସହ ବନ୍ଧନ ପାଇବାରେ ସାହାଯ୍ୟ କରିଥିଲେ ।"

ଏହି ବିଚ୍ଛିନ୍ନାଞ୍ଚଳର ଖ୍ୟାତିସମ୍ପନ୍ନ ସ୍କୁଲ୍‌ରେ ଜଗଦୀଶ ସିଧାସଳଖ ଅଷ୍ଟମ ଶ୍ରେଣୀରେ ନାଁ ଲେଖେଇଥିଲେ, କାରଣ ଓଡିଆ ବେଙ୍ଗଲ ଓ ବିହାରରେ ସମାନ ମାସରେ ନୂଆ ସେସନ୍ ଆରମ୍ଭ ହେଉ ନଥିଲା । ଓଡିଶାରେ ଶିକ୍ଷାରମ୍ଭ ବର୍ଷ ଜୁନ୍-ଜୁଲାଇରେ ହେବାବେଳେ ବେଙ୍ଗଲ ବିହାରରେ ଜାନୁୟାରୀରୁ ନୂଆବର୍ଷ ଗଣନା ହୁଏ । ତେଣୁ ଛ'ମାସ ପଛେଇ ସପ୍ତମରେ ନାଁ ନ ଲେଖେଇ, ଛ'ମାସ ଆଗକୁ ନେଇ ଅଷ୍ଟମରେ ନାଁ ଲେଖା ଯାଇଥିଲା ।

ସିଂହଭୂମ ଜିଲ୍ଲାଟି ତତ୍‌କାଳୀନ ବିହାର ଅନ୍ତର୍ଗତ ହୋଇଥିବାରୁ ଗାଁର ପ୍ରାଥମିକ ବିଦ୍ୟାଳୟରେ ହିନ୍ଦୀ ଓ ବଙ୍ଗଳାରେ ପାଠ ପଢ଼ା ଯାଉଥିଲା । ଶିକ୍ଷକମାନେ ପ୍ରାୟ ବଙ୍ଗଳା ଭାଷୀ ଥିଲେ । କେବଳ ସାହିତ୍ୟ ବହିକୁ ଛାଡିଦେଲେ ଅନ୍ୟ ପାଠ୍ୟପୁସ୍ତକ ହିନ୍ଦୀ ଅଥବା ବଙ୍ଗଳାରେ ହିଁ ଥିଲା ।

ବିଚ୍ଛିନ୍ନାଞ୍ଚଳ ଭାଷା ଆନ୍ଦୋଳନରେ ଜଗଦୀଶଙ୍କ ପରିବାରର ଲୋକମାନେ ପ୍ରାୟ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଜଗଦୀଶଙ୍କ ମୁହଁରୁ ଏ କଥା ବାରମ୍ବାର ଶୁଣିଥିଲି ଯେ, ଗୋପବନ୍ଧୁ ଏ ଅଞ୍ଚଳକୁ ଆସିଥିବା ବେଳେ ତାଙ୍କ ମା'ଙ୍କ ହାତ ରାନ୍ଧଣା ଖାଇଥିଲେ ।

ତାଙ୍କ ଗାଁରେ ଗୋଟେ ଅଦ୍ଭୁତ କଥା ଦେଖିବାକୁ ମିଳେ । ଏଠି ବସବାସ କରୁଥିବା ଖଣ୍ଡାୟତ ଚଷା ଜାତିର ଲୋକମାନଙ୍କୁ ଓଡିଆ କୁହାଯାଏ, ଯଦିଓ ସେମାନେ ବଙ୍ଗଳାରେ କଥାବାର୍ତ୍ତା କରିବାକୁ ପସନ୍ଦ କରନ୍ତି । ବାକି ବ୍ରାହ୍ମଣ, କରଣ, କୁମ୍ଭାର, ତେଲି ଆଦି ଜାତିର ଲୋକମାନେ ସାଧାରଣତଃ ଓଡିଆ ଭାଷାରେ, ଅବଶ୍ୟ କେହି କେହି କିଛିଟା ସ୍ଥାନୀୟ ବୋଲି ଲଗେଇ କଥା ହୁଅନ୍ତି। ଯେମିତି କରଠୁ, ଖାଉଠୁ, ଯାଅଁ, କରଠଁ ଇତ୍ୟାଦି । ଆଉ କେହି କେହି କୁହନ୍ତି, ଏଇ ଯେମିତି, "ଅନେକ ଦିନ ପରେ ଜନ୍ମଭୂମି କେ ଆସା ହେଲା ।" କିମ୍ବା "ବାବୁର ଆଗମନ କୋଁଠୁ ?"

ଜଗଦୀଶ ଅଷ୍ଟମ ଶ୍ରେଣୀରେ ପଢୁଥିବା ବେଳେ ତାଙ୍କ ସାନଭାଇ ଚିନ୍ମୟ ପ୍ରାଥମିକ ସ୍କୁଲ୍‌ରେ ଗାଁରେ ପଢୁଥାନ୍ତି । ପ୍ରଥମରୁ କହିଥିଲି ଯେ ସେ ଅଞ୍ଚଳରେ ପ୍ରାଥମିକ ପ୍ରାଥମିକ ସ୍କୁଲ୍‌ରେ ବଙ୍ଗଳାରେ ପଢ଼ାଯାଏ । ସେଥର ଚିନ୍ମୟର ପରୀକ୍ଷା ଚାଲିଥାଏ । ଜଗୀଶଙ୍କ ବଡ ଭଉଣୀ ଜ୍ୟୋତ୍ସ୍ନାଦି ଗାଁକୁ ଆସିଥାନ୍ତି । ସେ ତା'ର ପଢ଼ାପଢ଼ି ଦାୟିତ୍ୱ ନେଇଥାନ୍ତି ପରୀକ୍ଷା ପାଇଁ । ସାହିତ୍ୟର ମୌଖିକ ପରୀକ୍ଷା ଦିନ ଶିକ୍ଷକ ଚିନ୍ମୟକୁ ପଚାରିଥିଲି, "ବଛରେ କୟେକଟା ରିତୁ ଆଛେ ବୋଲୋ ତୋ ?"

ଚିନ୍ମୟ ବୁଝିପାରି ନଥିଲା । ଘରେ ଆସି ଯେତେବେଳେ ପରୀକ୍ଷା କେମିତି ହେଲା ବୋଲି ଜ୍ୟୋତ୍ସ୍ନାଦି ପଚାରିଥିଲେ ସେ କହିଥିଲା, "ମୋତେ ରିତୁ ପଚାରିଲେ ମୁଁ କହିପାରିଲି ନାହିଁ । ଜ୍ୟୋତ୍ସ୍ନାଦି ରାଗି ଯାଇଥିଲେ । ତୋତେ ପଢ଼େଇଥିଲି ବର୍ଷରେ ଛ'ଟି ଋତୁ ବୋଲି ଭୁଲିଗଲୁ । ସେ ଉତ୍ତର ଦେଇଥିଲେ ମୋତେ ଋତୁ ପଚାରି ନାହାନ୍ତି ତ । 'ଋତୁ' ମୁଁ ଜାଣେ ବର୍ଷକରେ ଛ'ଟି ଋତୁ । ସେ ମୋତେ ରିତୁ ପଚାରିଲେ । ମୁଁ କହିଥାନ୍ତି କ'ଣ ବୁଝି ପାରିଲି ନାହିଁ । କଥାଟି ବହୁତ୍ ଛୋଟ ଥିଲା । ବୟସ ବି ତାଙ୍କର କମ୍ ଥିଲା । ମାତ୍ର ଏହା ଭାଷା ଆନ୍ଦୋଳନ ପାଇଁ ଗୋଟେ ଅଗ୍ନିକଣା ଥିଲା । ଜଗଦୀଶ ସାନକାକା ଧୀରେନ୍ଦ୍ର ନାଥ ମହାନ୍ତି ଟାଟା କମ୍ପାନୀରେ କାମ କରୁଥାନ୍ତି । ସେ ତତ୍‌କାଳୀନ ଟାଟା ସ୍ଥିତ ଉତ୍କଳ ଆସୋସିଏସନ୍‌ରେ ସେକ୍ରେଟାରୀ ଥା'ନ୍ତି ଜାମ୍‌ସେଦ୍‌ପୁରରେ । ସରକାରଙ୍କ ଉପରେ ଚାପ ପକାଇ ସେ ଗାଁ ସ୍କୁଲ୍‌ଟିରେ ପୁରା ଓଡିଆ ଭାଷାର ପୁସ୍ତକ ପ୍ରଚଳନ କରାଇଥିଲେ । ସ୍କୁଲ୍‌ରେ ବଙ୍ଗଳା ଭାଷୀ ଶିକ୍ଷକଙ୍କ ବଦଳରେ ଓଡିଆ ଭାଷୀ ଶିକ୍ଷକ ରଖିବାକୁ ପ୍ରୋତ୍ସାହିତ କରିଥିଲେ । ଓଡିଆ ଭାଷାକୁ ସିଂହଭୂମ୍‌ରୁ ବିଚ୍ଛିନ୍ନାଞ୍ଚଳରେ ବଞ୍ଚାଇ ରଖିବା ପାଇଁ ଯେଉଁ ପରବର୍ତ୍ତୀ ପିଢ଼ିର ବ୍ୟକ୍ତିମାନେ ଚେଷ୍ଟିତ ଥିଲେ ସେମାନଙ୍କ ଭିତରେ ଦୁଇଜଣ ଥିଲେ ମୁଖ୍ୟ, ଦୀନେଶ୍ ଷଡଙ୍ଗୀ ଓ ଦୀପକ ଷଡଙ୍ଗୀ । ଉଭୟେ ତାରାପଦ ଷଡଙ୍ଗୀଙ୍କ ସୁପୁତ୍ର ଥିଲେ ।

ଜଗଦୀଶ ଅଷ୍ଟମରେ ପଢ଼ିଲା ବେଳକୁ ଖଣ୍ଡା ମୌଜା ହାଇସ୍କୁଲ୍‌ର ହେଡ୍‌ମାଷ୍ଟର ଥା'ନ୍ତି ବିଭୂତି ଭୂଷଣ ହୋତା । ତାଙ୍କ ବାପା ସର୍ବେଶ୍ୱର ହୋତା ୧୯୩୬ ସୀମା ଆନ୍ଦୋଳନର ଜଣେ ଜଣାଶୁଣା କର୍ମୀ ଥିଲେ ।

ଏ ଅଞ୍ଚଳର ଲୋକଙ୍କ ଭିତରେ ଭାଷାକୁ ନେଇ ଯେମିତି ସ୍ୱାଭିମାନ ଥିଲା ଭାଷାକୁ ନେଇ ସେମାନେ ସେତିକି ସ୍ପର୍ଶକାତର ଥିଲେ । ଥରେ ଜଗଦୀଶ ମୋତେ କହୁଥିଲେ, "ଆକାଶବାଣୀ କଟକ କେନ୍ଦ୍ରର କାର୍ଯ୍ୟକ୍ରମ ଆମ ଗାଁକୁ ଶୁଭୁ ନଥିଲା ଆଖାପାଖର ସମସ୍ତେ ଆକାଶବାଣୀ କଲିକତା ଶୁଣୁଥିଲେ । ତଥାପି ଆମ ଘରେ ଆକାଶବାଣୀ କଟକ ଲଗାଯାଏ । ରେଡିଓର ଘରର୍ ଘର୍ ଚର୍‌ର ଚର୍ ଶବ୍ଦ ଭିତରେ ଆକାଶବାଣୀ କଟକ ଶବ୍ଦଟି ଭାରି ସୁମଧୁର ଲାଗୁଥିଲା । ଲାଗୁଥିଲା ଆମର ଗୋଟେ ମାଟି ଅଛି । ଗୋଟେ ଭାଷା ଅଛି ।



ଅସୁବିଧା ହୋଇଥିଲା । ଲୋକେ ଭାବୁଥିଲେ ଯେ ଚାକିରୀ କରିଥିବାରୁ ତାଙ୍କ ପାଖରେ ବେଶ୍ କଞ୍ଚା ପଇସା ଅଛି କିମ୍ବା ଏଇ ଚାଷବାସ ତାଙ୍କ ଶୋତ ସମୟର ବାହାରର ବିଷୟ ।

ତାଙ୍କ ବାପା ଅତି କଷ୍ଟରେ ଗାଁରୁ ଦୁଇ ତିନୋଟି ଭୂମିଜ ମୂଲିଆ ଯୋଗାଡ କରି ଚାଷ କାମ ଆରମ୍ଭ କରିଥିଲେ । ଗାଁରେ, ମୂଲିଆ ଠୁଁ ଥିଲାବାଲା ସମସ୍ତଙ୍କ ଜଳଖିଆ କହିଲେ ମୁଢ଼ି । ତେବେ ମୂଲିଆ ମାନଙ୍କ ମୁଢ଼ିଖିଆ ପ୍ରଣାଳୀ ଜଗଦୀଶଙ୍କୁ ଖୁବ୍ ଆକୃଷ୍ଟ କରୁଥିଲା । ନିଜ ଗାମୁଛାରେ ମୁଢ଼ିକୁ ଗୁଡେଇ ଦେଇ ବିଲ ପାଣିରେ ଝଟ୍‌କରି ବୁଡେଇ ଆଣି, ସେଇ ଗାମୁଛାରେ ମୁଢ଼ିକୁ ଦଳି ଦଳି ଖାଉଥିଲେ ମୂଲିଆମାନେ । ଗୋଟେ ହାତରେ କଞ୍ଚା ଲଙ୍କା ଅନ୍ୟ ହାତରେ ମୁଢ଼ି ମୁଠାଏ । ବାସ୍, ଏଇଆ ହିଁ ଥିଲା ସେମାନଙ୍କର ଦ୍ୱିପ୍ରହର ଖାଦ୍ୟ।

ଏଇ ଚାଷବାସ କଥାରୁ ମନେପଡୁଛି କଥାଟିଏ । ଜଗଦୀଶ ମୋତେ ଥରେ ବରାଦ କରିଥିଲେ, ତୁ ମୋ ପାଇଁ ପେଜ ମିଶା ଭାତ ରାନ୍ଧିଦେଇ ପାରିବୁ ? ମୁଁ ବଜାରରୁ ଗଡିଶ ମାଛ ଆଣି ଦେବି, ପେଜ ଭାତ ସଙ୍ଗେ ଗଡିଶ ମାଛ ପୋଡି କି ଦେବୁ । ମୁଁ ପେଜୁଆ ଭାତ ରାନ୍ଧିଥିଲି । କୋଇଲା ଚୁଲିର ଲିଭିଲା ନିଆଁରେ ଗଡିଶ ମାଛ ବି ପୋଡିଥିଲି । ଖାଇବା ପରେ ଜଗଦୀଶ କହିଥିଲେ, "ହେଲା ନାହିଁ ।" ମା'ଙ୍କ ଠୁ ବି ତୁ ଖରାପ ରାନ୍ଧିଛୁ । ତା'ପରେ ସେ ମୋତେ ପେଜୁଆ ଭାତ ଓ ମାଛ ପୋଡା କଥା ଶୁଣେଇଥିଲେ ।

ଥରେ ତାଙ୍କ ଭୂମିଜ ମୂଲିଆ ଚମ୍ପୁରୁର ଘରକୁ ଚମ୍ପୁରୁକୁ ଡାକିବା ପାଇଁ ସେ ଯାଇଥିଲେ । ଚାରୁମ୍ପୁର ସ୍ତ୍ରୀ ବି ତାଙ୍କ ଘରେ ବାସନକୁସନ ମାଜୁଥିଲା ଓ ବୋଲହାକ କରୁଥିଲା । ତା' ଘରେ ପହଞ୍ଚି, ଡାକ ପକେଇଲା ବେଳକୁ ଚମ୍ପୁରୁ ବାହାରି ଆସି କହିଥିଲା, "କାହ୍ନୁବାବୁ ଟିକେ ରୁହ ।" ତା' ବାରଣ୍ଡାରେ ଥିବା ଅଧା କାଟୁ ଉପରେ ବସି ରହିଥିଲା ସେ । "କାହ୍ନୁବାବୁ ଗଣ୍ଡେ ଖାଇଦିଏ ସାଙ୍ଗ ହେଇ ଯିବା । ତମେ ଟିକେ ବସିଥାଟି ।" ଚମ୍ପୁରୁର ସ୍ତ୍ରୀ, ସେତେବେଳକୁ ଚମ୍ପୁରୁ ପାଉଣାରେ ପାଇଥିବା ଗୌଣିକ ଧାନକୁ ହାଣ୍ଡିରେ ସିଝେଇ, ଅନ୍ୟ ହାଣ୍ଡିରେ ସିଝା ଧାନକୁ ଭାଜି, ଢ଼ିଙ୍କିରେ କୁଟି, କୁଲାରେ ପାଛୁଡି ଚାଉଳ ବାହାର କରିଥିଲା । ଏପଟେ ଚୁଲିରେ ଡଗବଗ ହେଇ ଫୁଟୁଥିବା ପାଣିରେ ଚାଉଳ ପକେଇ, ସେପଟେ ଗଡିଶ ମାଛକୁ ପାଉଁଶ ଦିହରେ ଶୁଏଇ ଥିଲା । ପନ୍ଦର କୋଡିଏ ମିନିଟ୍ ପରେ ଗୋଟେ ଆଲୁମିନିୟମ୍ ଥାଳିରେ ସେ ପେଜୁଆ ଭାତକୁ ଢ଼ାଳିଦେଇ କଡକୁ ଗଡିଶ ମାଛ ପୋଡା ଓ ରସୁଣ ଲଙ୍କା ରଖିଥିଲା । ଚମ୍ପୁରୁ ସେଇ ଉହଡହ ଗରମ ଭାତକୁ ଫୁଙ୍କି ଫୁଙ୍କି ଖାଇବାର ଦୃଶ୍ୟ ଜଗଦୀଶଙ୍କୁ ଏତେ ଲୋଭନୀୟ ମନେ ହେଉଥିଲା ଯେ ସେ ଘରେ ଆସି ମା'ଙ୍କ ପାଖରେ ଜିଦ୍ କରିଥିଲେ ମୋତେ ପେଜୁଆ ଭାତ ଓ ଗଡିଶ ମାଛ ପୋଡି ଖାଇବାକୁ ଦିଅ ।

ଚାଷବାସ ଠୁଁ ସମ୍ପୂର୍ଣ୍ଣ ଭିନ୍ନ ଜଗତରେ ଥା'ନ୍ତି ଜଗଦୀଶ । ଗାଁରେ ତାଙ୍କ ଘରଟି ଆଟୁଘର ଥାଏ । ପ୍ରାୟତଃ ଆଟୁରେ କିମ୍ବା ବାରଣ୍ଡା କୋଣରେ ପଢ଼ାପଢ଼ିରେ ମଗ୍ନ ଥା'ନ୍ତି । ଯେତିକି ପାଠ ବହି ପଢୁଥିଲେ ତା'ଠୁଁ ଅଧିକ ପାଠ ବାହାର ବହିରେ ରୁଚି ରଖୁଥିଲେ । ଓଡିଆ ସାହିତ୍ୟର ଇତିହାସ ଠୁଁ ହିନ୍ଦୀ ବ୍ୟାକରଣ, ବଙ୍ଗଳା ଉପନ୍ୟାସ ଠୁଁ ଖବର କାଗଜ ସବୁକିଛି ସେ ପଢ଼ିବାକୁ ପସନ୍ଦ କରୁଥିଲେ । ଗାଁକୁ ଆସୁଥିବା ବଙ୍ଗଳା ଖବରକାଗଜରୁ ସେ ବଙ୍ଗଳା ଭଷା ଶିଖିବା ଆରମ୍ଭ କରିଥିଲେ । ଆଉ ଗୋଟେ ସଉକ ଥିଲା ତାଙ୍କର । ତାଙ୍କ ବାପା ଯେତେବେଳେ ଟ୍ରାଞ୍ଜିଷ୍ଟରରୁ ବି.ବି.ସି. ବଙ୍ଗଳା ଶୁଣୁଥିଲେ ସେ ମଧ୍ୟ ଖଟରେ ଶୋଇ କାନପାରି ଭାରି ଶୁଣୁଥିଲେ ସେଇସବୁ ବି.ବି.ସି. ନିଉଜ୍‌କୁ ।

ଜଗଦୀଶଙ୍କ ମା' ପଢ଼ାପଢ଼ି ବାବଦରେ ଭାରି ସିରିୟସ୍ ଥିଲେ । ଯଦିଓ ମେଦିନୀପୁରର ଝିଅ ହେଇଥିବାରୁ ବଙ୍ଗଳାରେ ସେ ପାଠ ପଢ଼ିଥିଲେ, ଓଡିଆ ଅକ୍ଷର ସହ ତାଙ୍କର ପରିଚୟ ନଥିଲା, ତଥାପି ଅସମୟରେ ଜଗଦୀଶଙ୍କର ସାଙ୍ଗ ଆସିଗଲେ, ବିଶେଷକରି ଦୁଲା ନାଁରେ ଝିଅଟି ଆସିଗଲେ ଆଦୌ ସହ୍ୟ କରି ପାରୁନଥିଲେ । ଜଗଦୀଶ ଓ ଦୁଲା ଗୋଟିଏ ଗାଁର ଗୋଟିଏ ଶ୍ରେଣୀର ହେଇଥିବାରୁ କେବେ କେମିତି ପାଠ ବାବଦରେ ସେ ପହଞ୍ଚି ଯାଉଥିଲା । ଦୁଲା ଆସିଲେ ତାଙ୍କ ମା' ପାଖ ଛାଡି ଯାଉ ନଥିଲେ । ଜଗଦୀଶଙ୍କୁ ମା'ଙ୍କ ଏ ବ୍ୟବହାର ଖରାପ ଲାଗିଲେ ବି କିଛି କରିପାରୁ ନଥିଲେ ।

ଥରେ ଦୁଲାକୁ ନେଇ ଗୋଟେ ଅପ୍ରୀତିକର ଘଟଣା ଘଟିଥିଲା ସ୍କୁଲରେ । ଏଇ ବୟସ ଝିଅମାନଙ୍କ ଜୀବନରେ ଘଟୁଥିବା ସ୍ୱାଭାବିକ ପରିବର୍ତ୍ତନର ସାମ୍ନା କରିଥିଲା ଦୁଲା ସ୍କୁଲ୍‌ରେ ଥିବାବେଳେ । ସେ ଘଟଣା ଘଟିବାର କେଇ ଦିନ ପରେ ସ୍କୁଲର ବାର୍ଷିକ ଉତ୍ସବ ସମୟ ଆସିଥିଲା । ସେହି ସମୟରେ ବିଜ୍ଞାନ ମେଳାଟିଏ ମଧ୍ୟ ସ୍କୁଲ୍ ଆୟୋଜନ କରିଥିଲା ଓ ସେଥର ଓଡିଶାରୁ 'ସମାଜ' ଖବର କାଗଜର ସଂପାଦକ ରାଧାନାଥ ରଥ ଆସିଥାନ୍ତି ସ୍କୁଲକୁ । ବୁଲି-ବୁଲି ଦେଖାଥାନ୍ତି ପିଲାମାନଙ୍କ ବିଜ୍ଞାନ ମଡେଲ୍ ସବୁ । ଏଇ ବିଜ୍ଞାନ ମେଳାରେ ଉଦୟ ନାଁରେ ସାଙ୍ଗଟିଏ ଭାଗ ନେଇଥାଏ । ଯେତେବେଳେ ହେଡମାଷ୍ଟରଙ୍କ ସହ ରାଧାନାଥ ରଥ ଆସି ଉଦୟର ବେଞ୍ଚ୍ ପାଖରେ ପହଞ୍ଚିଲେ ଦେଖିଲେ ଗୋଟେ ଖାଲି ବେଞ୍ଚ୍‌ଟିଏ ଘୋଡେଇ ଦିଆ ଯାଇଛି । ହେଡ୍‌ମାଷ୍ଟର ବିଭୂତି ବାବୁ ପଚାରିଲେ, "ତୋର ମଡେଲ କାହିଁ ?" ଉଦୟ ଗାମୁଛାଟି ଉଠେଇ ଦେଇଥିଲା । ଖାଲି ବେଞ୍ଚ୍ ଉପରେ ଗୋଟେ କାଗଜ ରଖା ଯାଇଥିଲା । ଲେଖା ଥିଲା ବିଜ୍ଞାନର ଚମତ୍କାର । ଏକ କୁଆଁରୀ ଝିଅର ପ୍ରଥମ ଋତୁଚକ୍ର । ମଳିଛା ବେଞ୍ଚ୍‌ଟିରେ ମଇଳା ବ୍ୟତୀତ ଆଉ କଛି ଦିଶୁ ନଥିଲା । ଲଜ୍ଜା ଅପମାନରେ ହେଡ୍‌ମାଷ୍ଟର ଲାଲ୍ ପଡି ଯାଇଥିଲେ । ତାଙ୍କ ଦେହ ଥରୁଥିଲା । ସେ କିଛି ନକହି ଆଗକୁ ବଢ଼ି ଯାଇଥିଲେ । ଜଗଦୀଶ ଓ ସାଙ୍ଗମାନେ ହଠାତ୍ କିଛି ବୁଝି ପାରିନଥିଲେ । ରାଧାନାଥ ରଥ ବାହାରିଯିବା ପରେ ହେଡ୍‌ମାଷ୍ଟର ଅମରି ଛାଟଟେ ଆଣି ଆଖିବୁଜିଆ ବାଡେଇ ଯାଇଥିଲେ ଉଦୟକୁ । ଛାଟଟି ଭାଙ୍ଗି ଟୁକୁଡା ଟୁକୁଡା ହେଇ ଯାଇଥିଲା । ଅଥଚ ଉଦୟ 'ଉଁ' ଟିକିଏ ବି କର ନଥିଲା । କିମ୍ବା ହେଡମାଷ୍ଟରଙ୍କ କ୍ରୋଧ ଶାନ୍ତ ହୋଇ ନଥିଲା ।

ବାହାଘର ପରେ ସେଇ ଉଦୟ ସାଙ୍ଗରେ ଜଗଦୀଶଙ୍କର ଥରେ ଦେଖା ହୋଇଥିଲା । ଖୁବ୍ ବୁଢ଼ା ଦିଶୁଥିଲା ସେ । ଶଗଡ ଚଳେଇ କୁଆଡେ ଗୋଟେ ଯାଉଥିଲା । ଶଗଡ ଅଟକେଇ ଜଗଦୀଶଙ୍କୁ ପଚାରିଥିଲା, "କାହ୍ନୁବାବୁ ଚିହ୍ନି ପାରୁଛ ? ଆଉ କାଇଁ ଗାଁ ଆଡେ ଆସୁନାହଁ ତ ?"

ହାଇସ୍କୁଲ୍‌ରେ ପଢୁଥିଲା ବେଳର ଘଟଣା । ଜଗଦୀଶ ସାଇକେଲ୍‌ରେ ଚାଳିଶ ପଚାଶ କିଲୋମିଟର ଦୂର ବାରିପଦାକୁ ଚାଲି ଆସୁଥିଲେ । ଅଧାବାଟ ଟ୍ରକ୍‌ରେ ସାଇକେଲ୍‌କୁ ଲୋଡ୍ କରି, ଆଉ ଅଧାକ ସାଇକେଲ୍ ଚଲେଇ । ବିଶେଷ କରି ରଥ ଯାତ୍ରା ଦେଖିବା ପାଇଁ ଅବା ଅପରେ ଦେଖିବା ପାଇଁ, ଥରେ ଅଧେ ସିନେମା ଦେଖିବାକୁ ଚାଲି ଯାଉଥିଲେ । ଥରେ ଅପେରା ଦେଖିବାକୁ ଆସିଥିବା ବେଳେ, ଅଧରାତି ପରେ ପରେ ଅପେରା ସରିଯିବାରୁ ଗାଁକୁ ଫେରିବା ସମ୍ଭବ ହେଇ ନଥିଲା । ଗୋଟେ ଚିପ୍‌ସ୍ ଗଦାରେ ଶୋଇପଡି ରାତି ବିତେଇ ଦେଇଥିଲେ ସେ ।

ଆରମ୍ଭରୁ କିଛିଟା ବୋହେମିଆନ୍ ସ୍ୱଭାବ ଥିଲା ତାଙ୍କର । ସେଥିପାଇଁ ତାଙ୍କ ମା' ଖୁବ୍ ବ୍ୟସ୍ତ ହେଉଥିଲେ । ବୋହୂମାନଙ୍କୁ କହୁଥିଲେ, "ମୋ ଏଇ ପୁଅଟା ଟିକେ ହେଙ୍ଗେଳା । କିଛି ବୁଝି ପାରେନି । ଲୁଗାପଟାରେ ଠିକ୍ ଠିକଣା ନାହିଁ । ଖିଆପିଆରେ ବି ଧ୍ୟାନ ନାଇଁ । ତା'କଥାକୁ ଧରିବନି ।"

ଚିନ୍ମୟ ପରି ଜଗଦୀଶ ବଢ଼ି ନଥିଲେ । ଚିନ୍ମୟକୁ ନିୟମିତ ହାତଖର୍ଚ୍ଚ ମିଳୁଥିଲା; ମାତ୍ର ଜଗଦୀଶଙ୍କୁ ନୁହଁ । ଯେତିକି ବସ୍ ଭଡା କିମ୍ବା ସିନେମା ଟିକେଟ୍ ଦାମ୍ ବାସ୍ ସେତିକି ଟଙ୍କା ମା' ଦେଉଥିଲେ ତାଙ୍କୁ । ଥରେ କେଉଁ ମେଳାରେ ଜିଲାପି ଖାଇବାକୁ ଖୁବ୍ ମନ ହେଇଥିଲା ତାଙ୍କର । ବସ୍ ଭଡାକୁ ଛାଡିଦେଲେ ଆଉ ଟଙ୍କା ନଥିବାରୁ ଖାଇ ପାରି ନଥିଲେ । ଖୁବ୍ ଅଭିମାନ, ଅବଶୋଷ ଅବା ଅଭିଯୋଗ ଥିଲା ତାଙ୍କର ଏଇଟିକୁ ନେଇ । ମୋତେ ଅନେକ ଥର ଶୁଣେଇଛନ୍ତି ସେ ଏ କଥା । ଥରେ ମୁଁ ପଚାରିଲି "ମା' ଏମିତି କାହିଁକି କରୁଥିଲେ ?" ସେ ଉତ୍ତର ଦେଇଥିଲେ, "ସେମିତି କିଛି ନୁହଁ, ତାଙ୍କୁ ମନେ ହେଉଥିଲା, ଚିନ୍ମୟ ସବା ସାନ ହେଇଥିବାରୁ କାଳେ ଅବହେଳିତ ହେବ ଭାଇଭଉଣୀମାନେ ପଚାରିବେ ନାହିଁ, ଯା ଛଡା ଆଉ କ'ଣ ହେଇପାରେ ।"

# ନିଃଶବ୍ଦ ନିର୍ମଳା



# ସଙ୍ଗୀତ ସଲୀଳା ନିର୍ମଳା


## ଡକ୍ଟର ବୀଣାପାଣି ଦେବତା

୧, ସତ୍ୟ ଡକ୍ଟର ରୋଡ଼, କୋଲକାତା-୭୦୦୦୨୩
ଫୋନ:୮୭୭୭୦୯୬୪୩୧


ଫଟୋ ସୌଜନ୍ୟ : ଲେଖିକା ଓ ଗୁଗୁଲ୍
ମୁଖ୍ୟପୃଷ୍ଠ ପୋଟ୍ରେଟ୍ : ସୌମ୍ୟରଞ୍ଜନ ପଟ୍ଟନାୟକ

**'ରେବତୀ' ପ୍ରେସ୍‌କୁ ମୁଦ୍ରଣ ପାଇଁ ଯିବା ସମୟରେ ନିର୍ମଳା ମିଶ୍ରଙ୍କ ଦେହାନ୍ତ ଖବର ଆମକୁ ସ୍ତବ୍ଧ କରିଦେଲା । କାରଣ ବହୁ ପୂର୍ବରୁ ପ୍ରସ୍ତୁତ ଆଲେଖଟିକୁ ଅଗଷ୍ଟ ସଂଖ୍ୟାରେ ଆମେ ପ୍ରକାଶ ପାଇଁ ନେଇଥିଲୁ । କିନ୍ତୁ ସେ ଏମିତି ନିରବି ଯିବେ, ଜାଣିନଥିଲୁ । ତାଙ୍କ ପ୍ରତି ଆମର ଶ୍ରଦ୍ଧାର୍ଘ୍ୟ ।**



◀ ଲେଖିକା ଡ. ବୀଣାପାଣି ଦେବତା

"ହେ ଶୁଆ ପକ୍ଷୀ ! ତୋର ଶିକୁଳି ଖୋଲି ଉଡ଼େଇ ଦେବି ଯଦି ମୋର ମାଆକୁ ତୁ ଖୋଜି ଆଣିବୁ"- ଅଧିକାଂଶ ଅନୁଷ୍ଠାନ ସମୟରେ ବଙ୍ଗଳାର ଗଗନ ପବନ ମୁଖରିତ କରୁଥିବା ଏଇ ଗୀତକୁ ଶ୍ରୋତା ସେଦିନରୁ ଆଜିଯାଏଁ କେବେ ଭୁଲି ପାରିନାହାନ୍ତି । କାରଣ ପ୍ରତି ମଣିଷ ମଧ୍ୟରେ ଏକ ଶିଶୁ ବାସ କରେ । ଗତ ଷାଠିଏ ବର୍ଷ ଧରି ଏଇ ଗୀତର ଗାୟିକା ଶ୍ରୋତାଙ୍କ ହୃଦୟରେ ସଙ୍ଗୀତର ନିର୍ମଳ ଧାରା ହୋଇ ବହୁଛନ୍ତି ।

**ନିର୍ମଳା (ବନ୍ଦୋପାଧ୍ୟାୟ) ମିଶ୍ର** ଉଚ୍ଚାଙ୍ଗ ସଙ୍ଗୀତ ସାଧକ ପିତାଙ୍କ କନ୍ୟା ହେଇ ମଧ୍ୟ ଆଧୁନିକ ଗୀତର ଗାୟିକା ଭାବେ ଜୟ କରିଛନ୍ତି ସାଧାରଣ ଲୋକଙ୍କ ହୃଦୟ । ପିତା ବିଖ୍ୟାତ ମୋହିନୀ ମୋହନ ମିଶ୍ର, ମାତା ଭବାନୀ ଦେବୀଙ୍କ କନ୍ୟା ରୂପେ ୧୯୩୮ ଦୁର୍ଗା ସପ୍ତମୀ ସନ୍ଧ୍ୟାରେ ମଜିଲ୍‌ପୁରରେ ଜନ୍ମ ହୋଇଥିବା ନିର୍ମଳାଙ୍କ ଆଧୁନିକ ସଙ୍ଗୀତ ଗାୟିକା ହୋଇ ଉଠିବା ଯେମିତି ଥିଲା ବଙ୍ଗଳା ଓ ଓଡ଼ିଶାର ସଙ୍ଗୀତ ଜଗତର ନିୟତି । ତାଙ୍କ ପିତା ସମ୍ମାନରେ ପାଇଥିବା ମିଶ୍ର ଉପାଧି ଧାରଣ କରିଥିଲେ ନିର୍ମଳା । କାଶୀ ସଙ୍ଗୀତ ସମାଜ ଠାରୁ ଆଉ ତିନୋଟି ଉପାଧି ମଧ୍ୟ ପାଇଥିଲେ ପିତା ମୋହିନୀମୋହନ । ପଣ୍ଡିତ, ସଙ୍ଗୀତ ରତ୍ନ ଓ ସଙ୍ଗୀତ ନାୟକ । ତାଙ୍କ ପିତା ଖାଲି ପଣ୍ଡିତ ଗାୟକ ନଥିଲେ, ଅନେକ ପ୍ରକାର ବାଦ୍ୟ ବଜାଇ ପାରୁଥିଲେ । ସେସବୁ ଶୁଣିଶୁଣି ନିର୍ମଳାଙ୍କର ସଙ୍ଗୀତ ଭୁବନ ହୋଇଥିଲା ମଧୁର ଧ୍ୱନିମୟ । ଶୁଣିଶୁଣି ସବୁ ମନେ ରଖି ପାରୁଥିବା ନିର୍ମଳା କହନ୍ତି, "ଯେବେ ମୁଁ ଗୀତ ଗାଏ ସାରା ପୃଥିବୀ ଗୋଟେ ପଟେ ମୁଁ ଗୋଟେ ପଟରେ ।"

୧୯୬୦ ଓ ୧୯୭୦ ଦଶକରେ ଓଡ଼ିଶାରେ ସଙ୍ଗୀତର ନଦୀ ହୋଇ ବହୁଥିଲେ ସେ । ୧୯୬୦ରେ 'ଶ୍ରୀଲୋକନାଥ', ତାପରେ ସ୍ତ୍ରୀ, ଅଭିନେତ୍ରୀ, ଅନୁତାପ, କିଏ କାହାର, ଅମଡ଼ା ବାଟ, ଅଦିନ ମେଘ ଭଳି ସୁବର୍ଣ୍ଣଯୁଗର ସିନେମା । ୧୯୭୫ରେ 'ଅଦିନ ମେଘ'ର ଗୀତ 'ନିଦ ଭରା ରାତି ମଧୁଝରା ଜହ୍ନ ଫିକାଫିକା ଏଇ ଜୋଛନା'... ସହସ୍ର ପ୍ରାଣରେ ପ୍ରେମ ଓ ପ୍ରକୃତିକୁ ନୂଆ ଭାବରେ ଦେଖିବାର ଆଖି ଦେଇଛି । ଆଉ ସେଇ ଗୀତ ବି ପ୍ରେମପତ୍ରର ଅନିବାର୍ଯ୍ୟ ଉଦ୍ଧୃତି, ମୁଁ ତୁମକୁ ଭଲପାଏ ଛପିଛପିକା । ଆଗେ ରେଡ଼ିଓରେ ଗୋଟେ ଚେନ୍ ପ୍ରୋଗ୍ରାମ ହେଉଥିଲା ଭୁବନେଶ୍ୱର, ସମ୍ବଲପୁର, ଦିଲ୍ଲୀ, ଏହ୍ଲାବାଦ, ପାଟନା । ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ, ଅକ୍ଷୟ ମହାନ୍ତି, ଭୁବନେଶ୍ୱର ମିଶ୍ର, ବଂଶୀ ବଜାଉଥିବା, ପାନ ଖାଉଥିବା ଶିଳ୍ପୀ ହରିପ୍ରସାଦ ଚୌରାଶିୟାଙ୍କୁ ଭାରି ଶ୍ରଦ୍ଧାର ସହ ସ୍ମରଣ କରନ୍ତି । ଓଡ଼ିଆ ଚଳଚ୍ଚିତ୍ର ନିର୍ମାତାମାନେ ତାଙ୍କୁ ସ୍ୱାଧୀନତା, ସମ୍ମାନ ଓ ସୃଜନସ୍ଥାନ ଦେଇଥିବାରୁ ଗତ ପଚାଶ ବର୍ଷ ଧରି ଗୀତ ଗାଇ ପାରିଛି ବୋଲି କୃତଜ୍ଞତା ପ୍ରକାଶ କରନ୍ତି । ସାରା ଜୀବନର ସାଙ୍ଗୀତିକ ଅବଦାନ ପାଇଁ ପାଇଛନ୍ତି ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ପୁରସ୍କାର । ତାଙ୍କୁ ଓଡ଼ିଆ ବୋଲି ଭାବନ୍ତି ବଙ୍ଗାଳୀମାନେ, ତାର କାରଣ ଭାବେ ସେ କହନ୍ତି ମୁଁ ପ୍ରଚୁର ଓଡ଼ିଅ ଗୀତ ଗାଇଛି, ବହୁ ପୁରସ୍କାର ପାଇଛି, ଜଗନ୍ନାଥ ଦେବଙ୍କ ମନ୍ଦିରରୁ ମଧ୍ୟ ସମ୍ମାନ ପାଇଛି । ଭାରତରେ ଯେମିତି ଲତା ମଙ୍ଗେଶକରଙ୍କ ସ୍ଥାନ, ବଙ୍ଗଳାରେ ଗୀତଶ୍ରୀ ସନ୍ଧ୍ୟା ମୁଖୋପାଧ୍ୟାୟଙ୍କର, ସେମିତି ଓଡ଼ିଶାରେ ମୋର ସ୍ଥାନ ଥିଲା । ପ୍ରତ୍ୟେକ ସାକ୍ଷାତକାରରେ ଓଡ଼ିଶାର ଭଲପାଇବାକୁ ଭାରି ଛଳଛଳ ହେଇ ସ୍ମରଣ କରନ୍ତି ସେ ।

ନିର୍ମଳାଙ୍କର ପିଲାବେଳ କଟିଥିଲା ପିତାଙ୍କର ଗାୟତ୍ରୀ ମନ୍ତ୍ର ଧ୍ରୁପଦ ଭିତରେ । ସେଇ ଧ୍ୱନିରେ ଯେମିତି କେତେ କଣ ଦେଖି ପାରୁଥିଲେ ଶିଶୁ ନିର୍ମଳା । ନିର୍ମଳା ଯେ ଭବିଷ୍ୟତରେ ଜଣେ ବିଖ୍ୟାତ ଶିଳ୍ପୀ ହେବେ ଆବିଷ୍କାର କରିଥିଲେ ସେଇ ପିଲାଦିନୁ ତାଙ୍କ ବାପା । ଛଅମାସର ଶିଶୁ ନିର୍ମଳାଙ୍କୁ ଯେବେ ମାଆ ତେଲ ମଖାଉଥିଲେ ଗୋଡ଼ ଉପରେ ପେଟେଇ କରି, ମୋହିନୀମୋହନ ଗୋଟିଏ ଦିଆସିଲି ଧରି ଅନ୍ୟମନସ୍କ ଭାବେ ଠୁକଠୁକ କରୁଥିଲେ ପାଖରେ ବସି । କିଛି ସମୟ ପରେ ସେ ଲକ୍ଷ୍ୟ କଲେ ଛଅ ମାସର ଶିଶୁଟି ଜିଭରେ ସେଇ ଧ୍ୱନିରେ ତାଳ ଦେଉଛି । ସେଇଠୁ ସେ ସଙ୍ଗେ ସଙ୍ଗେ ଦିଆସିଲିର ଧ୍ୱନି ବଦଳାଇ ଦେଲେ ଆଉ ଆଶ୍ଚର୍ଯ୍ୟ ଶିଶୁଟି ମଧ୍ୟ ତାଳ ବଦଳାଇ ସଙ୍ଗତ କରି ଚାଲିଲା ତାର ଛୋଟିଆ ଲାଲ ଟୁକୁଟୁକ ଜିଭରେ । ମନ୍ତ୍ରମୁଗ୍ଧ ପରି ପିତା କହି ଉଠିଲେ, "ଏଇ ଝିଅ ମୋର ନାମ ରଖିବ ।" ଠିକ, ନିର୍ମଳା ତାଙ୍କ ପିତାମୋହିନୀ ମୋହନଙ୍କ ନାମ ରଖିଛନ୍ତି କିନ୍ତୁ ଉଚ୍ଚାଙ୍ଗ ନୁହେଁ ଆଧୁନିକ ସଙ୍ଗୀତରେ ।

ଉଚ୍ଚାଙ୍ଗ ସଙ୍ଗୀତ ଶିଳ୍ପୀଙ୍କ କନ୍ୟା ହୋଇ ମଧ୍ୟ ନିର୍ମଳା ଆଧୁନିକ ସଙ୍ଗୀତ ଶିଳ୍ପୀ ହୋଇ ଉଠିବା ପଛରେ ଏକ ଦୁଃଖଜନକ କାହାଣୀ ଅଛି । ଦୁଃଖାତ୍ମକ ଜୀବନ ସଂସ୍କୃତିର ବି ଏନ୍ତୁଡ଼ିଶାଳ । ଛଅ ଥର ଟାଇଫଏଡ଼ ହୋଇ ଶିଶୁ ନିର୍ମଳାଙ୍କ ଆଖି ଓ ହୃଦ୍‌ଯନ୍ତ୍ର କ୍ଷତିଗ୍ରସ୍ତ ହେବା ଯୋଗୁଁ ଉଚ୍ଚାଙ୍ଗ ସଙ୍ଗୀତ ସାଧନା କ୍ଷେତ୍ରରେ ବାଧା ସୃଷ୍ଟି ହେଲା । ତାଙ୍କର ବଡ଼ଭାଇ କାହ୍ନୁ ମିଶ୍ର ବାପାଙ୍କୁ ଅନୁରୋଧ

କଲେ, "ନିର୍ମଳାଙ୍କୁ ତ କିଛି ଦେବାକୁ ହେବ, ନହେଲେ ସେ ବଞ୍ଚିବ କେମିତି ବାପା ! ତାକୁ ଆଧୁନିକ ସଙ୍ଗୀତରେ ଦେବା ?" ପଣ୍ଡିତ ମୋହିନୀ ମୋହନ ମିଶ୍ର ଭୟଙ୍କର ଭାବେ ରାଗି ଯାଇ କହିଲେ, "ମୋର ଝିଅ ହେଇ ଆଧୁନିକ ଗୀତ ଗାଇବ ?"

ବଡ଼ଭାଇ ଉତ୍ତର ଦେଲେ, "ସାରେଗାମାପାଧାନିକୁ ଛାଡ଼ି କୋଉ ସଙ୍ଗୀତ ହୋଇ ପାରିବ କି ?" ସେଇଠୁ ବାପା ନରମିଗଲେ, କହିଲେ, "ତାହେଲେ ତାକୁ ତୋ ପାଖକୁ ନେଇ ଶିଖା ।" ତା ପର ଠାରୁ ନିର୍ମଳାଙ୍କ ଶିକ୍ଷା ଆରମ୍ଭ ହେଲା । କହନ୍ତି ତାଙ୍କର ଦୁଇ ଗୁରୁ ଜଣେ ପିତା ଶାସ୍ତ୍ରୀୟ ସଙ୍ଗୀତ ଓ ଆଉ ଜଣେ ନଚିକେତା ଘୋଷ ଆଧୁନିକ ସଙ୍ଗୀତ, ସେ ଗୋଟେ ସଙ୍ଗୀତ ପ୍ରତିଯୋଗିତାରେ ବିଚାରକ ଥିଲେ ।



"ଏଇ ବାଂଲାର ମାଟିରେ ମାଆଗୋ ଜନ୍ମ ମତେ ଦିଅ, ଏଇ ଆକାଶ ନଦୀପାହାଡ଼ ମୋର ଭାରି ପ୍ରିୟ" ଭଳି ଗୀତ ଗାଇ ଜୀବନ୍ତ କିମ୍ବଦନ୍ତୀ ପାଲଟିଥିବା ନିର୍ମଳାଙ୍କ ବଙ୍ଗଳା ସଙ୍ଗୀତ ଜଗତରେ ଯାତ୍ରାରମ୍ଭ କିନ୍ତୁ ଖୁବ ମଧୁର ନଥିଲା । ଖୁବ୍ ଛୋଟବେଳରୁ ଗୀତ ଗାଇ ଆସୁଥିବା ନିର୍ମଳାଙ୍କୁ କୋରସ୍ ବେଳେ ଅନ୍ୟ ସାଥୀ ମଧ୍ୟରୁ କେହି କେହି ମାଇକ୍ରୋଫୋନ୍ ଆଡ଼କୁ ଯିବାକୁ ଦେଉ ନଥିଲେ, କହୁଣୀ ମାରି ଅଟକାଇ ଦେଉଥିଲେ । ତାଙ୍କ ଗୋଡ଼ ଏତେ ଜୋର୍‌ରେ ମାଡ଼ି ଦେଉଥିଲେ ଯେ ରକ୍ତାକ୍ତ ମଧ୍ୟ ହୋଇ ଯାଉଥିଲା କୁନି କିଅଁଳ ପାଦଟି । କିନ୍ତୁ ଆଧୁନିକ ଗୀତକୁ ନିୟତି କରିବାକୁ ବାହାରିଥିବା ନିର୍ମଳା ଏତେ ସହଜରେ ପରାଜୟ ମାନିବାର ମଣିଷ ନଥିଲେ । ସେ କହନ୍ତି : ଗୀତ ହିଁ ସର୍ବଶ୍ରେଷ୍ଠ ସାଧନା ।

ଥରେ ଫ୍ରକ୍‌ପିନ୍ଧା ବାଳିକା ନିର୍ମଳାଙ୍କୁ କୁହାଗଲା, ଗୋଟେ ଗୀତ କାଲି ରେକର୍ଡ଼ କରିବାର ଅଛି । ନିଜକୁ ଶ୍ରୁତିଧର କହୁଥିବା ନିର୍ମଳା ରାତିରେ ଗୀତଟି ଶୁଣି ସକାଳେ ରେକର୍ଡ଼ କରିଦେଲେ । ଅଥଚ କେତେ ପରିଣତ ପ୍ରତିଭା ଖୋଜେ ସେ ଗୀତଟି, "ପକ୍ଷୀମାନେ ଆସି ଖେଳିଲେ ସାରାବେଳ ଏହି ସମୁଦ୍ର କୂଳରେ ଏବେ ସେମାନେ ନାହାନ୍ତି, କିଛି ପର ରହିଯାଇଛି ।"

ଏଇ ପରିପକ୍ୱତା ପାରିବାରିକ ସଂସ୍କାର ଓ ପ୍ରତିଭା ସୂତ୍ରରେ ପାଇ ଯାଇଥିଲେ ନିର୍ମଳା । ଗୀତରେ ଢାଳି ପାରୁଥିବା ଏଇ ଆବେଗ ପାଇଁ ସେ ଗୀତିକାର ନଚିକେତା ଘୋଷଙ୍କ ପାଖରେ ଋଣୀ ବୋଲି ସ୍ୱୀକାର କରିନିଅନ୍ତି । ଗାୟିକା ଭାବରେ ତାଙ୍କ ସ୍ଥାନରେ ସ୍ୱାତନ୍ତ୍ର୍ୟ ରହିଛି ତାଙ୍କ କଣ୍ଠରେ ଢାଳି ଦେଉଥିବା ଆବେଗରେ, ନାଟକୀୟତାରେ । ଗାୟିକା ଉତ୍ପଳା ସେନଙ୍କୁ ତାଙ୍କର ପ୍ରେରଣା ଭାବେ ମାନନ୍ତି ସେ । ସ୍ୱର୍ଣ୍ଣଯୁଗର ସ୍ୱର୍ଣ୍ଣକଣ୍ଠୀ ନିର୍ମଳାଙ୍କ ପ୍ରସିଦ୍ଧ ଗୀତଟି ମଧ୍ୟ ନଚକେତା ଘୋଷଙ୍କର ଅବଦାନ । ଥରେ ସେ ଗୀତଟି ଶୁଣାଇ କହିଲେ, "ଲତା ମଙ୍ଗେସକର ପାଇଁ ଏଇ ଗୀତ ରଖିଛି । ତୁ ଯଦି ଥରେ ଶୁଣି ଏଇ କ୍ୟାରିବିଏନ ଝିଅଟିର ଗୁଣୁଗୁଣୁ କରିପାରିବୁ ତାହେଲେ ତତେ ଦେଇଦେବି ଏ ଗୀତ ।" ନିର୍ମଳା ସେଇ ଧୁନ୍‌ଟି କରିପାରିଲେ ଓ ପାଇଗଲେ ଆଧୁନିକ ସଂଗୀତ ଜଗତ ତାଙ୍କୁ କେବେ ଭୁଲି ନପାରିବା ଶାମୁକାର ଗୀତ । ପ୍ରସିଦ୍ଧ ସେଇ ଗୀତଟି କବିତା ପରି ।

"ଏମିତି ଗୋଟେ ଶାମୁକା ଖୋଜି ପାଇଲି ନାହିଁ ଯେଉଁଥିରେ ମୁକ୍ତା ଅଛି, ଏମିତି ମଣିଷଟିଏ ଖୋଜି ପାଇଲି ନାହିଁ ଯାହାର ମନ ଅଛି । ଶୁଣିଗଲି ଅନେକ କଥା ଅନେକ ଗଳ୍ପ ଅନେକ ଗାଥା, ଏମିତି ଗୋଟେ କଥା ଖୋଜି ପାଇଲିନି ଯେଉଁଠି ସତ୍ୟ ଅଛି । ପଥରେ ଖାଲି ପଥ ହଜାଇଲି ନିରୁଦ୍ଦେଶର ଗଲି ନାହିଁ, ଭଲପାଇବା ପାଇଲି ଅନେକ ହେଲେ ପ୍ରେମ ପାଇଲି ନାହିଁ । ସ୍ୱପ୍ନ ଅନେକ ଦେଖିଗଲି ଖରାବର୍ଷା ନଇଁ ଆସିଲା ଆଖିକି ।"

ଅଶୀ ବର୍ଷରେ ମଧ୍ୟ ନିର୍ମଳା ତାଙ୍କ ବୟସର କଥା ମନେ ପକାନ୍ତି ନାହିଁ ତେବେ ସନ୍ଦେହ କରନ୍ତି ମୋର ଗାୟନ ଶୈଳୀ ଠିକ ଅଛି ତ ! ନିର୍ମଳା ଗୀତ ଜଗତର ଚିର ବସନ୍ତ । ବର୍ତ୍ତମାନର ଜୀବନମୁଖୀ ଗୀତ, ବ୍ୟାଣ୍ଡ୍ ଶୈଳୀ ସହ ସେତୁ ରଚନା କରି ଚାଲନ୍ତି, କହନ୍ତି : ମତେ ଭଲ ଲାଗୁଛି ତ । ସ୍ୱର୍ଣ୍ଣଯୁଗର ଅହମିକା ତାଙ୍କର ନାହିଁ । ସାହିତ୍ୟ ସଂସ୍କୃତି ଜଗତର ଅହଙ୍କାରଗ୍ରସ୍ତ ବ୍ୟକ୍ତିଙ୍କ ପାଇଁ ପ୍ରଯୁଜ୍ୟ ତାଙ୍କର ଉକ୍ତି, ପ୍ରତିଭା ତ ଈଶ୍ୱରଙ୍କ ଦାନ, ଯେବେ ଚାହିଁବେ ସେବେ କାଢ଼ି ନେଇଯିବେ । କାଠହଣା ପକ୍ଷୀକୁ ଅଭିମାନ ନ କରିବାକୁ କହୁଥିବା, ଉଜ୍ଜ୍ୱଳତା ଚିରଦିନ ରହେନାହିଁ ଗାଉଥିବା ନିର୍ମଳାଙ୍କ ସତରେ ଆଦୌ ଅଭିମାନ ନାହିଁ ।

ସମସାମୟିକ ଶିଳ୍ପୀ ଯେଉଁମାନେ ଅସହାୟ, ବୃଦ୍ଧାବସ୍ଥାରେ ଦୁଃସ୍ଥ ଅବସ୍ଥାରେ ଅଛନ୍ତି ଖୋଜାଖୋଜି କରି ତାଙ୍କ ପାଖରେ ପହଞ୍ଚି ଯାଆନ୍ତି । ପ୍ରତିମା ବନ୍ଦୋପାଧ୍ୟାୟ ତାର ଉଦାହରଣ । ପ୍ରତିଭାବାନ ଶିଳ୍ପୀଙ୍କୁ ଖୋଜି ଆଣନ୍ତି ମଞ୍ଚର ଆଲୁଅକୁ । ଅନେକ ଗୀତ ନିଜେ ନଗାଇ ସେମାନଙ୍କୁ ପ୍ରୋଗ୍ରାମ ଦିଅନ୍ତି ଯେମିତି ଆଗକୁ ଯାଇ ସେମାନେ ସଙ୍ଗୀତ ଜଗତକୁ ସମୃଦ୍ଧ କରିପାରିବେ । ଏଇ ଉଦାରତା କେବଳ ସତ୍ ଶିଳ୍ପୀ ପାଖରେ ଦେଖାଯାଏ ବୋଲି ତାହା କ୍ୱଚିତ୍ ଦୃଶ୍ୟ ହୁଏ ।

ନିର୍ମଳା ସାଜସଜ୍ଜା ପସନ୍ଦ କରନ୍ତି । ତାଙ୍କର ପ୍ରିୟ ରଙ୍ଗ ଶୁଭ୍ର ଲୋହିତ । ଛୋଟବେଳେ ଖୁବ୍ ଦୁଷ୍ଟ ଥିବାରୁ ମାଆ ତାଙ୍କ ନାମ ରଖିଥିଲେ ଝାମେଲା । ବଡ଼ ହେବା ପରେ ପାଖଲୋକ ଡାକନ୍ତି ଝାଲା । ଛୋଟ ବେଳେ ନିର୍ମଳା କଣ୍ଢେଇନାଚ କରି ପାରୁଥିଲେ । ନିଜେ ନାଟକରେ ସ୍ୱାମୀ ବିବେକାନନ୍ଦ, ନିବେଦିତା ସାଜିବାକୁ ଭଲ ପାଉଥିଲେ । ଚକୋଲେଟ, ଆଇସ୍କ୍ରିମ ଖାଇ ମଧ୍ୟ ଗଳା ଠିକ ରଖିଥାନ୍ତି । ତାଙ୍କ ବାପାଙ୍କର କଥା ମନେ ରଖନ୍ତି: ପେଟ ଠିକ ରହିଲେ ଗଳା ଠିକ୍ ରହିବ ।

ତାଙ୍କର ସ୍ୱାମୀ ପ୍ରଦୀପ ଦାସଗୁପ୍ତ ଗାୟକ ସୁରକାର ଗୀତିକାରଙ୍କ ସହ ଦେଖା ହେବା ଯେମିତି ଭାଗ୍ୟ ଲିଖିତ ଏକ ସୁନ୍ଦର କାହାଣୀ । ଶାରଦୀୟ ପୂଜାର ଗୀତ ଲେଖାହେବା ବେଳେ ତାଙ୍କ ଘରେ ପ୍ରସିଦ୍ଧ ଗୀତିକାର ଓ ସୁରକାର ଉପସ୍ଥିତ ଅଛନ୍ତି । କିନ୍ତୁ ଗୀତ ନିର୍ମଳାଙ୍କର ମନୋମତ ହୋଇପାରୁ ନାହିଁ । ଏବେ ସହଯୋଗୀ ଡାକରା ପାଇ ଆସିଲେ । ସୌମ୍ୟ ଯୁବକଙ୍କୁ ନିର୍ମଳା ପଚାରିଲେ,

"ଚିହ୍ନା ଲାଗୁଛନ୍ତି, ଆଗରୁ କେଉଁଠି ଦେଖିଛି କି?" ସେ କହିଲେ, "ହଁ, ମୁଁ ଆପଣଙ୍କର ସହଗାୟକ।"

ସେତେବେଳେ ଦକ୍ଷିଣୀ ସିନେମା ବଙ୍ଗଳାରେ ଡବିଂ ହେଉଥିଲା। ନିର୍ମଳା ଏତେ ଶୀଘ୍ର ଗୀତ ରେକର୍ଡ଼ିଂ କରି ପାରୁଥିଲେ ଯେ ତାଙ୍କୁ କୁହା ଯାଉଥିଲା ଡବିଂ କୁଇନ୍। ଶିବ


ନିର୍ମଳା ମିଶ୍ର ଏବଂ ପ୍ରଦୀପ ଦାସଗୁପ୍ତା

ପାର୍ବତୀ, ସାବିତ୍ରୀ ସତ୍ୟବାନ, ବେହୁଲା ଲକ୍ଷୀନ୍ଦର ସିନେମାରେ ପୁରୁଷ କଣ୍ଠରେ ଥିଲେ ଏଇ ସୁଦର୍ଶନ ଯୁବକ। ସେ ଶୀଘ୍ର କାଗଜରେ ଗୀତର ଗୋଟେ ଲାଇନ୍ ଲେଖି ନିର୍ମଳାଙ୍କୁ ବଢ଼େଇ କହିଲେ, "ଦେଖନ୍ତୁ ତ।"

"ଏକଦମ ଠିକ୍ ଯେମିତି ଏହା ହିଁ ଚାହିଁଥିଲି।" ସଙ୍ଗେ ସଙ୍ଗେ ଗୀତଟି ଲେଖା ଓ ସୁର ଦିଆ ହେଇଥିଲା। ପରେ ଗୀତଟି ମୁକ୍ତି ପାଇବା ବେଳେ ଦେଖାଗଲା ସେଇ ପ୍ରସିଦ୍ଧ ଦୁଇ ଗୀତିକାର ଓ ସୁରକାରଙ୍କ ନାମ ଅଛି, ଅସଲ ଗୀତିକାର ପ୍ରଦୀପ ଦାସଗୁପ୍ତଙ୍କ ନାମ ହିଁ ନାହିଁ। ହଁ ସେଦିନର ସେଇ ସୁଦର୍ଶନ ଯୁବକ ଥିଲେ ପ୍ରଦୀପ ଦାସଗୁପ୍ତ। ମାଆ ତାଙ୍କୁ ଘରକୁ ଡାକି ପଚାରିଲେ, "ତୁମେ କଣ ଏମାନଙ୍କ ପାଖରେ ଚାକିରୀ କର? ନା ପଇସା ପାଇଛ?" "ନା।" "ତେବେ ନିଜ ଗୀତ ଏମିତି ଦେଇଦେଲ କାହିଁକି?" ମତେ ଭଲ ଲାଗେ।" ମୃଦୁ ହସି ସୌମ୍ୟଯୁବକ ଉତ୍ତର ଦେଲେ।

ପରେ ମା' ନିର୍ମଳାଙ୍କୁ କହିଲେ, "ମୁଁ ତତେ ଏଇ ଯୁବକ ସହ ବିବାହ ଦେବି। ସେ ତତେ ସାରା ଜୀବନ ଆଗୁଳି ରଖିବ। ନହେଲେ ଶେଷ ଜୀବନରେ ଭିକ୍ଷା ପାତ୍ର ହାତରେ ତତେ ଘୂରିବୁଲିବାକୁ ପଡ଼ିବ।" ନିର୍ମଳା ସ୍ୱୀକାର କରନ୍ତି ତାଙ୍କର ସାଂସାରିକ ଜ୍ଞାନର ଖୁବ୍ ଅଭାବ। ଆଧ୍ୟାତ୍ମିକ ସାଧନା ଥିଲା ତାଙ୍କର ଲକ୍ଷ୍ୟ। କିନ୍ତୁ ମାଆଙ୍କର ଶେଷ ଇଚ୍ଛାକୁ ସମ୍ମାନ ଦେଇ ପ୍ରଦୀପ ଦାସଗୁପ୍ତଙ୍କ ସହ ତାଙ୍କର ବିବାହ ହେଲା। ପରବର୍ତ୍ତୀ ସମୟରେ ନିର୍ମଳା ସ୍ୱୀକାର କରନ୍ତି, ମାଆଙ୍କର ଦୂରଦୃଷ୍ଟି ପାଇ ଏମିତି ସହଧର୍ମୀ ପାଇଥିଲେ ବୋଲି ଆଜି ବି ଗୀତ ଗାଇପାରୁଛନ୍ତି, ଏତେ ଆନନ୍ଦରେ ଅଛନ୍ତି।

ଗୋଲାମ ଅଲ୍ଲୀ ଖାଁଙ୍କ କୋଳରେ ଚଢ଼ି ମଣିଷ ହୋଇଥିବା ନିର୍ମଳାଙ୍କ ପାଇଁ ଚେତଲା ସ୍ଥାନଟି ରହଣିସ୍ଥଳ ଭାବେ ସଂଗୀତ ତୀର୍ଥ ପାଲଟି ଯାଇଛି। ତାଙ୍କ ବଡ଼ଭାଇ ମୁରାରି ମିଶ୍ରଙ୍କ ସ୍ମୃତିରେ ହୋଇଥିବା ଚେତଲା ମୁରାରି ସ୍ମୃତି ସଙ୍ଗୀତ ସମ୍ମିଳନୀର ବାର୍ଷିକୀ ପ୍ରତିଯୋଗିତାରୁ ଉତ୍ତୀର୍ଣ୍ଣ ହୋଇ କେତେ ସଂଗୀତ ନକ୍ଷତ୍ର ସଂସ୍କୃତି ଜଗତକୁ ଆଲୋକିତ କରୁଛନ୍ତି।

ଜୀବନର ନାମ ମଧୁଯାମିନୀ ରଖିବି ଭାବିଥିଲି ଗୀତରେ ଏତେ ଆବେଗ ଢାଳି ଦେଇ ପାରିଲେ କେମିତି ପ୍ରଶ୍ନରେ କହନ୍ତି, "ମୋ ସ୍ୱାମୀ ଯଦି ଏମିତି ଖରାପ ବ୍ୟବହାର ଦେଖେଇଥାନ୍ତେ ତାହେଲେ ଏମିତି କଷ୍ଟ ହେଇଥାନ୍ତା, ଏହା ଭାବି ପୂରା ଗୀତ ଗାଇ ଚାଲିଥିଲି।" ଯଦି କୁହାଯାଏ ସବୁଠୁ ଅଳ୍ପ ସମୟ ଭିତରେ ଗାଇ ପାରୁଥିବା ଗୀତଟିଏ, ତ ନିର୍ମଳା ବୟସର ସନ୍ଧ୍ୟାରେ ଗାଇବେ, ଏଇଠି ଏକଲା ଘାଟେ ଢେଉ ଆସେ ଯାଏ, ପୃଥିବୀର ମନ ଭଲ ନାହିଁ ଏଇଠାରେ।

ଏବେ କବିତାକୁ ଗୀତ କରି ଗାଇବାର ପରମ୍ପରା ଜନପ୍ରିୟ ହେଉଛି, ଏଇ ଧାରାରେ ନିର୍ମଳା ଥିଲେ ଆଦ୍ୟ ଅରୁଣିମାର ଜଣେ ପଥିକ। ତାଙ୍କ ଗୀତ ସବୁ କବିତା ଭଳି- ଛୋଟ ସେ କଥା ଭଲପାଇବା ବିପୁଳ ବିଶ୍ୱରେ ବ୍ୟାପି ରହିଛି, କାବ୍ୟେ ଭରା ଏଇ ଅଳ୍ପକଥା ଜୀବନର ବେଶୀଭାଗ ମିଶି ରହିଛି, ସେଇ ଯେ ଆକାଶ ସେ ତ ବୈରାଗୀ ନୁହେଁ, ସର୍ବଦା ମାଟି ପ୍ରେମରେ ଥାଏ ତନ୍ମୟ, ଯାଯାବର ହୋଇ ଯଦି ଭୋରର ପବନ ସେ କିଆଁ ଛାତିରେ ରଖେ ଫୁଲ ସୁବାସ। କିଛି ଆକର୍ଷଣ ଅତୀତ ପ୍ରେମ ଅଛି ସଭିଙ୍କର। ଆବାବୃଦ୍ଧବନିତା ଯେଉଁ ଗୀତ ପାଇଁ ମନେ ରଖିଛନ୍ତି, ଯାହା ବ୍ୟତୀତ ସାଂସ୍କୃତିକ ଅନୁଷ୍ଠାନ ସମ୍ପୂର୍ଣ୍ଣ ହୁଏ ନାହିଁ ତାହା ହେଉଛି- ମା କୋଳରେ ଶୋଇଥିଲି କେତେବେଳେ ଯେ ମା ଚାଲିଗଲା, ସଭିଏଁ କହନ୍ତି ମା ସେଇ ଆକାଶେ ଲୁଚିଅଛି ଖୋଜିନିଅ। ହେ ଶୁଆପକ୍ଷୀ, ଶିକୁଳି ଖୋଲି ଉଡ଼େଇ ଦେବି ମାଆକୁ ଯଦି ଆଣିଦେବ। କେହି କହେ ମା ଭୋର୍ ବେଳରେ, ଚମ୍ପାବଣରେ ଫୁଲମେଳାରେ ଫୁଲ ସାଉଁଟି ଠାକୁରଘରକୁ ଆସେ, ଭୋର୍ ଆଲୁଅ ଆଗରୁ ଉଠିଯାଇ ମୁଁ ଖୋଜେ ମାଆକୁ, ଚମ୍ପାତଳେ ଠାକୁରଘରେ ଘର ଆଖପାଖରେ, ମତେ ମା ଯାଇଛି ଭୁଲି, ପାଏନା କେଉଁଠି ଆଉ, କେହି କହେ ରାତି ନିଶୀଥରେ, ତାରା ଦେଶର ଅଗଣାରେ, ମା ଦେଖାଦିଏ ଚୁପିଚୁପି ଆଲୁଅ ଛାୟା ମଝିରେ, ସବୁଦିନେ ଭାବେ, ରହିବି ଚେଇଁ, ମା କଣ ମତେ ଦେବ ଠକି, କେବେ ଯେ ନିଦ ଆସିଯାଏ ବୁଝି ପାରେନା ମୁଁ, ପକ୍ଷୀ ମୋର ସୁନାଟି ପରା, ମୋ ପାଖକୁ ମତେ ନେଇଯାଅ।

ପ୍ରେମଗୀତର ମୂର୍ତ୍ତିମନ୍ତ ଯୁଗଳ ପ୍ରତିମା ମନେହୁଅନ୍ତି ନିର୍ମଳା ଓ ତାଙ୍କର ସ୍ୱାମୀ ଗାୟକ ଗୀତିକାର ସୁରକାର ପ୍ରଦୀପ ଦାସଗୁପ୍ତ। ତେଣୁ ନିମ୍ନର ଏଇ ଗୀତ ଶ୍ରୋତାଙ୍କୁ ଭିନ୍ନ ଏକ ଉଚ୍ଚତାକୁ ନେଇଯିବ ଏଥିରେ ସନ୍ଦେହ ନାହିଁ।

"ମୁଁ ତ ତୁମର ଚିରଦିନର ହସକାନ୍ଦର ସାଥୀ, ସେଦିନରୁ ଯେଉଁଦିନ ତୁମେ ମନ ଦେଲ ଆଉ ମନ ନେଲ, ଦୁଇ ଆଖିରେ ମୋର ଲୁହ ତୁମର ମୋର ଯେତେ ସୁଖ ସବୁ ତୁମର, ଜୀବନରେ ତୁମ ହସ ଖାଲି ରଖି, କାନ୍ଦ ଯେତେ ଥିଲା ସବୁ ତ ନେଲି। ଗୋଟିଏ ମନ ସେ ଥିଲା ଯାଯାବର, ବହୁଦିନ ପରେ ସେ ପାଇଲା ନିଜ ଘର, ପଥ ଭୁଲି ସେ ପଥ ପାଇଲା ଯେଉଁ ପଥେ ଲୁଚି ଥିଲା ସୁଖସାଗର।"

କୁହ ତ ଦର୍ପଣ ମୋର ମୁହଁ ଦେଖିକି ଯଦିଓ ମୁଁ କଜଳ ମାଖିନି, ଯଦିଓ କବରୀ ଆଜି ବାନ୍ଧିନି ତଥାପି କୁହତ ରୂପସୀ କିଏ ତୁମ ଆଖିରେ। ମୁଁ ନୁହେଁ ବିମ୍ବବତୀ ରାଜାର ଘରେ, ହସରେ ମର୍କତ ନୁହେଁ ଲୁହ ଝରେ, କେତକୀ ଲାଜରା ହୁଏନା ମତେ ଦେଖି ତେବେ ବି କୁହ ରୂପସୀ କିଏ। ଦେଖ ଦର୍ପଣ ଦୁଇ ନୟନ ମେଲି, କିଏ ସେ ଭୁବନର ରୂପସୀତମା, ମୁଁ ନୁହେଁ କଳସ୍ୱରା






କୋଳେ ।"

ନିମ୍ନ ଗୀତ କହେ ପ୍ରକୃତି ଠାରୁ ଦୂରବର୍ତ୍ତୀ ମଣିଷ ହରାଇଦିଏ ସ୍ୱାଭାବିକ ଜୀବନର ଛନ୍ଦ, ସୁସ୍ଥ ଜୀବନଯାପନର ସୁଷମା । "ସେମାନେ ଶୁଅନ୍ତି ପୁଣି ଜଗନ୍ତି, ସ୍ୱପ୍ନ ଦେଖନ୍ତି କେତେ, ସେମାନେ କିଏ ସେମାନେ ଆକାଶ ପବନ ଚାନ୍ଦ ତାରା ଫୁଲ, ସୁଖୀ କିଏ ତାଙ୍କ ପରି । ସେମାନେ କହନ୍ତି ତୁମେ ଶୁଅ, ମୁଁ କିନ୍ତୁ ପାରେନା ଶୋଇ । ତେଣୁ ଭାବେ ଆଉ ଭାବେ ଅବିରତ, ମୋର ପଥର ଆଖିର ପଲକ ପଡ଼େନା, ମୋର ଯେତେ କ୍ଳାନ୍ତି ନିଦର ନିବିଡ଼ ଛାୟାରେ ଭରେନା, ମୁଁ କହେ ହେ ନିଦ ତୁମ ସୁନାକାଠି ଏଇ ଆଖିରେ ଛୁଆଁଅ, ନିଦ କହେ ସେ ସୁନାର ଦାମ ମତେ ଦିଅ ।"

ହଁ ନିର୍ମଳା, ଏକ ସାକ୍ଷାତକାରରେ କହନ୍ତି ଏଇ ବୟସରେ ସେ ଆଉ ଶୋଇ ପାରୁନାହାନ୍ତି । କାରଣ ବିଶ୍ଳେଷଣ କରି ଭାବୁଛନ୍ତି, ସାରା ଜୀବନ ବିଳମ୍ବିତ ରାତି ଯାଏ ଗୀତର ଅନୁଷ୍ଠାନ କରୁଥିଲେ, ଫେରିବା ପରେ ଭୋରରେ ରାଜଭୋଗ ମିଠାଟିଏ ଓ କ୍ଷୀର ପିଇ ଶୋଇ ପଡ଼ିଥିଲେ, ପ୍ରକୃତିର ନିୟମ ଭାଙ୍ଗିବାର ପ୍ରତିଶୋଧ କଣ ଏବେ ନେଉଛି ପ୍ରକୃତି । ଟିକିଏ ନିଦର ଦାମ ଚାହୁଁଛି । ତାଙ୍କର ଗୁଣଗ୍ରାହୀ ଦୁଃଖ ବି କରନ୍ତି ଏତେ ମହାନ ପ୍ରତିଭା ଅଥଚ ବଙ୍ଗଳା ସିନେମାରେ ଏତେ କମ ଗୀତ ଗାଇଛନ୍ତି କାହିଁକି ଯେ । କାହାକୁ ଗୀତ ପାଇଁ ଖୋସାମତ କରିନାହାନ୍ତି, ଯେତିକି ସ୍ୱାଭାବିକ ଭାବେ ଗାଇଛନ୍ତି ସେତିକି ଫୁଲରେ ସଂଗୀତ ସରସ୍ୱତୀଙ୍କୁ ଶ୍ରେଷ୍ଠ ଆରାଧନା କରିଯାଇଛନ୍ତି ସଙ୍ଗୀତ ସଲୀଳା

ନଦୀ ପରି, ଚରଣେ ବ୍ୟାକୁଳ ବକୁଳ ଝରେନା ତ, କୋଇଲି ଡାକେନା ମତେ ସାରାବେଳ ତଥାପି କହ କିଏ ରୂପସୀ ତୁମ ଆଖିରେ ।"

"ତୁମ ଆକାଶ ଦୁଇ ଆଖିରେ ମୁଁ ହେଇଯାଇଛି ତାରା, ଏଇ ଜୀବନ ଥିଲା ନଦୀ ପରି ଗତିହରା, ଦିଗହରା । ଆଗେ ଥିଲା ଖାଲି ପରିଚୟ ପରେ ହେଲା ମନ ବିନିମୟ । ଗୀତରେ ନୂତନ ସୁର ଆସିଲା, ମତେ ନେଇ ଆସିଲ ବହୁଦୂର ।"

ନିର୍ମଳାଙ୍କ ଗୀତ କବିତା ପରି ଦାର୍ଶନିକ ଚେତନାର ଝଲକ ଦେଖାଇଥାଏ । କେବେ ପ୍ରେମର କୁହୁଡ଼ି ସର୍ଜନା କରେ ତ କେବେ ବାସ୍ତବତାର ରୁକ୍ଷ ମରୁଭୂମିରେ ମଧ୍ୟ ସଞ୍ଚରଣ କରାଏ ଜୀବନ ।

"କାଗଜର ଫୁଲ ବୋଲି ଆଜି ବି ଝରିନି, ସତ ଫୁଲ ହେଲେ ଝରି ଯାଆନ୍ତା, ପାଷାଣ ହୃଦୟ ତେଣୁ ଆଜି ତରଳି ନାହିଁ, ସତ ହୃଦୟ ହେଲେ ତରଳି ଯାଆନ୍ତା । ଦୁଇ ଆଖି ସବୁଜ କାଗଜରେ ଢାଙ୍କିଥିଲେ, ମନ କି ହୁଏ ସବୁଜ, ମିଛିମିଛିକା ଆଖି ଗଲା ବୋଲି ଡାକେ ପକ୍ଷୀ ସତ ଆଖି ହେଲେ ମରି ଯାଆନ୍ତା । କିଏ ଜାଣେ କୋଉଠି କେବେ କୋଉ ଭୂମିକାରେ, ଜୀବନର ସାଜଘର କାହାକୁ କଣ ସଜାଏ ଅସଲ ମଣିଷ କେତେ ବଦଳିଯିବ, ଛବିଟି ଏକାପରି ରହିଯିବ, ଜହ୍ନର ଅସଲ ଆଲୁଅ ଜୋଛନା ହେଲେ, ସୂର୍ଯ୍ୟ ପରି ସେ ଜଳି ଯାଆନ୍ତା ।"

କୌଣସି ଗୀତନାଚ ପରି ସାଂସ୍କୃତିକ ଅନୁଷ୍ଠାନ ନିର୍ମଳାଙ୍କ ଗୀତ ବିନା ସଂପୂର୍ଣ୍ଣ ହୋଇପାରେନା ଆଜିର ଯୁଗରେ ବି । ଏତେ ସମସାମୟିକ ସେ । ଛୋଟ ଶିଶୁର ଉଦ୍ଦାମତା ହରିଣୀ ପରି ବିଚରଣ କରେ ତାଙ୍କ ଗୀତରେ ।

"ସବୁଜ ପାହାଡ଼ ତଳେ ଆରେ ଦୌଡ଼ିଆ ଏଇ ଶ୍ୟାମଳ ପଥବାଙ୍କରେ ଆରେ ଦୌଡ଼ିଆ, ବଂଶୀ ନେଇ ଆରେ ହସ ନେଇ ଆ, ଆଜି କେହି କଣ ଘରେ ରହେ ଆରେ ଛୁଟିଆ । ବନ୍ଦ ଘରେ ଶୁଣ ଅନ୍ଧାର ଘରେ ଆଲୁଅର କୋଳାହଳ, ପକ୍ଷୀଙ୍କୁ କିଏ ଏମିତି ବାନ୍ଧି ରଖେ ।"

ନିଜ ଜନ୍ମଭୂମି ପ୍ରୀତିସୁରରେ ଶ୍ରୋତା କାନରେ ମହୁ ଢାଳିଦିଅନ୍ତି । "ଏଇ ବାଂଲାର ମାଟିରେ ଜନ୍ମ ମତେ ଦିଅ, ଏଇ ଆକାଶ ନଦୀ ପାହାଡ଼ ମୋର ବଡ଼ ପ୍ରିୟ । କେଉଁଠି କୁହ ଏତେ ସବୁଜ ଭାସେ ପବନରେ, କେଉଁଠି କୁହ ଏତେ ବଉଳ ବସନ୍ତେ ହସେ, ଶରତ ଆକାଶ କେଉଁଠି କହ ଏତେ ରମଣୀୟ, କେଉଁଠି କୁହ ବାରମାସରେ ତେର ପରବ ହୁଏ, ମେଘସୁନ୍ଦର ଦେଖି କେଉଁଠି ମୟୂର ଏମିତି ନାଚେ,କେଉଁଠି କୁହ ଏତେ ମାୟା ଧାନକ୍ଷେତରେ ଦୋଳେ, କେଉଁଠି କୁହ ପଲ୍ଲୀବଧୂ ଏମିତି କମନୀୟ । କେଉଁଠି କହ ହସେ ଶିଶୁ ସୁଖେ ମାଆର




www.ruchifoodline.com
ସ୍ୱାସ୍ଥ୍ୟ ଏବଂ ସଂଚୟ
ଏବେ ଗୋଟିଏ ପ୍ୟାକ୍‌ରେ
ବର୍ତ୍ତମାନ ମାତ୍ର
₹147.00
₹125.00
ପ୍ରତ୍ୟେକ ପ୍ୟାକ୍‌ରେ ପାଆନ୍ତୁ
ଆକର୍ଷଣୀୟ ଉପହାର ଏବଂ
ସୁନା ଜିତିବାର ସୁବର୍ଣ୍ଣ ସୁଯୋଗ*
Super Saver Pack
RUCHI FOODLINE
Since 1976
Masaledar Combo
4 x 100g Packs
Turmeric Powder
Chilli Powder
Coriander Powder
Cumin Powder
LUCKY DRAW Coupon
* ନିୟମ ଓ ସର୍ତ୍ତାବଳୀ ଲାଗୁ
ଗୁଣବତ୍ତା ବିଶ୍ୱସନୀୟତା ଶୁଦ୍ଧତା
Buy online at amazon | Flipkart
RUCHI FOODLINE
Since 1976
Karlo dosti sehat se

ନିର୍ମଳା । ତେବେ ଓଡ଼ିଆ ଗୀତରେ ଇତିହାସ ରଚିଛନ୍ତି ନିର୍ମଳା । ଯେତେଦିନ ଓଡ଼ିଆ ଗୀତର ଶ୍ରୋତା ରହିବେ ନିର୍ମଳା ମିଶ୍ର ତାଙ୍କ ପାଖରେ ପ୍ରତିବେଶୀ ବଙ୍ଗାଳୀ ନୁହେଁ ଓଡ଼ିଆ ଗୃହବାସିନୀ ହୃଦୟବାସିନୀ ଭାବେ ମନେ ରହିବେ । ନିମ୍ନ ଗୀତ ସବୁ ତାର ସାକ୍ଷ୍ୟ ଦେଇ ଚାଲେ, ଆବେଗର ନଈ ହେଇ ବହିଚାଲେ ।



"ଯାରେ ଭାସିଯା ମନପବନ ନଉକା, ଦୂର ପାହାଡ଼ ଛାଇରେ ଆମ ସପନ ଘେରା ଗାଁ, ସେଇ ଗାଁକୁ ନେଇଯା । ଯହିଁ ରୂପା ନଈର ଜଳେ, ସୁନାମାଛ ଭଉଁରୀ ଖେଳେ, ହସେ ହୀରା ମୋତିର ଫୁଲ, ସେତ ସରଗ ସମତୁଲ, ଆମ ଦୁହିଁଙ୍କୁ ନେଇ ସେଇ ଗାଁକୁ ବହିଯା ।"

"କିଏ ସାରାଦିନ ମୋ କଥା ଭାବେ, କିଏ ସାରାଦିନ ମୋର ଛବି ଆଙ୍କେ, କିଏ ସେ ଯା ଆଖିରେ ମୋର ଛାୟା, ଏ ମନର ଯେତେ କଥା ଯା ଗୀତରେ ପାଏ ଭାଷା, ସେଇ ତ ମୋର ଚାହିଁବା ।"

"କୁହନାହିଁ ଏବେ ବିଦାୟ କୁହ ନାହିଁ । ଏବେ ବିଦାୟ ଦିଅ ନାହିଁ, ତୁମେ ପାଖକୁ ଆସିଲେ ଚାହେଁନା କିଛି, ମୁଁ କାହାର ମୋର କିଏ ସବୁ ଭୁଲିଯାଏ ।"

"ବଡ଼ ଠାକୁର ହେ ତୁମର ତ ସବୁବଡ଼, ଛୋଟ କିଛି ଜାଣେନା, ଏତେ ବଡ଼ ମନନେଇ ଭୋଗାଉଛ ଗଞ୍ଜଣା । ହାତରେ ନାହିଁ ଧନ, ପୁଅ ବାହାଘରେ ମନ, ଦାନ ଧିଆନମନ ବଳାଇଲେ କି ହେବ ହେ, ନିଶୂନ ଭଣ୍ଡାର ମୋର ଉଡୁଛି କାଳିଆ କନା । ନଥାଉ ପଛେ ଘର ମନେ ବନ୍ଧୁ ବେଭାର, ଆଶା ଦେଇ ଲୋକହସା କରୁଛ ହେ ଚକାଡୋଳା ଏ ଯେ କି ତୁମର ପ୍ରଭୁ ବଞ୍ଚନା ହେ ବଞ୍ଚନା ।"

"ଉଠ ଉଠ ଘନଶ୍ୟାମ ମଧୁଯାମିନୀ ପାହିଲା, ତେଜ ହେ ଶେଯ ସୁପାତି କୋକିଳ କଜଳପାତି କୁହୁ କୂଜନେ ଗାଇଲା । ଘେନ ହେ କଜଳଗାର, ଶିରେ ଶିଖି ବାଙ୍କଚୂଳ କଟୀରେ କିଙ୍କିଣୀ ନାଳ ପୀତାମ୍ବର, ଯଶୋଦା ନୟନ ଶ୍ୟାମ ଉଠ ଜଗତ ଜାଗିଲା । ଯମୁନା ପୁଳିନେ ନୀଳ ନୀପବନେ ଯିବଗିରିଧାରୀ ଗୋଧନ ଚାରଣେ, ଗୋପିନୀ ମନମୋହନ ସଖା ସୁଦାମ ଡାକିଲା ।"

"କାହାକୁ ମୁଁ କରିବଇଁ ସାକ୍ଷୀ, ଚକାଆଖି, ଡାକଇ ନାମ ଆରତେ, ନଶୁଣ କିପାଁ ତୁରିତେ, କି ବିଚାରି ହୃଦଗତେ, ନଡେର ଶ୍ରବଣପଥେ ନାମ ଡାକି, କଣ୍ଠ ଗଲା ଶୁଖିଶୁଖି । ନେବ ବୋଲି କିଛି ଲାଞ୍ଚ, ମନେ କରିଅଛ ପାଞ୍ଚ, ଏକଥା ମନରୁ ମୁଞ୍ଚ ।"

ଏଇ ସ୍ୱର ଈଶ୍ୱରଙ୍କୁ ଆମର ଭଲ ପାଇବାର, ଅଭିମାନ, ଅଭିଯୋଗ, ଭର୍ତ୍ସନାର କେନ୍ଦ୍ରାସ୍ଥଳୀରେ ଥାପିଛନ୍ତି ।

ଦୂରେ କାହିଁ ଦୂରେ ପ୍ରିୟ ସ୍ମୃତି ବୀଣା ବଜାଇ ନିର୍ମଳା ଆବିଷ୍ଟ କରି ରଖିଥିଲେ ଆମର କୈଶୋର ଓ ଯୌବନ । 'ନିଦଭରା ରାତି ମଧୁଝରା ଜହ୍ନ ଫିକାଫିକା ଏଇ ଜୋଛନା' କବିତା ପରି ମୁଗ୍‌ଧତାରେ, 'ସଞ୍ଜ ସକାଳେ ତୁମ ଛବି ଖୋଜେ ନୀଳଭିଜା ନୟନରେ', 'ବଡ଼ ଠାକୁର ହେ ତୁମର ତ ସବୁ ବଡ଼ ଛୋଟ କିଛି ଜାଣେନା' ପରି ଗୀତ ଆସ୍ଥାର ଆଶ୍ରୟ ହୋଇଛି ଦଶକ ପରେ ଦଶକ । 'ଉଠ ଉଠ ଘନଶ୍ୟାମ, ମଧୁଯାମିନୀ ପାହିଲା, ସନ୍ଧ୍ୟାତାରା ନିଶୀଥ ବାତାୟନରେ', ଅର୍ଦ୍ଧଶତକ ବି ଶ୍ରୋତା ଅପେକ୍ଷା କରିପାରନ୍ତି ତାଙ୍କର ଏହି ଗୀତ ସବୁ ପାଇଁ । ଅଭିନେତ୍ରୀ ସିନେମାର କଇଁଚି କାକୁଡ଼ି ନଳିତା ପିତା ଉଚ୍ଛଳ କୈଶୋର, ତାରୁଣ୍ୟ ଠାରୁ ଉତ୍ତୀର୍ଣ୍ଣ ବୟସରେ ବି ନିଜ ଭିତରେ ନାରୀ ବଞ୍ଚାଇଥିବା ବାଳୁତକାଳ ପର୍ଯ୍ୟନ୍ତ ଗଡ଼ିଗଡ଼ି ଆସେ ଛନ୍ଦ । ଓଡ଼ିଶା ଓ ବଙ୍ଗଳାରେ ସମାନ ଭାବେ ଲୋକପ୍ରିୟ ଶିଳ୍ପୀ ପାଇଛନ୍ତି ବହୁତ ସମ୍ମାନ ଏଚ୍‌ଏମ୍‌ଭି ତରଫରୁ ଜୀବନ୍ତ କିମ୍ବଦନ୍ତୀ, ବଙ୍ଗଭୂଷଣ, ବଙ୍ଗ ବିଭୂଷଣ, ପୁରୀ ମନ୍ଦିରର ପୁରସ୍କାର, ଗାନ୍ଧର୍ବୀ । ସେ ଭାରି ଦୃଢ଼ତାର ସହ କହନ୍ତି : "ଆଉ ଜନ୍ମ ହେବ ନାହିଁ ମୋର, ଆଉ ଯଦି ହୁଏ ଜଣେ ସଚ୍ଚା ମଣିଷ ହେବାକୁ ଚାହେଁ ।"

୧୯୭୬ରେ ମହାନାୟକ ଉତ୍ତମ କୁମାରଙ୍କ ସହ ମହାଳୟାର ଦୁର୍ଗା ଦୁର୍ଗତି ହାରିଣୀରେ ଅଂଶଗ୍ରହଣ କରିଥିଲେ । ଗୀତିନାଟ୍ୟ ଶ୍ରୀଧର ମାନଭଞ୍ଜନ, ରାମି ଚଣ୍ଡୀ ଦାସ ତାଙ୍କ କଣ୍ଠସ୍ୱରରେ ଅମର ହେଇ ରହିଛି । ଏହାବ୍ୟତୀତ ନଜରୁଲ ଗୀତି, ରବୀନ୍ଦ୍ର ସଙ୍ଗୀତ, ଶ୍ୟାମା ସଙ୍ଗୀତ, ଦେଶଭକ୍ତି ଗୀତ, ଲୋକଗୀତି ଗାଇଛନ୍ତି । ବିଖ୍ୟାତ ସଙ୍ଗୀତ ଶିଳ୍ପୀ ମାନ୍ନା ଦେ, ପ୍ରତିମା ବନ୍ଦୋପାଧ୍ୟାୟ, ମାନବେନ୍ଦ୍ର, ଶିପ୍ରା ବସୁଙ୍କ ସହ ଦ୍ୱୈତ କଣ୍ଠରେ ଗାଇଛନ୍ତି ଇତିହାସ ସୃଷ୍ଟିକାରୀ ଗୀତସବୁ ।

ନିର୍ମଳାଙ୍କ ପ୍ରିୟ ଖାଦ୍ୟ ହେଉଛି ଗୋବିନ୍ଦଭୋଗ ଚାଉଳର ଭାତ, ଘିଅ ଆଉ ଆଳୁ ଚକଟା । ଏତେ ସରଳ ତାଙ୍କ ଜୀବନ । ଛୋଟ ଚଞ୍ଚଳ ଝିଅଟିକୁ ଉତ୍ତୀର୍ଣ୍ଣ ବୟସରେ ବି ନିଜ ଭିତରେ ବଞ୍ଚାଇ ରଖିଥିବା ନିର୍ମଳା ୨୦୧୬ ରେ ସେରେବ୍ରାଲ ଏଟେକ୍ ଯୋଗୁ ଏବେ ଶଯ୍ୟାଶାୟୀ । ସଂକଟଜନକ ପରିସ୍ଥିତିରେ ହସପିଟାଲକୁ ନେଇ ପୁଣି ଅବସ୍ଥା ସ୍ଥିର ହେଲେ ଫେରାଇ ଆଣିବା, ସ୍ମୃତିରେ କିଛି ଅଲରାଚୂଳ ଭଳି ଗୁଡ଼େଇତୁଡ଼େଇ ହେଇଗଲେ ସଜାଡ଼ି ନେବାର ଚେଷ୍ଟା କରୁଥିବା ତାଙ୍କ ସ୍ୱାମୀ ଏବେ ମଧ୍ୟ ଆଗ ଭଳି ତାଙ୍କର ଯତ୍ନ ନେଉଛନ୍ତି । ନିର୍ମଳାଙ୍କ ମାଆଙ୍କ କଥା ସତ କରି ଛୋଟ ବାଳିକା ପରି ନିର୍ମଳାଙ୍କୁ ସେ ଆଗୁଳି ରଖିଛନ୍ତି । ସରକାର ମଧ୍ୟ ଚିକିତ୍ସାରେ ସାହାଯ୍ୟ କରୁଛନ୍ତି । ନିର୍ମଳା ଓ ପ୍ରଦୀପଙ୍କ ଯୋଡ଼ି ସଂସ୍କୃତି ଜଗତକୁ ଯେଉଁ ଅସାମାନ୍ୟ ଅବିସ୍ମରଣୀୟ ଉପହାର ଦେଇଛନ୍ତି ଏହାକୁ ଉଭୟ ରାଜ୍ୟର ଉତ୍ତରପିଢ଼ି ଅବଶ୍ୟ ମନେ ରଖିବା ଉଚିତ । ପ୍ରଦୀପଙ୍କ ଗୀତ ଆଉ ନିର୍ମଳାଙ୍କ ସ୍ୱର ଏବେବି ଅନୁରଣିତ ହୁଏ, "ଯାଏନା ଦେଖା ଯେଉଁ ହୃଦୟ ଦର୍ପଣ, ସେଇଠି ଲେଖା ରହେ କାହାକୁ ଚାହେଁ, କଣ ହଜାଏ, କଣ ଚାହେଁ, ତମେ ଯା ଭାବିଛ ମୁଁ ଯା ଭାବିଛି, ସବୁ ଛବି ଅଙ୍କା ରହେ ହୃଦୟ ଆଇନାରେ ।"

**ନିର୍ମଳା ମିଶ୍ରଙ୍କ ସଂପର୍କରେ ଏ ଲେଖାଟି ପ୍ରସ୍ତୁତ କରିବା ବେଳେ ସେ ଜୀବିତ ଥିଲେ । କିନ୍ତୁ ଏହାକୁ ପ୍ରକାଶ କଲାବେଳକୁ ସେ ଆଉ ଇହଜଗତରେ ନାହାନ୍ତି । ୩୧ ଜୁଲାଇ ୨୦୨୨ରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ତାଙ୍କ ପ୍ରତି ଗଭୀର ଶ୍ରଦ୍ଧା ନିବେଦନ କରି ଲେଖାଟିକୁ ଆମେ ପ୍ରକାଶ କରୁଛୁ ।**


HIGHLAND
A Highland Group Entity
A one stop solution for Aquaculture
Vannamei Seeds
Shrimp Feed
Health Care Process (Probiotics)
Quality Control Checks
Consultancy Services
Aquaculture Equipments
Buy & Sell Shrimp
HIGHLAND MARINE
Alupur, O.T Road, Balasore, Odisha, India - 756001
Contact no : +91 - 9990251362, Email: info@highlandgroups.com
www.highlandgroups.com

# ଶିଙ୍ଗ ଶିଳ୍ପର ସଂସାର



# ଶିଙ୍ଗ ଶିଳ୍ପର ପ୍ରାଚୁର୍ଯ୍ୟ : ପାରଳାଖେମୁଣ୍ଡି


## ଲଳିତ ମୋହନ ମିଶ୍ର

ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ
ଚନ୍ଦ୍ରଗିରି, ଗଜପତି
ଫୋନ:୯୪୩୭୯୮୫୮୬୬

ଫଟୋ ସୌଜନ୍ୟ : ଲେଖକ




▲ଲେଖକ ଲଳିତ ମୋହନ ମିଶ୍ର

ଭାରତବର୍ଷରେ ଉତ୍କଳ ତାର ପ୍ରାଚୀନ ଶିଳ୍ପକଳା ଓ ଶିଳ୍ପଚାତୁର୍ଯ୍ୟ ପାଇଁ ବେଶ୍ ପ୍ରସିଦ୍ଧ । କଳା ସଂସ୍କୃତି ପାଇଁ ଉତ୍କଳର ଅବଦାନ ଅତୁଳନୀୟ । ଏହାର ସୂକ୍ଷ୍ମକଳା କାରୁକାର୍ଯ୍ୟ ପାଇଁ ଉତ୍କଳର ନାମକୁ ସାର୍ଥକ କରିଛି । ସ୍କୁଲ ପାଠ୍ୟପୁସ୍ତକ, ସାମାଜିକ ବିଜ୍ଞାନ ଏବଂ ସାଧାରଣଜ୍ଞାନରେ ଲିଖିତ କଟକର ତାରକସି, ଭୁବନର କଂସାବାସନ, ପିପିଲିର ଚାନ୍ଦୁଆ, ପାରଳାଖେମୁଣ୍ଡିର ଶିଙ୍ଗକାମ ପ୍ରସିଦ୍ଧ । ଓଡ଼ିଶାର ବିଭିନ୍ନ ପାରମ୍ପରିକ ହସ୍ତଶିଳ୍ପ ଓ କଳା କାରିଗରୀ କୌଣସି ଗୋଟିଏ ଗାଁରେ ବା ସହରରେ ସୀମିତ ନୁହେଁ । ବିଭିନ୍ନ ସ୍ଥାନର ସ୍ୱତନ୍ତ୍ରତା ତାର କଳା ନୈପୁଣ୍ୟରୁ ବେଶ୍ ବାରି ହୋଇପଡ଼େ । ସେହି କଳାକୃତିର ପ୍ରସିଦ୍ଧି ଯୋଗୁ ଏଥିରେ ନିୟୋଜିତ କାରିଗରମାନଙ୍କୁ କିଛି ରୋଜଗାର ପନ୍ଥା ମଧ୍ୟ ମିଳି ଯାଇଥାଏ । ତେବେ ବିଭିନ୍ନ ସ୍ଥାନରେ ଆୟୋଜିତ ହେଉଥିବା ମେଳା, ମହୋତ୍ସବରେ ନାନା ପ୍ରକାର ହସ୍ତ କଳାକୃତି ଦେଖିବାକୁ ମିଳେ । କିନ୍ତୁ ହସ୍ତଶିଳ୍ପ କଳା କାରିଗରୀ ପାଇଁ ରାଜ୍ୟରେ ପାରଳାଖେମୁଣ୍ଡି ସ୍ୱତନ୍ତ୍ର ।

### ଐତିହାସିକ ପୃଷ୍ଠଭୂମି

୧୭୫୦ ଖ୍ରୀଷ୍ଟାବ୍ଦରେ ତତ୍କାଳୀନ ଶାସକ ପ୍ରତାପରୁଦ୍ରଦେବ (ପ୍ରଥମ)ଙ୍କ ସମୟରେ ପାରଳା ରାଜ୍ୟର ନୂତନ ରାଜଧାନୀ ପାରଳାଖେମୁଣ୍ଡି ଗଠନ କରାଯାଇଥିଲା । ଭାରତ ସ୍ୱାଧୀନ ହେବା ପରେ ତଥା ନୂତନ ଓଡ଼ିଶା ଗଠନ ହେବା ପରେ ଏହି ସହର ଅବିଭକ୍ତ ଗଞ୍ଜାମ ଜିଲ୍ଲାର ଅଂଶବିଶେଷ ଥିଲା । ୦୨.୧୦.୧୯୯୨ ମସିହାରେ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଏହାକୁ ସ୍ୱତନ୍ତ୍ର ଗଜପତି ଜିଲ୍ଲା ଭାବେ ଗଠନ କରିବା ସହ ପାରଳାଖେମୁଣ୍ଡି ସହରକୁ ଜିଲ୍ଲା ସଦର ମହକୁମା ଭାବେ ଘୋଷଣା କରିଥିଲେ ।

### ଭୌଗୋଳିକ ଅବସ୍ଥିତି

ଓଡ଼ିଶାର ଦକ୍ଷିଣ ସୀମାନ୍ତରେ ପାରଳାଖେମୁଣ୍ଡି ଅବସ୍ଥିତ । ଏଠାରୁ ମାତ୍ର ଦୁଇ କି.ମି.ଦୂରରେ ଆନ୍ଧ୍ର ସୀମାବର୍ତ୍ତୀ ଅଞ୍ଚଳ ରହିଛି । ଏହି ସହର ଏକ ବଣ ପାହାଡ଼ ଘେରା ଅଞ୍ଚଳ ଭାବେ ଜଣାଶୁଣା । ସହରର ଦକ୍ଷିଣ ପଶ୍ଚିମରେ ସୀତାସାଗର ଭଳି ପୁରାତନ ଜଳାଶୟ ଥିବାବେଳେ ଉତ୍ତର-ପୂର୍ବ ପାର୍ବତ୍ୟାଞ୍ଚଳ ଅଟେ । ସେହିପରି ପୂର୍ବ ପାର୍ଶ୍ୱରେ ମଧ୍ୟ ପାହାଡ଼ିଆ ଉଚ୍ଚ ଭୂମି ରହିଛି । ଏହା ବ୍ୟତୀତ ସହର ପାର୍ଶ୍ୱ ଦେଇ ଐତିହାସିକ ମହେନ୍ଦ୍ରତନୟା ନଦୀ କୁଳୁକୁଳୁ ନାଦରେ ବହି ଯାଉଛି । ଉକ୍ତ ନଦୀ ସହରବାସୀଙ୍କ ପାଇଁ ଏକ ମୁଖ୍ୟ ଜଳ ଉତ୍ସ ହୋଇ ରହି ଆସିଛି ।

### ଯାନିଯାତ୍ରା, ପର୍ବପର୍ବାଣି ଓ ଐତିହ୍ୟ

ପାରଳାଖେମୁଣ୍ଡି ରଥଯାତ୍ରା ପାଇଁ ପ୍ରସିଦ୍ଧ ରହିଛି । ଏହି ଯାତ୍ରା ରାଜରାଜୁଡ଼ା ଅମଳରୁ ହୋଇ ଆସୁଛି । ଗଜାମୁହାଁ ଘଟଯାତ୍ରା ଏହି ସହରରର ଅନ୍ୟ ଏକ ଆକର୍ଷଣୀୟ ପର୍ବ । ଆନ୍ଧ୍ର ସୀମାନ୍ତବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ଓଡ଼ିଶାର ପର୍ବପର୍ବାଣି ଦୋଳଯାତ୍ରା, ଦଶହରା, କୁମାରପୂର୍ଣ୍ଣିମା, ଦୀପାବଳି ଇତ୍ୟାଦି ରହିଛି । ତେଲୁଗୁ ପର୍ବପର୍ବାଣି ପୋଙ୍ଗଲ, ଉଗାଦି ମଧ୍ୟ ଏଠାରେ ପାଳନ କରାଯାଏ । ସହରରେ ରହିଛି ପାରଳା ରାଜପ୍ରାସାଦ ।୧୮୩୫ ଖ୍ରୀଷ୍ଟାବ୍ଦରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୧୮୪୩ରେ ଶେଷ ହୋଇଥିଲା । ମହାରାଜା ଗୌରଚନ୍ଦ୍ର ଗଜପତି ନାରାୟଣ ଦେବ (୧)ଙ୍କ ରାଜତ୍ୱ କାଳରେ । ନିର୍ମିତ ଏକ ମହଲା ଛାତ ଘରେ ରାଜନଅର । ଏହା ଜରାଜୀର୍ଣ୍ଣ ଅବସ୍ଥାକୁ ଆସି ଗଲାଣି । ରାଜପ୍ରାସାଦରେ ରାଜମହଲ, ରାଣୀମହଲ, ଦରବାର ହଲ ଓ ସିଂହଦ୍ୱାର ଆଦି ରହିଛି । ଏହି ଐତିହ୍ୟପୂର୍ଣ୍ଣ କୀର୍ତ୍ତିରାଜି ଦେଖିବାକୁ ରାଜ୍ୟ ଓ ରାଜ୍ୟ ବାହାରୁ ପର୍ଯ୍ୟଟକମାନେ ଆସିଥାନ୍ତି ।

ଭାରତର ଭିନ୍ନ ଅଞ୍ଚଳରେ ଓ ଭାରତ ବାହାରେ ଜନପ୍ରିୟତା ଦୃଷ୍ଟିରୁ ଓଡ଼ିଶାର କେତେକ ନିଜସ୍ୱ ହସ୍ତଶିଳ୍ପ ଓଡ଼ିଶାର ଐତିହ୍ୟ ଗୁରୁତ୍ୱପୂର୍ଣ୍ଣ । ଏଗୁଡ଼ିକର ଉତ୍ପାଦନ କେବେ ଠାରୁ ଆରମ୍ଭ ହେଲା ତାହା ଠିକ୍ ଭାବେ ଜଣାନଥିଲେ ସୁଦ୍ଧା ବିଭିନ୍ନ ପ୍ରତ୍ନତାତ୍ତ୍ୱିକ ଓ ସାହିତ୍ୟିକ ଉତ୍ସରୁ ଏଗୁଡ଼ିକ ପୁରାତନ କାଳରୁ ରହିଥିବାର ଜଣାଯାଏ । ମନ୍ଦିରମାନଙ୍କ ଭାସ୍କର୍ଯ୍ୟ ଓ ବିଭିନ୍ନ ସ୍ଥାନରେ ପ୍ରତ୍ନତାତ୍ତ୍ୱିକ ଖନନ ଫଳରେ ମିଳିଥିବା ପଥର ଖୋଦିତ କଳାତ୍ମକ ବସ୍ତୁ ଓଡ଼ିଶାର ଶିଳ୍ପୀମାନଙ୍କର କାରିଗରୀ କୌଶଳର ପ୍ରମାଣ ଦିଏ । ଏବେ ପଥରରେ ଖୋଦିତ ସାମଗ୍ରୀ ବହୁଳ ଭାବେ ପୁରୀ, ଭୁବନେଶ୍ୱର, ଲଳିତଗିରି ଠାରେ ଦେଖିବାକୁ ମିଳେ । ମନ୍ଦିରମାନଙ୍କରେ ରୀତିନୀତି ତଥା ବିଭିନ୍ନ ଧାର୍ମିକ କାର୍ଯ୍ୟ ପାଇଁ ବ୍ୟବହୃତ ହେଉଥିବା ଓଡ଼ିଶାର ରଙ୍ଗୀନ କଳାର କାରୁକାର୍ଯ୍ୟ ସମ୍ବଳିତ ବଡ଼ବଡ଼ ଚାନ୍ଦୁଆ ସୃଜନକଳାର ନିଦର୍ଶନ । ସମୟକ୍ରମେ ବିଭିନ୍ନ ରଙ୍ଗର କଳାରେ ପଟି ପକାଯାଇ ବା ତାଳି ପକାଯାଇ କ୍ଷୁଦ୍ରାକୃତି ଚାନ୍ଦୁଆ ସହିତ ବଗିଚା ବା କ୍ରୀଡ଼ା ପ୍ରାଙ୍ଗଣରେ ବ୍ୟବହାର ପାଇଁ ବଡ଼ ଛତା ବ୍ୟବହାର କରୁଥିଲେ । ପୁରୁଷ ଓ ମହିଳାମାନେ ବ୍ୟକ୍ତିଗତ ପାଇଁ ବ୍ୟବହାର ଛୋଟ ଛତା,



ବ୍ୟାଗ, ବିଜୁଳିବତୀ ଖୋଳ, ଚିଠିପତ୍ର ବା ପତ୍ରିକା ରଖିବା ପାଇଁ କାନ୍ଥଝୁଲା ମୁଣି ଆଦି ଦେଶ ବିଦେଶରେ ଜନପ୍ରିୟତା ଲାଭ କରିଛି । ପୁରୀ ଜିଲ୍ଲାର ପିପିଲି ଏହି କଳା ପାଇଁ ଖ୍ୟାତି ଲାଭ କରିଛି । ଓଡ଼ିଶାର ଅନ୍ୟ ଏକ ଐତିହାସିକ ହସ୍ତଶିଳ୍ପ ହେଉଛି ରୂପା ତାରକସି କାମ । କଟକ ସହରରେ ରୂପା କାରିଗରମାନେ ରୂପାର ଅତି ସୂକ୍ଷ୍ମ କାରୁକାର୍ଯ୍ୟ ଖଚିତ ସୁନ୍ଦର କୋଣାର୍କ ଚକ୍ର, ଦେବାଦେବୀ, ମନ୍ଦିରମାନଙ୍କର ପ୍ରତିଛବି, ପଶୁପକ୍ଷୀ, ଗଛ, ଫୁଲପତ୍ର ଏବଂ ପୌରାଣିକ କାହାଣୀ ତଥା ବିଭିନ୍ନ ବ୍ୟବହାର୍ଯ୍ୟ ବସ୍ତୁ ପ୍ରସ୍ତୁତ କରିଛନ୍ତି । ସେମାନଙ୍କ କାରିଗରୀ କୌଶଳର ପରାକାଷ୍ଠା ପ୍ରଦର୍ଶନ କରିବା ସହିତ ଓଡ଼ିଶା ଓ ଦେଶ ବିଦେଶରେ ଯଶ ଅର୍ଜନ କରିଛନ୍ତି । ପାରଳାଖେମୁଣ୍ଡି ଶିଙ୍ଗରେ ପ୍ରସ୍ତୁତ ପାନିଆ, ଧୂମପାନ ନଳି, କଲମ-ଥାକ, ମହମବତୀ ଥାକ ପଶୁପକ୍ଷୀ, ଡାଳପତ୍ର ଆଦି ଶିଙ୍ଗ କାରିଗରର କୁଶଳତାର ପରିଚୟ ଦିଏ ।

## ଶିଙ୍ଗକାମର ଐତିହାସିକ ତଥ୍ୟ

୧୮୩୪ ମସିହାରେ ରସେଲ୍ ବ୍ରିଟିଶ୍ ନିୟମ ଲାଗୁ ହୋଇଥିଲା । ସେହି ସମୟରେ କେବଳ ମାତୃଭୂମିର ଆଇନ ଏବଂ ଭାଷା ପ୍ରତିକୂଳ ପ୍ରଭାବିତ ହୋଇନଥିଲା । ବରଂ କଳା, ହସ୍ତଶିଳ୍ପ ଏବଂ ସଂସ୍କୃତି ପ୍ରଭାବିତ ହୋଇଥିଲା । ଏହା କହିବା ଅନାବଶ୍ୟକ ଯେ ବ୍ରିଟିଶର ଇଷ୍ଟ ଇଣ୍ଡିଆ କମ୍ପାନୀ ତାଙ୍କ ଦେଶର ସାମଗ୍ରୀ ବିକ୍ରୟ କରିବା ପାଇଁ ଯୋଜନା କରିଥିଲେ । କଞ୍ଚାମାଲ କ୍ରୟ କରିବା ଏବଂ ଭାରତର ଉତ୍ପାଦନ ଉପରେ ପ୍ରଭାବିତ କରିବା ଏକମାତ୍ର ଉଦ୍ଦେଶ୍ୟ ଥିଲା । ସମଗ୍ର ଭାରତରେ ନିୟୋଜିତ ହୋଇଥିଲା ୟୁରୋପୀୟ ଦେଶମାନଙ୍କର ବଜାର । ବ୍ରିଟିଶ ଧନକୁ ସମୃଦ୍ଧ କରିବା ପାଇଁ ବିଭିନ୍ନ ଜିନିଷ ଉତ୍ପାଦନ ପାଇଁ ସେମାନେ ଦକ୍ଷିଣ ଭାରତରେ କାରଖାନା ପରେ କାରଖାନା ପ୍ରତିଷ୍ଠା କରିଥିଲେ । ସେଥିରୁ କ୍ୱଚିତ୍ ଭାରତର କୁଟୀର ଉଦ୍ୟୋଗକୁ ଉତ୍ସାହିତ କରୁଥିଲେ । ଅବଶ୍ୟ ଅବିଭକ୍ତ ଗଞ୍ଜାମ (ପାରଳାଖେମୁଣ୍ଡି ସମେତ)ରେ ଏହାର ପ୍ରଭାବ ପଡ଼ିଥିଲା । ଚତୁର କମ୍ପାନୀ କର୍ତ୍ତୃପକ୍ଷମାନେ ଦେଶରେ ପ୍ରସ୍ତୁତ ହେଉଥିବା ରୂପାର ତାରକସି କାମ, ଟେକ୍ସଟାଇଲ୍ ସାମଗ୍ରୀ, ହଳଦୀ, ଚାଉଳ, ପଶୁ ହାଡ଼, ତେଲ ଇତ୍ୟାଦି କିଣିବାରେ ନିଜକୁ ନିୟୋଜିତ କରିଥିଲେ । ବାରୁଆ, କଳିଙ୍ଗପାଟନମ୍, ବାବନପାଡୁରେ ଅବସ୍ଥିତ ବନ୍ଦରରୁ ଏହି ଜିନିଷଗୁଡ଼ିକ ରପ୍ତାନି କରାଯାଉଥିଲା । କିନ୍ତୁ ସେମାନେ କେବେହେଲେ ପଶୁ ଶିଙ୍ଗ କିଣିବା ପାଇଁ ଧ୍ୟାନ ଦେଇନଥିଲେ । ଯାହାକି ପାରଳାଖେମୁଣ୍ଡିର ପାହାଡ଼ିଆ ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣର ଥିଲା ।



## ଶିଙ୍ଗଶିଳ୍ପ ଉତ୍ପତ୍ତିର କାରଣ

ସେତେବେଳେ ମାଡ୍ରାସରେ ଥିବା ଇଂରେଜ୍ ସରକାର ଶିଙ୍ଗ ଭିତ୍ତିକ କୁଟୀର ଶିଳ୍ପକୁ ଉତ୍ସାହିତ କରିବା ପାଇଁ ଯତ୍ନବାନ ହେଲେ । ପଶୁ ଶିଙ୍ଗ ଯେପରିକି ମଇଁଷିର ଶିଙ୍ଗ, ବଣୁଆ ମଇଁଷି, ଗାଈ, ବଳଦ ଏବଂ ହରିଣର ଶିଙ୍ଗ ଅବ୍ୟବହୃତ ହୋଇ ବାହାରେ ପଡ଼ି ରହୁଥିଲା । ଏହି ସମୟରେ ଗ୍ରାମାଞ୍ଚଳ ଗୁଡ଼ିକରେ ମଇଁଷି ବଳିପ୍ରଥା ଚାଲିଥିଲା । ଆଦିବାସୀମାନେ ମାଂସ ଖାଦ୍ୟ ଉଦ୍ଦେଶ୍ୟରେ ଗାଈ ଗୋରୁ ମଇଁଷି ମାନଙ୍କୁ ହତ୍ୟା କରୁଥିଲେ । ଏହା ବ୍ୟତୀତ ସେହି ସମୟରେ ଏହି ଅଞ୍ଚଳରେ ଅଧିକ ପରିମାଣରେ ମଇଁଷି ଦେଖିବାକୁ ମିଳୁଥିଲା । ପର୍ଯ୍ୟାପ୍ତ ପରିମାଣରେ ମଇଁଷି ଯୋଗୁ ପରିବେଶ ପ୍ରଦୂଷଣ ଏବଂ ପ୍ରାକୃତିକ ମୃତ୍ୟୁର କାରଣ ହୋଇଥିଲା । ଏହିସବୁ



କାରଣରୁ ପାରଳାଖେମୁଣ୍ଡିର ଆଖପାଖ ଅଞ୍ଚଳରେ ବହୁ ପରିମାଣର ମଇଁଷି ଶିଙ୍ଗ ଉପଲବ୍ଧ ହେଉଥିଲା । କିନ୍ତୁ ସେହି ଶିଙ୍ଗଗୁଡ଼ିକ ପ୍ରାୟତଃ ଅବ୍ୟବହୃତ ହୋଇ ପଡ଼ି ରହୁଥିଲା । କାରଣ ବର୍ତ୍ତମାନର ଶିଙ୍ଗ ଶିଳ୍ପ ଊନବିଂଶ ଶତାବ୍ଦୀର ମଧ୍ୟ ଭାଗ ପର୍ଯ୍ୟନ୍ତ ଲୋକଙ୍କୁ ଜଣାନଥିଲା । କିନ୍ତୁ ଆଦିବାସୀ ସମ୍ପ୍ରଦାୟ, ପ୍ରାଚୀନ କାଳରୁ, ବଡ଼ ଆକାରର ବଳଦ ଶିଙ୍ଗକୁ ଖଣ୍ଡା ଏବ ଛୁରୀ ପାଇଁ ବ୍ୟବହାର କରୁଥିଲେ । ଆହୁରି କେତେକ ସ୍ଥାନରେ ମଇଁଷି ଶିଙ୍ଗରୁ ବାଜିବା ଯନ୍ତ୍ର, ଖଣ୍ଡା ଏବଂ ଛୁରୀ ପ୍ରସ୍ତୁତ କରାଯାଉଥିଲା । ତେଣୁ ଶିଙ୍ଗ କାଟିବା ଏବଂ ତାକୁ ପଲିସ୍ କରି ବ୍ୟବହାର କରିବାର ଜ୍ଞାନ କେବଳ ପାହାଡ଼ି ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କୁ ଜଣାଥିଲା । ପାରଳାଖେମୁଣ୍ଡି ସମତଳ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କୁ ଏ ବିଷୟରେ ଜଣାନଥିଲା । ଏହିପରି ଭାବରେ ଶିଙ୍ଗ ଶିଳ୍ପ କେବଳ ଡିଜାଇନ୍ ଏବଂ ବିକାଶରେ କୌଣସି ପରିବର୍ତ୍ତନ ନହୋଇ ଆଦିବାସୀମାନଙ୍କ ହାତରେ ସୀମିତ ଥିଲା । ପାରଳାଖେମଣ୍ଡିରେ ପ୍ରତିରୋଧ ଆନ୍ଦୋଳନ ବନ୍ଦ ହେବା ପରେ ପାରଳାଖେମୁଣ୍ଡି ଦେଶ ସରକାରଙ୍କ ଅଧୀନକୁ ଆସିଥିଲା । ମାଡ୍ରାସର ସେଣ୍ଟ ଜର୍ଜ ଦୁର୍ଗରେ ରଖା ଯାଇଥିଲା । ପାରଳାଖେମୁଣ୍ଡି ଦେଶକୁ ସେତେବେଳେ ଜମିଦାରୀ କୁହା ଯାଉଥିଲା । ୧୮୩୦ ମସିହାରୁ ଏହା ୱାର୍ଡ଼ ଦେଶ ଅଧୀନରେ ଥିଲା । ପାରଳାଖେମୁଣ୍ଡିରେ ଥିବା ଗଜପତି ପ୍ରାସାଦ ଧ୍ୱଂସାବଶେଷ ଥିବାରୁ ୱାର୍ଡ଼ କୋର୍ଟ ୧୮୩୫ ମସିହାରେ ଏହାର ନିର୍ମାଣ ଏବଂ ନୂତନ ସ୍ଥାନ ନିର୍ମାଣ କରିବାକୁ ଯୋଜନା କରିଥିଲେ ।

ଏଥିପାଇଁ କାଠ କାମ କରିବାକୁ ବଢ଼େଇ ମାନଙ୍କର ଆବଶ୍ୟକତା ପଡ଼ିଲା । ଗଞ୍ଜାମ ଜିଲ୍ଲାର ପିତଳ, ବେଲଗୁଣ୍ଠା, କବିସୂର୍ଯ୍ୟନଗର ଇତ୍ୟାଦି ସ୍ଥାନରୁ କିଛି କୁଶଳୀ ବଢ଼େଇ ପରିବାରକୁ ଅଣା ଯାଇଥିଲା । ଊନବିଂଶ ଶତାବ୍ଦୀର ଚତୁର୍ଥ ମାସିକରେ ଏହି ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଲା । ସେମାନେ ଆଉ ନିଜ ଭିଟାମାଟିକୁ ଫେରିବାକୁ ଇଚ୍ଛା କଲେ ନାହିଁ । ପାରଳାଖେମୁଣ୍ଡି ସହରରେ ଅବସ୍ଥାପିତ ହୋଇଥିବା କୁଶଳୀ କାରିଗର ପରିବାରମାନେ ନିଜ ଜୀବନ ଜୀବିକାକୁ ଆଗେଇ ନେବା ଅନ୍ୟ କର୍ମ ସଂସ୍ଥାନ ସନ୍ଧାନରେ ଲାଗିଲେ । କର୍ମ ସଂସ୍ଥାନ ଠିକ୍ ନହୋଇ ପାରିବାରୁ କିଛି କାଳ ସେମାନେ ଅଭାବ ଅନାଟନ ଦେଇ ଗତିକଲେ । ଏପରି ପରିସ୍ଥିତି ଆସିଲା ଯେ ସେମାନେ ଜୀବନ ଜୀବିକା ପାଇଁ ପାରଳାଖେମୁଣ୍ଡି ଛାଡ଼ିଦେଲେ । ମଦନ ମୋହନ ମହାରଣା ଯିଏ ବଢ଼େଇବା ପରିବାରର ଅନ୍ୟତମ ସଦସ୍ୟ ଥିଲେ ସେ ମାଡ୍ରାସ ଯାଇ ସେଠାରେ କାଠ ଏବଂ ଶିଙ୍ଗ କାରିଗରୀ ତାଲିମ ନେଲେ ।

## ଶିଙ୍ଗ ଶିଳ୍ପ କାରଖାନା ସ୍ଥାପନା ଓ ବିକ୍ରୟ

୧୯୧୩ ମସିହାରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ତାଙ୍କର ଜମିଦାରୀ କଳା ଏବଂ ହସ୍ତଶିଳ୍ପ, ଶିକ୍ଷା ଏବଂ କୃଷି ମଧ୍ୟରେ ବିକାଶ କରିବାକୁ ଚେଷ୍ଟା କରିଥିଲେ । ସେତେବେଳେ ସେ ଏକ ପ୍ରଶିକ୍ଷଣ ପ୍ରତିଷ୍ଠାନ ପ୍ରତିଷ୍ଠା କରିଥିଲେ । ଏହା ରାଜପ୍ରାସାଦ ଛକରେ ଅବସ୍ଥିତ ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟ ଛାତ୍ରାବାସ କୋଠାରେ କରାଯାଇଥିଲା । ସମ୍ପ୍ରତି ପାରଳାଖେମୁଣ୍ଡି ମହିଳା ମହାବିଦ୍ୟାଳୟ ଦ୍ୱାରା ଏହା ଦଖଲ କରାଯାଇଥିଲା । ମଦନ ମହାରଣା ଉକ୍ତ ବଢ଼େଇ ଟ୍ରେନିଂର ନିର୍ଦ୍ଦେଶକ ଭାବରେ ନିଯୁକ୍ତି ହୋଇଥିଲେ । ଏଠାରେ ନିୟୋଜିତ କାରିଗରମାନଙ୍କୁ ଉଭୟ କାଠ ଶିଳ୍ପ ଓ ଏବଂ ଶିଙ୍ଗ ଶିଳ୍ପରେ ତାଲିମ ଦିଆ ଯାଇଥିଲା । ପରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଦ୍ୱାରା ଉତ୍ସାହିତ ହୋଇ ପୃଷ୍ଠପୋଷକତାରେ କେ.ବି. ଆପାରାଓରେ 'ଦୁର୍ଗା ହର୍ନ କ୍ରାଫ୍ଟ' ନାମରେ ଏକ ପୃଥିବୀ ଶିଙ୍ଗ ଶିଳ୍ପ କାରଖାନା ପ୍ରତିଷ୍ଠା କରିଥିଲେ । କେ.ଭି. ମୃତ୍ୟୁଞ୍ଜୟ ମୀନାକେତନ ମହାରଣା ଏବଂ ରଘୁନାଥ ମହାରଣା ଯିଏ ଶିଙ୍ଗ ଶିଳ୍ପ କଳାରେ ପାରଦର୍ଶିତା ଲାଭ କରିଥିଲେ । ସେତେବେଳେ ନୂତନ ଭାବରେ ପ୍ରତିଷ୍ଠିତ ଶିଙ୍ଗ ଶିଳ୍ପ ଉଦ୍ୟୋଗରେ ଯୋଗ ଦେଇଥିଲେ । ମୀନକେତନ ପଶୁ ଚିତ୍ର ତିଆରି କରିବାରେ ବିଶେଷଜ୍ଞଥିଲେ । ରଘୁନାଥ ପକ୍ଷୀ ତିଆରି କରିବାରେ ବିଶେଷଜ୍ଞ ଥିବାବେଳେ ବିଭିନ୍ନ ପ୍ରକାରର ବିବାହ ମହୋତ୍ସବ, କଳାତ୍ମକ ଡିଜାଇନ୍, ପାନିଆ ଇତ୍ୟାଦି ପ୍ରସ୍ତୁତ କରୁଥିଲେ । ସମୟର ଗତି ସହିତ ଦୁର୍ଗା ଶିଙ୍ଗ ଶିଳ୍ପ ତାର କାରିଗରୀ ଜ୍ଞାନକୁ ଆହୁରି ଉନ୍ନତ କରିଥିଲା । ଯାହା ଫଳରେ ଉତ୍ପାଦିତ ସାମଗ୍ରୀ ଗୁଣବତ୍ତା ଯୋଗୁଁ ଲୋକମାନଙ୍କର ପସନ୍ଦ ହୋଇଥିଲା । ପ୍ରାରମ୍ଭିକ ଅବସ୍ଥାରେ ମୁଖ୍ୟ ପ୍ରତିବନ୍ଧକ କାରିଗରମାନଙ୍କୁ ମଜୁରୀର ଅଗ୍ରୀମ ଦେୟ । ଶ୍ରୀ କେ. ଅପା ରାଓ, ଛତିଗୁରୁ, ଯିଏକି ପରେ ବ୍ରିଟିଶ୍ କ୍ରାଉନ୍ ଦ୍ୱାରା ରାଓ ସାହେବ ଉପାଧିରେ ଭୂଷିତ ହୋଇଥିଲେ । ସେ





ପାରଳାଖେମୁଣ୍ଡିରେ 'ହୋମ ଷ୍ଟୋରସ' ନାମରେ ଏକ ଉଦ୍ୟୋଗ ପ୍ରତିଷ୍ଠା କରିଥିଲେ । ଏହି ଉଦ୍ୟୋଗ ଦ୍ୱାରା ସମସ୍ତ ଦ୍ରବ୍ୟର ମାର୍କେଟିଂ ଭଲ ଭାବରେ ଚାଲିଲା । ଯାହାଙ୍କୁ ଅର୍ଡ଼ର ଆସିଲା ତାକୁ ଅତିଶୀଘ୍ର ଦିଆଗଲା ଏବଂ ମଜୁରୀ ପ୍ରଦାନରେ ଅସୁବିଧା ହେଲା ନାହିଁ । ଯୋଗାଇ ଦିଆ ଯାଉଥିବା ଜିନିଷ ଗୁଡ଼ିକର ମୂଲ୍ୟ ବାବଦରେ ଅଗ୍ରୀମ ମଜୁରି ସ୍ଥିର କରାଯାଉଥିଲା ।

## ମୂଲ୍ୟ ନିର୍ଦ୍ଧାରଣ ଏବଂ କାରିଗରୀ ମଜୁରୀ

ପଶୁ ପକ୍ଷୀ ଚିତ୍ର ଏବଂ ଅନ୍ୟାନ୍ୟ ମୂଲ୍ୟବାନ ଜିନିଷ କେବଳ ଅର୍ଡ଼ର ପାଇଁ ଉତ୍ପାଦିତ ହେଉଥିଲା । କିନ୍ତୁ ପାନିଆ ଏବଂ ଶସ୍ତା ସାମଗ୍ରୀ ପାଇଁ ଅଗ୍ରୀମ ଅର୍ଡ଼ର ନିଆ ଯାଉନଥିଲା । ଶ୍ରୀ କେ.ଭି.ଅପରାଓ, ଶିଙ୍ଗ ଶିଳ୍ପର ସହଯୋଗୀ ଭବରେ ୭୦୦ ଟଙ୍କା ପର୍ଯ୍ୟନ୍ତ ଅର୍ଥ ପ୍ରଦାନ କରୁଥିଲେ । ସେହି ସମୟରେ ୧୫୦୦ ଟଙ୍କା ମୂଲ୍ୟର ଷ୍ଟକ୍ ଗ୍ରହଣ କରୁଥିଲେ । ପାରଳାଖେମୁଣ୍ଡି ଏବଂ କେମୁଣ୍ଡିମାଲିୟାଶ ଅବିଭକ୍ତ କୋରାପୁଟ ଜିଲ୍ଲାର ଅଂଶ ବିଶେଷ ଥିଲା । ବିଶାଖାପାଟନମ୍ ଅଞ୍ଚଳରୁ ସଂଗ୍ରହ କରାଯାଉଥିଲା ବିଭିନ୍ନ ଗୁଣର ଶିଙ୍ଗ, ଯାହା ଶିଳ୍ପ ଉତ୍ପାଦନରେ ବ୍ୟବହାର କରା ଯାଉଥିଲା । ସେହି ସମୟରେ ମଇଁଷି ଶିଙ୍ଗର କ୍ରୟ ମୂଲ୍ୟ ଚାରି ଟଙ୍କାରୁ ଆଠ ଟଙ୍କା । ଗୁଣବତ୍ତା ଉପରେ ନିର୍ଭର କରି ୪ ରୁ ୮ । ଶିଙ୍ଗ ଶିଳ୍ପରେ ନିୟୋଜିତ ଜଣେ ଶ୍ରମିକ ୧-୪-୦ ମୂଲ୍ୟର ଉତ୍ପାଦନ କରିବାର ସକ୍ଷମ ହୋଇଥିଲେ । ବର୍ତ୍ତମାନ ୧.୨୫ ପଇସା । ପଶୁ ପକ୍ଷୀର ମୂଲ୍ୟ ୧.୧୨ ଅର୍ଥାତ୍ ୦.୭୫ ପଇସା । ଏହିପରି ଉତ୍ପାଦନରେ ନିୟୋଜିତ ଜଣେ କାରିଗର ୧୨ରୁ ୧୪ଟଙ୍କା ପାରିତୋଷିକ ପାଉଥିଲେ । କାରିଗରମାନେ ବାର୍ଷିକ ୧୦୦୦୦ ଟଙ୍କା ରୋଜଗାର କରିବାରେ ସକ୍ଷମ ହେଉଥିଲେ ।

ଯଦି ସେ ପକ୍ଷୀ କିମ୍ବା ପଶୁମାନଙ୍କର ମଡ଼େଲ ପ୍ରସ୍ତୁତ କରନ୍ତି ତେବେ ପ୍ରତିଦିନ ୦.୭୫କିମ୍ବା ୦.୮୪ପଇସା । କମ୍ ଉତ୍ପାଦନ କ୍ଷେତ୍ରରେ, ଜଣେ କାରିଗରଙ୍କ ହାରାହାରି ରୋଜଗାର ଦିନକୁ ୧୦ରୁ ୧୨ବାର୍ଷିକ ଅର୍ଥାତ୍ ପ୍ରତିଦିନ ୦.୬୦ ପଇସା । ମଡ଼େଲଗୁଡ଼ିକ ପ୍ରସ୍ତୁତ କରିବା ପାଇଁ କଠିନ ଶିଙ୍ଗ ବ୍ୟବହାର କରାଯାଉଥିଲା । ବିଂଶ ଶତାବ୍ଦୀର ପ୍ରାରମ୍ଭ ଭାଗରେ ହାରାହାରି ବାର୍ଷିକ ଆୟ ତିନି ହଜାର ପର୍ଯ୍ୟନ୍ତ ଯାଇଥିଲା । ୧୯୩୦ ଦଶକରେ ବାର୍ଷିକ ମୂଲ୍ୟର ମୂଲ୍ୟ ୧୫୦୭/- । ଏହି ସମସ୍ତ ଜିନିଷ ଗୁଡ଼ିକ କେ.ଭି ସ୍ଥାନୀୟ ବଜାରରେ ବିକ୍ରି ହେଉଥିଲା । ଏହା ବ୍ୟତୀତ ଅଳଙ୍କାର ଡିଜାଇନ୍ ମାର୍କେଟିଂ ପାଇଁ ତାନଜୋର, କୋଏମ୍ବାଟୁର, ତ୍ରିଚିନାପାଲି, ମଦୁରାଓ ଏବଂ ମାଡ୍ରାସକୁ ପଠା ଯାଉଥିଲା । ମୁଭିକ ମଡ଼େଲଗୁଡ଼ିକ ସାଧାରଣତଃ ଇଉରୋପୀୟ, ଫ୍ରାନ୍ସ ଏବଂ ଭଲ କାମ କରୁଥିବା ଭାରତୀୟଙ୍କ ଦ୍ୱାରା କିଣା ଯାଇଥିଲା । ସମସ୍ତ ଶିଙ୍ଗ ଶିଳ୍ପର ସୂକ୍ଷ୍ମ ଏବଂ କଳାତ୍ମକ କାରିଗରୀ ସେତେବେଳେ ଭାରତୀୟଙ୍କୁ ଧନୀ ଚୟନ ଏବଂ ଇଉରୋପପୀୟମାନଙ୍କୁ ଭ୍ରମଣ କରୁଥିବା ଗ୍ରାହକଙ୍କୁ ଆକର୍ଷିତ କରୁଥିଲା । ସଂପୃକ୍ତ କୁଶଳୀ କାରିଗରୀଙ୍କ ଦ୍ୱାରା ମଞ୍ଜୁସା ସହରର ଏକ ଓଡ଼ିଆ ପାରମ୍ପାରିକ ପରିବାର, ହାତ, ବାଡ଼ି, ବ୍ରାକେଟ୍, ଚେୟାର, ଡ୍ରେସ୍ ବ୍ରାକେଟ୍, ପାନିଆ, ସ୍ନଫକ୍ସ, ସିଗାରେଟ୍ କେସ୍, ପକ୍ଷୀ, ଫୁଲ, ବାକ୍ସରେ ଡିଜାଇଡ୍, ଲ୍ୟାମ୍ପ ଏବଂ ଫୁଲ ଷ୍ଟାଣ୍ଡ ପାଇଁ ଫ୍ୟାନ୍ସି ଡୋର ଇତ୍ୟାଦି ଅଛି । ଇଉରୋପୀୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ନିକଟରେ ଏହି ଶିଙ୍ଗ ଶିଳ୍ପ ସାମଗ୍ରୀଗୁଡ଼ିକ ଉପସ୍ଥାପିତ ହେଉଥିଲା । ପାରଳାଖେମୁଣ୍ଡିର କାରିଗରମାନଙ୍କ ଦ୍ୱାରା ଉତ୍ପାଦିତ ଶିଙ୍ଗ ଶିଳ୍ପ ସାମଗ୍ରୀ କୋଲକାତା, ପଞ୍ଜାବ, କାକିନାଡ଼ା, ରାଜମହେନ୍ଦ୍ରୀ, ବିଶାଖାପାଟଣା, ବିଜୟନଗର ଏବଂ ତ୍ରିବେନ୍ଦ୍ରମ୍ ବଜାରରେ ଉଚ୍ଚ ପ୍ରଶଂସିତ ହୋଇଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ପାରଳାଖେମୁଣ୍ଡିରୁ ଶିଙ୍ଗ କାମ ଇୟୁରୋପୀୟ ଦେଶ ତଥା ଯୁକ୍ତରାଷ୍ଟ୍ର ଆମେରିକାକୁ ରପ୍ତାନି ହେଉଥିଲା । ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଅତ୍ୟାଧୁନିକ ଶିଙ୍ଗ ଶିଳ୍ପ ସାମଗ୍ରୀ ଯେପରିକି ପକ୍ଷୀ, କ୍ରେନ୍, କ୍ରାବ୍, କୁମ୍ଭୀର, ମାଙ୍କଡ଼, ଓଟ, ହାତୀ, ଗାଇ ଏବଂ ବାଛୁରୀ, ହରିଣ, ଡାକୁ ଯୁଦ୍ଧ ଷଣ୍ଢ, ହାତୀ, ଘୋଡ଼ା, ପେଚର୍ ସହିତ ଲେଡ଼ି, ଜ୍ଞାନୀ କାଉ ଏକ ପିକଚର୍ ଉପରେ ବସିଥିବା କୁମ୍ଭୀର, ସିଂହ,




We Make

• Etching • Beveling • H-Polish • Designers Glass
• Colour Etching • Hi-Polish Etc. • Decorative Mirror







MIRROR HOUSE

Plot No.-19, Rebati Nagar, Near Odiani Dhaba, Cuttack-Puri N.H., Bi-pass Road,
Bhubaneswar - 751002, Mob.: 9861150065, 9040483341, Email: shankar198611@gmail.com

ମୟୂର, ସାପ, ଟାଇଗର, ଜିରାଫ୍, ମୁଙ୍ଗୁସ୍ ଏବଂ ସାପ, ପ୍ରବନ୍ଧ, ପ୍ରତିମୂର୍ତ୍ତି, ଦୀପ ଛାୟା, ଆଶ୍ରମ, ସିଗାରେଟ୍ କେସ୍, ପେନ୍ ଷ୍ଟାଣ୍ଡ୍ ଏବଂ ହେର୍ (ବୋଗୋ) ସହିତ, ମହାରାଜା ଏବଂ ମିଥୁନା ଆଦି ପ୍ରସ୍ତୁତ ହେଉଥିଲା । ସେମାନେ ଯେକୌଣସି ଶିଙ୍ଗରେ ପ୍ରସ୍ତୁତ କରିବା ପାଇଁ ପାରଦର୍ଶିତା ଲାଭ କରିଛନ୍ତି । ବର୍ତ୍ତମାନ ଶିଙ୍ଗ ଶିଳ୍ପ ତିଆରିର ଏହି ଜିନିଷଗୁଡ଼ିକ ପ୍ରାୟ ଆଉ କୌଣସି କାରିଗରଙ୍କୁ ସେତେ ଜଣାନାହିଁ । ପାରଳାଖେମୁଣ୍ଡି ସହରର ପ୍ରାୟ ୫୦ଜଣ କାରିଗର ବର୍ତ୍ତମାନ ବିଭିନ୍ନ ଶିଙ୍ଗ ସାମଗ୍ରୀ ତିଆରିରେ ନିୟୋଜିତ ଅଛନ୍ତି । ଯେଉଁମାନଙ୍କ ମଧ୍ୟରେ କେବଳ ପଲିସିଂ କାମ କରନ୍ତି । ଶେଷରେ ଏତିକି କହିବି ବିଭିନ୍ନ ଶିଙ୍ଗ ବସ୍ତୁଗୁଡ଼ିକ କିପରି ତିଆରି ହୁଏ ତାହାର ହିସାବ ଦେବାପାଇଁ ସେଭଳି ବ୍ୟକ୍ତିତ୍ୱ ଆଉ ନାହାଁନ୍ତି ।

## ଶିଙ୍ଗ କାମର ପ୍ରସ୍ତୁତି

ପାରଳାଖେମୁଣ୍ଡି ଗଜାପାଟିଆଣ୍ଡ ଜିଲ୍ଲା ତଥା ଅନ୍ୟାନ୍ୟ ସ୍ଥାନରୁ କଞ୍ଚା ଶିଙ୍ଗଗୁଡ଼ିକ ଅଣାଯାଏ । ସଂଗୃହୀତ କଞ୍ଚା ଶିଙ୍ଗଗୁଡ଼ିକ ପ୍ରଥମେ ଗୁଣାତ୍ମକ ଦୃଷ୍ଟିରୁ ପୃଥକ କରାଯାଏ । ତାପରେ ଏହାକୁ ଥଣ୍ଡା ପାଣିରେ କିଛି ଘଣ୍ଟା ପାଇଁ ଭିଜାଇ ଦିଆଯାଏ, ଯାହା ଦ୍ୱାରା ଶିଙ୍ଗ କଠିନ ହୋଇଯାଏ । ଶିଙ୍ଗର ଆକୃତି ଏବଂ ଆକାରକୁ ନେଇ କାରିଗର ପ୍ରଥମେ ଫର୍ମ ଏବଂ ଶିଙ୍ଗରୁ ପ୍ରାପ୍ତ ଉତ୍ପାଦନ ବିଷୟରେ ଧାରଣା ନିଏ । ଏହାପରେ ଛୋଟ ହାତ ହତିଆର ମାଧ୍ୟମରେ ଏବଂ ଅଗ୍ନି ସାହାଯ୍ୟରେ ଇଚ୍ଛିତ ଆକୃତି ଦିଆଯାଏ । କୋଇଲା ପାଉଁଶ, ଚକଶକ୍ତି, ଅଙ୍ଗାର ଏବଂ ଗିରିଙ୍ଗା (Pterospermum reticulatum) ପତ୍ର ସାହାଯ୍ୟରେ ପଲିସ୍ କରାଯାଏ । ଏକ ଉପଯୁକ୍ତ ମୂଲ୍ୟ ବିଶ୍ଳେଷଣରୁ ଜଣାଯାଏ ଯେ ଏକ ଶିଙ୍ଗ ଶିଳ୍ପ ଉତ୍ପାଦନରେ କଞ୍ଚାମାଲ ୫ରୁ ୧୦% ହେବ । ଏବଂ ବେତନ ଉପାଦାନ ୭୦ରୁ ୭୫% ହୋଇପାରେ । ସମୁଦାୟ ଖର୍ଚ୍ଚ ୧୫ରୁ ୨୦% ମଧ୍ୟରେ ହୋଇପାରେ । ଯେହେତୁ ଶ୍ରମ ଉପାଦାନ ଅଧିକ, କାରିଗର ଅଧିକ ଉତ୍ପାଦନ କରିବାର ସମ୍ଭାବନା ଅଛି ଯଦି ସେ ଉତ୍ପାଦନ କରୁଥିବା ଜିନିଷ ଉଚ୍ଚମାନର କଳାତ୍ମକ ଗୁଣ ରହିବ ତାହାହେଲେ ତାହାର ସୌନ୍ଦର୍ଯ୍ୟ ଆହୁରି ଉଚ୍ଚ ଗୁଣର ହେବ ଏବଂ ଅଧିକ ପାରିଶ୍ରମିକ ମିଳିବ । ଶିଙ୍ଗ ହସ୍ତଶିଳ୍ପ କଳା କାରିଗରୀରେ ଜଣେ ଯଦି ସବୁଦିନ ପରିଶ୍ରମ କରନ୍ତି ତେବେ ମାସକୁ ପ୍ରାୟ ୧୦ରୁ ୧୬ ହଜାର ଟଙ୍କା ରୋଜଗାର କରିପାରିବ । ଏଥିରେ ବିଭିନ୍ନ ପ୍ରକାରର ଫୁଲଦାନୀ, ପେନ୍‌ଷ୍ଟାଣ୍ଡ, ଡଙ୍ଗା, ବିଭିନ୍ନ ପଶୁପକ୍ଷୀ ଭାବେ ବଗ, ମାଛ, କଙ୍କଡ଼ା, ଚିଙ୍ଗୁଡ଼ି, ଫୁଲ ଆଦି ସାମଗ୍ରୀ ତିଆରି ହେଉଛି ।

ସମସ୍ତଙ୍କ ଆଗରେ ଗୋଟିଏ ପ୍ରଶ୍ନ, କିପରି ବଞ୍ଚାଇ ହେବ ଏହି ଭାରତ ବିଖ୍ୟାତ ଲୁପ୍ତ ପ୍ରାୟ ବିରଳ ଶିଳ୍ପକଳାକୁ ? ବହୁ ବର୍ଷର ଉତ୍କର୍ଷ ଶିଳ୍ପ ନୈପୁଣ୍ୟ ଓ ଈଶ୍ୱରଦତ୍ତ କଳାକାରିଗରୀ କ୍ରମେ ନିଶ୍ଚିହ୍ନ ହେବା ନିଶ୍ଚୟ । ବହୁ ସ୍ୱପ୍ନ ଓ ସଂଘର୍ଷର ଜୀବନ ଜୀଉଁଥିବା ଏଇ ଶିଳ୍ପୀକୁଳ ଆର୍ଥିକ ଦୁର୍ଗତିର ଆବର୍ତ୍ତରେ କେତେ କାଳ ଅବାତିଷ୍ଠି ପାରିବେ ?

## ସେମାନେ ଯାହା କୁହନ୍ତି



**ପ୍ରଫୁଲ୍ଲ କୁମାର ମହାରଣା,** କାରିଗର ପରିବାର, ପାରଳାଖେମୁଣ୍ଡି

ଆଜକୁ ପ୍ରାୟ ୫୦ବର୍ଷ ଧରି ଏପରି ଶିଙ୍ଗ ହସ୍ତଶିଳ୍ପ କଳା କାରିଗରୀ କାମ କରି ଆସୁଛୁ । ଆମ ସହିତ ଆଉ କେତେଜଣ କାରିଗର ମଧ୍ୟ ଏହି କାମକୁ ଶିଖିଥାନ୍ତି । ଶିଙ୍ଗ ସଂଗ୍ରହ ପାଇଁ କେତେକ ବ୍ୟକ୍ତି ବିଭିନ୍ନ ସ୍ଥାନରୁ ମୃତ ମଇଁଷି, ବଳଦର ଶିଙ୍ଗକୁ ସଂଗ୍ରହ କରି ବିକ୍ରି କରିଥାନ୍ତି । ସେହି ଶିଙ୍ଗକୁ ଦେଖି ତା'ର ଦାମ ପରଖିଥାଉ । ଶିଙ୍ଗର କୌଣସି କଳାକୃତି ତିଆରି କରାଯିବା ପୂର୍ବରୁ କିଣା ଯାଇଥିବା ମଇଁଷ କିମ୍ବା ବଳଦ ଶିଙ୍ଗକୁ ସାଇଜ୍ କରି କାଟିଥାଉ । ଯେପରି ସୁବିଧାରେ ଉକ୍ତ ଶିଙ୍ଗରେ ସୁନ୍ଦର କଳାକୃତି ହୋଇପାରିବ ସେଥିପାଇଁ ଶିଙ୍ଗକୁ ନିଆଁରେ ନିର୍ଦ୍ଦିଷ୍ଟ ତାପମାତ୍ରାରେ ସେକି ସିଧା ଓ ବଙ୍କା କରା ଯାଇଥାଏ । ଏହା ପରେ ଶିଙ୍ଗ ଉପରେ ବିଭିନ୍ନ ଚିତ୍ର ଆଙ୍କି ତାକୁ ବିଭିନ୍ନ ଆକୃତିର ରୂପ ଦିଆଯାଏ । ତିଆରି ହୋଇଥିବା ଶିଙ୍ଗର ହସ୍ତକଳା କୃତିକୁ କିଛି ସମୟ ପାଣିରେ ଭିଜାଇ ରଖିବାକୁ ପଡ଼ିଥାଏ । ଏହାପରେ ସେହି କଳାକୃତିକୁ ମସୃଣ ବା ପଲିସ୍ କରାଯାଇଥାଏ । ଅବଶ୍ୟ ସ୍ଥଳବିଶେଷରେ କେତେକ କଳାକୃତିକୁ ଯୋଡ଼ିବା ପାଇଁ ତିଆରି ବେଳେ ଏକ ପ୍ରକାର ଅଠା ଓ ଲୁହାକଣ୍ଟା ବି ଏଥିରେ ବ୍ୟବହୃତ ହୋଇଥାଏ । ଶିଙ୍ଗରେ ପ୍ରସ୍ତୁତ ବିଭିନ୍ନ କଳାକୃତିକୁ ବିକ୍ରି ପାଇଁ ହସ୍ତଶିଳ୍ପୀ କାରିଗରମାନେ ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ ମେଳା ଓ ମହୋତ୍ସବକୁ ଯାଇଥାନ୍ତି ।



**ଶୈଳବାଳା ମହାରଣା,** କାରିଗର ପରିବାର, ପାରଳାଖେମୁଣ୍ଡି

ମୁଁ ପିଲାଦିନରୁ ଏହି କାମ ଶିଖିଛି । ସ୍ୱାମୀଙ୍କ  ସହିତ ପିଲାମାନଙ୍କ ସହିତ ବହୁତ ସ୍ଥାନ ଯାଇଛି । କଟକ, ଭୁବନେଶ୍ୱର, ବାରିପଦା, ରାଉରକେଲା, ରାଇରଙ୍ଗପୁର, ବାଲେଶ୍ୱର ଓ ରାଜ୍ୟ ବାହାରକୁ ଯେମିତି ବମ୍ବେ, ଗୋଆ, ହାଇଦ୍ରାବାଦ ଆଦିରେ ମେଳାରେ ଯୋଗ ଦଇଛି । ଶିଙ୍ଗ କଳାକୃତି ପ୍ରାୟ ୨୦ ଟଙ୍କାରୁ ଆରମ୍ଭ କରି ପାଞ୍ଚ ହଜାର ଦଶ ହଜାର ପର୍ଯ୍ୟନ୍ତ ଟଙ୍କାରେ ବିକ୍ରି ହୋଇଥାଏ । ଶିଙ୍ଗ ପାନିଆ ଓ ଶିଙ୍ଗ ତିଆରି ବିଭିନ୍ନ କଳାକୃତିର ଚାହିଦା ରହିଥିଲେ ମଧ୍ୟ ଆଜିକାଲି ଶିଙ୍ଗର ଅଭାବ ଯୋଗୁ ଦିନକୁ ଦିନ ଏହି ହସ୍ତଶିଳ୍ପ କମି କମି ଯାଉଛି ।



**ଅକ୍ଷୟ କୁମାର ପାଣିଗ୍ରାହୀ,** ସ୍ଥାନୀୟ ଅଧିବାସୀ

ଶିଙ୍ଗଶିଳ୍ପ ଦ୍ୱାରା ସେତେବେଳେ ଅନେକ ପରିବାର ଜୀବିକା ନିର୍ବାହ କରୁଥିଲେ । ଏବେ ସବୁ ଦରଦାମର ଅହେତୁକ ବୃଦ୍ଧି ହେତୁ ଏହା ଉପରେ ପ୍ରଭାବ ପଡୁଛି । ଶିଙ୍ଗ ଶିଳ୍ପର କୁଶଳୀ କାରିଗରମାନେ କଳାର କରାଳ ଗତିରେ ଲୀନ ହୋଇ ଗଲେଣି । ପୂର୍ବପରି ଲୋକମାନଙ୍କର ସେତେ ଆଦର ନାହିଁ । ଦୀର୍ଘ ଦୁଇ ତିନି ବର୍ଷ ଯେଉଁମାନେ ଏହି ପେସାକୁ ଆପଣେଇଥିଲେ, ବିକ୍ରି ନଥିବାରୁ ଅନ୍ୟାନ୍ୟ ପନ୍ଥା ଆଦରିଲେଣି । ସରକାରଙ୍କ ପ୍ରୋତ୍ସାହନ ଅଭାବରୁ ଏହି ଶିଳ୍ପ କଳା ଧିରେ ଧିରେ ଲୋପ ହେବାକୁ ଲାଗିଲାଣି ।



**ଅମୀୟ ନୃସିଂହ ପଟ୍ଟନାୟକ,** ଅଧ୍ୟାପକ

ବେତ ବାଉଁଶ ପରି ଶିଙ୍ଗକାମ ଏକ ଅନନ୍ୟ କଳାକୃତି । ଜାଇକାଠି କାରୁକାର୍ଯ୍ୟ ତିଆରି କରି ନିଆରା କାରିଗରୀର ପ୍ରମାଣ ଦେଇଛନ୍ତି ଏହି ଅଞ୍ଚଳ । ଓଡ଼ିଆ, ଶବର ଓ ତେଲୁଗୁ ସମ୍ପ୍ରଦାୟର ଭାଷାଭାଷୀ ଲୋକେ ଏଠାରେ ବସବାସ କରୁଥିବା ବେଳେ ସମସ୍ତେ ଶାନ୍ତିପ୍ରିୟ ଏବଂ ପରସ୍ପର ମଧ୍ୟରେ ଭାଇଚାରା ରହି ଆସିଛି । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏହି ଉପାନ୍ତ ଅଞ୍ଚଳ ସର୍ବଦା ଚଳଚଞ୍ଚଳ ରାଜରାଜୁଡ଼ା ଅମଳରେ ବିଦ୍ୟା ନଗରୀ ଭାବେ ପରିଚିତ ଥିଲା ପାରଳା । ଏହା ଅତ୍ୟାଧୁନିକ ଜ୍ଞାନ କୌଶଳରେ ନିର୍ମିତ ହୋଇଥିଲା । ଶିଙ୍ଗ କଳାକୃତିକୁ ଏବେ ବି ଲୋକମାନେ ଆଦର କରୁଛନ୍ତି । କଞ୍ଚାମାଲର ଅଭାବ ଏବଂ ବଜାରରେ ବିକ୍ରୟ ମାନ୍ଦା ଥିବାରୁ କାରିଗରମାନେ ନିରୁତ୍ସାହିତ ହେଉଛନ୍ତି ।

# ଇଏ ବି ଜଣେ ରେବତୀ






**ଶ୍ରୀ ଗୋବିନ୍ଦ ଦାସ**

ସାନମଛୁଆଘାଇ, ରାଜଘର ପୋଖରୀ,
ବାସୁଦେବପୁର, ଭଦ୍ରକ
ଫୋନ୍ :୭୦୦୮୯୧୩୫୮୯
ଫଟୋ ସୌଜନ୍ୟ : ଲେଖକ


ଏ ନାରୀର ନାଁ ବନ୍ଦନା ହରିଚନ୍ଦନ । କାମ ଅସାଧାରଣ । ଜୀବନର ବ୍ରତ ଜନସେବା । ମାନସିକ ଅନଗ୍ରସର ଲୋକଙ୍କ ପାଇଁ ସେ ଦେବୀ । ଜଣେ ଉତ୍ସର୍ଗୀକୃତ ନିଃସ୍ୱାର୍ଥପର ମହିଳା ବନ୍ଦନା ଏଥର 'ରେବତୀ'ର ପ୍ରସଙ୍ଗ । ଗୋବିନ୍ଦ ଦାସଙ୍କ ଉପସ୍ଥାପନା ।

## ବନ୍ଦନୀୟା ବନ୍ଦନା

ସମାଜରେ ଏମିତି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ନିଜକୁ ନୁହେଁ ନିଜ କର୍ମକୁ ଗୁରୁତ୍ୱ ଦେଇ ଅନେକ କିଛି ମହତ କାର୍ଯ୍ୟ କରିଥାନ୍ତି । ସେମାନଙ୍କ ପାଇଁ ପରିଚୟ ସେମାନଙ୍କ କର୍ମ । ସେହି କର୍ମ ବଳରେ ଦୁନିଆ ଜିଣି ପାରନ୍ତି, ଦୁନିଆ ବି ତାଙ୍କୁ ଜାଣିପାରେ । ସେମିତି ଜଣେ ନିଆରା ଚରିତ୍ର ହେଲେ ବନ୍ଦନା ହରିଚନ୍ଦନ । ନିଜକୁ ନାରୀ ବୋଲି କେବେ ଅବଳା-ଦୁର୍ବଳା ଭାବି ନାହାନ୍ତି, ବରଂ ସାହସର ସହ ଅନେକ କାର୍ଯ୍ୟକୁ ଧୈର୍ଯ୍ୟ ଧରି କରିଛନ୍ତି । ନିଜ ଜୀବନକୁ ବାଜି ଲଗାଇ ଅନେକଙ୍କ ମୁହଁରେ ହସ ଫୁଟାଇବାକୁ ସଦାସର୍ବଦା ପ୍ରୟାସ କରିଥାନ୍ତି । ସେ ଜଣେ କେବଳ ସମାଜସେବୀ ଭାବରେ ପରିଚୟ ସୃଷ୍ଟି କରିନାହାନ୍ତି ବରଂ ସାହିତ୍ୟିକା, ସାମ୍ବାଦିକା ଭାବରେ ମଧ୍ୟ ନିଜର ସ୍ୱତନ୍ତ୍ରତା ବଜାୟ ରଖିଛନ୍ତି ।

ପିତା ନିରଞ୍ଜନ ମହାନ୍ତି ଓ ମାତା ଅନ୍ନପୂର୍ଣ୍ଣା ମହାନ୍ତିଙ୍କ ଔରସରୁ ୧୪ ସେପ୍ଟେମ୍ବର ୧୯୮୩ ମସିହାରେ ଜନ୍ମଗ୍ରହଣ କରିଥିଲେ । ଜୀବନଯାତ୍ରା ଭୁବନେଶ୍ୱରରୁ ଆରମ୍ଭ ହୋଇଥିଲେ ବି ଆଜି ତାଙ୍କ ପ୍ରତିଭାର ମହକ ଦିଗ୍‌ବିଦିଗରେ ବିଚ୍ଛୁରିତ ହୋଇଛି । ଶିକ୍ଷା ଗ୍ରହଣ ଠାରୁ ପୁଣି ସମାଜସେବା ଯାଏଁ କେନ୍ଦ୍ରବିନ୍ଦୁ ଭାବରେ ଭୁବନେଶ୍ୱରରେ ରହିଥିଲେ ବି ସାରା ଓଡ଼ିଶାର ଜଣେ ସାହିତ୍ୟିକା ଓ ସମାଜସେବୀ ଭାବରେ ପରିଚିତ ସେ । ପାଠପଢ଼ା ସମୟରୁ ବିଭିନ୍ନ ସାହସିକତା ପ୍ରଦର୍ଶନପୂର୍ବକ ଅନେକ ଖେଳକୁଦ କରି ମଧ୍ୟ ଦକ୍ଷତାର ଆଉ ଏକ ପ୍ରମାଣପତ୍ର ନିଜ ଜୀବନ ସହିତ ଯୋଡ଼ି ଦେଇଛନ୍ତି । ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରୁ ସେ କବାଡ଼ି ପ୍ରତିଯୋଗିତାରେ ଭାଗ ନେଇ ରାଜ୍ୟର ବିଭିନ୍ନ ଅଞ୍ଚଳ ତଥା ରାଜ୍ୟ ବାହାରେ ଅନେକ ସ୍ଥାନରେ ସୁନାମ ଅର୍ଜନ କରିଛନ୍ତି ।





ସେ ଜଣେ ନାରୀ କେବଳ ନୁହନ୍ତି ବରଂ ଅନେକ କାର୍ଯ୍ୟକୁ ଏକ ମନ ଧ୍ୟାନ ଦେଇ ସମାପନ କରିପାରୁଥିବା ବହୁଧା ପ୍ରତିଭା । ମାନସିକ ଅନଗ୍ରସରଙ୍କ ଉପରେ ସେ ଅନେକ କିଛି କାର୍ଯ୍ୟ କରି ସମାଜର ଉଦାହରଣ ସାଜି ପାରିଛନ୍ତି । ଏମିତି ଏକ ଘଟଣା ତାଙ୍କ ଜୀବନର ମୋଡ଼ ବଦଳାଇଥିଲା । ସେ ୨୦୦୩ ମସିହାରେ ସଂଜୀବ କୁମାର ହରିଚନ୍ଦନଙ୍କୁ ବିବାହ କରିବା ପରେ ୨୦୦୫ରେ ପୁତ୍ର ସନ୍ତାନଟିଏ ଲାଭ କରିଥିଲେ । ଭଗବାନଙ୍କ ବିଚିତ୍ର ସୃଷ୍ଟିରେ ପୁଅଟିର ମାନସିକ ଅନଗ୍ରସରତା ଦେଖିବାକୁ ମିଳିଥିଲା । ସେ ଭାରତର ଅନେକ ବଡ଼ ବଡ଼ ହସ୍‌ପିଟାଲ୍‌ରେ ଚିକିତ୍ସା କରାଇ ନୟାନ୍ତ ହୋଇ ପଡ଼ିଥିଲେ । ବୁଝିଥିଲେ ମାନସିକ ଅନଗ୍ରସର ଶିଶୁଟିଏ ଭବିଷ୍ୟତରେ କେତେ ଅସହାୟ ଏ ପୃଥିବୀରେ । ସେଥିପାଇଁ ତୁତୁନ୍ ଫାଉଣ୍ଡେସନ୍ ନାମକ ଏକ ସାମାଜିକ ସଂଗଠନ କରି ମାନସିକ ଅନଗ୍ରସରଙ୍କ ପାଇଁ କାମ କରିବାକୁ ଆଗେଇ ଆସିଲେ । ସେ ସେମାନଙ୍କ ପାଇଁ ଏକ ଆଶ୍ରମ ପ୍ରତିଷ୍ଠା କରି ଥଇଥାନ କରିବା ସହ ସେମାନଙ୍କ ସୁଖଦୁଃଖରେ ସାମିଲ ହୋଇ ଏକ ଆଲୋକବର୍ତ୍ତିକା ସଦୃଶ ଅନେକଙ୍କ ପାଇଁ ଉଦାହରଣ ସାଜିଛନ୍ତି । କେବଳ ଏତିକି ନୁହେଁ ମାନସିକ ଅନଗ୍ରସର ଗରିବ ଅସହାୟଙ୍କ ପାଇଁ ମଧ୍ୟ ଆର୍ଥିକ ସାହାଯ୍ୟ ଯୋଗାଇବା ଠାରୁ କ୍ୟାନ୍ସର ପୀଡ଼ିତଙ୍କ ପାଇଁ ସହଯୋଗର ହାତ ସବୁବେଳେ ବଢ଼ାଇ ଆସିଛନ୍ତି । ନିମାନ୍ସ ପ୍ରତିଷ୍ଠାନରୁ ତାଙ୍କୁ ଏଥିପାଇଁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ମଧ୍ୟ ମିଳିଛି । ସେ ଶହ ଶହ ସଂଗଠନ ଦ୍ୱାରା ଏହି ସମାଜସେବା ପାଇଁ ସମ୍ବର୍ଦ୍ଧିତ ହୋଇଛନ୍ତି ।



▶ ବନ୍ଦନା ହରିଚନ୍ଦନ

ସାହିତ୍ୟରେ ମଧ୍ୟ ତାଙ୍କର ରହିଛି ରୁଚି । ସେ ସୃଜନଶୀଳତାକୁ ସର୍ବଦା ଗୁରୁତ୍ୱ ଦେଇ ସୃଷ୍ଟି କରିଛନ୍ତି ସାହିତ୍ୟରେ ଅନେକ ପାଠକୀୟତା । ପାପୁଲିଏ ପ୍ରେମ, ନିଶବ୍ଦ ପରଶ, ତୁ ସମୁଦ୍ର ମୁଁ ଶୋଷ ଭଳି ଅନେକ ସଂକଳନର ସେ ସ୍ରଷ୍ଟା ।

ତୁତୁନ୍ ଟିଭି ନାମରେ ଏକ ୱେବ୍ ଚ୍ୟାନେଲ କରି ସମାଜର ଅନେକ ସମସ୍ୟା ସମାଧାନ କରିବା ଓ ନିରପେକ୍ଷ ଭାବରେ ସାମ୍ବାଦିକତାକୁ ସ୍ୱଚ୍ଛ ନିର୍ମଳ ରଖିବା ଦିଗରେ ମଧ୍ୟ କାର୍ଯ୍ୟରତ ସେ । କେବଳ ତୁତୁନ୍ ଫାଉଣ୍ଡେସନ ନୁହେଁ ଅନେକ ଅନୁଷ୍ଠାନ ସହିତ ବ୍ୟକ୍ତିଗତ ଭାବରେ ଜଡ଼ିତ ସେ । ସ୍ୱାଧୀନ ଫାଉଣ୍ଡେସନ, ଦିଶା ଭଳି ସଂଗଠନରେ ସଭାପତି ଭାବରେ କାର୍ଯ୍ୟ କରୁଛନ୍ତି ।

ଜଣେ ମହିଳା ଭାବରେ ଏତେ କାମ କରିବା ପଛରେ ସ୍ୱାମୀ ସଂଜୀବ କୁମାର ହରିଚନ୍ଦନଙ୍କ ସହଯୋଗ ସବୁବେଳେ ରହିଆସିଛି ବୋଲି ସେ ଆମକୁ କୁହନ୍ତି ।

# କଥାକାର କନ୍ହେଇଲାଲ ଦାସଙ୍କ ୭୫ତମ ଜୟନ୍ତୀ ସମାରୋହ

## ଫିନେକ୍ସ ପକ୍ଷୀ ପରି କାଳଜୟୀ କନ୍ହେଇ




ବାଲେଶ୍ୱର: କନ୍ହେଇ ଜଣେ ଅମ୍ଳାନ ପ୍ରତିଭା । ତାଙ୍କର କାଳଜୟୀ ଗଳ୍ପ ସମସ୍ତଙ୍କୁ ଗୋଟିଏ ସ୍ଥାନକୁ ଆଜି ଟାଣି ଆଣିଛି । ଯେତେ ସମସ୍ୟା ଥିଲେ ବି କନ୍ହେଇ ଡୁବି କି ଦବି ଯାଇନଥିଲେ । ବରଂ ମାତ୍ର ସାଢ଼େ ୭ ବର୍ଷ ଭିତରେ ସେ ଯେଉଁ ସାହିତ୍ୟ ସୃଷ୍ଟି କରି ଯାଇଛନ୍ତି ତାହା ଅକଳ୍ପନୀୟ । ବାଲେଶ୍ୱର ମାଟିରେ କନ୍ହେଇର ପ୍ରେମ ଅଛି, ତାହା କେବେ ମରିବ ନାହିଁ । କନ୍ହେଇ ସହିତ ଜଣେ କଥା ହେଲେ ସେ କନ୍ହେଇକୁ ଶ୍ରଦ୍ଧା କରିବ ନ ହେଲେ ପ୍ରେମ କରିବ । କନ୍ହେଇ ପ୍ରେମକୁ ପାଳିଛି, ପୋଷିଛି, ନଷ୍ଟ କରିଛି ପୁଣି ତାକୁ ଏକଜୁଟ୍ କରି ଛାଡ଼ିଦେଇଛି ବୋଲି ମିଳିତ ସହଯୋଗରେ ଅନୁଷ୍ଠିତ ୭୫ତମ କନ୍ହେଇ ସ୍ମୃତି ସମାରୋହରେ ଅତିଥିମାନେ ମତ ରଖିଥିଲେ । ସ୍ମୃତି ସଂସଦର ସଭାପତି ଡକ୍ଟର ସୁବାସ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କଥାଶିଳ୍ପୀ ଶ୍ୟାମା ପ୍ରସାଦ ଚୌଧୁରୀ ଯୋଗ ଦେଇ କନ୍ହେଇ ଜଣେ ଈର୍ଷଣୀୟ ପ୍ରତିଭା ଥିଲେ ବୋଲି କହିବା ସହ କିଛି ଶବ୍ଦକୁ ଅସହାୟ ମନେ କରିବା ଏବଂ ତାଙ୍କୁ ନେଇ ଲେଖିବା ଏହା କନ୍ହେଇଲାଲଙ୍କ ଠାରେ ମୁଁ ଲକ୍ଷ୍ୟ କରିଥିଲି ବୋଲି ସେ କହିଥିଲେ । ମୁଖ୍ୟବକ୍ତା ଭାବେ କଥାକାର ଭୀମ ପୃଷ୍ଟି ଯୋଗ ଦେଇ କନ୍ହେଇଲାଲଙ୍କ ଜୀବନ ବ୍ୟାପୀ ସାହିତ୍ୟ ଆଲୋଚନା କରିବାକୁ ଯାଇ କହିଥିଲେ, ଦାରିଦ୍ର୍ୟ ମଣିଷକୁ ମୂକ କରିଦିଏ, ନହେଲେ ପ୍ରେମରେ ପକାଏ । ମୁଁ ଏଠାରେ କନ୍ହେଇଙ୍କ ଅସ୍ତିତ୍ୱ ଓ ପ୍ରେମକୁ ଅନୁଭବ କରିପାରୁଛି । ବାଲେଶ୍ୱର ହେଉଛି ପୁରାଣର ଭୂମି । ଏହି ପୁରାଣ ଭୂମିରୁ ଆସି ରାଜଧାନୀରେ ଡେରା ପକାଇଥିଲେ କନ୍ହେଇ । ଓଡ଼ିଆ ଗଳ୍ପର ସେ ଅମୃତ ସନ୍ତାନ । ସ୍ୱଳ୍ପ ଜୀବନକାଳରେ ଯେଉଁ କାଳଜୟୀ ଗଳ୍ପ ସୃଷ୍ଟି କରିଛନ୍ତି, ଫିନେକ୍ସ ପକ୍ଷୀ ପରି କନ୍ହେଇ ବାରମ୍ବାର ପୁନର୍ଜୀବିତ ହେଉଥିବେ । ଏହି ଅବସରରେ ଶ୍ରୀ ପୃଷ୍ଟି କନ୍ହେଇଙ୍କୁ ନେଇ ୪ଟି ଦାବି ଉପସ୍ଥାପନ କରିଥିଲେ । କନ୍ହେଇଙ୍କ ଅନନ୍ୟ କୃତିକୁ ବିଭିନ୍ନ ଭାଷାରେ ଅନୁବାଦ କରାଯାଉ, ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମରେ ତାଙ୍କ କୃତି ସାମିଲ କରାଯାଉ, ବାଲେଶ୍ୱରରେ କନ୍ହେଇ ଯାତାୟତ କରୁଥିବା ରାସ୍ତାକୁ ତାଙ୍କ ନାମରେ ନାମିତ କରାଯାଉ ଏବଂ ବାଲେଶ୍ୱରରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରାଯାଉ ବୋଲି ଦାବି ରଖିଥିଲେ । ଏହି ଅବସରରେ ଚଳିତ ବର୍ଷ ମର୍ଯ୍ୟାଦାଜନକ କନହେଇ କଥା ପୁରସ୍କାର କେନ୍ଦ୍ରାପଡ଼ାର ଯୁବ ଗାଳ୍ପିକ ବିରଜା ରାଉତରାୟଙ୍କୁ ପ୍ରଦାନ କରାଯାଇଥିଲା । ପୁରସ୍କାର ଗହଣ ପରେ ଶ୍ରୀ ରାଉତରାୟ କହିଥିଲେ, ଯେଉଁମାନେ ସମାଜର ମୁଖ୍ୟସ୍ରୋତରୁ ଦୂରରେ ରହିଛନ୍ତି, ସାହିତ୍ୟ ପୃଷ୍ଠାରେ କ୍ୱଚିତ ସ୍ଥାନ ପାଉଛନ୍ତି । ସେମାନଙ୍କୁ ଆଗକୁ ବଢ଼ିବାରେ ପ୍ରୋତ୍ସାହିତ କରାଯିବା ଉଚିତ । କବି ତଥା ସ୍ମୃତି ସଂସଦ ଆବାହକ ଶ୍ରୀଦେବ ମଂଚ ଆହ୍ୱାନ କରିଥିଲେ । ଅନ୍ୟତମ ଆବାହକ ଗୌତମବୁଦ୍ଧ ଦାସ କନ୍ହେଇଙ୍କ ଡାଏରୀରୁ କିଛି ଅଂଶ ପାଠ କରିବା ସହିତ ଓଡ଼ିଆ ସାହିତ୍ୟରେ କନ୍ହେଇ ଜଣେ ବିସ୍ମୟ ପ୍ରତିଭା ବୋଲି ବୋଲି କହିଥିଲେ । ସଂସଦର କାର୍ଯ୍ୟକାରୀ ସଭାପତି କୃଷ୍ଣ କୁମାର ମହାନ୍ତି ମାନପତ୍ର ପାଠ କରିଥିବା ବେଳେ ସମ୍ପାଦକ ଉତ୍ପଳ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । କମର୍ଦ୍ଦା କନ୍ହେଇଲାଲ ଦାସ ସ୍ମୃତି ସଂସଦ ସଭାପତି ଡକ୍ଟର ବିଜୟ ମିଶ୍ର ଉପସ୍ଥିତ ରହି କନ୍ହେଇଙ୍କ ଜୀବନୀ ଓ ସାହିତ୍ୟ ସମ୍ପର୍କରେ ଆଲୋକପାତ କରିଥିବା ବେଳେ କିଶୋରୀ କିଙ୍କର ଦାସ କନହେଇଙ୍କ ସୃଷ୍ଟି କବିତାକୁ ପାଠ କରିଥିଲେ । ଯାଦବେଶ ମିଶ୍ର ଅତିଥି ପରିଚୟ ଦେଇଥିବା ବଳେ ରାଜେଶ ଗିରି ଧନ୍ୟବାଦ ଅର୍ପଣ କିରଥିଲେ । ଏହି ସମାରୋହରେ ସଂସଦର ସମସ୍ତ କର୍ମକର୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏଥିରେ ବହୁ ସାହିତ୍ୟିକ, ବୁଦ୍ଧିଜୀବୀ ଓ କନ୍ହେଇ ପ୍ରେମୀ ଉପସ୍ଥିତ ଥିଲେ ।

# ବାଲେଶ୍ୱରରେ ଉନ୍ମୋଚିତ ହେଲା ଶତ୍ରୁଜିତ୍ଙ୍କ 'ସେଇସବୁ ଦିନ'




ବାଲେଶ୍ୱର:ପଶ୍ଚିମା ପବ୍ଲିକେଶନ୍ ଦ୍ୱାରା ପ୍ରକାଶିତ ପ୍ରତିଷ୍ଠିତ ଲେଖକ ଶତ୍ରୁଜିତଙ୍କ ଲଳିତ ନିବନ୍ଧ ସଂକଳନ 'ସେଇସବୁ ଦିନ' ଫକୀରମୋହନ ବିଶ୍ୱବିଦ୍ୟାଳୟର ପୁରାତନ କ୍ୟାମ୍ପସ୍ ପରିସର ସମ୍ମିଳନୀ କକ୍ଷରେ ଉନ୍ମୋଚିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ସନ୍ତୋଷ କୁମାର ତ୍ରିପାଠୀ ଯୋଗ ଦେଇ ପୁସ୍ତକଟିକୁ ଉନ୍ମୋଚନ କରିଥିଲେ । ଏହି ଅବସରରେ କୁଳପତି ପ୍ରଫେସର ତ୍ରିପାଠୀ କହିଥିଲେ, ଲେଖକର ଦୃଷ୍ଟିକୋଣ ସବୁବେଳେ ସଂକୀର୍ଣ୍ଣ ନହୋଇ ବ୍ୟାପକ ହେବା ଆବଶ୍ୟକ । ପରିସ୍ଥିତି ଓ ପରିବେଶ ଲେଖକକୁ ସ୍ପର୍ଶ କରି ଭାବମୟ କରିପାରିଲେ 'ସେଇସବୁ ଦିନ' ଭଳି ପୁସ୍ତକ ଲେଖା ହୋଇଥାଏ । ପ୍ରାରମ୍ଭରେ ଲେଖକ ଶତ୍ରୁଜିତ ନିଜର ଲେଖକୀୟ କଥା ରଖି ଫକୀରମୋହନ ଗୋଲେଇ ଚା' ଖଟିର ଏକ ମୁହୂର୍ତ୍ତ କେମିତି ଗୋଟିଏ ପୁସ୍ତକ ଲେଖିବା ପାଇଁ ପ୍ରେରଣା ଯୋଗାଇଲା, ସେନେଇ କହିଥିଲେ । ସମ୍ମାନିତ ଅତିଥି ଭାବେ କବି ଶ୍ରୀଦେବ ଯୋଗଦେଇ ସାରସ୍ୱତ ଚା' ଖଟିମାନ ଆମ ଭାଷା ସାହିତ୍ୟକୁ ସମୃଦ୍ଧ କରିବାରେ ବିଶେଷ ସହାୟକ ହୋଇଥାଏ ବୋଲି କହିଥିଲେ । କବି ପ୍ରଶାନ୍ତ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଫକୀରମୋହନ ବିଶ୍ୱବିଦ୍ୟାଳୟ ଭାଷା ସାହିତ୍ୟ ବିଭାଗର ସହଯୋଗୀ ପ୍ରଫେସର ଡକ୍ଟର ଦେବାଶିଷ ପାତ୍ର ସଂଚାଳନ କରିଥିଲେ । ଶେଷରେ ଫକୀରମୋହନ ଗୋଲେଇ ଚା' ଖଟି ତରଫରୁ ଲେଖକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରା ଯାଇଥିଲା । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ 'ସମାଜ'ର ଡେସ୍କ ଇନ୍‌ଚାର୍ଜ ଶଶିରଂଜନ ମଲ୍ଲିକ, ରାଜେଶ ଗିରି, କବି ଅଭୟ ଦାସ, କବି ସୁଦାମବନ୍ଧୁ ଭଞ୍ଜମିଶ୍ର, କବି ଉତ୍ପଳ ମହାନ୍ତି, କବି ମଧୁ ମିଶ୍ର, କବି ଇନାୟତ ଅଲ୍ଲୀ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ତୁଷାରକାନ୍ତି ତପସ୍ୱୀ ଓ ଗୋବିନ୍ଦ ଦଳେଇ ପ୍ରମୁଖ । ଶେଷରେ କୁଳପତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ଏଫ୍‌ଏମ୍‌ୟୁରେ ଫକୀରମୋହନ ସାହିତ୍ୟଘର ପକ୍ଷରୁ କବିତା ଆସର

ବାଲେଶ୍ୱର: ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍-ରଜତ ଜୟନ୍ତୀ ପାଳନ ଅବସରରେ ଫକୀରମୋହନ ସାହିତ୍ୟଘର ଆନୁକୂଲ୍ୟରେ ଏକ ସ୍ୱତନ୍ତ୍ର କବିତା ଆସର ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ପୃଷ୍ଠପୋଷକତାରେ ଅନୁଷ୍ଠିତ ଏହି କବିତା ଆସରରେ ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ବରେଣ୍ୟ କବିବୃନ୍ଦ ଯୋଗ ଦେଇ ନିଜନିଜର କବିତା ଆବୃତ୍ତି କରିଥିଲେ । ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ମୁନେଶ୍ ଚନ୍ଦ୍ର ଅଧିକାରୀ ଏଥିରେ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ବରେଣ୍ୟ କବି ହୃଦାନନ୍ଦ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱବିଦ୍ୟାଳୟ ପରିସର ମଧ୍ୟରେ କବି ସମ୍ମିଳନୀ ତଥା କବି ଆସର ମାଧ୍ୟମରେ କବିମାନଙ୍କୁ ଉତ୍ସାହିତ ଓ ସମ୍ବର୍ଦ୍ଧିତ କରିବା ଦ୍ୱାରା ସମାଜରେ କବିମାନଙ୍କୁ ସମ୍ମାନ ଓ ଆଦର ମିଳିବା ସହିତ ସାଧାରଣ ଲୋକେ ସାହିତ୍ୟ ଅନୁରାଗୀ ହେବାରେ ମଧ୍ୟ ଏହା ସହାୟକ ହୋଇପାରିବ ବୋଲି କହିଥିଲେ । ବରେଣ୍ୟ କବି ହରିଶ୍ଚନ୍ଦ୍ର ବେହେରା ଓ କବି ଶ୍ରୀଦେବ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଏପରି କବିତା ଆସର




ଫକୀରମୋହନ ବିଶ୍ୱବିଦ୍ୟାଳୟର ଏକ ଅଭିନବ ଚିନ୍ତାଧାରା ଏବଂ ଏହି ପ୍ରକାରର ପଦକ୍ଷେପମାନ ସାହିତ୍ୟର ପ୍ରଚାର ଓ ପ୍ରସାର ଦିଗରେ ବିଶେଷ ସହାୟକ ହୋଇ ପାରିବ ବୋଲି ମତ ଦେବା ସହ ପଠିତ କବିତାଗୁଡ଼ିକର ସମୀକ୍ଷା କରିଥିଲେ । ଏହି ସ୍ୱତନ୍ତ୍ର କବିତା ଆସରରେ ୧୫ ଜଣ କବି ଯୋଗ ଦେଇ କବିତା ଆବୃତ୍ତି କରିଥିଲେ । ଅଭୟ ଦାସ, ଅନିଲ ମହାପାତ୍ର, ଉତ୍ପଳ ମହାନ୍ତି, କୃଷ୍ଣ କୁମାର ମହାନ୍ତି, ପ୍ରଶାନ୍ତ ଦାସ, ବିମଳ ଜେନା, ବାବୁଲୁ ପଧାନ, ମନସ୍ୱିନୀ ଦେବୀ, ରଞ୍ଜନ ବାଗ, ଶୁଭେନ୍ଦୁ ଦାସ, ଶୈଳବାଳା ବେହେରା, ଶ୍ରୀଦେବ, ସାବିତ୍ରୀ କବି, ସିତାଂଶୁ ଲେଙ୍କା, ସଞ୍ଜିତ ବଳ ପ୍ରମୁଖ ବିଭିନ୍ନ ବିଷୟରେ ନିଜର କବିତା ଉପସ୍ଥାପନ କରିଥିଲେ । ଏହି ଅବସରରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସମସ୍ତ କବିଙ୍କୁ ବିଶ୍ୱବିଦ୍ୟାଳୟର ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଡକ୍ଟର ଦେବାଶିଷ ପାତ୍ର ସଂଯୋଜନା କରିଥିବା ବେଳେ ଡକ୍ଟର ପ୍ରହ୍ଲାଦ ଖିଲ ଧନ୍ୟବାଦ ଦେଇଥିଲେ । ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି କବିମାନଙ୍କୁ ଉତ୍ସାହିତ କରିଥିଲେ ।

# ଆମ୍‌ଷ୍ଟାର୍‌ଡାମ୍ ବିଶ୍ୱବିଦ୍ୟାଳୟ ବାର୍ଷିକ ମୁଖପତ୍ର ପ୍ରଚ୍ଛଦରେ ସ୍ଥାନ ପାଇଲେ ଚିଦାନନ୍ଦ ଅର୍ପିତା

ବାଲେଶ୍ୱର: ନେଦରଲାଣ୍ଡର ରାଜଧାନୀରେ ସୁପ୍ରସିଦ୍ଧ ଆମଷ୍ଟରଡାମ୍ ବିଶ୍ୱବିଦ୍ୟାଳୟରେ ଶିକ୍ଷାବୃତ୍ତି ପାଇ ଅର୍ବାନ୍ ଆଣ୍ଡ୍ ରିଜିଓନାଲ ପ୍ଲାନିଂରେ ସ୍ନାତକୋତ୍ତର ପାଠ୍ୟକ୍ରମରେ ଅଧ୍ୟୟନ କରିବାକୁ ଯାଇଥିବା ବାଲେଶ୍ୱରର ଝିଅ ଚିଦାନନ୍ଦ ଅର୍ପିତା ପୁଣି ଏକ ବିଶେଷ ସଫଳତା ଅର୍ଜନ କରିଛନ୍ତି । ଥେସିସ୍ ପରୀକ୍ଷାରେ ସେ ଏକ୍ସଲେଣ୍ଟ ଗ୍ରେଡ ହାସଲ କରିବା ସହିତ ବିଶ୍ୱବିଦ୍ୟାଳୟର ବାର୍ଷିକ



ମୁଖପତ୍ର 'ସାଇନ୍ସ କନେକ୍ଟର' ପ୍ରଚ୍ଛଦରେ ସ୍ଥାନ ପାଇଛନ୍ତି । ପ୍ରତିବର୍ଷ ବିଶ୍ୱବିଦ୍ୟାଳୟର ଜଣେ ଶ୍ରେଷ୍ଠ ବିଦ୍ୟାର୍ଥୀଙ୍କୁ ଏଥିରେ ସ୍ଥାନିତ କରିବାର ପରମ୍ପରା ଦୃଷ୍ଟିରୁ ଅର୍ପିତାଙ୍କୁ ଏହି ଦୁର୍ଲଭ ସୁଯୋଗଟି ମିଳିଛି । ବିଶ୍ୱବିଦ୍ୟାଳୟରେ କୌଣସି ବିଦ୍ୟାର୍ଥୀଙ୍କ ଫୁଲ୍ ଗ୍ରାଣ୍ଟ୍ ସ୍କଲାରଶିପ୍ ମିଳିବା ମଧ୍ୟ ଏକ ବିରଳ ସୁଯୋଗ ବୋଲି ଏହି ମୁଖପତ୍ରରେ ପ୍ରକାଶ ପାଇଛି । ଅର୍ପିତାଙ୍କ ଫଟୋ ପ୍ରଚ୍ଛଦରେ ସ୍ଥାନ ପାଇବା ସହିତ ତାଙ୍କ ସଂପର୍କରେ ଏକ ସୁଦୀର୍ଘ ଆଲେଖ୍ୟ ମଧ୍ୟ ସ୍ଥାନ ପାଇଛି । କରୋନା ମହାମାରୀ ଭଳି ଏକ କଠିନ ସମୟରେ ଅନ୍ୟ ଏକ ମହଦେଶରେ ଉଚ୍ଚଶିକ୍ଷା ଲାଭ କରିବାର ଏକ ବଡ଼ ଆହ୍ୱାନକୁ ସାମ୍ନା କରିବା ଓ ଏହା ପୂର୍ବରୁ ପ୍ରତିକୂଳ ପରିସ୍ଥିତିରେ 'କୁଇପର୍ ଓଭରପେଲ୍ଟ୍ ଷ୍ଟିଫଣ୍ଡ ସ୍କଲାରଶିପ୍ ଭଳି ଏକ ଉଲ୍ଲେଖନୀୟ ସଫଳତା ହାସଲ କରିବାର ତାଙ୍କର ଅନନ୍ୟ ଅନୁଭୂତି ସଂପର୍କରେ ମଧ୍ୟ ଏଥିରେ ବର୍ଣ୍ଣିତ ହୋଇଛି । ଏକଦା ଜାମ୍ସୁର 'ଶ୍ରୀମତୀ ବେଷ୍ଟୋଦେବୀ ବିଶ୍ୱବିଦ୍ୟାଳୟ'ରୁ ଆର୍କିଟେକ୍ଚରରେ ସ୍ୱର୍ଣ୍ଣପଦକ ଲାଭ କରିବା ସହିତ ଶ୍ରେଷ୍ଠ ବିଦ୍ୟାର୍ଥୀର ମୁକୁଟ ପିନ୍ଧି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଅର୍ପିତା ବିଲ୍ ଗେଟ୍‌ସ୍ ଫାଉଣ୍ଡେସନ ଅନୁବନ୍ଧିତ ବାଙ୍ଗାଲୋର ସ୍ଥିତ 'ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଫର୍ ହ୍ୟୁମାନ୍ ସେଟଲ୍‌ମେଣ୍ଟର ଅର୍ବାନ୍ ଫେଲୋସିପ୍ ପ୍ରୋଗ୍ରାମ ଭଳି ଏକ ପାଠ୍ୟକ୍ରମରେ ମଧ୍ୟ ସେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିଲେ । ଆଗାମୀ ଦିନରେ ଉଚ୍ଚତର ଗବେଷଣା ଓ ପିଏଚ୍‌ଡି କରିବା ପାଇଁ ଲକ୍ଷ୍ୟ ରଖିଥିବା ଅର୍ପିତା ବିଦେଶରେ ଚାକିରୀ ନକରି ଭାରତରେ ନିଜର ଗବେଷଣାଲବ୍ଧ ଜ୍ଞାନର ପ୍ରୟୋଗ କରିବେ ବୋଲି ଆପାତତଃ ଲକ୍ଷ୍ୟ ରଖିଛନ୍ତି । ଚିଦାନନ୍ଦ ଅର୍ପିତା ବାଲେଶ୍ୱର ସହର ଉପକଣ୍ଠ ପାତ୍ରପଡ଼ା ଗ୍ରାମନିବାସୀ କବି ଅଭୟ ଦାସ ଓ ଶିକ୍ଷୟିତ୍ରୀ ମଞ୍ଜୁଲତା ବଳଙ୍କ କନ୍ୟା ଅଟନ୍ତି ।

# ଚିତ୍ରଶିଳ୍ପୀ ସୌମ୍ୟରଂଜନ ପୁରସ୍କୃତ




କେନ୍ଦ୍ରପଡ଼ା: କ୍ରିଷ୍ଣା ଆର୍ଟ ସ୍କୁଲ୍‌ର ନିର୍ଦ୍ଦେଶକ ତଥା କାକଟ ମଙ୍ଗଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଚିତ୍ରକଳା ଶିକ୍ଷକ ସୌମ୍ୟରଂଜନ ପଟ୍ଟନାୟକ ଚଳିତ ବର୍ଷ ହରିଆଣାର ମ୍ୟାଜିକ୍ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନିତ ହେବା ସହ 'ବେଷ୍ଟ କ୍ରିଏଟିଭ୍ ଆର୍ଟିଷ୍ଟ-୨୦୨୨'ରେ ସମ୍ମାନିତ ହୋଇଛନ୍ତି । ଚିତ୍ରକଳା କ୍ଷେତ୍ରରେ ଜିଲ୍ଲା ଠାରୁ ଆରମ୍ଭ କରି ଆନ୍ତର୍ଜାତୀୟ ସ୍ତରରେ କେନ୍ଦ୍ରାପଡ଼ାର ପ୍ରତିନିଧିତ୍ୱ କରି ୨୦ବର୍ଷ ହେବ ଗୌରବ ଆଣୁଛନ୍ତି । ସୂଚନାଯୋଗ୍ୟ, ମୂର୍ଚ୍ଛନା ଦ୍ୱାରା କେନ୍ଦ୍ରାପଡ଼ା ଟାଉନହଲ୍ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସୌମ୍ୟରଂଜନଙ୍କୁ ପୌରପାଳିକା ଅଧ୍ୟକ୍ଷା ସରିତା ସାହୁଙ୍କ ଦ୍ୱାରା ତୁଳସୀ ରତ୍ନ ସମ୍ମାନ ପ୍ରଦାନ କରା ଯାଇଥିଲା । ଜିଲ୍ଲାପାଳ ଅମୃତ୍ ରୁତୁରାଜ ଓ ଶଶିଭୂଷଣ ବେହେରାଙ୍କ ସମେତ ବିଶିଷ୍ଟ ବ୍ୟକ୍ତି ଓ 'ରେବତୀ' ପରିବାର ସୌମ୍ୟରଂଜନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।


ଦ୍ୱି-ପ୍ରଚ୍ଛଦ
ଆମ ମାଟିର ସ୍ୱର
ପ୍ରଚ୍ଛଦ କଳ୍ପନା : କୃଷ୍ଣ କୁମାର ମହାନ୍ତି
ପ୍ରଚ୍ଛଦ ମଡେଲ୍ : ବିଷ୍ଣୁପ୍ରିୟା ମହାପାତ୍ର, ଭୁବନେଶ୍ୱର
ଉଚ୍ଚତା : ୫ ଫୁଟ୍ ୪ ଇଞ୍ଚ୍
ବୃତ୍ତି : ମେକ୍‌ଅପ୍ ଆର୍ଟିଷ୍ଟ୍
ଶିକ୍ଷା : ସ୍ନାତକ
ପ୍ରବୃତ୍ତି : ପଢିବା ଓ ବୁଲାବୁଲି
ପ୍ରଚ୍ଛଦ ଫଟୋଗ୍ରାଫି : ବିକାଶ ଫଟୋଗ୍ରାଫି, ଭୁବନେଶ୍ୱର
ପ୍ରଚ୍ଛଦ ଡିଜାଇନ୍ : ଶିବରାଜ କର୍ମ, ସୋନପୁର
ମେକ୍‌ଅପ୍ ଓ କଷ୍ଟ୍ୟୁମ୍ : ପାପାନି
ସ୍ଥାନ : ଜଗନ୍ନାଥ ମନ୍ଦିର, ଜାଗମରା, ଭୁବନେଶ୍ୱର

ଲେଣ୍ଡର

# ଅଗଷ୍ଟ - ୨୦୨୨

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

୧୧/୦୮/୨୦୨୨ : ରାକ୍ଷୀବନ୍ଧନ
୧୫/୦୮/୨୦୨୨ : ସ୍ୱାଧୀନତା ଦିବସ
୧୮/୦୮/୨୦୨୨ : ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ
୩୧/୦୮/୨୦୨୨ : ଗଣେଶ ପୂଜା

### ଜାନୁଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୦ | ୩୧ | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |

### ଫେବୃଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | | | | | |

### ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

### ଅପ୍ରେଲ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

### ମଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

### ଜୁନ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | | |

### ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୩୧ | | | | | | |

### ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

### ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | |

### ଅକ୍ଟୋବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୦ | ୩୧ | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |

### ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | | | |

### ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ |

# ଦ୍ରୌପଦୀ-୧୮

## ପ୍ରଫୁଲ୍ଲ କୁମାର ମହାନ୍ତି

**(ସ୍ୱୟଂବର : ଅସ୍ତ୍ରବିଦ୍ୟା ପରୀକ୍ଷା)**

ନିର୍ଦ୍ଧାରିତ ସମୟରେ ଆସିଲେ ଦ୍ରୁପଦ
ଅଭିବାଦନ କରି ଆଖି ବୁଲାଇଲେ
ସମବେତ ଭାରତର ରାଜନ୍ୟବର୍ଗଙ୍କୁ
କୃଷ୍ଣ ବଳରାମ କାଶୀକର୍ଣ୍ଣାଟ କୁରୁପକ୍ଷ
ତରୁଣ ଦକ୍ଷ ପ୍ରଶିକ୍ଷିତ ନାୟକ ମଣ୍ଡଳୀ
ଋଷୀକୁଳ ଅତିଥି ପ୍ରଜା ପ୍ରହରୀ ସେବକ
ମଙ୍ଗଳ ଜୟଧ୍ୱନି ଆଶା ଆନନ୍ଦର ରଙ୍ଗଭୂମି:
ସମସ୍ତଙ୍କୁ ସ୍ୱାଗତ ପ୍ରଣାମ ଆରମ୍ଭିଲେ ଯାଜ୍ଞସେନ
ପାଞ୍ଚାଳ ମାଟି ମଣିଷର କୃତଜ୍ଞ ନିବେଦନ
ଘୋଷିତ ନିୟମର ନହେଉ ବ୍ୟତିକ୍ରମ
ଆରମ୍ଭ ହେଉ ବର୍ତ୍ତମାନ ସ୍ୱୟଂବର କାର୍ଯ୍ୟକ୍ରମ
ବିଶାଳ ଭାରତର ଅସ୍ତ୍ର ପ୍ରତିଭା
ମୋର କନ୍ୟା ଦ୍ରୌପଦୀର ହାତ ପାଇଁ
ପ୍ରତିଯୋଗିତାର ମଞ୍ଚରେ ପ୍ରଦର୍ଶିତ ହେଉ
ରାଜଶକ୍ତିର ଧନୁର୍ବିଦ୍ୟାର ବର୍ଣ୍ଣବିଭା ।

ଉଭା ହୋଇଥିଲେ ଦ୍ରୌପଦୀ
ପଲ୍ଲବିତ ପ୍ରକୃତିର ପୁଷ୍ପ ସମ୍ଭାର ପରି
ପଦ୍ମକେଶରର ପୁଲକ ସୁରଭି ପରି
ଟାଣି ନେଉଥିଲେ ଉପସ୍ଥିତ ତାରୁଣ୍ୟର ତନୁମନ
ରାଜାମାନେ ଭାବୁଥିଲେ ଲମ୍ବିବ କି ଗଳାରେ ତାଙ୍କର
ପାଞ୍ଚାଳ ଜେମାର ତାରାଫୁଲ ହାର !

କିନ୍ତୁ କିଏ ଯିବ ଆଗେ ବିନ୍ଧିବାକୁ ତୀର
ଘୁମନ୍ତ ମାଛ ଆଖି ତଳେ ଦେଖି ପାଣି ଛାୟା
ପ୍ରତିଛବି ଦେଖି କଣ ଭେଦି ହୁଏ ଲକ୍ଷ୍ୟ
ଇତସ୍ତତଃ କଲେ ସବୁ ମହାରଥୀବୀର:
ହଠାତ୍ ଉଠିଲେ କାଶୀରାଜା ହୋଇ ଆଗଭର
ଧନୁ ଟେକି ନପାରି ଫେରିଗଲେ ନୀରବରେ
ତଳ ମୁହାଁ ହୋଇ ଚରମ ଲଜ୍ଜାରେ ।
ଜଣକ ପରେ ଜଣେ ସାହସୀ କୁମାର
ଦକ୍ଷ ଯୋଗ୍ୟ ପ୍ରଶଂସିତ ଧନୁର୍ଦ୍ଧର
ସଭିଏଁ ଅପଦସ୍ତ ପାରିଲେନି ବାନ୍ଧି
ଧନୁଷରେ ଗୁଣ ବିଫଳ ବିମନ
ହୋଇ ଫେରିଗଲେ ନିଜ ଆସନକୁ
ନିଜ ପାଦେ ଦଳିଦେଲେ ନିଜ ମୁକୁଟକୁ ।
ଧୀରରୁ ବିକଟ ହେଲା ହତାଶାର ଗୁଞ୍ଜରଣ
ପରାହତ ରାଜାଙ୍କର ଧ୍ୱସ୍ତ ଅଭିମାନ

ଅବାସ୍ତବ ଏ ପରୀକ୍ଷା ହେଲା ଅଭିଯୋଗ
ଚିନ୍ତିତ ଦ୍ରୁପଦ ମୁଖେ ନଥିଲା ସରାଗ
କ୍ଷୋଭ ବିଜଡ଼ିତ ସ୍ୱରେ ପାଞ୍ଚାଳ ନରେଶ
କଣ ବୀରଶୂନ୍ୟ ହୋଇଗଲା ଆର୍ଯ୍ୟବର୍ତ୍ତ
କେହି ନାହିଁ ସାଧିବାକୁ ସନ୍ଦୀପନୀ ରାଧାଚକ୍ର
ଚୁପ୍ କରିଗଲେ କ୍ଷତ୍ରୀୟ ପ୍ରବରମାନେ
କୃଷ୍ଣ ବଳରାମ ଟିପ୍ପଣୀରେ ପଡ଼ିଲା ବିରାମ
କୃଷ୍ଣ ନିରେଖିଲେ ସଭା ଚାରିଦିଗେ
ଖୋଜିଲା ଆଖିରେ ଥିଲା ମୃଦୁ ଉପହାସ:
ଧୈର୍ଯ୍ୟ ମହାରାଜ ନୈରାଶ୍ୟର ନାହିଁ ଅବକାଶ
ଏଇତ ଆରମ୍ଭ ମାତ୍ର କରନ୍ତୁ ଅପେକ୍ଷା
ବୀରଭୂମି ଭାରତରେ ଗୁରୁ ପରମ୍ପରା
ପର୍ଶୁରାମ ଦ୍ରୋଣଙ୍କର ଶିଷ୍ୟର ଔଜଲ୍ୟ
ହଜିବନି କାପୁରୁଷ ଅନ୍ଧାରରେ-

କଥା ନସରୁଣୁ ଉଠିଗଲେ କର୍ଣ୍ଣ
ସୂର୍ଯ୍ୟ ତେଜ ପରି ଦର୍ପିତ ସୁବର୍ଣ୍ଣ
ଚାଲିରେ ସିଂହର ଠାଣି ପାଦରେ ଦମକ

ତେଜଦୀପ୍ତ କପାଳରେ ବିଜୟର ପ୍ରଭା
ଲାଖିଗଲା ଦ୍ରୌପଦୀର ଆଖି କିଏ ଏ ପୁରୁଷ
ଯାହାର କାନ୍ତିରେ ବିଜୁଳି ମାରିଲା ପରି
ରଙ୍ଗଭୂମି ଚକିତ ମୋହିତ !
ଏ କଣ ଗୋଟିଏ ଆଙ୍ଗୁଠିରେ ଉଠାଇଲେ ଧନୁ
ଅକ୍ଲେଶରେ ଚଢ଼ାଇଲେ ଗୁଣ ଯେମିତି
ଜନ୍ମରୁ ଖେଳିଛନ୍ତି ସେହି ଧନୁଷରେ
ପ୍ରଥମ ଅଭ୍ୟାସ ଦିନୁ ବିନା ଦୁବିଧାରେ:
ଦ୍ରୌପଦୀ ଚାହିଁଲେ ସଖାଙ୍କ ଇସାରା ପାଇ
ହସି ହସି କୃଷ୍ଣ ଖାଲି ହଲାଇଲେ ମୁଣ୍ଡ
ଅସ୍ୱୀକାର ପାଇଁ ସହାସ ଇଙ୍ଗିତ !
ବୁଝିଗଲେ ଦ୍ରୌପଦୀ ମନା କରିବାକୁ ହେବ-
କହିଲେ ଦ୍ରୌପଦୀ, ରହିଯାଅ କର୍ଣ୍ଣ



ରାଜପୁତ୍ର ସ୍ପର୍ଦ୍ଧାରେ ସୁତପୁତ୍ର ପାଇବନି ସ୍ଥାନ
ଅଟକିଲେ କର୍ଣ୍ଣ ହଠାତ୍ ଦିଶିଲା ସବୁ ବିକଟ ବିବର୍ଣ୍ଣ
ନିରବ ଆଖିର ଶିଖା ଜାଳିଦେଲା ସବୁ ଅଭିମାନ
ଧିକ୍କାରିଲେ ଦ୍ରୌପଦୀକୁ ରୁଦ୍ଧ ଅଭ୍ୟନ୍ତରେ
ଶକୁନି ଦୁର୍ଯ୍ୟୋଧନ ଆରମ୍ଭିଲେ ଗୋଳ
ଧୃଷ୍ଟଦ୍ୟୁମ୍ନ ସମ୍ଭାଳିଲେ ଅନ୍ୟମାନେ ହେଲେ ଏକମତ
ଅସ୍ତ୍ରବିଦ୍ୟା ରଥିର ଗୌରବ ନୁହେଁ ସାରଥିର
ଦ୍ରୁପଦ ଶୁଣାଇ ଦେଲେ ସିଦ୍ଧାନ୍ତର ବାକ୍ୟ
ଭାଗ ନେବେ ନାହିଁ କର୍ଣ୍ଣ କ୍ଷତ୍ରୀୟ ବିଦ୍ୟାରେ

ସଭାରେ ଏତିକିବେଳେ ପ୍ରବେଶିଲେ ଗୋଛାଏ ବ୍ରାହ୍ମଣ
ଧଳାବସ୍ତ୍ର ଦାଢ଼ି ସତ୍ତ୍ୱେ ଲାଗୁଥିଲେ ରାଜକୀୟ
ପ୍ରଣମିଲେ କୃଷ୍ଣଙ୍କୁ ରାଜନ୍ୟ ବର୍ଗକୁ
ହସିଦେଲେ ବାସୁଦେବ ଠାରିଦେଲେ ଦ୍ରୁପଦଙ୍କୁ
ପୁଣି ଆରମ୍ଭିବା ପାଇଁ ସ୍ୱୟଂବର ବିଧି
ଦ୍ରୁପଦ ଆଦେଶିଲେ ଚାଲୁହେବ ପ୍ରତିସ୍ପର୍ଦ୍ଧା
ନିୟମ ଟାଳିବା ଶକ୍ତି ନାହିଁ ମୋର ପାଶେ
ଆଗକୁ ବଢ଼ିବା ପୁଣି ବିନା ବିରତିରେ ।

♥ 'ଚିତ୍ରକାବ୍ୟ', ଶିଶୁ ବିହାର, ଭୁବନେଶ୍ୱର-
୭୫୧୦୨୪, ଫୋନ:୯୪୩୮୮୦୩୬୨୩



## ଆଭିମୁଖ୍ୟ

ବିଶ୍ୱସାହିତ୍ୟର ଇତିହାସରେ ଦ୍ରୌପଦୀ ପରି ଏକ ନାରୀ ଚରିତ୍ର ନାହିଁ, ଯାହାଲାଗି ପ୍ରମାଣର ଆବଶ୍ୟକତା ନାହିଁ । ନାରୀର ଦୁଇଟି ମୁଖ୍ୟରୂପ : ପ୍ରେମିକା ଓ ପତ୍ନୀ । ପରେ ନାରୀ ଜନନୀର ମହାନତା ପାଏ । ପ୍ରେମିକା ହିସାବରେ ବୋଧହୁଏ କ୍ଲିଓପାଟ୍ରା ଠାରୁ ଅଧିକ ଲାସ୍ୟମୟୀ, ବିଦୂଷୀ, ମେଧାଶକ୍ତି ସଂପନ୍ନା ଓ ବିବିଧ ଭାବାବେଗର ବିସ୍ମୟିନୀ ସାହିତ୍ୟ ( ଓ ଇତିହାସ)ରେ ନାହିଁ । ସେହିପରି ପତ୍ନୀପ୍ରିୟା ଭାବେ ଦ୍ରୌପଦୀ ପରି ବିଦୂଷୀ, ରାଜଶ୍ରୀ ସଂପନ୍ନା, ବିବିଧତାର ପାବକିନୀ ନାହିଁ । ଏକା ସଙ୍ଗେ ପାଣ୍ଡବ ପାଞ୍ଚଭାଇଙ୍କ ପରି ବିବିଧ ମାନସିକତାର ବିରାଟ ବ୍ୟକ୍ତିତ୍ୱ ସହିତ ପତ୍ନୀଧର୍ମ ପାଳନ କରିଥିବା ନାରୀ ମିଥ୍ ଓ ଇତିହାସରେ ଦେଖାଯାଏ ନାହିଁ । ତେଣୁ ଭାରତୀୟ ନାରୀ ମାନସିକତାରେ ବ୍ୟାପ୍ତି, ଦ୍ୟୁତି, ଦ୍ୱନ୍ଦ୍ୱ, ସହନଶୀଳତା, ଭଦ୍ରତା, ରାଜକୀୟତା ଏବଂ ସମାଜସଂସ୍କୃତିର ତତ୍କାଳୀନ ସ୍ଥିତିରେ ତାପିତା, ଲାଂଛିତା ନାରୀଶ୍ରେଷ୍ଠ ଦ୍ରୌପଦୀ ଉପରେ ଏହି କାବ୍ୟ ରଚିତ: ଏହା ଉଭୟ ଇଂରାଜୀ ଓ ମାତୃଭାଷା ଓଡ଼ିଆରେ ଲେଖା ଯାଉଛି । ପାଠକପାଠିକାଙ୍କ ସହୃଦୟତା କାମନା କରି ପରଷି ଦେଉଛି ଦ୍ରୌପଦୀର ମହାବ୍ୟାପ୍ତିର କାବ୍ୟ ।

ପ୍ରଫୁଲ୍ଲ କୁମାର ମହାନ୍ତି

ସମକାଳୀନ କବିତା



▶ ଚିତ୍ର : ଶିଳ୍ପୀ ଭାରତୀ ଝା

# ମହାସମୁଦ୍ରର ଇତିକଥା

## ମାନସ ରଞ୍ଜନ ମହାପାତ୍ର

କାହାକୁ ପଚାରିବା
କେତେ ଭୁଲ୍ ଆଜିକାଲି

କାହାକୁ ପଚାରିବ, କାଂଥ ଶୁଣ୍
ବାଡ଼ ଶୁଣ୍ କହୁଥିବ, କହି ଚାଲିଥିବ
ବୁଲୁଥିବ ଶିଲଂରୁ ଦିଲ୍ଲୀ, ଦିଲ୍ଲୀରୁ ପୁରୀ
ପୁରୀରୁ ଶିଲଂ, ବାଂଗାଲୋର, ପୁରୀ
ବ୍ରହ୍ମାଂଡ ପରିକ୍ରମା କରୁଥିବ, ପାଉନଥିବ ଉତ୍ତର

ଶବ୍ଦମାନେ ବୋଧେ ଏମିତି, ବେପରୁଆ
କେବେ ମଧୁଶାଳାରେ ତ କେବେ
ପାଂଥଶାଳାରେ
ହଜିଲା ଦିନ ପରି ନିରୁଦ୍ଦିଷ୍ଟ
ଶବ୍ଦମାନଂକୁ ଖୋଜିବା କେତେ କଷ୍ଟ ସତରେ
ସବୁ ଶୀରପା ସଜାଡ଼ି ହୋଇ ରହିଥାଏ ମଶାଣିରେ
ଓ ମୁଁ ଚିରକାଳ ବଂଦୀ ଅସରଂତି ପ୍ରଶ୍ନ ଭିଡ଼ରେ
ଅସମର୍ଥ ସତ୍ୟପାଠରେ !

ଯାହାର ଯିବା କଥା, ସିଏ ଯିବ
ତାକୁ ରୋକିବ କିଏ ?
ହେଲେ କେତେ କଷ୍ଟ ଖାପଖୁଆଇ ଚଳିବା
ବଦଳୁଥିବା ସମୟ ସହିତ.....

ମୁଁ କେଉଁଠି ନିଜକୁ ଖୋଜି ହେଉଛି
ମାନଚିତ୍ରରେ ମିଳୁନି ମୋର ଠିକଣା, ଭୂଗୋଳରେ ବି
ପଚାରିଲେ, ଗୋଟିଏ ଉତ୍ତର, ଖୋଜ
ଖୋଜିଚାଲ ପାଅ କି ନପାଅ !
ମୋ ଗାମୁଛାରେ ବଂଧା ଦେଶ ତ
ପାପୁଲିରେ ପାପୁଲିଏ ଈଶ୍ୱର ।

♥ ଶୀଳା ଚିନ୍ମୟ, ମଧୁବନ ୬ଷ ଗଳି, ଟିକରପଡ଼ା ରୋଡ଼, ପୁରୀ-୭୫୨୦୦୨, ଫୋନ:୯୮୯୧୯୪୬୧୭୮

# ଘଟଣା

## ଜୟନ୍ତ ମହାପାତ୍ର

- ଦୁର୍ଗାକୁ
ଦୁଃଖ ତ ଦେଲି ତତେ, ଆଉ ମୃତ୍ୟୁର ସମସ୍ୟା ଟଳିଗଲା ମୋ ମନରୁ
ଜାଣି ନଥିଲି ଗୋଲାପର କଣ୍ଟା ନ୍ୟାୟପରତା ଛାଡ଼ି ବିଦ୍ଧ କରିବ ତତେ
ଜାଣିନଥିଲି ଯେ ସେ ଅବୁଝା ଶୂନ୍ୟତା ସବୁବେଳେ ଅପେକ୍ଷା କରିବ ମତେ

ଖୋଜି ଖୋଜି କେତେ, ପାଇଥିଲି ତତେ ମୋ ପୂରା ଅତୀତର ଛାଇମାନଙ୍କରୁ
ଆଜି ସ୍ୱପ୍ନ ସବୁ ଚାଲି ଚାଲି ବୁଲନ୍ତି ସମ୍ପର୍କ ଭାଙ୍ଗି ଦେଇ
ଆଉ ତୋ ଦୁଃଖର ହାତଟି ବଢ଼େଇବାକୁ ଭୁଲୁନୁ କେବେ
ସେଇ ଜାଗାକୁ ମୋର ଯୋଉଠି ଯନ୍ତ୍ରଣା ନଥାଏ ।

♥ ତିନିକୋଣିଆ ବଗିଚା, କଟକ-୭୫୩୦୦୧
ଫୋନ:୯୪୩୮୫୪୮୨୨୧



▶ ଫଟୋ ଜୟନ୍ତ ମହାପାତ୍ର
▶ ଫୋଟୋଚିତ୍ର ଅଙ୍କନ : ସୌମ୍ୟରଞ୍ଜନ ପ୍ରଧାନ



▶ ଫଟୋ ମାନସ ରଞ୍ଜନ ମହାପାତ୍ର



▲ଚିତ୍ର : ଶିଳ୍ପୀ ରାଜଶ୍ରୀ ମହାପାତ୍ର

# ପ୍ରେମ

## ଅଧ୍ୟାପକ ବିଶ୍ୱରଂଜନ

**।।୧।।**
ଥରେ ନୁହେଁ
ବାରମ୍ବାର କାଗଜରେ
ମନକୁ ମନ
ଲେଖି ହୋଇଯାଏ ତୁମ ନାଁ
ଲେଖୁଥାଏ କେତେ ଢଙ୍ଗରେ
କେତେ ରଂଗର କାଳିରେ
କହିପାର, ନାମରେ କି ପ୍ରୟୋଜନ !
ନାମରେ ମଜ୍ଜିବା ଓ ନାମକୁ ଭଜିବା
କ'ଣ ନୁହେଁ ସତରେ ପ୍ରେମ ?

**।।୨।।**
ତୁମ କପାଳରେ
ଗାଢ଼ ଲାଲ୍‌ରଙ୍ଗର ଟୋପାଟିଏ
ସେଠି କେଉଁ ନାମର ସନ୍ତକ
ଇଚ୍ଛା ନାହିଁ, ଜାଣିବାର
କି ଆଶ୍ଚର୍ଯ୍ୟ ଆକର୍ଷଣ !
ଏହାରି ନାଁ କ'ଣ ପ୍ରେମ ?

**।।୩।।**
ତୁମ ହସ
ଆଖିରେ, ଓଠରେ
ଘୁଞ୍ଚିଯାଏ ଦିଗନ୍ତବ୍ୟାପୀ ଅନ୍ଧାର
ଉଦ୍‌ଭାସିତ ଆଲୋକରେ
ଅନ୍ଧ ହେଲା ପରେ
ଆଉ କ'ଣ ଫେରିହୁଏ ଅନ୍ଧାରକୁ !

ତୁମ ଆଖିର ଲୁହ
ଛାତିତଳର କୋହ
ଚାରିଦିଗେ ଅନ୍ଧାର ହିଁ ଅନ୍ଧାର
ଏତେ ଅନ୍ଧାରରେ ବୁଡ଼ିଗଲା ପରେ
ଆଉ କ'ଣ ଫେରିହୁଏ ଆଲୁଅକୁ ।
ଆଲୁଅ-ଅନ୍ଧାରର ଏ ଗୋପନ ରହସ୍ୟ
ଏହାରି ନାଁ କ'ଣ ପ୍ରେମ ?

**।।୪।।**
ନିଜକୁ ଖୋଜୁ ଖୋଜୁ
ଆମେ ଦୁହେଁ ହଜିଗଲେ
ତା' ପରେ ତମେ ଖୋଜୁଥିଲ ମୋତେ
ଆଉ ମୁଁ ତୁମକୁ
ଜ୍ଞାତସାରରେ ଅଜ୍ଞାତ ହୋଇଯିବା
ଏବଂ ନିଜକୁ ଖୋଜି ନପାଇବା
ଏହାରି ନାଁ କ'ଣ ପ୍ରେମ ?

**।।୫।।**
ଦିନେ ମୁଁ ନୀରବ ହୋଇଗଲି
ନା ଲିଖନ ନା ବଚନ
ନା ପତ୍ର-ସଂଭାଷଣ ।
ସଂପୂର୍ଣ୍ଣ ନୀରବତାରେ
ସମାଧି ଲଭିଲା ବେଳେ
ପାଇଲି ତୁମର ଆମନ୍ତ୍ରଣ
ପୁନର୍ଜନ୍ମ ପାଇଁ
ଏହାରି ନାଁ କ'ଣ ପ୍ରେମ ?

♥ ନେତାଜୀ ନିବାସ, ୧୯୯, କଂସାରୀଝର, ୟୁନିଟ୍‌-୬, ଭୁବନେଶ୍ୱର-୧,
ଫୋନ:୮୭୬୩୨୩୬୨୧୨



▶ଛବି ଅଧ୍ୟାପକ ବିଶ୍ୱରଂଜନ

# ଜ୍ୱଳନ-ସୁଖ

## ଅଜିତ ଦାଶ ମହାପାତ୍ର

ତୁମେ କ'ଣ ଜାଣି ନଥିଲ
ଦେହକୁ ଘଷିଲେ ଦେହ, ନିଆଁ ଜଳେ
ପଥରରେ ପଥରକୁ ଘଷିଲା ପରି ।
ନିଆଁକୁ ଡରିଲେ, ତୁମେ ଜଳିବ କେମିତି ?
ପବନକୁ ଡରିଲେ
ପକ୍ଷୀ କ'ଣ ଉଡ଼ି ପାରିବ, ଇଚ୍ଛା ମୁତାବକ୍ ।

ଜଳିବାରେ ସୁଖ ଅଛି
ମଜା ଅଛି, ଏକ ନିଆରା ଅନୁଭୂତି
ଅଛି, ଆସ, ଆମେ ଜଳିବା ।
ଜାଣିଥାଅ, ତୁମେ ଯେତେ ଜୋର୍‌ରେ ଜଳିବ
ତୁମର ଚତୁଃପାର୍ଶ୍ୱ ସେତେ ଆଲୋକିତ ହେବ ।
ଜଳିବା ଇ ଜୀବନ । ଏମିତି ପ୍ରେମ କାହିଁ
ଯୋଉଥିରେ ଜଳିବା ନାହିଁ ।
ନିଜେ ଜଳିଲେ ସିନା
ଅନ୍ଧକାର ଦୂରୀଭୂତ ହେବ ।
ଚହଟି ଉଠିବ ଆଲୋକର ଅମୃତ-ଶିଖା ।

ଅନ୍ଧାରରେ ଜଳିବାର ଦୃଶ୍ୟ
ବଡ଼ ମନୋହର । କାମନାର ଗୀତ ଗାଉଥିବା
ତୁମ ମନଲୋଭା ଦେହ
ଜଳିବାର ଖୋରାକ ଦିଏ ମୋତେ । ମୋ ପାଇଁ
ତାରା-ଖଚିତ ଜହ୍ନ ରାତି ହିଁ ଜଳିବାର ଅମୃତ ବେଳା ।
ଆସ ! ଜଳିବାର ମହାପର୍ବରେ
ନିଜକୁ ସାମିଲ୍ କର । ପ୍ରଜ୍ୱଳିତ ହୁଅ ।
କୋଠରୀର କୋଣ ଅନୁକୋଣରେ
ବାଜି ଉଠୁ ମିଳନ-ଚାଳିଶା ।

ଦେଖ ! ମୁଁ ଏମିତି ସଜେଇ ରଖିଛି
ନିଜକୁ, ତୁମେ ଛୁଇଁ ଦେଲେ ଇ
ନିଆଁ ଜଳି ଉଠିବ ସହଜରେ । ଆସ !
ଏ ରାତିକୁ ଆଲୋକିତ କରି, ଗଢ଼ିବା
ପ୍ରେମର କୋଣାର୍କ । ଏଣ୍ଟୁଡ଼ିଶାଳରୁ
ଜୁଇ ଯାଏଁ, ସବୁଠି ତ ନିଆଁ । ତୁମେ
ନିଆଁକୁ ଡରିଲେ ଜଳିବ କେମିତି !

♥ ଏନ୍ ୩/୩୨୯ ,ଆଇଆର୍‌ସି ଭିଲେଜ୍,
ଭୁବନେଶ୍ୱର-୭୫୧୦୧୫, ଫୋନ:୯୮୬୧୨୯୬୨୭୫



▶ ଫଟୋ ଅଜିତ ଦାଶ ମହାପାତ୍ର

# ସୁସ୍ୱାଗତ ପ୍ରେମ

## ମାଧୁରୀ ପଣ୍ଡା

କୋଉଠି ପଡ଼ି ରହିଛୁ ପ୍ରେମ
ଉଠ୍
ମାଟି ସହ ମାଟି ହୁଅନା ।

ଏଠି ନଈଟିଏ ଛଳଛଳ ବହି ଚାଲିଛି
ଅନେକ ଝଡ଼, ତୋଫାନ ସହିଲାଣି,
ଦେଖ ଥକି ଯାଇନି
ତୁ ମୋର ସାଗର
ତୋ ଆଡ଼କୁ ମୋଡ଼ି ଯାଉଛି ।

ଜୀବନ ଭୋଗିବା ପରା
ଆଃ....ଏଠି
ଖରା, ବର୍ଷା, ବସନ୍ତ ସବୁ ଆମର
ଅନୁରାଗ, ଉଦାସୀନତା ସବୁ, ସବୁ ଆମର ।

ମୋ ହାତ ପ୍ରେମର ହାତ
ତୁ ଧରିବୁ ତ, ମୋ ସହ ତୁ ବି ବହି ଚାଲିବୁ
ଆମେ ଜୀବନମୁଖୀ ହେବା,
ପ୍ରେମାଭିମୁଖୀ ହେବା
ପୃଥିବୀର ଯେତେ ସବୁ ସୁନ୍ଦରତା
ସବୁ ଆମେ ଭୋଗିବା ।

ଆଃ !
ତୋ ପାଦ ପାଖେ ବଂଶୀଟିଏ ରଖି ଦେଇଗଲି,
ତୁ ଯେଉଁ ସୁର ଧରିବୁ, ତା' ବାଜି ଉଠିବ,
ଜାଗତିକ ଅନ୍ଧାରକୁ ଆମ ଅନୁରାଗ
ଧାପେ ଆଲୁଅ ହୋଇ ପ୍ରସରିଯିବ ।

ଆ'ରେ ମୋ ସାଥି
ଉଠି ଆ ପକ୍ଷୀ ହୋଇ ବଂଶୀ ହୋଇ,
ପବନ ହୋଇ,
ମତେ ଛୁଅଁ, ହିଲ୍ଲୋଳିତ କର,
ତୁ ମୋର ସାଗର,
ମତେ ସମାହିତ କର
ମୁଁ ଶୂନ୍ୟ
ମତେ ଗୋଟେ ଆକାର କର ।

♥ ବି-୨୮୭, ସେକ୍ଟର-୨, ନାଲ୍‌କୋ ଟାଉନଶିପ,
ଦାମନଯୋଡ଼ି, କୋରାପୁଟ-୭୬୩୦୦୮
ଫୋନ:୯୯୩୭୨୨୬୮୨୫



▶ ଫଟୋ ମାଧୁରୀ ପଣ୍ଡା



ଚିତ୍ର : ଶିଳ୍ପୀ ଗୌରାଙ୍ଗ ବାରିକ

# ହାତ ଠାରି ଡାକେ

## ପିୟୂଷ ପଟ୍ଟନାୟକ

||୧||

କାଲି ଯଦି ଆସି ପଚାରିବି ଏଠି ଦୁଆରେ ଶବ୍ଦ କରି
ଏଇ ଘରେ ଯିଏ ରହୁଥିଲା ତାକୁ ଟିକେ ଡାକିଦିଅ ବୋଲି
ନିଶବ୍ଦେ ଦ୍ୱାର ଖୋଲିଯିବ ଘର ଲାଗୁଥିବ ନିଛାଟିଆ
କହୁଥିବା ସ୍ଥାନେ କେହି ରୁହେନି ଘର ଏବେ ଏକୁଟିଆ

ଏଇଘର ଦିନେ କୋଳାହଳ ମାନେ ବନ୍ଧକ ଥିଲେ ପଡ଼ି
କେତେ ଶୈଶବ କେତେ ତାରୁଣ୍ୟ ଗୀତର ତନ୍ତ୍ରୀ ଭିଡ଼ି
ହସ ଛଳଛଳ ଚଳଚଞ୍ଚଳ ଆଖିର ସଜଳ ଭାଷା
ଛୁଇଁ ଯାଉଥିଲା ଦିବସ ରାତ୍ରୀ ନିବିଡ଼ ଜୀବନ ଆଶା

ଜହ୍ନ ତ ସେଠି ଓହ୍ଲାଇ ଆସେ ହାତରେ ଜୋଛନା ଧରି
ଗଙ୍ଗଶିଉଳି ଫୁଲର ମହକ ପବନରେ ଥାଏ ଭରି
ଅନ୍ଧାର ଯାଇ ଲୁଚିଥାଏ କାହିଁ ଗମ୍ଭୀରି ଘରେ ନିତି
ମଲ୍ଲୀ ପାଖୁଡ଼େ କାକର ସ୍ୟାହିରେ କବିତା ଲେଖେ ତ ରାତି
ଆଉ ସବୁ ଯେତେ ଶୈଶବ ଗୀତି ଏଇଠି ତ ସୁର ଧରେ
ଭବିଷ୍ୟତର ସ୍ୱପ୍ନ ବିଭୋର ରାତ୍ରୀ ସେଇଠି ସରେ ।

||୨||

ସବୁ ଋତୁ ସେଠି ଅତିଥି ଯେମିତି ଭୁଲିଯାଇ ସବୁ ବାଟ
ଚିତ୍ରିତ କରି ସେଇ ଘର ଗାଆଁ ସବୁଜ ପ୍ରଚ୍ଛଦପଟ
ବର୍ଷା ସକାଳ ମେଘ ମହ୍ଲାର ଗ୍ରୀଷ୍ମ ତାତିର ତ୍ରାସ
ଶୀତ ସନ୍ଧ୍ୟାର ହେମାଳ କବିତା ବସନ୍ତ ଫୁଲ ବାସ

ପାର୍ବଣ ତିଥି ଗହଳ ଚହଳ ରାତ୍ରୀ ଏମିତି ସରେ
ସେପଟ ଗାଁର ମେଳଣ ଆଲୁଅ ସେଇଘର ଆକାଶରେ
ସଞ୍ଜ ଗୋଧୂଳି ଘର ଅଗଣାରେ ସୁନାର ପାଖୁଡ଼ା ବିଞ୍ଚେ
ଦୀପର ସ୍ତିମିତ ଆଲୋକ ପାଖରୁ ଅନ୍ଧାର ଦୂରେ ଘୁଞ୍ଚେ

ଶୈଶବର ସେ ଦୀପ ଚାରିପଟେ କେତେ ଯେ ଗପର ସୁଅ
'ଅଗନା ଅଗନି' ବନସ୍ତ ଆଉ ରାଜା ଓ ମନ୍ତ୍ରୀ ପୁଅ
ଆଜି ସେଇ ସବୁ ଗପର ପ୍ରସ୍ତ ସ୍ମୃତିର ବାଲିରେ ମିଶି
ଓଦା କରେ ଆଖି ଯେବେ ମନେ ପଡ଼େ ସମୟ ସୁଅରେ ଭାସି
ରହିଯାଏ ପଛେ ହାତ ଠାରି ଡାକେ ସେଇ ଯେ ରିକ୍ତ ଘର
କହେ...ପଢ଼ି ନିଅ ସ୍ମୃତିର ପୃଷ୍ଠା ଆଉ କିଛି..କେଇ ବାର

ଡି-୮୦, ମୈତ୍ରୀ ବିହାର, ଭୁବନେଶ୍ୱର
ଫୋନ:୭୫୦୬୧୮୯୦୩୦



କବି ପୀୟୂଷ ପଟ୍ଟନାୟକ

# ସେ ଓ ମୁଁ

## ଦେବଯାନୀ ତ୍ରିପାଠୀ

ସେ ଓ ମୁଁ
ଲତା ପରି ଛନ୍ଦାଛନ୍ଦି

ଆମେ ପରସ୍ପରର ଶତ୍ରୁ ଓ ଅହଂକାର
ସେ ମତେ ସବୁବେଳେ ତା ଖେଳରେ ବାଜିମାତ୍ କରିବାର ଚେଷ୍ଟାରେ
ଏତେ ପରେ ବି ମୁଁ ତାକୁ ଭଲପାଏ
କିନ୍ତୁ କହି ପାରେନା
କହି ପାରେନି ବୋଲି ତାର ଯେତେସବୁ ଅଭିମାନ
ସେ କହେ ତୁମକୁ ପ୍ରେମ କରି ଆସେନା
ଆଉ ମୁଁ ମଧ କହି ପାରେନା ତୁମେ ବୁଝିବନି,
ଯାହା କହି ହୁଏନାହିଁ ତାହା ହିଁ ତ ପ୍ରେମ
ସେଥିପାଇଁ ତ ଏତେ ଯୁଦ୍ଧ ଏତେ ଈର୍ଷା ଷଡଯନ୍ତ୍ର
ଶତ୍ରୁ ପକ୍ଷର !

ଆମେ ଛାଇ ପରସ୍ପରର
ଗୋଟିଏ ନିଃଶ୍ୱାସର ସହ ଭୋକ୍ତା
ଆମେ ଯେତିକି ପ୍ରେମରେ
ସେତିକି ଗାଢ ଆମ ଶତ୍ରୁତା
ଶତ୍ରୁକୁ ବି ପ୍ରେମ କରି ହୁଏ ?

ଆଜି ଜାଣିଲି ପ୍ରେମକୁ ଲୁଚେଇଲେ ଆହୁରି ପ୍ରଖର ହୁଏ
ତା ପ୍ରେମ ନିକଟରେ ମୁଁ ହାରିଯାଏ ସବୁଦିନ
ଖାଲି ଯାହା ତାକୁ ବୁଝେଇ ପାରେନା !

୨୬୩୦, ହାଲନ୍ଷ୍ଟ୍ରିଟ, ଆଇଡାହୋ ଫଲ୍ସ,
ଆଇଡାହୋ, ଯୁକ୍ତରାଷ୍ଟ୍ର ଆମେରିକା



କବି ଦେବଯାନୀ ତ୍ରିପାଠୀ



▶ ଚିତ୍ର : ଶିଳ୍ପୀ ସ୍ମିତା ଦାସ

ଏତେ ବି ଅସହଜ ନୁହେଁ ଜହ୍ନରାତି ଜାଣିରଖ,
ଶିରିଶିରି ଧାନବିଲ, ମହୁଲର ମହମହ ସମ୍ମୋହନ
ଅସହଜ ନୁହଁ ଜାଣିରଖ,
ତୋ ଦେଶର ସୀମାରେଖାରେ ଯେଉଁ କଣ୍ଟାବାଡ଼...

ସେଇ କଣ୍ଟାର କ୍ଷତ ନେଇ ତୋ ନିବୁଜ ନଈରେ
ଡେଇଁ ପଡ଼ିବା ଅସହଜ ନୁହଁ,
ହଜାର ବର୍ଷରୁ ଯେଉଁ ଗାର ଲିଭଉଚୁ,
ସେଇ ଗାରରେ ତୋ ସହ ଏକାମ୍ ହେଇ ଦେଶ ଗଢ଼ିବା
ଅସହଜ ନୁହଁ...
ଜାଣିରଖ.... ।

♥ ରସୁଲଗଡ଼ ଶିକ୍ଷାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ: ୭୦୮୨୪୬୪୮୦୦

# ଧାରେ ଗାରର ଦେଶ

## ତପନ କୁମାର ପଣ୍ଡା

କ୍ରମଶଃ ତୁ ଲିଭଉଚୁ ଗାର...

ଇଏ କଣ ସେଇ ବ୍ରୋଞ୍ଜ୍ ସଭ୍ୟତାର ରାସ୍ତାଘାଟ !
ପୁରୁଣା କୋଠା, ଦଳ ଦଳ ମୟୂର,
ଅଳ୍ପ ସ୍ୱରରେ ହସିହସି ଚାଲି ଯାଉଥିବା ସ୍ତ୍ରୀ-ପୁରୁଷ,
ଶିଆଳିଲଟାରେ ଶୋଇ ପଡ଼ିଥିବା କୋମଳମୃଗ,
ଗୀତ ଗାଉଥିବା ଆଶ୍ୱିନର ସଂଜ...

ତୋ ଦେଶରେ ସୂର୍ଯ୍ୟାସ୍ତ ଆସିଲେ ମେଳି ହେଇ
ଉଡ଼ି ଯାଉଥିବା ପକ୍ଷୀମାନେ ଯେଉଁଠିକି ଲେଉଟୁଥାନ୍ତି
ଦୂର ଆକାଶରେ,
ସେଇଠି କଣ ତୁ କ୍ଳାନ୍ତ ଓ ଉଦାସ ଆଖିଦ୍ୱୟକୁ
ତାରା ପରି ଝୁଲେଇ ଦେଉ ଓ
ଭଲରେ ଥାଉ ବୋଲି ଛଳନାରେ କହୁ !

ତୁ ତଥାପି ବାନ୍ଧି ରଖିଛୁ ସବୁ ନଦୀର ଧାର,
ତଲ୍ୱାରରେ ଦି’ ଗଡ଼ କରି ବାଣ୍ଟି ଦେଇଛୁ ପବନ,
ଲୁହ ନିଗିଡ଼ି ଯିବ କାଳେ ଭାବି ଶୁଖେଇ ସାରିଛୁ ସମୁଦ୍ର...
ଏ ତୋର କେଉଁ ଅହଂକାର ପ୍ରିୟମ୍ବଦା !

ମରୁଭୂମିର ଭାଗ୍ୟ ଆଦରି ନେଲାବେଳେ ମୁଁ ବି ତ
ଅତିଥି ପରି ଠିଆ...



# ମିଛ ମଣିଷ

**ପ୍ରଶାନ୍ତ ଦାସ**

ଜୀବନ ଚାଲିବା ବାଟେ ନିତିଦିନ
ଦେଖା ହୁଅନ୍ତି କିଛି ମଣିଷ
ସେମାନେ କିଛି ସତ ଓ
କିଛି ମିଛ ।

ଆକସ୍ମିକ ଧୂଳିଝଡ଼ ଭଳି
ମିଛ ମଣିଷ ମାନେ
ଅଳିଆ ଆବର୍ଜନାକୁ ଅଜାଡ଼ନ୍ତି
ନିଜ ଉପରେ ଓ ଅନ୍ୟ ଉପରେ ।

ଓଠରେ ତାଙ୍କ ଅଦୃଶ୍ୟ ଅହଂକାର
ହସ ଓ ଲୁହରେ ଅସଜଡ଼ା ତାଙ୍କ
ନିଜସ୍ୱ ଲାଭ ଓ ଲୋଭର ସଂସାର ।

ଅଦ୍ଭୁତ ମିଛ ଆତ୍ମୀୟତାର
ପ୍ରୀତିର କଦମ୍ବ ଫୁଟାଇ
କ୍ଷଣିକ ପାଇଁ ଆଣନ୍ତି ସମ୍ମୋହନ
ବଦଳାଇ ଦିଅନ୍ତି
ଆଖି ଆଗ ସମସ୍ତ ନିରୀହତା
ଓ ସବୁରି ମନ ।

ମିଛକୁ ସତ କରିବାର କଳା
ତାଙ୍କୁ ଜଣା
ଜୀବନଚର୍ଯ୍ୟା ତାଙ୍କ
ମିଛରେ ସୁସଜ୍ଜିତ ।

ତୁଣ୍ଡର ତର୍କରେ
ପ୍ରତିଶ୍ରୁତି ପ୍ରତାରଣା ଶବ୍ଦବାଣରେ
ନିନାଦିତ କରିପାରନ୍ତି
ଆତ୍ମାରୁ ଅନ୍ତରୀକ୍ଷ ।

କପଟରେ ଜବର ଦଖଲ
କରିବା କଳା ସେମାନଙ୍କୁ ଜଣା
ସେମାନଙ୍କୁ ଜଣା ବି
ନିଜ ଗୁପ୍ତ ମନର ଠିକଣା ।

ଜୀବନର ମହତ୍ତ୍ୱ ପ୍ରକାଶିତ ହେଲେ
ଜୀବନର ପରିଚୟ
ନିଃଶବ୍ଦରେ ଫୁଲ ହୋଇ ଫୁଟେ

ଚିତ୍ରିତ ମିଛ ମଣିଷମାନଙ୍କ
ପୁରୁଷ ପଣିଆ
ଓଠରେ କେହି ନକହିଲେ ବି
ସଭିଙ୍କ ଆଖିକୁ ଦିଶେ ।

ମିଛ ମଣିଷମାନେ ଦୃଷ୍ଟିହୀନ
ସେମାନେ ଦେଖି ପାରନ୍ତିନି
ସୁନ୍ଦର ପୃଥିବୀ
ଗଛଲତା ନଦନଦୀ
ବାଉଳା ବସନ୍ତରୁ
ବୁଣି ପଡ଼ିଥିବା ରଙ୍ଗ

ସ୍ୱୀକାର କରିପାରନ୍ତିନି
ସଂସାର ମଣିଷମାନଙ୍କ
ପ୍ରେମମୟ ଓ ବାତ୍ସଲ୍ୟମୟ
ଅନ୍ତରେ ଭରା ସ୍ନେହ ଶ୍ରଦ୍ଧା
ପ୍ରେମ ଓ ଅନୁରାଗ ।

ରଙ୍ଗତୂଳୀରେ ସେମାନେ
ନିଜ ଚିତ୍ର ନିଜେ ଆଙ୍କିବାରେ ବ୍ୟସ୍ତ ।

ସେମାନଙ୍କ ପାଇଁ ଅଲୋଡ଼ା
ସମସ୍ତ ଶ୍ରଦ୍ଧାର ସମ୍ପତ୍ତି
ଜାଣନ୍ତି ସେମାନେ
ନିଜେ ଜଣେ ଜଣେ
ମିଛ ଓ ଚିତ୍ରିତ ମଣିଷ ।

♥ ମଣିଷଘର, ବାଗ୍ ବୃନ୍ଦାବନ, ବାଲେଶ୍ୱର
ଫୋନ:୯୯୩୭୯୩୨୫୭୦



▶ ଫଟୋ ପ୍ରଶାନ୍ତ ଦାସ



▶ ଚିତ୍ର : ଶିଳ୍ପୀ ମନୋଜ ସାହୁ



ଚିତ୍ର : ରିଙ୍କି ପ୍ରିୟଙ୍କା ଦାସ

ଏଇ ତ ଛାତି ତଳେ ନିରବି ଯାଆନ୍ତି କବିତାମାନେ,
କିଏ ପୁଣି ବିରହ ନିଆଁରେ ଅହର୍ନିଶ ଜଳୁଥାଏ ।

ସେ ଦେଖିଥିଲା,
ମାଟି ଉପରେ ବିଛି ହେଇ ପଡ଼ିଛନ୍ତି ଆକାଶେ କୋହ,
ସେ କୋହର ନା ଅଛି ଧର୍ମ ନା ଜାତି ନା ପରିଚୟ !
ବେଳାଭୂମିଟା ନିଃସଙ୍ଗ ହୋଇ ନିସ୍ତେଜ୍ ହେବା ପ୍ରାୟେ ସମୁଦ୍ର କୋଳରେ,
ଝରଣା ଝରାଏ ଏଠି ଅପ୍ରାପ୍ତିର କେଇବୁନ୍ଦା ଲୁହ ।

ସେ ସ୍ୱପ୍ନ ଦେଖୁଥିଲା,
କାହା ମଥାରେ ଚନ୍ଦନ ଟୋପାଟେ ନହେଲା ନାଇଁ,
କାହା ପାଦ ତଳେ ନିଜକୁ ସମର୍ପିତ ପାରିବ ଅନ୍ତତଃ ।
ତେବେ ହିଁ ସବୁ ଦାବଦହନର ଅନ୍ତେ ସେ ସାଜିବ 'ଶେଷତମ ଫୁଲ' !
ସେଇଠି ହିଁ ପ୍ରାପ୍ତିର ଶେଷ
ତାହା ହିଁ ତାର ଅସ୍ତିତ୍ୱ ।

♥ ସହଦେବଖୁଣ୍ଟା, ବାଲେଶ୍ୱର-୭୫୬୦୦୧,
ଫୋନ:୭୭୮୮୯୭୭୨୭୬

# ଶେଷତମ ଫୁଲ

## ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ

କେବେ ଦିନେ ସେ ଭାବିଥିଲା,
ପକ୍ଷୀଟିଏ ହେଇ ଉଡ଼ିଯିବ କି,
ଆଖି ପାଉଥିବା ଯାଏଁ ଯେତେ ଦୂର !
ଯାହା ପାଇଁ ରାତି ରାତି ଭାବିଥିଲା କେତେ କଥା,
ସେ ତ ଗଲାଣି କେବେଠୁ ଭାଙ୍ଗିଦେଇ କୁହୁଡ଼ିର ଘର ।
ଏବେ ଆଲୁଅ ବି ଅନ୍ଧାର ପରି ନୀରବ !
ଉଡ଼ିଗଲେ ହଳେ ରଙ୍ଗବେରଙ୍ଗର ପ୍ରଜାପତି,
ପ୍ରଜାପତି ଉଡ଼ିଯିବା ପରେ ହୃଦୟଟା ଏଥର କୁହୁଳା ସହର ।

ସେ ବୁଝିଥିଲା
ସବୁ କଇଁ ଭାଗ୍ୟରେ ଜହ୍ନଟେ ନଥାଏ,
କିଛି ଭେଟୁଥାନ୍ତି ଗଳ୍ପ କବିତାରେ
ଆଉ କିଛି ଆଶା ବିଜନରେ ଲୁହ ସଜାଏ ।



ଫଟୋ ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ

# ପ୍ରାରବ୍ଧ

## ଶୈଳବାଳା ବେହେରା

ସମୁଦ୍ରକୁ ସଅଁପି ଦିଅ
ସହସ୍ର ଆଶାର ଶୋଷ
ନିଦକରେ ଶୋଇଯାଅ
ଚାରିପାଖେ ଚରୁଥାଏ
ଖୁବ୍ ଏକ ଖାଲିପଣ
ନିରବ ନିଶ୍ଚୁପ
ଦୃପ୍ତତମ ପୌରୁଷତ୍ୱ
ଜିଇଁବାକୁ କରେ ବାଧ୍ୟ
କୋଳେ ଦେଇ ସ୍ୱପ୍ନ ଅବଶେଷ ।

ଅବଶେଷେ ଲେଖାହୁଏ କପାଳରେ
ଏ କି ଅବଶୋଷ !
ଖଣ୍ଡିଆ ଓଠ ଆଉ ତୀକ୍ଷ୍ଣ ଦନ୍ତର
ଶୀତଳତମ ଯୁଦ୍ଧରେ
ରହିରହି ସରିଯାଏ ନରମ ନିଃଶ୍ୱାସ
ଯଶୋଧାରାର ଶେଜ କରେ
ତଥାପି ବି ଶୋଇଥାଏ ବତୁରା ବିଶ୍ୱାସ ।

ବିଶ୍ୱାସ !
ବିଶ୍ୱାସ କରିଚ ତମେ ତାକୁ,
ଅଗ୍ନିର ଦହନ ପରେ
ଅନ୍ତର୍ଦାହ ତାର
ଭୋଗିଚ କି କେବେ ଥରେ
ତା ଭାଗ୍ୟର ଅସହାୟତା
ଶୁଣିଚ କି କେବେ
ସ୍ୱରଟିଏ ଥାଏ ତା' ମନର !
ସେ ତ କେବଳ ଦେହଟେ



▶ ଫଟୋ ଶୈଳବାଳା ବେହେରା



▶ ଚିତ୍ର : ଶ୍ରୀ ସୌଭାଗ୍ୟ ସାହୁ

ତମ ପାଇଁ ଭୋଗ୍ୟା ହେବାର
ବିଷକୁ ଅମୃତ ମଣି, ପିଇଛି ସେ ବାରବାର
କହିଛି ପୀୟୁଷ ।
ତଥାପି ଗୁଞ୍ଜରୁଥାଏ ପୁଞ୍ଜା ପୁଞ୍ଜା ସ୍ୱର
ନାରୀ ଆଉ ନର୍କ ଭିତରେ
ପାର୍ଥକ୍ୟ କଅଣ ଯେ !
ସେ ଦୁଇ ତ ଏକ
ଅବା ଏକାନ୍ତ ନିଜର
ବୁଦ୍ଧତ୍ୱର ପ୍ରାପ୍ତି ପାଇଁ
ଭୋଗିବାକୁ ବାଧ୍ୟ ସିଏ ଦଣ୍ଡ
ପରିତ୍ୟାଗର ।

କ୍ଷଣକରେ ପରିତ୍ୟାଗ କରିଦିଅ ତୁମେ !
ଯେତେ ଅଙ୍ଗୀକାର !
ସେଠି ପ୍ରଶ୍ନ ଉଠେନା
କାହା ଇଚ୍ଛା ବା ଅନିଚ୍ଛାର !
ପତ୍ନୀତ୍ୱର ଦ୍ୱାହି ଦେଇ
ଭୋଗୁଥାଏ ନିଃସଙ୍ଗତା
ତମେ କିନ୍ତୁ ପଥଚାରୀ
ମହା ନିର୍ବାଣର
ନିର୍ବାଣ ତା ପାଇଁ କାହିଁ
ମଧୁମଗ୍ନା ମାଟି ମୁଠେ
ପଣତରେ ତାର ବିଶ୍ୱାସେ ବତରୁଥାଏ
ସୃଷ୍ଟି ପାଇଁ ସ୍ନେହ ପାଳେ
ବଞ୍ଚି ରହି ମରୁଥାଏ
ମରି ପୁଣି ଜିଉଁଥାଏ
ଏଇ କାଳେ ପ୍ରାରବ୍ଧ ତାଆର ।


♥ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ, ରେମୁଣା, ବାଲେଶ୍ୱର
ଫୋନ:୯୪୩୮୫୩୨୭୯୬ / ୮୯୧୭୪୦୫୭୬୬



▲ ଚିତ୍ର : ଶିଳ୍ପୀ ସୁସ୍ମିତା ମିଶ୍ର

# ବସୁନ୍ଧରାର ସକାଳ

## ଶବନମ୍ ଆଦେନୀ

ଓଜୋନ୍‌ର ଛାତି ଚିରି କୁହୁଡ଼ିର ଛାତ ଡେଇଁ
ତମେ ଯେମିତି ଚାଲି ଆସୁଛ ମୋତେ ଛୁଇଁବା ପାଇଁ
ଏ ସମାଜ କଣ କହିବ କହିଲ !
କଳା ଚାଦର କାଢି ମୋ ଦେହରେ
ତୋଫା ରଙ୍ଗ ବେରଙ୍ଗର ଲୁଗା ଯଦି
ଏମିତି ପିନ୍ଧେଇ ଦେବ
ଏ ସମାଜ କଣ କହିବ କହିଲ !
ଏମିତି ମୋତେ କୁଣ୍ଢେଇ ନିଜ ରକ୍ତର
ମୁକ୍ତା ମୋ ମାଟିଆ ଦେହରେ ବୋଳି
ତମେ ଯେବେ ଏତେ ତାତି ଯାଅ, ଆଖି ଝଲସେଇ ସଭିଙ୍କର
ଏ ସମାଜ କଣ କହିବ କହିଲ !

ତମେ ସବୁଦିନ ସକାଳର ରୂପ ନେଇ
ମୋ ବାରଣ ସତ୍ତ୍ୱେ, ମୋ ଜଣାଣକୁ ଅଣଦେଖା କରି
ସହଜରେ କେମିତି ମୋ ମନ ବୁଝି ନିଅ
ହାତ ଧରି ଟାଣି ନିଅ ଯେବେ ଘନ ଅନ୍ଧାରରୁ ପାହାନ୍ତିଆକୁ ,
ତମ ପ୍ରେମରେ ଆହୁରି ମୁଁ ବୁଡିଯାଏ
ଲାଜର ସୀମା ଡେଇଁ ଚାଲି ଆସେ ତମ ସହିତ ସୂର୍ଯ୍ୟର ଆଲୁଅ ରାସ୍ତାରେ
ଏ ସମାଜ କଣ କହିବ କହିଲ !

ଲାଜ ଛାଡ଼ି କେତେ ସହଜରେ
ଏତେ ପାଖକୁ ନେଇ
ମୋତେ ଛାତିରେ ଜାବୁଡ଼ି ଧର
ମୋ ମଥାକୁ ଲାଲ ରଙ୍ଗରେ
ଯେବେ ଭରି ଦିଅ...
ଇସ୍ ...ମୁଁ ସବୁ ଭୁଲି ଯାଏ

ମୋ ସଂସାର ତମ ବାର ରଙ୍ଗରେ ରଙ୍ଗେଇ ଯାଏ
ମୁଁ ମୋ ଅନ୍ତସତ୍ତାରେ ଅନୁଭବ କରେ ନୂଆ ଜୀବନ,
କହୁ ପଛେ ଏ ସମାଜ ଯାହା କହେ
ଏମିତି ପ୍ରେମ କିଏ କଣ କେବେ କରେ !

ବସୁନ୍ଧରା ମୁଁ ତମ ଆଲୋକରେ
ଦିନକ ପାଇଁ ଚମକି ଯାଏ
ଦିନକ ପାଇଁ ତୁମର ହେଇଯାଏ
ଦିନକ ପାଇଁ ତୁମ ଦେହରେ ହଜିଯାଏ
ଚାଲିଯାଏ ପାଦ ମୋର ତୁମ ପଛେ ପଛେ ସବୁ ଏରୁଣ୍ଡି ଡେଇଁ..
ତୁମ ତାପକୁ ବାନ୍ଧିନିଏ ମୋ ଭିତରେ
ମୁଁ ଜିତିଯାଏ ତୁମ ପ୍ରେମରେ ପୁଣି ଥରେ ଦିନକ ପାଇଁ
ରାତି ପୂର୍ବରୁ ସଞ୍ଜ ଯାଏଁ
ତୁମେ ତମ ପରି ମୋତେ କରିଦିଅ ।

ମୋ ଅସ୍ତିତ୍ୱର ମୂଳ ତୁମେ ଜାବୁଡ଼ି ଧର
ଅନାଦି କାଳରୁ ସମାଜର ସବୁ ପ୍ରଶ୍ନ ଏଡେଇ
ମୋ ସଂଯମତା ବାଦ୍ ଦେଇ
ମୋ ଡର
'ଏ ସମାଜ କଣ କହିବ କହିଲ !'କୁ ବିରାମ ଦେଇ.. ।

♥ ଆର୍-୪୧, ଖିର୍‌କି ଏକ୍ସଟେନ୍‌ସନ୍,
ମାଳବୀୟ ନଗର, ନୂଆଦିଲ୍ଲୀ-୧୧୦୦୧୭, ଫୋନ: ୯୫୯୯୨୨୮୭୮୯



▲ କବି ଶବନମ୍ ଆଦେନୀ

ଧାରାବାହିକ
ଚରିତ-ଉପନ୍ୟାସ



# ଦାସେ ଆପଣେ

## ୨୬

# ଦାସେ ଆପଣେ


**ପବିତ୍ର ମୋହନ ଦାଶ**

ଅଧ୍ୟାପକ : ଇଂରାଜୀ ବିଭାଗ,
ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ, ବାଲିପୁଟ, ପୁରୀ
ଫୋନ : ୯୪୩୭୨୦୭୫୪୮


ଫଟୋ ସୌଜନ୍ୟ : ଲେଖକ
ପୋଟ୍ରେଟ୍ : ସଂଜୟ ରାଉଳ



ଔପନ୍ୟାସିକ ପବିତ୍ର ମୋହନ ଦାଶ

'ଦାସେ ଆପଣେ' କହିଲେ ଆମ ସାମ୍ନାରେ ଭାସି ଉଠେ ଯେଉଁ ଛବିଟି, ସେ ହେଲେ ଗୋପବନ୍ଧୁ ଦାସ । ଉତ୍କଳର ମଣି ସେ । ଉତ୍କଳମଣି । କୋଟି କୋଟି ଓଡ଼ିଆଙ୍କ ମନପ୍ରାଣରେ ବସା ବାନ୍ଧିଥିବା ଏ ମଣିଷ ଜଣକ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ । ଆଧୁନିକ ଯୁଗର ପଞ୍ଚସଖାମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ । ଭକ୍ତକବି ମଧୁସୂଦନ ରାଓଙ୍କ ନିଷ୍ପତ୍ତି କ୍ରମେ, ଗୋପବନ୍ଧୁ ସାକ୍ଷୀଗୋପାଳର ବକୁଳ ଓ ଛୁରିଆନା କୁଞ୍ଜରେ ପ୍ରତିଷ୍ଠା କରିଥିଲେ ସତ୍ୟବାଦୀ ବନ ବିଦ୍ୟାଳୟ । ଏହି ବିଦ୍ୟାଳୟରୁ ସେତେବେଳେ ଜାତୀୟ ସ୍ୱାଧୀନତା ଆନ୍ଦୋଳନ ପରିଚାଳିତ ହେଉଥିଲା । ୧୯୧୮ରୁ ୧୯୨୦ ମଧ୍ୟରେ ଓଡ଼ିଶାରେ ସଂଘଟିତ ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ ଓ ଅନାବୃଷ୍ଟି ତାଙ୍କୁ ମର୍ମାହତ କରିଥିଲା । ସେ ଚୁଡା, ଚାଉଳ ଧରି ପ୍ରପୀଡ଼ିତ ଅଞ୍ଚଳରେ ବାଣ୍ଟିଥିଲେ ।

ତାଙ୍କରି ଅମୂଲ୍ୟ ଓ ଅତୁଲ୍ୟ ଜୀବନକୁ ନେଇ କବି ପବିତ୍ର ମୋହନ ଦାଶ ଆରମ୍ଭ କରିଛନ୍ତି ଏଇ ଉପନ୍ୟାସ । ତେବେ ଗୋପବନ୍ଧୁଙ୍କୁ ନେଇ କାହିଁକି ? ଅନେକ ଜୀବନୀ ତାଙ୍କର ପ୍ରକାଶିତ । ତାଙ୍କ ସମସାମୟିକମାନଙ୍କ ଆତ୍ମଜୀବନୀ ଗୁଡ଼ିକରେ ମଧ୍ୟ ତାଙ୍କ ବିଷୟରେ ବର୍ଣ୍ଣନା ଉପଲବ୍ଧ । କିନ୍ତୁ ତାଙ୍କର ବୃହତ୍ ପୂର୍ଣ୍ଣାଙ୍ଗ ଜୀବନୀଟେ କାହିଁ ? ସୁତରାଂ ଜୀବନୀ ନଲେଖି ଉପନ୍ୟାସ କାହିଁକି ? ଏମିତି ଏକ ପ୍ରଶ୍ନ ଆସିପାରେ । ଗୋପବନ୍ଧୁ ଓଡ଼ିଆ ଜାତିର ଗଣ ଅବଚେତନରେ ସଂଚିତ ଏକ ଶିହରଣ । ତାଙ୍କ ନାଁ ଶୁଣିବା ମାତ୍ରେ କରୁଣା, ଉଦାରତା, ତ୍ୟାଗ, ତପସ୍ୟା, ମାନବିକତା ଓ ସତ୍ୟରେ ଗଢ଼ା ଏକ ଉଜ୍ଜ୍ୱଳ ମୂର୍ତ୍ତି ଆମ ସାମ୍ନାରେ ଉଭା ହୁଏ । ସଂଗ୍ରାମୀ, କବି, ସାମ୍ବାଦିକ, ସମ୍ପାଦକ, ଶିକ୍ଷକ, ଶିକ୍ଷାବିତ୍, ରାଜନେତା, ବିଧାୟକ, ଏମିତି କେତେ ଉପାଦାନରେ ଭରା ତାଙ୍କ ଜୀବନ । ସାଧାରଣ ଜନତା ପାଇଁ ସେ ପରମ କାରୁଣିକ । ଅବିରତ ନିଜ ଆଖିରୁ ଲୁହ ଝରାଇ ଅନ୍ୟ ଆଖିରୁ ଲୁହ ପୋଛୁଥିବା ଜଣେ ଦରଦୀ ପରିବ୍ରାଜକ । ତଙ୍କ ଜୀବନ କୌଣସି ଉପନ୍ୟାସ ଠାରୁ କମ ରୋମାଞ୍ଚକ ନୁହେଁ । ସେ ଆମ ପାଇଁ କେବଳ ଇତିହାସ ଓ ତଥ୍ୟ ନୁହଁନ୍ତି । ସେ ଚଳନ୍ତି କିମ୍ବଦନ୍ତୀ, ଓଡ଼ିଆ ଜାତିର । ତାଙ୍କ ମୃତ୍ୟୁରେ ବ୍ୟଥିତ ସେ ସମୟର ତରୁଣ ବିପ୍ଳବୀ ସୁଭାଷ ଚନ୍ଦ୍ର ବୋଷ କହିଥିଲେ, ଗୋପବନ୍ଧୁଙ୍କ ସହକର୍ମୀମାନେ ତାଙ୍କ ବିସ୍ମୟକର ଜୀବନ ବିଷୟରେ ଦୁନିଆକୁ ଜଣାନ୍ତୁ ।

ଏ ଉପନ୍ୟାସଟି ବସ୍ତୁତଃ ତାଙ୍କ ବିସ୍ମୟକର ଜୀବନ ଭିତରକୁ ପ୍ରବେଶର ଏକ ବିମଳ ପ୍ରୟାସ । ଦାସେ ଆପଣେ ଶିରୋନାମାରେ ରଚିତ ଏ ଚରିତ-ଉପନ୍ୟାସଟି ଲେଖକଙ୍କ ବହୁବର୍ଷର ଗବେଷଣା ଓ ଅନୁଧ୍ୟାନର ଫଳଶ୍ରୁତି । 'ରେବତୀ'ରେ ଏହା ଜାନୁଆରୀ ୨୦୨୦ ଠାରୁ ଧାରାବାହିକ ଭାବେ ପ୍ରକାଶ ପାଉଛି । ଆଶା, ଆମର ପାଠକଙ୍କୁ ଏହା ନୂଆ ସ୍ୱାଦ ଦେବ ।

**ପବିତ୍ର ମୋହନ ଦାଶ:** ଆମ ସମୟର ଜଣେ ପ୍ରଖର କବି । ସେ କବିତା ସର୍ଜନା ସହିତ ଉପନ୍ୟାସ ଓ ପ୍ରବନ୍ଧ ମଧ୍ୟ ଲେଖନ୍ତି । ତାଙ୍କ ରଚିତ ବହିଗୁଡ଼ିକ ହେଲା: (କବିତା) ବଜ୍ରବଂଶୀ, ରକ୍ତଶସ୍ୟ, ସ୍ୱପ୍ନମେଧ, ମେଘସଂଚାର, ବିକ୍ଷୁବ୍ଧ ସମୁଦ୍ର, ଦାଣ୍ଡିବୃତ୍ତ । (ଉପନ୍ୟାସ) ହଂସହାନି, ପାହାର । (ପ୍ରବନ୍ଧ) ମୂଲ୍ୟାୟନର ପ୍ରଶ୍ନ ।

ସତ୍ୟବାଦୀ ବିହାରର ପରିସରରେ ଅଦ୍ଭୁତ ବିଷାଦର କଳା ଛାଇ । ଶିକ୍ଷକଙ୍କ ଠାରୁ ଆରମ୍ଭ କରି ଛାତ୍ରମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ମୁହଁରେ ଉଦାସ,ଗମ୍ଭୀର ଭାବ । ଦୁଃଖଦ ଖବରରେ ସମସ୍ତେ ମର୍ମାହତ । ଶିକ୍ଷକମାନେ ବିବ୍ରତ ଯେ ଦୁଇ ଜଣ ଅନ୍ତେବାସୀ ଫେରାର । ଛାତ୍ରମାନେ ଉତ୍କଣ୍ଠିତ ଯେ ତାଙ୍କର ଦୁଇ ଦୋସର କେଉଁଠି ଥିବେ,କେମିତି ଥିବେ । ସାକ୍ଷୀଗୋପାଳର ଛୋଟିଆ ବଜାରରେ ଚହଳ – ପିଲା ଦୁଇଟା କଣ ଏଡ଼େ ବାଳୁଙ୍ଗା ? ଏଡ଼େ ଏଡ଼େ ପଣ୍ଡିତ ଥାଉଁ ଥାଉଁ ପିଲା କୁଆଡେ ଗଲେ ଜଣା ପଡିଲା ନାହିଁ । ଶିକ୍ଷକମାନେ କ୍ରୁଦ୍ଧ ଦିଶୁଥିଲେ ମଧ୍ୟ ଭିତରେ କେମିତି ଶଂକାଗ୍ରସ୍ତ । ସବୁଠୁ ବେଶୀ ଉଦାସ ଥାଆନ୍ତି ରାମଚନ୍ଦ୍ର । ସେ ହିଁ ପ୍ରଥମେ ଗୋପବନ୍ଧୁଙ୍କୁ ଭେଟି ଜଣାଇଥିଲେ ଦୁଃସମ୍ବାଦ । ସେତେବେଳକୁ ଗୋପବନ୍ଧୁ ସକାଳର ପ୍ରାର୍ଥନା ସାରି ଦହି ଓ ଲିଆ ଜଳଖିଆ କରି ଉଠିଥାନ୍ତି । ମୁହଁରେ ପ୍ରାର୍ଥନା ପରବର୍ତ୍ତି ପ୍ରଶାନ୍ତ ଭାବ ।

"କଣ ହେଲା ରାମଚନ୍ଦ୍ର ?"

"ଆପଣେ ! ବିଦ୍ୟାଳୟରୁ ବଡ଼ ଦୁଃସମ୍ବାଦ ।"

"କାହିଁକି, କଣ ହୋଇଛି ?"

"ମୋର ଶଳା ବାମଦେବ ଓ ଚନ୍ଦ୍ରଶେଖର ଏ ଦୁହିଁଙ୍କର ପତ୍ତା ମିଳୁନାହିଁ ।"

"କଣ କିଛି ସମସ୍ୟା ହୋଇଥିଲା ।"

"ନା ଆପଣେ ସେପରି କିଛି କଥା ତ ଜଣା ଜଣାଯାଉ ନାହିଁ ।"

"ଶ୍ରେଣୀରେ କୌଣସି ଶିକ୍ଷକ ଦଣ୍ଡ ଦେଇଥିଲେ କି ?"

"ନା ସେପରି ବି କିଛି କଥା ଘଟି ନାହିଁ ।"

"ଭିଡ଼ ପାଠ କିଛି ଆଦାୟ ହେବାର ଥିଲା କି ?"

"ନା ଆପଣେ ! ସେପରି କିଛି ଖବର ମଧ୍ୟ ମୋ ପାଖରେ ନାହିଁ ।"

"ଆଚ୍ଛା ଚନ୍ଦ୍ରର ବଜେଇ ନିକଟରେ ଦେହ ଛାଡିଥିଲେ । ବିଚରା ଗରିବ ପିଲା କେଡ଼େ କଷ୍ଟରେ ଗାଁ ଲୋକଙ୍କ ସହଯୋଗରେ ଶୁଦ୍ଧି କ୍ରିୟା କରିଥିଲା । ସେଥିପାଇଁ ସେ ଚାପଗ୍ରସ୍ତ ଥିଲା କି ? ତା'ର ଆର୍ଥିକ ସ୍ଥିତିକୁ ନେଇ ସେ ବିବ୍ରତ ଥିଲା କି ?"

"ନା ଆପଣେ ! ଆମେମାନେ ସମସ୍ତେ ତ ତାକୁ ମାନସିକ ବଳ ଦେଇଥିଲେ । ତା ଛଡା ଚାପରେ ଦବି ଯିବା ପିଲା ସେ ନୁହେଁ । ଆଉ ରହିଲା ବାମଦେବ କଥା । ତା'ର ମୁରବି ହିସାବରେ ମୁଁ ଘୋର ଲଜ୍ଜିତ । ତା ମନ ଭିତରେ କି ଭାବନା ଖେଳି ବୁଲୁଥିଲା ମୁଁ ଜାଣି ପାରିଲି ନାହିଁ ।

"କଥା ସେମିତି ଦେଖା ଯାଏନି ରାମ । ସେ ଦୁହେଁ କିଶୋର । ଏ ବୟସରେ ସେମାନେ କଞ୍ଚା ମାଟି । କେତେ କଣ କଥା ତାଙ୍କ ମନକୁ ଆଲୋଡିତ କରୁଥିବ । କେତେ ଆବେଗ କେଡ଼େ ସହଜରେ ସେମାନଙ୍କୁ ଘାରୁଥିବ ।"

"ହେଲେ ଆମେ ଏବେ କରିବା କଣ ? ଶେଷରେ ଏଥିପାଇଁ ଅନୁଷ୍ଠାନ ବଦନାମ ହେବ ।"

ତା ପରେ ଗୋପବନ୍ଧୁ ବଡ଼ ବିବ୍ରତ ହୋଇ ପଡିଲେ । ଆଖି ଛଳଛଳ କରି କହିଲେ, "ଆହା ପିଲା ଦୁଇଟି କେଉଁଠିକି ଗଲେ ? କଣ ଖାଇଲେ ପିଇଲେ ?"

ଅଳ୍ପ ସମୟ ଭିତରେ ବିଦ୍ୟାଳୟ କାର୍ଯ୍ୟାଳୟରେ ସମସ୍ତେ ଏକାଠି ହେଲେ । ଗୋପବନ୍ଧୁ ନୀଳକଣ୍ଠଙ୍କୁ ଚାହିଁ ପଚାରିଲେ, "ବାମଦେବ ଆଉ ଚନ୍ଦ୍ରଶେଖରଙ୍କର କିଛି ସନ୍ଧାନ ମିଳିଲାକି ?"

"ମୁଁ ତ ଖବର ପାଇବା ବେଳୁ ଚିନ୍ତିତ । ଦୁଇ ଜଣ ଶିକ୍ଷକ ଆଉ କେତେ ଜଣ ପିଲାଙ୍କୁ ପଠାଇଛି ସେମାନଙ୍କୁ ଖୋଜିବା ପାଇଁ । ହେଲେ ଏ ଯାବତ କିଛି ଖବର ନାହିଁ । ରାମଚନ୍ଦ୍ର ତ ଏଯାଏଁ ଜଳ ଗ୍ରହଣ କରିନାହିଁ । ଚାରିଆଡ଼େ ଚହଳ । ବାହାରକୁ ହୁଏତ ଏ ବାର୍ତ୍ତା ଯିବ ଯେ ଆମେ ପିଲାମାନଙ୍କ ଦାୟିତ୍ୱ ତୁଲାଇବାକୁ ଅସମର୍ଥ ।"

"ଧୈର୍ଯ୍ୟହରା ହୁଅନା । ପିଲା ମନ । କାହିଁକି କଣ ଭାବି ଯାଇଥିବେ । ବଳେ ଫେରିବେ । ଆଶ୍ୱାସନା ଦେଇ କହିଲେ ଗୋପବନ୍ଧୁ ।"

"ହଲେ ଅନୁଷ୍ଠାନର ପ୍ରତିଷ୍ଠା ବୋଲି ତ କିଛି ଅଛି । ଏ ଘଟଣା ପରେ ଆମେ ଅଭିଭାବକମାନଙ୍କୁ କି ମୁହଁ ଦେଖାଇବା ।' ଖେଦୋକ୍ତି କଲେ ନୀଳକଣ୍ଠ ।

"ଥରେ ପିଲାଏ ଆସି ଯାଆନ୍ତୁ ତା ପରେ ସବୁ ଠିକ ହୋଇଯିବ ।"

ଏତିକି ବେଳେ ଡରି ଡରି ବିଦ୍ୟାଳୟ ପ୍ରାଙ୍ଗଣରେ ପ୍ରବେଶ କଲେ ଚନ୍ଦ୍ରଶେଖର ଓ ବାମଦେବ । ଦୁହିଁଙ୍କ ମୁହଁରେ ଅପରାଧୀ ଭାବ । ଯେମିତି କପାଳରେ ଚାରି ମେଘ ଘୋଟିଛି । ଦୁହେଁ ଏକ ପ୍ରକାର ଥରୁଥାଆନ୍ତି । ଲାଗୁଥାଏ କିଏ ଟିକେ ପାଟି କଲେ ଦୁହେଁ ଯେମିତି ମାଟିରେ ମିଶି ଯିବେ । ରାମଚନ୍ଦ୍ର ସେ ଦୁହିଁଙ୍କୁ ଦେଖି ଆଦରରେ ଆଉଁସି ପକାଇଲେ । ଅନ୍ୟ ଅନ୍ତେବାସୀମାନେ କୁତୂହଳୀ ହୋଇ ସେମାନଙ୍କୁ ଘେରି ଠିଆ ହେଲେ । ଗୋପବନ୍ଧୁ ଏକ ଲୟରେ ଦୁହିଁଙ୍କ ଆଡେ ଚାହିଁ ରହିଥାନ୍ତି ।

"ତୁମେ ଦୁହେଁ କେଉଁଠି ଥିଲ ? ଏବେ କେଉଁଠୁ ଆସିଲ ?" ନୀଳକଣ୍ଠଙ୍କ ପ୍ରଶ୍ନର ଉତ୍ତରରେ ଚମକି ପଡି ଦୁହେଁ କହିଲେ, "କଟକରୁ ଆସିଲୁ ରେଳରେ । ସିଧା ଷ୍ଟେସନରୁ ଆସୁଛୁ ।"

"ହାତରେ ସେ କାଗଜ ଖଣ୍ଡକ କଣ ?"

"ଚିଠି ।"

ସେହି ଅବସ୍ଥାରେ ଚନ୍ଦ୍ରଶେଖର ନିଜ ପାଖରେ ଥିବା ଚିଠିଟି ରାମଚନ୍ଦ୍ରଙ୍କ ହାତକୁ ଦେଲା ସେ ନୀଳକଣ୍ଠଙ୍କ ହାତକୁ ବଢ଼ାଇ ଦେଲେ ।

"ଏ ପତ୍ର କାହାର ?"

"ଏ ଚିଠି ବାସୁଦେବ ଆପଣେ ଦେଇଥିଲେ ଆପଣଙ୍କୁ ଦେବା ଲାଗି ।"

"ବାସୁଦେବ ତ ଏଫ.ଏ. ପରୀକ୍ଷା ଦେବା ଲାଗି ପ୍ରସ୍ତୁତ ହେଉଛି କଟକରେ । ହେଉ ଚିଠିଟି ଦେଖେ ।"

ଚିଠିଟି ନୀଳକଣ୍ଠ ପଡିଲେ । ଗମ୍ଭୀର ମୁହଁ ପ୍ରସନ୍ନ ହୋଇ ଆସିଲା । ଚିଠିଟିକୁ ପୁଣି ଦାସେ ଆପଣେଙ୍କୁ ବଢ଼ାଇ ଦେଲେ । ଉଭୟେ ଚିଠି ପଢି ସାରି ବଡ଼ ସରସ ଦିଶିଲେ । ଦୁହିଁଙ୍କ ପ୍ରଫୁଲ୍ଲତା ଦୁଇ ଅପରାଧୀଙ୍କ ବୋଝ ଟିକେ ହାଲୁକା କରିଦେଲା । ନୀଳକଣ୍ଠ ହସି ହସି କହିଲେ, "ଓହୋ ତୁମ ଦୁହିଁଙ୍କର ତା ହେଲେ ବୈରାଗ୍ୟ ଆସି ଯାଇଥିଲା ।" ପାଖରେ ଥିବା ପିଲାଏ ଏଥିରୁ କିଛି ବୁଝି ପାରିଲେ ନାହିଁ ।

ଗୋପବନ୍ଧୁ ଅଭୟ ଦେବାରୁ ଚନ୍ଦ୍ରଶେଖର ପ୍ରଥମେ ଡରି ଡରି ତା ପରେ ସ୍ପଷ୍ଟ ଭାବେ କହିବା ଆରମ୍ଭ କଲା:

"ବଡ଼ ଆପଣେ ମଧୁସୂଦନ ମିଶ୍ର ଆମକୁ ସେଦିନ ସାହିତ୍ୟ ପଢ଼ାଉଥିଲେ । ଭକ୍ତକବିଙ୍କ ଦ୍ୱାରା ଲିଖିତ ବୁଦ୍ଧଦେବଙ୍କ ଜୀବନ ଚରିତ ସେ ଅତି ନିଷ୍ଠାର ସହ ବୁଝାଉଥିଲେ । ତାଙ୍କ ଶିକ୍ଷା ଜୀବନ୍ତ ଥିଲା । ରାଜପୁତ୍ର ଗୌତମରୁ ବୁଦ୍ଧରେ ପରିଣତ ହେବାର ଯାତ୍ରା ସେ ଅତି ନାଟକୀୟ ଭାବେ ଜଣାଉଥିଲେ । ତାଙ୍କର ସଂସାର ପ୍ରତି ବିତୃଷ୍ଣା ମୂଳରେ ଯେଉଁ ସବୁ ଦୃଶ୍ୟ ଥିଲା ସେସବୁକୁ ସେ ଅଭିନୟ କରି ଦେଖାଇଥିଲେ । ଆମେ ଏକ ପ୍ରକାର ମନ୍ତ୍ର ମୁଗ୍ଧ ହୋଇ ତାଙ୍କୁ ଶୁଣୁଥିଲୁ । ବୁଦ୍ଧ କିପରି ତାଙ୍କ କରୁଣା ବଳରେ ଦେବଦତ୍ତ ଦ୍ୱାରା ନିଯୁକ୍ତ ଘାତକମାନଙ୍କୁ ଶାନ୍ତ କରାଇ ଦେଇଥିଲେ, କିପରି ଅଙ୍ଗୁରୀୟମାଳର ହୃଦୟ ପରିବର୍ତ୍ତନ କରାଇଥିଲେ ଏସବୁ ଶୁଣି ଆମ ହୃଦୟ ନିର୍ମଳ ହୋଇ ଯାଇଥିଲା । ଏ ଜୀବନ ବୀଣାର ସଙ୍ଗୀତ ତୁଲ୍ୟ । ଅଧିକ ଆଘାତ କଲେ ତାର ଛିଣ୍ଡି ଯିବ । ମୃଦୁ ଆଘାତ କଲେ ସ୍ୱର ବାହାରିବ ନାହିଁ । ଜୀବନ ପୁଣି ଦୁଇ ଖଣ୍ଡ କାଷ୍ଠ ର ଘର୍ଷଣରେ ଉତ୍ପନ୍ନ ଅଗ୍ନିକଣା ତୁଲ୍ୟ – ଏହି ପରି ମୂଳ ଲେଖାରୁ ସେ ଅନେକ କଥା ବୁଝାଇଲେ । ତାଙ୍କ ଶିକ୍ଷାଦାନ ଆମ ଦୁହିଁଙ୍କୁ ଶାକ୍ୟ ମୁନିଙ୍କ ଯୁଗକୁ ନେଇ ଗଲା । ଆମକୁ ସଂସାର ତୁଚ୍ଛ ମନେ ହେଲା । ଲାଗିଲା ଏ ଜଂଜାଳ ଜାଲରେ ଘାରି ହେବା ଅପେକ୍ଷା ପ୍ରଶାନ୍ତି ଖୋଜିବା ଜରୁରୀ । ପାଠ ପଢା, ସଂସାର, ଭବିଷ୍ୟତ ସବୁ ଲାଗିଲା ଅଳିକ । ଆପଣେ ବୁଦ୍ଧଙ୍କ ଜୀବନକୁ ଆମ ଭିତରେ ଏପରି ସଂଚାର କରାଇଦେଲେ ଯେ ଦୁହେଁ ଭାବିଲୁ ଯେମିତି ଚାରି ଆର୍ଯ୍ୟ ସତ୍ୟ ଆମକୁ

ହାତ ଠାରି ଡାକୁଛନ୍ତି । ଆମର ଜୀବନ ଏଠି ନୁହେଁ ଆଉ କେଉଁ ଜଙ୍ଗଲରେ ଆମକୁ ଅପେକ୍ଷା କରିଛି । ଦୁଃଖ ତାପରୁ ମୁକ୍ତି ପାଇଁ ତଥାଗତଙ୍କ ମାର୍ଗ ତୁରନ୍ତ ଅନୁସରଣୀୟ ।"

କଥା ମଝିରେ ରାମଚନ୍ଦ୍ର ନିଜ ଶଳା ବାମଦେବଙ୍କୁ ଚିହାଇ ପଚାରିଲେ, "କଣ ବାମ !ଚନ୍ଦ୍ରଶେଖର ଠିକ କହୁଛି ନା ପାଠ ଭିଡରେ ଦୁହେଁ ଖସି ପଳାଉଥିଲ ?"

"ନା ଚନ୍ଦ୍ର ଠିକ କହୁଛି । ଆମେ ଦୁହେଁ ସେ ଶିକ୍ଷାର ପ୍ରଭାବରେ ଶୋଇ ପାରିଲୁ ନାହିଁ । ପରସ୍ପର ଭିତରେ ଆଲୋଚନା କଲୁ । ହଠାତ ସମସ୍ତଙ୍କ ନଜର ଏଡାଇ ବାହାରି ଗଲୁ । ଭୋକ ଶୋଷ କିଛି ଲାଗୁ ନଥିଲା । ଚାଲିଚାଲି ଯାଇ କାଠଯୋଡ଼ି କୂଳରେ ପହଁଚି ଗଲୁ । ପାଖରେ ଯାହା ପଇସା ଥିଲା ନଈ ପାରିରେ ଖର୍ଚ୍ଚ ହେଲା । କଟକ ସହର ଦେଖି ଆମେ ଦୁହେଁ ତାଟକା । ନଈ ବନ୍ଧେ ବନ୍ଧେ ଆଗକୁ ଚାଲିଲୁ । ଭାବି ଥିଲୁ ଏମିତି କିଛି ବାଟ ଗଲେ ଗଡ଼ଜାତ ରାଇଜର ଘୋର ଜଙ୍ଗଲ ପଡିବ । ଆଉ ଆମକୁ ଆମର ତପୋଭୂମି ମିଳିଯିବ । ଜଙ୍ଗଲ ଭିତରେ ତପସ୍ୟା କରିବାକୁ ସୁବିଧା ହେବ ।'




"ତୁମେ ବି କଣ ସମାନ ଚିନ୍ତା କରିଥିଲ ଚନ୍ଦ୍ରଶେଖର ?" ପଚାରିଲେ ଗୋପବନ୍ଧୁ ।

"ହଁ ଆପଣେ ! ବଡ଼ କଥା ଚିନ୍ତା ସିନା କରିଥିଲୁ, ହେଲେ ଆମେ ଯେ ପଳାତକ ଏ କଥା ଆମକୁ ଯେ କେହି ଦେଖିଲେ ଜାଣି ପାରୁଥିବ । ଆମେ ଦୁହେଁ ଚଙ୍ଗଚଙ୍ଗ ହେଉଥିଲୁ । ତେଣୁ କିଲଟରୀ ପାଖାପାଖି ଅନେକ ଲୋକ ଆମକୁ ସନ୍ଦେହ କଲେ । ନାନା କଥା ପଚାରି ବସିଲେ । ଆମେ କେଉଁଠୁ ଆସିଛୁ । କେଉଁଠିକୁ ଯିବୁ ? ଆମ ସାଙ୍ଗରେ ମୁରବି କେହି ଆସିଛନ୍ତି କି ନାହିଁ ଏମିତି ନାନା କଥା ପଚାରି ଆମକୁ ଅସ୍ତବ୍ୟସ୍ତ କରି ପକାଇଲେ । ବାଟ ନ ପାଇ ମୁଁ ସେମାନଙ୍କୁ ଅନୁରୋଧ କଲି– ଆମ ଗାଁର ଜଣେ ଲୋକ ଡିଷ୍ଟ୍ରିକ୍ଟ ବୋର୍ଡ଼ରେ ଚାକିରୀ କରନ୍ତି । ଟିକେ ତାଙ୍କ ଘରକୁ ବାଟ ବତାଇ ଦିଅନ୍ତୁ । ସେମାନେ ଆମକୁ ବାଟ ବତାଇବାକୁ ଚେଷ୍ଟା କରିବା ଭିତରେ ଦୂରରୁ ଆମକୁ ଦେଖିଦେଲେ ବାସୁଦେବ ଆପଣେ । ପାଟି କଲେ– "ଆରେ ପିଲେ ତୁମେ ଦୁହେଁ ଏଠି ? କଣ ଘରୁ ରଷିକରି ଆସିଛ ନା ପାଠକୁ ଡରି ଏଠିକୁ ପଳାଇ ଆସିଛ ? ତୁମେ ଦୁହେଁ ଆସିଛ ବୋଲି ସ୍କୁଲରେ ଅନ୍ୟମାନେ ଜାଣିଛନ୍ତି ତ ?"

"ଆମେ ଦୁହେଁ ମୁହଁ ପୋତିଲୁ । ସେ ସେଥିରୁ ସବୁ ଠଉରାଇ ନେଇ ଆମକୁ ତାଙ୍କ ବସା ଘରକୁ ନେଇ ଗଲେ । କେତେ ଆଦର ଯତ୍ନ କଲେ । ହାତରେ ରାନ୍ଧି ଆମ ଦୁହିଁଙ୍କୁ ଖୁଆଇଲେ । ଆଉ ରାତି ବେଳକୁ ଆମକୁ ବୁଝାଇଲେ – "ପିଲାଏ ଦେଖ ! ଈଶ୍ୱର ଉପାସନା ମଣିଷର ପରମ ଧ୍ୟେୟ ଏକଥା ସତ । ହେଲେ ଜୀବନକୁ ଆଡ଼ କରି ଯାହା ମିଳେ ତାହା ଶୁଖିଲା ତତ୍ତ୍ୱ । ସଂସାର ଛଡା ବାବାଜୀ ନ ହୋଇ ମଧ୍ୟ ଆତ୍ମ ଜ୍ଞାନ ପ୍ରାପ୍ତ କରି ହେବ । ତୁମେମାନେ ପଦ୍ମ ପତ୍ରର ପାଣି କଥା ଶୁଣି ଥିବ । ସେଇ ଦିଗରୁ ତୁମେମାନେ ସଂସାରରେ ଥାଇ ନିର୍ଲିପ୍ତ କର୍ମ ସାଧନା କରିବା ଜରୁରୀ । ତୁମ ଦୁହିଁଙ୍କ ଘରର ଆର୍ଥିକ ସ୍ଥିତି ଯାହା ତାକୁ ସଜାଡ଼ିବାରେ ନିହିତ ଅଛି ତୁମ ମାନଙ୍କ ପୁରୁଷାର୍ଥ । ତାଙ୍କ କଥା କେଡ଼େ ସୁନ୍ଦର ଲାଗୁଥିଲା । ସେ ଆଜି ସକାଳୁ ଆମ ଦୁହିଁଙ୍କୁ ଜଳଖିଆ ଖୁଆଇ ଷ୍ଟେସନରେ ଆଣି ଟିକେଟ କାଟି ଗାଡ଼ିରେ ବସାଇ ଦେଇ ଗଲେ । ମୁଁ ତ ଡ଼ରି ଯାଇଥିଲି । କହିଲି– "ଆମକୁ ବଡ଼ ଆପଣେ ନୀଳକଣ୍ଠ ରାଗିବେ । ତେଣୁ ସେ ଆସିଲା ବେଳେ ଏ ଚିଠି ଲେଖିଦେଲେ । ଆକଟ କରିଥିଲେ ଏ ଚିଠି ନ ପଢିବା ପାଇଁ ।"

"ହଁ ରେ ଚନ୍ଦ୍ର ! ବାସୁ ଚିଠିରେ ସବୁ କଥା ଲେଖିଛି ।"

ତହୁଁ ଗୋପବନ୍ଧୁ କହିଲେ, "ଯାଅ । ପିଲାଙ୍କୁ ଆଉ ଅପ୍ରସ୍ତୁତ କରନି । ଚନ୍ଦ୍ର, ବାମଦେବ ତୁମେ ଦୁହେଁ ଗାଧୁଆ ଖିଆ ସାରି ପାଠ ପଢିବାକୁ ଯାଅ । ଉପର ଓଳି ତୁମ ଦୁହିଁଙ୍କ ବିଷୟ ଆଲୋଚନା ହେବ ।"

ସେଦିନ ସାରା ଆଉ ଦୁହିଁଙ୍କର ମନ ଖାଇବା ପିଇବା କି ଶ୍ରେଣୀରେ ପାଠ ଶୁଣିବା କେଉଁଥିରେ ଲାଗିଲା ନାହିଁ । ଦୁହେଁ ଦିନ ସାରା ଚିନ୍ତିତ ରହିଲେ । ଗୋପବନ୍ଧୁଙ୍କୁ ନେଇ ବେଶୀ ଆଶଙ୍କା ନ ଥିଲା ହେଲେ କିଏ ଜାଣେ ଏବେ ଭଲ ବ୍ୟବହାର ଦେଖାଉଥିବା ନୀଳକଣ୍ଠ ଛାତ୍ର ସଭାରେ କ୍ଷୁବ୍ଧ ନ ହେବେ, ଗାଳି ନ ଦେବେ ।

ଉପର ଓଳି ଯଥାରୀତି ସଭା ଆରମ୍ଭ ହେଲା । ପିଲାଏ ତ ଆଗରୁ ସୂଚନା ପାଇଥାନ୍ତି । ତେଣୁ ସମସ୍ତଙ୍କ ମନରେ ଉତ୍ସାହ ଓ ଉତ୍କଣ୍ଠା । ଏ ଦୁଇ ଜଣଙ୍କୁ କଣ ଦଣ୍ଡ ବିଧାନ ହେବ । ସମସ୍ତେ ବସିବା ପରେ ଗୋପବନ୍ଧୁ କହିଲେ 'ଏଥର ନୀଳକଣ୍ଠ ପିଲାମାନଙ୍କୁ କିଛି କୁହନ୍ତୁ ।

ସେତେବେଳକୁ ଚନ୍ଦ୍ରଶେଖର ଓ ବାମଦେବ ବଡ଼ ସଙ୍କୁଚିତ ହୋଇ ବସିଥାନ୍ତି । ନୀଳକଣ୍ଠ ଆରମ୍ଭ କଲେ, "ପିଲାଏ ! ଆମେ ସମସ୍ତେ ବଡ଼ ଚିନ୍ତିତ ଥିଲୁ । ତୁମେମାନେ ଏଠି ଆମର ସମ୍ପଦ । ଅଭିଭାବକମାନେ ବଡ଼ ଭରସାରେ ତୁମ୍ଭମାନଙ୍କ ଦାୟିତ୍ୱ ଆମ ହାତରେ ଟେକି ଦେଇଛନ୍ତି । ତୁମ ମାନଙ୍କର ସାମାନ୍ୟ କ୍ଷତି ଆମ ସମସ୍ତଙ୍କ ସମ୍ମାନ ମାଟିରେ ମିଶାଇ ଦେବ । ଚନ୍ଦ୍ର ଓ ବାମଦେବଙ୍କ ପଳାୟନ ଆମ ମନରେ ନାନା ଆଶଙ୍କା ସଂଚାର କରୁଥିଲା । ଆମେ ଯେଉଁମାନଙ୍କୁ ଖୋଜିବା ଲାଗି ପଠାଇଥିଲୁ ସେମାନେ ମଧ୍ୟ ଆମକୁ ନିରାଶ କରିଥିଲେ । କିନ୍ତୁ ସୁଖର କଥା ସେମାନେ ଫେରି ଆସିଛନ୍ତି । ସେମାନେ ଯେଉଁ କାରଣରୁ ଯାଇଥିଲେ ତାହା ମୋ ପାଇଁ ବଡ଼ ଆନନ୍ଦ ଦାୟକ । ବୁଦ୍ଧଦେବଙ୍କ ଚରିତ ପଢି ସନ୍ନ୍ୟାସ ନେବା ଲାଗି ଘର ଛାଡିବା ମୋ ହୃଦୟରେ ଢେର ସୁଖ ଦେଇଛି । ପ୍ରଥମତଃ ମୁଁ ଆନନ୍ଦିତ ଯେ ଆମ ବିଦ୍ୟାଳୟରେ ପାଠ ପଢା ସେତିକି ମର୍ମସ୍ପର୍ଶୀ । ତେଣୁ ଆମର ସାହିତ୍ୟ ଶିକ୍ଷକ ବଡ଼ ଆପଣେ ମଧୁସୂଦନ ଅଭିନନ୍ଦନୀୟ । ସେ ଯେ ଶିକ୍ଷାଦାନକୁ କେତେ ସରସ ଓ ଜୀବନ୍ତ କରି ପାରନ୍ତି ତା'ର ପ୍ରମାଣ ଆମେ ଆଜି ନୁହେଁ ଅତୀତରୁ ଜାଣିଛୁ । ଦ୍ୱିତୀୟତଃ ଦୁଇ ପଳାତକ ଛାତ୍ର ଯେ ବିଷୟକୁ ଏତେ ଗଭୀର ଭାବେ ହୃଦ ଗତ କରିଛନ୍ତି ତାହା ମଧ୍ୟ ଗର୍ବର ବିଷୟ । ମୁଁ କେବଳ ପିଲାମାନଙ୍କୁ କହିବାକୁ ଚାହେଁ ଯେ ଈଶ୍ୱରଙ୍କ ଉପାସନା ବିଷୟରେ ସାବଧାନ ହେବା ଜରୁରୀ ।

ତା ପରେ ସେ ଦୁଇ ଛାତ୍ରଙ୍କୁ ଉଦ୍ଦେଶ୍ୟ କରି କହିଲେ, "ଦୁଇ ଖଣ୍ଡ କାଷ୍ଠର ଘର୍ଷଣରେ ଉତ୍ପନ୍ନ ଅଗ୍ନିକଣା ତୁଲ୍ୟ ଏ ଜୀବନ ପ୍ରଜ୍ୱଳିତ ହୋଇ ମୁହୂର୍ତ୍ତକେ ନିର୍ବାଣ ପ୍ରାପ୍ତ ହୁଏ – ଏତିକି କଥା ତୁମ୍ଭମାନଙ୍କ ଅନ୍ତର କୁ ଛୁଇଁଲା । ହେଲେ ପରିବାରର ନିରନ୍ନ ଆତ୍ମୀୟଙ୍କ କଥା ମନକୁ ଆସିଲା ନାହିଁ । ନିଜର ଆଶ୍ରିତମାନଙ୍କୁ ତ୍ୟାଗ କରି ଏପରି ବୈରାଗ୍ୟ ଆଚରଣ କେବଳ ନର୍କକୁ ବାଟ ଦେଖାଏ । ପିଲାଏ ଏହା ହେଲା ନିଷ୍ଠୁରର ବୈରାଗ୍ୟ ସାଧନା । ପରମେଶ୍ୱର ଯଦି ନିବୃତ୍ତିର କଥା କହିଥାନ୍ତେ ତା ହେଲେ ସେ ନିଜେ ଏତେ ବଡ଼ ସୃଷ୍ଟି କରିଥାନ୍ତେ କାହିଁକି ? ଏତେ ଜୀବ ଜନ୍ତୁଙ୍କ ଘଟରେ ନିଜେ ପୂରି ରହିଥାନ୍ତେ କାହିଁକି ? ତେଣୁ ପିଲାମାନେ

ଜୀବନର ପ୍ରତ୍ୟାଖ୍ୟାନରେ ଜୀବନ ନାହିଁ ଈଶ୍ୱର ବି ତାହା ଚାହାନ୍ତି ନାହିଁ । ଜୀବନର ଅଙ୍ଗୀକାର ବଡ଼ କଥା । ନ ହେଲେ ବୈରାଗ୍ୟ ଜୀବନର ସଂଘର୍ଷ ଭୟରେ ପଳାୟନ ଭଳି ମନେ ହେବ । ତେବେ ଏଥର ଦାସେ ଆପଣେ ତୁମ୍ଭମାନଙ୍କୁ କିଛି କହିବେ ।”



ଗୋପବନ୍ଧୁ ଟିକେ ସରସ ହୋଇ ଉଠିଲେ ।

“ପିଲାଏ ! ସତ୍ୟବାଦୀ ବିଦ୍ୟାଳୟ ଆମ ସମସ୍ତଙ୍କର ସ୍ୱପ୍ନର ପ୍ରଜ୍ଞା ପୀଠ । ଆମମାନଙ୍କ ଜୀବନ ବିନିମୟରେ ଯଦି ତୁମେ ସବୁ ଉଚିତ ଶିକ୍ଷା ପ୍ରାପ୍ତ ହୁଏ ସେଇ ହେବ ଆମ ଜୀବନର ଚରମ ଉପଲବ୍ଧି । ମୁଁ ଆଜି ବିଶେଷ ଖୁସି ଯେ ଆମର ଶିକ୍ଷକମାନେ ଏତେ ପ୍ରାଣ ସ୍ପର୍ଶୀ ଶିକ୍ଷା ଦେଇ ପାରୁଛନ୍ତି । ପରମ କାରୁଣିକ ବୁଦ୍ଧଦେବଙ୍କ ଚରିତକୁ ଜୀବନ୍ତ କରି ଫୁଟାଇ ପାରୁଛନ୍ତି । ତା ନହେଲେ ଦୁଇ ଜଣ ଛାତ୍ରଙ୍କ ଉପରେ ଏତେ ଗଭୀର ପ୍ରଭାବ ପଡି ନଥାନ୍ତା । ତେଣୁ ସେମାନେ ଚାଲି ଯାଉଥିଲେ ବୋଲି କେହି ସେମାନଙ୍କ ପ୍ରତି ଥଟ୍ଟା,ପରିହାସ କରନାହିଁ । ଆଚ୍ଛା ଚନ୍ଦ୍ରଶେଖର ଟିକେ ଠିଆ ହେବ ତ । ଚନ୍ଦ୍ର ଶେଖର ଠିଆ ହେବା ପରେ ଗୋପବନ୍ଧୁ ତାକୁ ଓ ଅନ୍ୟ ପିଲାମାନଙ୍କୁ ଚାହିଁ କହିଲେ, “ସମସ୍ତେ ଶୁଣ । ଜଣେ ଧନୀ ଗୃହସ୍ଥଙ୍କର ଦୁଇ ଜଣ ମୂଲିଆ । ଦୁହେଁ ବିଲ ଚଷିବାକୁ ଗଲେ । ସେଦୁହିଁଙ୍କ ଭିତରୁ ଜଣେ ବଡ ପ୍ରଭୁ ଭକ୍ତ । ସେ ହିଡ ମୂଳରେ ବସିବ ଓ ଅଧ ଓଳିଏ କାଳ ନିଜ ଖାମିଦଙ୍କର ସ୍ତୁତି ଗାଇବ । କହିବ – ମୋ ପ୍ରଭୁ ମହାନ । ତାଙ୍କ ଅନ୍ନ ଜଳରେ ମୋ ପରିବାରର ଜୀବନ ରହିଛି । ତାଙ୍କ ପରି ଦୟାଳୁ ଏ ଜଗତରେ କେହି ନାହିଁ – ଏତିକି କହି ସେ ଖାମିଦଙ୍କ ଧ୍ୟାନରେ ବସିଯିବ । ଧ୍ୟାନ ଭାଙ୍ଗିଲେ ଅଳ୍ପ ସମୟ କାମ କରିବ । ତା ପରେ ଘରକୁ ଫେରି ପୁଣି ମାଲିକଙ୍କ ସ୍ତୁତି କରିବ । ଆଉ ଆର ଜଣକ ଲଙ୍ଗଳ ଯୋଚି ହଳ କରିବ । ଖାମିଦ କଥା ମନରେ ନ ଆଣି ଝାଳ ବୁହା ଶ୍ରମ କରିବ । ସଂଜରେ ଘରକୁ ଫେରିବ । ଆଚ୍ଛା କୁହତ ଚନ୍ଦ୍ର ଖାମିଦ କାହାକୁ ସୁଖ ପାଇବେ, କାହାକୁ ମଜୁରୀ ଦେବେ ?”

ଚନ୍ଦ୍ରଶେଖର ଅଳ୍ପ ସଂକୋଚ କରି ଉତ୍ତର ଦେଲା, “ଯିଏ କାମ କରିଥିବ ।”

“ତେବେ ତୁମେ ସମସ୍ତେ ମୋ କଥାର ମର୍ମ ବୁଝି ପାରିଥିବ । ଭୁଲି ଯାଅନି ପିଲେ– ଆତ୍ମ ଜ୍ଞାନ ପାଇବା ପରେ ବୁଦ୍ଧ ଅକ୍ଳାନ୍ତ ଶ୍ରମ କରି ଲୋକଙ୍କୁ ସେ ପଥରେ ଯିବାକୁ ପ୍ରବର୍ତ୍ତାଇଥିଲେ । ତା ଛଡା ପରମେଶ୍ୱରଙ୍କ ସୃଷ୍ଟିରେ ସମସ୍ତେ ଏକକ ଓ ଅନନ୍ୟ । ତେଣୁ ତୁମେ ହୁଏତ ନିଜ ବାଟରେ ସତ୍ୟ ପାଇବ । ବୁଦ୍ଧ ବି ନିଜେ କହୁଥିଲେ ନିଜ ପାଇଁ ନିଜେ ଆଲୋକ ବର୍ତ୍ତିକା ହୁଅ ।” ଏତିକି କହି ଗୋପବନ୍ଧୁ ବସିଲେ । ପିଲାଏ ସଂଧ୍ୟା କାଳୀନ ଶ୍ଳୋକାନ୍ତରେ ମନ ଦେଲେ । ଗୋଟିଏ ଭାଗର ଜଣେ ଗୋଟିଏ ଶ୍ଳୋକ ଗାଇ ସାରିବା ପରେ ତା’ର ଶେଷ ଅକ୍ଷରକୁ ଧରି ଆର ପାଖର ଆଉ ଜଣେ ଶ୍ଳୋକ ବୋଲିଲା । ତେବେ ପିଲାଙ୍କ ପାଖରେ ତ ସଂସ୍କୃତ ଶ୍ଳୋକର ଭଣ୍ଡାର ନଥାଏ । ତେଣୁ ମଝିରେ ମଝିରେ ଓଡ଼ିଆ ମିଶା କାମ ଚଳା ଶ୍ଳୋକ ସବୁ ବାହାରିଲା । ତାକୁ ଶୁଣି ରାମଚନ୍ଦ୍ର ଅଳ୍ପ ଥଟ୍ଟା କରି କହିଲେ, “ଏ ଶ୍ଳୋକ ପୁଣି କେଉଁ ଶାସ୍ତ୍ରରେ ଅଛି ।” ଏକଥା ଶୁଣି ପିଲାଏ ହସି ଉଠନ୍ତି । ରାମଚନ୍ଦ୍ର କିଛିଟା ଖୁସି ଥାଆନ୍ତି କାରଣ ବାମଦେବ ଫେରି ଆସିଥାଏ ।

ସମୟ ଗଡି ଚାଲୁଥାଏ । ଘର ତୋଳା କାମ ପାଇଁ ସମସ୍ତେ ଚିନ୍ତିତ ଥାଆନ୍ତି । ବିକଳ୍ପ ଶ୍ରେଣୀ ଗୃହର ଯୋଜନା ମଧ୍ୟ ହେଉଥାଏ । ତେବେ ପିଲାଙ୍କ ପାଠ ପଢା କିପରି ପ୍ରଭାବିତ ନହେବ ସେଥିପାଇଁ ସମସ୍ତେ ତତ୍ପର ଥାଆନ୍ତି । ସେଥର ଗୋପବନ୍ଧୁ ସ୍ଥିର କରିଥାନ୍ତି ଯେମିତି ହେଉ ଗ୍ରୀଷ୍ମ ଛୁଟିରେ ଘର କାମରେ ଅଗ୍ରଗତି ଆଣିବାକୁ ହେବ । ନୀଳକଣ୍ଠ ପଚାରନ୍ତି, “ଆପଣେ ! ସ୍କୁଲ୍ କାମ ଆଗେଇ ନେବା ପାଇଁ ଗ୍ରୀଷ୍ମ ଛୁଟି ଦୀର୍ଘ କରିବାକୁ ହେବ ।”

“ହଁ ନୀଳକଣ୍ଠ ସେ ବିଷୟରେ ମୁଁ ଚିନ୍ତା କରିଛି । ସମସ୍ତ ଘର ନିର୍ମାଣ ସମୟ ସାପେକ୍ଷ । ତେଣୁ ଦୁଇ ମାସ ପାଇଁ ଗ୍ରୀଷ୍ମ ଛୁଟି ପକରିବା ।”

ପିଲାମାନେ କୁହାକୁହି ହୁଅନ୍ତି, “ଦେଖ, ଅନ୍ୟ ଇସ୍କୁଲ ସବୁ ଛୁଟି ହୋଇ ଗଲାଣି । ଖରା ଯେ ନାହିଁ ନଥିବା । ଆମର ଛୁଟି କେବେ ହେବ ।”

ଆଉ ଜଣେ ଛାତ୍ର ଉତ୍ତର ଦିଏ, “ଜାଣିନା କି ଦାସେ ଆପଣ ପରା କହିଛନ୍ତି ଏ ବର୍ଷର ଖରା ଛୁଟି ବର୍ଷା ଦିନେ ହେବ ।”

ତା ପରେ ଉପସ୍ଥିତ ପିଲାଏ ହସି ଉଠନ୍ତି । ତେବେ ଶେଷରେ ଛୁଟି ଦିନ ପାଖେଇ ଆସିଲା । ଠିକ ପୂର୍ବ ଦିନ ବିଦ୍ୟାଳୟରେ ଭୋଜୀର ଆୟୋଜନ କରାଗଲା । ପୂଜାରୀମାନଙ୍କୁ ସହଯୋଗ କରିବା ପାଇଁ କେତେ ଜଣ ଶିକ୍ଷକ ଓ ବଡ଼ ପିଲା ରହିଲେ । ପିଲାମାନେ ଭୋଜୀକୁ ନେଇ ବଡ଼ ଉତ୍ସାହିତ ଥିଲେ । ମେସର ଚିରାଚରିତ ଡାଲି,ସାଦା ତରକାରୀ, ମାଛ ଘାଣ୍ଟ ଠାରୁ କିଛି ଅଧିକ ସୁଆଦିଆ ଖାଦ୍ୟର ଆୟୋଜନ ସେମାନଙ୍କ ମନରେ ଖୁସି ଦେଇଥାଏ ।

ସେଦିନ ବିଦ୍ୟାଳୟ ପରିସରରେ ଅତିଥି ରୂପେ ଯୋଗ ଦେଲେ କଲେଜିଏଟ ସ୍କୁଲର ହେଡମାଷ୍ଟର ଜଗନ୍ନାଥ ମହାପାତ୍ର, ଜଗବନ୍ଧୁ ସିଂ ଆଉ ମଧୁସୂଦନ ଦାସ । ନୀଳକଣ୍ଠଙ୍କର ବନ୍ଧୁ ହିସାବରେ ଜଗନ୍ନାଥଙ୍କର ବିଦ୍ୟାଳୟ ପ୍ରତି ବିଶେଷ ଆଗ୍ରହ ଥିଲା । ଜଗବନ୍ଧୁ ଗୋପବନ୍ଧୁଙ୍କର ଘନିଷ୍ଠ । ଆଉ ମଧୁବାବୁ ତ ସମସ୍ତଙ୍କର ମୁରବୀ । ତାଙ୍କ ମନରେ ବି ବିଦ୍ୟାଳୟ ଗୃହ ନିର୍ମାଣକୁ ନେଇ ଅନେକ ଚିନ୍ତା । ତେଣୁ ଆସୁଆସୁ ମଧୁବାବୁ କହିଲେ, “ମୁଁ ଦେଖିବାକୁ ଚାହେଁ ତୁମମାନଙ୍କର ସେଇ ପ୍ରାକୃତିକ ଶ୍ରେଣୀ ଗୃହ । ଜାଣିବାକୁ ଚାହେଁ ପିଲାଏ ବିନା କାନ୍ଥ ବିନା ଛାତରେ କେମିତି ପାଠ ପଢୁଛନ୍ତି ।”

ତାଙ୍କ ସହ ଅନ୍ୟ ଅତିଥିମାନେ ବି ଚାଲିଲେ । ଯେତେ ଦୂରକୁ ଗଲେ ଛାଇ ଘନେଇ ଆସିଲା । ଉତ୍ତାପ କମିଲା ପରି ମନେ ହେଲା ।

ଗୋପବନ୍ଧୁ ଟିକେ ଦୂରକୁ ଆଙ୍ଗୁଠିରେ ଇଙ୍ଗିତ କରି କହିଲେ, “ଏଇ ହେଉଛି ଗୁପ୍ତ ବୃନ୍ଦାବନ । ଆମର ଏଠି ଲୋକ ବିଶ୍ୱାସ ଯେ ରାଧା କୃଷ୍ଣ ଯେତେବେଳେ ବୃନ୍ଦାବନର ଅନୁପସ୍ଥିତ ରହନ୍ତି ଏଠି ଗୋପନରେ ବିହାର କରନ୍ତି । ସ୍ଥାନୀୟ ଦୃଷ୍ଟିରେ ଏହା ବିକଳ୍ପ ବୃନ୍ଦାବନ । ତେଣୁ ଏ ସ୍ଥାନ ପରମ ପବିତ୍ର ।”

ଜଗନ୍ନାଥ ବାବୁ କହିଲେ, “ଉପରେ ଗଛ ଛାତ, ଦାଢ଼ରେ ନିଘଞ୍ଚ ଛୁରିଅନାର ବାଡ଼ । ଏ ତ ନିରନ୍ଧ୍ର କୁଞ୍ଜ । ଏଠି ପାଠ ପଢ଼ାର ସୁଖ ପିଲାଏ ବୁଝୁଥିବେ । ଖରା ବି ଏଠି କଅଁଳ ହୋଇଯାଉଛି ଆପଣା ଛାଏଁ ।”

ଜଗବନ୍ଧୁ କହିଲେ, “ଏପାଖେ ଦେଖନ୍ତୁ ମଝି ଅଞ୍ଚଳ ସଫା କରା ହୋଇଛି ।

ଇଟା,ବାଲି,ସିମେଣ୍ଟ ଆଉ ଚୂନରେ ଯେଉଁ ଆସନ କରାହୋଇଛି ଏ ପୁଣି କାହା ଲାଗି ?"

"ଏ ଆସନ ଶିକ୍ଷକଙ୍କ ଲାଗି ।"

ଏ ଭିତରେ ମଧୁବାବୁ ଚାରିଆଡେ ଆକ୍ଷି ବୁଲାଉଥିଲେ । ନଜର ପଡିଲା ଟଙ୍ଗା ହୋଇଥିବା କଳା ପଟା ଉପରେ । ଗୋପବନ୍ଧୁଙ୍କ ଆଡେ ଚାହିଁ କହିଲେ, "ଗୋପବନ୍ଧୁ ଇଏତ ବ୍ଲାକ ବୋର୍ଡ ଝୁଲାଇବାର ଅଭିନବ ଉପାୟ । ଏପରି ଇଂଜିନିୟରିଂ !"

"ହଁ ଆଜ୍ଞା । ଆବଶ୍ୟକତା ଏପରି ଅନେକ କଥା କରାଏ । ମୁଁ ଯେତେବେଳେ ଘରପୋଡି ପରେ ଏହି ଛୁରିଅନା କୁଞ୍ଜରେ ପାଠ ପଢ଼ା ଯିବା ନିଷ୍ପତ୍ତି ନେଲି ଅନ୍ୟମାନେ କହିଥିଲେ - ପିଲାଏ କୌଣସି ମତେ ବସି ଯିବେ, ଶିକ୍ଷକଙ୍କ ପାଇଁ ଆସନ ହୋଇଯିବ । ହେଲେ କଳା ପଟା ଝୁଲିବ କେଉଁଠି ? - ସେତେବେଳେ ବଡ଼ବଡ଼ ଗଛର ଗଣ୍ଡି ମୋ ଆକ୍ଷିରେ ପଡିଥିଲା । ଆଉ ଆମେ ସମସ୍ତେ ସ୍ଥିର କରିଥିଲୁ - ଦୁଇଟି ପାଖାପାଖି ଥିବା ବଡ଼ ଗଛର ଗଣ୍ଡିରେ ବଡ଼ କଣ୍ଟା ପିଟି ବ୍ଲାକ ବୋର୍ଡ ଲଗାଇ ଦିଆଯିବ ।" କହିଲେ ଗୋପବନ୍ଧୁ ।

ଚାରିପାଖରୁ ଛୁଟି ଆସୁଥାଏ ଚମ୍ପା,ନାଗେଶ୍ୱର, ଜାଇ, ଦଅଣା ଇତ୍ୟାଦି କେତେ ପ୍ରକାରର ବାସ୍ନା । ଜଗନ୍ନାଥ ବାବୁ ଆଘ୍ରାଣ କରୁ କରୁ କହିଲେ, "ଏତେ ମନୋମୁଗ୍ଧକର ସୁବାସ ! ପିଲାଏ ତ ମୋହିତ ହୋଇ ପଢୁଥିବେ ? ମୋର ଏଠି ବସି ରହିବାକୁ ଇଛା । ମୋ କଲେଜିଏଟ୍ ସ୍କୁଲ୍‌ରେ ଏ ବାସ୍ନା ଆସିବ ବା କାହୁଁ ?"

ନିଜ ସହପାଠୀର ଏପରି ମନ୍ତବ୍ୟର ଉତ୍ତରରେ ନୀଳକଣ୍ଠ କହିଲେ, "କଲେଜିଏଟ୍‌ର ଦରମା ବି ପାଇବ ଗୁପ୍ତ ବୃନ୍ଦାବନର ବାସ୍ନା ବି ଭୋଗିବ - ଦି କଥା କଣ ଏକା ବେଳକେ ସମ୍ଭବ । ଆପଣେ କହନ୍ତି ଏଠି ବିଭିନ୍ନ ସୁବାସ ଏକତ୍ର ହୋଇ ବ୍ୟୂହ ରଚନା କରନ୍ତି । ଅନ୍ୟକୁ ଛାଡି ଦିଅନ୍ତି ନାହିଁ । ପିଲାମାନେ କିପରି ରହିବେ ସେଇ ତ ଆମର ଚିନ୍ତା ।"

ଗୋପବନ୍ଧୁଙ୍କ ସମ୍ପର୍କରେ ଏପରି କଥା ଶୁଣି ମଧୁବାବୁ କହିଲେ, "ସେ କବି ତ ତେଣୁ ତାଙ୍କ ହୃଦୟକୁ ଏପରି କଥା ସାଜେ । ତେବେ ଅଭାବୀ ପିଲାଏ ସୁବାସରେ ବଶୀଭୂତ ହେବା ବେଶ ସାଙ୍କେତିକ । ହେଲେ ଆମକୁ ଘର ତୋଳା କାମ ଆଗେଇ ନେବାକୁ ହେବ ।"

ମଧୁବାବୁଙ୍କ ପ୍ରସ୍ତାବନା ଉପରେ ଟିପପଣୀ କରି ଗୋପବନ୍ଧୁ କହିଲେ, "ଘର ତୋଳା ଆରମ୍ଭ ହେଲାଣି ପୁଣି ଏପରି ପରିବେଶରେ କ୍ଲାସ୍ ହେଉଛି ଶୁଣି ଦୂରଦୂରାନ୍ତରୁ ପିଲାଙ୍କ ଆସିବା ଆରମ୍ଭ ହେଲାଣି । ଖଲ୍ଲିକୋଟ, ପାରଳା, ଘୁମୁସର, ସମ୍ବଲପୁର, ସିଂହଭୂମି, ମେଦିନୀପୁର, ପୁଣି ଅନ୍ୟାନ୍ୟ ଗଡ଼ଜାତରୁ ପିଲା ଆସିବା ଆରମ୍ଭ କଲେଣି । ତେଣୁ ଆମକୁ ଉତ୍ତମ ରୂପେ ସଂଗଠିତ ହେବାକୁ ପଡିବ ।"

"ହଁ ଗୋପବନ୍ଧୁ ! ରାଜା, ମହାରାଜା, ଜମିଦାର ମହନ୍ତ, ସମ୍ପନ୍ନ ଲୋକ ସମସ୍ତେ ତ ଏଥିପାଇଁ ସହଯୋଗ କରୁଛନ୍ତି । ମହାନ ସ୍ୱପ୍ନ ପାଇଁ ପ୍ରତିବନ୍ଧକ ଯେମିତି ଆସେ ସହଯୋଗ ବି ସେମିତି । ଆମେ ବିବ୍ରତ ନହୋଇ ପରମ ପିତାଙ୍କ ଉପରେ ନିର୍ଭର କରି କାର୍ଯ୍ୟ କରିଯିବା ।"

"ଆଜ୍ଞା ।" ଏପରି କହି ଗୋପବନ୍ଧୁ ନୀଳକଣ୍ଠଙ୍କ ଆଡେ ଚାହିଁ କହିଲେ, "ଏବେ ଯିବା । ପୂଜାରୀମାନଙ୍କ ରୋଷେଇ କେତେ ଦୂର ଗଲା ଦେଖିବା ।"

"ସେମାନଙ୍କୁ ସହଯୋଗ କରିବା ଲାଗି ମୁଁ ପିଲାମାନଙ୍କ ଭିତରେ ବି କିଛି ଦାୟିତ୍ୱ ବାଂଟିଛି । ବଡ଼ ଶ୍ରେଣୀର ପିଲାମାନେ ପରିବା କାଟିବା ଓ ପାଣି ବୋହିବା କାମରେ ସହଯୋଗ କରୁଛନ୍ତି । ଆଶା କାମ ସୁରୁଖୁରୁରେ ହୋଇଯିବ ।"

ମଧୁବାବୁ ପଚାରିଲେ, "ଆଜି ସାଧାରଣ ରୋଷେଇ ତ ?"

"ନା ଆଜି ଆପଣମାନଙ୍କ ସମ୍ମାନାର୍ଥେ ଭୋଜୀ ର ଆୟୋଜନ । ଆମେ ସ୍ଥିର କରିଛୁ ଆଗକୁ ପ୍ରତିବର୍ଷ ଛୁଟୀ ପୂର୍ବ ଦିନ ଏପରି ଭୋଜି ଏକ ପରମ୍ପରା ସ୍ୱରୂପ କରାଯିବ ।"

ଭୋଜିକୁ ସ୍ଥାନୀୟ ମୁରବୀମାନେ ମଧ ନିମନ୍ତ୍ରିତ ହୋଇ ଆସି ଥାଆନ୍ତି । ପଙ୍ଗତ ଆରମ୍ଭ ହେଲା । ପରଷୁଣିମାନେ ପରଷିବାରେ ଲାଗିଥାନ୍ତି । ମଧୁବାବୁ ପରିମିତ ଆହାରୀ । ତେଣୁ ତାଙ୍କୁ କେହି ଖାଇବାକୁ ବେଶୀ ବଳାଇଲେ ନାହିଁ । କିନ୍ତୁ ନୀଳକଣ୍ଠ ତାଙ୍କ ସହପାଠୀ ଜଗନ୍ନାଥଙ୍କୁ ନିଜେ ପରଷିବାକୁ ଗଲେ, "ଆଉ ଟିକେ ମାଛ ବେସର ଦିଏ ଅତିଥି ମହୋଦୟ ।"

"ନା ନା ମୋର ଢେର ହେଲାଣି ।"

"ନାଇଁ ମ ଆମର ପରା ଉକ୍ତି ଅଛି ଆହାର ବ୍ୟବହାରେ ଚ ତ୍ୟକ୍ତ ଲଜ୍ଜା ସୁଖୀ ଭବେତ ।"

"ତା ବୋଲି କଣ ପେଟ ଫାଟିବା ଯାଏଁ ଗିଳିବ ନା କଣ ?"

ଦୁଇ ବନ୍ଧୁଙ୍କର ଏ କୌତୁକ ପିଲାମାନେ ଢେର ଉପଭୋଗ କରୁଥାନ୍ତି । ତେଣେ ଗୋପବନ୍ଧୁ ମଧ ନିଜର ଅନଭ୍ୟସ୍ତ ହାତରେ ପିଲାମାନଙ୍କୁ ପରଷିବାକୁ ବାହାରି ପଡ଼ନ୍ତି, "କ୍ଷୀରି ଅଣକେ ଦିଏଁ । ଆଉ ପଟେ ଅମାଲୁ ?"

ପିଲାଏ ବଡ଼ ଆମୋଦିତ ହୁଅନ୍ତି । ପଙ୍ଗତ ସରେ । ପତ୍ର ଉଠାଇ ଫିଙ୍ଗା ହୁଏ । ସବୁ ପରିଷ୍କାର କରାଯାଏ । କେତେ ସମୟ ବିଶ୍ରାମ ପରେ ପିଲାମାନେ ଏକତ୍ର ବସନ୍ତି ଆୟୋଜିତ ହୁଏ ସଭା । ଗୋପବନ୍ଧୁ, ନୀଳକଣ୍ଠ ଓ ଜଗନ୍ନାଥ ପ୍ରଭୃତି ଆପଣା ବାଟରେ ପିଲାମାନଙ୍କୁ ଦିଅନ୍ତି ଉଦବୋଧନ । ପିଲେ କିନ୍ତୁ ଅପେକ୍ଷା କରିଥାନ୍ତି ମଧୁବାବୁଙ୍କ ଭାଷଣକୁ । ତାଙ୍କୁ ଶୁଣିବା ବେଳେ ପିଲାଏ ପୂରା ନିରବ । ତାଙ୍କର ମେଘ ଗମ୍ଭୀର ଓ ବୁଦ୍ଧିଦୀପ୍ତ ସ୍ୱରରେ ପିଲାଏ ଏକ ପ୍ରକାର ଆବିଷ୍ଟ ହୋଇ ରହିଲେ ।

'ପିଲାଏ ତୁମେମାନେ ଏପରି ଏକ ବିଦ୍ୟାଳୟ ରେ ପଢୁଥିବାରୁ ଅତ୍ୟନ୍ତ ଭାଗ୍ୟବାନ । ଏ ବିଦ୍ୟାଳୟ ଧନରେ ଗଢ଼ା ହେଉନାହିଁ । ଗଢ଼ା ହେଉଛି ରକ୍ତ, ମାଂସ ଓ ମସ୍ତିଷ୍କରେ । ଗୋପବନ୍ଧୁ ଓ ନୀଳକଣ୍ଠ ଏ ଦୁହିଁଙ୍କୁ ମୁଁ ବହୁ ଦିନରୁ ଜାଣେ । ଏ ସମସ୍ତେ କେବଳ ବିଦ୍ୟାଳୟରେ ସମ୍ପୃକ୍ତ ନୁହଁନ୍ତି । ଏମାନଙ୍କ କାର୍ଯ୍ୟ ପରିସର ବ୍ୟାପକ । ପରାଧୀନ ଭାରତର ଓ ଖଣ୍ଡ ବିଖଣ୍ଡିତ ଓଡ଼ିଆ ଜାତିର ମୁକ୍ତି ସାଧନ ପାଇଁ ଏମାନେ ପ୍ରାଣ ବଳି ଦେଇଛନ୍ତି । ତୁମେ ପିଲାମାନେ ଏମାନଙ୍କ ପାଖରେ ବସି, ଶୋଇ, କାମ କରି ପଢି ଯେତେବେଳେ ଯୁବକ ହେବ ସେତେବେଳେ ଉତ୍କଳ ଜନନୀର ଶହ ଶହ ଗୁଣୀ ସନ୍ତାନ ଏ ଦେଶର ନାୟକ ହେବେ । ଘର ପୋଡି ଗଲା, ଇଟାର କାନ୍ଥ ଭାଙ୍ଗିଗଲା - ବିଦ୍ୟାଳୟର ଗୃହ ରକ୍ତ ମାଂସ ଦ୍ୱାରା ଗଢ଼ା ହେଉଛି । ସରକାର ସନ୍ଦେହ ଦୃଷ୍ଟିରେ ଆମର ଏ ଉଦ୍ୟମକୁ ଦେଖୁଛନ୍ତି ସି.ଆଇ.ଡ଼ି. ଜଗିଛନ୍ତି ; ମାତ୍ର ସରକାର ଜାଣିବେ ଏଠାରେ ତୋପ କମାଣର ଯୁଦ୍ଧ ପାଇଁ ଯୋଦ୍ଧା ତିଆରି ହେଉ ନାହାନ୍ତି । ନିରବ ଯୋଦ୍ଧା ଗଢ଼ା ହେଉଛନ୍ତି । ତୁମେ ପିଲାମାନେ ତୁମ ଅନୁଷ୍ଠାନକୁ ଭକ୍ତି ଓ ସମ୍ମାନ କର, କରୁଛ ବୋଲି ତୁମ୍ଭମାନଙ୍କର କାର୍ଯ୍ୟକଳାପରୁ ମଧ ମୁଁ ଜାଣୁଛି । କେବେ ମନେକର ନାହିଁ ଯେ ଧନ ନାହିଁ ବୋଲି ଏଠାରେ ଅନୁଷ୍ଠାନ ଗଢ଼ା ହୋଇ ପାରିବ ନାହିଁ । ଧନ ଜୀବନର ଉପାୟ ମାତ୍ର । ସ୍ୱାଧୀନ ମନୁଷ୍ୟର ସାଧୁ ଚିନ୍ତା ବିଫଳ ହୁଏ ନାହିଁ ।"

ତା ପରେ ପିଲାମାନଙ୍କୁ ଚାହିଁ ପଚାରିଲେ, "ପିଲାଏ ପାଖରେ ପାରି ମୂଳ ନଥିଲେ ବି କେମିତି ନଈ ପାରି ହେବା ସମ୍ଭବ ଏ ସମ୍ପର୍କରେ ମୋ ବିଚାର ଶୁଣିବ କି ?"

"ଆଜ୍ଞା ।" ଆସିଲା ସମବେତ କଣ୍ଠର ଉତ୍ତର ।

"ଧରି ନିଅ ନଈ ବଢି ଚାରି ପାଆ ହୋଇଛି । ଲୋକେ ପାରି ହେଉଛନ୍ତି । ନାଉରୀକୁ ପଇସା ନଦେଲେ ସେ ପାରି କରାଇ ଦେବ ନାହିଁ । ତୁମ ପାଖରେ ପଇସା ନାହିଁ । ତଥାପି ତୁମର ନିଜ ପାଇଁ ନୁହେଁ ଲୋକ ସେବା ପାଇଁ ଅନ୍ୟ ପାଖକୁ ଯିବାର ଅଛି । ତୁମେ ନାଉରୀକୁ ନ କହି, ଖୋସାମତ ନ କରି ନଈକୁ ଡେଇଁ ପଡ଼, ପହଁରିବାକୁ ଚେଷ୍ଟା କର - ବେକାବୁ ହେବା ଆଗରୁ ବହୁତ ଲୋକ ତୁମ କଥା ଭାବିବେ, ନାଉରୀ ଆପେ ଆପେ ତୁମକୁ ନାଆକୁ ଟେକି ନେବ । ଆଜିର ନିଃସମ୍ବଳ ଉଦ୍ୟୋକ୍ତା ତୁମର ଏହି ଶିକ୍ଷକମାନେ ନଈକୁ

ଡେଇଁଛନ୍ତି । – ଆମ୍ଭେମାନେ ସେମାନଙ୍କୁ ବେକାବୁ ହେବାକୁ ଦେବୁ ନାହିଁ ।” ମଧୁବାବୁଙ୍କର ଏପରି ବକ୍ତୃତା ପିଲାମାନଙ୍କୁ ବହୁତ ପ୍ରଭାବିତ କଲା । ସମସ୍ତେ ଏକ ପ୍ରକାର ଉଦବୁଦ୍ଧ ହୋଇ ଫେରିଲେ । ତେବେ ସ୍କୁଲ ପଛରେ ଗୁପ୍ତଚର କାହିଁକି ଲାଗିଛନ୍ତି ପିଲାଏ ବୁଝି ପାରିଲେ ନାହିଁ ।

ରାତି ଦଶଟା ପାଖାପାଖି । ନୀଳକଣ୍ଠଙ୍କ ଠାରୁ ଡ଼ାକରା ଆସିଲା ଚନ୍ଦ୍ରଶେଖରକୁ । ସବୁ ଅତିଥି ଗୋପବନ୍ଧୁ,ନୀଳକଣ୍ଠଙ୍କ ସମେତ କେତେ ଜଣ ଉପର ଶ୍ରେଣୀର ଛାତ୍ର ସେଇ ଖୋଲା ଜାଗାରେ ଛିଡା ହୋଇଥିଲେ । ଚନ୍ଦ୍ର ପହଁଚିଲା ମାତ୍ରେ ଜଗନ୍ନାଥ ପଚାରିଲେ, “ଆଚ୍ଛା ଚନ୍ଦ୍ର, ଯେଉଁ କାଳୀ ଗାଈଟି ଏ ପଡ଼ିଆରେ ଚରୁଛି ସେ ମୋ କକେଇଙ୍କ ଗାଈ- ଏହାର ଇଂରାଜୀ ଅନୁବାଦ କଣ ହେବ ?”

ଚନ୍ଦ୍ର ଠିକ ଅନୁବାଦ କରି ଦେଖାଇ ଦେବା ପରେ ସମସ୍ତେ ଖୁସି ହେଲେ । ହୁଏତ ବଡ଼ ପିଲାମାନେ ଠିକ ରୂପେ କହି ପାରି ନଥିଲେ ।

ଗୋପବନ୍ଧୁ କହିଲେ, “ଏ ବଡ଼ ପିଲାମାନେ ଭିନ୍ନ ଭିନ୍ନ ବିଦ୍ୟାଳୟରୁ ଆସିଛନ୍ତି । ଏମାନେ ଭଲ ପିଲା । ପାଠ ପଢ଼ାରେ ଯେଉଁଠି ଖଇଚା ଅଛି ତାହା ଶିକ୍ଷକମାନେ ଦେଖୁଛନ୍ତି । ହେଲେ ଯେଉଁମାନେ ମୂଳରୁ ଗଢ଼ା ହୁଅନ୍ତି ସେମାନେ ଭିନ୍ନ ।”

ମଧୁବାବୁ କହିଲେ, “ତା ହେଲେ ଚନ୍ଦ୍ର ପରି ପିଲାମାନେ ମୂଳରୁ ଗଢା ହୋଇଛନ୍ତି ନା କଣ ?”

ନୀଳକଣ୍ଠ ଜବାବରେ କହିଲେ, “ସେମାନଙ୍କ ପାଇଁ ସ୍ୱତନ୍ତ୍ର ଇଂରାଜୀ କୋଚିଂର ବ୍ୟବସ୍ଥା ହୋଇଛି । ଭାଷାଗତ ତ୍ରୁଟି ସୁଧାରିବା ପାଇଁ ବିଶେଷ ଉଦ୍ୟମ କରାଯାଉଛି ।”

“ମୁଁ ଆଚମ୍ବିତ ଗୋପବନ୍ଧୁ । ଏଥିପାଇଁ ମଧ ଏଠି ଧ୍ୟାନ ଦିଆଯାଉଛି ।” କହିଲେ ମଧୁବାବୁ ।

“ଆପଣେ ବିଶ୍ୱାସ କରିବେ ନାହିଁ ଇଂରାଜୀ କୋଚିଂ ପଛରେ ଅଛି ଏକ ଅଦ୍ଭୁତ ଘଟଣା । ଆଜି ଯେଉଁ ଚନ୍ଦ୍ରଶେଖର ଏଡ଼େ ସୁନ୍ଦର ଅନୁବାଦ କଲା ଦିନେ ସେ ହଳଧର ବାବୁଙ୍କ ଶ୍ରେଣୀରେ- ପୁରୀରେ ଗୋଟିଏ ବଡ଼ ଦେଉଳ ଅଛି- ବାକ୍ୟଟିର ଅନୁବାଦ କରି ପାରିନଥିଲା । ଓଲଟି ପ୍ରତିକ୍ରିୟା କରିଥିଲା ଯେ ସେ କେବଳ ଫାଷ୍ଟ ବୁକର ଘୋଡା ଲେସନ ଯାଏଁ ଜାଣିଛି । ନୂଆ ଆସିଥିବାରୁ ସେ ଓ ତା’ର ଚାଳିଶ ଜଣ ସାଙ୍ଗ ଅନୁବାଦ କରି ପାରିବେ ନାହିଁ ବୋଲି କହିଥିଲା । ଅଙ୍କ, ସାହିତ୍ୟ, ଇତିହାସ, ଭୂଗୋଳ ସବୁଥିରେ ଭଲ କରୁଥିଲା । ଆମେ ଭାବିଥିଲୁ ସେ ପିଲାଙ୍କୁ ମେଳାଇଛି । ମୁଁ ମଧ କିଛିଟା ରାଗିଥିଲି । ତେବେ ଦାସେ ଆପଣେଙ୍କ ସହ ଦୀର୍ଘ ପରାମର୍ଶ ପରେ ଇଂରାଜୀ କୋଚିଂ କ୍ଲାସ ପିରିଅଡ଼ରେ ଯୋଡ଼ା ଯାଇଥିଲା । ଅବଶ୍ୟ ଚନ୍ଦ୍ର ଓ ତା’ର ସାଙ୍ଗମାନଙ୍କ ପ୍ରତିକ୍ରିୟାରେ ଆମେମାନେ ବିରକ୍ତ ହୋଇଥିଲୁ । ହେଲେ ତାରି ଭିତରୁ ଆସିଥିଲା ଏ ନୂଆ କୋଚିଂ କ୍ଲାସର ଯୋଜନା । ଆଜି ଜାଣି ତା’ର ଫଳ ମିଳିଲା ।” ମନେ ପକାଇଲେ ନୀଳକଣ୍ଠ ।

“ତୁମ୍ଭମାନଙ୍କୁ ନେଇ ମୁଁ ଗର୍ବିତ । ଏ ଅଭିନବ ଓ ମହତ ପ୍ରଚେଷ୍ଟା କେବେ ବ୍ୟର୍ଥ ଯିବ ନାହିଁ । ଦିନେ ଓଡିଶା କାହିଁକି ଭାରତ ଏହାର ଗୁରୁତ୍ୱ ବୁଝିବ ।” କହିଲେ ମଧୁବାବୁ ।

“ଏସବୁର ଶ୍ରେୟ ତ ନୀଳକଣ୍ଠର । ତା’ର ଶୃଙ୍ଖଳା ଜ୍ଞାନ,ତ୍ୟାଗ ଓ ନିଷ୍ଠା ଅତୁଳନୀୟ ।” କହି ଗୋପବନ୍ଧୁ ତାଙ୍କୁ କୁଣ୍ଢାଇ ପକାଇଲେ ।


ବାର୍ଷିକ ଗ୍ରାହକ ହୁଅନ୍ତୁ
ଘରେ ବସି ରେବତୀ ପାଆନ୍ତୁ

ରିହାତି ୧୭%

ବାର୍ଷିକ ଗ୍ରାହକ ଯୋଜନା





- ଏକ ବର୍ଷ ପାଇଁ ଟ.୫୦୦.୦୦ (ପାଞ୍ଚଶହ ଟଙ୍କା), ଡାକଖର୍ଚ୍ଚ ୨୫୦.୦୦ ଟଙ୍କା ଅତିରିକ୍ତ । ସମୁଦାୟ ୭୫୦.୦୦ ଟଙ୍କା ପଠେଇବାକୁ ପଡ଼ିବ ।
- ପତ୍ରିକା ରେଜିଷ୍ଟାର୍ଡ ଡାକ (ନିରାପଦ ଡାକ ବ୍ୟବସ୍ଥା)ରେ ଆପଣଙ୍କ ଘରେ ପହଞ୍ଚିବ । ସାଧାରଣ ଡାକରେ ପତ୍ରିକା ପଠାଯାଏ ନାହିଁ ।
- ବାର୍ଷିକ ଦେୟ ‘ରେବତୀ ମିଡିଆ ହାଉସ ପ୍ରା. ଲିଃ.’ ନାମରେ ଥିବା ବ୍ୟାଙ୍କ ଖାତାକୁ ପଠାଇବେ ।
- ନିଜର ସମ୍ପୂର୍ଣ୍ଣ ଡାକ ଠିକଣା, ପିନ୍‌କୋଡ୍ ନମ୍ବର ଏବଂ ଟେଲିଫୋନ୍ ନମ୍ବର ନିମ୍ନରେ ପ୍ରଦତ୍ତ ଟେଲିଫୋନ୍ ନମ୍ବରର ହ୍ୱାଟ୍‌ସ୍‌ଆପ୍‌କୁ ପଠାଇବେ ।
- ଟଙ୍କା ପୈଠ ହୋଇଥିବାର ପ୍ରମାଣ ସ୍ୱରୂପ ବ୍ୟାଙ୍କ ରିସିପ୍ଟଟି ଆମକୁ ପଠାଇବେ ।

ଯୋଗାଯୋଗ : ରେବତୀ କାର୍ଯ୍ୟାଳୟ, ଲକ୍ଷ୍ମୀନାରାୟଣ ମନ୍ଦିର ପାଖ, ଓଟି ରୋଡ୍, ବାଲେଶ୍ୱର-୧, ଫୋନ : ୭୦୦୮୮୪୫୯୨୦

**Bank Details**
Benificiary Name : Rebati Media House Pvt Ltd.
Bank Name : HDFC BANK (India), Balasore
Account No : 50200033907121
IFSC Code : HDFC0000366

www.rebatee.in
୪୦/-
ରେବତୀ
ଆମ ମାଟିର ସ୍ୱର



www.bharatmasala.in
THE TASTE OF NEW INDIA
BHARAT™
MASALA
ଭାରତର ସର୍ବବୃହତ କ୍ରାୟୋଜେନିକ୍ ସ୍ପାଇସ୍ ଗ୍ରାଇଣ୍ଡିଂ ପ୍ଲାଣ୍ଟ ଏବେ ଭାରତ ମସଲାରେ
କ୍ରାୟୋଜେନିକ୍ ସ୍ପାଇସ୍ ଗ୍ରାଇଣ୍ଡିଙ୍ଗ ପ୍ଲାଣ୍ଟରେ [ –196° C ରେ ] ପ୍ରସ୍ତୁତ ମସଲାର ବୈଶିଷ୍ଟ୍ୟ :
ଶିଳବଟା ମସଲାର ପ୍ରାକୃତିକ ସ୍ୱାଦ, ରଙ୍ଗ ଓ ବାସ୍ନା
ଖଣ୍ଡ ରହିତ କ୍ଷୁଦ୍ର, ସୂକ୍ଷ୍ମ ମସଲା ଦାନା
ବାଷ୍ପଶୀଳ ଓ ଉଦ୍ବାୟୀ ତୈଳ ସୁରକ୍ଷିତ
ସ୍ୱଳ୍ପ ମସଲାର ଆବଶ୍ୟକତା
ଜୀବାଣୁରହିତ ଓ ସ୍ୱାସ୍ଥ୍ୟ ବର୍ଦ୍ଧକ
THE TASTE OF NEW INDIA
ସବୁ ଗୃହିଣୀଙ୍କ ପ୍ରଥମ ପସନ୍ଦ ଭାରତ ମସଲା
ସେଇ ପୁରୁଣା ଶିଳବଟା ମସଲାର ମଜା ନିଅନ୍ତୁ...
BHARAT MASALA
GARAM MASALA
Turmeric Powder
JHAL LAL
Meat
E-mail : jbspl@bharatmasala.in
Toll Free : 1800 345 1138
Web : www.bharatmasala.in
available at
amazon | snapdeal

# ଛାତି



# ଲକ୍ଷ୍ମୀ ଚାନ୍ଦ

ଅମୃତାୟନ, ୯, ଷ୍ଟେସନ ସ୍କୋୟାର୍, ମାଷ୍ଟର
କ୍ୟାଣ୍ଟିନ, ଭୁବନେଶ୍ୱର-୭୫୧୦୦୧
ଫୋନ : ୮୯୧୭୫୯୫୯୧୫

ଚିତ୍ର : ଈପ୍‌ସିତା ଦେ


**ଆଉ ନରି ଝିଅଟି...ଆଃ ଏବେ ଆସନ୍ତା କି ? ସେ ତାକୁ କୋଳେଇ ନିଅନ୍ତେ । ଭଙ୍ଗା ଛତାଟିକୁ ଧରି ସେଦିନ କେତେ ବିକଳରେ କହୁଥିଲା- ଆମ ଛତା ତ ଭାଙ୍ଗିଦେଲ...ବର୍ଷା ହେଲେ ଆମେ କଣ କରିବୁ ? ଆମ ପାଇଁ ନୂଆ ଛତାଟେ କରିଦିଅ । ଆଖିକୁ ଅଧା ଘୋଡାଉଥିବା ତା ନୁଖୁରା କେଶ, ତା ଲୁହ ଡବଡବ ଆଖି, ତା ମଇଳା ଫ୍ରକ୍ ଏପରିକି ତା ନାକରୁ ବୋହୁଥିବା ଦୁଇଧାର ସିଙ୍ଘାଣି ସବୁ ଜଳଜଳ ଦେଖା ଯାଉଥିଲା ତାଙ୍କୁ । ସେ ନିଜ ପିନ୍ଧା ସୁପର ଫାଇନ ଧୋତିକୁ ମୁଠାଇ ସାମାନ୍ୟ ହସି କହିଲେ, ତା ସିଙ୍ଘାଣି ଏଥିରେ ପୋଛିଦେବେ ମ । ତାଙ୍କ ନାତୁଣି ହୋଇଥିଲେ ପୁଣି ପୋଛିଥାନ୍ତେ କି ନାଇଁ ? ନରି ଝିଅ ଆସିଲେ ତାଙ୍କର ଏ ବିରାଟ ବଗିଚାରେ ଦୁହେଁ ଖୁବ୍ ଖେଳିବେ । ଦିନରାତି ଖେଳିବେ । ମନ ଇଚ୍ଛା ଖେଳିବେ । କାଲି ଜୀବନଟା କେତେ ବୀତସ୍ପୃହ ଲାଗୁଥିଲା । ଆଉ ଆଜି ? ଆଜି ଜୀବନଟା କେଡେ ଲୋଭନୀୟ ମନେ ହେଉଛିରେ...**

କଥା ଯେତେବେଳେ ବିଗିଡିବାକୁ ଲାଗେ ପ୍ରାଣକୃଷ୍ଣ ନିଜକୁ ହିଁ ପଚାରନ୍ତି ଅନେକ ପ୍ରଶ୍ନ । ଯେଉଁ ଉତ୍ତରଟି ତାଙ୍କୁ ସନ୍ତୁଷ୍ଟ ଲାଗେ ତାକୁ କାର୍ଯ୍ୟକାରୀ କରନ୍ତି । ନିଜ ସନ୍ତୁଷ୍ଟିକୁ ନେଇ ସେ ସବୁକିଛି ପରିଚାଳନା କରନ୍ତି । ଆଉ ନୁହେଁ ତ କ'ଣ ? ଜୀବନସାରା ପରିଶ୍ରମ କରି ଢେର ସମ୍ପତ୍ତି ଏକାଠି କଲା ପରେ ଅନ୍ୟର ସନ୍ତୁଷ୍ଟି ଉପରେ ଧ୍ୟାନ ଦିଅନ୍ତେ ନା କ'ଣ । ଗିରିପୁରର ସରପଞ୍ଚ ତାଙ୍କ କ୍ୟାଣ୍ଡିଡେଟ । ତାଙ୍କରି ନିର୍ଣ୍ଣୟ ଉପରେ ନିର୍ଭର କରନ୍ତି ସେ । ସେ ଯାହା କହିବେ ୫ ଖଣ୍ଡ ଗାଁର ଲୋକ ମାନିବାକୁ ବାଧ୍ୟ । ଆଜି ତାଙ୍କ ଅରାଜିରେ ଗାଁରେ ଏତେବଡ ନିଷ୍ପତ୍ତିଟେ ନେଇଯିବେ ? ସେ ଏହାକୁ କେବେ ବି ମାନିବେନି । ପିନ୍ଧା ସୁପର ଫାଇନ ଧୋତିକୁ ସାମାନ୍ୟ ଝାଡିଦେଇ କୋଠିଆ ମୁକୁନ୍ଦକୁ ଡାକ ଛାଡିଲେ, "କୁଆଡେ ମଲୁ, ବେଗି ଆ । ଘଟଣାଟେ ଘଟିବାକୁ ଯାଉଚି ଯେତେବେଳେ ମୁଁ ଆଉ କ'ଣ ତାହା ଘଟି ସାରିଲା ପରେ ସେଠାରେ ପହଞ୍ଚିବା ଶୋଭନୀୟ ହେବ ?"

ହାତ ଯୋଡି ମୁକୁନ୍ଦ ଆସୁ ଆସୁ ତା ହାତରୁ ଖସି ପଡିଲା ଦୁଇବୁନ୍ଦା ପାଣି ପ୍ରାଣକୃଷ୍ଣଙ୍କ ଧୋତି ଉପରେ । ତାଙ୍କ ରାଗ ସମ୍ଭାଳେ କିଏ ? ଚିତ୍କାର ଛାଡିଲେ- "ତୋର ଏତେ ସାହସ ଅପରିଷ୍କାର ପାଣି ମୋ ଧୋତିରେ ପକାଇଲୁ ?" ଡରି ଡରି ଉତ୍ତର ଦେଲା ମୁକୁନ୍ଦ- "ଭୁଲ୍‌ରେ ପଡିଗଲା ବାବୁ । କିନ୍ତୁ ଅପରିଷ୍କାର ପାଣି ନୁହେଁ । ଆଉ ସେମିତି ଭୁଲ ହେବନି । ଆସନ୍ତୁ ସ୍କୁଲକୁ ଶୀଘ୍ର ଯିବା । ମୁଁ ସମସ୍ତଙ୍କୁ ଖବର ଦେଇଛି ଆପଣଙ୍କର ଅଜାଣତରେ କି ଅନୁପସ୍ଥିତିରେ କିଛି ହେଇପାରିବନି ।"

ରାଗରେ ମୁକୁନ୍ଦକୁ ଦୁଇମିନିଟ ଦେଖି ଧୋତିରେ ପାଣି ପଡିବା ରାଗକୁ ସ୍ଥଗିତ ରଖି ପ୍ରାଣକୃଷ୍ଣ ତତ୍ପର ଦେଖାଗଲେ । ମୁକୁନ୍ଦ ଉପରେ ତାଙ୍କର ଭରସା ଅନେକ । କହିବା ପୂର୍ବରୁ କଥାଟିକୁ ବୁଝିନିଏ । ତାଙ୍କ ମନ ମୁତାବକ କାମ କରେ । ତାଙ୍କର ଅନ୍ୟ ଅନେକ କୋଠିଆ ପରି ଠାପୁଆ କି ଅଳସୁଆ ନୁହେଁ । ସେଥିପାଇଁ ପ୍ରାଣକୃଷ୍ଣ ତାକୁ ପାଖେ ପାଖେ ରଖିଥାନ୍ତି । ହାତ ବାରିସୀ ଯାହାକୁ କୁହାଯାଏ । ପାଣି ପକାଇବା କଥା ପରେ ବୁଝାଯିବ ।

ଦୁହେଁ ଏବେ ରାସ୍ତାରେ । ଆକାଶ ମେଘାଚ୍ଛନ୍ନ । ମାର୍ଚ୍ଚ ମାସର ଖରା ବାଧୁନି । ନହେଲେ ମୁକୁନ୍ଦ ତାଙ୍କ ମୁଣ୍ଡ ଉପରେ ଛତାଟିଏ ଧରି ନିଶ୍ଚୟ ଆସିଥାନ୍ତା । ରାସ୍ତା କଡ ସାରା ପ୍ରାଣକୃଷ୍ଣଙ୍କ ବିଲ । ବିଲରେ ଏବେ ଖରାଟିଆ ଚାଷ । ମୁଗ, ବିରିର କଅଁଳ ଟିକି ଗଛସବୁ ଛନଛନ ହୋଇ ଆକାଶମୁହାଁ । ଗର୍ଭଧାରଣ କରିବାର ପୂର୍ବ ଅବସ୍ଥା । ଏହି ଅବସ୍ଥାଟି ତାଙ୍କୁ ଭାରି ଭଲ ଲାଗେ । ଧାନ ବେଳେ ତ ତାଙ୍କୁ ଘରକୁ ଯିବାକୁ ଇଚ୍ଛା ହୁଏନି । ମୂଲିଆପାନିଆଙ୍କ କାମ ତଦାରଖ ବାହାନାରେ ହିଡରେ ଛିଡାହୋଇ ଆଖି ଲମ୍ବେଇଥାନ୍ତି ଧାନର ଉଚ୍ଛୁଳା ଯୌବନକୁ । କୁଆଡୁ ମୁଠେ ବାସ୍ନା ଉଡି ଆସି ତାଙ୍କୁ ଯେମିତି ବିହ୍ୱଳ କରୁଥାଏ । ସେଇ ବାସ୍ନାକୁ ଛାତି ଭିତରକୁ ଟାଣି ନେଇ ଖୁବ୍ ଉଲୁକାତି ଦେଖାନ୍ତି । ମୁହଁରେ ଧାରେ ହସ ଉକୁଟି ଉଠେ ।

ବୁଢା ଉଲୁସିଲାଣି । କାହାର କଣ କହିବାର ଅଛି ଏ ସୁଯୋଗ ହାତଛଡା କରନି ।

ନା ତାଙ୍କ ଆଖପାଖରେ ଥିବା ଲୋକେ ସେଇ ସୁଯୋଗ କେବେ ହାତଛଡା କରନ୍ତିନି । କା ଝିଅ ବାହାଘର ପାଇଁ ଟଙ୍କା ଦରକାର, କା ପୁଅ ବିଦେଶ ଯିବ ପଢିବାକୁ ତାଙ୍କର ଆଶୀର୍ବାଦ ଦରକାର, କିଏ ଜମି ମୁକୁଳାଇବ ସୁଧରେ କମ୍‌ତି କରିଦେବେ, କାହାର ଛୁଟି ଦରକାର, କିଏ ବଳଦ କିଣିବ ପଇସା ଧାର୍ ଦେବେ- ଏମିତି ଯାବତୀୟ ଯାଚନା ସେହି

କାହାଣୀ ପଛର କାହାଣୀ

ଛାତ ଗପଟି ଏମିତି ଏକ ଦୃଶ୍ୟକୁ ଦେଖି ଲେଖିବା ପାଇଁ ମୋତେ ଅଥୟ କଲା ଯାହାକୁ ନ ଲେଖି ମୁଁ ରହି ପାରିଲିନି । ସେଦିନ ଅଫିସ ଯିବାପାଇଁ ମାଷ୍ଟରକ୍ୟାଣ୍ଟିନ ବାହାର ବସ୍‌ଷ୍ଟାଣ୍ଡ୍‌ରେ ବସ୍‌କୁ ଅପେକ୍ଷା କରି ଛିଡା ହୋଇଥାଏ ଦେଖିଲି ଗୋଟେ ପାଞ୍ଚ ବର୍ଷର ଝିଅ ଆଖିକୁ ଅଧା ଘୋଡାଇ ପକାଉଥିବା ନୁଖୁରା ଚୁଟି, ନାକ ଦୁଇପୁଡାରୁ ବୋହି ଆସୁଥିବା ବହଳିଆ ସିଂଘାଣି ସହ ଯାତ୍ରୀମାନେ ବସିବା ବେଞ୍ଚ୍‌ରେ ରଙ୍ଗୀନ କାଗଜର ଖେଳନାଟିଏ ଧରି ତାକୁ ଓଲଟ ପାଲଟ କରି ଖେଳୁଥାଏ । ସେଠି କିଏ ଅଛି, କିଏ ଆସିଲା ସେ ବିଷୟରେ ତାର ଜାଣିବା ଆବଶ୍ୟକ ମନେ ନ କରି ସେ ମଗ୍ନ ହୋଇ ଖେଳୁଥାଏ । ଦେହର ରଙ୍ଗ କଳା, କିନ୍ତୁ ଆଖି ଦୁଇଟା ଟିକ୍ ଟିକ୍ କରୁଥାଏ । ପିନ୍ଧିଥାଏ ଗୋଟେ ମଇଳା ଫ୍ରକ୍ । ଦେଖା ଯାଉଥାଏ ଏକ୍‌ଦମ୍ ଅପରଛନିଆ । କିଛି ସମୟ ପରେ ସେଠାକୁ ଜଣେ ବୟସ୍କ ଭଦ୍ରବ୍ୟକ୍ତି ଆସିଲେ । ସେ ବସି ପଡିବାକୁ ଚାରିଆଡେ ଆଖି ବୁଲାଉଥିଲେ । ବେଞ୍ଚ୍‌ର ଅର୍ଦ୍ଧାଧିକ ଜାଗା ମାଡି ବସି ଖେଳୁଥିବା ସେ ଅପରଛନିଆ ଝିଅକୁ ଚିତ୍କାର ଛାଡି ଉଠାଇ ଦେଲେ ଓ ସେ ମନଧ୍ୟାନ ଦେଇ ଖେଳୁଥିବା ତାର ସେହି ରଙ୍ଗୀନ କାଗଜ ଖେଳନାଟିକୁ ଚିରି ଫୋପାଡି ଦେଲେ । ସେଇ ମୁହୂର୍ତ୍ତରେ ସେଇ ଝିଅଟି ଲୁହ ଟଳମଳ ଆଖିରେ ସେ ଭଦ୍ରବ୍ୟକ୍ତିଙ୍କୁ ଯେମିତି ଚାହିଁଲା ତାହା ମୋ ଛାତିକୁ ରୁନ୍ଧି ପକାଇଲା । ବାସ୍ ତାପରେ ଏ ଗପ...

ଲକ୍ଷ୍ମୀ ଚାନ୍ଦ



▲ ଗାଳ୍ପିକା ଲକ୍ଷ୍ମୀ ଚାନ୍ଦ

ସମୟରେ ହିଁ ପୂରଣ କରାଇ ନିଅନ୍ତି । ଦେହ ମନ ପ୍ରାଣ ଉଲୁସି ଉଠିଲାବେଳେ ଏସବୁ କି ଛାର । ସେ ଧାନଗଛରେ ଆଖି ଥାପନ୍ତି ।

ଅନ୍ୟବେଳେ ସେ ନିଦା ପଥର । ମୁଣ୍ଡ ବାଡେଇ ଦେଲେ ବି ଶୁଣିବେନି । ସରପଞ୍ଚ ନ ହୋଇ ସରପଞ୍ଚର ସବୁ କ୍ଷମତା ତାଙ୍କ ପାଖରେ । କେହି ତାଙ୍କୁ ଭରସି କରି ପଦେ କଥା କହି ପାରନ୍ତିନି ।

ଆଖି ଲେଉଟାଇ ରାସ୍ତାକୁ ଚାହିଁଲେ ପ୍ରାଣକୃଷ୍ଣ । ସେ ଯେତେଶୀଘ୍ର ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବାକୁ ଚାହୁଁଥିଲେ । ହେଲେ କୋଉ ଆଗକୁ ଯାଇ ପାରୁଥିଲେ ? ଆଗରେ ଭାଲୁ ପରି କିଛି ଗୋଟେ ଗୁରୁଣ୍ଡୁଥିଲା ।

– କିଏରେ ଆଗରେ ଭାଲୁ ନା କ'ଣ ? ଏ ଦିନ ବେଳାଟାରେ କିଏ ଏମିତି ନସରପସର ହେଉଛି ଦେଖିଲୁ ।

ମୁକୁନ୍ଦ ଆଗକୁ କିଛିବାଟ ଯାଇ ଫେରି ଆସି କହିଲା– "ନା ମ ବାବୁ ଭାଲୁ କାହିଁକି ହେବ । ଭାଲୁକୁଣିଟେ । ନରି ମଲିକର ଝୁଅ । ତା ବାପା ପାଇଁ ଛତା ନେଇ ବିଲକୁ ଯାଉଛି । ବର୍ଷା ଆସୁଛି ବୋଲି ତା ମାଆ ତାକୁ ପଠାଇଛି । ବର୍ଷାରେ ଭିଜିଲେ ଥଣ୍ଡା ହେବ, ଥଣ୍ଡା ହେଲେ ଯୋ ମହାମାରୀ ଗାଁକୁ ଆସିବ ଆସିବ ହେଉଛି କାଳେ ଆ ଦେହରେ ଆସି ନେସି ହେଇଯିବ ସେଇ ଭୟରେ ।"

– ସେ ରୋଗ କଣ ଆମ ଗାଁ ମୁଣ୍ଡରେ ପହଞ୍ଚି ଗଲାଣି ?

– ନା ମ ସହର ଯାକେ ବି ଆସିନି । ଆସିଲେ ବି କିଛି କରିପାରିବନି । ସରକାର ଜାଗତିଆର ଅଛନ୍ତି ପରା । ସେ ଆସିଲା ମାତ୍ରେ ତାକୁ ଘଉଡାଇ ଦେବେ ।

ଆଗକୁ ରାସ୍ତା ନ ଫିଟିବାରୁ ପ୍ରାଣକୃଷ୍ଣ ରାଗିଗଲେ ।

– ସେଃ... ଆକାଶରେ ମେଘର ଦେଖା ନାହିଁ । ଟୋକି ଛତା ଖଣ୍ଡେ ଧରି ରୋଷଣି କରୁଛି । ଯିବା କଥା ଯଦି ଯାଉନି କାହିଁକି ? ରାସ୍ତାଟିକୁ କୁଣ୍ଢେଇ ଧରିଛି ବାଟ ଛାଡୁନି, ଯା ଘଉଡା ତାକୁ ।

ମୁକୁନ୍ଦ କୁହାଟ ଛାଡିଲା– ହେ ଟୋକି, ରାସ୍ତା ଛାଡ୍‌ବେ ବାବୁ ଯିବେ ।

ଛତା ଥୋଇ ନଡବଡ ହୋଇ ତାଙ୍କ ସାମ୍ନାରେ ଅଣ୍ଟାରେ ହାତ ଦେଇ ଛିଡା ହେଲା ପାଞ୍ଚବର୍ଷର ଝିଅଟି । ମୁଣ୍ଡର ଚୁଟି କହରା ଓ ନୁଖୁରା । ସେଥିରେ କେବେଠୁ ତେଲ ଲାଗି ନାହିଁ, ଲାଗିବ ବି ନାହିଁ । ଚୁଟିର ଅଧାରୁ ଅଧିକ ଆଖି ଉପରେ । ଟାଆଁସା ଚୁଟି ସବୁ ପବନରେ ଫୁର୍‌ଫୁର୍ ଉଡୁଥାଏ । ସେ ତାକୁ ଆଖି ସାମ୍ନାରୁ ହଟାଇବା ପାଇଁ ମଝିରେ ମଝିରେ ଚେଷ୍ଟା କରୁଥାଏ । ଝିଅଟାର ରଙ୍ଗ ଅବଶ୍ୟ ଜହ୍ନି ମଞ୍ଜି ପରି କଳା ନୁହେଁ, ତେବେ କଳା । ଗାଲ ଦୁଇଟି ପୁଚୁକି ବାହାରି ପଡିଛି । ପିନ୍ଧିଛି ଗୋଟେ ମଇଳା ଫ୍ରକ୍ ଯାହା ଅଧା ଚିରି ସାରିଲାଣି । ନାକରୁ ଦୁଇଧାର ବହଳ ସିଂଘାଣି । ବଡ ଅଧାଚିରା କାଠ ବେଣ୍ଟ ବାଲା ଛତାଟି ସେ ସମ୍ଭାଳିବାକୁ ଅଣାୟତ୍ତ ହୋଇଯାଉଥିଲେ ମଧ୍ୟ ତାକୁ ଜାବୁଡି ଧରିଥାଏ ।

– କୁଆଡେ ବାହାରିଛୁ ବେ ସକାଳୁ ସକାଳୁ, ଉଠ୍ ବାଟ ଛାଡ୍, ବାବୁ ଯିବେ ସ୍କୁଲ୍‌କୁ । କାମ ଅଛି ।

ସେ କାହିଁ ଶୁଣନ୍ତା । ବରଂ ତା କାମରେ ବ୍ୟାଘାତ ହେଲା ବୋଲି ମୁହଁ ଭୁରୁଙ୍ଗେଇ ପଡିଉଠି ନଡବଡ ହେଇ ଚାଲିବାକୁ ଲାଗିଲା । ମଝିରେ ଥରେ ଆକାଶକୁ ଚାହିଁ ଜଣେଇଦେଲା: "ମେଘ ଆସିବ ପରା । ବଡ ଲୋକ ହୋଇ ବୁଝି ପାରୁନ କି ?"

– ଆରେ ଏଟା ବୋବିଟେ ନା କଣ ? କଥା କହୁନି କାହିଁକି ?

– ନା ମ ବାବୁ ସେ ବୋବି କାହିଁକି ହେବ ? ଘରେ ଯୋଉ ଚିତ୍କାର ଛାଡୁଥାଏ ତିନିଖଣ୍ଡ ଗାଁ କମ୍ପୁଥିବ । ଏଇନେ ମୁହଁ ବୁଜି ଦେଇଛି ।

– ମାଇଲୁ ଗୋଟେ ଭୁଷି, ଟୋକି ବୁଦ୍ଧି ଶିଖିବ । ମୋ ବାଟ ଆଗୁଳିବାର ପରିଣାମ ପାଇବ । କି ଅପରଚ୍ଛନିଆ ଦେଖା ଯାଉଛି ଦେଖୁନୁ, ତାକୁ ଚାହିଁଲେ ବିଜାର ଲାଗୁଛି ।

– ବାବୁ ମୁଁ କଣ ନ ମାରି ସେତିକିବେଳୁ ତା ପାଲା ଦେଖୁଥାନ୍ତି, ହେଲେ ମଲିକ ଝୁଅଟା, ଛୁଇଁବି କେମିତି ? ମୁଁ ଫେଣେ ଛୁଆଁ ହେବି କି ନାଇଁ ? ଆପଣ ଡକା କଲେ ବୋଲି ସକାଳୁ ଗାଧେଇକି ଆସିଛି, ପାଗ କାଉଁଳିଆ, ଦେହ ମୁଣ୍ଡ କଥା...



– ସେଇଥିପାଇଁ ମୁଁ ଅଟକି ଯିବି ? ତୁ ନହେଲେ ନାଇଁ ମୁଁ ତାକୁ ଦେଉଛି...

– ବାବୁ ବାବୁ ଆପଣ ଅଇକା ଗାଧେଇ ପାଧେଇ ଆସିଛନ୍ତି, ତୁଛାକୁ ଛୁଆଁ ହେବେ । ଫେଣେ ଗାଧେଇବାକୁ ପଡିବ । ଏ ଯୋ ରୋଗ ପାଇଁ ରାଇଜ ଦେଶରେ ହୁରି ପଡିଲାଣି ସେ ଯଦି ମାଡି ଧରିବ...

– ତୁ ଚୁପ୍ ରହ । ନିଜେ କିଛି କରୁନୁ କି ମୋତେ କରେଇ ଦେଉନୁ ।

ପ୍ରାଣକୃଷ୍ଣ ଖାଲି କଥାରେ କହିଲେନି ଦଉଡି ଯାଇ ଝିଅଠୁ ଛତାଟି ଛଡେଇ ଆଣି ଖଣ୍ଡ ଖଣ୍ଡ କରି ଭାଙ୍ଗିଦେଇ ଫୋପାଡି ଦେଲେ ତଳେ । ଭୟରେ ସାଂକୁଡିଯାଇ ଝିଅଟି ପ୍ରଥମେ ପ୍ରାଣକୃଷ୍ଣଙ୍କୁ ଓ ପରେ ଛତାକୁ ଚାହିଁ ଦୁଃଖରେ ବିହ୍ୱଳ ହୋଇଗଲା । ଲୁହ ଡବଡବ ଆଖିରେ ପ୍ରାଣକୃଷ୍ଣଙ୍କୁ ଚାହିଁ ଚାହିଁ ଛତାର ଖଣ୍ଡଗୁଡିକୁ ଏକାଠି କରି ଛାତିରେ ଜାକି ଧରିଲା । ଯେମିତି ଗୋଟେ ମାଆ ତା ମୃତ ପିଲାକୁ ଜାକି ଧରେ । ଭଙ୍ଗା ଛତାକୁ କୁଣ୍ଢେଇ ପ୍ରାଣକୃଷ୍ଣଙ୍କ ସାମ୍ନାକୁ ଆସି ମୁହଁ ଟେକି ଚାହିଁଲା । ସେ ଲାଗୁଥିଲା ଏକଦମ ନିର୍ବାକ, ନିଃସହାୟ । ଥରେ ପ୍ରାଣକୃଷ୍ଣ ଏବଂ ଥରେ ଛତାକୁ ଚାହିଁ ଛିଡା ହୋଇ ରହିଲା । ତା ଲୁହ ଲୁହ ଆଖି ଯେପରି କହୁଥିଲା– ଆମ ଛତା ତ ଭାଙ୍ଗିଦେଲ, ଏବେ ବର୍ଷା ହେଲେ ଆମେ କଣ କରିବୁ ? ଆମ ପାଇଁ ନୂଆ ଛତାଟେ କରିଦିଅ ।

– ଧେତ୍ ଚାଲ୍ ସହଳ ।

ପ୍ରାଣକୃଷ୍ଣ ବାବୁ ସ୍କୁଲରେ ପହଞ୍ଚିଲା ବେଳକୁ କିଛି ସରକାରୀ କର୍ମଚାରୀ ଓ ଗାଁବାଲା ଆସି ଯାଇଥାନ୍ତି । ସ୍କୁଲ୍ ଘର ଖୋଲାଯାଇ ସଫାସୁତୁରା କାମ ଚାଲିଥାଏ । ଗର୍ଜି ଉଠିଲେ ପ୍ରାଣକୃଷ୍ଣ– ଏଠି କିଛି ହେବନି । ପିଲା ଯେମିତି ପଢୁଥିଲେ ପଢିବେ । କିଏ କହିଲା ଆପଣ ମାନଙ୍କୁ ସେ ଅଭିଲା ରୋଗ ଆମ ଗାଁରେ ପହଞ୍ଚିବ ବୋଲି ? ମୁଁ ତାକୁ ଏମିତିରେ ଛାଡିଦେବି ? ପିଲାଙ୍କ ପାଠପଢା ବାତିଲ କରି ଏଠି କୋଭିଡ ସେଣ୍ଟର୍ ଖୋଲି ଆସିଛ ? ମୁଁ ଏ କାମ କଦାପି କରାଇ ଦେବି ନାହିଁ । ସରକାରୀ

ଅଫିସର ଭିତରେ ତାଙ୍କ ପିଲାଦିନ ସାଂଗ ବୀରେନ୍ଦ୍ରର ପୁଅ । ତାଙ୍କ ପୁଅ ଠୁ ୨ ବର୍ଷ ବଡ ହେବ । ତାଙ୍କରି କୋଳରେ ବଡ ହୋଇଛି । ଆଜି ସରକାରୀ ଅଫିସର୍‌ଟେ ହେଇଯାଇଛି ବୋଲି ହାକିମାତି ଦେଖାଉଛି । ସେ ପଛକୁ ଅନାଇ ଦେଖିଲେ ତାଙ୍କ ସାଂଗ ବୀରେନ୍ଦ୍ର ମଧ ସେଠି ଛିଡା ହୋଇ ନିଜ ପୁଅର ହାକିମାତିକୁ କିଏ କିଏ ପ୍ରଶଂସା କରୁଛନ୍ତି ତଦାରଖ କରୁଛି । ପ୍ରାଣକୃଷ୍ଣ ଚିଡିଗଲେ । କେଡେ ବହପ । ପୁଅ ସରକାରୀ ଚାକିରି ଖଣ୍ଡେ ପାଇଛି ବୋଲି ବୋପାର ଛାତି କୁଣ୍ଡେମୋଟ । କାହା କଥା ଶୁଣିବାକୁ ନାରାଜ ।

– ଏଇଠି କୋଭିଡ୍ ସେଣ୍ଟର୍ ହୋଇପାରିବନି । ଏଇଟା ମୋର ଶେଷ କଥା ।

ପାଖରେ ଛିଡା ହୋଇଥିବା ସରପଞ୍ଚ ତାଙ୍କ କଥାକୁ ଚଟାପଟ ସମର୍ଥନ କଲେ ।

– ସରକାରଙ୍କ ଆଦେଶ ଏଇଟା । ତୁ ମନା କରିବାକୁ କିଏ ?

– ଦେଖ୍ ବୀର ତୋ ପୁଅ ସରକାରୀ ଅଫିସର୍‌ଟିଏ ହୋଇଯାଇଛି ବୋଲି ଯାହା ମନ କରି ପାରିବନି । ଆମରି ଯୋଗୁଁ ସରକାର ନା । ଗୋଟେ ରୋଗ ସିଆଡେ କୁଆଡେ ଚାଇନା ଦେଶରେ ହେଇଛି । ଆମ ଦେଶର ଭିଟା ମାଡିନି । ପୁଣି ରାଜ୍ୟକୁ କେବେ ଆସିବ ବୋଲି ପିଲାଙ୍କ ପାଠ ମାରା କରି ସ୍କୁଲ୍‌ରେ ରୋଗୀଙ୍କ ପାଇଁ ଥଇଥାନ କରାଯିବ ? କାହିଁକି ଶୁଣେ ?

ବୀରେନ୍ଦ୍ର ତାଙ୍କ ପାଖକୁ ଘୁଞ୍ଚି ଆସି କାନ୍ଧରେ ହାତ ଥୋଇବା ପ୍ରାୟ ହୋଇଗଲେ । ମାତ୍ର ଅସହ୍ୟ ରାଗରେ ଥରୁଥିବା ପ୍ରାଣକୃଷ୍ଣ ଏପରି ସୌହାର୍ଦ୍ଦ୍ୟକୁ ବେଖାତିର କରି ଟିକେ ଦୂର ଘୁଞ୍ଚିଗଲେ । ଏବେ ଯଦି ସେ ତରଳି ଯିବେ କଥା ସରିଲା । ସବୁ ମାଡି ବସିବ ବୀର ପୁଅ । ସରକାରର ଦ୍ୱାହି ଦେଇ ସବୁକିଛି ଅକ୍ତିଆର କରିନେବ । ତାଙ୍କର କୌଣସି କଥା ରହିବନି । ଖାଲି ସନ୍ତାପି ହେଇ ହେଇ ଶେଷ ଜୀବନ ବିତାଇବେ । ଏବେ ଯଦି ଟାଣ ଦେଖେଇବେ ଆଗକୁ କେହି ତାଙ୍କ କଥାରେ ମୁଣ୍ଡ ଖେଳେଇବେନି । ପ୍ରକୃତରେ ତାଙ୍କର ଡର ଥିଲା ନିଜ ପ୍ରତିପତ୍ତି ଏବଂ ତା ମଧ ଦେଇ ତାଙ୍କ ରୋଜଗାର ପ୍ରତି । ଏବେ ସବୁ ଠପ୍ ହୋଇଯିବ ।

– ସ୍କୁଲରେ ଯଦି କୋଭିଡ୍ ସେଣ୍ଟର୍ ହେବ ପିଲା ପାଠ ପଢିବେ କେମିତି ?

– ଏ ଯୋ ମହାମାରୀ ଚାଲିଛି ପିଲାଙ୍କୁ ଆଉ ସ୍କୁଲ ଛଡା ହେବନି । ସେମାନେ ଘରେ ରହି ପାଠ ପଢିବେ ।

– ମାଷ୍ଟର ସବୁ କଣ ଘର ଘର ବୁଲି ପାଠ ପଢାଇବେ ? ହଇରେ ବୁଟୁ ତୁ ସରକାରୀ ହାକିମଟେ ହେଇଗଲୁ ବୋଲି ଯାହା କହିବୁ ସେୟା ହେବ ନା କଣ ?

– ମୁଁ କିଛି କହୁନି ମଉସା ଏଇଟା ସରକାରଙ୍କ ଆଦେଶ । ସବୁ ଗାଁର ସ୍କୁଲ୍ ଘର ସବୁ ପରିଷ୍କାର ହୋଇ କୋଭିଡ୍ ସେଣ୍ଟର୍ ତିଆରି କରାଯିବ । ବିପଦ ମାଡି ଆସୁଛି । ପାଖରେ ପହଞ୍ଚିବାକୁ ଆଉ ବେଶି ଡେରି ନାହିଁ । ଏବେଠୁ ସବୁ ପ୍ରସ୍ତୁତ କରି ନ ରଖିଲେ ହଠାତ ଆମେ କୁଆଡେ କଣ କରିବା ?

– ହଇରେ ସେ ରୋଗ ଏବେ ଦେଶର ମାଟିକୁ ଛୁଇଛି କି ନାଇଁ, ମୁଁ କଣ କିଛି ଖବର ରଖିନି ଭାବୁଛୁ ? ପିଲା ପାଠ ନ ପଢିଲେ କେମିତି ଦେଶ ଆଗେଇବ ?

– ପଢିବେ ପଢିବେ । ସରକାର ସେ ବ୍ୟବସ୍ଥା କରିଛନ୍ତି । ଏବେ ପିଲାମାନେ ଘରେ ରହିବେ । ଅନ୍‌ଲାଇନ୍ କ୍ଲାସ୍ କରିବେ ।

– ତାହା କେମିତି ?



**ପ୍ରାଣକୃଷ୍ଣଙ୍କୁ ଆକାଶଟା ଛିଣ୍ଡିପଡିଲା ପରି ଲାଗୁଥାଏ । ଜୀବନ ଏତେ ବୀତସ୍ପୃହ ଦିନେ ଲାଗିବ ସେ ଚିନ୍ତା କରିନଥିଲେ । ଯେଉଁଭଳି ଭାବରେ ଭୟଙ୍କର କଥା ସବୁ ଘଟୁଛି କରୋନାକୁ ନେଇ ରାତିରେ ନିଦ କେମିତି ହେବ ? ପୁଅ ଘରକୁ ନ ଆସିଲାଯାଏଁ ସେ କିପରି ନିଶ୍ଚିନ୍ତ ହୋଇ ପାରିବେ ? ଯଦି ପୁଅର କିଛି ହୋଇଗଲା କଣ ହେବ ଏ ସଂପତ୍ତି ? ଏ ଘରଦ୍ୱାର ବାଡି, ଗାଡି ସବୁ ମୂଲ୍ୟହୀନ । ଏଇ ଦିନ ଦେଖିବା ପାଇଁ ସେ ବଞ୍ଚିଥିଲେ ? ଓଃ ଖାଲି ଛଟପଟ ହେବା କଥା । କଣ ତାଙ୍କ ହାତରେ ଅଛି ? ଏବେ ଯାଏଁ ସେ ଭାବୁଥିଲେ ସବୁ ତାଙ୍କ ହାତ ମୁଠାରେ ବୋଲି । ଅଚାନକ ସବୁକିଛିରୁ ଆଗ୍ରହ ମରିଗଲା । ଜୀବନ ବୀତସ୍ପୃହ ମନେହେଲା । ବଂଚିବାର ଲୋଭ କୁଆଡେ ଉଭେଇଗଲା ।**

- ସ୍ମାର୍ଟ ଫୋନ୍ ଜରିଆରେ । ସେଥିରେ ପରୀକ୍ଷା ମଧ୍ୟ ଦେବେ । ତୁମ ପୁଅ ତୁମକୁ ଯେଉଁ ଫୋନ୍ ଦେଇଛି ସେଇଟା ସ୍ମାର୍ଟ ଫୋନ୍ । ସେମିତି ଫୋନ୍‌ରେ ପିଲା ପାଠ ପଢିବେ ।

- ଆଉ ଆମ ଗାଁରେ କେତେଜଣଙ୍କ ପାଖରେ ସେଭଳି ଫୋନ୍ ଅଛି କହନି ?

- ହଁ ଅଳ୍ପ କେତୋଟି ଅଛି, ପାଠ ଆରମ୍ଭ ହେଲେ କିଏ କିଏ କିଣିବେ ମଧ୍ୟ । ତୁମେ ସେଥିପାଇଁ ଜମା ବ୍ୟସ୍ତ ହୁଅନା । ପିଲା ମିଳିମିଶି ସାଂଗସାଥୀଙ୍କୁ ସାହାଯ୍ୟ କରିବେ । ସରକାର ଯାହା ସବୁ କରୁଛନ୍ତି ଆମ ଭବିଷ୍ୟତର ସୁରକ୍ଷା ପାଇଁ କରୁଛନ୍ତି । ଯଦି ରୋଗଟା ଦେଶରେ ମାଡିଯାଏ ଆମ ଜନସଂଖ୍ୟା ଏତେ ଅଧିକ ଯେ ପୋକମାଛି ପରି ଲୋକ ମରିବେ । ପୁଣି ଓଡିଶା କଥା ନ କହିବା ଭଲ । ଆମର ଏଠାରେ ଡାକ୍ତରଖାନାର ସୁବିଧା ସେମିତି ବିଶେଷ ନାହିଁ । ତେଣୁ ଆମେ ସତର୍କ ନ ରହିବା କାହିଁକି ? ଏବେ କୋଭିଡର ଯାହା ଅବସ୍ଥା ତାହା କୌଣସି ମୁହୂର୍ତ୍ତରେ ସୁନାମୀ ପରି ମାଡି ଆସିବ । ଯଦି ଚାରିଆଡେ କୋଭିଡ ମାଡିଯାଏ, ଯେଉଁମାନେ ବିଦେଶରେ ଅଛନ୍ତି ସମସ୍ତେ ଫେରି ଆସିବେ । ସେହି ଅନୁସାରେ ପ୍ରାୟ ୧୦ ଲକ୍ଷ ଲୋକ ଓଡିଶାକୁ ଫେରିଆସିବେ ବୋଲି ପ୍ରାଥମିକ ଆକଳନ କରାଯାଇଛି । ଯିଏ ବାହାରୁ ଆସିବେ ତାଙ୍କୁ ପ୍ରଥମେ ୧୪ ଦିନ ଏହି ସ୍କୁଲ ଘରେ ଅର୍ଥାତ୍ କ୍ୱାରେଣ୍ଟାଇନ୍ ସେଣ୍ଟର୍‌ରେ ରଖାଯାଇ ଘରକୁ ଯିବାକୁ ଅନୁମତି ଦିଆଯିବ । ତୁମ ପୁଅ ବି ଆସିଲେ ପ୍ରଥମେ ଏଠାରେ ରହିବ ।

ବୀରେନ୍ଦ୍ର ପ୍ରାଣକୃଷ୍ଣଙ୍କ ହାତ ଧରି କହିଲେ ସହଯୋଗ କର ପ୍ରାଣ । ବାହାର ଦୁନିଆରେ ହାହାକାର ମଚିଗଲାଣି । ଏ ସମୟରେ ସରକାରଙ୍କ ଉପରେ ସବୁ ଲଦିଦେଲେ ଚଳିବନି । ଆମେ ସମସ୍ତେ ଯଦି ସଜାଗ ରହିବା ଓ ପରସ୍ପରକୁ ସହଯୋଗ କରିବା ତାହେଲେ ସେ ମହାମାରୀ ଆମର କିଛି ବିଗାଡି ପାରିବନି ।

ପ୍ରାଣକୃଷ୍ଣଙ୍କ ଆଉ କିଛି କହିବାର ନଥିଲା । "କର ଯାହା କରୁଛ" କହି ଫେରି ଆସିଲେ ।

ବାଟରେ ଦେଖିଲେ ଝିଅଟି ସେମିତି ଭଙ୍ଗା ଛତାଟିକୁ ଛାତିରେ ଜାକି ଛିଡା ହୋଇଛି ।

- ଆରେ ଯେ କଣ ଯାଇନି ସେତିକିବେଳୁ ଛତାଟିକୁ କୁଣ୍ଢେଇ ଛିଡା ହୋଇଛି ।

- ସେ ତାର ଯିବ, ନ ଗଲେ ତା ବାପା କି ବୋଉ ଆସି ନେଇଯିବେ । ଆପଣ ଚାଲନ୍ତୁ ଗାଧେଇ ପକାଇବେ । ଯାକୁ ଛୁଇଁଥିଲେ କି ନା ।

- ହଁ ଚାଲ୍, ସେତେବେଳେ ଏତେ ରଗାଇଲା ଟୋକିଖଣ୍ଡକ, ମୁଁ ତା ଛତାକୁ ନ ଛୁଇଁ ରହି ପାରିଲିନି । ହେ ଟୋକି ଯା ସିଆଡେ ।

ପ୍ରାଣକୃଷ୍ଣ ଦେଖିଲେ ଛତାଟି ତାଙ୍କ ଆଡେ ଦେଖାଇ ଝିଅଟି ଯେମିତି କହୁଛି- ଆମ ଛତା ତ ଭାଙ୍ଗିଦେଲ, ବର୍ଷା ହେଲେ ଆମେ କଣ କରିବୁ ? ଗୋଟେ ନୂଆ ଛତା କରିଦଉନ ।

ତା ଆଖି ଏବେ ବି ଛଳଛଳ । ବଡ ଲୋକ ଜଣେ ତାର ଏକମାତ୍ର ସମ୍ବଳ ଛତାକୁ ଭାଙ୍ଗିଦେବ ବୋଲି ସତେକି ବିଶ୍ୱାସ କରୁନି ।

ପ୍ରାଣକୃଷ୍ଣ ଯାଇ ଗାଧେଇପାଧେଇ ଘରେ ବସିଥିଲା ବେଳେ ବାହାରେ ଥିବା ପୁଅ ଫୋନ କଲା- ବାପା ଏଠାକାର ଅବସ୍ଥା ଭଲ ନୁହେଁ । କୋଭିଡ୍ ଭୟରେ ସମସ୍ତେ ଥରହର । ମୁଁ ଘରକୁ ଚାଲିଯିବି । ଆଉ ଅଳ୍ପ କାମ ଅଛି । ତୁମେ ନିଜର ଯତ୍ନ ନେଉଥିବ । ବାହାର ଲୋକଙ୍କ ସହିତ ମିଶିବନି । କାହାକୁ କୁଣ୍ଢାଇବନି କି ହାତ ମିଳାଇବନି । ବାହାରକୁ ଗଲେ ମାସ୍କ ପିନ୍ଧିବ । ମୁଁ ତୁମ ପାଇଁ ୨ ପାକେଟ୍ ମାସ୍କ କୋରିୟର କରିଦେଇଛି । କାଲି ପହଞ୍ଚିଯିବ । ଆମ ଗାଁ ସ୍କୁଲ୍‌ରେ କୋଭିଡ୍ ସେଣ୍ଟର୍ ହେଇଥିବ । ଏଠାରୁ ଯିଏ ଯିବେ ସେଇଠି ୧୪ ଦିନ ରହିଲା ପରେ ଘରକୁ ଯିବେ । ମୁଁ ବି ଗଲେ ସେଇଠି ରହିବି । ମୁଲିଆମାନଙ୍କ ସାଂଗରେ ବେଶିଥର ବିଲ ଆଡେ ଯିବ ନାହିଁ । ତୁମ ଦେହ ଖରାପ ହେଲେ ମୁଁ ହଠାତ ପହଞ୍ଚି ପାରିବି ନାହିଁ । ତେଣୁ ନିଜର ଯତ୍ନ ନେଇ ସୁସ୍ଥ ରହିବ ।

ପୁଅ ବାହାରେ ରହିଲା ଦିନୁ ଏମିତି ସବୁବେଳେ ତାଙ୍କ ଦେହ ପା କଥା ପଚାରେ । ତା ଛଡା ତାଙ୍କର ଆଉ କିଏ ଅଛି ଯେ ଏପରି ଚିନ୍ତା କରିବ । କିନ୍ତୁ ଆଜି ଏ ଲମ୍ବା ଭାଷଣ ? କଣ ଏ କରୋନା ଏତେ ଭୟଙ୍କର ? ଚୀନ ଦେଶରେ ତ ଥିଲା ଇଆଡେ କାହିଁକି ମୁହାଁଇଲା ? କିଏ ଆଣିକି ଆସିଲା ସେଠୁ ଏକୁ ?

ସତକୁସତ ତାଙ୍କ ଗାଁରୁ ବାହାରକୁ ଯାଇଥିବା କିଛି ଲୋକ ଫେରିବାକୁ ଲାଗିଲେ । ସ୍କୁଲ୍‌ଘର ଭର୍ତ୍ତି ହୋଇଗଲା । ଓଡିଶାରେ କୋଭିଡ୍ ସଂଖ୍ୟା ବଢିବାକୁ ଲାଗିଲା । ରାଜ୍ୟ ସରକାର ଯଥେଷ୍ଟ ସାବଧାନର ସହ କୋଭିଡ ମୁକାବିଲା କରିବାକୁ ପ୍ରସ୍ତୁତ ହୋଇ ରହିଲେ । ଏହା ଥିଲା ୨୦୨୦ ମାର୍ଚ୍ଚ ମାସ କଥା । କେନ୍ଦ୍ର ସରକାର ମାର୍ଚ୍ଚ ୧୯, ୨୦କୁ ଜନତା କର୍ଫ୍ୟୁ ଘୋଷଣା କଲେ । ତା ପର ଠୁ ପୁରା ତାଲା ବନ୍ଦ । କେହି କୁଆଡେ ଯାଇ ପାରିଲେ ନାହିଁ କି ଆସି ପାରିଲେ ନାହିଁ । ସେ ଦେଖୁଥିଲେ ସହରମାନଙ୍କରେ ଅବସ୍ଥା ଆହୁରି ତଦୃପ । ଘରୁ ବାହାରିଲେ ପୋଲିସ ଧରୁଛି । ନିହାତି ଆବଶ୍ୟକ ନଥିଲେ କେହି ବାହାରକୁ ଯାଇ ପାରିବେନି । କଟକଣା ଏବଂ ଚେତାବନୀ ମଧ୍ୟରେ ଲୋକେ ଅଣନିଃଶ୍ୱାସୀ ହୋଇ ପଡିଲେ । ଦିନ ମଜୁରିଆ ଓ ବୁଲା ବିକାଳିଙ୍କ ଅବସ୍ଥା ବାର ବାଜିଗଲା । ଯେତିକି ବି ରାସନ ସାହାଯ୍ୟ ଆକାରରେ ମିଳିଲା ସମୁଦ୍ରକୁ ଶଂଖେ । ପରସ୍ପର ଭିତରେ ସ୍ନେହ, ଶ୍ରଦ୍ଧା, ଆପଣାପଣ କ୍ରମେ ସନ୍ଦେହ, ଘୃଣା,ଭୟରେ ପରିଣତ ହେଉଥିଲା । ଗୋଟିଏ ଘରେ ରହି କିଏ ଯଦି ଛିଙ୍କିଲା ଅନ୍ୟମାନେ ତାକୁ ସନ୍ଦେହରେ ଦେଖିବା ସହ ଦୂରକୁ ଚାଲି ଯାଉଥିଲେ ।

ପ୍ରାଣକୃଷ୍ଣଙ୍କ ଚିନ୍ତା ବଢି ଚାଲିଲା । ପୁଅ ଯାଇ ବାହାରେ । କଣ କରୁଥିବ । ଫୋନ୍ କଲେ କହେ ଭଲ ଅଛି ମାତ୍ର ସେଥିରେ ପ୍ରାଣକୃଷ୍ଣଙ୍କ ମନ ମାନେନି । ପ୍ରତି ମୁହୂର୍ତ୍ତରେ ବିପଦର ଆଶଙ୍କା କରି ନା ଶୋଇ ପାରନ୍ତି ନା ଖାଇ ପାରନ୍ତି । ବାରମ୍ବାର ନିୟୁଜ୍ ଆସୁଥାଏ କୋଭିଡ୍ ବଢୁଛି ଓ ଲୋକ ସେଇ ରୋଗରେ ମରି ଯାଉଛନ୍ତି । ଧନୀ କି ଗରିବ କୋଭିଡ୍ କାହାକୁ ଛାଡୁନି । ହସ୍‌ପିଟାଲ୍‌ମାନଙ୍କରେ ବେଡ ମିଳୁନି । ଅକ୍ସିଜେନ୍ ମିଳୁନି । ଭାରି ଦୟନୀୟ ପରିସ୍ଥିତି । ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଗଲାଣି ।

ଅଳ୍ପ କିଛିଦିନ ଭିତରେ ବଦଳିଗଲା ଦୁନିଆର ରୂପରେଖ । ସବୁଠି ଭୟ, ଆତଙ୍କର ବାତାବରଣ । କୋଉବାଟେ କରୋନା ଗଳିପଶି ଗାଁ ଯାଏ ମାଡି ଆସିଲା । ତା ସହ ମୃତ୍ୟୁ ମଧ୍ୟ ଜିଭ ଲମ୍ୱେଇ ଧାଇଁଲା । ଅନାଗତ ଆଶଙ୍କାରେ ଆତଙ୍କିତ ପ୍ରାଣକୃଷ୍ଣ

ପୁଅକୁ ବାରମ୍ବାର ଫୋନ କରିବାକୁ ଲାଗିଲେ ତାଙ୍କ ପାଖକୁ ଫେରି ଆସିବାକୁ ।

– ଆ ଚାଲିଆରେ । ଚାକିରି ନ ହେଲେ ନାଇଁ । ବାଟି ବାଟି ସଂପତ୍ତି ପଡିଛି ଏଠି ଖାଇବ କିଏ ? ସାରା ରାତି ମୋତେ ତୋ ଚିନ୍ତାରେ ନିଦ ଲାଗୁନି । ଏଠି ତ ଯାହାଟିକେ ଅବସ୍ଥା, ବମ୍ବେରେ ଶୁଣୁଛି ଅବସ୍ଥା ଅତି ଖରାପ । ଏବେ ମୁଁ ଖବର କାଗଜ ପଢୁଛି ଟିକିନିଖି ଓ ସଦାବେଳେ ଟିଭି ପାଖରେ ବସିଛି ।

– ଚାକିରି ପାଇଁ ଚିନ୍ତା ନାହିଁ ବାପା, ଘରୁ କାମ କରି ପାରିବି । ମାତ୍ର ଏଠୁ ସୁବିଧାରେ କିପରି ଯିବି ଜାଣି ପାରୁନି । ସେହି ସୁଯୋଗ ଅପେକ୍ଷାରେ ଅଛି । ଫ୍ଲାଇଟ୍, ବସ୍, ଟ୍ରେନ୍ ସବୁ ବନ୍ଦ ହୋଇଯାଇଛି ।

– କାର୍‌ଟିଏ ଭଡା କରି ଚାଲି ଆସୁନୁ ।

– ହଁ ଦେଖୁଛି, ଆମେ ତିନିଜଣ ସାଂଗ ଯିବୁ ବୋଲି ଠିକ କରିଛୁ । ଗଲେ ମୁଁ କହିବି । ତୁମେ ଜମା ବ୍ୟସ୍ତ ହୁଅନି ।

ପ୍ରାଣକୃଷ୍ଣଙ୍କୁ ଆକାଶଟା ଛିଣ୍ଡିପଡିଲା ପରି ଲାଗୁଥାଏ । ଜୀବନ ଏତେ ବୀତସ୍ପୃହ ଦିନେ ଲାଗିବ ସେ ଚିନ୍ତା କରିନଥିଲେ । ଯେଉଁଭଳି ଭାବରେ ଭୟଙ୍କର କଥା ସବୁ ଘଟୁଛି କରୋନାକୁ ନେଇ ରାତିରେ ନିଦ କେମିତି ହେବ? ପୁଅ ଘରକୁ ନ ଆସିଲା ଯାଏଁ ସେ କିପରି ନିଶ୍ଚିନ୍ତ ହୋଇପାରିବେ ? ଯଦି ପୁଅର କିଛି ହୋଇଗଲା କଣ ହେବ ଏ ସଂପତ୍ତି ? ଏ ଘରଦ୍ୱାର ବାଡି, ଗାଡି ସବୁ ମୂଲ୍ୟହୀନ । ଏଇ ଦିନ ଦେଖିବା ପାଇଁ ସେ ବଞ୍ଚିଥିଲେ ? ଓଃ ଖାଲି ଛଟପଟ ହେବା କଥା । କଣ ତାଙ୍କ ହାତରେ ଅଛି ? ଏବେ ଯାଏ ସେ ଭାବୁଥିଲେ ସବୁ ତାଙ୍କ ହାତ ମୁଠାରେ ବୋଲି । ଅଚାନକ ସବୁକିଛିରୁ ଆଗ୍ରହ ମରିଗଲା । ଜୀବନ ବୀତସ୍ପୃହ ମନେହେଲା । ବଂଚିବାର ଲୋଭ କୁଆଡେ ଉଭେଇଗଲା ।

କାଲି ତ ଟିଭିରେ ଦେଖାଉଥିଲା ମହିଳା ଜଣେ ତାଙ୍କ ସ୍ୱାମୀଙ୍କୁ କୋଭିଡ୍ ହେବାରୁ ତାଙ୍କୁ ହସ୍‌ପିଟାଲ୍ ନେଇ ଆସିଥିଲେ । ତାଙ୍କର ଫୁସ୍‌ଫୁସ୍‌ରେ ସଂକ୍ରମଣ ହୋଇସାରିଥିଲା । ସେ ନିଃଶ୍ୱାସ ନେଇ ପାରୁନଥାନ୍ତି । ମାତ୍ର ହସ୍‌ପିଟାଲ୍‌ରେ ବେଡ୍‌ର ଅଭାବ । ଅକ୍ସିଜେନ୍ ମିଳୁନି । ବାରଣ୍ଡାରେ ସ୍ୱାମୀଙ୍କୁ ଶୁଆଇ ମହିଳା ଜଣକ ମୁଣ୍ଡ କଚାଡି କାନ୍ଦୁଥାନ୍ତି । ତାଙ୍କ ୨୨/୨୩ ବର୍ଷର ପୁଅ ୪ ଜଣ ସାଂଗଙ୍କୁ ନେଇ ଆସି ହସ୍‌ପିଟାଲ୍‌ରେ ପାଟିତୁଣ୍ଡ କରିବାରୁ କୌଣସି ପ୍ରକାରେ ତାଙ୍କୁ ଅକ୍ସିଜେନ୍ ବେଡ୍‌ଟିଏ ମିଳିଗଲା । ତେବେ ସଂକ୍ରମଣ ଅତ୍ୟଧିକ ହୋଇ ଯାଇଥିବାରୁ ତାଙ୍କୁ ବଂଚାଇ ହେଲାନି । ସବୁଠୁ ଦୁଃଖର ବିଷୟ ଯେ ସେହି ବ୍ୟକ୍ତିଙ୍କୁ କୋଭିଡ୍ ହୋଇଥିବାରୁ ତାଙ୍କୁ ମୁଣ୍ଡରୁ ଗୋଡ ଯାଏ ଧଳା କନାରେ ଆବୃତ କରାଯାଇଥିଲା ଓ ସେଦିନ ମୃତ୍ୟୁବରଣ କରିଥିବା ସମସ୍ତ କୋଭିଡ ରୋଗୀଙ୍କୁ ଗୋଟେ ଗାଡିରେ ଶ୍ମଶାନକୁ ନିଆ ଯାଇଥିଲା । ପିପିଇ କିଟ୍ ପିନ୍ଧି କିଛି କର୍ମଚାରୀ ସମୂହ ଶବଦାହ କରିଦେଲେ । ବିଚରା ପୁଅ ହାତରୁ ନିଆଁ ଛୁଆଇଁ ମୁଖାଗ୍ନି ଯାହାକୁ ଦିଆଗଲା ସେ ତା ବାପା କି ନାଇଁ ଜାଣି ପାରିଲାନି । ପ୍ରାଣକୃଷ୍ଣଙ୍କ ଛାତି ଚାଉଁକିନା ହେଲା । ଯଦି ତାଙ୍କର କି ତାଙ୍କ ପୁଅର ଏପରି ଅବସ୍ଥା ହୁଏ ? ଶେଷବେଳକୁ କେହି କାହାର ମୁହଁ ଟିକେ ସୁଦ୍ଧା ଦେଖି ପାରିବେନି । ଲକ୍ଷ ଲକ୍ଷ ଶ୍ରମିକ ଫେରୁଥିବାର ଦୃଶ୍ୟ ସେ ନିଜ ଆଖିରେ ଦେଖିଥିଲେ । କେବଳ ଜରୁରୀ ସେବା ପାଇଁ ଟ୍ରେନ ଓ ବସ ଚଳାଚଳ କରୁଥିବାରୁ ଦଳ ଦଳ ଶ୍ରମିକ ଚାଲି ଚାଲି ନିଜ ରାଜ୍ୟକୁ ଫେରୁଥିଲେ । ଭୋକ ଶୋଷ ଭୁଲି ସମସ୍ତେ ମୁହାଁଇଥିଲେ ନିଜ ଭିଟାମାଟିକୁ । ସେଇଠି ପହଞ୍ଚିଲେ ଅନ୍ତତଃ କୋଭିଡ୍ ଦାଉରୁ ରକ୍ଷା ପାଇଯିବେ ।

ନା...ସେ ଚିତ୍କାର କରିଉଠିଲେ । ଅଧରାତି ହୋଇଥିଲେ ମଧ୍ୟ ପୁଅକୁ ଫୋନ୍ ଲଗାଇଲେ । ପୁଅ ଜଣାଇଲା ସେ କାଲି ସକାଳେ ଏକ କାର୍‌ରେ ତା ସାଂଗ ମାନଙ୍କ ସହ ବାହାରିବ । ସେ ଆଦୌ ଚିନ୍ତା କରନ୍ତୁ ନାହିଁ ।

ହେଲେ ପ୍ରାଣକୃଷ୍ଣଙ୍କ ଚିନ୍ତା କୋଉ ଗଲା । ପୁଅ ଚିନ୍ତାରେ ଖାଇବା ପିଇବା ଭୁଲିଗଲେ । ପୁଅ କେମିତି ତାଙ୍କ ପାଖରେ ପହଞ୍ଚିବ ବୋଲି ଚିନ୍ତା କରୁଥିଲା ବେଳେ ତାଙ୍କ ଆଖିରେ ଭାସି ଉଠିଲା ନରି ମଳିକର ସେଇ ଅସନା ଝିଅଟି । ଯିଏ ସେଦିନ ତାଙ୍କୁ ବାଟ ନ ଛାଡିବାରୁ ସେ ତାର ଛତାଟି ଭାଙ୍ଗି ଦେଇଥିଲେ । ସେ ଫେରିଲା ଯାଏଁ ଝିଅଟି ଭଙ୍ଗା ଛତାଟିକୁ କୁଣ୍ଢେଇ ଲୁହ ଛଳଛଳ ଆଖିରେ ତାଙ୍କୁ ଚାହିଁ ଯେପରି କହୁଥିଲା– ଆମ ଛତା ତ ଭାଙ୍ଗିଦେଲ । ବର୍ଷା ହେଲେ ଆମେ କଣ କରିବୁ ? ନୂଆ ଛତାଟେ କରି ଦିଅ ।

ରାତି ପାହିନି ପ୍ରାଣକୃଷ୍ଣ ଡାକ ଛାଡିଲେ ମୁକୁନ୍ଦକୁ ।

– ସାନବାବୁ ଆସିଲେ କି

– ସାନବାବୁ କାଲି ପହଞ୍ଚିବ । ତୁ ଯା ଆମ ଅତିଥି ଘରଟି ପରିଷ୍କାର କରିଦେ । କେତେଦିନୁ ସେଠାରେ କେହି ରହିନାହାନ୍ତି । ଭଲକି ପରିଷ୍କାର କରିବୁ ।

– ସାନବାବୁଙ୍କର କିଏ ସାଂଗ ଆସୁଛନ୍ତି କି ?

– ତୋତେ ଯାହା କହିଲି ସେୟା କର । ସାନବାବୁ କି ତାଙ୍କ ସାଂଗ ଆସିଲେ ସେମାନେ ପରେ ୧୪ ଦିନ ସ୍କୁଲ ଘରେ ରହିବେ । ତାଙ୍କ ପାଇଁ ଆଜିଠୁ ଏତେ ଚିନ୍ତା କାହିଁକି ?

– ତାହେଲେ ?

– ତୁ ଏତେ ଚିନ୍ତା କରନି । ଯା ଘରଟିକୁ ଭଲରେ ସଫା କରିଦେ । ହଁ ସଫା କରିସାରିଲା ପରେ ନରି ମଳିକକୁ ଯାଇ କହିଦେବୁ ସେ ତା ସ୍ତ୍ରୀ ଓ ଝିଅକୁ ନେଇ ଏଠିକି ଚାଲି ଆସିବ । ଆଜିଠୁ ସେ ଆମ ଘରେ ରହିବ ।

ଦୁଇପାଦ ଘୁଞ୍ଚିଯାଇ ମୁକୁନ୍ଦ କହିଲା– ରାମ ରାମ ରାମ ! ବାବୁ ସକାଳୁ ସକାଳୁ କାହା ନାଁ ଧରୁଛନ୍ତି ? ସେ ଅଜାତିଆ ଲୋକଟା ଛୁଇଁବା ଯୋଗେଇ ନୁହେଁ । ତାକୁ ଛୁଇଁଲେ ଗାଧେଇବାକୁ ପଡେ । ତାକୁ ଆଣି ଆପଣଙ୍କ ଘରେ ରଖିବେ ? କଣ ହେଇଛି ଆପଣଙ୍କର ?

– କିଛି ହେଇନି ମୋର । ଆଖିଟା ଏତେ ଦିନ ଯାଏ ବନ୍ଦ ଥିଲା, ଏବେ ଖୋଲି ଯାଇଛି । ଚାରି ହାତ ଜାଗାରେ ନରି ଜରି କେରପାଲ ଛାଉଣୀ କରି ରହୁଛି । ସ୍ୱାମୀ ସ୍ତ୍ରୀ ଯା ତା ମୂଲ ଲାଗି ପେଟ ପୋଷୁଛନ୍ତି । ଏଇଠି ରହିବେ । ସେ ଦୁହେଁ ଏ ଘରଦ୍ୱାର ଦେଖାଶୁଣା କରିବେ ।

– ହେଲେ ସେ ଅଛୁଆଁ ଜାତିର ଲୋକଟା...

– ଚୁପ୍ କର । କିଏ ଅଛୁଆଁ । ଆଜି ମଲେ କାଲିକି ଦିଦିନ । ମଣିଷ ତ ସମସ୍ତେ ସମାନ । ତା ଛତାଟି ଭାଙ୍ଗିଦେଲି ବୋଲି ସେଦିନ କେମିତି କାନ୍ଦୁରା ଆଖିରେ ଚାହୁଁଥିଲା ତା ଝିଅଟା । ତାକୁ ଛତା ନୁହେଁରେ ଛାତଟିଏ ଦରକାର । ତୁ ଶୀଘ୍ର ଯା । ସେମାନେ ଆସିଲା ପରେ ବାକି କଥା ମୁଁ ତାଙ୍କୁ ବୁଝେଇ ଦେବି ।

ମୁକୁନ୍ଦ ଚାଲିଗଲା । ପ୍ରାଣକୃଷ୍ଣ ଭାବିବାକୁ ଲାଗିଲେ ଆଗକୁ ତାଙ୍କୁ କଣ କରିବାକୁ ହେବ । ନରି ଓ ତା ସ୍ତ୍ରୀ ଘର ଦାୟିତ୍ୱ ନେଲା ପରେ ସେ ଟିକେ ଆଶ୍ୱସ୍ତ ହେବେ । ସେ ଦୁହେଁ ଭାରି କର୍ମଠ ଓ ସଙ୍କୋଚ । ଘର ଦାୟିତ୍ୱକୁ ଖୁବ୍ ସୁନ୍ଦର ଭାବେ ସମ୍ଭାଳି ନେବେ । ଆଉ ନରି ଝିଅଟି...ଆଃ ଏବେ ଆସନ୍ତା କି ? ସେ ତାକୁ କୋଳେଇ ନିଅନ୍ତେ । ଭଙ୍ଗା ଛତାଟିକୁ ଧରି ସେଦିନ କେଡେ ବିକଳରେ କହୁଥିଲା– ଆମ ଛତା ତ ଭାଙ୍ଗିଦେଲ...ବର୍ଷା ହେଲେ ଆମେ କଣ କରିବୁ? ଆମ ପାଇଁ ନୂଆ ଛତାଟେ କରିଦିଅ । ଆଖିକୁ ଅଧା ଘୋଡାଉଥିବା ତା ନୁଖୁରା କେଶ, ତା ଲୁହ ଡବଡବ ଆଖି, ତା ମଇଳା ଫ୍ରକ୍ ଏପରିକି ତା ନାକରୁ ବୋହୁଥିବା ଦୁଇଧାର ସିଙ୍ଘାଣି ସବୁ ଜଳଜଳ ଦେଖା ଯାଉଥିଲା ତାଙ୍କୁ । ସେ ନିଜ ପିନ୍ଧା ସୁପର ଫାଇନ ଧୋତିକୁ ମୁଠାଇ ସାମାନ୍ୟ ହସି କହିଲେ, ତା ସିଙ୍ଘାଣି ଏଥିରେ ପୋଛିଦେବେ ମ । ତାଙ୍କ ନାତୁଣି ହୋଇଥିଲେ ପୁଣି ପୋଛିଥାନ୍ତେ କି ନାଇଁ ? ନରି ଝିଅ ଆସିଲେ ତାଙ୍କର ଏ ବିରାଟ ବଗିଚାରେ ଦୁହେଁ ଖୁବ୍ ଖେଳିବେ । ଦିନରାତି ଖେଳିବେ । ମନ ଇଚ୍ଛା ଖେଳିବେ ।

କାଲି ଜୀବନଟା କେତେ ବୀତସ୍ପୃହ ଲାଗୁଥିଲା । ଆଉ ଆଜି ? ଆଜି ଜୀବନଟା କେଡେ ଲୋଭନୀୟ ମନେ ହେଉଛିରେ...

# କୃଷ୍ଣପ୍ରିୟା କଦମ୍ବ



# କୃଷ୍ଣପ୍ରିୟା କଦମ୍ବ

**ଶ୍ୱେତା ରାଉତ**
ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଭୁବନେଶ୍ୱର-୭୫୧୦୦୬
ଫୋନ : ୯୪୩୯୭୨୬୦୬୦

ଫଟୋ ସୌଜନ୍ୟ : ଲେଖିକା



▶ ଲେଖିକା ଶ୍ୱେତା ରାଉତ



ପ୍ରକୃତି ବିନା ମଣିଷ ଜୀବନର କଳ୍ପନା ଅସମ୍ଭବ । ଜଳ, ବାୟୁ ଏବଂ ବୃକ୍ଷ ଆମ ଜୀବନର ଅଭିନ୍ନ ଅଙ୍ଗ, ତେଣୁ ଏହାର ସଂରକ୍ଷଣ ପାଇଁ ପ୍ରତ୍ୟେକ ବ୍ୟକ୍ତି ଯତ୍ନଶୀଳ ହେବା ଉଚିତ୍ । ସବୁଜ ବୃକ୍ଷରାଜି ସୁଖଦ ଜୀବନକୁ ସମୃଦ୍ଧ କରିଥାଏ । ଆମ ହିନ୍ଦୁମାନେ ବୋଧହୁଏ ସେଥିପାଇଁ ପାରମ୍ପରିକ ଭାବେ ଅନେକ ବୃକ୍ଷମାନଙ୍କର ପୂଜା ଦ୍ୱାରା ସଂରକ୍ଷଣ କରିଥାନ୍ତି ଏବଂ ନିଜର ଆସ୍ଥା ଓ ବିଶ୍ୱାସ ପାଇଁ ବୃକ୍ଷକୁ ଦେବତା ଭାବେ ପରିଗଣିତ କରିଥାନ୍ତି । ଯେମିତିକି ଅଶ୍ୱସ୍ତ, ବଟବୃକ୍ଷ (ବରଗଛ), ଅଁଳା, ନିମ୍ବ, ତୁଳସୀ, ଆମ୍ବ, ବେଲ, କଦଳୀ, ପଳାସ, ଅଶୋକ ଇତ୍ୟାଦି ବୃକ୍ଷଗୁଡ଼ିକରେ ଦେବତାଙ୍କ ନିବାସର ଆସ୍ଥାନେଇ ଭକ୍ତମାନେ ପୂଜାର୍ଚ୍ଚନା ଦ୍ୱାରା ଆଶୀର୍ବାଦ ପ୍ରାପ୍ତ କରିଥାନ୍ତି । ଠିକ୍ ସେମିତି ଆଉ ଏକ ବିଶିଷ୍ଟ ପୁଷ୍ପବୃକ୍ଷ ରହିଛି, ଯାହା ନାମ ମାତ୍ରେ ଭଗବାନ ଶ୍ରୀକୃଷ୍ଣଙ୍କ ଉପଲବ୍ଧି ପ୍ରାପ୍ତ ହୁଏ ଏବଂ ଶ୍ରୀକୃଷ୍ଣଙ୍କ ରାସଲୀଳା, କେଳୀ ମୁରଲୀ ସହିତ ଓତପ୍ରୋତ ଭାବେ ଜଡ଼ିତ ଥାଏ, ତାହା ହେଉଛି '**କଦମ୍ବ**' । କଦମ୍ବକୁ କେହି କେହି 'କେଳୀ କଦମ୍ବ' ମଧ୍ୟ କହିଥାନ୍ତି । ଯେତେବେଳେ ବ୍ରଜର କୁଞ୍ଜଗଳିମାନଙ୍କରେ ରାସଲୀଳା କରୁଥିବା କାହ୍ନା କଦମ୍ବର ଛାଇରେ ବସି, ଆଖି ବନ୍ଦ କରି ମଧୁର ବଂଶୀ ବାଦନ କରନ୍ତି, ବୃନ୍ଦାବନର ସମଗ୍ର ଭୂମି, ପ୍ରକୃତ ସମ୍ମୋହିତ ହୋଇଯାଏ । କଦମ୍ବ ବୃକ୍ଷରୁ କାଳିଆ ନାଗ ଉପରକୁ ଲମ୍ଫ ଦେବା, ଗୋପୀମାନଙ୍କର ବସ୍ତ୍ର ଚୋରି କରି ନେଇ କଦମ୍ବ ଗଛରେ ରଖିବା, ସୁଦାମା ସହିତ କଦମ୍ବ ଗଛ ଉପରେ ବସି ଚଣା, ଖୁଦଭଜା ଖାଇବା, ମୁରଲୀ ବଜାଇ କଦମ୍ବ ମୂଳକୁ ରାଧାକୁ ଡାକି ଆଣିବା, ଏସବୁ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ଠୁ ଆରମ୍ଭ କରି ରାସଲୀଳା ପର୍ଯ୍ୟନ୍ତ ଦ୍ୱାପର ଯୁଗରେ କୃଷ୍ଣଙ୍କ ସହିତ କଦମ୍ବ ରହି ଆସିଛି । ଯମୁନାକୂଳର ସେହି କଦମ୍ବଫୁଲର ଗଛ ସତେ ଯେମିତି ଶ୍ରୀକୃଷ୍ଣଙ୍କ ନିବାସସ୍ଥଳ । କଦମ୍ବ ଫୁଲର ମୃଦୁ ସୁଗନ୍ଧ କାହ୍ନାର ମନ ମୋହିନେଉଥିବାରୁ ସେ ତାଙ୍କର ଅତି ପ୍ରିୟ । ତେବେ ଏ 'କଦମ୍ବ' କ'ଣ ଓ କାହ୍ନାକୁ ଏତେ ପ୍ରିୟ କାହିଁକି ଆସନ୍ତୁ ଜାଣିବା ।

## ପୌରାଣିକ ଆଖ୍ୟାନ ଓ ଧାର୍ମିକ ମାନ୍ୟତା

ଉତ୍ପତ୍ତି ଦୃଷ୍ଟିକୋଣରୁ 'କ'ର ଅର୍ଥ 'ପ୍ରଜାପତି', ସୃଷ୍ଟିର ସର୍ଜନା ପାଇଁ ପ୍ରଜାପତି 'ଉପସ୍ଥ ଇନ୍ଦ୍ରୀୟ' (ଜନନୀନ୍ଦ୍ରିୟ)ରେ ନିବାସ କରନ୍ତି । କିନ୍ତୁ ସୃଷ୍ଟିର ସନ୍ତୁଳନ ପାଇଁ ଇନ୍ଦ୍ରିୟର ଦମନ ମଧ୍ୟ ଆବଶ୍ୟକ । ତେଣୁ କଦମ୍ବ ଜିତେନ୍ଦ୍ରିୟ ଏବଂ ତତ୍ତ୍ୱଜ୍ଞାନର ମଧ୍ୟ ପ୍ରତୀକ ଅଟନ୍ତି । ଏହିପରି କୃଷ୍ଣ ଓ କଦମ୍ବର ସମ୍ପର୍କ ଅସାମାନ୍ୟ । କଦମ୍ବ ମୂଳରେ ସଦା ବିଦ୍ୟମାନ କୃଷ୍ଣ ଇନ୍ଦ୍ରଜିତ୍ ଅଟନ୍ତି ଏବଂ ସୃଷ୍ଟିର ସର୍ଜକ ଓ ଜଗତପାଳକ ଅଟନ୍ତି । କେବଳ ଭୌତିକ ଉପଯୋଗିତା ଦୃଷ୍ଟିରୁ କଦମ୍ବ ବୃକ୍ଷ କୃଷ୍ଣଙ୍କ କ୍ରୀଡାସ୍ଥଳୀର ଅଭିନ୍ନ ଅଙ୍ଗ ହୋଇନାହିଁ, ଏହା ଗୋଟିଏ ଡେମ୍ଫରେ ବହୁତ ଗୁଡାଏ ଫୁଲର ସମୂହ ଅର୍ଥାତ୍ ଏକ ବ୍ରହ୍ମରୁ ଅନେକ ଜୀବାତ୍ମାମାନଙ୍କ ସୃଷ୍ଟି ଓ ଅଭିନ୍ନ ସମ୍ବନ୍ଧରେ ପ୍ରକଟ କରିଥାଏ । ପ୍ରଜାପତି ବ୍ରହ୍ମା ଏକରୁ ଅନେକ ହେବାର ପ୍ରକ୍ରିୟାରେ ଜୀବନ ରୂପରେ ନିଜର ବିସ୍ତାର କରିଥାନ୍ତି । ଏହି ମୂଳ ଏକତା ଭାବର ପ୍ରତୀକ 'କଦମ୍ବ' । ମଧୁମୟ ସୁଗନ୍ଧିତ ବାତାବରଣରେ କାଳିନ୍ଦୀ ଓ ଯମୁନା କୂଳରେ କଦମ୍ବ ଡାଳରେ ମଧୁର ବଂଶୀ ବାଦନ କରି ଆନନ୍ଦମୟ କୃଷ୍ଣ ସମଗ୍ର ବ୍ରଜ ବୃନ୍ଦାବନକୁ ଆନନ୍ଦମୟ ଓ କୃତାର୍ଥ କରିଥାନ୍ତି ।

ବାମନପୁରାଣ ଅନୁସାରେ 'କଦମ୍ବ', କନ୍ଦର୍ପ ବା କାମଦେବଙ୍କ କରକମଳରୁ ଜାତ ବୃକ୍ଷ । ଏଥିପାଇଁ କାମଦେବ ନିଜ ଧନୁରେ ଯେଉଁ ତୀର ଚଢ଼ାନ୍ତି, ସେ କଦମ୍ବ ହୋଇଥାଏ । ଯେଉଁଥିପାଇଁକି କଦମ୍ବର ମଧୁର ମହକ ସମଗ୍ର ବାତାବରଣକୁ ମାଦକ ଓ ମଧୁମୟ କରିଦେଇଥାଏ । ଅନ୍ୟ ଏକ

ପୌରାଣିକ ଆଖ୍ୟାନ ରହିଛି, ସ୍ୱର୍ଗରୁ ଅମୃତ ପାନ କରି ଫେରୁଥିବା ଗରୁଡର ଥଣ୍ଟରୁ କିଛି ବୁନ୍ଦା କଦମ୍ବବୃକ୍ଷ ଉପରେ ପଡ଼ି ଯାଇଥିଲା, ସେଥିପାଇଁ କଦମ୍ବ ସବୁବେଳେ ଚିରସବୁଜ ରହିଥାଏ, ତେଣୁ ତାକୁ ଅମୃତ ସହିତ ତୁଳନା କରାଯାଏ । ଶ୍ରାବଣରେ ଶୋଭାମଣ୍ଡିତ କରୁଥିବା 'କଦମ୍ବ'ର ଅନେକ ବିଶେଷ ମହତ୍ତ୍ୱ ରହିଛି । ୨୯ଟି ନକ୍ଷତ୍ରମାନଙ୍କରୁ ଶତଭିଷା କ୍ଷେତ୍ରର ପୁଷ୍ପ 'କଦମ୍ବ' କାମଦେବଙ୍କ ଅତିପ୍ରିୟ କୁହାଯାଏ । ଏହା ବ୍ୟତୀତ ଭଗବାନ ବିଷ୍ଣୁ, ଦେବୀ ପାର୍ବତୀ ଓ ମା' କାଳୀଙ୍କର ମଧ୍ୟ ପ୍ରିୟ କଦମ୍ବଫୁଲ । ବିଷ୍ଣୁପୁରାଣରେ ଉଲ୍ଲେଖ ଅଛି କଦମ୍ବରୁ ଏକ ପ୍ରକାର ଦ୍ରବ୍ୟ ବାହାରେ ଯାହାକୁ 'କାଦମ୍ବରୀ' କୁହାଯାଏ । ଶେଷନାଗ, ସ୍କନ୍ଦ ବଳରାମ ମାଦକ ଭାବେ 'କାଦମ୍ବରୀ'କୁ ପାନକରି ଅତ୍ୟନ୍ତ ଆନନ୍ଦ ଲଭିଥାନ୍ତି । ରାମାୟଣରୁ ଜାଣିବାକୁ ମିଳେ, ଯେତେବେଳେ ପ୍ରଭୁ ଶ୍ରୀରାମ ରଣ୍ୟମୁକ ପର୍ବତ ଉପରେ ଭ୍ରମଣ କରୁଥିଲେ, ସେତେବେଳେ ସେଠାରେ ବହୁତଗୁଡ଼ାଏ ଭଅଁର କଦମ୍ବ ଉପରେ ବସି ଏତେ ନିବିଡ ଭାବେ ମଧୁପାନ କରୁଥିଲେ ଯେ, ପ୍ରବଳ ବର୍ଷା ସତ୍ତ୍ୱେ ଉଡି ପାରୁନଥିଲେ ଏବଂ ବହୁତ ଗୁଡାଏ ଭଅଁର ପ୍ରଖର ପାଣି ସୁଅରେ ଭାସି ଯାଇଥିଲେ ।



ଅରଣ୍ୟକାଣ୍ଡ ଅନୁସାରେ ପଞ୍ଚବଟୀରେ ଲଗା ଯାଇଥିବା ବୃକ୍ଷମାନଙ୍କ ମଧ୍ୟରେ 'କଦମ୍ବ' ଶ୍ରେଷ୍ଠ ଥିଲା । କିଷ୍କିନ୍ଧା କାଣ୍ଡରେ ଶ୍ରୀରାମ 'କଦମ୍ବ'ର ପ୍ରଶଂସା କରୁଥିଲେ । ପୁରାଣରେ କଦମ୍ବର ଉଚ୍ଚତା ୧୧ ଯୋଜନ ବୋଲି କୁହାଯାଇଛି । ଏହି ଫୁଲ ମା କାଳୀଙ୍କର ଅତି ପ୍ରିୟ । ମହାର୍ଣ୍ଣବ ତନ୍ତ୍ରରେ ମା' କାଳୀଙ୍କୁ 'କଦମ୍ବ ବନରେ ବିଚରଣ କରୁଥିବା ଦେବୀ' କୁହାଯାଏ, କାରଣ ମା' କାଳୀ କଦମ୍ବ ବୃକ୍ଷରେ ନିବାସ କରନ୍ତି ଏବଂ କାଦମ୍ବରୀ ପାନ କରନ୍ତି । ତେଣୁ ଭକ୍ତମାନେ ମାଆଙ୍କ ନିକଟରେ କଦମ୍ବ ଫୁଲ ଅର୍ପଣ କରିଥାନ୍ତି । ବ୍ରହ୍ମାଣ୍ଡ ପୁରାଣରେ ଲଳିତା ଦେବୀ ଅର୍ଥାତ୍ ମାତା ପାର୍ବତୀଙ୍କୁ ମଧ୍ୟ 'କଦମ୍ବେଶୀ' ବା କଦମ୍ବବାସିନୀ କୁହାଯାଏ । ଭଗବତ ପୁରାଣ ଅନୁସାରେ ଶ୍ରୀବିଷ୍ଣୁ କଦମ୍ବ ପୁଷ୍ପ ରଙ୍ଗର ବସ୍ତ୍ର ଧାରଣ କରନ୍ତି । କାର୍ତ୍ତିକ ମାସ ଶୁକ୍ଳପକ୍ଷ ଏକାଦଶୀ ବା ଦେବ ପ୍ରବୋଧିନୀ ଏକାଦଶୀ ଦିନ ଚତୁଃର୍ମାସର ଅନନ୍ତଶୟନରୁ ଭଗବାନ ବିଷ୍ଣୁ ଉଠିଥାନ୍ତି । ତେଣୁ ଏହି ଏକାଦଶୀକୁ 'ଦେବଉଠନୀ' ଏକାଦଶୀ କୁହାଯାଇଥାଏ । ଏହିଦିନ ଶ୍ରୀବୃଷ୍ଣୁଙ୍କ ନିକଟରେ ବିଭିନ୍ନ ପ୍ରକାର ଫୁଲ ବିଭିନ୍ନ ଉଦ୍ଦେଶ୍ୟ ବା ମନୋକାମନା କରି ଭକ୍ତମାନେ ଅର୍ପଣ କରିଥାନ୍ତି । ଏହିଦିନ ଶ୍ରୀବିଷ୍ଣୁଙ୍କ ପ୍ରିୟ କଦମ୍ବ ଫୁଲ ଅର୍ପଣ କଲେ ପ୍ରଭୁ ପ୍ରସନ୍ନ ହୋଇଥାନ୍ତି ଓ ଯମରାଜଙ୍କ ଦ୍ୱାରା ସମ୍ମୁଖୀନ ହେଉଥିବା କଷ୍ଟରୁ ମୁକ୍ତି ମିଳିଥାଏ । ଭକ୍ତର ମନୋସ୍କାମନା ପୂର୍ଣ୍ଣ ହୋଇଥାଏ । ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ସମୟ ଅର୍ଥାତ୍ ଶ୍ରାବଣ, ଭାଦ୍ରବ ମାସ ଆଡକୁ କଦମ୍ବଫୁଲ ଗୁଚ୍ଛାଗୁଚ୍ଛା ଆକାରରେ ଗଛ ଭର୍ତ୍ତି ହୋଇ ଅନେକ ସୁନ୍ଦର ସୁଗନ୍ଧଯୁକ୍ତ ଫୁଲ ଫୁଟିଥାଏ, ଯାହାକି ଶ୍ରୀକୃଷ୍ଣଙ୍କ ନନ୍ଦୋତ୍ସବ ଦୋଳି ସାଜସଜ୍ଜା ଓ ଜନ୍ମାଷ୍ଟମୀରେ ପ୍ରଭୁଙ୍କୁ ଅର୍ପଣ କରାଯାଇଥାଏ ।



## ଐତିହାସିକ ଗୁରୁତ୍ୱରେ କଦମ୍ବ

ଐତିହାସିକ ନଗରୀ ସମ୍ବଲ ଠାରେ ୫୨୦୦ ବର୍ଷ ପୁରୁଣା ଏକ କଦମ୍ବ ବୃକ୍ଷ ଅଦ୍ୟାବଧି ରହିଛି, ଯାହା ସହିତ ପ୍ରଭୁ ଶ୍ରୀକୃଷ୍ଣଙ୍କୁ ନେଇ ଏକ ଧାର୍ମିକ ମାନ୍ୟତା ରହିଛି । ଯେତେବେଳେ ଶ୍ରୀକୃଷ୍ଣ ରୁକ୍ମିଣୀଙ୍କୁ ହରଣ କରି କୁନ୍ଦନପୁର ଦେଇ ସମ୍ବଲ ଅଭିମୁଖେ ଯାତ୍ରା କରୁଥିଲେ, ଏହି କଦମ୍ବ ବୃକ୍ଷ ମୂଳେ ବିଶ୍ରାମ ନେଇଥିଲେ । ପୌରାଣିକ ଗ୍ରନ୍ଥ ଅନୁସାରେ, ବିଶ୍ରାମ ନେବା ସମୟରେ ରୁକ୍ମିଣୀ, ଶ୍ରୀକୃଷ୍ଣଙ୍କୁ ସମ୍ବଲ ଆସି ସେଇ କଦମ୍ବବୃକ୍ଷ ମୂଳେ ବିଶ୍ରାମ ନେବାର କାରଣ ପଚାରିବାରୁ, ପ୍ରଭୁ କହିଥିଲେ ଯେ ରୁକ୍ମିଣୀଙ୍କ ଭାଇ ରୁକ୍ମି ସହିତ ଯୁଦ୍ଧ ଟାଳିବାକୁ ବିଶ୍ରାମ ନେବା ଆବଶ୍ୟକ ଥିଲା ଓ ଏହି ବୃକ୍ଷ କଳିଯୁଗରେ ମଧ୍ୟ ରହିବ । କଳିଯୁଗରେ କଲ୍କୀ ଅବତାର ସମୟରେ ପୁନଶ୍ଚ ପ୍ରଭୁ ସେଠାକୁ ଯାତ୍ରା କରିବେ ବୋଲି ରୁକ୍ମିଣୀଙ୍କୁ ସେହି ସ୍ଥାନକୁ ନେଇଥିଲେ । ସେହି ଅଦ୍ଭୁତ ଓ ବିଶାଳକାୟ କଦମ୍ବବୃକ୍ଷକୁ ପୂଜା କରୁଥିବା ପଣ୍ଡିତ ବ୍ରାହ୍ମଣ କୁହନ୍ତି, ସେ ବୃକ୍ଷ ମୂଳରେ ବସି ଯାହା ମନସ୍କାମ କରାଯାଏ, ଅବଶ୍ୟ ପୂର୍ଣ୍ଣ ହୋଇଥାଏ । ଉତ୍ତର କର୍ଣ୍ଣାଟକର ବାନଭାସୀ ପ୍ରାଚୀନ ଅଞ୍ଚଳରେ ୩୪୫ ରୁ ୫୨୫ ଖ୍ରୀଷ୍ଟାବ୍ଦରେ ଶାସନ କରୁଥିବା 'କଦମ୍ବ' ଶାସକମାନେ ଏହି କଦମ୍ବ ବୃକ୍ଷ ସହିତ ଗଭୀର ସମ୍ପର୍କ ରଖୁଥିବା ବିଶ୍ୱାସ କରାଯାଏ । ତୁଲୁ ବ୍ରାହ୍ମଣମାନଙ୍କ ଇତିହାସ ବର୍ଣ୍ଣନା କରୁଥିବା ଏକ ଗ୍ରନ୍ଥରେ ଲେଖାଅଛି । କଦମ୍ବ ବଂଶର ପ୍ରବର୍ତ୍ତକ ମୟୂର ଶର୍ମାଙ୍କ ଜନ୍ମ ଗ୍ରାମୀଣ ପଦ୍ଧତି ଅନୁସାରେ ଏହି କଦମ୍ବ ଗଛ ମୂଳରେ ହୋଇଥିଲା । ସେଥିପାଇଁ ତାଙ୍କ ସାମ୍ରାଜ୍ୟରେ କଦମ୍ବବୃକ୍ଷକୁ ଧାର୍ମିକମାନ୍ୟତା ସହିତ ପୂଜା କରାଯାଇଥାଏ । କଦମ୍ବକୁ ମୁଣ୍ଡା ଭାଷା ଅନୁସାରେ 'କରମ' ବା 'କୈମ୍' କୁହାଯାଏ । 'କଦମ୍ବ – କରମ' ଚାଷୀମାନଙ୍କର ଏକ ପ୍ରମୁଖ ପର୍ବ । ଚାଷୀମାନେ ଏହିପର୍ବ ଭାଦ୍ରବ ଶୁକ୍ଳପକ୍ଷ ଏକାଦଶୀରେ କଦମ୍ବ ବୃକ୍ଷର ଏକ ଶାଖା ବା ଡାଳକୁ ଘରର ପ୍ରାଙ୍ଗଣରେ ସ୍ଥାପିତ କରି ପୂଜା କରିଥାନ୍ତି ଏବଂ ସେହିଦିନ ସନ୍ଧ୍ୟାରେ କଦମ୍ବବୃକ୍ଷର ନୂଆ ଶାଖା ବା ଡାଳକୁ ବନ୍ଧୁ ଏବଂ ସମ୍ପର୍କୀୟଙ୍କ ମଧ୍ୟରେ ବଣ୍ଟନ କରିଥାନ୍ତି । କଦମ୍ବର

ଏହି ଐତିହାସିକ ତଥା ସାମାଜିକ ଗୁରୁତ୍ୱ ଯୋଗୁଁ ପ୍ରତିବର୍ଷ ବାନାଭାସୀରେ କର୍ଣ୍ଣାଟକ ରାଜ୍ୟ ସରକାରଙ୍କ ଦ୍ୱାରା 'କଦମ୍ବ-ପର୍ବ' ଆୟୋଜିତ ହୋଇଥାଏ । ଜ୍ୟୋତିଷଶାସ୍ତ୍ରରେ କଦମ୍ବର ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି । ହଜାର ହଜାର ଜଡ଼ିବୁଟିରୁ ବାଛି ବାଛି ୨୭ ପ୍ରକାର ବନସ୍ପତିକୁ ୨୭ଟି ନକ୍ଷତ୍ର ପାଇଁ ଶୁଭ ବୋଲି ବିବେଚନା କରାଯାଇଥିବା ବେଳେ 'କଦମ୍ବ'କୁ ଶତଭିଷା ନକ୍ଷତ୍ର ପାଇଁ ଶୁଭ ବୋଲି ମନୋନୀତ କରାଯାଇଛି । କାଳୀଦାସଙ୍କ ଦ୍ୱାରା ଲିଖିତ ଥିବା ଜଣାଯାଏ ଯେ ରଘୁବଂଶର ରାଜା ଅଗ୍ନିଶଙ୍କୁ କଦମ୍ବ କେଶରର ଲେପ ଲଗାଇ ନୃତ୍ୟରତ ମୟୂରମାନଙ୍କ ଗହଣରେ ଭ୍ରମଣ କରନ୍ତି । 'ବିକ୍ରମୋବଂଶୀୟମ୍' ରେ ସେ ଲେଖିଛନ୍ତି ଉର୍ବଶୀ ଚାଲିଯିବା ପରେ ପୁରୁର୍ବା କଦମ୍ବ ବୃକ୍ଷକୁ ଦେଖି କହନ୍ତି: "ମୋ ପ୍ରିୟା କଦମ୍ବ ଫୁଲରେ ନିଜର କେଶ ସଜାଏ ।" କାଳୀଦାସ ନିଜର ପ୍ରସିଦ୍ଧ କାବ୍ୟ 'ମେଘଦୂତ'ରେ ଅଳକାପୁରୀର ଯକ୍ଷନାରୀମାନେ କଦମ୍ବଫୁଲରେ ନିଜର କେଶ ସଜାଇବା ଓ 'ନୀଚ' ନାମକ ପାହାଡ଼ରେ ଥିବା କଦମ୍ବବୃକ୍ଷ ଉପରେ ବିଶ୍ରାମ ନେବାକୁ ମେଘକୁ ପରାମର୍ଶ ଦେବାର କଥା ଉଲ୍ଲେଖ ରହିଛି । ଲଜ୍ଜାର ହାଲୁକା ଲାଲିମାକୁ କଦମ୍ବ ଫୁଲର ଉପମା ଦିଆଯାଇଛି । ଏହି ଫୁଲ ନାରୀମାନଙ୍କୁ ଖୁବ୍ ଆକର୍ଷିତ କରିଥାଏ । ବୈଜ୍ଞାନିକ ଆର୍ଯ୍ୟଭଟ୍ଟ ଯେତେବେଳେ ପୃଥିବୀ ଗୋଲ୍ ଓ ସୂର୍ଯ୍ୟ ଚାରିପଟେ ଘୂରି ବୁଲୁଥିବା ଦର୍ଶାଇଥିଲେ । ସେତେବେଳେ ତାଙ୍କୁ ସମାଲୋଚନା କରାଯାଇଥିଲା, ଯଦି ପୃଥିବୀ ଗୋଲ, ତେବେ ତା' ଉପରେ ବସବାସ କରୁଥିବା ସମସ୍ତେ ତଳକୁ ଖସି ପଡୁନାହାନ୍ତି କେମିତି ? ଉତ୍ତରରେ ଆର୍ଯ୍ୟଭଟ୍ଟ କଦମ୍ବ ଫୁଲକୁ ଦେଖାଇ କହିଥିଲେ, ଯେମିତି ଗୋଲାକାର କଦମ୍ବଫୁଲର କେଶରଗୁଡ଼ିକ ଖସି ପଡ଼େନାହିଁ, ଠିକ୍ ସେମିତି ପ୍ରାଣୀ ଏବଂ ବସ୍ତୁମାନେ ପୃଥିବୀର ବନ୍ଧନ ବା ଗୁରୁତ୍ୱାକର୍ଷଣ ପାଇଁ ଖସି ପଡ଼ିନଥାନ୍ତି । ବୌଦ୍ଧ ଏବଂ ଜୈନ ଧର୍ମରେ ମଧ୍ୟ କଦମ୍ବର ଉଲ୍ଲେଖ କରାଯାଇଛି । ଏମିତି ଅନେକ ପୌରାଣିକ ବା ଧାର୍ମିକ ମାନ୍ୟତା ବା ରଚନାରେ କଦମ୍ବଫୁଲ ସମ୍ବନ୍ଧରେ ଲିପିବଦ୍ଧ ତ ରହିଛି, ଆଧୁନିକ ସାହିତ୍ୟରେ ମଧ୍ୟ କବି ସୁଭଦ୍ରା କୁମାରୀ ଚୌହାନଙ୍କ ଦ୍ୱାରା ଲିଖିତ ପାଠ୍ୟପୁସ୍ତକର ଏକ କବିତା 'କଦମ୍ବ କା ପେଡ୍'ରେ ସେ ଯମୁନାକୂଳରେ ଥିବା କଦମ୍ବ ବୃକ୍ଷର ବାଳକ ମନରେ ଥିବା କଳ୍ପନାକୁ ବର୍ଣ୍ଣନା କରିଛନ୍ତି ।



## କଦମ୍ବର ବିଭିନ୍ନ ନାମକରଣ

କଦମ୍ବର ବନସ୍ପତିକ ନାମ ହେଉଛି 'ଏନ୍ଥୋସିଫଲ୍ସ କଦମ୍ବା' । ଏହାକୁ ଭାରତୀୟମାନେ ପ୍ରିୟଙ୍କା, ନିପା, ହରିପ୍ରିୟା, କଦମ୍ବ ଇତ୍ୟାଦି ନାମରେ ଜାଣିଥାନ୍ତି । ଭାରତର ବିଭିନ୍ନ ରାଜ୍ୟମାନଙ୍କରେ କଦମ୍ବକୁ ବିଭିନ୍ନ ନାମରେ ଜାଣିଥାନ୍ତି । ଯଥା: କନ୍ନଡରେ – କଦୁଆ ଭାଲାଟିଗ୍, କଦମ୍ବ, କଦାବି, କଦହ, ଆର୍ସେନାଟିଗ୍, ମରାଠୀରେ- କଦମ୍ବାଚେ, କଦମ୍ବ, ନୀବ, ମାଲାୟଲମ୍‌ରେ – କଦମହ, ଆଟ୍ଟୁଟେକ୍କୁ, କତମ୍ପୁ, ତେଲୁଗୁରେ- ରୁଦ୍ରାକ୍ଷମ୍ବା, ଡୁମ୍ବା, କଦମ୍ବକାମୁ, ମିଜୋରାମ୍‌ରେ – ବନଫର, ସଂସ୍କୃତରେ- ହରପ୍ରିୟା, କଦମ୍ବା, ଆସାମୀରେ- କଦମ୍, ରୋଘୁ, ବଙ୍ଗଳାରେ- କଦମ୍ବୋ, ନୀପା, ତାମିଲରେ- ବେଲ୍ଲୁକଦମ୍ବ, ଭେଙ୍କାଦାମ୍ବୁ, ମଦୁରାଇ, ଭିଲ୍ଲାଇକ୍କାଡମ୍ବୁ, କଡିମପମ୍, ଓଡ଼ିଆରେ- କଦମ୍ବ, ପ୍ରିୟଙ୍ଗ, ନେପାଳୀରେ- କଦମ୍ ଓ ମୁଣ୍ଡାଭାଷାରେ କଦମ୍ ବା କୈମ୍ କହିଥାନ୍ତି । ଇଂରାଜୀରେ କଦମ୍ବକୁ 'ବରିଫ୍ଲାଓ୍ୱାର, ନିଓଲାମାର୍କିଆ କଦମ୍ବା, ଲାରାନ୍ ଏବଂ ଲିଚାର୍ଡଟ୍ ପାଇନ୍ କହିଥାନ୍ତି ।



## ପ୍ରଜାତି ଓ ରୋପଣ ବିଧି

କଦମ୍ବ ହେଉଛି ଦକ୍ଷିଣ ପୂର୍ବ ଏସିଆରୁ ଉତ୍ପତ୍ତି ହୋଇଥିବା ଏକ ଚିରସବୁଜ ବୃକ୍ଷ । ଏହାର ବନସ୍ପତିକ ନାମ 'ଏନ୍ଥୋସିଫଲ୍ସ କଦମ୍ବା' ଇଂରାଜୀରେ ଏହାକୁ 'ନିଓଲାମାର୍କିଆ କଦମ୍ବା' କୁହଯାଏ । ଏହା ସ୍ୱାଭାବିକ ଭାବେ ଶ୍ରୀଲଙ୍କା,। ଭାରତ, ନେପାଳ ଏବଂ ବାଂଲାଦେଶର ପୂର୍ବଭାଗରୁ ମାଲେସିଆର ନୂଆଗିନୀ ପର୍ଯ୍ୟନ୍ତ ଦେଖିବାକୁ ମିଳେ । ଦକ୍ଷିଣ ଆଫ୍ରିକା, ସୁରୀନାମ, ତାଇଓ୍ୱାନ୍ ଏବଂ ଅନ୍ୟ ଉଷ୍ଣକଟୀବନ୍ଧୀୟ ଦେଶମାନଙ୍କରେ କଦମ୍ବ ଭଲ ଭାବେ ବଢ଼ିଥାଏ । ଭାରତରେ କଦମ୍ବ ଏକ ଦେବ ବୃକ୍ଷ ଭାବେ ପ୍ରସିଦ୍ଧ ଓ ଭଗବାନ କୃଷ୍ଣଙ୍କ ସହିତ ଜଡ଼ିତ । ଭାରତରେ ଦୁଇ ପ୍ରଜାତିର କଦମ୍ବ ଅଧିକ ଦେଖିବାକୁ ମିଳେ । ନିଓଲୋମାର୍କିଆ କଦମ୍ବା ଏବଂ ଆଦିନା କୋର୍ଡିଫୋଲିଆ । ଏହା ମୁଖ୍ୟତଃ ଅନେକ ପ୍ରକାରର ଭାରତରେ ଦେଖିବାକୁ ମିଳେ, ସେଗୁଡ଼ିକ ହେଲା ରାଜକଦମ୍ବ, ଧୂଳି କଦମ୍ବ, ଭୂମି କଦମ୍ବ, କୃଷ୍ଣ କଦମ୍ବ,

# କଦମ୍ବର ଔଷଧୀୟ ଉପଚାର ଓ ବିଶେଷ ଗୁଣ

**ଔଷଧୀୟ ଉପଚାରରେ କଦମ୍ବ :** ଭାରତୀୟ ଉପମହାଦେଶରେ ୩୦୦୦ରୁ ଅଧିକ ଆନୁଷ୍ଠନିକ ଭାବରେ ଡକ୍ୟୁମେଣ୍ଟ ହୋଇଥିବା ଉଦ୍ଭିଦ ଅଛି ଯାହା ଔଷଧୀୟ ସମ୍ଭାବନାକୁ ଧାରଣ କରିଥାଏ । ଏହିପରି ଏକ ଚିରସବୁଜ ଟ୍ରପିକଲ ବୃକ୍ଷ ହେଉଛି କଦମ୍ବ (ନିଓଲାମର୍କିଆ କଦମ୍ବା) । ଏହା ବିଶ୍ୱର ଟ୍ରପିକାଲ୍ ଓ ସବ୍ ଟ୍ରପିକଲ ଅଞ୍ଚଳରେ ବହୁଳ ଭାବରେ ଦେଖାଯାଏ ଏବଂ ମଧୁମେହ, ରକ୍ତହୀନତା, ଷ୍ଟୋମାଟିସ୍, କୁଷ୍ଠରୋଗ, କର୍କଟ ଏବଂ ସଂକ୍ରାମକ ରୋଗ ଭଳି ଅନେକ ରୋଗ ବିରୁଦ୍ଧରେ ଏହାର ଚିକିତ୍ସା ସମ୍ଭାବନା ରହିଛି । ଭାରତରେ କଦମ୍ବର ଅନେକ ଐତିହାସିକ ତଥା ପୌରାଣିକ ଅସ୍ତିତ୍ୱର ଉଲ୍ଲେଖ ରହିଛି । ଏହାର ପତ୍ର, ଫୁଲ, ଚେର, ଛାଲ ଓ ମୂଳରେ ଅନେକ ଔଷଦୀୟ ଗୁଣ ରହିଛି ଯାହା ସଞ୍ଜିବନୀ ଭଳି କାମ କରିଥାଏ । ଉଦ୍ଭିଦ ଗବେଷକମାନେ ଫାର୍ମାକୋଲୋଜିକାଲ୍ ଗବେଷଣା ପାଇଁ ଏବଂ ଏକ ନୂତନ ଦୃଷ୍ଟିକୋଣକୁ ନେଇ କଦମ୍ବ ବୃକ୍ଷର ଫାଇଟୋକେମେଷ୍ଟି ଏବଂ ଫାର୍ମାକୋଲାଜିକାଲ୍ ଗୁଣ ଉପରେ ବିସ୍ତୃତ ସୂଚନା ପ୍ରଦାନ କରିବାର ଲକ୍ଷ୍ୟ ରଖିଛନ୍ତି ଯାହାର ସାରାଂଶ ଆମେ 'ଏଥନୋବୋଟାନିକା' ପାଠ୍ୟପୁସ୍ତକରେ ପାଇ ପାରିବା । କଦମ୍ବର ବିଭିନ୍ନ ଅଂଶ ବିଭିନ୍ନ ରୋଗର ଉପଚାର ପାଇଁ ବ୍ୟବହୃତ ହୋଇଥାଏ । ଯେମିତିକି ଜ୍ୱର, ଗର୍ଭାଶୟ ଯନ୍ତ୍ରଣା, ରକ୍ତରୋଗ, ଚର୍ମରୋଗ, ଟ୍ୟୁମର, ରକ୍ତହୀନତା, ଆଖି ପ୍ରଦାହ ଇତ୍ୟାଦି । କଦମ୍ବରେ ରହିଛି ଆଣ୍ଟି ହେପାଟୋଟ୍କିକ୍, ଆଣ୍ଟି ମ୍ୟାଲେରିଆଲ୍ ଆନାଲୋଜିକ୍, ଆଣ୍ଟି ଇନ୍ଫ୍ଲାମେଟୋରି, ଆଣ୍ଟି ପାଇରେଟିକ୍, ଡାଇୟୁରେଟିକ୍ ଓ ଲାକ୍ସାଟିଭ୍ । କଦମ୍ବ ଅନେକ ରୋଗରୁ ଉପଶମ ଦେଇଥାଏ । ଯଥା- ଆଖି ରୋଗ । ସାଧାରଣତଃ ଦିନସାରା କାମ କରିବା ପରେ ଆଖି ଉପରେ ଗଭୀର ପ୍ରଭାବ ପଡ଼ିଥାଏ ଏବଂ ଯନ୍ତ୍ରଣା ମଧ ହୋଇଥାଏ । ଏଥିରୁ ଉପଶମ ପାଇବାକୁ ହେଲେ କଦମ୍ବ ଡାଳର ଛାଲକୁ ବାଟି ରସ ପ୍ରସ୍ତୁତ କରି, ସେହି ରସକୁ ଆଖିର ବାହାର ଚତୁପାର୍ଶ୍ୱରେ ଲଗାଇଲେ ଆଖି ଯନ୍ତ୍ରଣା କମ୍ ହୋଇଥାଏ ।

**ପାଟି ଘା, ପାଇରିଆ:** କଦମ୍ବ ପତ୍ରରେ କାଢ଼ା ପ୍ରସ୍ତୁତ କରି ଗଳଗଳ କଲେ ପାଟିର ଦୁର୍ଗନ୍ଧ ବା ପାଇରିଆ ଭଲ ହୋଇଥାଏ । ଶରୀରରେ ପୋଷକତତ୍ତ୍ୱର ଅଭାବ ବା ଅସନ୍ତୁଳିତ ଖାଦ୍ୟ ପାନୀୟ ପାଇଁ ସାଧାରଣତଃ ପାଟି ଭିତରେ ପାର୍ଶ୍ୱରେ ଘା' ବା ଛାଲ ହୋଇଥାଏ । ଏଥିରୁ ଉପଶମ ପାଇବା ପାଇଁ ମଧ କଦମ୍ବ ପତ୍ରର କାଢାରେ ଗଳଗଳ କଲେ ଠିକ୍ ହୋଇଥାଏ ।

**ମୂତ୍ରରୋଗ:** ମୂତ୍ରରୋଗ ହୋଇଥିବା ବ୍ୟକ୍ତିଙ୍କୁ ଯଦି ପରିସ୍ରା କରିବା ବେଳେ ଯନ୍ତ୍ରଣା ହେବା, ପୋଡାଜଳା କରିବା, ବା ରହି ରହି ପରିସ୍ରା ହେବାଭଳି ସମସ୍ୟା ଥାଏ, ତେବେ ବିପାରି କନ୍ଦ,କଦମ୍ବର ଛାଲ, ଓ ତାଡଫଳର ପେଷ୍ଟ ସହିତ ୫-୧୦ ମିଲି. ଲି. କ୍ଷୀର ଓ ଘିଅ ମିଶାଇ କାଢ଼ା ପ୍ରସ୍ତୁତ କରି ପିଇଲେ ମୂତ୍ରରୋଗ ଭଲ ହୋଇଥାଏ ।

**କାଶ :** କଦମ୍ବ ପତ୍ର ଓ ଫୁଲରେ କାଢ଼ା ପ୍ରସ୍ତୁତ କରି ଦିନକୁ ୨-୩ ଥର ୫ ମିଲି.ଲି. ଲେଖାଏଁ ପିଇଲେ କାଶରୁ ଉପଶମ ମିଳେ ।

**ରକ୍ତ ସର୍କରା:** କଦମ୍ବର ପତ୍ରରେ ମେଥନାଲିକ୍ ଅର୍କ ରହିଛି, ଯାହାକି ବ୍ଲଡ ସୁଗାର ବା ରକ୍ତ ସର୍କରାର ସ୍ତରକୁ କମ୍ କରିଥାଏ । କଦମ୍ବର ପତ୍ର, ଛାଲ ଓ ମୂଳକୁ ଏକତ୍ର ମିଶାଇ ୮-୧୦ ମିନିଟ୍ ଫୁଟାଇ କାଢ଼ା ପ୍ରସ୍ତୁତ କରି ପିଇଲେ ଏହା ଲାଭକାରୀ ହୋଇଥାଏ ।

**କର୍କଟ :** କଦମ୍ବ ଏକ ପ୍ରକାର ଆଣ୍ଟି - ଟ୍ୟୁମର ଗତିବିଧି ପ୍ରଦର୍ଶିତ କରିଥାଏ । ଏହାର ବ୍ୟବହାର ପ୍ରୋଷ୍ଟେଟ୍ କ୍ୟାନ୍ସର୍, ବ୍ରେଷ୍ଟ୍ କ୍ୟାନ୍ସର, ଷ୍ଟୋମାକ କ୍ୟାନ୍ସର ବା ଲିଭର କ୍ୟାନ୍ସର ଭଳି ଅନେକ କର୍କଟ ରୋଗକୁ କମ୍ କରିଥାଏ । ଏହା କୋଶିକାଗୁଡ଼ିକର ବିକାଶକୁ ରୋକିଥାଏ । ଏଥିରେ ଅନେକ ବାୟୋଟିକ୍ କମ୍ପାଉଣ୍ଡ ରହିଥାଏ, ଯାହା କେମୋଥେରାପ୍ୟୁଟିକ୍ ସମାନ କାମ କରିଥାଏ ।

କଦମ୍ବର ଔଷଧୀୟ ଗୁଣ ଶରୀରର ବିଷାକ୍ତ ପଦାର୍ଥକୁ ବାହାର କରିବାକୁ ସାହାଯ୍ୟ କରିଥାଏ । ଏହା ସବୁ ପ୍ରକାର ଏଲର୍ଜିକୁ ଦୂର କରିଥାଏ । ଆମେ ଯାହା ଫଳ, ପନିପରିବା ଖାଇଥାନ୍ତି, ସେଥିରେ ଥିବା ହାନିକାରକ କେମିକଲ ଆମ ଶରୀରରେ ଏକତ୍ର ହୋଇ ରହିଥାଏ ବା ଯେକୌଣସି ଅସନ୍ତୁଳିତ ଖାଦ୍ୟ ଆମ ଶରୀରରେ ହାନିକାରକ କେମିକଲ୍କୁ ବଢ଼ାଇ ଅନେକ ରୋଗ ସୃଷ୍ଟି କରିଥାଏ, ଏଥିରୁ ଉପଶମ ପାଇବାକୁ ହେଲେ କଦମ୍ବର କାଢ଼ା ପ୍ରସ୍ତୁତ କରି ପିଇବା ଦ୍ୱାରା ଉପଶମ ମିଳିଥାଏ । କାଢ଼ା ପ୍ରସ୍ତୁତ ପାଇଁ କଦମ୍ବର ପାଚିଲା ଫଳ, ପତ୍ର, ଛାଲକୁ ଗରମ ପାଣିରେ ଫୁଟାଇ (ଜଳର ସ୍ତର ଏକ ଚତୁର୍ଥାଂଶ ରହିବା ଯାଏ) ଥଣ୍ଡା କରି ସେବନ କରିବାକୁ ପଡ଼ିଥାଏ । ରାଧାକୃଷ୍ଣଙ୍କର ଅନେକ ଲୀଳା ଏହି କଦମ୍ବ ବୃକ୍ଷର ସୁଗନ୍ଧିତ ବାତାବରଣରେ ହୋଇଥିବାରୁ ଗୋବର୍ଦ୍ଧନ କ୍ଷେତ୍ରରେ ନବୀକରଣ କରାଯାଇ ଅଧୁନା ଯେଉଁ ବୃକ୍ଷଗୁଡ଼ିକ ରୋପଣ କରାଯାଇଛି, ସେଥିରେ ଅଧିକାଂଶ କଦମ୍ବ ବୃକ୍ଷ । ଏହି କଦମ୍ବର ଫୁଲଗୁଡ଼ିକ ବହୁତ ବଡ଼, ସୁଗନ୍ଧହୀନ । ବ୍ରଜ ଠାରେ କଦମ୍ବର ଅଧିକ ପ୍ରଜାତି ଦେଖିବାକୁ ମିଳେ ଏବଂ ବୃନ୍ଦାବନର 'କଦମ୍ବ ଖଣ୍ଡୀ' କୁହାଯାଇଥିବା ପ୍ରସିଦ୍ଧ ସ୍ଥାନରେ ଲାଲ ରଙ୍ଗର କଦମ୍ବ ବହୁମାତ୍ରାରେ ଫୁଟିଥାଏ । ଯେ ପର୍ଯ୍ୟନ୍ତ ପ୍ରଭୁ ଶ୍ରୀକୃଷ୍ଣଙ୍କ ମହିମା ସ୍ମରିତ ହେଉଥିବ, ସେ ପର୍ଯ୍ୟନ୍ତ ଏହି ଅମୃତପୁଷ୍ପ ଜନମାନସରେ ନିଜ ଦିବ୍ୟତାକୁ ନେଇ ଝଟ୍କୁଥିବ ।



କଦମ୍ବିକା, ମେଘଦୂତ କଦମ୍ବ ଓ ଦ୍ରୋଣ କଦମ୍ବ । ଲାଲ ରଙ୍ଗର କଦମ୍ବକୁ 'ହରିଦ୍ର' (ବ୍ରାଉନିଆ ଗ୍ରେଣ୍ଡିକେସ୍ସ), ଧଳାରଙ୍ଗର କଦମ୍ବକୁ 'କଦମ୍ବିକା (ଗ୍ରୀନ୍‌ୱିଲ୍ କଦମ୍ବା), ହଳଦିଆ ରଙ୍ଗର କଦମ୍ବକୁ 'ମେଘଦୂତ କଦମ୍ବ' (ମିତ୍ରଜ୍ଞାନ ପାରଭିଫୋଲିଆ) ଓ ବିପରିତ ଦିଗକୁମୁହଁ କରିଥିବା ପତ୍ର ଥିବା ଧଳା, ହଳଦୀ ରଙ୍ଗ ମିଶ୍ରିତ ରଙ୍ଗର କଦମ୍ବକୁ ଦ୍ରୋଣକଦମ୍ବ (କଦମ୍ବିକା) ଏବଂ ହାଲ୍‌କା କମଳାରଙ୍ଗର କଦମ୍ବକୁ 'ଧାରା କଦମ୍ବ' (ଆନ୍ଥୋସିଫଲ୍ସ ମିକ୍) କୁହା ଯାଇଥାଏ । ଭାରତର ଆଠମଲ୍ଲିକ ରାଜ୍ୟ ବ୍ରିଟିଶ୍ ଶାସନ ସମୟରେ କଦମ୍ବ କୂଳର ପ୍ରତୀକ ଥିଲା । ଅଧୁନା କର୍ଣ୍ଣାଟକ କୁହାଯାଉଥିବା ରାଜ୍ୟକୁ ସେତେବେଳେ କଦମ୍ବ ବଂଶର ସମ୍ରାଟ ଶାସନ କରୁଥିଲେ । ଏହି କଦମ୍ବକୁ ମଞ୍ଜି ଦ୍ୱାରା ତଥା ଡାଳକୁ ପୁନଃ ରୋପଣ କରାଯାଇପାରେ । ଏହା ଆଦ୍ର ବା ସନ୍ତସନ୍ତିଆ ସ୍ଥାନମାନଙ୍କରେ ଭଲ ବଢ଼ିଥାଏ । ନଦୀକୂଳମାନଙ୍କରେ ବାଲୁକା ମାଟିରେ ଏହା ଖୁବ୍ ଉର୍ବର ହୋଇଥାଏ । କଦମ୍ବର ମଞ୍ଜିଗୁଡ଼ିକ ଓଦା ମାଟି ପସନ୍ଦ କରନ୍ତି । ୧ ଇଞ୍ଚ ପର୍ଯ୍ୟନ୍ତ ଅଙ୍ଗୁଳିରେ ଗାତ୍ର କରି କଦମ୍ବର ମଞ୍ଜି ବା ବିହନକୁ ଓଦା ବା ଆର୍ଦ୍ରମାଟିରେ ରୋପଣ କରାଯାଇଥାଏ । ଅଧିକ ପାଣି ଦେଲେ ଏହା ଭଲ ଭାବେ ଅଙ୍କୁରିତ ନହୋଇବରଂ ପଙ୍ଗଲରୋଗକୁ ଆମନ୍ତ୍ରଣ କରିଥାଏ, ତେଣୁ ଅଧିକ ଜଳ ନଦେବା ଉଚିତ୍ । ଯଦି ମଞ୍ଜିରୁ ଆପଣ କଦମ୍ବରୋପଣ କରୁଛନ୍ତି, ତେବେ ଅଧିକ ସୂର୍ଯ୍ୟକିରଣ ପଡୁନଥିବା ବା ଛାଇଥିବା ସ୍ଥାନ ନିରୂପଣ କରନ୍ତୁ । ଯଦି ଚାରା ରୋପଣ କରୁଛନ୍ତି ତେବେ ଅର୍ଦ୍ଧ ଛାୟା ସ୍ଥାନ ବା କମ୍ ସୂର୍ଯ୍ୟକିରଣ ପଡୁଥିବା ଖୋଲା ସ୍ଥାନ ନିରୂପଣ କରନ୍ତୁ । ଏଭଳି ସ୍ଥାନରେ କଦମ୍ବ ଭଲ ବଢ଼ିଥାଏ । ବିଶେଷକରି ନଦୀକୂଳମାନଙ୍କରେ ଥିବା ଆଲୁଭିଆଲ (Alluvial) ମାଟିରେ ଖୁବ୍ ହୃଷ୍ଟପୁଷ୍ଟ ହୋଇଥାଏ । କଦମ୍ବ ଏକ ଚିରସବୁଜ ବୃକ୍ଷ । ଯଦିଓ ଏହା ବର୍ଷାଋତୁରେ ଅଧିକ ଫୁଲ ଫୁଟାଇଥାଏ । ତଥାପି ବର୍ଷସାରା ଏହି ବୃକ୍ଷ ହୃଷ୍ଟପୁଷ୍ଟ, ସବୁଜ ସତେଜ ରହି ଶୀତଳ ଛାୟା ପ୍ରଦାନ କରିଥାଏ । କିନ୍ତୁ ଘର ସମ୍ମୁଖରେ କଦମ୍ବ ଗଛ ରୋପଣ କରିବା ଅଶୁଭ ମନା ଯାଇଥାଏ । କଦମ୍ବର ଅନ୍ୟ କେତେଗୁଡିଏ ପ୍ରଜାତି ରହିଛି ଯାହା ଶଙ୍କରୀକରଣ ଦ୍ୱାରା ସମ୍ଭବ ହୋଇପାରିଛି, ତାହା ହେଲା ନିଓଲାମାର, ନିଓଲାମାର ମାରକ୍ରୋଫିଁ, ଆନ୍ଥୋକେପ୍, ସ୍ଥାନିଶ୍ ଚେରି, ନିଉକ୍ଲିଆ, ନିଉକ୍ଲିଆ ଓରିଏଣ୍ଟାଲିସ୍, ଜେମିଲିନା, ଆରବୋରିଆ, ମିତ୍ରଜ୍ଞାନ ପାର୍ବିଫୋଲିଆ, ଆଲବିଜିଆ ଲିବେକ୍ ଓ ଲିଚାର୍ଡଟ୍ ପାଇନ୍ ।



## କଦମ୍ବଫୁଲର ଗାଁ

ହିମାଚଳ ପ୍ରଦେଶର ପିପୁଲୁ ଉପଖଣ୍ଡରେ ଚୌଗାଇ ପଞ୍ଚାୟତର ଏକ ଗାଁ ରହିଛି 'ସୁନ୍ଧୀଫଲ' ଯାହାକୁ ସମସ୍ତେ କଦମ୍ବ ଗାଁ ବୋଲି ଜାଣନ୍ତି । ଏହି ଗାଁରେ ସବୁଆଡ଼େ କେବଳ ଗଛଭର୍ତ୍ତି କଦମ୍ବ ଫୁଲର ଗଛଭର୍ତ୍ତି ପରିବେଶ ଦେଖିବାକୁ ମିଳେ । ହଜାର ବର୍ଷ ପୂର୍ବରୁ ଏହି ଗାଁ'ରେ ଏହିଭଳି କଦମ୍ବଗଛ ଗୁଡ଼ିକ ରହି ଆସିଛି । ଏଠାକାର ବାସିନ୍ଦା କଦମ୍ବବୃକ୍ଷକୁ ଈଶ୍ୱର ମାନ୍ୟତା ଦେଇ ପୂଜା କରନ୍ତି ଓ କେହି କେବେ ଡାଳଟିଏ ବି କାଟନ୍ତି ନାହିଁ । ଗ୍ରାମବାସୀମାନଙ୍କ କହିବା ଅନୁସାରେ ବହୁ ବର୍ଷ ପୂର୍ବେ ଗ୍ରାମର ମୁଖିଆମାନେ ସୁଖ, ଶାନ୍ତି, ସମୃଦ୍ଧି କାମନା କରି ପ୍ରଭୁ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଆଣିବାକୁ ବୃନ୍ଦାବନ ଯାଇଥିଲେ । ପ୍ରଭୁଙ୍କ ଆଶୀର୍ବାଦ ସ୍ୱରୂପ କଦମ୍ବବୃକ୍ଷ ଯୋଡ଼ିଟିଏ ବୃନ୍ଦାବନରୁ ଆଣି ନିଜ ଗାଁର ପୋଖରୀ କୂଳରେ ଲଗାଇଥିଲେ । ବୃକ୍ଷ ଚାରିକଡ଼େ ଚଉତରା କରି । ଅଖଣ୍ଡ ଦୀପ ଜାଳି ଶ୍ରୀକୃଷ୍ଣଙ୍କୁ ପ୍ରାର୍ଥନା କରୁଥିଲେ । ଗ୍ରାମବାସୀମାନଙ୍କ ଅଗାଧ ବିଶ୍ୱାସ ସେଠାକାର ବାତାବରଣକୁ କୃଷ୍ଣମୟ କରିଦେଉଥିଲା । ବୃକ୍ଷଦୁଇଟି ବଡ଼ ହେବାକୁ ଲାଗିଲେ ଏବଂ ସେଥିରେ ଫୁଲ, ଫଳ ହେବାକୁ ଲାଗିଲା । ଫଳଗୁଡ଼ିକ ତଳେ, ଚାରିଆଡେ ପଡ଼ି ସେଥିରୁ ଆହୁରି ଅନେକ କଦମ୍ବଗଛ ହେବାକୁ ଲାଗିଲା । ଧିରେ ଧିରେ ଗ୍ରାମର ଭିତର, ବାହାର ସବୁଆଡ଼େ କଦମ୍ବବୃକ୍ଷରେ ଭରିଗଲା । ଗ୍ରାମବାସୀମାନଙ୍କ ଧାର୍ମିକ ବିଶ୍ୱାସକୁ ସମସ୍ତେ ସାଦରେ ଗ୍ରହଣ କରି ପ୍ରଭୁ ଶ୍ରୀକୃଷ୍ଣଙ୍କ ଅତିପ୍ରିୟ କଦମ୍ବକୁ ପୂଜା କରିବା ସହିତ ତା'ର ସଂରକ୍ଷଣ ପାଇଁ ସମିତି ଗଠନ କଲେ ଏବଂ ସେହି ସ୍ଥାନରେ ନାମ ରଖିଲେ 'କଦମ୍ବବନୀ' ଓ ଯେଉଁ ପୋଖରୀକୂଳରେ ପ୍ରଥମ କଦମ୍ବବୃକ୍ଷ ଦୁଇଟି ଲଗାଇଥିଲେ, ସେ ପୋଖରୀର ନାମ ରଖିଲେ 'କଦମ୍ବ ପୋଖରୀ' । ପୋଖରୀକୂଳରେ ଥିବା କଦମ୍ବମୂଳର ଚଉତରା ଉପରେ ପୂଜକ ଭାବେ ଜଣେ ବାବା ରହି ଆସୁଛନ୍ତି, ତାଙ୍କୁ ମଧ୍ୟ ଗ୍ରାମବାସୀମାନେ 'କଦମ୍ବ ବାବା' କହିଥାନ୍ତି । ଅଦ୍ୟାବଧି ସେଠାରେ ଏକ ଅଖଣ୍ଡ ବର୍ଷବର୍ଷ ଧରି ଜଳି ଆସୁଛି ଏବଂ ବିଶ୍ୱାସ ରହିଛି ହିମାଚଳର ସେ କଦମ୍ବବନୀ ପ୍ରଭୁଶ୍ରୀ କୃଷ୍ଣ ବିହରଣ କରନ୍ତି । କଦମ୍ବ ପାଇଁ ସେଠାକାର ମାଟି, ପାଣି, ବନ ବୃକ୍ଷ ସବୁକିଛି କଦମ୍ବ ନାମରେ ନାମିତ ।

ଧାରାବାହିକ ଆତ୍ମଜୀବନୀ

# ସ୍ମୃତିର ପ୍ରଜ୍ଞାପୀଠ



# ⑭ ପ୍ରଜ୍ଞାପୀଠରେ ତେତିଶ ବର୍ଷ


**ଜୟନ୍ତୀ ରଥ**
'ସାଇସୁଧା', ୩୬୫/୩୦୨୫, ଶିଶୁ ବିହାର,
ପଟିଆ ଛିଟ୍, ଭୁବନେଶ୍ୱର-୭୫୧୦୨୪
ଫୋନ : ୮୮୯୫୬୧୭୯୫୬


ଫଟୋ ସୌଜନ୍ୟ : ସୂର୍ଯ୍ୟ ଦେଓ

**'ପ୍ରଜ୍ଞାପୀଠରେ ତେତିଶ୍‌ବର୍ଷ': ଜୟନ୍ତୀ ରଥଙ୍କ ଏକ ଆତ୍ମଜୀବନୀ ମୂଳକ ଆଲେଖିକା । ଏଥିରେ ସେ ଧାରାବାହିକ ଭାବେ ଖୋଲିବେ ତାଙ୍କ ଜୀବନର ସେଇସବୁ ପାଖୁଡ଼ା, ଯେଉଁଥିରେ ପାଠକଙ୍କ ପାଇଁ ରହିବ ରାଶି ରାଶି ତଥ୍ୟ ଓ ଜୀବନ କାହାଣୀ, ପ୍ରାୟପୋନ୍ୟାସ ଶୈଳୀରେ । ଜୟନ୍ତୀ ରଥ ଆମ ସମୟର ଜଣେ ସୁଶୀଳ କଥାଶିଳ୍ପୀ । ଅସଂଖ୍ୟ ଗଳ୍ପ ଲେଖି ସେ ଓଡ଼ିଆ ପାଠକଙ୍କ ମନ ଜିଣି ପାରିଛନ୍ତି । ପାଖାପାଖି ୧୯ଟି ଗଳ୍ପ ସଂକଳନ, ୩ଟି ଉପନ୍ୟାସ, ୪ଟି କବିତା ସଂକଳନର ସେ ସ୍ରଷ୍ଟା । ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ପଦବୀରୁ ଅବସର ନେଇ ସେ ଏବେ ସାହିତ୍ୟ ସାଧନାରେ ମଗ୍ନ । 'ରେବତୀ'ର ପାଠକଙ୍କ ପାଇଁ ଏହି ଧାରାବାହିକଟି, ଅଧୁନା ତାଙ୍କ ସ୍ୱପ୍ନ ଓ ସଂକଳ୍ପ ।**



◄ ଲେଖିକା ଜୟନ୍ତୀ ରଥ

ପୁରୁଣା ହାଟର ଜମିଦାର ରାୟବାହାଦୂର ଚିନ୍ତାମଣି ଆଚାର୍ଯ୍ୟଙ୍କ ଜରାଜୀର୍ଣ୍ଣ କୋଠି । ଆଗରେ ଭଙ୍ଗା ପାଚେରି । ଦଳୁଆ ପୋଖରୀ । ୧୭/୧୮ ବଖରା ଘର, ତଳ ଉପର ମହଲା ମିଶି । ସବୁ ଭାଙ୍ଗିରୁଜି ଗଲାଣି । ମାତ୍ର ଦୁଇ ବଖରା ଘରକୁ ଚଳନ ଉପଯୋଗୀ କରି ତା ଭିତରେ ରହୁଛନ୍ତି ଆଚାର୍ଯ୍ୟ ପରିବାରର ଆଗ ପିଢ଼ିର ସାନବୋହୂ । ଜଗି ରହିଛନ୍ତି ଘରର ଇଷ୍ଟ ଦେବତା ରାଧାମାଧବଙ୍କୁ । ସେ ଘର ଭିତରେ ସର୍ପଦଂଶନ, ବିଛା ଦଂଶନର ଭୟ ଥାଏ । ଶୂନ୍ୟ ଅଟ୍ଟାଳିକାର ନିର୍ଜନତା ଥାଏ ।

ମାତ୍ର ତାହା ପ୍ରଭାବିତ କରେ ନାହିଁ ତାଙ୍କୁ । ଝିଅ ଦୁଇଟି ବାହା ହୋଇ ନିଜ ନିଜ ସଂସାରରେ । ସ୍ୱାମୀ ଆର ପାରିରେ । ପୂଜକ, ରୋଷେୟା ଅଳ୍ପ କିଛି ସମୟ ପାଇଁ ଆସି ଚାଲି ଯାଆନ୍ତି । ଠାକୁରଙ୍କ ମାଳା ଗୁନ୍ଥିବା, ଠାକୁରଙ୍କୁ ସଜେଇବା, ତାଙ୍କ ବସ୍ତ୍ରକୁ ଧୋଇ ଶୁଖେଇ ସଜାଡ଼ି ରଖିବା, ଭାଗବତ ଓ ପୁରାଣ ପଢ଼ିବା- ଏଇ କାମରେ ବିତେ ଦିନରାତି 'ସାନମାଆ'ଙ୍କର । ଘରର ଦେଢ଼ଶହ ବର୍ଷର ଦୋଳ ବିମାନଟି ଆଚାର୍ଯ୍ୟ ପରିବାରର ଦାୟାଦମାନେ ହସ୍ତାନ୍ତରିତ କରିବାକୁ ଚାହିଁଥିଲେ ସଂଗ୍ରହାଳୟକୁ । ସୂକ୍ଷ୍ମ କାରୁକାର୍ଯ୍ୟ ପୂର୍ଣ୍ଣ ବିମାନଟିକୁ ଆଣିବାକୁ ଯାଇ ବେବି ଭେଟିଥିଲା ସେଇ ପରମ ବୈଷ୍ଣବୀଙ୍କୁ ଯାହାଙ୍କର ନିଃଶ୍ୱାସରେ ପ୍ରଶ୍ୱାସରେ ଥିଲେ ରାଧାକୃଷ୍ଣ । ଆହା, କି ସୁନ୍ଦର ସେଇ ଯୁଗଳ ମୂର୍ତ୍ତି । ଭଙ୍ଗାରୁଜା କୋଠି ଭିତରେ ଏତେ ଦେଦୀପ୍ୟମାନ ବିଗ୍ରହ ଏତେ ତେଜ- ଏତେ ଲାବଣ୍ୟ ବେବି ବିଶ୍ୱାସ କରି ପାରି ନଥିଲା ନିଜ ଆଖିକୁ । ସାଙ୍ଗସାଥୀ, ପ୍ରତିବେଶୀ, ପରିଜନ କ'ଣ ଲୋଡ଼ା ସ୍ୱୟଂ ଈଶ୍ୱର ଯେଉଁଠି କ୍ରୀଡ଼ା ସଙ୍ଗୀ । ବିମାନ ନେଇ ଫେରିଲା ବେଳେ ସେଇ ମହିୟସୀ ମହିଳାଙ୍କୁ ଭକ୍ତିପୂତ ପ୍ରଣାମ କରିଥିଲା ବେବି ।

ବେବି ସଂଗ୍ରହାଳୟରେ ଯୋଗ ଦେବାବେଳେ ତା'ର ସହକର୍ମିଣୀ ଥିଲେ ନନ୍ଦିତା ପଟ୍ଟନାୟକ । ଜଣାଶୁଣା ଓଡ଼ିଶୀ ନୃତ୍ୟଶିଳ୍ପୀ । ଓଡ଼ିଶୀ ନୃତ୍ୟ ଜଗତର ସ୍ୱନାମଧନ୍ୟ ଗୁରୁ କେଳୁ ଚରଣ ମହାପାତ୍ର । ଗୁରୁ ଗଙ୍ଗାଧର ପ୍ରଧାନ, ଗୁରୁ ଦେବପ୍ରସାଦ ଦାସଙ୍କ ଘନିଷ୍ଠ ସଂସ୍ପର୍ଶରେ ଆସିଥିଲେ । ବାନ୍ଧବୀ ନୃତ୍ୟଶିଳ୍ପୀ ଏବଂ ନୃତ୍ୟ ଗୁରୁମାନଙ୍କ ସହ ବିଦେଶ ଯାତ୍ରାର ସୁଖକର, ରୋମାଞ୍ଚକର ଅନୁଭୂତିସବୁକୁ ଅତି ରସାଳ ଭାବରେ ସେ ବର୍ଣ୍ଣନା କରୁଥିଲେ । ତାଙ୍କ ଠୁ ଶୁଣି ଶୁଣି ଗୁରୁ ପଦ୍ମ ବିଭୂଷଣ କେଳୁଚରଣଙ୍କ ଉପରେ ଏକ ସୁନ୍ଦର, ସମୁଜ୍ଜଳ ଚିତ୍ର ଆଙ୍କିଥିଲା ବେବି ମନ ଭିତରେ । ଅଳ୍ପ କେଇବର୍ଷ ଏକାଠି କାମ କରିବା ପରେ ନନ୍ଦିତା ଅପା ବିବାହ କରି ସ୍ୱାମୀଙ୍କ କର୍ମକ୍ଷେତ୍ର ଆମେରିକା ଚାଲି ଯାଇଥିଲେ । ଆମେରିକାରେ ନିଜର ଏକ ଓଡ଼ିଶୀ ଡ୍ୟାନ୍ସ ସ୍କୁଲ କରିଛନ୍ତି ଓ ସଂପ୍ରତି ସେଠାରେ ନୃତ୍ୟଶିଳ୍ପୀ ଭାବେ ଯଥେଷ୍ଟ ଖ୍ୟାତି ଅର୍ଜନ କରିଛନ୍ତି ।

ଶାଢ଼ି, ଅଳଙ୍କାର, ଆଭୂଷଣକୁ ସେ ବିଶେଷ ଯତ୍ନର ସହ ସାଇତି ରଖୁଥିଲେ । ଖାଦ୍ୟପେୟ ପ୍ରତି ଅତ୍ୟଧିକ ସଚେତନ ଥିଲେ । ପରବର୍ତ୍ତୀ ସମୟରେ କୌଣସି ସ୍ଥୂଳାଙ୍ଗୀ ନୃତ୍ୟଶିଳ୍ପୀ ନୃତ୍ୟ ପ୍ରଦର୍ଶନ କଲାବେଳେ ବେବିର ମନେ ପଡୁଥିଲା ନନ୍ଦିତା ଅପାଙ୍କ କଥା: a dancer can not afford to be overweight. କାହାର ମହଳଣ ପଡ଼ି ଆସୁଥିବା ଅଳଙ୍କାର ଦେଖିଲେ ମନେ ପଡୁଥିଲା ନନ୍ଦିତା ଅପା । ରିଠାଫଳ ଓ ତେନ୍ତୁଳି ପାଣିରେ ବୁଡ଼େଇ ରୁପା ଗହଣାକୁ ସଫାକରି ନୂଆ ପରି ଚକ୍ ଚକ୍ କରି ରଖିଥିଲେ ନନ୍ଦିତା ଅପା । ତାଙ୍କ ଠୁ ଶୁଣି ଶୁଣି ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ସୋନାଲ୍ ମାନସିଂହ, ପ୍ରିୟମ୍ବଦା ହେଜ୍‌ମାଦି, ସଂଯୁକ୍ତା ପାଣିଗ୍ରାହୀ, ଇଲିଆନା ସିତାରିଷ୍ଟି, କୁଙ୍କୁମ୍ ମହାନ୍ତି, ମୀନାକ୍ଷୀ ବେହେରା, ଚପଳା ମିଶ୍ର, ଅରୁଣା ମହାନ୍ତି, ପ୍ରଖ୍ୟାତ ଗାୟକ ରଘୁନାଥ ପାଣିଗ୍ରାହୀଙ୍କୁ ସେ ଅତି ନିକଟରୁ ଦେଖିବାକୁ ସକ୍ଷମ ହୋଇଥିଲା । ଏତେ ଜୀବନ୍ତ ଥିଲା ତାଙ୍କ ବର୍ଣ୍ଣନା ଶୈଳୀ । ସେ ଆମେରିକା ଯିବା ପରେ କେତେବର୍ଷ ଦୁହିଁଙ୍କ ମଧ୍ୟରେ ଚିଠିପତ୍ରର ଆଦାନ ପ୍ରଦାନ ଥିଲା । ନନ୍ଦିତା ଅପା ଲେଖୁଥିଲେ, "ତମ ଝିଅକୁ ନିଶ୍ଚୟ ନାଚ ଶିଖେଇବ । ତା'ର ଆଖି ଏତେ ଏତେ ସୁନ୍ଦର, ସେ ସବୁ ପ୍ରକାର ଭାବ ଫୁଟେଇ ପାରିବ । ସେ ଦେଖିବାକୁ ଏତେ ସୁନ୍ଦର ହୋଇଚି ରୂପ ଭଗବାନଙ୍କର ଦାନ । ସମସ୍ତଙ୍କୁ ମିଳେନି । ଆମ ଲାଇନ୍‌ରେ ଚେହେରାକୁ ସଜେଇ କରି ରଖିବା ପାଇଁ ଝିଅମାନଙ୍କୁ ବହୁତ କଷ୍ଟ କରିବାକୁ ପଡ଼େ । ତାକୁ ତ ବେଶି ମେକ୍‌ଅପ୍ ନେବା ଦରକାର ପଡ଼ିବନି ।"

ବେବି ତା ଝିଅକୁ ନୃତ୍ୟାଙ୍ଗନା କରି ଗଢ଼ି ପାରିଲାନି । ଜୀବନର ବହୁ ଅବସୋସ ଭିତରୁ ତାହା ଗୋଟିଏ ।

ତେବେ ନନ୍ଦିତା ଅପାଙ୍କ ସାନ୍ନିଧ୍ୟରେ ଆସି ତା'ର ନୃତ୍ୟ ପ୍ରତି ଆକର୍ଷଣ ହୋଇ ଉଠିଥିଲା ଦୁର୍ବାର । ସୁବିଧା, ସୁଯୋଗ ପାଇଲେ ସେ ରବୀନ୍ଦ୍ର ମଣ୍ଡପ, ଜୟଦେବ ଭବନରେ ହେଉଥିବା ନୃତ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଉଥିଲା । ପରେପରେ କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚରେ ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା କୋଣାର୍କ ନୃତ୍ୟୋତ୍ସବକୁ ବି ଗଲା । ଓଡ଼ିଶୀ, କଥକ, କୁଚିପୁଡ଼ି, କଥାକଳୀ, ମୋହିନୀଆଟମ୍, ମଣିପୁରୀ- ସବୁ ପ୍ରକାର କ୍ଲାସିକାଲ ଡ୍ୟାନ୍ସ୍ ଫର୍ମର ବିଶେଷତ୍ୱ ଜାଣିଲା ।



ସେ ଜାଣିଲା ଯେ ନୃତ୍ୟ କାର୍ଯ୍ୟକ୍ରମର ସଫଳତା ପାଇଁ ନର୍ତ୍ତକୀଙ୍କ ନୈପୁଣ୍ୟର ଶ୍ରେୟ ଯେତିକି, ସେତିକି ଶ୍ରେୟ କୋରିଓଗ୍ରାଫରଙ୍କର କେବେ ଏକକ ନୃତ୍ୟ ଶିଳ୍ପୀଙ୍କ ନୃତ୍ୟ ଓ ଏକକାଳୀନ ଆଠ ଦଶଜଣ ଶିଳ୍ପୀଙ୍କ ସମୂହ ନୃତ୍ୟ ପ୍ରଦର୍ଶନ ଦେଖିଲା ସେ ବିମୁଗ୍ଧ ହୋଇ । ନୃତ୍ୟରେ ପଦଛନ୍ଦରେ, ଆଖିର ଘୂର୍ଣ୍ଣନରେ, ହାସ୍ୟରେ, ଅଙ୍ଗଭଙ୍ଗିମାରେ କେତେ ପ୍ରକାର ଅଭିନୟ । ଦଶ ଅବତାରଙ୍କ ରୂପ, ଶିବଙ୍କ ତାଣ୍ଡବ ନୃତ୍ୟ- ଏସବୁ ତ ସବୁ ଦର୍ଶକଙ୍କୁ ଭଲ ଲାଗେ ଦେଖିବା ପାଇଁ । ବେବି ଭାବ ବିଭୋର ହୋଇ ଉଠୁଥିଲା କୃଷ୍ଣଙ୍କ ମାନଭଂଜନ ଓ ଅନ୍ୟାନ୍ୟ ଲୀଳା ସନ୍ଦର୍ଶନ କଲାବେଳେ, ପାରିଜାତ ଫୁଲକୁ ନେଇ ରୁକ୍ମିଣୀ ସତ୍ୟଭାମାଙ୍କ କଳିକୁ ନୃତ୍ୟ ମାଧ୍ୟମରେ ଦେଖେଇଥିଲେ କୁଚୁପୁଡ଼ି ନୃତ୍ୟାଙ୍ଗନା ଶୋଭା ନାଇଡୁ । ମନେ ଅଛି । ମନେଅଛି ଭାରତନାଟ୍ୟମ୍ ଶିଳ୍ପୀ ଚିତ୍ରା ବିଶ୍ୱେଶ୍ୱରନ୍‌ଙ୍କ ଦୁର୍ଗାରୂପ । ଅପୂର୍ବ ସୁନ୍ଦରୀ ଚିତ୍ରା । ସର୍ବମଙ୍ଗଳ ମାଙ୍ଗଲ୍ୟେ ଶିବେ ସର୍ବାର୍ଥ ସାଧିକେ, ଶରଣ୍ୟେ ତ୍ର୍ୟମ୍ବକେ ଗୌରୀ ନାରାୟଣୀ ନମୋଽସ୍ତୁତେ...ଗମ୍ଭୀର, ଉଦାତ୍ତ କଣ୍ଠରେ ଏହା ଗାନ କରାଯାଉଥିବା ବେଳେ ମଞ୍ଚରେ ପ୍ରତିଭାତ ହୋଇଥିଲେ ସ୍ୱୟଂ ନାରାୟଣୀ । ବସୁନ୍ଧରା ଦୋରାଇସ୍ୱାମୀ, ଦେବୀ ବାସୁ, ଶର୍ମିଳା ବିଶ୍ୱାସ, ଦାକ୍ଷା ମଚୁଲାୟନ, ନନ୍ଦିନୀ ଘୋଷାଲ, କାକଲୀ ବୋଷ, ପୌଷାଲୀ ମୁଖାର୍ଜି, ଅମିତା ଦତ୍ତ, ଚୂଡ଼ାମଣି ନନ୍ଦ ଗୋପାଲ, ପଦ୍ମା ସୁବ୍ରମନିୟମ, ସ୍ୱପ୍ନା ସୁନ୍ଦରୀ- ଏମିତି କେତେ ପ୍ରସିଦ୍ଧ ନର୍ତ୍ତକୀଙ୍କ ନୃତ୍ୟ ଅବଲୋକନ କରିଛି ସେ । ନୃତ୍ୟ ଓ ସଙ୍ଗୀତ ଉଚ୍ଚତର ସାତ୍ତ୍ୱିକ ପଥ ଉନ୍ମୋଚନ କରିଦିଅନ୍ତି ସେ ଅନୁଭବ ତା'ର ଆସିଛି । ବିଶୁ ମହାରଣାଙ୍କ ପଥର ଖୋଦନ ରାଜା ନରସିଂହ ଦେବ, କୋଣାର୍କ ମନ୍ଦିର ନିର୍ମାଣ ଏସବୁ ଦେଖିଲା ବେଳେ, ନୃତ୍ୟଗୁରୁ କେଳୁ ଚରଣ ତାକୁ ଇତିହାସ ଭିତରକୁ ନେଇ ଯାଇଛନ୍ତି ତ ଅପରୂପା ଲାବଣ୍ୟବତୀ ନନ୍ଦିନୀ ନୃତ୍ୟ ପ୍ରଦର୍ଶନ କଲାବେଳେ ତାକୁ ସ୍ୱୟଂ ଈଶ୍ୱରଙ୍କ ସହିତ ସଂଯୁକ୍ତ କରିଦେଇଛନ୍ତି ।

ଶିଶୁଶିଳ୍ପୀ, ଶିଳ୍ପୀପୁତ୍ର ଧର୍ମପଦ ବାସ୍ତବ ଚରିତ୍ର ନା କାଳ୍ପନିକ, ନନ୍ଦିନୀ ଘୋଷାଲଙ୍କ ସୌନ୍ଦର୍ଯ୍ୟ ସ୍ୱପ୍ନ ନା ସତ୍ୟ- ଏ ପ୍ରଶ୍ନ ତା' ଭିତରେ ଏବେବି ଜୀବନ୍ତ ।



ବହୁତ ବର୍ଷ ପରେ ଏବେବି ସେ ଦେଖି ପାରେ ଶିବଙ୍କୁ ନୈବେଦ୍ୟ ଅର୍ପଣ କରିବା ମୁଦ୍ରାରେ କଥକ ନୃତ୍ୟଶିଳ୍ପୀ ଅନନ୍ୟା ସୁନ୍ଦରୀ ମାଳବିକାଙ୍କୁ । ଡାକ୍ତରୀ ବିଦ୍ୟା ଅଧ୍ୟୟନ କରିଥିଲେ । ବେକରେ ଷ୍ଟେଥୋ ନ ପକେଇ ଦିନକୁ ତିନିଘଣ୍ଟା ତବଲା ସଙ୍ଗତ ସହିତ ସାଧନା କରୁଥିଲେ । ବିଦ୍ୟା, ବୃତ୍ତି ଉପରେ ପ୍ରବୃତ୍ତିର ରାଜୁତି ଦେଖିଥିଲା ସେ ମାଳବିକାଙ୍କ ନିକଟରେ । ସେଇ ସନ୍ଧ୍ୟାରେ ନୃତ୍ୟ ପ୍ରଦର୍ଶନ ପୂର୍ବରୁ ସେ କଥକ ନୃତ୍ୟ ଉପରେ ଏବଂ ସେ ପ୍ରଦର୍ଶନ କରିବାକୁ ଯାଉଥିବା ବିଷୟବସ୍ତୁ ଉପରେ ସଂକ୍ଷିପ୍ତ ବକ୍ତବ୍ୟ ରଖିଥିଲେ ।

କହିଥିଲେ କଥକ ନୃତ୍ୟରେ ପାଦରେ ପ୍ରକାଶିତ ହୁଏ ତାଣ୍ଡବଲୀଳା । ଅଙ୍ଗରେ ଫୁଟାଯାଏ ଲାସ୍ୟ । ଚକ୍ଷୁର ଅଭିନୟ ଦେଖେଇବାକୁ ଯାଇ କହିଥିଲେ- ସୁନ୍ଦରୀ ନାରୀ ଯଦି ଉପରକୁ ଆଖି ଉଠାଏ ତ ତାହା



ହୋଇଯାଏ ପ୍ରାର୍ଥନା । ଯଦି ତଳକୁ ଆଖି ନୁଆଁଏ ତ ତାହା ହୋଇଯାଏ ଭୟ ବା ଲଜ୍ଜା ବା ସଙ୍କୋଚ । ଯଦି ତେର୍ଛେଇ ଚାହେଁ ତ ସେଥିରୁ ଖସେ ଅସ୍ୱୀକାର, ଘୃଣା, ବିରକ୍ତି ।

ଅଭିନୟରେ ସେ ଦେଖେଇଲେ ଭକ୍ତକବି ସୁରଦାସଙ୍କ ରଚିତ ଏକ ଗାଥାଗୀତି-

"ହାଏ ପ୍ରେମ୍ ଜଗତ୍ କେ ସାର
ଔର୍ କୁଛ୍ ସାର୍ ନେହିଁ ।"

କୃଷ୍ଣ କହୁଛନ୍ତି ଉଦ୍ଧବଙ୍କୁ- "ସବୁବେଳେ ମନେ ପଡୁଚି ବ୍ରଜପୁର । ଭାରି ଉଦାସ ଲାଗୁଚି । କ'ଣ କରିବି ।"

ଉଦ୍ଧବ କହୁଛନ୍ତି- "ଆପଣ ପରଂବ୍ରହ୍ମ । ପରମ ଜ୍ଞାନୀ । ମିଛ ମୋହରେ ଆତୁର ହେଉଛନ୍ତି କାହିଁକି ?"

- ନା ଉଦ୍ଧବ, ମିଛ ମୋହ କୁହ ନାହିଁ । ତମେ ଯାଅ ସ୍ୱଚକ୍ଷୁରେ ଦେଖ । ମୋର ବିଚ୍ଛେଦରେ କଷ୍ଟ ପାଉଥିବା ମାଆ ଯଶୋଦା, ନନ୍ଦରାଜା ଓ ରାଇ ବିନୋଦିନୀଙ୍କୁ ଟିକିଏ ସାନ୍ତ୍ୱନା ଦେଇ ଆସ ।

ଉଦ୍ଧବ କହୁଛନ୍ତି- "ମୁଁ କେମିତି କଥାବାର୍ତ୍ତା କରିବି ସେଇ ଅଜ୍ଞାନୀ ଗୋପାଳ / ଗୋପାଳୁଣୀଙ୍କ ସହିତ ।" ତେବେ କୃଷ୍ଣଙ୍କ ଅନୁରୋଧ ଏଡ଼ି ନପାରି ଯାଇଛନ୍ତି । ଗୋପପୁରର ଏକ ଜଳଧାର ତଟରେ ଠିଆ ହୋଇ ସେ ପୁଛା କରିଛନ୍ତି- ନନ୍ଦରାଜଙ୍କ ଘର କେଉଁଠି ? ଗୋପାଳଟିଏ ତାଙ୍କୁ ଅବାକ୍ ଆଶ୍ଚର୍ଯ୍ୟ ହୋଇ ଚାଲିଛି । କହିଚି ଏଠିକି ଆସି କେହି ତାଙ୍କ ଘର କେଉଁଠି ପଚାରନ୍ତି ନାହିଁ । ସମସ୍ତେ ଜାଣନ୍ତି ଏ ଝରୁଥିବା ଜଳସ୍ରୋତର ଆରମ୍ଭ ଯେଉଁଠି ନନ୍ଦରାଜା ଓ ଯଶୋଦାଙ୍କ ଆସ୍ଥାନ ସେଇଠି । କାରଣ ଏ ଜଳଧାର ବର୍ଷାରୁ ଉତ୍ପନ୍ନ ହୋଇନାହିଁ କି ଏହା କେଉଁ ନଦୀର ଶାଖା ନୁହେଁ । ଏହା ଯଶୋଦା ଓ ନନ୍ଦଙ୍କ ଚକ୍ଷୁଗଳିତ ଅଶ୍ରୁରୁ ଉତ୍ପନ୍ନ । ନନ୍ଦ, ଯଶୋଦା ଉଦ୍ଧବଙ୍କୁ ନିଜର ଦୁର୍ଗତି ନକହି କୃଷ୍ଣଙ୍କ କୁଶଳ ଜିଜ୍ଞାସା କରିଛନ୍ତି । କୃଷ୍ଣ ଗୋପପୁର ଛାଡ଼ିବା ପର ଠାରୁ ଗାଈମାନେ କିଭଳି ଖାଇବା ପିଇବା ଛାଡ଼ି କେବଳ କାନ୍ଦୁଛନ୍ତି ସେ କଥା ଦେଖେଇଛନ୍ତି ।

ତାପରେ ଉଦ୍ଧବ ଭେଟିଛନ୍ତି ରାଧାଙ୍କୁ । ପଚାରିଛନ୍ତି କଷ୍ଟ ହେଉଛି କି କୃଷ୍ଣ ଚାଲିଯିବାରୁ । ମନକୁ ତାଙ୍କ ପାଖରେ ଲଗାଅ । ରାଧା ଓଲଟି ପଚାରିଛନ୍ତି କେଉଁ କୃଷ୍ଣ କଥା କହୁଛନ୍ତି ? ଦେବକୀ ନନ୍ଦନ ବାସୁଦେବ ସୁତ କୃଷ୍ଣଙ୍କୁ ମୁଁ ଜାଣେନି । ମୁଁ ଜାଣିଥିଲି ନନ୍ଦସୁତ ଯଶୋଦାସୁତ ଗୋପାଳଙ୍କୁ । ସେ ତ ମୋ ମନ ନେଇ ଚାଲି ଯାଇଛି । ଆଉ ମନ ନାହିଁ । ଲଗେଇବି କେଉଁଠି, କାହା ସହିତ । ଉଦ୍ଧବ ଏ ଅଦ୍ୱୈତ, ଅସର୍ତ୍ତ ପ୍ରେମରେ ବିଗଳିତ ହୋଇ ରାଧାଙ୍କୁ ପ୍ରଣାମ କଲେ । ତାଙ୍କର ଜ୍ଞାନର ଗର୍ବ ଚୂର୍ଣ୍ଣ ହେଲା ଏବଂ ସେ ବି କହିଲେ- ହାଏ ପ୍ରେମ ଜଗତକେ ସାର ।

ନନ୍ଦିତା ଅପା ଏବେ ସାତ ସମୁଦ୍ର ସେପାରେ । ମଝିରେ ମଝିରେ ଦେଖାହୁଏ ତାଙ୍କ ନୃତ୍ୟ ସଙ୍ଗିନୀ ମୀନାକ୍ଷୀ ଅପାଙ୍କ ସହ । ସ୍ନେହରେ, ଆଦରରେ ଜଡ଼ାଇ ଧରନ୍ତି । ଅରୁଣା ଏବେ ଖ୍ୟାତିର ଶୀର୍ଷରେ ଉପନୀତା । ପଦ୍ମଶ୍ରୀ ଉପାଧି ଭୂଷିତା । ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ସଭାପତି ପଦରେ ଅଧିଷ୍ଠିତା । ନନ୍ଦିତା ଅପା ତା ମନରେ ଜଗାଇ ଦେଇଗଲେ ନୃତ୍ୟମୋହ ।

ଆଉ ଗୋଟିଏ କଥା । ନନ୍ଦିତା ଅପା ଥିଲେ କବିଚନ୍ଦ୍ର କାଳୀଚରଣ ଗ୍ୟାଲେରୀର ସହସଂଗ୍ରହାଧ୍ୟକ୍ଷା । କବିଚନ୍ଦ୍ରଙ୍କ ବ୍ୟବହୃତ ବହୁ ସରଂଜାମ ସହ ମହଜୁଦ୍ ଥିଲା ତାଙ୍କ ହାତଲେଖା ଡାଏରୀ । ସେଇ ଡାଏରୀ ସବୁ ସଜାଡ଼ି ରଖିଲା ବେଳେ ସେ ବେବିକୁ ଡାକି ଦେଖଉଥିଲେ ଛୋଟ ଛୋଟ ସୁନ୍ଦର ଅକ୍ଷର । ନିଜର ଅନୁଶୋଚନାର ନିଚ୍ଛକ ପରିପ୍ରକାଶ ଥିଲା ସେ ଡାଏରୀ ସବୁରେ । ଧର୍ମପତ୍ନୀଙ୍କୁ ଅବହେଳା କରିଥିଲେ । ତାଙ୍କ ପ୍ରତି ଅବିଚାର କରିଥିଲେ । ଦାମ୍ପତ୍ୟ ଜୀବନ ବୋଲି କିଛି ନଥିଲା । ଗୋଟିଏ ଝିଅ ଜନ୍ମ ହୋଇଥିଲା । ଅଳ୍ପ କେଇଦିନ ପରେ ଆଖି ବୁଜି ଦେଲା । ପତ୍ନୀ ସୁଗାତ୍ରି ଦେବୀ ସଙ୍ଗୀତାନୁରାଗିଣୀ ଥିଲେ । କୁଳୀନା ଥିଲେ । ଶୀଳବତୀ ଥିଲେ । ତଥାପି କାହିଁକି ତାଙ୍କୁ ଆଦରି ପାରିଲେ ନାହିଁ କବିଚନ୍ଦ୍ର ? ମଂଚର ମାୟା, ମାୟାବିନୀ ନାରୀଙ୍କ ମାୟାରେ ପଥ ହୁଡ଼ିଥିଲେ । ବାରମ୍ବାର ଡାଏରୀରେ ଲେଖିଛନ୍ତି ଆଜି ମୁଁ ପାପ କଲି । କ'ଣ ସେ ପାପ- ଯାହା ଜାଣି ସୁଦ୍ଧା ଯେଉଁଥିରୁ ନିଜକୁ ନିବୃତ୍ତ କରିପାରୁ ନଥିଲେ ? ବୋଧହୁଏ ଆତ୍ମଗ୍ଲାନିରେ ଦଗ୍ଧ ହୋଇ ସେ ପତ୍ନୀଙ୍କ ସମ୍ମୁଖରେ ଠିଆ ହେବାର ସତ୍‌ସାହସ ହରାଇଥିଲେ । ଆକାଶବାଣୀ କଟକ କେନ୍ଦ୍ରରୁ ପ୍ରସାରିତ କବିଚନ୍ଦ୍ରଙ୍କ ଲିଖିତ ଗୀତଟିଏ ଏବେବି ପ୍ରତିଧ୍ୱନିତ ହୁଏ- 'ଜୀବନେ ଯାହାକୁ ତୁମେ ପାଇନା ଭଲ, ତା ମରଣେ କିଆଁ ତୁମ ପ୍ରାଣ ଆକୁଳ । / ଆଡ଼ ନୟନରେ ଯା'କୁ ଚାହିଁନା ଥରେ / ତା' ବିହୁନେ କିଆଁ ତୁମ ଅନ୍ତର ଝୁରେ ?'

ପରଲୋକଗତା ପତ୍ନୀଙ୍କୁ ଜୀବନର ଶେଷ ପର୍ଯ୍ୟାୟରେ ଝୁରୁଥିଲେ ନିଶ୍ଚୟ । ତାଙ୍କ ଜୀବଦ୍ଦଶାରେ ତାଙ୍କ ପ୍ରତି ଏତେ ନିଷ୍କରୁଣ କାହିଁକି ହେଲେ ।

ସୁଗାତ୍ରି ଦେବୀଙ୍କ କରୁଣ, ଉଦାସ ମୁହଁକୁ ଏବେବି କଳ୍ପନାରେ ଦେଖେ ବେବି । ଦୀର୍ଘଶ୍ୱାସ ଛାଡ଼େ । ଗୋଟିଏ ପଟେ କବିଚନ୍ଦ୍ରଙ୍କ ପ୍ରାପ୍ତ ବହୁ ପଦକ, ମାନପତ୍ର, ଆଉ ଗୋଟିଏ ପଟେ ତାଙ୍କର ବିଦୀର୍ଣ୍ଣ, ବିଧ୍ୱସ୍ତ ଦାମ୍ପତ୍ୟ । ଏମିତି ବିସଙ୍ଗତି ହୁଏତ ଅବଧାରିତ ବହୁ କଳାକାରଙ୍କ ଜୀବନରେ । ଏଥିପାଇଁ କିଛି ନ୍ୟାୟସଙ୍ଗତ କାରଣ ଖୋଜିଲେ ମିଳିବ ନାହିଁ ।

# ବିଦଗ୍ଧା ବିମଳା



# ବିମଳାଙ୍କ କ୍ଷମାଭିକ୍ଷା

## ଡକ୍ଟର ମଣୀନ୍ଦ୍ର କୁମାର ମେହେର

ପ୍ରଫେସର: ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ,
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର
ବାଲେଶ୍ୱର-୭୫୬୦୮୯
ଫୋନ: ୯୯୩୭୩୬୫୬୯୮

ପୃଷ୍ଠଚିତ୍ର : ଶିଳ୍ପୀ ସଞ୍ଜୟ ରାଉଳ

**ପ୍ରଫେସର୍ ମଣୀନ୍ଦ୍ର କୁମାର ମେହେର୍ ଆମର ଅନୁରୋଧ କ୍ରମେ ଓଡ଼ିଆ ସାହିତ୍ୟର ପ୍ରସିଦ୍ଧ କଥାକାହାଣୀ ମଧ୍ୟରୁ ଅମର ହୋଇ ଉଠିଥିବା କିଛି ଚରିତ୍ରର ବିରଳ ବିଶ୍ଳେଷଣ କରୁଛନ୍ତି, ଖାସ୍ କରି 'ରେବତୀ'ର ପାଠକପାଠିକାଙ୍କ ପାଇଁ । ଏହା ନିୟମିତ ପ୍ରକାଶ ପାଇ ଭିନ୍ନ ଭିନ୍ନ ଚରିତ୍ରକୁ ଚିହ୍ନାଇବ ବୋଲି ଆମର ଆଶା । ଏଥର ବିଖ୍ୟାତ ଗାଳ୍ପିକ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ 'ବଡ଼ପୁଅ' ଗଳ୍ପରୁ ବିମଳା ଚରିତ୍ରର ବିଶ୍ଳେଷଣ ।**



ଲେଖକ ମଣୀନ୍ଦ୍ର କୁମାର ମେହେର

ଆପଣମାନଙ୍କ ମଧ୍ୟରୁ ଯେଉଁମାନେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କୁ ଜାଣିଛନ୍ତି ଓ ତାଙ୍କର 'ବଡ଼ପୁଅ' ଶୀର୍ଷକ ଗଳ୍ପଟି ପଢ଼ିବାର ଅବକାଶ ପାଇଛନ୍ତି, ସେମାନେ ହିଁ ଜାଣି ପାରିବେ ମୁଁ ପ୍ରକୃତରେ କିଏ ? ଯେଉଁମାନେ ପୁଣି ଏ ଗଳ୍ପ ପଠନର ସୁଯୋଗ ପାଇନାହାନ୍ତି, ସେମାନଙ୍କ ପାଇଁ ମଧ୍ୟ ମୁଁ ଆଉଥରେ ପ୍ରକଟ ହେବାର ଆବଶ୍ୟକତା ଯେ କେତେ ରହିଛି ତାହା ଆପଣମାନେ ଅବଶ୍ୟ ହୃଦୟଙ୍ଗମ କରିପାରିବେ ବୋଲି ମୋର ଆଶା ।

ମୋ ନାଁ ବିମଳା । ମୁଁ ଆଜି କାହାକୁ କାହିଁକି କ୍ଷମାଭିକ୍ଷା କରିବାକୁ ଯାଉଛି ତାହା ଜାଣଇବାର ଉତ୍ସୁକତା ସୃଷ୍ଟି ହେବା ସ୍ୱାଭାବିକ । ଗୋଦାବରୀଶ ମିଶ୍ରଙ୍କ 'ବଡ଼ପୁଅ' ଗଳ୍ପର ନାୟିକା ମୁଁ । ବାସ୍ତବରେ ଯଦି ହୋଇଥାନ୍ତି ଆଦର୍ଶ ନାୟିକା, ତା'ହେଲେ ଆଉ ଏ କ୍ଷମାଭିକ୍ଷାର ପ୍ରଶ୍ନ କାହିଁକି ବା ଉଠିଥା'ନ୍ତା । ନିଜର ସ୍ୱଚ୍ଛ ପରିଚୟ ଦେବାକୁ କୁଣ୍ଠିତ ହେବି କାହିଁକି ଏହି କ୍ଷମାଭିକ୍ଷାର ପବିତ୍ର ମୁହୂର୍ତ୍ତରେ ? ମୁଁ ନାୟିକା ନୁହେଁ; ଖଳନାୟିକା । କଥାଟିକୁ ବର୍ଣ୍ଣନା ନକଲେ କେମିତି ବା ଜାଣିପାରିବେ ମୋ ଅପରାଧ କ'ଣ ? ମୋ ସ୍ୱାମୀଙ୍କ ନାମ ହଉଛି ନଟବର । ଆମର କୌଣସି ସନ୍ତାନସନ୍ତତି ନଥିଲେ । ଏଥିପାଇଁ ମୁଁ ନିଜକୁ କାହିଁକି ଅବା ଦୋଷୀ ବୋଲି ସ୍ୱୀକାର କରନ୍ତି ! ସ୍ୱାମୀଙ୍କ ଉପରେ ହିଁ ସବୁଦୋଷ ଲଦିଦେଇ ମୋର କ୍ରୋଧ ଓ ଅସଦାଚରଣ ପ୍ରଦର୍ଶନ କରୁଥିଲି ଅତି ନିଷ୍ଠୁର ଭାବରେ ।

ମୁଁ ଦେଖେଁ ମୋ ସ୍ୱାମୀ ଘରୁ ବାହାରି କୁଆଡ଼କୁ ଯାଆନ୍ତି ଅନେକ ବେଳ ପାଇଁ, ଆଉ ଫେରିଆସନ୍ତି ପୁଣି ସେହି ନିର୍ଦ୍ଦିଷ୍ଟ ସ୍ଥାନରୁ । ଘରୁ ବାହାରି ଗଲାବେଳେ ତାଙ୍କ ବିରସ ବଦନ ପ୍ରତ୍ୟକ୍ଷ କରୁଥିଲି ମୁଁ । ଆଉ ଫେରି ଆସିବା ବେଳକୁ ଦେଖୁଥିଲି ତାଙ୍କ ପ୍ରଶାନ୍ତ ଓ ପ୍ରସନ୍ନ ମୁଖମଣ୍ଡଳକୁ । ମୁଁ କ'ଣ ଜାଣିଥିଲି ଏହାର ରହସ୍ୟ ହୋଇପାରେ କଣ ?

ମୁଁ ଜାଣିବା ବେଳକୁ ଘଟଣା ବହୁତ ଗଭୀରକୁ ଯାଇ ସାରିଥିଲା । ସେ ବିଷୟ ଅନ୍ୟ କିଛି ନୁହେଁ, ଚାଳିଶ ବର୍ଷ ଅତିକ୍ରମ କରିଥିବା ମୋ ସ୍ୱାମୀଙ୍କର ଆତ୍ମୀୟତା ପ୍ରତିଷ୍ଠିତ ହୋଇଥିଲା ପନ୍ଦର ଷୋହଳ ବର୍ଷ ବୟସ୍କ ପୁଅଟିଏ ସହିତ ଯାହାକୁ ସ୍ୱାମୀ ମୋର ପୁତ୍ରବତ୍ ଗ୍ରହଣ କରି ସାରିଥିଲେ । ଗୋଦାବରୀଶ ମିଶ୍ର ଏ ଗଳ୍ପଟି ଲେଖିବା ପରେ ହିଁ ମୁଁ ଜାଣିଲି ଯେ, ମୋ ସ୍ୱାମୀଙ୍କ ପ୍ରତି ଏହି ପୁଅପିଲାଟି କାହିଁକି ଆକୃଷ୍ଟ ହୋଇଥିଲା । ଯେଉଁ ମଣିଷଟି ମଧ୍ୟରେ ପିଲାଟି ଖୋଜୁଥିଲା ସୂକ୍ଷ୍ମସ୍ତରର ସହାନୁଭୂତି, ସେହି ଦୃଶ୍ୟ ଦେଖିଥିଲା ସେ ମୋ ସ୍ୱାମୀଙ୍କ ବ୍ୟବହାରରେ । ପିଲାଟିର ନାଁ ହେଉଛି କୃଷ୍ଣ । ମୋ ସ୍ୱାମୀ ମୋ ଉଚ୍ଚାରିତ ଉତ୍ତପ୍ତ ବାକ୍ୟ ପୀଡ଼ିତ ହୋଇ ବାହାରି ଯାଆନ୍ତି ଘରୁ । ରାସ୍ତାରେ ଏହି କୃଷ୍ଣ ସହିତ ତାଙ୍କର ଦେଖାହୁଏ । ଆଉ ଉଭୟଙ୍କ ମଧ୍ୟରେ କେତେ ଭାବ ବିନିମୟ ହୋଇଥାଏ । ହଁ । ମୁଁ କହୁଥିଲି ପରା କାହିଁକି କୃଷ୍ଣ ମୋ ସ୍ୱାମୀଙ୍କୁ ପିତୃପ୍ରତିମ ଜ୍ଞାନ କଲା ? ଥରେ ସେ ଦେଖିଲା ଯେ, ଦିନେ ଶୀତକାଳରେ ଜଣେ ଦରିଦ୍ର ବ୍ୟକ୍ତି ଫୁଙ୍ଗା ହୋଇ ଥରୁଥିବା ବେଳେ ସେ ଦେଖିଥିଲା ଯେ ମୋ ସ୍ୱାମୀ ନିଜର ଘୋଡ଼େଇ ହେଉଥିବା ଚାଦର ଖଣ୍ଡିକ ତାକୁ ଦେଇ ଦେଇଥିଲେ । ଆଉ ଦିନେ ଦେଖିଲା, ଦୁଇଟି ବାଳିକା ପଢ଼ିଆର ଘାସପତ୍ର ଖାଇବା ପାଇଁ ତୋଳି ନେଉଥିଲେ । ମୋ ସ୍ୱାମୀ ନଟବରଙ୍କ ଦୀର୍ଘଶ୍ୱାସ ଓ ଦୁଇ ଅଶ୍ରୁପୂର୍ଣ୍ଣ ଚକ୍ଷୁ ଦେଖି କୃଷ୍ଣ ହୃଦୟରେ ସୃଷ୍ଟି ହୋଇଥିଲା ଭକ୍ତିର ଭାବାବେଗ । ମୋ ସ୍ୱାମୀ ନିଶ୍ଚିତ ଭାବରେ ଯେ ଜଣେ ଜ୍ଞାନୀ ବ୍ୟକ୍ତି, ଏଥିରେ ସନ୍ଦେହ ନାହିଁ । କିନ୍ତୁ କୃଷ୍ଣ ସେପରି ଉପାଦାନରେ ଗଢ଼ା ହୋଇ ନଥିଲା ଯେ, ଜ୍ଞାନ ଦେଖି ମୁଗ୍ଧ ହେବ । ଯେତେବେଳେ ଏହି ମାନବିକ ସହାନୁଭୂତିର ସଜଳ ଚିତ୍ର ଦେଖିଥିଲା ସେ ସ୍ୱାମୀଙ୍କ ନିକଟରେ, ସେଦିନ ଠାରୁ ନିଜକୁ ସମର୍ପିତ କରିଦେଇଥିଲା ପୁତ୍ର-ହୃଦୟର ବ୍ୟାକୁଳତା ନେଇ । ଏପରି ଘନିଷ୍ଠତାର ପରିଣାମ ହେଲା କୃଷ୍ଣ ଧିରେ ଧିରେ ଆସିଲା ଆମ ଘର ଗୋବିନ୍ଦପୁରକୁ । ପ୍ରତିଦିନ ସ୍ୱାମୀ ଓ କୃଷ୍ଣଙ୍କ ଆତ୍ମୀୟତା ଭରା ଆଳାପ ଶୁଣି ଶୁଣି ମୋର ହୃଦୟ ମଧ୍ୟ କେତେକାଂଶରେ କୋମଳ ହୋଇଯାଇଥିଲା । ମୁଁ ବି କୃଷ୍ଣକୁ ମୋର ପ୍ରଚଣ୍ଡ ରୂପ ଦର୍ଶନ କରାଇବା ପାଇଁ ଚାହୁଁନଥିଲି । ପ୍ରଥମେ ପ୍ରଥମେ ତାକୁ ଦେଖି ଲୁଚିଥିଲି । ମୋ ସ୍ୱାମୀଙ୍କ ପ୍ରତି ଆତ୍ମୀୟତା ସୂଚକ କୌଣସି ଶବ୍ଦର ବ୍ୟବହାର କରିନଥିବା ବେଳେ କୃଷ୍ଣ କେଉଁ ଏକ ପ୍ରେରଣାପୂର୍ଣ୍ଣ ମୁହୂର୍ତ୍ତରେ ମୋତେ 'ମାଆ'ବୋଲି ଡାକିବାକୁ ଆରମ୍ଭ କରିଦେଇଥିଲା । ସେଦିନ ଠାରୁ ମାତୃ-ସୁଲଭ ସ୍ନେହ ପ୍ରକଟ କରିବାରେ ମୁଁ କାହିଁକି ବା ତ୍ରୁଟି କରିଥାଆନ୍ତି । କୃଷ୍ଣ ଖାନ୍‌ଦାନ୍ ଘରର ପିଲା । ମାତ୍ର ତା'ର ସମସ୍ତ ବୁଦ୍ଧିବୃତ୍ତି ସେ ପ୍ରୟୋଗ କଲା ଆମର ସମ୍ପଦ ବୃଦ୍ଧି କରିବା ପାଇଁ । ମୋ ସ୍ୱାମୀ ତ ସରସ୍ୱତୀଙ୍କ ନିରାଜନାରେ ସମର୍ପିତ । ଲକ୍ଷ୍ମୀ ଆସନ୍ତେ କୁଆଡୁ ଆମ ଘରକୁ । କୃଷ୍ଣର ତତ୍ତ୍ୱାବଧାନରେ ଜମିବାଡ଼ିର ଚାଷକାର୍ଯ୍ୟ ଯେପରି ବଢ଼ିବାକୁ ଲାଗିଲା ତାହା ଦେଖି ମୁଁ ବି ଆଶ୍ଚର୍ଯ୍ୟ ହୋଇଗଲି । ଆହୁରି ଆଶ୍ଚର୍ଯ୍ୟଜନକ କଥା ହେଲା ସେ ନିଜ ଘରକୁ ନଯାଇ ରହିଲା ଆମରି ଘରେ । ମୋ ସ୍ୱାମୀ ତ ସବୁ ବିଷୟରେ ଉଦାସୀନ । ଖାଇବାକୁ ଯାଉଥିବେ, ଆଉ ଦେଖିବେ ଯେଉଁଦିନ ଦ୍ୱାରକୁ ଆସିଲା ଭିକାରୀଟିଏ ନିଜ ନିମନ୍ତେ ବଢ଼ା ହୋଇଥିବା ଖାଦ୍ୟ ତାକୁ ଦେଇ ନିଜେ ରହନ୍ତି ଉପବାସରେ । ମୋ ସ୍ୱାସ୍ଥ୍ୟ ପ୍ରତି ସେଥିପାଇଁ ସେ ସଜାଗ ରହିପାରନ୍ତି

ନାହିଁ । ମୁଁ ଜାଣେ ଯେ ମୋ ପ୍ରତି ତାଙ୍କର ବିରାଗ କିଛି ନାହିଁ । ଅର୍ଥାଭାବ ମଧ୍ୟ ଏକ କାରଣ ମୋ ସ୍ୱାସ୍ଥ୍ୟର ଯତ୍ନ ନେଇ ନପାରିବାର । ଏଭଳି ଅବସ୍ଥାରେ କୃଷ୍ଣର ଆଗମନ ସ୍ୱାମୀଙ୍କ ଓ ମୋ ଭିତରେ ଥିବା ବ୍ୟବଧାନକୁ ସଂକୁଚିତ କରି ଦେଇଥିଲା । ମୋ ଭିତରେ ଯେଉଁ କ୍ରୋଧ ଓ ଯନ୍ତ୍ରଣାର ଅଗ୍ନିକଣା କୁହୁଳୁ ଥିଲା, କୃଷ୍ଣର ମଧୁର ବ୍ୟବହାରର ବାରିଧାରାରେ ତାହା ଶାନ୍ତ ହୋଇଗଲା । ମୋ ଉପଯୁକ୍ତ ଚିକିତ୍ସା ଦ୍ୱାରା ରୋଗ ମଧ୍ୟ ଠିକ୍ ହୋଇଗଲା । ମୁଁ ତ ପ୍ରୌଢ଼ା ବୟସରେ ଉପନୀତ ହୋଇ ଯାଇଥିଲି । ଏହି ନୂତନ ପୁତ୍ର ସ୍ନେହରେ ମୋର ବିଗତ ଯୌବନ ଯେମିତି ପୁଣି ହେଇ ଆସିଲା । କୃଷ୍ଣ ଆମ ଘରକୁ ଆସିବାର ଛ'ବର୍ଷ ବିତିଗଲା ପରେ ତା'ର ବିବାହ ପାଇଁ ଆମେ ପାତ୍ରୀ ଠିକ୍ କରିଥିଲୁ । ଠିକ୍ ଏହିପରି ସମୟରେ ମୋ ଗର୍ଭରୁ ଜନ୍ମନେଲା ଏକ ପୁତ୍ରସନ୍ତାନ । ତେଣୁ କୃଷ୍ଣର ମଙ୍ଗଳ କୃତ୍ୟ ଉତ୍ସବ ପାଇଁ ଆଉ ମୋ ମନରେ ନଥିଲା ସ୍ଥାନ । ତା'ର ବିବାହ ହୋଇଗଲା ସ୍ଥଗିତ । ମୋ ପୁଅର ନାଁ ଦିଆ ଯାଇଥିଲା ଦିନମଣି । ଦିନମଣିର ବୟସ ବଢ଼ିବା ସଙ୍ଗେ ସଙ୍ଗେ ମୁଁ ଆଉ କୃଷ୍ଣ ପ୍ରତି ସେତିକି ସ୍ନେହ ପ୍ରକାଶ କରି ପାରିଲିନି । ମୋର ତ ସଂକୀର୍ଣ୍ଣ ମାତୃ-ହୃଦୟ । ମୋ ଭିତରେ ଥିବା ଆବର୍ଜନା ପୁଣି ନିର୍ଗତ ହେବାକୁ ଲାଗିଲା କୃଷ୍ଣ ଉଦ୍ଦେଶ୍ୟରେ । ମୋର ଶବ୍ଦ ବହୁଳ ତାଡ଼ନା ଭର୍ତ୍ସନା, ନିନ୍ଦା ଓ ତିରସ୍କାରରେ କୃଷ୍ଣର ଆମ ଘରେ ଆଶ୍ରୟ ନେବା ହେଲା କଠିନ । କୃଷ୍ଣ ଆଉ ବିବାହ କରିବ ନାହିଁ ବୋଲି ନିଷ୍ପତ୍ତି ନେଇ ଯାଇଥିଲା ଏଭଳି ପରିସ୍ଥିତିରେ । ମୋ ସ୍ୱାମୀ ଦୁଃଖ ଲଜ୍ଜା ଓ ସନ୍ତାପରେ ହୋଇ ଯାଇଥିଲେ ମ୍ରିୟମାଣ । ଖାଲି କୃଷ୍ଣ ପ୍ରତି ତାଙ୍କର ଶୁଷ୍କ କର୍ତ୍ତବ୍ୟ ମାତ୍ରନଥିଲା । କୃଷ୍ଣ ସହିତ ତାଙ୍କର ବନ୍ଧନ ଏପରି ଅଚ୍ଛେଦ୍ୟ ଥିଲା ଯେ ନନ୍ଦରାଜା ଓ ଶ୍ରୀକୃଷ୍ଣଙ୍କ ସଂପର୍କ ପରି ତାହା ହୃଦୟର ସୂକ୍ଷ୍ମତନ୍ତ୍ରୀ ସହିତ ଥିଲା ଜଡ଼ିତ । କୃଷ୍ଣର ଦୁର୍ଗତି ଦେଖି ଏକାନ୍ତରେ ଯେତେବେଳେ ଦୁଃଖ ଆଉ ଅନୁତାପରେ ମୋ ସ୍ୱାମୀ ଅଶ୍ରୁ ବିସର୍ଜନ କରୁଥିଲେ, ତାହା ଲକ୍ଷ୍ୟ କରୁଥିଲି ମୁଁ ଭଲ ଭାବରେ । ଯିଏ କୃଷ୍ଣର ପ୍ରକୃତ ପିତା, ସେ ତାଙ୍କ ଅନ୍ୟ ପୁତ୍ରଟିର ସଂସାର ଗଢ଼ିଦେବା ପରେ ଚାଲିଗଲେ ଇହଧାମ ଛାଡ଼ି । ଏଇ ପିଲାଟିର ନାଁ ରାମ । ଶେଷ ନିଃଶ୍ୱାସ ତ୍ୟାଗ କଲାବେଳେ ସେ ରାମକୁ କହିଥିଲେ କୃଷ୍ଣ ପରି ପିଲା ଜଗତରେ ଦୁର୍ଲ୍ଲଭ । ସେ ତୋର ବଡ଼ଭାଇ, ତେଣୁ ପିତୃତୁଲ୍ୟ । ରାମ ବାରମ୍ବାର ଡାକିଛି କୃଷ୍ଣକୁ ନିଜ ଘରକୁ ଫେରି ଆସିବା ଲାଗି । ମାତ୍ର କୃଷ୍ଣ ସେଥିରେ ମନ ବଳାଇନାହିଁ । ଦିନେ ତ ସ୍ୱାମୀଙ୍କ ପ୍ରତି ଏତେ ରାଗ ଲାଗିଲା ଯେ କହି ପକାଇଲି- "ଆଚ୍ଛା ଏ କି ନାଟ ତୁମର । ପର ପିଲାଟାଏ ଘରେ ଆସି ଏତେ କାଣ୍ଡ କରିବ ମୁଁ ଯେମିତି ଏ ଘରେ କେହି ନୁହେଁ । ମୋ ଦିନମଣି କେହି ନୁହେଁ । ଏକଥା ମୁଁ ଆଉ ବେଶୀଦିନ ବରଦାସ୍ତ କରିବି ନାହିଁ ।" ସ୍ୱାମୀ ଏବଂ କୃଷ୍ଣକୁ ମୁଁ ଠିକ୍ ଭାବରେ ଖାଇବାକୁ ବି ଦେଲିନି । ଘରେ ରହିବା ଭଳି ପରିସ୍ଥିତି ବି ବିଗାଡ଼ିଦେଲି ସମ୍ପୂର୍ଣ୍ଣ ଭାବରେ । କୃଷ୍ଣ ସମଗ୍ର ଜଗତରେ ଆଉ କାହା ସହିତ ଏପରି ବନ୍ଧନଯୁକ୍ତ ହୋଇନଥିଲା । ଆହାଃ, ସିଏ ଚାକରଟିଏ ପରି ରହିଲା ଘରେ । କାମଦାମ କଲା । ବାହାରେ ଖାଇଲା, ପଦାରେ ଶୋଇଲା । ମୋତେ ଲାଗିଲ ଏ କୃଷ୍ଣ ମୋ ଦିନମଣି ପାଇଁ ରିଷ୍ଟ । ଏପରିକି ସେ ମୋ ପୁଅକୁ ତଣ୍ଟି ଚିପିଦେଇ ମାରି ଦେଇପାରେ, ଏପରି ଭାବନା ମୋ ଭିତରକୁ କେମିତି ଯେ ଆସିଲା ତାହା ଭାବିଲେ ନିଜେ ଆଶ୍ଚର୍ଯ୍ୟ ହୋଇଯାଉଛି ଆଜି । ମୋ ବ୍ୟବହାରରେ ଆଉ ମନୋଭାବରେ ଅତିଷ୍ଠ କୃଷ୍ଣ ଦିନେ ହୋଇଗଲା ନିରୁଦ୍ଦିଷ୍ଟ । ସ୍ୱାମୀ ତ ମୋର ଶୀର୍ଣ୍ଣକାୟ ହୋଇପଡ଼ିଲେ । ତା' ନିଜଭାଇ ରାମ ମୃତବତ୍ ହୋଇପଡ଼ିଲା । କିନ୍ତୁ ମୋତେ ତ ବାଘୁଣୀ ସହିତ ମଧ୍ୟ ତୁଳନା କରା ଯାଇନପାରେ । ଖଳନାୟିକା ମୁଁ ଏଥିରେ ନିଶ୍ଚିନ୍ତ ହୋଇ ନିଶ୍ୱାସ ମାରିଲି । ଭାବିଲି ଯାହା ହଉ ଦିନମଣିର ରାସ୍ତା ନିଷ୍କଣ୍ଟକ ହୋଇଗଲା । କହିଲି- ଯାଇଛି ତ ପାପ । ପୁଣି ବଞ୍ଚିରହି ଫେରି ନଆସିଲେ ରକ୍ଷା ।

ଏଇ ଦିନମଣି ଟିକିଏ ବଡ଼ହେବା ପରେ ମୋର ଆଉ ଗୋଟିଏ ପୁତ୍ର ଲାଭ ହେଲା, ଦିନମଣି ଉପନୀତ ହେଲା ଯୌବନରେ । ମୋ ଭଳି ପିଶାଚିନୀ ମାତାର ଶ୍ରଦ୍ଧା ଭିତରେ କି ସୁଗୁଣ ବା ରହିଥିବ ଯେ ସେ ହୋଇ ପାରିଥାନ୍ତା ଭଲ ମଣିଷଟିଏ ! ସେ ପରିଣତ ହେଲା ଏକ ଉଗ୍ର ଯୁବକ ରୂପରେ । କାହାକୁ ତା'ର ଭ୍ରୂକ୍ଷେପ ନାହିଁ । ବଡ଼ସାନ ବିଚାର ନାହିଁ । ମୋ କଥା ମାନେ । ତା'ବାପାର କଥା ଆଦୌ ମାନେ ନାହିଁ । କୃଷ୍ଣକୁ ଯଦି କେହି ଗାଁରେ ପ୍ରଶଂସା କରେ ଦିନମଣି ଈର୍ଷାରେ ଜଳିଯାଏ । ଏ ଈର୍ଷା ତା' ଭିତରେ ଭରିଛି କିଏ ? ଆଉ କ'ଣ ସେ କଥା ବୁଝାଇବା ଆବଶ୍ୟକ । ଏତେ ଉଗ୍ରତା, ଅଭଦ୍ରତା ଓ କ୍ରୋଧ ଦିନମଣିର ବଢ଼ିଗଲା ଯେ, ଦିନେ ଜଣେ ଭିକାରୀ ଆମ ଦ୍ୱାରକୁ ଭିକ ମାଗି ଆସିଥିବା ବେଳେ ପ୍ରଚଣ୍ଡ କ୍ରୋଧରେ ତାକୁ ପ୍ରହାର କରୁଁ କରୁଁ ତା ନିରୀହ ପ୍ରାଣଟି ଚାଲିଗଲା । ଓହୋଃ, ସେ କି ବିଭତ୍ସ ଦୃଶ୍ୟ ! ସମସ୍ତେ କହିଲେ ନଟବରଙ୍କ ବଡ଼ପୁଅ ନରହତ୍ୟା କରିଛି । ଆଜିକାଲି ପରି ସେତେବେଳେ ଆଇନ ଅଦାଲତ ନଥିଲା, ଭୋଁସଲା ଅଧିନରେ ରାଜାମାନେ ରାଜ୍ୟ ଶାସନ କରୁଥିଲେ । ରାଜା ନରହତ୍ୟା ଦାଣ୍ଡରେ ଯେଉଁ ଦଣ୍ଡ ବିଧାନ କଲେ ମୋ ଦିନମଣିକୁ ତାହା ଶୁଣି ହୃଦୟ ମୋର ଫାଟିଗଲା ଖଣ୍ଡଖଣ୍ଡ ହୋଇ । ମୋ ସ୍ୱାମୀ ଆଉ ମୁଁ କେତେ ଅଶ୍ରୁ ବିସର୍ଜନ କଲୁ, ତାହାର କ'ଣ ସୀମା ଅଛି !



କୃଷ୍ଣ ତ ପିତୃ ଗୃହକୁ ନଫେରି ବନ ପ୍ରାନ୍ତରରେ ବୁଲି ବୁଲି ସେତେବେଳେ ଦରବୁଢ଼ା । ସୁଖଦୁଃଖ ହସକାନ୍ଦ ମଧ୍ୟରେ ସିଏ ପ୍ରଭେଦ ଭୁଲି ଯାଇଥିଲା । ଯେତେବେଳେ ଶୁଣିଲା ନଟବରଙ୍କ ବଡ଼ପୁଅ ଫାଶୀ ପାଇବାକୁ ଯାଉଛି, ସେତେବେଳେ ଚିତ୍କାର କରିଉଠିଲା ସେ: "ନଟବରଙ୍କ ବଡ଼ପୁଅ ! ସେ ତ ମୁଁ ।" ଆଶ୍ଚର୍ଯ୍ୟଜନକ ଭାବରେ ପହଞ୍ଚିଲା ସେ ଫାଶୀଖୁଣ୍ଟ ପାଖରେ । ଦିନମଣିକୁ ଫାଶୀ ଦେବାର ଠିକ୍ ପୂର୍ବ ମୁହୂର୍ତ୍ତରେ ସିଏ ପ୍ରମାଣ କରିଦେଲା ଯେ ସେ ହେଉଛି ନଟବରଙ୍କ ବଡ଼ପୁଅ । ଆଉ ସିଏ ହିଁ ହେଉଛି ଅପରାଧୀ । ଫାଶୀ ପାଇବା ପାଇଁ ସେ ହେଉଛି ପ୍ରକୃତ ଦୋଷୀ । ମୋ ସ୍ୱାମୀ ବହୁ ଚେଷ୍ଟା କରିଥିଲେ ସେ ତାଙ୍କର ବଡ଼ପୁଅ ନୁହେଁ ବୋଲି ପ୍ରମାଣିତ କରିବା ଲାଗି । ବିଫଳ ହୋଇଗଲା ସକଳ ପ୍ରମାଣ । କୃଷ୍ଣର ମୁହଁରୁ କଳାକନାର ଢାଙ୍କୁଣି ପଡ଼ିଗଲା ।

ଠିକ୍ ଏହି ସମୟରେ ହିଁ, ମୋ ହୃଦୟକୁ ଢାଙ୍କି ରହିଥିବା ଅହଙ୍କାରର ଘୋଡ଼ଣୀ ଖୋଲିଗଲା । କୃଷ୍ଣ କିଏ, ତାହା ଚିହ୍ନି ପାରିଲା ମୋର ଅନ୍ତରାତ୍ମା । ଯାହାର ଜୀବିତାବସ୍ଥାରେ ବଡ଼ପୁଅ ବୋଲି ଆଦର କରିପାରିଲି ନାହିଁ, ତା'ର ମୃତ୍ୟୁ ପରେ ବଡ଼ ପୁଅ ବୋଲି ସମ୍ବୋଧନ କରି ଅଜସ୍ର ଲୁହର ବନ୍ୟା ବୋହି ଯାଉଛି ମୋତେ ଭସାଇ ନେଇ । ମୁଁ ଆଜି ଆପଣମାନଙ୍କ ସମ୍ମୁଖରେ ଛିଡ଼ା ହୋଇଛି ସିନା କ୍ଷମା ପ୍ରାର୍ଥନୀ ଭାବରେ, କିନ୍ତୁ ମୁଁ ଜାଣେ ସେଥିପାଇଁ ମୋର ଯୋଗ୍ୟତା ନାହିଁ । ଏହି ମୁହୂର୍ତ୍ତରେ ମନେ ହେଉଛି କୃଷ୍ଣ ଫାଶୀ ପାଇ ନାହିଁ । ମୋ ଭିତରର ପିଶାଚିନୀଟିକୁ ଯେପରି ବିଧାତା ଦେଲେ ଫାଶୀଦଣ୍ଡ । ଆଉ କୃଷ୍ଣକୁ ପ୍ରଦାନ କଲେ ଅମରତ୍ୱର ଆଲୋକ । ଆଗରୁ ମୁଁ କହିଥିଲି ନା, କୃଷ୍ଣ ପ୍ରତି ମୋ ସ୍ୱାମୀଙ୍କ ବାତ୍ସଲ୍ୟ ପ୍ରୀତି ଗୋପପୁରର ନନ୍ଦରାଜାଙ୍କ ପରି । ଦୁର୍ଭାଗ୍ୟ ହେଲା ମୁଁ ଯଶୋଦା ହୋଇ ପାରିଲିନି ମୋ ଜୀବନରେ । କି ପାପିନୀ ମୁଁ- ତାହା ସମସ୍ତେ ଜାଣି ପାରୁଥିବେ ଏହି ଘଟଣାରୁ । ଏପରି କେଉଁ ଗଙ୍ଗାଜଳ ଅଛି, ଯାହା ଧୋଇଦେଇ ପାରିବ ମୋର ପାପପୂର୍ଣ୍ଣ କର୍ମଧାରାକୁ ? ଆପଣମାନଙ୍କ ମଧ୍ୟରେ କାହା ହୃଦୟରେ ରହିଛି ଏତେ କ୍ଷମା ଯେ, ମୋ ପ୍ରତି ସେଥିରୁ ବିନ୍ଦୁଟିଏ ଝରିବ ? ମୁଁ ବି ଏଥିପାଇଁ ଆକାଂକ୍ଷା ପୋଷଣ କରିବା କି ମୂର୍ଖତା, ତାହା ଅନୁଭବ କରିପାରୁଛି । ଅନ୍ୟ କିଛି ଶବ୍ଦ ପାଇଲି ନାହିଁ ବୋଲି ନିଜକୁ କ୍ଷମା-ପ୍ରାର୍ଥନା ବୋଲି ବର୍ଣ୍ଣନା କରିଛି ମାତ୍ର । ବାସ୍ତବରେ ଏହା ମୋର କ୍ଷମା ଯାଚନା ନୁହେଁ । ବରଂ ଏହା ହେଉଛି କଠୋର ଦଣ୍ଡଭିକ୍ଷା । ଆପଣମାନେ ଯେତେ ନିଷ୍ଠୁର ହେଲେ ମଧ୍ୟ ତାହା ଯଥେଷ୍ଟ ହୋଇପାରିବ ନାହିଁ । ପଶ୍ଚାତ୍ତାପରେ ମୋ ଜୀବନର ପ୍ରତିଟି ମୁହୂର୍ତ୍ତ ଏବେ ନଦୀ ସ୍ରୋତ ପରି ପ୍ରବାହିତ, ବିଗଳିତ । ଶେଷ ନିଃଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ଯେଉଁ ଅନୁତାପ କରୁଥିଲି, ତାହା ବି ପର୍ଯ୍ୟାପ୍ତ ବିବେଚିତ ହେବ ନାହିଁ ।



ମରିଗଲା ପରେ ମୋ ପ୍ରେତାତ୍ମା ମଧ୍ୟ ପାଇବ ନାହିଁ ଶାନ୍ତି । ମୋ ବଡ଼ପୁଅ କୃଷ୍ଣକୁ କୋଳରେ ଥରେ ବସାଇ ଆଲିଙ୍ଗନ କରିବା ପାଇଁ ଆଉ ଏକ ଜନ୍ମରେ ସୁଯୋଗ ମିଳିବ ମତେ ? ଜନ୍ମଜନ୍ମାନ୍ତର ମୁଁ କୃଷ୍ଣର ମାଆ ହୋଇ ଜନ୍ମନେବାକୁ କରୁଛି ପ୍ରାର୍ଥନା ଏବଂ ମୋର ହୃଦୟ କୃଷ୍ଣ ପ୍ରତି ବାତ୍ସଲ୍ୟ ଭାବରେ ପରିପୂର୍ଣ୍ଣ ନହେବା ପର୍ଯ୍ୟନ୍ତ ଏହି ଶୂନ୍ୟତା ଆଉ ହାହାକାରରେ ପୀଡ଼ିତ ହୋଇ ରହିଥିବ ମୋ ଆତ୍ମା । ମୋର କ'ଣ ସେ ଭାଗ୍ୟ ଆଉଥରେ ଫେରି ଆସିବ ? କୃଷ୍ଣ ମତେ ଆଉଥରେ ଆଉ ଏକ ଜନ୍ମରେ ପୁଣି ଡାକିବ ମଧୁର କଣ୍ଠସ୍ୱରରେ 'ମାଆ'ବୋଲି ? ମୁଁ ଜାଣେନା ସେତିକି ଭାଗ୍ୟବତୀ ହୋଇ ପାରିବି କି ନା । ବିଶ୍ୱବିଧାତାଙ୍କ ଚରଣ ତଳେ ମୁଣ୍ଡ ରଖି କୃଷ୍ଣର ଚରଣ ଯୁଗଳକୁ ଭଗବାନଙ୍କ ପାଦପଦ୍ମ ବୋଲି ଭାବି ମୁଣ୍ଡ ପିଟୁଥିବି କାଳକାଳ ବ୍ୟାପୀ । ହୃଦୟ ଫଟାଇ କ୍ରନ୍ଦନ କରୁଥିଲି ଅହରହ । କୃଷ୍ଣ ତ ପୁତ୍ର ନୁହେଁ, ସେ ଭଗବାନଙ୍କ ଅବତାର । ଆହାଃ, ମୋ ଦିନମଣିର ଉଗ୍ରତା ସେହି ଉଦାରତାର ସାମାନ୍ୟ ସ୍ପର୍ଶରେ ତରଳି ଯାଆନ୍ତି କି ବରଫ ପରି ! ଆମର ଚାରିତ୍ରିକ ପରିବର୍ତ୍ତନ ହିଁ ହେଉଛି ଏକମାତ୍ର ମାର୍ଗ, ଯେଉଁଥିରେ ପ୍ରାପ୍ତ ହେବ ମୁକ୍ତିର ଅନୁଭବ । ଯେଉଁ ରାସ୍ତାରେ ଚାଲୁଥିଲା କୃଷ୍ଣ, ସେ ରାସ୍ତାକୁ ଧୂଳି ମାଟିକୁ ପ୍ରଣାମ ମୋର । ମୋର ଯେଉଁ ସ୍ୱାମୀ ତାଙ୍କ ହୃଦୟରେ ବାନ୍ଧି ରଖିଥିଲେ କୃଷ୍ଣକୁ, ସେ ହୃଦୟକୁ କୋଟି ନମସ୍କାର । ଶୀତଦିନ ଆସିଲେ ମୁଁ ଘୁରି ବୁଲିବି ଗଳି ଉପଗଳିରେ ଫୁଙ୍ଗୁଳା ଦେହରେ କମ୍ବଳଟିଏ ଢାଙ୍କି ଦେବା ପାଇଁ । ସ୍ଥାନ ଆସ୍ଥାନରେ ଖାଦ୍ୟ ଅନ୍ୱେଷଣରେ ବ୍ୟାକୁଳ ଅନାଥ ପିଲାଙ୍କୁ ଡାକିଆଣି ଘରେ ଖାଦ୍ୟ ପରଶି ଦେବା ପାଇଁ ମୋ ଚିତ୍ତ ଆଜି ଅଧିର । ମୋ ଦିନମଣିକୁ ବି କହି ଦେଇଛି- ବାବୁରେ, ଯେଉଁ ସୁଗୁଣ ତୋ ବାପାଙ୍କ ପାଖରେ ଦେଖି କୃଷ୍ଣ ହୋଇଥିଲା ବଶୀଭୂତ, ସେହି ସୁଗୁଣର କିଞ୍ଚିତ୍ ଅମୃତବିନ୍ଦୁ ତୋ ଉଦେଶ୍ୟରେ ଛିଞ୍ଚାଡ଼ି ହୋଇପଡ଼ିଲେ ବି ତୁ ହୋଇଯିବୁ ଧନ୍ୟ ! ଆମେ ମାଆ ପୁଅ ଦୁଇଜଣ ସ୍ୱାମୀଙ୍କ ଆଦର୍ଶରେ ଦୀକ୍ଷିତ ହୋଇଯିବା ଦ୍ୱାରା ହୁଏତ କିଞ୍ଚିତ୍ ପଶ୍ଚାତ୍ତାପର ଭୂମିକା ନେଇପାରେ ସେ କର୍ମ । ମୁଁ ନିଜ ପାପ କଥା କହି ଚାଲିଥିଲେ ସରିବ ନାହିଁ । କାନ୍ଥରେ ଯେତେ ମୁଣ୍ଡ ବାଡ଼େଇଲେ ଆଉ ଜୀବନ ହାରିଦେଲେ ବି ଏପାପର କ୍ଷମା କାହିଁ ? ଚିର ଅନୁତପ୍ତା, ଚିର ଦୁଃଖିନୀ, ଚିର ପାପିନୀ ନିଜ ଜୀବନର ଏସବୁ ଦୋଷକୁ ସ୍ୱୀକାର କରିପାରିନଥିଲେ କ'ଣ ପାଇପାରିଥା'ନ୍ତା ଶାନ୍ତିର ବିନ୍ଦୁଏ ଶୀତଳତା ? ଯାହାବି ହେଉ, ଆପଣ ମୋତେ କ୍ଷମା କରନ୍ତୁ ବା ଧୀକ୍କାର କରନ୍ତୁ, ମୁଁ ନିଜକୁ ଆପଣମାନଙ୍କ ଆଗରେ ଖୋଲି ଦେଇନପାରେ ଭୋଗୁଥିଲି ଯେଉଁ ଯନ୍ତ୍ରଣା ସେଥିରୁ ହୁଏତ ସାମାନ୍ୟ ଉଶ୍ୱାସ ଅନୁଭବ କରିପାରେ ମୋର ଅନ୍ଧକାରାବୃତ୍ତ ଅହମିକା । କଣ୍ଠ ଫଟାଇ ଡାକିବାକୁ ଇଚ୍ଛା ହେଉଛି-କୃଷ୍ଣ ! ବାବୁରେ ତୁ ହିଁ ମୋର ବଡ଼ପୁଅ । ତୋତେ ପାଖରେ ନପାଇବା ଯାଏଁ ଜନ୍ମ ଜନ୍ମାନ୍ତର ବ୍ୟାପୀ କ୍ରନ୍ଦନ ରୋଳରେ ଦଗ୍ଧୀଭୂତ ହେଉଥିବ ମୋ ହୃଦୟ । କୃଷ୍ଣ ! କୃଷ୍ଣ ! କୃଷ୍ଣ ! ଏହି ମଧୁର ଧ୍ୱନିରେ ପରିପୂର୍ଣ୍ଣ ହୋଇଯାଏ ମୋର ଅନ୍ତଃସତ୍ତା । ଆଉ ଯାହା ତ ଘଟିଯାଇଛି, ତାହାକୁ ବଦଳାଇ ଦେବାର ଶକ୍ତି ନାହିଁ ମୋର, ଭଗବାନ ଏତିକି ଦୟା କରନ୍ତୁ ଯେମିତି ମୁଁ ବଦଳିଯାଏ, ବଦଳି ଯାଉଥାଏ ଯଶୋଦା ରୂପରେ ପରିବର୍ତ୍ତିତ ହୋଇଯିବା ପର୍ଯ୍ୟନ୍ତ ।

ମୁଁ କିଏ, ଏବେ ଜାଣିଲେ ତ ?

ମୁଁ କୃଷ୍ଣର ମା' ।

କୃଷ୍ଣ ମୋର ବଡ଼ପୁଅ ।

# ହସଖୁସିର ପରିବାର - ୩୨

ହସଖୁସିରେ ଭରା ପରିବାରଟିଏ ଆମ ସମସ୍ତଙ୍କର ସ୍ୱପ୍ନ। ସମସ୍ତେ ଚାହାନ୍ତି, ପରିବାରରେ ସୁଖଶାନ୍ତି ଓ ସଫଳତା ବିରାଜୁ। କିନ୍ତୁ ହୁଏନା। କଳହ, ହିଂସା, ମତଭେଦ, ଗର୍ବ, ଅହଂକାର ଯୋଗୁଁ ଅନେକ ପରିବାର ଭାଙ୍ଗିଯାଏ ଅଥବା ଅଶାନ୍ତି ଓ ଦୁଃଖରେ ପେଷି ହେଉଥାଏ। ସେତେବେଳେ ପରିବାରର ସଦସ୍ୟମାନେ ସେସବୁ ସମସ୍ୟାର ସମାଧାନ ପାଇଁ ବାଟ ଖୋଜନ୍ତି। ସେପରି ନାନାଦି ପାରିବାରିକ ସମସ୍ୟାରେ ସଢ଼ୁଥିବା ପରିବାର ବା ପରିବାରର ଯେକୌଣସି ସଦସ୍ୟସଦସ୍ୟା ଏହି ବିଭାଗରେ ଆମକୁ ଜଣାଇ ପାରିବେ ସେମାନଙ୍କ ସମସ୍ୟା। ଆପଣମାନଙ୍କ ପାରିବାରିକ ତଥା ବ୍ୟକ୍ତିଗତ ସମସ୍ୟାର ସମାଧାନ ସୂତ୍ର ବତାଇବୁ ଆମେ।

## ଆପଣଙ୍କ ସମସ୍ୟା : ସମାଧାନ ସୂତ୍ର ଆମର

### ସମସ୍ୟା: ୧

ମୁଁ ଘରର ବଡଝିଅ। ଦ୍ୱାଦଶ ଶ୍ରେଣୀରେ ପଢେ। ମୋର ବାପା ସରକାରୀ ଚାକିରିରେ ଅଛନ୍ତି ଓ ମାଆ ଜଣେ ଶିକ୍ଷୟତ୍ରୀ। ମୋର ଗୋଟିଏ ସାନଭଉଣୀ ଅଛି। ସେ ଷଷ୍ଠ ଶ୍ରେଣୀରେ ପଢେ। ସେ ମୋଠାରୁ ପ୍ରାୟ ଛଅବର୍ଷ ସାନ ଓ ଦେଖିବାକୁ ବହୁତ ସୁନ୍ଦର। ବହୁତ ସମୟରେ ମୋର ମନରେ ବିଭିନ୍ନ ପ୍ରକାର ନକାରାତ୍ମକ ଭାବନା ଆସେ। କାରଣ ମୋତେ ଲାଗେ ଯେପରି ତାର ଜନ୍ମପରେ ମୋର ବାପାମାଆଙ୍କର ବ୍ୟବହାର ମୋ ପ୍ରତି ବଦଳିଯାଇଛି। ସେମାନେ ତାକୁ ବହୁତ ଭଲପାଆନ୍ତି। ମୁଁ ବି ତାକୁ ବହୁତ ଭଲପାଏ। କିନ୍ତୁ ଅନେକ ସମୟରେ ସେ ମୋ ନାମରେ ମିଛକଥା

▼ପ୍ରଣୟ ଜେଠୀଙ୍କ ହସଖୁସିର ପରିବାର





**ଡକ୍ଟର ହରପ୍ରସନ୍ନ ଦାସ**
ମୁଖ୍ୟ କୋଚ୍
ମ୍ୟାକ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍
ଭୁବନେଶ୍ୱର

ପ୍ରବୀଣ ପରାମର୍ଶଦାତା ହିସାବରେ ଡକ୍ଟର ହରପ୍ରସନ୍ନ ଦାସଙ୍କର ମାନବ ସମ୍ବଳ ବିକାଶ କ୍ଷେତ୍ରରେ ରହିଛି ୪୩ ବର୍ଷର ଅଭିଜ୍ଞତା। ମନସ୍ତାତ୍ତ୍ୱିକ ପଦ୍ଧତିରେ ବ୍ୟକ୍ତିଗତ ତଥା ପାରିବାରିକ ସମସ୍ୟା ପାଇଁ ସମାଧାନର ସୂତ୍ର ଯୋଗାଇ ଦେବାରେ ସେ ଦେଶ ଭିତରେ ଓ ବାହାରେ ବେଶ୍ ପରିଚିତ। ଜଣେ ବକ୍ତା, ସୁଲେଖକ, ନାଟ୍ୟକାର, ଅଭିନେତା ତଥା ଟେଲିଭିଜନ୍ ଓ ରେଡିଓ କଳାକାର ହିସାବରେ ମଧ୍ୟ ସେ ବେଶ୍ ବିଖ୍ୟାତ। ଜୀବନ ଦକ୍ଷତାର ବିକାଶ ସମ୍ପର୍କୀୟ ତାଙ୍କର ଅନେକ ଇଂଲିଶ୍ ତଥା ଓଡିଆ ପୁସ୍ତକ ପ୍ରକାଶ ପାଇ ଆଦୃତ। ଏବେ ସେ ମ୍ୟାକ୍ ଗ୍ରୁପ୍‌ର ମୁଖ୍ୟ କୋଚ୍। 'ରେବତୀ' ପୃଷ୍ଠାକୁ ଆମେ ତାଙ୍କୁ ନେଇ ଆସିଛୁ କେବଳ ଆପଣମାନଙ୍କ ପାଇଁ।

www.drhpdas.com

**ସମସ୍ୟା ପଠାଇବାର ଠିକଣା**

ଡକ୍ଟର ହରପ୍ରସନ୍ନ ଦାସ
ମୁଖ୍ୟ କୋଚ୍, ମାନବ ଅଧ୍ୟୟନ କେନ୍ଦ୍ର
ପୋଖରୀପୁଟ, ଭୁବନେଶ୍ୱର
ଫୋନ : ୯୪୩୭୦୧୧୦୨୨
କିମ୍ବା
ସମ୍ପାଦକ
'ରେବତୀ ଆମ ମାଟିର ସ୍ୱର'
ଓ.ଟି. ରୋଡ୍
ଲକ୍ଷ୍ମୀନାରାୟଣ ମନ୍ଦିର ପାର୍ଶ୍ୱ, ଆଲୁପୁର
ବାଲେଶ୍ୱର-୭୫୬୦୦୧
ଫୋନ୍ : ୭୦୦୮୮୪୫୯୨୦

କହିଥାଏ । ଫଳରେ ବାପାମାଆ ମୋ ଉପରେ ଅଶାନ୍ତି ହେବା ସହିତ ମୋତେ ଗାଳିଗୁଲଜ କରିଥାନ୍ତି । ମୁଁ କିଛି କହିବାକୁ ଚାହିଁଲେ ବି ସେମାନେ ତାର କଥାକୁ ବିଶ୍ୱାସ କରନ୍ତି ଏବଂ ମୋତେ ମିଛ କହୁଛୁ ବୋଲି କହିଥାନ୍ତି । ଯାହା ମୋତେ ଆଦୌ ଭଲ ଲାଗେ ନାହିଁ । ଅନେକ ସମୟରେ ମୋତେ ଇଚ୍ଛାହୁଏ ମୁଁ ବି ବାପାମାଆଙ୍କ ପାଖରେ ଗେହ୍ଲା ହେବି । କିନ୍ତୁ ତାଙ୍କୁ କହିପାରେ ନାହିଁ । ବେଳେବେଳେ ବାପାମାଆ ଦୁଇଜଣ ବି ଅଯଥା ଝଗଡା କରିଥାନ୍ତି ଏବଂ ଉଭୟ ଉଭୟଙ୍କ ପ୍ରତି ଖରାପ ଭାଷା ପ୍ରୟୋଗ କରିଥାନ୍ତି । ଯାହା ମୋତେ ଆଦୌ ଭଲଲାଗେ ନାହିଁ । ମୁଁ ମୋ ସାଙ୍ଗମାନଙ୍କ ସହିତ ମିଶିବାକୁ ଚାହିଁଲେ ବି ଘରେ ବାପାମାଆ ସେଥିରେ ଆକଟ କରନ୍ତି । ଏତେ ସବୁ ଭିତରେ ମୋତେ ଅନେକ ସମୟରେ ଅଣନିଃଶ୍ୱାସୀ ଲାଗେ । ପାଠ ପଢିବାକୁ ଇଚ୍ଛା ହୁଏନି । କିଛି କାମ କରିବାକୁ ବି ମନ ଲାଗେନି । ଭାବେ ଘରେ କାହାକୁ କିଛି ନ କହି ଘରଛାଡି କୁଆଡେ ଚାଲିଯିବି । କିନ୍ତୁ ମୁଁ ଜାଣେ ବାହାର ଦୁନିଆ ବି ଏହାଠାରୁ ଆହୁରି ଖରାପ । ଆପଣଙ୍କ ବିଷୟରେ ମୋର ଜଣେ ବନ୍ଧୁଙ୍କଠାରୁ ଶୁଣିବାକୁ ପାଇଲି । ତେଣୁ ଭାବିଲି ଆପଣଙ୍କୁ ମୋର ମନକଥା ଖୋଲି ଲେଖିଲେ ଆପଣ ନିଶ୍ଚୟ ଏହାର ସମାଧାନ ମୋତେ ବତାଇପାରିବେ ।

**ଦେବଯାନୀ ମିଶ୍ର, ବରହମପୁର**

**ସମାଧାନର ସୂତ୍ର**

ତୁମେ ଯାହା ସବୁ ଲେଖିଛ ସେଥିରୁ ଜଣାପଡୁଛି ଯେ ତୁମେ ବହୁତ ମାନସିକ ଅଶାନ୍ତିରେ ରହିଛ । ପରିସ୍ଥିତି ଯାହା ହେଉନା କାହିଁକି ତୁମକୁ ପାଠପଢା ଉପରେ ଧ୍ୟାନ ଦେବାକୁ ପଡିବ । ତୁମର ଏବେ ଦ୍ୱାଦଶ ଶ୍ରେଣୀ । ଏହି ପରୀକ୍ଷାର ଫଳ ଉପରେ ତୁମର ଭବିଷ୍ୟତର ପାଠପଢା ନିର୍ଭର କରୁଛି । ଏଣୁ ତୁମେ ଏଥିରେ ଆଦୌ ପ୍ରଭାବିତ ନ ହୋଇ ଅଧିକରୁ ଅଧିକ ସମୟ ପାଠପଢାରେ ମନଦିଅ । ତୁମର ବାପାମାଆ ଦୁଇଜଣ ଶିକ୍ଷିତ ଏବଂ ଚାକିରି କରିଛନ୍ତି । ବିଶେଷକରି ତୁମର ମାଆ ଜଣେ ଶିକ୍ଷୟତ୍ରୀ । ପିଲାମାନଙ୍କର ମାନସିକ ଅବସ୍ଥା ସେ ବେଶ ଭଲଭାବରେ ବୁଝିପାରିବା କଥା । କିନ୍ତୁ ତାଙ୍କର ବ୍ୟବହାର ତୁମପ୍ରତି ଭଲ ନ ଥିବାର ଜାଣି ଦୁଃଖ ଲାଗୁଛି । ଦୁଇ ଭଉଣୀଙ୍କ ଭିତରେ ଏ ଭଳି ପକ୍ଷପାତିତା ଅନେକ ପରିବାରରେ ଦେଖାଯାଏ । ସମୟ ଆସିଲେ ଏହାର ସମାଧାନ ଆପେ ଆପେ ହେଇଯିବ । ବାପାମାଆଙ୍କ ମଧ୍ୟରେ ଝଗଡା ଠିକନୁହେଁ । କିନ୍ତୁ ଯଦି ତୁମଘରେ ଏହା ହେଉଛି ସେଥିରେ ତୁମର କିଛି କରିବାର ନାହିଁ । ସେ ସବୁଠାରୁ ନିଜକୁ ଦୂରେଇ ରଖ । ସାନ ଭଉଣୀ ମନରେ ତୁମ ପ୍ରତି ଯେଉଁଭାବ ଥାଉନା କାହିଁକି ତୁମେ ନିଜ ମନରେ ତା ପ୍ରତି ପ୍ରଚୁର ଭାବରେ ସ୍ନେହ ଓ ଶ୍ରଦ୍ଧା ରଖ । ଫଳରେ ତୁମର ମନ ସ୍ଥିର ରହିବ ଓ ତୁମେ ମନଦେଇ ପାଠ ପଢିପାରିବ । ଏହି ଦ୍ୱାଦଶ ଶ୍ରେଣୀ ପରେ ଉଚ୍ଚ ଶିକ୍ଷା ପାଇଁ ହୁଏତ ତୁମକୁ ବାହାରକୁ ଯିବାକୁ ପଡିପାରେ ଓ ହଷ୍ଟେଲରେ ରହିବାକୁ ପଡିପାରେ । ସେତେବେଳେ ଆଉ ଏ ସବୁ ପ୍ରକାରର ଅଶାନ୍ତି ରହିବ ନାହିଁ । ମନରେ ଯେତେ କଷ୍ଟ ହେଉ ଅବା ଦୁଃଖ ଆସୁ ଘରଛାଡି ଚାଲିଯିବାର ଭାବନା ମନରେ ଆଦୌ ଆଣନାହିଁ । ଏହଦ୍ୱାରା ତୁମର ଭବିଷ୍ୟତ ଜୀବନ ନଷ୍ଟ ହେଇଯିବ । ତୁମ ପରିବାରର ଏହି ବିଷୟ ବାହାର ଲୋକମାନଙ୍କ ଆଗରେ ଭୁଲରେ ବି କହିବନାହିଁ । ମନକୁ ସ୍ଥିର ରଖିବା ପାଇଁ ମହତ ଲୋକଙ୍କର ବହି ପଢ । ସବୁବେଳେ ମନକୁ ସକାରାତ୍ମକ ରଖିବା ପାଇଁ ଚେଷ୍ଟା କର । ତୁମର ଜଣେ ଦୁଇଜଣ ଭଲ ସାଙ୍ଗ ଥିଲେ ତାହା ତୁମକୁ ଆହୁରି ଉତ୍ସାହିତ କରିବ । ଅନ୍ୟର ଦୋଷକାଢ଼ିବା ଓ ଅଭିଯୋଗ କରିବା ମନୋବୃତ୍ତିକୁ ତ୍ୟାଗ କର । ସେମାନଙ୍କ ବ୍ୟବହାରରେ ମନ ବେଳେବେଳେ କଷ୍ଟ ହେଲେ ମଧ୍ୟ ଧୈର୍ଯ୍ୟର ସହ ସବୁ ସହିନେଲେ ତୁମ ନିଜର ଭଲହେବ । ତୁମର ଭବିଷ୍ୟତ ଉଜ୍ଜ୍ୱଳ ହେଉ ତାହା ହିଁ ମୋର ଭଗବାନଙ୍କ ପାଖରେ ପ୍ରାର୍ଥନା ।

**ସମସ୍ୟା: ୨**

ମୋତେ ୨୧ବର୍ଷ ବୟସ । ମୁଁ ଘରର ବଡପୁଅ । ମୋର ଏହି ବର୍ଷ ଯୁକ୍ତତିନି ସରିଲା । ମୋର ଆଉ ଦୁଇଜଣ ସାନଭାଇ ଅଛନ୍ତି । ସେମାନେ ଏବେ କଲେଜରେ ପଢୁଛନ୍ତି । ବାପା ମୋର ବ୍ୟବସାୟ କରନ୍ତି । ମାଆ ଗୃହିଣୀ । କିନ୍ତୁ ଘରେ ମୋର ସାନ ଭାଇମାନଙ୍କୁ ଯେତେ ସ୍ୱାଧୀନତା ମିଳୁଛି ମୋତେ ମିଳୁନାହିଁ । ସାନ ଦୁଇଭାଇ ପାଠପଢାକୁ ଛାଡିଲେ ନିଜ ଇଚ୍ଛାରେ ଯେପରି ସମୟ ବିତାଉଛନ୍ତି ମୁଁ ସେ ସବୁ ପାରୁନାହିଁ । ମୋର ପାଠପଢାକୁ ଛାଡିଲେ ବାପାମାଆ ମୋଠାରୁ ଆହୁରି ଅଧିକ ଆଶା କରୁଛନ୍ତି । ମାଆ ସବୁବେଳେ ଛୋଟଛୋଟ ଘରକାମ କରିବାକୁ ମୋତେ କୁହନ୍ତି, ଯେପରିକି ପରିବା ଆଣିବା, ସଉଦା ଆଣିବା ଇତ୍ୟାଦି କିନ୍ତୁ ମୋର ଭାଇମାନଙ୍କୁ କୁହନ୍ତି ନାହିଁ । ବାପା ଇଚ୍ଛା କରନ୍ତି ମୁଁ ମୋର ପାଠପଢା ସମୟକୁ ଛାଡିଦେଲେ ଅନ୍ୟ ସମୟରେ ତାଙ୍କୁ ତାଙ୍କ ବ୍ୟବସାୟରେ ସାହାଯ୍ୟ କରେ । କିନ୍ତୁ ମୋର ଭାଇମାନଙ୍କୁ କୁହନ୍ତି ନାହିଁ । ମୋଠାରୁ ମୋର ବାପାମାଆ ଏକ କଠୋର ଓ ଶୃଙ୍ଖଳିତ ଜୀବନ ଆଶା କରନ୍ତି । ଏପରିକି ମୁଁ କୌଣସି ସାଙ୍ଗମାନଙ୍କ ସହିତ ସମୟ ବିତାଇବାକୁ ମଧ୍ୟ ସେମାନେ ପସନ୍ଦ କରନ୍ତିନାହିଁ । ମୋର ଭାଇମାନେ ସାଙ୍ଗମାନଙ୍କ ସହିତ ବୁଲିବା, ଫିଲ୍ମ ଦେଖିବା ଅବା ପିକନିକ ଇତ୍ୟାଦି କରୁଥିବାବେଳେ ମୁଁ କେବଳ କାମ କରି କରି ଥକିଗଲିଣି । ମୋର ମନେହୁଏ ଯେପରି ମୁଁ ଯେତେ କାମ କରିଲେ ବି ବାପାମାଆ ମୋ ଉପରେ ଅସନ୍ତୁଷ୍ଟ । ମୁଁ ଏତେ କଡା ଶାସନ ଭିତରେ ରହି ମନେ ମନେ ଭାଙ୍ଗି ପଡିଲିଣି । ମନ ବିଚଳିତ ରହୁଥିବାରୁ ଭବିଷ୍ୟତରେ କଣ କରିବି ତାହା ମଧ୍ୟ ସ୍ଥିର କରିପାରୁନି । ବେଳେବେଳେ ଲାଗୁଛି ମୁଁ ଆଉ କିଛି କରିପାରିବି ନାହିଁ । ମୋର ଏପରି ଜୀବନ ବଂଚିବାକୁ ଇଚ୍ଛାହେଉନି । ଭାବୁଛି

▼ସଂଗ୍ରାମ ମିଶ୍ରଙ୍କ ହସଖୁସିର ପରିବାର



ଘରଛାଡି ଆଉ କେଉଁଆଡେ ପଳେଇବି, ଯେଉଁଠାରେ ଏକ ସ୍ୱାଧୀନ ଜୀବନଯାପନ କରିପାରିବି । କିନ୍ତୁ ଜାଣିପାରୁନି ଏହା କେତେଦୂର ଠିକ୍ । ଦୟାକରି ମୋତେ ରାସ୍ତା ଦେଖାନ୍ତୁ ।

**ଅଜୟ ସାହୁ,** ନୟାଗଡ଼

### ସମାଧାନର ସୂତ୍ର

ତୁମ ଲେଖାରୁ ଜଣାପଡୁଛି ଯେ ମାନସିକ ସ୍ତରରେ ତୁମେ ବହୁତ ଭାଙ୍ଗିପଡିଛ । ସେଥିପାଇଁ ତୁମ ମନର ସ୍ଥିରତା ରହୁନାହିଁ । ପରିସ୍ଥିତି ଯାହା ହେଉନା କାହିଁକି ସେଥିରେ ବିଚଳିତ ନ ହେଇ ମାନସିକ ଭାରସାମ୍ୟ ରଖିଲେ ହିଁ ଆମେ ସବୁ ସମସ୍ୟାର ସମାଧାନ କରିପାରିବା । ଜୀବନର ପ୍ରତ୍ୟେକ ମୁହୂର୍ତରେ ଏବଂ ପ୍ରତ୍ୟେକ କାମରେ ବିଭିନ୍ନ ପ୍ରକାରର ବାଧାବିଘ୍ନ ଆସିବା ସ୍ୱାଭାବିକ । ସେଥିରେ ବିଚଳିତ ହେବା ବୁଦ୍ଧିମାନର କାମ ନୁହେଁ । ଜୀବନରେ ସଫଳତା ପାଇଥିବା ବ୍ୟକ୍ତିମାନେ ତୁମ ଠାରୁ ଆହୁରି ଜଟିଳ ପରିସ୍ଥିତି ଦେଇ ଗତି କରିଥାନ୍ତି। ତୁମ ପରିବାର ବିଷୟରେ ଯାହା ଲେଖିଛ ସେଥିରେ କୌଣସି ପ୍ରକାରର ନକାରାତ୍ମକ ଭାବନା ମୁଁ ଦେଖି ପାରୁନାହିଁ । ତୁମେ ଘରର ବଡପୁଅ । ବାପାଙ୍କ ପରେ ତୁମେ ହିଁ ଘରର ଦାୟିତ୍ୱ ନେବ । ଶୃଙ୍ଖଳା, କଠିନ ପରିଶ୍ରମ ଏବଂ ଦୃଢ ମନୋବଳ ନ ହେଲେ କାର୍ଯ୍ୟରେ ସଫଳତା ପାଇବା ସମ୍ଭବ ନୁହେଁ । ସେ ସବୁକୁ ଦୃଷ୍ଟିରେ ରଖି ତୁମ ବାପା ତୁମକୁ ଏବେଠାରୁ ପ୍ରସ୍ତୁତ କରୁଛନ୍ତି ଯେପରିକି ତାଙ୍କ ପରେ ତୁମେ ସେହି ବ୍ୟବସାୟର ଦାୟିତ୍ୱ ସଫଳ ଭାବରେ ନେଇପାରିବ । ଅନ୍ୟମାନଙ୍କ ସହିତ ନିଜକୁ ତୁଳନା କରିବା ମୂର୍ଖାମି । ବିଜ୍ଞ ଲୋକମାନଙ୍କ ମତରେ ନିଜକୁ ନିଜ ସହିତ ତୁଳନା କଲେ ହିଁ ଆମ ଜୀବନରେ ଉନ୍ନତି ହେବ । ଏଣୁ ତୁମ ସାନ ଦୁଇଭାଇ କଣ କରୁଛନ୍ତି ସେ ଦିଗରେ ତୁମେ ଭାବିବା ଠିକ ନୁହେଁ । ସେମାନଙ୍କର କାମ ସହିତ ତୁମ ନିଜର କାମକୁ ତୁଳନା କରିବା ମଧ୍ୟ ଅନୁଚିତ । ତୁମର ବାପା ତୁମକୁ କୌଣସି ଖରାପ କାମ କରିବାକୁ କହୁନାହାନ୍ତି । ଏଣୁ ତୁମେ ନିଜକୁ ଭାଗ୍ୟବାନ ମନେ କରିବା ଉଚିତ । ଜୀବନରେ ସଫଳତାର ପାହାଚ ଚଢିବାକୁ ହେଲେ ପ୍ରତ୍ୟେକ ସ୍ତରରେ ନିଜକୁ ଶୃଙ୍ଖଳାର ସହିତ କାମ କରିବାକୁ ହେବ । ଏ ସଂପର୍କରେ ତୁମେ କୌଣସି ବିଜ୍ଞ ଲୋକଙ୍କ ସହିତ ଆଲୋଚନା କରିପାର ଅବା ତୁମର ଶୁଭକାମନା କରୁଥିବା କୌଣସି ପରିଚିତ ଲୋକଙ୍କ ସହିତ ବି ଆଲୋଚନା କରିପାର । ଏଣୁ ବାପାଙ୍କୁ ଭୁଲ ନ ବୁଝି ସକାରାତ୍ମକ ମନୋଭାବରେ ଉଚିତ ପଥରେ ମାଡିଚାଲ ଦେଖିବ ତୁମେ ଭବିଷ୍ୟତ ନିଶ୍ଚୟ ଉଜ୍ଜ୍ୱଳ ହେବ । ଆଶା କରୁଛି ତୁମେ ନିଜ ସହିତ କଥା ହେଇ ଆତ୍ମସମୀକ୍ଷା କରିବ । ଫଳରେ ତୁମର ମନସ୍ଥିର ହେବା ସହିତ ତୁମେ ଆନନ୍ଦରେ ସବୁ କାମ କରିପାରିବ ।

### ସମସ୍ୟା: ୩

ମୁଁ ଜଣେ ମହିଳା । ମୋର ବୟସ ୩୪ ବର୍ଷ । ମୁଁ ଅବିବାହିତା । ମୁଁ ଏମବିଏ ପଢିସାରିଲା ପରେ ସରକାରୀ ଚାକିରୀ ପାଇଁ ବହୁତ ଚେଷ୍ଟା କରି ପାଇ ପାରିନାହିଁ । ରାଜ୍ୟ ପ୍ରଶାସନିକ ସେବା ଚାକିରୀ ପାଇଁ ପରୀକ୍ଷା ଦେଇ ବାରମ୍ବାର ବିଫଳ ହେଇଛି । ଜୀବନରେ ବଡ ବଡ ଲକ୍ଷ୍ୟରଖି ମୁଁ ଘରୋଇ ସଂସ୍ଥାମାନଙ୍କରେ ଚାକିରି ପାଇଁ କେବେ ବି ଆଗ୍ରହ ଦେଖାଇ ନାହିଁ । ବିଭିନ୍ନ ପ୍ରକାର ଚାକିରି ପାଇଁ କୋଚିଂ ନେଇ ମଧ୍ୟ ମୁଁ ସଫଳତା ପାଇ ପାରିନାହିଁ । ସକାଳୁ ଉଠି ରାତିରେ ଶୋଇଲା ପର୍ଯ୍ୟ' କୋଚିଂକ୍ଲାସକୁ ଯିବା ଏବଂ ବିଭିନ୍ନ ଚାକିରିର ଲିଖିତ ଓ ମୌଖିକ ପରିକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରିବାରେ ମୁଁ ଲାଗି ପଡିଥାଏ । ବ୍ୟାଙ୍କରେ ସହକାରୀ ତଥା ଅଫିସର ଉଭୟ ଚାକିରି ପାଇଁ ମୁଁ ଲିଖିତ ପରୀକ୍ଷା ଦେଇ ବି ନିରାଶ ହୋଇଛି । ସମୟ ନଷ୍ଟ ହେବା ସହିତ ବାପାଙ୍କର ଅନେକ ଅର୍ଥ ବି ମୁଁ ଖର୍ଚ୍ଚ କରିଛି । ଗତ ପାଂଚବର୍ଷ ହେଲା ମୁଁ ନିଜେ ଟ୍ୟୁସନ କରି ଯାହା ରୋଜଗାର କରୁଛି ସେଥିରେ ନିଜର ସବୁ ଖର୍ଚ୍ଚ ତୁଲାଉଛି । ମୋର ସାଙ୍ଗମାନେ ସମସ୍ତେ ବାହାହୋଇ ଘର ସଂସାର କରି ସାରିଲେଣି । ସେମାନଙ୍କ ମଧ୍ୟରୁ ଅଧିକାଂଶ ଚାକିରି କରିଛି । ଏ ସବୁ ଦେଖି ଧୀରେ ଧୀରେ ମୋ ମନରେ ନିରୁତ୍ସାହ ଭାବ ଦେଖା ଦେଲାଣି । ବେଳେବେଳେ ଆତ୍ମବିଶ୍ୱାସ ବି ହରାଇ ବସୁଛି । ଏ ପରିସ୍ଥିତିରେ ଆପଣଙ୍କର ପରାମର୍ଶ ଲୋଡୁଛି ।

**ସୁରମା ନାୟକ,** ଗଞ୍ଜାମ

### ସମାଧାନର ସୂତ୍ର

ଯେ କୌଣସି କାମରେ ସଫଳତା ନ ପାଇଲେ ମନଦୁଃଖ ନିଶ୍ଚିତ ହେବ ।



▼ସୁଶାନ୍ତ ଦାଶଙ୍କ ହସଖୁସିର ପରିବାର

କିନ୍ତୁ ସେଥିରେ ଭାଙ୍ଗି ପଡିଲେ ଅବା ଆତ୍ମବିଶ୍ୱାସ ହରାଇ ବସିଲେ ଆମେ ଆଉ ଥରେ ସେହି କାମ ପାଇଁ ଚେଷ୍ଟା କରିପାରିବା ନାହିଁ । ସାରାବିଶ୍ୱରେ ଯେ କୌଣସି ବ୍ୟକ୍ତି ସଫଳତାର ଶୀର୍ଷରେ ପହଂଚିଛନ୍ତି ସମସ୍ତେ ପ୍ରଥମେ ଏହିପରି ଅନେକ ବିଫଳତା ପାଇଛନ୍ତି । କିନ୍ତୁ ସେମାନେ ସେଇଠି ଅଟକି ନ ଯାଇ ସଫଳତା ପାଇବା ପାଇଁ ବାରମ୍ବାର ଚେଷ୍ଟା କରିଛନ୍ତି । ପୂର୍ବ ଅପେକ୍ଷା ଅଧିକ ନିଷ୍ଠାର ସହିତ ପରିଶ୍ରମ କରିଛନ୍ତି । ନିଜେ ନିଜକୁ ପ୍ରେରଣା ଦେଇ ଆଗକୁ ମାଡି ଚାଲିଛନ୍ତି । ଏ ପର୍ଯ୍ୟନ୍ତ ତୁମେ ନିଜର ଆତ୍ମବିଶ୍ୱାସ ଦ୍ୱାରା ଏକ ଭଲ ଚାକିରି ପାଇଁ ଚେଷ୍ଟା ଚଳାଇ ଆସିଛ । ତା ସହିତ ଟ୍ୟୁସନ କରି ଅର୍ଥ ରୋଜଗାର ବି କରୁଛ । ତା ଅର୍ଥ ତୁମେ ନିଜର ଚଳିବା ପାଇଁ କାହା ଉପରେ ନିର୍ଭର କରୁନାହଁ । ଏହା ହିଁ ଏକ ବଡ ସଫଳତା ବୋଲି କହିଲେ ଭୁଲହେବ ନାହିଁ । ଯେଉଁଥିରେ ତୁମର ବିଫଳତା ହେଉଛି ତାହାର ଉପଯୁକ୍ତ ସମୀକ୍ଷା କରି ତାହାର କାରଣମାନ ବାହାର କରିବା ଉଚିତ । ତାହାହେଲେ ତୁମେ ସେହି କ୍ଷେତ୍ରରେ ନୂତନ ପଦକ୍ଷେପ ନେବାପାଇଁ ନୂଆ ଯୋଜନା କରିବା ସହିତ ସଫଳ ହେବା ପାଇଁ ନୂତନ ପଦ୍ଧତି ବି ସ୍ଥିର କରିପାରିବ । ଜୀବନରେ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖିଲେ ହୁଏତ ସଫଳତା ମିଳି ନ ପାରେ ତେଣୁ ତାର ବିକଳ୍ପ କାର୍ଯ୍ୟ ଭାବିବା ଉଚିତ । ଏ ଦିଗରେ ଅଭିଜ୍ଞତା ଥିବା ବ୍ୟକ୍ତିମାନଙ୍କ ସହିତ ପରାମର୍ଶ କର । ନିଜର ସାଙ୍ଗମାନଙ୍କ ସହିତ ନିଜର ତୁଳନା ଆଦୌ କରିବା ଉଚିତ ନୁହେଁ । ଏହା ଦ୍ୱାରା ତୁମ ମନରେ ନକାରାତ୍ମକ ଭାବ ସୃଷ୍ଟି ହେବ ହିଁ ହେବ । ଥଣ୍ଡାମୁଣ୍ଡରେ ତୁମେ ନିଜ ଭବିଷ୍ୟତର ଯୋଜନାକୁ ଆଉ ଥରେ ସମୀକ୍ଷା କର ।

**ସମସ୍ୟା: ୪**

ମୁଁ ଡିଗ୍ରୀ ଇଞ୍ଜିନିୟରିଂ ପଢି ସାରିବା ପରେ କ୍ୟାମ୍ପସରେ ଗୋଟିଏ ମଲ୍‌ଟିନ୍ୟାସନାଲ କଂପାନିରେ ଉଚ୍ଚ ପଦରେ ଚାକିରି ପାଇଥିଲି । ପାଠ ପଢାବେଳେ ମୋର କ୍ୟାରିୟର ବହୁତ ଭଲ ଥିଲା । ତେଣୁ ଯଥା ଶୀଘ୍ର ଚାକିରି ପାଇ ପଦୋନ୍ନତି ହୋଇଗଲା । ମୁଁ ପାଠ ପଢିଲାବେଳେ ଗୋଟିଏ ଝିଅକୁ ବହୁତ ଭଲ ପାଉଥିଲି । ସେ ବି ମୋତେ ବହୁତ ଭଲ ପାଉଥିଲା । ଏପରିକି ଆମେ ଦୁହେଁ ବିବାହ କରିବୁ ବୋଲି ମଧ୍ୟ ସ୍ଥିର କରିଥିଲୁ । ଆମର ଭଲ ପାଇବା ପ୍ରାୟ ଦଶ ବର୍ଷର କଥା । ହେଲେ ସେ ଆମ ଜାତିର ନ ଥିଲା । ଆମ ଭଲ ପାଇବା ବିଷୟରେ ଦୁଇ ପରିବାରର ଲୋକ ଜାଣିଥିଲେ । ସେମାନେ ବି ନିଜର ସହମତି ପ୍ରକାଶ କରିଥିଲେ । ତେଣୁ ସେ ଆମଘରକୁ ଅବାଧରେ ଆସି ପାରୁଥିଲା ଓ ମୁଁ ବି ତାଙ୍କ ଘରକୁ ଯାଇ ପାରୁଥିଲି । କିନ୍ତୁ ଏହି ଅବାଧ ମିଳାମିଶାର ଆମେ କେବେହେଲେ ଦୁରୁପଯୋଗ କରି ନ ଥିଲୁ କି ଘର ଲୋକଙ୍କ ବିଶ୍ୱାସ ଭାଙ୍ଗି ନ ଥିଲୁ । ଅଳ୍ପ କିଛି ଦିନ ଭିତରେ ଆମର ବିବାହ ହେବ ବୋଲି ଦୁଇପକ୍ଷର ଲୋକ ସ୍ଥିର କରିଥିଲେ । ଆମଘରେ ମୋ ମାଆ ତାକୁ ଏକ ପ୍ରକାର ବୋହୂ ଭାବରେ ଗ୍ରହଣ କରି ନେଇଥିଲେ । ଏପରିକି ତାର ପସନ୍ଦ ଅନୁସାରେ ଶାଢୀ, ଗହଣା ଓ ଘରର ଆସବାବ ପତ୍ର ବି କିଣିଥିଲେ । କିନ୍ତୁ ହଠାତ ସେ ପୁରା ଚୁପ ହୋଇଗଲା । ଫୋନ କଲେ କଥା ହେଲାନି । ଆମ ଘରକୁ ଆସିଲାନି । ମୋତେ ଦେଖା କଲାନି । ମୋ ମାଆଙ୍କ ଫୋନ କାଟିଦେଲା । ମୁଁ ତାଙ୍କ ଘରକୁ ଗଲେ ସେ ମୋ ସହିତ କଥା ହେଲାନି କି ଦେଖାକଲାନି । ଏପରିକି ତା ବାପା ଓ ଭାଇ ମୋତେ ଧମକଚମକ ଦେଲେ ତା ସହିତ କୌଣସି ସଂପର୍କ ନ ରଖିବା ପାଇଁ । ଏପରିକି ଜାତିର ଦ୍ୱାହି ଦେଇ କହିଲେ ସେ ମୋ ସହିତ ବିବାହ କରିବାକୁ ଚାହୁଁନି । ସେମାନେ ମଧ୍ୟ ଝିଅର ନିଷ୍ପତିରେ ଏକମତ ବୋଲି କହିଲେ । ମୁଁ ହଠାତ ଏ ସବୁ ସହ୍ୟକରି ପାରିଲି ନାହିଁ । ଧୀରେ ଧୀରେ ମୁଁ ପରିସ୍ଥିତିକୁ ଗ୍ରହଣ କରିଲି ହେଲେ ଏବେ ଯାଏ ମୋ ଘର ଲୋକ ସେହି ସତ୍ୟତାକୁ ଗ୍ରହଣ କରିପାରୁ ନାହାନ୍ତି । ସେମାନେ ଏବେ ବି ଆଶାବାନ୍ଧି ବସିଛନ୍ତି ଯେ ସେ ନିଶ୍ଚୟ ତାଙ୍କ ଘରକୁ ବୋହୂହୋଇ ଆସିବ । ଏ ପରିସ୍ଥିତିରେ ମୁଁ କଣ କରିବି ।

**ସୂର୍ଯ୍ୟ ହୋତା, ବଲାଙ୍ଗିର**

**ସମାଧାନର ସୂତ୍ର**

ତୁମେ ଯାହା ଲେଖିଛ ସେଥିରୁ ଜଣାପଡୁଛି ଯେ ତୁମ ଦୁଇଜଣଙ୍କର ଭଲ ପାଇବା ଭିତରେ ନିଶ୍ଚୟ କେଉଁଠି ଟିକେ ଦୋଷ ରହି ଯାଇଥିଲା । ତୁମ ତରଫରୁ ତା ପ୍ରତି ଯେଉଁ ଭଲ ପାଇବା ଥିଲା ତାହା ହୁଏତ ସଂପୂର୍ଣ୍ଣ ଭାବରେ ଉତ୍ସର୍ଗୀକୃତ ଥିଲା । କିନ୍ତୁ ତାର ମନରେ ସେପରି ସମର୍ପଣ ଭାବ ବୋଧହୁଏ ନ ଥିଲା । ଅନେକ ସମୟରେ ଯୁବକଯୁବତୀମାନେ ପରସ୍ପରକୁ ଭଲ ପାଇବା ସମୟରେ ଜୀବନର ନିଷ୍ଠୁର ସତ୍ୟଗୁଡିକୁ ଅବହେଳା କରିଥାନ୍ତି । ଭଲ ପାଇବାରେ ହଜିଯାଇ ଏମାନେ କେବଳ ଜୀବନର ସହଜ ଓ ସୁବିଧା ବାଟଗୁଡିକୁ ହିଁ ଦେଖିଥାନ୍ତି । କିନ୍ତୁ ସେ ରାସ୍ତାରେ ଯେ ଅନେକ ଖାଲଢିପ ଓ ବାଧାବିଘ୍ନ ଆସିବ ସେ ବିଷୟରେ ସଚେତନ ହୁଅନ୍ତି ନାହିଁ । ଯେତେବେଳେ ଏପରି କିଛି ଘଟେ ସେମାନେ ତାହାର ସମ୍ମୁଖୀନ ନ ହୋଇପାରି ଭାଙ୍ଗିପଡନ୍ତି । ପ୍ରକୃତ ଭଲ ପାଇବାରେ ତ୍ୟାଗ, ସେବା ଓ ସମର୍ପଣ ଭାବ ରହିବା ଦରକାର । ଯେତେ ଅସୁବିଧା ହେଉ ପଛକେ ଖୋଲାଖୋଲି ଆଲୋଚନା ହେବାର କଥା । କିନ୍ତୁ ଏବେ ସେ ପୁରାପୁରି ଚୁପ ରହି ଯାଇଛି । ଯଦି ତାହା ମନରେ ପ୍ରକୃତ ଭଲପାଇବା ଥାଆନ୍ତା ତେବେ ସେ ମନଖୋଲି ନିଜ ଅସୁବିଧା ସଂପର୍କରେ ତୁମକୁ ଜଣାଇ ପାରିଥାନ୍ତା । ସମସ୍ୟାର ସମାଧାନ ପାଇଁ ସେ ତୁମ ଠାରୁ ସହଯୋଗ ଚାହିଁଥାନ୍ତା ଅବା ତୁମକୁ ସହଯୋଗ କରିଥାନ୍ତା । କିନ୍ତୁ ତା ତରଫରୁ କୌଣସି ପ୍ରକାରର ସହଯୋଗର ସୂଚନା ମିଳୁନାହିଁ । ଏଣୁ ଏଥିରେ ବିବ୍ରତ ହେବା ଆଦୌ ଉଚିତ ନୁହେଁ । ଭାବପ୍ରବଣ ହୋଇ ଭାଙ୍ଗି ପଡିବା ବୁଦ୍ଧିମାନର କାର୍ଯ୍ୟ ହେବ ନାହିଁ । ଧୈର୍ଯ୍ୟ ଧରି ଅପେକ୍ଷା କରନ୍ତୁ ଯାହାହେବାର ଥିବ ତାହା ହିଁ ହେବ ।

▼ସୌମ୍ୟରଂଜନ ପଟ୍ଟନାୟକଙ୍କ ହସଖୁସିର ପରିବାର



# ସରୋଜିନୀଙ୍କ ସ୍ୱାସ୍ଥ୍ୟଶାଳା

ଶରୀର ହେଉଛି ନାନାଦି ରୋଗର ଘର । ଶରୀର ଅଛି ମାନେ ରୋଗ ଆସିବ । କିନ୍ତୁ ଉପଯୁକ୍ତ ସଚେତନତା ଏବଂ ଉଚିତ୍ ସମୟରେ ଡାକ୍ତରୀ ପରାମର୍ଶ ଓ ଚିକିତ୍ସା, ଏଥିରୁ ଆମକୁ ନିରାମୟତା ଆଡ଼କୁ ଘେନିଯାଏ । ସୁଖ୍ୟାତ ଚିକିତ୍ସାବିଜ୍ଞାନୀ ଡାକ୍ତର ସରୋଜିନୀ ଷଡ଼ଙ୍ଗୀ 'ରେବତୀ' ପାଇଁ ତାର ସ୍ୱାସ୍ଥ୍ୟଶାଳାରେ ପରଷିଦିଅନ୍ତି ନାରୀ ରୋଗର ବିବିଧ ଉପଚାର ।



# ଗର୍ଭାବସ୍ଥାରେ ମଧୁମେହ ରୋଗର ଜଟିଳତା

ସାରା ବିଶ୍ୱରେ ମଧୁମେହ ରୋଗୀଙ୍କ ସଂଖ୍ୟା ଦ୍ରୁତଗତିରେ ବଢିଚାଲିଛି ଏବଂ ଭାରତବର୍ଷ ଏ କ୍ଷେତ୍ରରେ ଶୀର୍ଷସ୍ଥାନ ଅଧିକାର କରିଛି । ପୁରୁଷମାନଙ୍କ ଭଳି ମହିଳା ମାନେ ମଧ୍ୟ ମଧୁମେହ ରୋଗରେ ବିଶେଷ ଭାବରେ ଆକ୍ରାନ୍ତ ହେଉଛନ୍ତି । ବିଶ୍ୱ ମଧୁମେହ ଦିବସର ସବୁ ବାର୍ତ୍ତା ମଧ୍ୟରୁ, 'ପରିବାର ଓ ମଧୁମେହ ରୋଗ'ର ବାର୍ତ୍ତା ଖୁବ୍ ଜରୁରୀ ମଧୁମେହ ରୋଗର ଆରୋଗ୍ୟ ପାଇଁ ପରିବାରର ଭୂମିକା ଖୁବ୍ ଗୁରୁତ୍ୱ ପୂର୍ଣ୍ଣ । ଏବେ ସାରା ପୃଥିବୀର ପ୍ରାୟ ୧୯.୯ କୋଟି ମହିଳା, ମଧୁମେହ ରୋଗ ଭୋଗୁଛନ୍ତି । ୨୦୪୦ ମସିହା ସୁଦ୍ଧା ଏହା ୩୧.୩ କୋଟିରେ ପରିଣତ ହୋଇଯିବ । ପ୍ରତ୍ୟେକ ପାଂଚଟି ମହିଳା ମଧୁମେହ ରୋଗୀଙ୍କ ମଧ୍ୟରୁ ଅନ୍ତତଃ ଦୁଇଟି ମହିଳା ମଧୁମେହ ରୋଗୀ ପ୍ରଜନନ ବୟସ ସୀମା ମଧ୍ୟରେ ଥାଆନ୍ତି ଏବଂ ସେମାନଙ୍କର ସଂଖ୍ୟା ପ୍ରାୟ ୫ କୋଟି । ଟାଇପ୍ ୧ ମହିଳା ମଧୁମେହ ରୋଗୀଙ୍କର ଗର୍ଭନଷ୍ଟ ଓ ଗର୍ଭସ୍ଥ ଶିଶୁ ବିକଳାଙ୍ଗ ହେବାର ଚାନ୍ସ୍ ଅଧିକା ଥାଏ । ଗର୍ଭାବସ୍ଥାରେ ମଧୁମେହ ରୋଗ ମା' ଓ ଶିଶୁ ଉଭୟଙ୍କୁ ବିଶେଷ କ୍ଷତି ପହଂଚାଇଥାଏ । ଏହା ସାଧାରଣତଃ ଦୁଇ ପ୍ରକାରର ଥାଏ ।

୧) ଆଗରୁ ମଧୁମେହ ରୋଗ ଭୋଗୁଥିବା ରୋଗୀଙ୍କର ଗର୍ଭଧାରଣ ।

୨) ଗର୍ଭଧାରଣ ସମୟରେ ଗର୍ଭାବସ୍ଥା ଯୋଗୁଁ ମଧୁମେହ ରୋଗର ଉତ୍ପତ୍ତି ।

ଏହାକୁ 'ଜେଷ୍ଟେସ୍‌ନାଲ୍ ଡାଏବେଟିସ' କୁହାଯାଏ । ଗର୍ଭାବସ୍ଥାରେ ରକ୍ତରେ ଶର୍କରାର ପରିମାଣ ବଢିଗଲେ ବା' ପରିସ୍ରାରେ ସୁଗାର୍ ଗଲେ ବା' ଗ୍ଲୁକୋଜ ଚାଲେଞ୍ଜ ଟେଷ୍ଟରେ ବେଶୀ ଗ୍ଲୁକୋଜ ରହିଲେ ସେମାନଙ୍କର ଜି.ଟି.ଟି. କରାଯାଇଥାଏ । ପ୍ରସବ ପରେ ପରେ ଏହା ପୁଣି ସାଧାରଣ ଗ୍ଲୁକୋଜ୍ ଲେଭେଲ୍‌କୁ ଚାଲି ଆସେ । ଗର୍ଭାବସ୍ଥାରେ କ୍ଷରୁଥିବା ବିଭିନ୍ନ ହରମୋନ୍ ଦ୍ୱାରା ଇନ୍‌ସୁଲିନ୍ ରେଜିଷ୍ଟାନ୍ସ ବଢି ଯାଇଥାଏ । ଗର୍ଭାବସ୍ଥା ଏକ ଷ୍ଟ୍ରେସ୍‌ଫୁଲ୍ ପିରିଅଡ୍ ହୋଇ ଥିବାରୁ ଯେଉଁମାନଙ୍କର ମଧୁମେହ ରୋଗ ହେବାର ଚାନ୍ସ୍ ଥାଏ (ପ୍ରିଡାଏବେଟିକ୍ ବା ପୋଟେନ୍ସିଆଲ୍ ଡାଏବେଟିକ୍) ସେମାନଙ୍କୁ ଜେଷ୍ଟେସ୍‌ନାଲ୍ ଡାଏବେଟିକ୍ ମଧୁମେହ ରୋଗ ହୋଇଥାଏ ।

### କେଉଁମାନଙ୍କୁ ଗର୍ଭାବସ୍ଥାରେ ମଧୁମେହ ରୋଗ ହେବାର ରିସ୍କ ଥାଏ:

୧) ଯଦି ପରିବାରରେ ବାପା, ମା, ଭାଇ, ଭଉଣୀ, କକା, ମାମୁଁ, ମାଉସୀ, ଅଜା, ଆଈ ବା' ଜେଜେମା' ଜେଜେବାପାଙ୍କୁ ମଧୁମେହ ରୋଗ ହୋଇଥାଏ ।

୨) ଯଦି ଆଗରୁ ୪ କେ.ଜି.ରୁ ଉର୍ଦ୍ଧ୍ୱ ଓଜନର ଶିଶୁ ଜନ୍ମ ହୋଇଥାଏ ।

୩) ଆଗରୁ ଗର୍ଭରେ ଶିଶୁ ମୃତ୍ୟୁ ହୋଇଥିଲେ ।

୪) ଆଗରୁ ଗର୍ଭାବସ୍ଥାରେ ପାଣିଥଳୀରେ ବେଶୀ ପାଣି ବା' ଲାଇକର୍ ଜମିଥିଲେ (ପଲି ହାଇଡ୍ରମ୍ନିଓସ୍) ।

୫) କୌଣସି କାରଣ ନଥାଇ ଜନ୍ମ ହେବାର ସପ୍ତାହକ ମଧ୍ୟରେ ହଠାତ୍ ଶିଶୁ ମୃତ୍ୟୁ ହେଲେ ।

୬) ଗର୍ଭାବସ୍ଥାରେ ବାରମ୍ବାର ଧଳା ସ୍ରାବ ହୋଇ, କୁଣ୍ଡାଇ ହେଲେ ଓ ମୋନିଲିଆସିସ୍ ଦ୍ୱାରା ଫଙ୍ଗସ୍ ସଂକ୍ରମଣ ହେଲେ ।

୭) ପରିସ୍ରାରେ ଗ୍ଲୁକୋଜ୍ ଗଲେ ।

୮) ୩୦ ବର୍ଷରୁ ଉର୍ଦ୍ଧ୍ୱ ବୟସରେ ଗର୍ଭଧାରଣ କଲେ ।

୯) ଗର୍ଭାବସ୍ଥାରେ ଅତ୍ୟଧିକ ମୋଟା ହୋଇଗଲେ ।

୧୦) ଉଚ୍ଚସଂପ୍ରଦାୟର ମହିଳା ବା ବେଶୀ ଚର୍ବିଜାତୀୟ ଖାଦ୍ୟ ଖାଉଥିବା ମହିଳା ।

ଉପରୋକ୍ତ ସବୁ ହାଇରିସ୍କ ମହିଳାମାନଙ୍କର ସ୍କ୍ରିନିଂ ହେବା ଜରୁରୀ । ଯଥା - ଗର୍ଭାବସ୍ଥାରେ ପ୍ରଥମ ପର୍ଯ୍ୟାୟରେ ଏବଂ ୨୪ରୁ ୨୮ ସପ୍ତାହ ମଧ୍ୟରେ ଗ୍ଲୁକୋଜ ଚାଲେଞ୍ଜ ଟେଷ୍ଟ୍ କରିବା ଜରୁରୀ ।



**ଡାକ୍ତର ସରୋଜିନୀ ଷଡ଼ଙ୍ଗୀ**
ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞା
ଲିଙ୍କ୍ ରୋଡ୍, କଟକ - ୭୫୩୦୧୨
ଫୋନ : ୯୪୩୭୦୫୫୦୦୭

ଫଟୋ ସୌଜନ୍ୟ : ଗୁଗୁଲ୍





## ମଧୁମେହ ରୋଗ ଉପରେ ଗର୍ଭଧାରଣର ପ୍ରଭାବ:

ଗର୍ଭାବସ୍ଥାରେ ଝରୁଥିବା କୋଡୋଟି ଅନ୍ତଃସ୍ରାବୀ ରସ ଏବଂ ଗର୍ଭଫୁଲରୁ ଝରୁଥିବା ହରମୋନ୍ ଯଥା ହ୍ୟୁମାନ ପ୍ଲାସେଂଟାଲ୍ ଲାକ୍ଟୋଜେନ୍, ଇଷ୍ଟ୍ରୋଜେନ୍, ପ୍ରୋଜେଷ୍ଟେରୋନ୍, ଫ୍ରି କର୍ଟିଜୋଲ୍, ଇନ୍‌ସୁଲିନ୍ ବିରୋଧୀ ଭାବେ କାର୍ଯ୍ୟ କରନ୍ତି । ସେଥିପାଇଁ ଗର୍ଭାବସ୍ଥାରେ ମଧୁମେହ ରୋଗ ବଢ଼ିଯାଏ ।

## ମା' ଓ ଶିଶୁ ଉପରେ ମଧୁମେହ ରୋଗର ପ୍ରଭାବ:

ଗର୍ଭପାତ, ଅପରିଣତ ପ୍ରସବ, ସଂକ୍ରମଣ, ବିଶେଷକରି ପରିସ୍ରା ସଂକ୍ରମଣ, ଫାଣି ଥଳୀରେ ଅତ୍ୟଧିକ ପାଣିଜମି ଯିବା:- (ଶତକଡ଼ା ୨୫ ରୁ ୫୦ ପ୍ରତିଶତ) ମଧୁମେହ ରୋଗରେ ବଡ ଶିଶୁ, ବଡ ଗର୍ଭଫୁଲ ଓ ଶିଶୁ ବେଶୀ ପରିସ୍ରା କରୁଥିବାରୁ ଗର୍ଭଥଳିରେ ବେଶୀ ପାଣି ଜମିଯାଏ, ଗର୍ଭାବସ୍ଥାରେ ଉଚ୍ଚ ରକ୍ତଚାପ ବା ପ୍ରିଏକ୍ଲାମ୍ପସିଆ, ଶତକଡା ୨୫ ପ୍ରତିଶତ ହୋଇଥାଏ । ସାଧାରଣ ଗର୍ଭାବସ୍ଥାଠାରୁ ୩/୪ ଗୁଣ ଅଧିକ ହୁଏ, ନେଫ୍ରୋପାଥି, ମଧୁମେହ ରୋଗ ହୋଇ କିଡନି ଫେଲିଅର୍ ହୋଇଯାଏ ।

## ପ୍ରସବ ସମୟରେ ଅସୁବିଧା:

ଗର୍ଭସ୍ଥ ଶିଶୁ ବଡ ହୋଇଥିବାରୁ ବହୁ ସମୟ ଧରି ପ୍ରସବ ବ୍ୟଥା ହୋଇଥାଏ । କାନ୍ଧ, ମୁଣ୍ଡ ଓ ନିତମ୍ବ ପ୍ରସବରେ ବିଳମ୍ବ ହୋଇଥାଏ / ପ୍ରସବଦ୍ୱାର ଫାଟିଯାଏ ଏବଂ ପ୍ରଚୁର ରକ୍ତସ୍ରାବ ହୁଏ । ଗର୍ଭାବସ୍ଥାରେ ୩୭ ସପ୍ତାହ ପରେ ଅନେକ କ୍ଷେତ୍ରରେ ସିଜରିଆନ୍ ସେକ୍‌ସନ୍ କରାଯାଏ । ଏମାନଙ୍କୁ ବେଶୀ ସଂକ୍ରମଣ ଓ ସୂତିକା ଜ୍ୱର ହୁଏ । ଉପରୋକ୍ତ କାରଣରୁ ମା'ର ସ୍ତନରେ କ୍ଷୀର ତିଆରି ହୋଇପାରେ ନାହିଁ ଏବଂ ମା' ଶିଶୁକୁ ସ୍ତନ୍ୟପାନ କରାଇପାରେ ନାହିଁ ।




## ଶିଶୁ ପାଇଁ ଅସୁବିଧା:

ମଧୁମେହ ରୋଗୀଙ୍କର ବଡ ଓ ଓଜନିଆ ଶିଶୁ ହୁଏ (୩.୫-୪ କେଜି.ରୁ ଊର୍ଦ୍ଧ୍ୱ) ତଥା ଜନ୍ମଗତ ବିକଳାଙ୍ଗତା ମଧ ଦେଖା ଦେଇଥାଏ ।

ଯଦି ମା'ର ମଧୁମେହ ରୋଗ ନିୟନ୍ତ୍ରଣ ହୋଇନଥାଏ ଏବଂ ଗର୍ଭାବସ୍ଥାରେ ପ୍ରଥମ ୩ ମାସରେ ରକ୍ତରେ ଶର୍କରାର ପରିମାଣ ବେଶୀ ଥାଏ, ତେବେ ଶିଶୁ ବିକଳାଙ୍ଗ ହୁଏ । ଏଥିରେ ମୁଣ୍ଡ ନ ଥିବା ଭୃତ ଶିଶୁ, ଛୋଟମୁଣ୍ଡ, ହୃତପିଣ୍ଡରେ ଛିଦ୍ର ଏବଂ ବୃକକ୍ ତଥା ଖାଦ୍ୟନଳୀରେ ଅସୁବିଧା ଥାଏ । ତେଣୁ ଗର୍ଭଧାରଣ ସମୟରେ ରକ୍ତରେ ଗ୍ଲାଇକୋସିଲେଟେଡ୍ ହିମୋଗ୍ଲୋବିନ୍ ଏବଂ ୧୪ରୁ ୧୮ ସପ୍ତାହ ମଧରେ ଆଲ୍‌ଫାଫିଟୋ ପ୍ରୋଟିନ୍ ଏଷ୍ଟିମେଶନ୍ କରାଯାଏ । ୧୧ ରୁ ୧୪ ସପ୍ତାହ ମଧରେ ଏନ୍.ଟି. ସ୍କାନ କରାଯାଏ । ଏହାଛଡ଼ା ଗର୍ଭଧାରଣର ୨୦ ସପ୍ତାହ ବେଳକୁ ଅଲଟ୍ରାସାଉଣ୍ଡ କରି ବିକଳାଙ୍ଗତା ଦେଖାଯାଏ । (କଂଜେନିଟାଲ୍ ଆନୋମାଲି ସ୍କାନ୍ ବା 'ଟିଫା' ସ୍କାନ୍) / ଗର୍ଭରେ ଶିଶୁ ମୃତ୍ୟୁ ହୋଇଥାଏ ଶତକଡା (୧୦ ରୁ ୨୦ ପ୍ରତିଶତ) / ସାଧାରଣ ପ୍ରସବ ନ ହୋଇ ସିଜରିଆନ୍ ସେକ୍‌ସନ୍ ହୁଏ / ସାଧାରଣ ପ୍ରସବ ସମୟରେ ଶିଶୁର ସ୍ନାୟୁ, ହାଡ ଓ ମାଂସପେଶୀରେ କ୍ଷତ ହୋଇଥାଏ / ଜନ୍ମପରେ ଶିଶୁରକ୍ତରେ ଶର୍କରା କମିଯାଏ ଏବଂ ନିଶ୍ୱାସ ନେବାରେ କଷ୍ଟହୁଏ / ପ୍ରସବ ପରେ ୭ ଦିନ ମଧରେ କିଛି କାରଣ ନଥାଇ ଶିଶୁ ମୃତ୍ୟୁ ହୁଏ ।

## ଗର୍ଭଧାରଣ ପୂର୍ବରୁ ପରାମର୍ଶ:

ପ୍ରତ୍ୟେକ ନାରୀ ଗର୍ଭଧାରଣ କରିବା ପୂର୍ବରୁ ମଧୁମେହ ରୋଗ ଭୋଗୁଥିଲେ ନିଜର ରକ୍ତର ଶର୍କରାକୁ ନିୟନ୍ତ୍ରଣ କରି ଏବଂ ଫଲିକ୍ ଏସିଡ୍ ଖାଇ ଗର୍ଭଧାରଣ କରିବା ଉଚିତ୍ ।

## ପ୍ରସୂତି ପରିଚର୍ଯ୍ୟା:

ଗର୍ଭାବସ୍ଥାରେ ମଧୁମେହ ରୋଗୀ ପ୍ରଥମ ୫ମାସ ପର୍ଯ୍ୟନ୍ତ ପ୍ରତି ୧ ମାସରେ ଏବଂ ତା'ପରେ ପ୍ରତି ୧୫ ଦିନରେ ଚେକ୍‌ଅପ୍ କରିବା ଉଚିତ୍ / ଅନ୍ତଃସ୍ରାବୀ ରସ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଇନ୍‌ସୁଲିନ୍ ଇନ୍‌ଜେକ୍‌ସନ୍ ନେବା ଉଚିତ୍ । ବଟିକା ଖାଇବା ଉଚିତ୍ ନୁହେଁ / ନିୟମିତ ଭାବରେ ରକ୍ତରେ ଗ୍ଲୁକୋଜ୍ ଓ ଗ୍ଲାଇକୋସିଲେଟେଡ୍ ହିମୋଗ୍ଲୋବିନ୍ ଏଷ୍ଟିମେସନ କରିବା ଭଲ ଶିଶୁର ଜନ୍ମଗତ ହୃଦ୍‌ରୋଗର ବିକଳାଙ୍ଗତା ଜାଣିବା ପାଇଁ ଗର୍ଭସ୍ଥ ଶିଶୁର 'ଇକୋ କାର୍ଡିଓଗ୍ରାମ୍' କରିବା ଉଚିତ୍ । ୩୪-୩୬ ସପ୍ତାହ ମଧରେ ଆଡ୍‌ମିଶନ୍ କରି ୩୭ ସପ୍ତାହ ଶେଷ ହେବା ମାତ୍ରେ ପ୍ରସବ କରାଇ ଦେବା ଉଚିତ୍ / କୌଣସି ପରିସ୍ଥିତିରେ ମଧୁମେହ ରୋଗୀଙ୍କୁ ଏକ୍ସପେକ୍ଟେଡ୍ ଡେଟ୍‌ଅଫ୍ ଡେଲିଭରି ଗଡ଼ିଯିବାକୁ ଦେବା ଉଚିତ୍ ନୁହେଁ । ଏଥିର ଶିଶୁର ଗର୍ଭରେ ମୃତ୍ୟୁ ହୋଇପାରେ । ଗର୍ଭବତୀ ନାରୀର ପେଟ ଓ ପ୍ରସବ ଦ୍ୱାରା ପରୀକ୍ଷା କରି ଯଦି ସବୁ ମାପଚୁପ୍ (ପାରାମିଟର) ଠିକ୍ ଥାଏ ତେବେ, ଉପଯୁକ୍ତ ମନିଟରିଂ ସହ ସାଧାରଣ ପ୍ରସବ ପାଇଁ ଛାଡି ଦିଆ ଯାଇପାରେ । ନହେଲେ ସିଜରିଆନ୍ ସେକ୍‌ସନ୍ କରାଇଦେବା ଜରୁରୀ । ପ୍ରସବ ସମୟରେ ଶିଶୁ ଡାକ୍ତର ଉପସ୍ଥିତ ରହି ଶିଶୁର ଯତ୍ନ ନେବା ଉଚିତ୍ ।

ତେଣୁ ଗର୍ଭଧାରଣ ପୂର୍ବରୁ, ଗର୍ଭାବସ୍ଥା ସମୟରେ, ପ୍ରସବ ସମୟରେ ଏବଂ ପ୍ରସବ ପରେ ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ, ମଧୁମେହ ରୋଗ ବିଶେଷଜ୍ଞ ତଥା ଶିଶୁରୋଗ ବିଶେଷଜ୍ଞଙ୍କର ମିଳିତ ଚିକିତ୍ସାରେ ମା' ଓ ଶିଶୁ ଉଭୟ ରହିବା ଉଚିତ୍ ।

# ସୋୟାବିନ୍‌ର ସଂସାର



# ରୋନାଲିସାଙ୍କ ରକମାରି




**ରୋନାଲିସା ପଣ୍ଡା**

ସହଦେବଖୁଣ୍ଟା, ବାଲେଶ୍ୱର

ଫୋନ: ୭୦୦୮୪୮୬୬୩୮

ଫଟୋ ସୌଜନ୍ୟ: ଲେଖିକା

## ସୋୟାବିନ କଟ୍‌ଲେଟ୍

**ଆବଶ୍ୟକ ସାମଗ୍ରୀ :** ସୋୟା ବଡ଼ି ୧୦୦ଗ୍ରାମ, ଆଳୁ ସିଝା ୧, କଂଚା ଲଙ୍କା ୧, ୧କଟାପିଆଜ, ଅଦା ରସୁଣ ପେଷ୍ଟ୍ ୨ ଚାମଚ, ହଳଦୀ ଗୁଣ୍ଡ, ଜିରା ଗୁଣ୍ଡ, ଧାନିଆଗୁଣ୍ଡ ଅଧା ଚାମଚ, ଚାଟ୍ ମସଲା ୧ ଚାମଚ ଲେଖେ, ଲୁଣ ତେଲ, ବେସନ ୫ ଚାମଚ । ଧନିଆପତ୍ର ଅଳ୍ପ । କର୍ଣ୍ଣଫ୍ଲୋର୍ ଗୁଣ୍ଡ ୪ ଚାମଚ ।

**ପ୍ରସ୍ତୁତି ପ୍ରଣାଳୀ:** ସୋୟା ବଡ଼ିକୁ ଗରମ ପାଣିରେ ପକାଇ ଭଲ ଭାବରେ ସିଝାଇ ଦିଅନ୍ତୁ ଓ ପରେ ଥଣ୍ଡା ହେଇଗଲେ ତାକୁ ଚିପୁଡ଼ି ପାଣି ବାହାର କରି ତାକୁ ଗ୍ରାଇଣ୍ଡର୍‌ରେ ଟିକେ ଲୁଣ ଦେଇ ଦିଅନ୍ତୁ, ସେଥିରେ କଟା ପିଆଜ ଆଳୁସିଝା, ହଳଦୀ ଓ ଚାଟ୍ ମସଲା, ଧନିଆ ଜିରା ଗୁଣ୍ଡ ଓ କଟା କଞ୍ଚା ଲଙ୍କା ଓ ଧନିଆ ପତ୍ର କଟା ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ ଓ ବେସନ ପକାଇ ପରେ ଗୋଲ୍ ଗୋଲ୍ କରି ରଖନ୍ତୁ । ଗୋଟେ ଛୋଟ ପାତ୍ରରେ କର୍ଣ୍ଣଫ୍ଲୋର୍ ଗୁଣ୍ଡକୁ ପାଣି ଅଳ୍ପ ଦେଇ ଘୋଳ ପ୍ରସ୍ତୁତ କରନ୍ତୁ । ତାୱାରେ ତେଲ ଗରମ କରନ୍ତୁ ଓ ପ୍ରସ୍ତୁତ ସୋୟା ବଲ୍‌କୁ କର୍ଣ୍ଣଫ୍ଲୋର୍ ଘୋଳରେ ବୁଡ଼ାଇ ତାୱାରେ ଭାଜନ୍ତୁ ଓ ଗରମ ଗରମ ପରଷନ୍ତୁ ।



## ସୋୟାବିନ୍ ଲବ୍‌ଦର୍



**ଆବଶ୍ୟକ ସାମଗ୍ରୀ :** ୨୦୦ଗ୍ରାମ ସୋୟା ବଡ଼ି, ୧ କଟା ପିଆଜ, ୧ କଟା ଟମାଟୋ, ଅଦା ରସୁଣ ପେଷ୍ଟ ୨ ଚାମଚ, ଧନିଆ ପାଉଡ଼ର ୧ଚାମଚ, ଜିରା ପାଉଡ଼ର ୧/୨ ଚାମୁଚ, ଲେମ୍ବୁରସ, ୧ ଚାମଚ୍, ତେଲ, ହଳଦୀଗୁଣ୍ଡ ଓ ଲୁଣ, ଜିରା ଅଳ୍ପ, ପୋଦିନା ପତ୍ର ୨୫ଗ୍ରାମ, ଗରମ ମସଲା ୧ଚାମଚ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ସୋୟା ବଡ଼ିକୁ ଗରମ ପାଣିରେ ପକେଇ ଦିଅନ୍ତୁ । ୨୦ମିନିଟ୍ ପରେ ବଡ଼ି ଗୁଡ଼ିକୁ ଚିପୁଡ଼ି କାଢ଼ି ଦିଅନ୍ତୁ । ୨ ବା ୩ଥର ପୁଣି ଥଣ୍ଡା ପାଣିରେ ପକାଇ ଭଲ ଭାବରେ ଧୋଇ ଚିପୁଡ଼ି କାଢ଼ି ଦିଅନ୍ତୁ । ଗ୍ରାଇଣ୍ଡର୍‌ରେ ପୋଦିନା ପତ୍ର ଗୁଡ଼ିକ ବାଟି ରଖନ୍ତୁ । କରେଇ ଗରମ କରି ସେଥରେ ବଡ଼ିଗୁଡ଼ିକୁ ଅଳ୍ପ ତେଲ ଦେଇ ଭାଜନ୍ତୁ ଓ କାଢ଼ି ରଖନ୍ତୁ । କରେଇରେ ତେଲ ଗରମ କରି ସେଥିରେ ଜିରା, ଫୁଟଣ, ଶୁଖିଲା ଲଙ୍କା, କଟାପିଆଜ ଦେଇ ଭାଜନ୍ତୁ । ସେଥିରେ ଅଦାରସୁଣ ପେଷ୍ଟ୍ ଓ କଟା ଟମାଟୋ, ଲୁଣ ହଳଦୀ ପକାନ୍ତୁ ପରେ ଜିରା, ଧନିଆ ପାଉଡ଼ର ପକାଇ ସୋୟାବଡ଼ି ଗୁଡ଼ିକୁ ପକାଇ ଘୋଡ଼ାଇ ଦିଅନ୍ତୁ । ସୋୟା ବଡ଼ି ସିଝିଗଲେ ସେଥିରେ ପୋଦିନା ପତ୍ର ପେଷ୍ଟ୍ ପକାଇ ଭଲଭାବରେ ଘାଂଟି ଦିଅନ୍ତୁ । ୩ ମିନିଟ୍ ପରେ ଲେମ୍ବୁ ରସ ପକାଇ ଚୁଲି ବନ୍ଦ କରି ପରଷନ୍ତୁ ଲବ୍‌ଦର୍ ସୋୟାବିନ ।

## ସୋୟାବିନ୍ କୋଫ୍‌ତା

**ଆବଶ୍ୟକ ସାମଗ୍ରୀ :** ସୋୟା ବଡ଼ି ୧୦୦ଗ୍ରାମ, ଆଳୁ ସିଝା ୧ଟି, ୧ଟି କଟା ପିଆଜ, ଅଦା ରସୁଣ ପେଷ୍ଟ୍ ୨ ଚାମଚ, ବଟା ଟମାଟୋ ୨ଟା, ହଳଦୀ ଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ ଅଧା ଚାମଚ ଲେଖେଁ, ଗୋଟା ଗରମ ମସଲା, ଲୁଣ, ତେଲ, ବେସନ ୪ଚାମଚ, ଧନିଆପତ୍ର ଅଳ୍ପ ।



**ପ୍ରସ୍ତୁତି ପ୍ରଣାଳୀ:** ସୋୟା ବଡ଼ିକୁ ଗରମ ପାଣିରେ ପକାଇ ଭଲ ଭାବରେ ସିଝାଇ ଦିଅନ୍ତୁ ଓ ପରେ ଥଣ୍ଡା ହେଇଗଲେ ତାକୁ ଚିପୁଡ଼ି ପାଣି ବାହାର କରି ତାକୁ ଗ୍ରାଇଣ୍ଡର୍‌ରେ ଟିକେ ଲୁଣ ଦେଇ ବାଟି ଦିଅନ୍ତୁ, ସେଥିରେ କଟା ପିଆଜ ଆଳୁସିଝା, ହଳଦୀ ଓ ଅଳ୍ପ ଧନିଆ ଜିରା ଗୁଣ୍ଡ ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ ଓ ପରେ ଗୋଲ ଗୋଲ କରି ତେଲରେ ଛାଣି ଆଣି ରଖନ୍ତୁ । କରେଇରେ ଅଳ୍ପ ତେଲ ଦେଇ ସେଥିରେ ଗୋଟା ମସଲା ପକାନ୍ତୁ । ପରେ କଟା ପିଆଜ, ଅଦା, ରସୁଣ ପେଷ୍ଟ୍ ଓ ଟମାଟୋ ବଟା ପକାନ୍ତୁ । ଜିରା ଓ ଧନିଆ, ହଳଦୀ ଗୁଣ୍ଡ ଓ ଲୁଣ ପକାଇ ଭଲ ଭାବରେ ସିଝାଇ ଦିଅନ୍ତୁ । ସେଥିରେ ୨ କପ୍ ପାଣି ପକାଇ ଫୁଟିବାକୁ ଦିଅନ୍ତୁ । ପରେ ପ୍ରସ୍ତୁତ ସୋୟା କୋଫ୍‌ତାକୁ ସେଥିରେ ପକାଇ ଗରମ ମସଲା ପକାନ୍ତୁ ଓ ଚୁଲି ବନ୍ଦ କରି ଦିଅନ୍ତୁ ଓ ଧନିଆ ପତ୍ର ପକାଇ ପରଷନ୍ତୁ ।

## ସୋୟାବିନ ବଟର୍ ମଲାଇ କରି

**ଆବଶ୍ୟକ ସାମଗ୍ରୀ :** ସୋୟାବିନ ୩୦୦ଗ୍ରାମ, ନଡ଼ିଆ କ୍ଷୀର ୧କପ୍, ବଟା ପିଆଜ ୧କପ୍, ଅଦା ରସୁଣ ବଟା ୨ ଚାମଚ, ଅଧ ଚାମଚ ଡାଲ୍‌ଚିନି ପାଉଡ଼ର, ଅଧ ଚାମଚ ଗରମ ମସଲା ଗୁଣ୍ଡ, ୧ ଚାମଚ ସାହା ଜିରା, ୧ ଚାମଚ କସୁରୀ ମେଥି, କଂଚା ଲଙ୍କା ୨ଟା, ବଟର୍ କିମ୍ବା ରିଫାଇନ ତେଲ, କ୍ରିମ୍ ୨ ଚାମଚ, ଲୁଣ, ହଳଦୀ, ସ୍ୱାଦ ଅନୁସାରେ ଓ ୨ ଚାମଚ ଚିନି ।

**ପ୍ରସ୍ତୁତି ପ୍ରଣାଳୀ:**ପ୍ରଥମେ ସୋୟା ବଡ଼ିକୁ ଗରମ ପାଣିରେ ପକେଇ ୧୦ମିନିଟ୍ ପରେ କାଢ଼ି ରଖନ୍ତୁ ଓ ୨ଥର ଥଣ୍ଡା ପାଣିରେ ପକେଇ ଧୋଇ ଚିପୁଡ଼ି କାଢ଼ି ଦିଅନ୍ତୁ । ସେଥିରେ ଲୁଣ ହଳଦୀ ଗୋଳାଇ ୧୦ମିନିଟ ପରେ ଅଳ୍ପ ତେଲରେ ଭାଜି କାଢ଼ି ଦିଅନ୍ତୁ । କରେଇରେ ତେଲ ପକାଇ ଗରମ ହେଲେ ସେଥିରେ ସାହା ଜିରା ଓ ଲଙ୍କା ପକାଇ ଦେଇ ସେଥିରେ ବଟା ପିଆଜ ପକାନ୍ତୁ । ଏହାପରେ ଅଦାରସୁଣ ବଟା ଓ ହଳଦୀ ପକାନ୍ତୁ । ଏହା ଟିକେ ଭାଜି ହୋଇଗଲେ ସେଥିରେ ନଡ଼ିଆ କ୍ଷୀର ଧୀରେ ଧୀରେ ପକାନ୍ତୁ, ଏହା ଟିକେ ଫୁଟିଗଲେ ସେଥିରେ ଭଜା ସୋୟାବଡ଼ି ଓ ଲୁଣ ପକାଇ ୫ ମିନିଟ ଘୋଡ଼ାଇ ଦିଅନ୍ତୁ । ଏହାପରେ ଡାଲଚିନି ଗୁଣ୍ଡ, ଚିନି, ଗରମ ମସଲା ପକାନ୍ତୁ । ପରେ କସୁରି ମେଥି ଓ ଟିକେ କ୍ରିମ ପକାଇ ଭାତ ସହ ପରଷନ୍ତୁ ।



# ମୁଗ ମହକ ବେସର ବାସ୍ନା



# ବିଚିତ୍ରାଙ୍କ ବ୍ୟଞ୍ଜନ




## ବିଚିତ୍ରା ଦାଶ

ଶ୍ରୀମୟ, ଇନ୍ଦ୍ରଦ୍ୟୁମ୍ନ ଛକ, ଟିକରପଡ଼ା, ପୁରୀ-୨,
ଫୋନ:୯୪୩୮୫୦୪୫୮୯
ଫଟୋ ସୌଜନ୍ୟ: ଲେଖିକା


## ଗୋଟା ମୁଗ ତରକାରୀ



**ଆବଶ୍ୟକ ସାମଗ୍ରୀ :** ଗୋଟା ଦେଶୀ ମୁଗ ୨୦୦ଗ୍ରାମ, ନଡ଼ିଆ ୧ଫାଳ, ଗୋଲ ମରିଚ ଅଧା ଚାମଚ, ଜିରା ଅଧା ଚାମଚ, ଧନିଆ ଅଧା ଚାମଚ, ଅଳେଇଚ ୧ଗୋଟି, ଡାଲଚିନି ୧ଖଣ୍ଡ, ଲୁଣ, ହଳଦୀ, ଗୁଆଘିଅ ୨ଚାମଚ, ପଞ୍ଚ ଫୁଟଣ ଦୁଇ ଚାମଚ, ହେଙ୍ଗୁ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ହାଣ୍ଡିକୁ ଚୁଲିରେ ବସାଇ ପୂର୍ବଦିନରୁ ବତୁରା ଯାଇଥିବା ଗୋଟା ମୁଗକୁ ପକେଇବେ । ଜିରା, ଧନିଆ, ଗୋଲମରିଚ, ଅଳେଇଚ, ଡାଲଚିନି ଓ ନଡ଼ିଆକୁ ପେଷ୍ଟ କରି ସେହି ମୁଗ ଉପରେ ପକାଇ ସ୍ୱାଦ ଅନୁସାରେ ଲୁଣ, ହଳଦୀ, ଦେଢ଼ ଗ୍ଲାସ ପାଣି ଦେଇ ଢାଙ୍କୁଣି ପକାଇ ଅଳ୍ପ ଆଞ୍ଚରେ ୩୦ମିନିଟ୍ ପର୍ଯ୍ୟନ୍ତ ସିଝାଇବେ । ଅନ୍ୟ ଏକ କରେଇରେ ଗୁଆଘିଅକୁ ଗରମ କରି ପଞ୍ଚ ଫୁଟଣ ଓ ଚିମୁଟାଏ ହେଙ୍ଗୁ ପକାଇ ସେହି ଫୁଟଣକୁ ସିଝା ଯାଇଥିବା ମୁଗରେ ପକାଇ ଭଲ ଭାବରେ ଗୋଳାଇବେ । ଏହି ଗୋଟା ମୁଗ ତରକାରୀକୁ ଗରମ ଭାତ କିମ୍ବା ପରଟା ସହ ଖାଇ ପାରିବେ ।

## ଭଜା ବେସର

**ଆବଶ୍ୟକ ସାମଗ୍ରୀ :** ଆଳୁ ୨୦୦ଗାମ, ଦେଶୀ ଆଳୁ ୨୦୦ଗ୍ରାମ, ମୂଳା ୨ଟା, ଶିମ୍ବ ୧୦୦ଗ୍ରାମ, କଖାରୁ ୨୦୦ଗ୍ରାମ, କଞ୍ଚା କଦଳୀ ୧ଟା, ବଡ଼ି ୫୦ଗ୍ରାମ, ନଡ଼ିଆ ୧ଫାଳ, ଗୋଟା ଶୋଲା ୧୦୦ଗ୍ରାମ, ନଡ଼ିଆ ୧ଫାଳ, ଗୋଟା ଶୋଲା ୧୦୦ଗ୍ରାମ, ସୋରିଷ ୨ ଚାମଚ, ପାନ ମଧୁରୀ ୧ ଚାମଚ, ଚିନି ଅଧ ଚାମଚ, ହଳଦୀ, ଲୁଣ, ହେଙ୍ଗୁ, ପଞ୍ଚଫୁଟଣ, ଗୁଆଘିଅ ୩ଚାମଚ, ରିଫାଇନ ତେଲ କିମ୍ବା ଡାଲ୍‌ଡା ଘିଅ ଛାଣିବା ପାଇଁ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପରିବା ଗୁଡ଼ିକୁ ଧୋଇ ୧ଇଞ୍ଚ ଲମ୍ବାରେ ସରୁସରୁ କାଟିବେ । କରେଇକୁ ଗରମ କରି ରିଫାଇନ ତେଲ କିମ୍ବା ଡାଲ୍‌ଡା ଘିଅରେ ବଟା ପରିବାକୁ ୫ମିନିଟ୍ ପର୍ଯ୍ୟନ୍ତ ଛାଣନ୍ତୁ । ଏକ ହାଣ୍ଡିରେ ପ୍ରଥମେ ବତୁରା ଯାଇଥିବା ଗୋଟାଶୋଲା, ଛଣା ପରିବା, ଶୋରିସ ଓ ପାନ ମଧୁରୀର ପେଷ୍ଟ ନଡ଼ିଆ କୋରା, ସ୍ୱାଦ ମୁତାବକ ଲୁଣ, ହଳଦୀ ଓ ଚିନିକୁ ପକାଇ ଦେଢ଼ଗ୍ଲାସ ପାଣିଦେଇ ଢାଙ୍କୁଣି ଘୋଡ଼ାଇ ଅଳ୍ପ ଆଞ୍ଚରେ ୩୦ମିନିଟ୍ ପର୍ଯ୍ୟନ୍ତ ଚୁଲିରେ ବସାଇବେ । ଅନ୍ୟଏକ କରେଇରେ ଗୁଆଘିଅକୁ ଗରମ କରି ପଞ୍ଚଫୁଟଣ, ଚିମୁଟାଏ ହେଙ୍ଗୁ ପକାଇବେ । ଉକ୍ତ ଫୁଟଣକୁ ସିଝା ବେସରରେ ପକାଇ ଭଲ ଭାବରେ ଗୋଳାଇବେ । ଏହି ଭଜା ବେସରକୁ ଗରମ ଭାତ କିମ୍ବା ପରଟା ସହ ଖାଇ ପାରିବେ ।



Ohm
PVC HDPE Pipes & Fittings

# OHM PIPES PVT. LTD.




"An ISO 9001-2015 Certified Company"

## OHM PIPES, Symbol of Trust

A leading manufacturer of
PVC & HDPE Pipes & Fittings

Works: D - 7, 8, 49 & 50, Somnathpur, IID Centre, Odisha 756019
Sales Enquiry Odisha: +91 - 7008869992, 8280956445
West Bengal: +91- 9433094332
info@ohmpipes.com
www.ohmpipes.com

# ସୃଜନଶୀଳତା ଓ ସ୍ୱାଧୀନତା

ଜଣେ ସୃଜନଶୀଳ ବ୍ୟକ୍ତି ଭାବରେ ଆମେ ସମସ୍ତେ ଜୀବନର ବିଭିନ୍ନ କ୍ଷେତ୍ରରେ ନବୀନ ଦୃଷ୍ଟିକୋଣ ଆପଣେଇ ଥାଉ । ଆମେ ସୃଜନଶୀଳ ବ୍ୟକ୍ତି ହୋଇଥିବାରୁ ସର୍ବଦା ନୂଆ ଦୃଷ୍ଟିକୋଣ, ନୂଆ ବିଚାରଧାରା ଏବଂ ଅଭିନବ ଆଚରଣ ପାଇଁ ତତ୍ପର ରହିବା ବାଞ୍ଛନୀୟ । ସୃଜନାତ୍ମକତାର ତାତ୍ପର୍ଯ୍ୟ ହେଉଛି ନୂଆ କଥାଟିଏ ସର୍ଜନା କରିବାର ଯୋଗ୍ୟତା । କିନ୍ତୁ ଏଇ ଯୋଗ୍ୟତା କଦାଚିତ କାହାର ସ୍ୱାଧୀନତାକୁ ଚୂର୍ଣ୍ଣବିଚୂର୍ଣ୍ଣ କରିବା ପାଇଁ ଅଭିପ୍ରେତ ହୋଇନଥାଏ । ଲେଖକର ଧର୍ମ ବୋଲି ଆମେ ଯାହା ବୁଝୁ ତାହା ହେଉଛି, ସେ ନିଜେ ରଚନା କରୁଥିବା ଲେଖା ତା' ମନର ପ୍ରତିରୂପ ହୋଇ ଅନ୍ୟକୁ ନୂଆ ଏକ ଦିଶା ଦେଖାଇବା । ଯଦ୍ୱାରା ଆରଜଣକ ଲେଖକର ଧର୍ମରୁ ଏକ ନବୀନ ଆନନ୍ଦ ଆହରଣ କରିପାରେ । ଏ ଦୃଷ୍ଟିରୁ ପ୍ରତିଟି ଲେଖକର ମନର ରୂପ ଅଲଗା ଅଲଗା ହୋଇଥାଏ ଏବଂ ତଦନୁସାରେ ଜଣେ ତା ମନର ଚାହିଁବା ଅନୁସାରେ ଲେଖାଟିଏ ସର୍ଜନା କରିପାରେ ବା ଲେଖିପାରେ । ସୁତରାଂ ଭୁଲିଯିବା ଉଚିତ ନୁହେଁ, ଆମେ ସୃଜନାତ୍ମକ କାର୍ଯ୍ୟରେ ଲିପ୍ତ ଅଛୁ ମାନେ, ଆମକୁ ଆମ ଲେଖକୀୟ ଧର୍ମ ସହିତ ଚାଲିବାକୁ ହେବ । କାରଣ ଏହା ହିଁ ଆତ୍ମାକୁ ଶୁଦ୍ଧ କରିବା ଏବଂ ଉପରକୁ ଉଠାଇବାର ସାଧନ ଅଟେ । ଏ ସାଧନଟି ଆମକୁ ଯେହେତୁ ଜନ୍ମଗତ ଭାବରେ ପ୍ରାପ୍ତ ହୋଇଥାଏ, ତେଣୁ ଆମେ ଏ ସାଧନର ଉପଯୁକ୍ତ ବ୍ୟବହାର କରିବା ଏକାନ୍ତ ବାଞ୍ଛନୀୟ ଅଟେ । ବେଳେବେଳେ ଏ ସାଧନକୁ ଅନ୍ୟର ସ୍ୱାଧୀନତାକୁ ଖଣ୍ଡ ବିଖଣ୍ଡିତ କରିବାରେ ବ୍ୟବହୃତ କରାଯାଏ, ଯାହା ସର୍ବାଦୌ ଅନୁଚିତ ।

ଲେଖକ ସ୍ୱାଧୀନ- ଏଥିରେ ଦ୍ୱିମତ ନାହିଁ । ସେ ଯାହା ମନରେ ଭାବିବ, ତାକୁ ଭାଷା ଓ ଶବ୍ଦ ଦ୍ୱାରା ଅନ୍ୟ ପାଇଁ ଲିପିବଦ୍ଧ କରିବ । ଏଥିରେ ତାକୁ କେହି ବାଧା ଦେଇ ପାରିବ ନାହିଁ । ଏ ପ୍ରକାର ଭାବବ୍ୟକ୍ତ କରିବାର ସ୍ୱାଧୀନତା ସବୁ ଲେଖକର ଅଛି । ଯେମିତି ବାକ୍ ସ୍ୱାଧୀନତା । କିନ୍ତୁ ଭାବବ୍ୟକ୍ତ କରୁକରୁ ଯଦି ଜଣେ ଲେଖକ ତା'ର ସ୍ୱାଧୀନତାର ସରହଦକୁ ପାର୍ କରିଦିଏ, ବା ତା'ର ସୀମା ଅତିକ୍ରମ କରେ, ସେଇଠି ହିଁ ଉତ୍ପନ୍ନ ହୁଏ ସମସ୍ୟା । ଲେଖକଟିଏ ଭାବରେ ଆମେ ଯେଉଁ ପ୍ରକାର ଭୂମିକା ନିର୍ବାହ କରୁଛେ ତାହା ନିଶ୍ଚିତ ଭାବେ ଏକ ପଦବୀ ସହିତ ସମାନ । ଯେତେବେଳେ ଏକ ପଦବୀ ଆମକୁ ମିଳିଯାଏ, ତାର ଅର୍ଥ ନୁହେଁ କିଛି ବି ଅନୁଶାସନ କରିବାର କ୍ଷମତା ପାଇଯିବା । ଆପଣ ଯଦି ଘରର ମୂରବୀ ବା ବାପା, ତଥାପି ମଧ୍ୟ ଆପଣଙ୍କର ଏ ପଦବୀ ଆପଣଙ୍କୁ ଅନୁଶାସନର ସେଇ ସ୍ୱତନ୍ତ୍ରତା ବା ସ୍ୱାଧୀନତା ଦିଏ ନାହିଁ ଯେ ଆପଣ ଆପଣଙ୍କ ପିଲାକୁ ବାଡ଼େଇବେ ବା ବାଡ଼େଇ ପାରିବେ । ପଦବୀ ଏବଂ ପଦବୀ ସହ ଯୁକ୍ତ ଅନୁଶାସନ ଆମକୁ କଦାଚିତ ସ୍ୱାଧୀନତାର ସେଇ ଅଧିକାର ଦିଏ ନାହିଁ ଯଦ୍ୱାରା ଜଣେ ପୀଡ଼ିତ ହେବ । ଏହାକୁ ଆମେ ଲେଖକମାନେ ଭୁଲିଯାଉ ବୋଧେ ।

ଆଜିର ସମୟରେ ଲେଖକର ସ୍ୱାଧୀନତା ବୋଲି ଯେଉଁ କଥାଟି ଉଠୁଛି ସେଠି ଅପରର ଏ ପୀଡ଼ନ ପ୍ରତି କେହି ଜଣେ ହେଲେ ଭ୍ରୁକ୍ଷେପ କରୁଥିବା ପରି ମନେହୁଏନା । ଲେଖିବାର ସ୍ୱାଧୀନତା ମାନେ ନୁହେଁ ଅନ୍ୟକୁ ମାନସିକ ବ୍ୟଥା ଓ କ୍ଳେଶ ଦେବା । ଏ ଅଧିକାର କାହାର ନାହିଁ । ଆଜିକାଲି ଗୋଟିଏ କଥା ଦୃଶ୍ୟ ହୋଇଥାଏ ଯେ ଅନ୍ୟକୁ ନିଜ ଲେଖା ମାଧ୍ୟମରେ କେତେ ବେଶି ପୀଡ଼ା ଦେଇ ହେବ, ଆହତ କରିହେବ, ସେଥିପ୍ରତି ଲେଖକଟିଏ ଲାଗିଥାଏ । ସତେ ଯେପରି ଲେଖକର ଏକ ଧର୍ମ ଅଛି, ଲେଖକର ଏକ ଅନୁଶାସନ ଅଛି, ଲେଖକର ଏକ ଆଚରଣ ଅଛି- ଏସବୁକୁ ସେ ଆଖିବୁଜି ଦେଇଥାଏ ।

ଲେଖକଟିଏ ଲେଖିବା ଆଗରୁ ତା'ର ସାମାଜିକ ପ୍ରଭାବକୁ ଆକଳନ କରିବାର କ୍ଷମତା ନଥିବା ପରିଲକ୍ଷିତ ହୁଏ । ଏହା ଏକ ବ୍ୟାଧି ଯାହା ଆମମାନଙ୍କ ଭିତରେ ଅଧୁନା ବୃଦ୍ଧି ପାଇଛି । କେତେ ବେଶି ସ୍ୱାଧୀନ ହୋଇ ମୁଁ ମୋର ସମଧର୍ମୀଙ୍କୁ ଆଘାତ କରି ପାରିବି ଏବଂ ଏହାକୁ ସୋସିଆଲ୍ ମିଡ଼ିଆ ପରି ପବ୍ଲିକ୍ ଡୋମେନ୍‌ରେ ପକେଇ ନିଜ ସପକ୍ଷରେ ବାହାବା ସାଉଁଟେଇ ପାରିବି- ଏ ପ୍ରକାର ଏକ ତୀବ୍ର ଲଢ଼େଇ ଚାଲିଛି ଲେଖକୀୟ ସ୍ୱାଧୀନତା ଆଳରେ ।

ଗୋଟିଏ ଲେଖାରେ ସାମାଜିକ ପ୍ରଭାବ କଥା ଛାଡ଼ି ଦିଅନ୍ତୁ, ତା'ର ଭାଷାଚୟନ ଜ୍ଞାନ, ତା'ର ବ୍ୟାବହାରିକ ଜ୍ଞାନ, ତାର ଶବ୍ଦଚୟନର ସୀମା ଆଦି ବିଷୟରେ ମଧ୍ୟ ଆଜିର ଲେଖକ ବେଶ୍ ବେଆଦବ୍ ଓ ଉଶୃଙ୍ଖଳ କହିଲେ ଅତ୍ୟୁକ୍ତି ହେବ ନାହିଁ । ସାମାଜିକ ସହବସ୍ଥାନରେ ଆମେ ଲେଖକମାନେ ରହୁଥିବା ବେଳେ ଆମର ସାମାଜିକ ଦାୟବଦ୍ଧତାକୁ ଆମେ ଭୁଲିଯିବା କିପରି ! ସମାଜରେ କୁପ୍ରଭାବ ପକାଉଥିବା ଭଳି ଲେଖାଟିଏ ସର୍ଜନା କରିବା ଆଗରୁ ଆମେ ଶହେଥର କାହିଁକି ହଜାରେ ଥର ଭାବିବାନି କାହିଁକି, ଏ ଲେଖା ଦ୍ୱାରା ମୋର ଆତ୍ମାଶୁଦ୍ଧି କେତେ ହେବ, ଆତ୍ମିକ ଉତ୍ତରଣ କେତେ ହେବ, କିମ୍ବା ମୁଁ ପତିତ ହେବି କେତେ ! ବୋଧେ ଆମେ ଏତିକି ଆତ୍ମ ଅନୁଶୀଳନ ନକରିବା ଦ୍ୱାରା ସ୍ୱାଧୀନତା ନାମରେ ସ୍ୱେଚ୍ଛାଚାରକୁ ପ୍ରାଧାନ୍ୟ ଦଇ ଚାଲିଛେ । ଘର ସାମ୍ନାରେ ଆମେ ସୁନ୍ଦର ସୁନ୍ଦର ଫୁଲଗଛ ମାନ ଲଗାଇବା, ଏପରିକି ଘର ଭିତରେ ଇଣ୍ଟେରିଅର୍ ଡେକୋରେସନ୍ କରିବା, କିନ୍ତୁ ନିଜ ସାହିତ୍ୟ ବଗିଚାରେ କୁକଥାମାନ ରଚନା କରି ତାକୁ ନର୍କମୟ କରୁଥିବା, ପଙ୍କିଳ କରୁଥିବା, ଅପାଠ୍ୟ କରୁଥିବା- ଏ କେଉଁ ପ୍ରକାର ଆତ୍ମପ୍ରବଞ୍ଚନା ! ଏ ପ୍ରକାର ଛଳନାର ଜୀବନ କ'ଣ ଜଣେ ଲେଖକର ହେବା ଉଚିତ । ଥରେ ଶୁଦ୍ଧ ମନପ୍ରାଣରେ ଏ କଥା ଭାବନ୍ତୁ ତ, ଦେଖିବେ ଉତ୍ତର ପାଇଯିବେ । ସ୍ୱାଧୀନତା ଆମ ପାଖରେ ଅଛି, ଆମେ ଖୋଜୁଛୁ କିନ୍ତୁ ପଡୋଶୀ ଘରେ । ଏ ଏକ ବାଜେ ମାନସିକତା । କେବଳ ଆତ୍ମସଂଯମତା ହିଁ ଏ ପ୍ରକାର ବାଚାଳତାରୁ ଆମକୁ ସୁରକ୍ଷା ଦେଇପାରିବ । ଅନ୍ୟଥା ସ୍ୱାଧୀନତା ସ୍ୱାଧୀନତା ହୋଇ ଆମେ ନିଜକୁ କେବଳ ନଷ୍ଟବିନଷ୍ଟ କରୁଥିବା ।







Image: HIGHLAND AGRO PLANT, Balasore, Odisha














/ highlandagro

# HIGHLAND GROUP

**Corporate Office:** Alupur, Near Laxminaryan Temple, O.T. Road, Balasore, Odisha (India) - 756001
+91-6782 - 262550 | info@highlandgroups.com
www.highlandgroups.com

The **REBATI AMA MATIRA SWARA** ● August 2022 Vol - 4 Issue -10 ● R.N.I. REGD. No. : ODIODI/2018/78444 ● Postal Regn. No - Balasore (Orissa)/ 02/2020-2022 ● Rs. 50
Total Page : 108




Associate editor : **Krushna Kumar Mohanty**
Editor : **Subasini Jena**